# ଦିଗନ୍ତ

## ଡିସେମ୍ବର ୨୦୨୨



Photo by Dr. Ranjit Ku Sahu, USA

ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ଡିସେମ୍ବର-୨୦୨୨
www.vedantimagazine.com
ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜ୍ଞା ଆଜିକାଲି ଆମ ଦେଶରେ ଗାଡିଘୋଡା ରଖିବାର ସୌକ ଲୋକମାନଙ୍କୁ ଚଢିଚାଲିଛି । ଲୋକେ ଭଲ ଏବଂ ବଡ ବଡ ଗାଡି ଚଢିବାକୁ ନିଜର ଆଭିଜାତ୍ୟ ବୋଲି ଭାବୁଛନ୍ତି । ଆଉ ଅନେକ ଲୋକେ ବିଦେଶୀ ବ୍ରାଣ୍ଡର ଗାଡି ଚଲାଇ ନିଜକୁ ଭାଗ୍ୟବାନ ମଧ୍ୟ ମନେ କରୁଛନ୍ତି । ଏହା ସହିତ ଭାରତରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଛି । ସହରୀକରଣ ହେବାଦ୍ୱାରା ଲୋକେ ସହରକୁ ପଳାୟନ କରୁଛନ୍ତି କାରଣ ସହରରେ ବିଭିନ୍ନ ପ୍ରକାର ସୁବିଧା ଯେପରିକି ସ୍କୁଲ, କଲେଜ, ଡାକ୍ତରଖାନା ଇତ୍ୟାଦି ର ଅଭାବ ନାହିଁ । ତେଣୁ ସହରର ଜନସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଦିନକୁ ଦିନ କଂକ୍ରିଟ ଜଙ୍ଗଲରେ ପରିଣତ ହେବାକୁ ଗଲାଣି ସହରଗୁଡିକ । ଆଉ ଏଥି ସହିତ ଆମେ ଟ୍ରାଫିକ ସମସ୍ୟା ପ୍ରତି ଧ୍ୟାନ ଦେଉନାହୁଁ । ଘର ଆଗରେ ଗାଡି ଠିଆ କରେଇବା ଆଉ ରାସ୍ତାକୁ ବ୍ଲକ୍ କରାଇବା ଏକ ସାଧାରଣ ବ୍ୟାପାର ହୋଇଗଲାଣି । ବଡ ବଡ ଡାକ୍ତରଖାନା, ସ୍କୁଲ କଲେଜ, ଅଫିସ ଇତ୍ୟାଦି ଖୋଲି ତ ଯାଉଛି, କିନ୍ତୁ ସେଠାରେ ପାର୍କିଙ୍ଗ ପାଇଁ ଯାଗା ନାହିଁ । ଫଳରେ ଜନତା ନିଜନିଜ ଗାଡିକୁ ରାସ୍ତା କଡରେ ଠିଆ କରାଇବାକୁ ପଛାଉ ନାହାଁନ୍ତି ଯାହା ଫଳରେ ଭିଡ ବଢିବା ସହିତ ଆକିଡେଣ୍ଟ ମଧ୍ୟ ବଢିବାରେ ଲାଇଛି । ଧୀରେ ଧୀରେ ସହରୀକରଣ ଦ୍ୱାରା ଘର ଆଉ ଗାଡି ସଂଖ୍ୟା ବଢିବାରେ ଲାଗିଛି ଆଉ ତାହା ସହିତ ରାସ୍ତା ସଂକୀର୍ଣ୍ଣ ହେବାରେ

ISSN NO.
2582-208X

ଲାଗିଛି । କେବେ ସକାଳେ ଯେକୌଣସି ସହରର ରାସ୍ତାରେ ଚାଲିବାକୁ ଯାଆନ୍ତୁ ଆଉ ଦେଖିବାକୁ ପାଇବେ ଅନେକ ଜନତା ନିଜର ସ୍ୱାସ୍ଥ୍ୟ ପାଇଁ ଚାଲିବାରେ ଲାଗିଛନ୍ତି । ଆଉ ତା ସାଙ୍ଗରେ ଅନେକେ ନିଜ ନିଜ କୁକୁର ସହିତ ମଧ୍ୟ । ଆଉ ମନେ ହୁଏ ରାସ୍ତା କେବଳ ରହିଛି ଚାଲିବାକୁ, କୁକୁରଙ୍କୁ ବାହାରକୁ ଆଣିବାକୁ ଏବଂ ବୁଲାଇବାକୁ, ନିଜର ଗାଇଗୋରୁଙ୍କୁ ଛାଡିବାକୁ, ଗାଡି ଚଲାଇବାକୁ, ଗାଡି ପାର୍କ କରିବାକୁ, ଛୋଟ ଛୋଟ ଷ୍ଟଲ ଖୋଲିବାକୁ, ପାନ ଦୋକାନ ଖୋଲିବା ପାଇଁ, ଟ୍ରାଫିକ ପୋଷ୍ଟ ପାଇଁ, ପୋଷ୍ଟର ଲଗାଇବା ପାଇଁ, କିଛି ରାଜନୈତିକ ରାଲି କରିବା ପାଇଁ । ତା ସହିତ ଗାଡିର ସଂଖ୍ୟା ବଢିବା ଯୋଗୁଁ ବାୟୁ ସହିତ ଶବ୍ଦ ପ୍ରଦୂଷଣ ମଧ୍ୟ ବଢିବାରେ ଲାଗିଛି । ତାର କାରଣ ହେଉଛି ସଚେତନତାର ଅଭାବ ଆଉ ନିଜ ଭିତରେ ଥିବା ସ୍ୱାର୍ଥ ଭାବ । ଆମର କାମ ହେଇଯାଉ, ଅନ୍ୟର ଅସୁବିଧା ପ୍ରତି ଦୃଷ୍ଟି ନଦେବା ଆଜିକାଲିର ଫେସନ ହୋଇସାରିଛି ।

ଆସନ୍ତୁ ଏବେ ଆମେ ସମସ୍ତେ ଆମ ନିଜର ପରିବେଶକୁ ଠିକ୍ କରିବା ସହ ନିଜ ବାତାବରଣକୁ ମଧ୍ୟ ଠିକ୍ ରଖିବାରେ ସାହାଯ୍ୟ କରିବା । ଏହା ପ୍ରକୃତରେ ଆମ ଭବିଷ୍ୟତ ପାଇଁ ସାହାଯ୍ୟ କରିବ ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୩ |
| ଜଳ ସମୀକରଣ | ଇଂ. ସୁଶାନ୍ତ କିଶୋର ବଳ | ୨୩ |
| ଉଆଁସୀ ରାତି | ଡଃ ମାଙ୍ଗଳିକା ମହାପାତ୍ର | ୨୫ |
| ଶୀତ | କୁଞ୍ଜବିହାରୀ ରାଉତ | ୨୬ |
| ଶୀତକୁ ସ୍ୱାଗତ | ଅଦ୍ୱୈତ କୁମାର ସାମନ୍ତରାୟ | ୨୭ |
| ଝୁଲନ୍ତା ଚକ | ଡକ୍ଟର ବିଜ୍ଞାନୀ ଦାସ | ୨୯ |
| ଆଶା ଓ ନିରାଶା | ଡ. ପ୍ରସନ୍ନ କୁମାର ବଳ | ୪୦ |
| ବଢ଼ା ଝରାଫୁଲ | ଶଶଧର ମହାପାତ୍ର | ୪୨ |
| ମାନବିକତା ର ଧର୍ମ ସର୍ବୋତ୍ତମ | ଡ଼ ସୁନନ୍ଦା ମିଶ୍ର ପଣ୍ଡା | ୪୪ |
| ସେଇ ପିଲାଦିନ | ସନ୍ଧ୍ୟା ଘଡ଼େଇ | ୪୭ |
| ଛିଣ୍ଡା ବହିର ପୃଷ୍ଠା | ଶାନ୍ତିଲତା ମିଶ୍ର | ୪୯ |
| ବଲାଙ୍ଗିର ବନ୍ଦନା | ଶେଷଦେବ ପଣ୍ଡା | ୫୩ |
| ଶାରଦୀୟ ଦୁର୍ଗାପୂଜା | ଦଣ୍ଡାସି ପ୍ରଧାନ | ୫୬ |
| ନିଃଶବ୍ଦ  ଅନ୍ଧାର | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୫୮ |
| ଲଳିତ ନିବନ୍ଧ- ମିତ୍ର ସହ ହାତାହାତି | ବଦ୍ରୀ ମହାନ୍ତି | ୬୧ |
| ଜଗମୋହନ ବୃନ୍ଦାବନ ବିହାରୀ | ଜୟନ୍ତୀ ଦେବୀ | ୬୫ |
| ମୋହ | ସଂଯୁକ୍ତା ସାହୁ | ୬୭ |
| ଆଶ୍ୱାସନା | ବାସନ୍ତୀ ଲତା ଜେନା | ୬୯ |
| ଅଦୃଶ୍ୟ ବୟସ | ଅମ୍ବିକା ସ୍ୱାଇଁ | ୭୧ |
| ବିସର୍ଜନ | ଡ. ଜ୍ଞାନେଶ୍ୱର ମିଶ୍ର | ୭୪ |
| ଶାନ୍ତି ର ନୀଡ | ପୁଷ୍ପାଞ୍ଜଳି ପଣ୍ଡା | ୭୫ |

ISSN NO.
2582-208X


| | | |
|---|---|---|
| ପ୍ରତି ପ୍ରାଣେ ଦେଶ ପ୍ରିତୀ ଭରିବା | ସୁନିତା ଗୌଡ଼ | ୭୭ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୭୮ |
| କାମିନୀ ରଙ୍କା ବାଙ୍କବିହାରୀ ହରି | ଡ. ଅର୍ଜୁନ ଚରଣ ବାରିକ୍ | ୮୪ |
| କବିତା | ତରୁଣ କୁମାର ଦାସ | ୮୬ |
| ଅଭିବ୍ୟକ୍ତି | ଡଃ ଅଭିମନ୍ୟୁ କାନୁନଗୋ | ୮୭ |
| ଜୀବନର ଚଲାବାଟରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୮୯ |
| ବିଶ୍ୱାସ ବନାମ ବାସ୍ତବତା! | ଅସିତ ମହାନ୍ତି | ୯୧ |
| କାଗଜ ଫୁଲ | ବିନୋଦିନୀ ଦାଶ | ୯୫ |
| କେଉଁ ଅଧିକାରେ | ରଘୁନାଥ ତ୍ରିପାଠୀ | ୯୭ |
| ନୀଳ ଆଖି, ଜୀବନ ମିତ | ଆଶୁତୋଷ ମେହେର | ୯୯ |
| ଜୟ ଆଦି ଶକ୍ତି | ଅଳକା ମହାନ୍ତି | ୧୦୦ |
| ଅଗ୍ନି ପୂଜକ : ପାର୍ସି ସମୂଦାୟ (ଧାରାବାହିକ) | ପ୍ରିୟବ୍ରତ ପାତ୍ର | ୧୦୧ |
| ମନ ଆକାଶ | ବିଜୟ କୁମାର ସାହୁ | ୧୦୬ |
| କ୍ଷୁଧା ର ଜ୍ୱାଳା | ଅମୃତ ନାରାୟଣ ଶତପଥୀ | ୧୦୭ |
| ମ୍ୟାଡାମ ମେରୀ କ୍ୟୁରୀ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୦୯ |
| ପଶ୍ଚିମ ଓଡ଼ିଶାର ଲୋକକାହାଣୀରେ ନାରୀର ବୌଦ୍ଧିକତା | ଡ଼ ପଲିମର ଦାଶ | ୧୧୧ |
| ଆପଣାର | ଝରଣା ବାରିକ | ୧୧୪ |
| ମୁକ୍ତି ଦାତା | ସତ୍ୟନାରାୟଣ ପ୍ରସାଦ ନାୟକ | ୧୧୫ |
| ଦାମୋଦର ହରି ମୁକୁନ୍ଦ ମୁରାରୀ | ଅଧ୍ୟାପକ ଅବିନାଶ ବାରିକ୍ | ୧୧୬ |
| ହରିବୋଲ | ପ୍ରଦୀପ୍ତ କୁମାର ମିଶ୍ର | ୧୧୮ |
| ବାର୍ଦ୍ଧ | ହର ପ୍ରସାଦ ସୁଆର | ୧୨୨ |
| ହଜିଗଲା ପିଲାଦିନ | ନରେନ୍ଦ୍ର ପ୍ରସାଦ ବେହେରା | ୧୨୪ |

ISSN NO.
2582-208X




| | | |
|---|---|---|
| ମନ | ଦୀପକ କୁମାର ନାୟକ | ୧୨୬ |
| ସାହିତ୍ୟରେ ରାଜନୀତି | କୁଞ୍ଜ ବିହାରୀ ସାହୁ | ୧୨୭ |
| ହୃଦୟ | ଛବି ରାଣୀ ପତି | ୧୩୧ |
| ଗତି କୁଆଡ଼େ ଆମର | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୩୨ |
| ଛାଡ଼ଖାଇ | ତ୍ରିପତି ପ୍ରଧାନ | ୧୩୩ |
| ସ୍ୱାଧୀନତା ପରବର୍ତ୍ତୀ ଓଡିଆ ଗଳ୍ପ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୧୩୪ |
| କହ୍ନେଇ ଫେରିଲା | ସୁଲୋଚନା ବେହେରା | ୧୩୯ |
| ଧ୍ୱନି ପ୍ରତିଧ୍ୱନି | ନୀଳମଣି ଚାନ୍ଦ | ୧୪୧ |
| ଅତିପୌରୁଷିକା | ଅପରାଜିତା ମହାରଣା | ୧୪୨ |
| ଓଡ଼ିଆ ସାହିତ୍ୟ ଓ ଯାବନିକ ଭାଷା | ବିକାଶ ନାୟକ | ୧୪୬ |
| ବାତ୍ୟା ଆସୁଛି କିଏ କଣ ଭାବୁଛି | ବୈଦ୍ୟନାଥ ପଣ୍ଡା | ୧୪୯ |
| ହେତୁବାଦୀ | ରୀତା  ଅପରାଜିତା ମହାନ୍ତି | ୧୫୧ |
| ନିସ୍ତେଜ ନାବିକ | ସଞ୍ଜୟ କୁମାର ବେହେରା | ୧୫୩ |
| ପ୍ରେମ ପାଇଁ ରୁତୁ | ବିନୟ ମହାପାତ୍ର | ୧୫୫ |
| ମୋ ପ୍ରିୟ ଗାଆଁ | ବେଣୁଧର ସୂତାର | ୧୬୨ |
| ବାପୁ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୬୪ |
| ଆନ ହିତେ ସଦା ରହୁ ମୋ ମତି | ରାଜକିଶୋର ସାଇଁ | ୧୬୫ |
| ନିବାର ପରମାଦ | ଅଲେଖ ମେହେର | ୧୬୭ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୯ |
| କାଶତଣ୍ଡି | ବାଙ୍କାବିହାରୀ ମହାକୁର | ୧୭୭ |
| ଆତ୍ମଘାତୀ | ଗଜାନନ ମିଶ୍ର | ୧୮୧ |
| ରକ୍ଷା କବଚ ଭକତର | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୧୮୨ |
| ବୈଧବ୍ୟ ପ୍ରଥାର ଅପସଂସ୍କୃତି | ଅମରନାଥ ବାରିକ | ୧୮୩ |

ISSN NO.
2582-208X


| | | |
|---|---|---|
| ବ୍ୟାଧି ନିବାରଣ | ଅଜିତ ପାଢି | ୧୮୬ |
| ସୁଖ ଓ ଦୁଃଖ | ସସ୍ମିତା ରାଉତ ଜେନା | ୧୮୮ |
| ପାନ୍ଥଶାଳା | ମନୋରଞ୍ଜନ ସୁରୁଜାଲ | ୧୮୯ |
| ଦୀପ ପର୍ବ | ପୂର୍ଣ୍ଣଚନ୍ଦ୍ର ରଣା | ୧୯୦ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୧୯୧ |
| ଜୟ ଦୁର୍ଗା ମା | ସୌମ୍ୟରଞ୍ଜନ ଷଡ଼ଙ୍ଗୀ | ୨୦୫ |
| କାଶତଣ୍ଡୀ ! | ରାଧାମୋହନ ପୂଜାହାରୀ | ୨୦୭ |
| ମମତା | ନନ୍ଦିନୀ ରାଉତ | ୨୦୯ |
| ମାଆଙ୍କୁ ମାଗୁଣି | ଜୟ କୁମାର ମିଶ୍ର | ୨୧୦ |
| ପୁଅ | ଅଧର ବିଶ୍ୱାଳ | ୨୧୨ |
| ପରିବେଶ | କୀର୍ତ୍ତି ଦେବୀ | ୨୧୫ |
| ମୋ ଗାଁଆ | ସୁବ୍ରତ କୁମାର ପ୍ରଧାନ | ୨୧୬ |
| ଗଣ୍ଠିଲି | ଦୁଷ୍ମନ୍ତ ବେହେରା | ୨୧୭ |
| ମାଟି | ଲୀଳାବତୀ ପରିଡ଼ା | ୨୧୮ |
| ଚାକର | ଶିବରାମ ଦଳେଇ | ୨୧୯ |
| କାର୍ତ୍ତିକ ପୁନେଇଁ | ବିଶ୍ୱରଞ୍ଜନ ମହାନ୍ତି | ୨୨୫ |
| ଆମ ଓଡ଼ିଆ ଖାଦ୍ୟ | ଅରୁଣ କୁମାର ମହାପାତ୍ର | ୨୨୭ |
| ବିରହ | ଚୈତନ୍ୟ ବାଗ | ୨୨୯ |
| ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୨୩୦ |
| ଭାବ | ବିନୟାନନ୍ଦ ବସ୍ତସ୍ୟ | ୨୩୨ |
| ସ୍ମୃତି ତୁମେ | ସରୋଜଲକ୍ଷ୍ମୀ ମହାନ୍ତି | ୨୩୩ |
| ଗୀତିକବିତା:ପ୍ରୀତି ପାଗଳ | ଦିବାକର ନାୟକ | ୨୩୫ |
| ଆଜିର ଅନୁଚିନ୍ତା | ଡାକ୍ତର ଦେବୀପ୍ରସାଦ ଆଚାର୍ଯ୍ୟ | ୨୩୬ |

ISSN NO.
2582-208X



| | | |
|---|---|---|
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୩୬ |
| ରସ ରାଜ ରସ ଶେଖର ହରି ମୂରଲୀଧର | ଦେବଜାନୀ ବାରିକ୍ | ୨୩୯ |
| ମିଛେ ଶୂନ୍ୟତାରୁ ସ୍ମୃତି ପଥେ | ଗାୟତ୍ରୀ ପ୍ରିୟଦର୍ଶିନୀ | ୨୪୦ |
| ଅସୀମିତ ଭାବନା | ଇଂ ହରେକୃଷ୍ଣ ଦଳାଇ | ୨୪୧ |
| ଅବହେଳିତ ଜନତାର ତ୍ରାଣକର୍ତ୍ତ୍ରୀ: ଅରୁଣା ରୟ | ଅରୁଣ କୁମାର ତ୍ରିପାଠୀ | ୨୪୩ |
| ତୁମ ନାଁ | ଅଶ୍ୱିନୀ ସୂତାର | ୨୫୧ |
| ଶ୍ରାବଣୀ ଗୋ | କାଳିପ୍ରସାଦ ମହାପାତ୍ର | ୨୫୨ |
| ଅତି ଆପଣାର ମାଆ | ପ୍ରଶାନ୍ତ କୁମାର ଦାଶ | ୨୫୪ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୫୬ |
| ସ୍ୱପ୍ନମୟୀ | ନିରଞ୍ଜନ ସାହୁ | ୨୫୯ |
| ବାରାଙ୍ଗନା | ପ୍ରଶାନ୍ତ କୁମାର ନାଥ | ୨୬୦ |
| ରତନ ମଣ୍ଡପାସୀନ ସେ ମୋହନ | ସୁହାସିନୀ ବାରିକ୍ | ୨୬୧ |
| କାର୍ତ୍ତିକ ମାସର ମାହାତ୍ମ୍ୟ ଓ ପରମ୍ପରା | ସାଇପ୍ରସାଦ ସାହୁ | ୨୬୨ |
| ପାର୍ଥକ୍ୟ ମାନସିକତାରେ | ରାଧାମୋହନ ପୂଜାହାରୀ | ୨୬୬ |
| ଅଭୁଲା ଦିନ | ସସ୍ମିତା ନାୟକ | ୨୬୮ |
| କ୍ଳାନ୍ତ ପଥିକ | କୃଷ୍ଣ ପ୍ରିୟା ପଟ୍ଟନାୟକ | ୨୬୯ |
| ଜୀବନ | ରତି ରଞ୍ଜନ ଷଡଙ୍ଗୀ | ୨୭୦ |
| ନିର୍ବାଚନୀ ଚିହ୍ନ | ଶୁଭ୍ରାଂଶୁ ଶେଖର ପାଢ଼ୀ | ୨୭୧ |
| ଲକ୍ଷ୍ମୀମେଢ଼ ଓ କମଳାର ଅଭିସାର | ଦୀନବନ୍ଧୁ ବେଜ | ୨୭୪ |
| ତୁଳସୀ ବିବାହ | ଅପର୍ଣ୍ଣା ସେଠୀ | ୨୭୮ |
| ବିକୁଛି ବସି ମୁଁ ବରା | ଜୟନ୍ତ କୁମାର ମଲ୍ଲିକ୍ | ୨୮୦ |

ISSN NO.
2582-208X



| | | |
|---|---|---|
| ସମ୍ପର୍କ | ସିଦ୍ଧେଶ୍ୱର ତ୍ରିପାଠୀ | ୨୮୧ |
| ଭରସା ଏବେ ହରି | ଶିଶିର କୁମାର ପଣ୍ଡା | ୨୮୪ |
| ନବରଙ୍ଗପୁର ମାଟିର ଯଶସ୍ୱୀ ସାହିତ୍ୟିକ "ଡ଼ଃ ଚନ୍ଦ୍ର ଶେଖର ହୋତା" | ପ୍ରତାପ ଚନ୍ଦ୍ର ସାହୁ | ୨୮୫ |
| ଜୟ ରାମ ହରି | ମାଳତୀ ଦେବୀ | ୨୮୯ |
| ଗୁରୁଙ୍କ ମାହାତ୍ମ୍ୟ | ଜନ୍ମେଜୟ ନାୟକ | ୨୯୧ |
| ଆହା କି ସୁନ୍ଦର | ଅଭିଳାଶ ବାରିକ୍ | ୨୯୩ |
| ମାଗୋ କମଳିନୀ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା) | ୨୯୪ |
| ଗୋମାତା | ସୂର୍ଯ୍ୟ ନାରାୟଣ ସାହୁ | ୨୯୫ |
| ପାଦପ ବେଦନା | ଚିତ୍ତରଞ୍ଜନ ନାଏକ | ୩୦୦ |
| ସ୍ନେହ ମୟୀ ମାଁ | ହିପୋ ରଣା | ୩୦୨ |
| ଶୁଭ ସକାଳ | କ୍ଷୀରେଶ୍ୱରୀ କିଷାନ | ୩୦୩ |
| ପ୍ରାୟଶ୍ଚିତ | ସନ୍ତୋଷ କୁମାର ରାଉତ | ୩୦୪ |
| ତୁମେ ମୋ ସପନର ନାୟିକା | ଚିନ୍ମୟ ପଟ୍ଟନାୟକ | ୩୧୨ |
| ଚାଲ ଖୋଜିବା | ମକରଧ୍ୱଜ ସାହୁ | ୩୧୩ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୧୪ |
| ସବୁ ବଦଳି ଗଲା ! | ଶଶିକାନ୍ତ ମେହେର | ୩୧୬ |
| ମିଛେ କାହିଁକି ଗର୍ବ କରିବି? | ଅନନ୍ତ କୁମାର | ୩୧୮ |
| ଶ୍ରୀହରି ସୁଦର୍ଶନ ଚକ୍ର କେଉଁଠୁ ପାଇଲେ | ନରେନ୍ଦ୍ର ପ୍ରସାଦ ବେହେରା | ୩୨୦ |
| ଧନ୍ୟରେ ଦୁନିଆ ଆସିଚି ଭଣ୍ଡି | ତାରାପ୍ରସାଦ ଜେନା | ୩୨୧ |
| ଚୁମ୍ବନ | ସରୋଜ କୁମାର ସାହୁ | ୩୨୩ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକି ନାୟକ | ୩୨୫ |

ISSN NO.
2582-208X


| | | |
|---|---|---|
| **ସ୍ୱାସ୍ଥ୍ୟ ବିଭାଗ** | | |
| ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଓ ଦୀର୍ଘାୟୁ ଜୀବନ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୨୯ |
| **ଆମ ହାଣ୍ଡିଶାଳ** | | |
| ମଲାଇ ପନିର | ଜୟନ୍ତୀ ଦେବୀ | ୩୩୪ |
| ମୋଗଲାଇ ପରଟା | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୩୫ |
| ପାଳଙ୍ଗ ରୋଲ | ଅଳକା ବାରିକ୍ | ୩୩୬ |
| ବିରି ଡାଲି ଖେଚୁଡି | ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା) | ୩୩୮ |
| **ଆଞ୍ଚଳିକ** | | |
| ରମ୍ୟ କଥନ- ବୁଢ଼ୁର କନିଆ ଦେଖା | ସତ୍ୟନାରାୟଣ ଗନ୍ତାୟତ | ୩୪୧ |
| କଥାନି - ନିରମଲ୍ ଭକ୍ତି | ସତ୍ୟନାରାୟଣ ମିଶ୍ର | ୩୪୬ |
| ମାନବିକତା | ସୁଜ୍ଞାନ ବାଘ | ୩୪୯ |
| ଭରମ | କ୍ଷୀରୋଦ୍ର କୁମାର ସାହୁ | ୩୫୦ |
| ମୁଇଁ କହୁଛେଁ ମାଁ ଟେ-କଥାନୀ | ସନ୍ତୋଷ କୁମାର ବେହେରା | ୩୫୧ |
| କାଏଁଜେ କାନ୍ଦୁଛୁ | ବଲ୍ଲବ ସାହୁ | ୩୫୩ |
| କଲମ୍ ଗାର | ଆୟୁଷ ବଢ଼ାଇ | ୩୫୬ |
| ତମର୍ 'ଭାବ୍' | ସୁନୀଲ କୁମାର ଅଗସ୍ତି | ୩୫୭ |
| କଁସ ବୋଏଲା ଯେ ଦେବକୀ କେ ରିସେ | କୁମରଲାଲ ରଣା | ୩୫୮ |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ନୂଆ ପରିବା | ଡ଼ଃ ରଞ୍ଜିତ କୁମାର ସାହୁ | ୩୬୨ |
| ମଜା ହୋଇଗଲା ସଜା | ପ୍ରକାଶ କୁମାର ଚାନ୍ଦ | ୩୬୬ |
| ସ୍ୱଚ୍ଛ ଦୀପାବଳି | ଅମରନାଥ ବାରିକ | ୩୬୮ |
| ଆସିଲାରେ ଶୀତ ଆସିଲା | ଜ୍ୟୋତିର୍ମୟୀ ସାହୁ | ୩୬୯ |
| ଚିତ୍ର | ଆଦବିକା ପଟ୍ଟନାୟକ | ୩୭୩ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୩୭୪ |
| ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୭୭ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୭୮ |


ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

ଏହି ମାସରୁ ବେଦାନ୍ତୀ ଇ-ପତ୍ରିକା ତରଫରୁ ଆପଣମାନଙ୍କୁ ପହଞ୍ଚାଇବାକୁ ଯାଉଛୁ ଭାରତର ବିଭିନ୍ନ ଦର୍ଶନୀୟ ସ୍ଥଳ ମାନଙ୍କ ବିଷୟରେ ଯାହାକୁ YOUTUBE ଲିଙ୍କ୍ ଦ୍ଵାରା ପ୍ରସ୍ତୁତ କରାଯାଇଛି। ଏହି ପତ୍ରିକାରେ ବିଭିନ୍ନ ପୃଷ୍ଠାରେ ଦିଆଯାଇଥିବା ଲିଙ୍କ୍ ରେ କ୍ଲିକ୍ କରି ଆପଣ ଏହା ଦେଖିପାରିବେ। ଅନୁରୋଧ ଯେ ଏହି ଭିଡିଓ ଗୁଡିକୁ LIKE ଏବଂ SUBSCRIBE କରିବେ ଏବଂ ଆମକୁ ଆହୁରି ଅନେକ ସ୍ଥାନ ବୁଲିବା ସହ ଆପଣମାନଙ୍କ ପାଖରେ ଏହାକୁ ପହଞ୍ଚାଇବା ପାଇଁ ପ୍ରୋତ୍ସାହନ ଦେବେ।

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୬-ଏକ ଚନ୍ଦ୍ରିତ ମନୋହର କାଠଘର

"ଘର ତିଆରି ହୁଏ, ପ୍ରେମରେ ସ୍ୱପ୍ନରେ । ଏକ କାଠ ଘରର ଆବଦ୍ଧ ଘର ନୁହେଁ, ଆବଶ୍ୟକତାର ଏକ ଆତ୍ମୁଆଳ ମାତ୍ର । ଯଦି ବଗିଗ୍ଚରେ ଖେଳୁଥାଏ ଫୁଲ, ପ୍ରବାହିତ ହୁଏ ତ ସଂନ୍ଧ୍ୟାର ସୁଗନ୍ଧ, କୁସୁମିତ ହୁଏ ତ ପ୍ରତିଟି ସକାଳ, ଏକ ପ୍ରଣୟର ପ୍ରାସାଦ, ବନ୍ଦୀଶାଳା ନୁହେଁ ଆଉ କିଛି ।"

ନଡିଆଗଛର ବାହୁଙ୍ଗାରୁ ପତ୍ରମାନ ଉପରେ ଖୋଲିଯାଇଥିଲା । ସେ ବାହୁଙ୍ଗାର ଉପରେ କେତେ ପକ୍ଷୀ ବସି ପୁଣି ଉଡିଯାଉଥିଲେ । ସକାଳେ ସୁନ୍ଦର ସୂର୍ଯ୍ୟକିରଣ ପଡିଥିଲା । ଅସୀମ ସକାଳେ ଆସି ବାହାରେ ବୁଲନ୍ତି । ସକାଳେ ଶୋଭନାଙ୍କୁ ଅବଶ୍ୟ ଏତେ ଜଲଦି ଉଠିବାକୁ ଇଛା ହୁଏନାହିଁ । କିନ୍ତୁ କ୍ୟାମ୍ପବେଲ ବେରେ ସକାଳ ଶିଘ୍ର ହୁଏ ଆଉ ପାଖିମାନେ ବାରଣ୍ଡାରେ ଘୁମୁରିବା ଆରମ୍ଭ କରନ୍ତି । ମେନଲାଣ୍ଡରେ ସକାଳ ହୁଏତ ୬ଟା ବା ୭ ଟାରେ ହେଉଥିବ କିନ୍ତୁ ଏଠି ସକାଳ ହୁଏ ୫ଟାରୁ ୬ଟା ଭିତରେ । ଲୋକମାନେ କାମକୁ ଶିଘ୍ର ଯାଆନ୍ତି ଆଉ ପଶୁପକ୍ଷୀମାନେ ତ ଆଲୋକ ପଡିଲେ ଚୁପ ହୋଇ ପାରିବେ ନାହିଁ । ସେମାନଙ୍କର ଦିନ ଆଲୋକର ଆଗମନଠାରୁ ଆଲୋକର ପ୍ରସ୍ଥାନ ପର୍ଯ୍ୟନ୍ତ । ତେଣୁ ସକାଳ କ୍ୟାମ୍ପବେଲ ବେରେ ବହୁ ଜଲଦି ହୋଇଯାଏ । ଶୋଭନା ଏଠାକୁ ଆସି ଏଠାକାର ଜୀବନ ସହ ନିଜକୁ ମିଳେଇ ନେଲେଣି । ଘରେ ଖିର କରି ପାଣି ଆଣି ଖିରୁଆ କୁଣ୍ଡରେ ଢାଳଦେଇଯିବ । ଏଠି ପାଇପରେ ପାଣି ଆସିବା ତଥାପି ଆରମ୍ଭ ହୋଇନ ।

ISSN NO.
2582-208X

ପୂର୍ବପଟେ କଛି ପିଜୁଳଗଛ, ଆଉ କଛି ନଡିଆ ଗଛ ଥିଲା । ଭିତରର ରାସ୍ତା ଧାରରେ ଥିଲା ଅନେକ ମନ୍ଦାର ଗଛ । ସକାଳୁ ସକାଳୁ ଫୁଲମାନ ବେଶ ତାଜା ଲାଗେ । ତାଙ୍କ ନଡିଆ ଗଛକୁ କେତେ ପକ୍ଷୀ ଆସିଯାଆନ୍ତି । ଅସୀମ ଗେଟ ପର୍ଯ୍ୟନ୍ତ ବୁଲିବୁଲି ଆସିଗଲେ ଆଉ ସେଉଠୁ ଘରକୁ ଚାହିଁଲେ । କାଠପଟା ତିଆରି ଏକ ଲମ୍ବାଳିଆ ଘର । ଘର ତଳ ମେଜିଆ ସିମେଣ୍ଟରେ, ତା'ପରେ କାଠ ବିମ ଦିଆଯାଇ ଘରର ଢାଞ୍ଚା ତିଆରି କରାଯାଇଛି । କାନ୍ଥ କାଠପଟାରେ ତିଆରି ଓ ସେଥିରେ ନୀଳ ରଙ୍ଗ ଦିଆଯାଇଛି । ଶେଷରେ ଉପରେ ଆଜବେଷ୍ଟସ ଛାତ । ଆଜବେଷ୍ଟସ ଛାତରେ ଟିଣ ଛାତ ଅପେକ୍ଷା କମ ଗରମ ହୁଏ । ଘରର ଆଗରେ ଏକ ବଡ ବାରଣ୍ଡା ଅଛି । ଏମିତିଆ ସୁନ୍ଦର ପ୍ରଶସ୍ତ ଘରେ ତାଙ୍କୁ ରହିବାକୁ ମିଳଥିବାରୁ ଖୁସି ଲାଗୁଥିଲା ।

ଏଣେ ସେଦିନ ପାରାମାନେ ଆଗଭଳ ଘୁମୁରିବା ଆରମ୍ଭ କରିଦେଇଥିଲେ । ସେତେବେଳକୁ ବେଶ ଫରଚ୍ଚ ପଡିଗଲାଣି । ନରମ ଖରା, ଆଉ ଶୋଭନା ନଜକୁ ସମ୍ଭାଳ ନପାରି ବାହାରି ଆସିଲେ । ସେ ଜାଣନ୍ତ ତାଙ୍କ ପାଇଁ ଏହି ନରୀହ ପ୍ରାଣୀମାନେ ଅପେକ୍ଷା କରି ରହିଥିବେ । ସେ ଆସି ନଜ ବାରଣ୍ଡାରେ ବସି ପଡିଲେ । ଅନେକ ଚେଆର ପଡିଥିଲା । ସେଇଠୁ ବସି ବାହାରକୁ ଦେଖିବାକୁ ଭଲ ଲାଗେ । ତାଙ୍କୁ ଦେଖି ପାରାମାନେ ପାଖକୁ ଉଡିଆସିଲେ । ସେଇଠି ଏତେ ପାରାଙ୍କୁ ଜାଗା ହେଉନଥିଲା । ତେଣୁ ସେ ପୋର୍ଟିକୋକୁ ଆସିଲେ । ପୋର୍ଟିକୋ ଅବଶ୍ୟ ବଡ । ଦୁଇ ଧାରରେ ଭଳକ ଭଳ ଫୁଲକୁଣ୍ଡମାନ ରଖାଯାଇଛି । କାଲି ରାତିରୁ ଯିବା ପୂର୍ବରୁ ପୋର୍ଟକୋକୁ ବାବୁରାଓ ଭଲକରି ଝାଡୁମାରିଛି, ପାଣିମାରି ମଧ ପରିଷ୍କାର କରିଛି । ମନ୍ଦାଏ ମନ୍ଦାଏ ପାଣି କେଉଁଠି ରହିଛି । ଏବେ ପାରାମାନେ ତାଙ୍କ ଚାରିପାଖେ ବୁଲିବା ଆରମ୍ଭ କରିଦେଲେ । ଧଳା, କଳା, ପାଉଁଶିଆ କେତେ ରଙ୍ଗର ପାରା । ସେ ସେମାନଙ୍କ ପାଇଁ ହାତରେ ଗହମ ଧରି ଟିକଏ ଟିକଏ କରି ବିଞ୍ଚି ଦେଉଥିଲେ । କାହାକୁ ଯଦି ନମିଳଲା ତା' ପାଇଁ ସେ ଟିକଏ ଦୂରକୁ ଗହମ ଫିଙ୍ଗି ଦେଉଥିଲେ । ଫଳରେ ସେ ପାରାଟି ଖାଇବା ପାଇଯାଉଥିଲା ।

ଟିକଏ ବିଳମ୍ବ ହେଲେ ମଧ ଶୋଭନାଙ୍କୁ ସକାଳେ ବଗିଚା ବୁଲିବାକୁ ଭଲ ଲାଗେ । ଏମିତି ତ କ୍ୟାମ୍ପବେଲ ବେ ର ପବନ ବେଶ ସତେଜ । କନ୍ତୁ ସକାଳ ସବୁବେଳେ ଭଲଲାଗେ । ଧଳା ଟଗରଫୁଲ, ଲାଲ ମନ୍ଦାର ଫୁଲ, ମଲ୍ଲୀ ଫୁଲ ସବୁ ତ ବଗିଚାରେ ଭରିକରି ଅଛି । ସେ ଗାଧୋଇ ଆସି ନଜେ ଫୁଲ ତୋଳନ୍ତ । ଘରେ କେତେଟା ଫଟୋ ଟାଙ୍ଗିଛନ୍ତ । ସାଙ୍ଗରେ

ISSN NO.
2582-208X

ଆସିଥିଲାବେଳେ ନିଜ ସାଙ୍ଗରେ ଜଗନ୍ନାଥଙ୍କ ଫଟୋ ନେଇକରି ଆସିଥିଲେ । ସେଇଟା ତାଙ୍କ ମା ତା'କୁ ସାଙ୍ଗରେ ଦେଇଥିଲେ । ଜଗନ୍ନାଥଙ୍କୁ ବିଶ୍ୱାସ ରଖ । ସବୁକଥା ଠିକ ହୋଇଯିବ ।

ଅସୀମ ବଗିଚାରୁ ଫେରିଆସି ବାରଣ୍ଡାରୁ ଶୋଭନାଙ୍କୁ ଅନାଇଥିଲେ । ସୁନ୍ଦର ଲାଗନ୍ତି ଶୋଭନା । ଅସୀମଙ୍କୁ ଶୋଭନାଙ୍କ ପ୍ରାଣୀମାନଙ୍କୁ ଦୟା କରିବା ଗୁଣ ଭଲ ଲାଗେ । ସେ ସାନ ସାନ ଜୀବ ଜନ୍ତୁଙ୍କ ପ୍ରତି ଅତି ଦୟାଶୀଳା । ସେଇଟା ଅସୀମ ଚାହାନ୍ତି । ମଣିଷ ନିଜଠାରୁ କମ ବଳଶାଳୀ ପ୍ରାଣୀଙ୍କୁ ଦୟା କରୁ । ନହେଲେ ସେହି ପ୍ରାଣୀମାନେ ବଞ୍ଚିବେ କେମିତି? ଶୋଭନା ସବୁଦିନ ଭଳ ସାଧାରଣ କପଡା ପିନ୍ଧିଥିଲେ । ଏକ ବାଇଗେଣି ରଙ୍ଗର ଲମ୍ବା ହାତ ଥିବା ବ୍ଲାଉଜ, ବାଇଗେଣି ରଙ୍ଗର ପତଳା ସିଫନ ଶାଢୀ ଆଉ ପାଦରେ ଏକ ଚପଲ । ଦେହରେ କିଛି ମେକଅପ ନଥିଲା । ସାଧାରଣ ଝିଅ ଶୋଭନା । ତାଙ୍କର ଏହି ସରଳ ପଣିଆ ଅସୀମଙ୍କୁ ଭଲ ଲାଗେ । ମଣିଷ କ'ଣ ପାଇଁ ସକାଳୁ ମଧ୍ୟ ମେକଅପ ନେବ? ମେକଅପ ନେଇନେଇ ନାରୀ ନିଜକୁ ନିଜ ରୂପଠାରୁ ବହୁ ଦୂରକୁ ନେଇଯାଏ । ଆଉ ତା'କୁ କେବଳ ମେକଅପରେ ଥିବା ମଣିଷ ଭଲ ଲାଗନ୍ତି । କିନ୍ତୁ ନିଜ ବାଳିକା ସୁଲଭ ସରଳ ପ୍ରକୃତି! ବହୁଦୂରରେ କେବେଠାରୁ ଛାଡିଦେଇଥାଏ । ସେତେବେଳେ ସବୁବେଳେ ମେକଅପ ନେଉଥିବା ନାରୀକୁ ରାସ୍ତା ତ ପ୍ରଥମେ ତ ଚକଚକିଆ ଲାଗେ, କିନ୍ତୁ ପରେ ଲାଗେ ସବୁ ଶୁନ୍ୟ, ଫମ୍ପା । କିଛି ସମୟ ପରେ ମୁହୁର୍ତ୍ତର ମୂଲ୍ୟହୀନତାର ବୋଧ ହୁଏ, ସମୟ ସେତେବେଳକୁ ଗଡିଯାଇଥାଏ । ରାସ୍ତାକୁ ସେ କେବଳ ଶୂନ୍ୟଆଖିରେ ଅନାଇ ରହେ। ସମସ୍ତେ ତା'କୁ ପଛରେ ପକାଇ ଆଗକୁ ଚାଲିଯାଉଥାନ୍ତି, କେହି ତା'ର ଉପସ୍ଥିତି ପ୍ରତି ଧ୍ୟାନ ମଧ୍ୟ ଦିଅନ୍ତି ନାହିଁ ।

ଶୋଭନା ଘରେ ଅନେକ ପାରା ପାଳଥିଲେ । ପ୍ରଥମରୁ ତ କିଛି ପାରା ଥିଲେ । କିନ୍ତୁ ଜୀବନକୁ ଆହୁରି ମଧୁମିତ କରିବା ପାଇଁ ସେ କିଛି ରଙ୍ଗୀନ ପାରା କିଣିଥିଲେ । କେତେଟା ପାରା ତ କଚାଲରୁ ଜଣେ ଭଦ୍ରବ୍ୟକ୍ତ ତାଙ୍କ ପାଇଁ କିଣି ଆଣିଥିଲେ । ପାରାମାନଙ୍କ ସଂଖ୍ୟା ତା'ପରେ ଜ୍ୟାମିତିକ ବୃଦ୍ଧି ଘଟିଲା ଆଉ ତାହା ପଚାଶ ଅଙ୍କ ଅତିକ୍ରମ କରିଗଲା । ଘର ବାହାରେ ସବୁଆଡେ ପାରା । ପାରାମାନେ ସକାଳେ ସୁନ୍ଦରଭାବେ ଘୁମୁରନ୍ତୁ ଆଉ ବଢିଆ ନାଚନ୍ତୁ । ପାରାମାନଙ୍କର ଘୁମୁରିବା, ଗୋଲ ଗୋଲ ହୋଇ ବୁଲିବା ଦେଖିବାକୁ ଶୋଭନାଙ୍କୁ ବେଶ ମଜା ଲାଗେ । ପାରାମାନେ ସକାଳେ ବାରଣ୍ଡା ଉପରକୁ ଆସି ସେମାନଙ୍କ ଦୁଆର

ISSN NO.
2582-208X

ଖୋଲିବା ଆଗରୁ ସବୁଯାଗା ଅକ୍ତିଆର କରିନଅନ୍ତୁ । ସେଇଠି ସେମାନଙ୍କ ଲମ୍ବା ଛାଇ ବାରଣ୍ଡାରେ ଲମ୍ବିଯାଏ । ଘୁମୁର୍‌ରେ ସେମାନଙ୍କ ଛାଇ ତ ସତରେ ଟାଣି ହୋଇଯାଏ ନା କଣ ? ଲମ୍ବା ଛାଇମାନ ମଝିରେ ମଝିରେ ନେସି ହୋଇ ପୁଣି ସିଧା ହୋଇଯାଏ । ସୋମନଙ୍କୁ ପାର୍‌ମାନଙ୍କ ସକାଳ ଘୁମୁର୍ ଆଉ ବୁଲ୍ ଭଲ ଲ୍‌ଗେ ।

ଶୋଭନା ଅତି ଶାନ୍ତ ରହୁଥିବାରୁ ପାର୍‌ମାନଙ୍କର ତାଙ୍କ ପ୍ରତି ବିଶ୍ୱାସ ବଢିଯାଇଥାଏ । ସେମାନେ ଏବେ ଧିରେ ତାଙ୍କ ପାଖକୁ ଲ୍‌ଗିଆସୁଥାନ୍ତୁ । କଛି ପାର୍ ତ ଏତେ ବିଶ୍ୱାସ କରୁଥିଲେ ଯେ ସେମାନେ ଶୋଭନାଙ୍କ ହାତ ପାଖକୁ ଗ୍ଭଲିଆସିଲେ । ସେମାନଙ୍କୁ ଧରି ନେବାର ପ୍ରଶ୍ନ ନଥିଲ୍ । ଶୋଭନା ନଜ ହାତ ଖୋଲିଦେଲେ, ପାର୍ କେତୋଟି ତାଙ୍କ ହାତରୁ ଗହମ ଖାଇବାକୁ ଲ୍‌ଗିଗଲେ । ଶୋଭନାଙ୍କୁ ସେମାନଙ୍କ ଖୁମ୍ପା ସ୍ନେହଭର୍ ସ୍ପର୍ଶ ଭଲ ଲ୍‌ଗୁଥିଲ୍ । ଦୁନିଆ ପ୍ରେମ ଆଉ ସ୍ନେହରେ ଭରି ରହିଥାଉ । କିଛି ପାରା ଜାଗା ନପାଉଥିବାରୁ ସେ ଧିରେ ଗହମକୁ ଟିକିଏ ଦୂରକୁ ବିଞ୍ଚି ଦେଉଥିଲେ । କାହାକୁ କମ ନମିଳୁ ଆଉ ସମସ୍ତେ ଖୁସି ରହନ୍ତୁ। ଅସୀମ ଶୋଭନାଙ୍କ ଏହି ବ୍ୟବହାର ଦେଖି ଖୁସି ହେଉଥିଲେ। ଶୋଭନା ସମସ୍ତଙ୍କ ପେଟ ଜାଣିଛନ୍ତି ।

ଅସୀମଙ୍କ ଆଖିରେ ସେମାନଙ୍କ ପ୍ରଥମ ଛୋଟ ଘର ପ୍ରେମ ଆଉ ସ୍ନେହରେ ରଙ୍ଗେଇ ହୋଇ ସୁନ୍ଦର ଲାଗୁଥିଲା । ନୀଳ ରଙ୍ଗରେ ରଙ୍ଗାଇ ଦିଆଯାଇଥିବା କାଠର ଘର, ତକ୍ତାରେ ତକ୍ତା ବାଡାଯାଇ କାନ୍ଥ ତିଆରି କରାଯାଇଛି । ମଝିରେ ମଝିରେ କାଠର ଖୁଣ୍ଟି ଦିଆଯାଇଛି । କବାଟ ଝରକା ସବୁ ମଧ୍ୟ କାଠର, କିନ୍ତୁ ଧଳା ରଙ୍ଗ ଦିଆଯାଇଛି ଆଉ ଉପରକୁ କାଚ ଦିଆଯାଇଛି । ଏମିତି ଘର ଭିତରକୁ ପବନ ଆଉ ଆଲୋକ ବେଶ ଆସେ । ଘର ଭିତରଟା କେବେ ବି ଗମୁରିଆ ଲାଗେନା । ତଳ ମେଜିଆ ସିମେଣ୍ଟର, ତେଣୁ ବେଶ ପରିଷ୍କାର ଅଛି । କାଠ ମେଜିଆ ହେଲେ ଘରକୁ ଠିକ ରଖିବା କଷ୍ଟ । ଏଣେ ଶୋଭନା ସେମିତି ପାରାମାନଙ୍କୁ ଖୋଇ ଚାଲିଥିଲେ । କିଛି ପାରାଙ୍କର ପେଟ ଭରିଯାଇଥିଲା । ସେମାନେ ତାଙ୍କ ଚାରପାଖରେ ଗୋଲ ଗୋଲ ବୁଲିବାକୁ ଲାଗିଲେ । ଏ ପାରାମାନେ ଏତେ ଗୋଲଗୋଲ ବୁଲନ୍ତି କାହିଁକି ?

ଅସୀମ ପୁଣି ଶୋଭନାଙ୍କୁ ଅନାଇଲେ । ରୂପସୀ ଲାଗନ୍ତି ଶୋଭନା । ଏକ ଲମ୍ବା ଗୋରୀ ଝିଅ । ଦେହ ଅତି ସୁଗଠିତ । ଆଖିରେ ନରମ ଭାବ । ଆଉ ହୃଦୟରେ ସ୍ନେହ ।

ISSN NO.
2582-208X

ବାଇଗେଣୀ ରଙ୍ଗର ଶାଢ଼ୀ ଆଉ ବ୍ଲାଉଜ ତାଙ୍କ ରଙ୍ଗକୁ ବେଶ ଫୁଟାଉଥିଲା । 'ଜୀବନର କଣ୍ଟ୍ରାଷ୍ଟ ଆସିବା ଦରକାର ।' ଅସୀମଙ୍କ ମନରେ କିଏ ଏମିତି କହୁଥିଲା । ସେ ଦୂରରୁ ଶୋଭନାଙ୍କୁ ଦେଖି ତାଙ୍କର ତାରିଫ ମନେମନେ କରିଚାଲିଥିଲେ । ଶୋଭନାଙ୍କ ପଛରେ ସେମାନଙ୍କ ଦ୍ୱାରବ ତିଆରି ଠେକୁଆ ଭାଡି ଦେଖାଯାଉଥିଲା । ସେଇଠି ଅଛନ୍ତି ସ୍ନେହ ପାଳିତ ଅନେକ ଠେକୁଆ ।

"ଆରେ ଶୋଭନା, ତୁମେ କ'ଣ କଲଣି ?"- ଆଉ ଦିନେ ଅସୀମଙ୍କ ପାଟିରେ କଥା ଆସୁଆସୁ ରହିଯାଇଥିଲା ।

ଅସୀମ ଏବେ ଭାବୁଥିଲେ ଶୋଭନା ନିଜ ସ୍ନେହକୁ କେଉଁଠି ନେଇ ପହୁଁଚାଇଦେଲେଣି । ଏବେ ପାରାମାନେ ଘର ଭିତରକୁ ଚାଲିଆସିଲେଣି । ଆଗରୁ ସେମାନେ ବାରଣ୍ଡାରେ ବା ପୋର୍ଟିକୋରେ ସୀମିତ ରହୁଥିଲେ । ଏବେ ଏକ ସ୍ନେହ ରଙ୍କୁଣୀ ମା' ପାଇଁ ସେମାନେ ପରଦା ଆଡେଇ ସିଧା ବଡ ହଲ ଭିତରକୁ ଆସିଗଲେଣି । ସେମାନଙ୍କର ଡ୍ରଇଁ ରୁମଟା ବଡ ନୁହେଁ । ସେ ଭିତରେ ଚେଆର ଇତ୍ୟାଦି ପଡିଥିବା ହେତୁ ବୁଲିବା ପାଇଁ ବେଶି ଜାଗା ନାହିଁ। ହଲ ଘରଟା ବଡ । ଏ ଘରକୁ ବଡ ଏଇଥି ପାଇଁ ରଖାଯାଇଛି ଯେ ଏଠାରେ କିଛି ଫଙ୍କସନ ହୋଇପାରିବ । ଅନେକ ଲୋକ ବସିପାରିବେ । କେତେଟା ପାରା ଭିତରକୁ ପରଦା ଫାଙ୍କଦେଇ ମୁଣ୍ଡ ଗଳାଇ ତଥାପି ଆସୁଥିଲେ । ପାରାମାନେ ସିନା ସୁନ୍ଦର ଘୁମରନ୍ତି କିନ୍ତୁ ତା ସଙ୍ଗେ ସଙ୍ଗେ ଏଣେତେଣେ ଝାଡା ଫେରିଦିଅନ୍ତି । ଘର ଭିତରଟା ଅସନା ହେବା ଅସୀମଙ୍କୁ ଭଲ ଲାଗେନି । ଶୋଭନା ଏକଥା କାହିଁକି ବୁଝିପାରୁନାହାନ୍ତି କେଜାଣି ? ଘରେ ମଧ୍ୟ କୁକୁର ଅଛନ୍ତି । ସେମାନେ ପାରାଙ୍କୁ ଆଶ୍ଚର୍ଯ୍ୟ ଭାବେ ମୋଟେ ଗୋଡାଉନଥିଲେ । ଶୋଭନା ଯହାକୁ ଭଲ ପାଉଥିଲେ ସେମାନଙ୍କୁ କୁକୁରମାନେ ମଧ୍ୟ ଶ୍ରଦ୍ଧା କରୁଥିଲେ । ଘରେ ଅବଶ୍ୟ ବିଲେଇ ନାହାନ୍ତି, ବିଲେଇ ଥିଲେ ସିନା ପାରା ଶିକାର ହୋଇଥାଆନ୍ତା । କିନ୍ତୁ ସେଇଟା ହେବନାହିଁ । ବାହାରର ବିଲେଇ ଏ କୁକୁରମାନଙ୍କୁ ଦେଖି ପାଖ ପଶିବେ ନାହିଁ । ଯାହାହେଉ ଶୋଭନା ଅସୀମଙ୍କ ମନକଥା ବୁଝିପାରିଲେ । ସେ ବାହରକୁ ଚାଲିଗଲେ ଆଉ ପାରାମାନେ ତାଙ୍କ ପଛରେ ଚାଲିଲେ ।

ଶୋଭନା ବେଳେବେଳେ ଠେକୁଆ ଛୁଆମାନଙ୍କୁ ଘର ଭିତରକୁ ନେଇଆସନ୍ତି ଆଉ ଖାଇବା ଟେବୁଲ ଉପରେ ଛାଡିଦିଅନ୍ତି । ନିଜେ ଏକ ବଡ ବେତ ଚେଆରରେ ବସିଯାଆନ୍ତି ଆଉ

ISSN NO.
2582-208X

ଛୁଆମାନଙ୍କୁ ଗୋଟିଏ ପରେ ଗୋଟିଏ କରି ଟେବୁଲ ଉପରେ ବସାଇ ଦିଅନ୍ତି । ତାଙ୍କ ପାଖରେ ଥାଏ ଗଦାଏ ପାଚିଲା ପିଜୁଳି । ସେ ଛୁଆମାନଙ୍କୁ ଖାଇବାକୁ ଦିଆଯିବ । ଛୁଆଗୁଡା ପିଜୁଳି ଚାରିପାଖେ ବା ଥାଳି ଚାରିପାଖେ ଏକ ଏକ ଛୁଆ ବସିଲା ପରି ବସିପଡି ଖାଇବାରେ ଲାଗିଯାଆନ୍ତି । ସୁଧାର ପିଲା ଭଳି ନିଜ ଖାଇବା ଖାଆନ୍ତି ଆଉ ଛଡାଛଡି ହୁଅନ୍ତି ନାହିଁ । କୁକୁର ଛୁଆମାନେ ସବୁବେଳେ ନିଜ ଖାଇବା ଭାଗ କରନ୍ତିନି । କିନ୍ତୁ ଠେକୁଆ ଛୁଆମାନେ ନିଜର ଭାଇ ଭଉଣୀଙ୍କ ଠାରୁ ଖାଇବା ଛଡାଉନଥିଲେ । ଶୋଭନାଙ୍କ ମୁହଁ ଖୁସରେ ଉଜ୍ଜ୍ୱଳ ହୋଇଉଠେ । ଠେକୁଆ ଛୁଆମାନେ ଥିଲେ ହରେକ ରଙ୍ଗର ।

ଥରେ ଅସୀମ ଦେଖିଲା ବେଳକୁ ଶୋଭନା ପାଞ୍ଚଟା ଠେକୁଆ ଛୁଆଙ୍କୁ ତାଙ୍କ ଖାଇବା ଟେବୁଲ ଉପରେ ବସାଇ ଦେଇଛନ୍ତି । ମା' ଛୁଆଙ୍କୁ ଆଉଁଷିଲା ପରି ସେମାନଙ୍କୁ ଆଉଁଷୁଛନ୍ତି । ତାଙ୍କ ଘଣ୍ଟା ଗୋଟାଏ କଡରେ ପଡିଛି । ଛୁଆମାନେ ଜଲଦି ଜଲଦି ଖାଇଦେଉଛନ୍ତି ଆଉ ଯଦି କାହାର ଟିକେ କମ ହୋଇଗଲା ତେବେ ଶୋଭନା ତା'କୁ ସାଉଁଳେଇ ଆଉ ଟିକେ ଖା, ଆଉ ଟିକେ ଖା ଭଳି ବଳେଇ ଖୁଆଇ ଦେଉଛନ୍ତି । ଛୁଆମାନଙ୍କ ମୁହଁରେ ପିଜୁଳିର ମିଠା ଆଉ ରସ ଲାଗିଯାଉଥିଲା । ସେମାନେ ପଛ ଗୋଡରେ ବସି ପଡି ଆଗ ଗୋଡରେ ମୁହଁ ସଫା କରୁଥିଲେ । ସେମାନଙ୍କ ଲମ୍ବା କାନ ମୁଣ୍ଡ ଉପରେ ମିଶି ଏକାଠି ହୋଇଯାଉଥିଲା ଆଉ ସେମାନଙ୍କ କଳା କଳା ଆଖିରେ ମୋଟେ ଡର ନଥିଲା ।

କହିବାକୁ ଗଲେ ସେମାନଙ୍କର ଏକ ସୁନ୍ଦର ଛୋଟ ଘର ଥିଲା । ବାହାର କମ୍ପାଉଣ୍ଡ ବେଶ ବଡ । ଘର ପାଇଁ ଯେତେ ନୁହେଁ, କମ୍ପାଉଣ୍ଡ ପାଇଁ ଘର ଅସୀମଙ୍କୁ ଭଲଲାଗେ । ପାଇପରେ ତିଆରି ହୋଇଥିବା ନୀଳ ରଙ୍ଗର ଏକ ବଡ ଗେଟରୁ ଚଉଡା ରାସ୍ତା ପୋର୍ଟିକୋ ପାଖକୁ ଲମ୍ବିଯାଇଛି । ଭିତର ରାସ୍ତାରେ ଗୋଡି ପଡିଛି, ମଝିରେ ମଝିରେ ଘାସ ଅଛି । ସେ ରାସ୍ତାରେ ଚାଲିଲେ ଖସ ଖସ ଶବ୍ଦ ହୁଏ, ପାଦ ଟିକେ ଦବିଯାଏ । ଏକ ସ୍ପଞ୍ଜ ଭଳି ଇଫେକ୍ଟ। ଅସୀମ ଭାବନ୍ତି କ'ଣ ପାଇଁ ଘରର ଙ୍ଗ ଆଉ ଗେଟର ରଙ୍ଗ ନୀଳ ? ଆକାଶର ରଙ୍ଗ ନୀଳ ଆଉ ପାଣିର ରଙ୍ଗ ଗାଢ ନୀଳ । ସେଇଥିପାଇଁ କଣ କ୍ୟାମ୍ପବେଲ ବେ ରେ ତାଙ୍କର ଘର ପ୍ରାୟ ସମୁଦ୍ରକୂଳିଆ ଥିବାରୁ ଆଉ ଉପରେ ଆକାଶ ଖୋଲାଥିବାରୁ କଣ ନୀଳ ରଙ୍ଗ ମନକୁ ମନ ହୋଇଗଲା ନା କଣ ? ସେମିତି ବି ନୀଳ ରଙ୍ଗ ଅସୀମଙ୍କୁ ଭଲ ଲାଗେ । ତେଣୁ ପ୍ରାୟ ଏକ ନୀଳ ସମୁଦ୍ର କୂଳରେ ଏକ ଘରର ରଙ୍ଗ ନୀଳ ହେଲେ ଭଲହେବ ବୋଲି ଆଗରୁ ବୋଧେ କିଏ ଭାବିଥିବ । ଦୁଇପାଖରେ ଅନେକ ନଡିଆ ଗଛ ଥିଲା । କିଛି ବଡ,

ISSN NO.
2582-208X

କିଛି ଛୋଟ । ଛୋଟ ନଡିଆ ଗଛଗୁଡିକର ବାହୁଙ୍ଗା ତଳକୁ ଝୁଲିଆସିଥିଲା ଆଉ ଲମ୍ବା ସବୁଜପତ୍ରମାନ ଦେହକୁ ଛୁଉଁଥିଲା । ବଡ ନଡିଆ ଗଛଗୁଡିକରୁ ଶୁଖିଲା ନଡିଆ ତ ଅନେକ ସମୟରେ ଖସେ । ମୁଣ୍ଡ ଉପରେ ନଡିଆ ଖସି ପଡିଲେ ଆଘାତ ହେବ । ସେଇଥି ପାଇଁ ରାସ୍ତା ଧାରରୁ ନଡିଆ ଆଗରୁ ପାରିଦିଆଯାଇଥାଏ । ଭିତର ଆଡକୁ ନଡିଆ ଗଛରୁ ନଡିଆ ଶୁଖି ମନକୁ ମନ ଖସିପଡେ । ଏମିତି ଥରେ ତ ନଡିଆଟିଏ ଆଜବେଷ୍ଟସ ବାରଣ୍ଡା ଉପରେ ଖସି ପଡିଥିଲା ଓ ଛାତରେ ସାମନ୍ୟ କଣା ହୋଇଯାଇଥିଲା । କାଳେ ପାରାମାନେ ଡରିଯିବେ ଭାବି ସେମାନେ ସାଙ୍ଗେ ସାଙ୍ଗେ ପୁରା ଛାତ ନବଦଳାଇ ସେହି ଯାଗାକୁ ସାମାନ୍ୟ ମରାମତି କରିଦେଇଥିଲେ ।

ଅସୀମ ଆଉ ଦିନେ ଶୋଭନାଙ୍କ ଠାରୁ ଜଲଦି ଉଠିଯାଇଥିଲେ । ସେ ଭିତର ରାସ୍ତାରେ ଟିକେ ଚାଲିଲେ । ବାହାରେ ରାଜରାସ୍ତା ଦେଖାଯାଉଥିଲା । କେହି ଲୋକ ନଥିଲେ । ଏମିତିବି କ୍ୟାମ୍ପବେଲ ବେରେ ଲୋକ ସଂଖ୍ୟା ବହୁତ କମ । ସଂପୂର୍ଣ ଦ୍ୱୀପରେ ଲୋକସଂଖ୍ୟା ଏଇ ଆଠ ଦଶ ହଜାର ହେବ କି ନାହିଁ ସନ୍ଦେହ । ତେଣୁ ରାସ୍ତାରେ ବେଶି ଗାଡି ବା ଲୋକ ଦେଖାଯାଏନି । ଘର ଆଗରେ ବଡ ଗ୍ରାଉଣ୍ଡରେ ପତାକା ଉତ୍ତୋଳନ ହୁଏ ବା କିଛି ବଡ ପର୍ବ ପର୍ବାଣି ପାଳିତ ହୁଏ । ବାହାରେ ଅନେକ ପକ୍ଷୀ ଡାକୁଥିଲେ । ପାରାମାନେ ଘରର ବାରଣ୍ଡା ଆଡକୁ ଥିଲେ । ଅସୀମଙ୍କ ଆଖି ସେମାନଙ୍କ ଛୋଟ ସାଇଡ ଗେଟ ଆଡକୁ ଲମ୍ବି ଯାଉଥିଲା । ଗାଡିରେ ଆସୁନଥିବା ଲୋକମାନେ ସେ ରାସ୍ତା ଦେଇ ଭିତରକୁ ଆସନ୍ତି । କିଛି ସମୟପରେ କେହି ଜଣେ ତ ସେ ଗେଟ ଦେଇ ଆସିଯିବ ଆଉ କେଁ ଶବ୍ଦ ହେବା କ୍ଷଣି ଅସୀମଙ୍କ ଆଖି ସେପଟକୁ ବୁଲିଯିବ ।

ଏକ ସୁନ୍ଦର ଥୋପା ଗୋଲାପ ଫୁଲ ଫୁଟିଥିଲା ଗଛରେ । ସତେଜ, ବେଶ ସୁନ୍ଦର । ଗୋଲାପର ପାଖୁଡାମାନ ମନୋହର ଲାଗୁଥିଲା । ଗାଢ ଗୋଲାପୀ ରଙ୍ଗ, ଗୋଟାଏ ବି ପାଖୁଡା ମଉଳିନି । ପାଖରେ ପ୍ରାୟ ଫୁଟିବା ଫୁଟିବା ହେଉଥିବା କଳୀଟିଏ । ଅସୀମଙ୍କ ଇଚ୍ଛା ହେଉଥିଲା ଶୋଭନାଙ୍କୁ ଏକ ଫୁଟିବା ଫୁଟିବା ହେଉଥିବା ଗୋଲାପ ଫୁଲ ଭେଟି ଦିଅନ୍ତେ ଆଉ କୁହନ୍ତେ- 'ତୁମେ ଜୀବନର ଗୋଲାପ କଳିକା । ଗୋଲାପ ଭଳି ସୁନ୍ଦର ଆଉ ମହକୁ ଯେ ଅଛ ।' ଶୋଭନଙ୍କ ମୁହଁ ଲାଲ ପଡିଯାଆନ୍ତା । ଏକ ଫୁଟନ୍ତା କଢି ଫୁଟିଲା ପରି ସେ ହସିଉଠନ୍ତେ ଆଉ ପ୍ରତିଟି ଗଛରେ ଲାଗନ୍ତା ଯେମିତି ଗୋଲାପର କଢିମାନ ଫୁଟିଯାଇଛି ।

ISSN NO.
2582-208X

ରାସ୍ତାର କଡ ଆଡକୁ ସେମାନେ ଏକ ଛୋଟ ହ୍ୟାଙ୍ଗିଙ୍ଗ ଫ୍ଲାଓାର ପାଇଁ ଶେଡ ବନାଇଛନ୍ତି । ଉପର ପତ୍ର ଛାଉଣୀ । ସେ ଭିତରେ ଅନେକ ହ୍ୟାଙ୍ଗିଙ ପଟମାନ ଝୁଲୁଛି । ଏଠାକାର ଅର୍କିଡ ବା ସେହି ଜାତୀୟ ଦ୍ରଷ୍ଟାପ୍ୟ ଗୁଳ୍ମମାନ ସେଥିରେ ଲାଗିଛି । ଫୁଲ ଫୁଟିଲେ ଚମତ୍କାର ଲାଗେ । ଅର୍କିଡ ଫୁଲମାନ ବହୁଦିନ ଧରି ତାଜା ରୁହେ । ବେଶି ରକ୍ଷଣାବେକ୍ଷଣର ଆବଶ୍ୟକ ନାହିଁ । କିନ୍ତୁ ସ୍ଥାନଟା ମଏଷ୍ଟ ବା ଓଦାଳିଆ ହେବା ଆବଶ୍ୟକ । କ୍ୟାମ୍ପବେଲ ବେ ଜଙ୍ଗଲରେ ଅନେକ ଅନେକ ପ୍ରକାରର ଅର୍କିଡ ଅଛି । ସେମାନେ ଅର୍କିଡ ସଂଗ୍ରହ କରିଚାଲିଛନ୍ତି । ଏ ଜାଗାଟା ଦିନେ ଏକ ଅର୍କିଡୋରିଅମ ପରି ହୋଇଯିବ ।

ବଗିଚାରେ କିଛି ଥୋପା ହଳଦିଆ ଫୁଲ ଥିବା ଗୁଳ୍ମ ଠାଏ ଠାଏ ଲାଗିଥିଲା । ପତ୍ରଗୁଡାକ ସରୁ, କିନ୍ତୁ ଅନେକ ଅନେକ ଫୁଲ ଥିଲା । କିଛି ଡାଳ ଭିତରେ ଛୋଟ କଳା ଚଢେଇଟିଏ ମୁଣ୍ଡ ଟୁଙ୍ଗାରୁଥିଲା । ଅର୍କିଡ ଶେଡ ପାଖରେ ଅନେକ ଲାଲ ମନ୍ଦାର ଗଛଥିଲା । ସେଥିରେ ଥିଲା ଲାଲ ଲାଲ ମନ୍ଦାର ଫୁଲ, ସେଥିରୁ ତଳକୁ ଝୁଲୁଥିଲା କେଶର । ମନ୍ଦାରର କେତେ ପ୍ରଜାତି ଗଛ ଅଛି । ଅସୀମଙ୍କୁ ଲାଲ ମନ୍ଦାର ଫୁଲ ଭଲଲାଗେ । ଏକ ସନବାର୍ଡ ଝୁଲିଯାଇ ସେ ଫୁଲରୁ ଖାଇବା ଖୋଜିନେଉଥିଲା । ସନବାର୍ଡମାନେ ଆକାରରେ ଅତି ଛୋଟ । ବେଳେବେଳେ ଚଢେଇଟି ମନ୍ଦାର ଗଛର ପତ୍ରରେ ବି ଠିଆ ହୋଇଯାଉଥିଲା । ତା'ର ଲମ୍ବା ଚଂଚୁ ଫୁଲରୁ ମହୁ ସଂଗ୍ରହ କରିବା ପାଇଁ ଉପଯୁକ୍ତ । ପକ୍ଷୀଟି ମୋଟେ ସ୍ଥିର ହେଉନଥିଲା, ଏପଟ ସେପଟ କରି ମୁଣ୍ଡ ହଲାଉଥିଲା । ଅସୀମ ଛୋଟ ଚଞ୍ଚଳ ପକ୍ଷୀଟିକୁ କିଛି ସମୟ ନୀରବରେ ଅନାଇ ରହିଲେ । ଶେଷରେ ତା'ର ଲମ୍ବା ସରୁଆ ଚଂଚୁ ଶେଷରେ ଓହଳି ପଡିଥିବା ଏକ ଫୁଲ ପାଖରେ ପହଞ୍ଚିଗଲା ।

ଅସୀମ ଘରକୁ ଫେରି ଅନାଇଲେ । ଗଛ ଭିତରେ ଘରଟି କିଛି ଅସାଧାରଣ ଦିଶୁନଥିଲା ବା ବିଶାଳ ଲାଗୁନଥିଲା । ଲମ୍ବା ନଡିଆଗଛମାନ ଲାଲ ତ୍ରିଭୁଜାକାର ଟିଣ ଛାତ ଥିବା ଘର ଉପରେ ବହୁ ଉଚ୍ଚରେ ଡାଳ ମେଲାଇଥିଲେ । ଦୁଇଧାରରେ ଫୁଲଗଛମାନ ରାସ୍ତା ଉପରକୁ ମାଡି ଆସିଥିଲା । ସେମାନଙ୍କର ବଡ ସବୁଜିଆ କଳା ଆଉ ଧଳା ଛାତଥିବା ବଡ ଜିପ ପୋର୍ଟିକୋରେ ଠିଆ ହୋଇଥିଲା । ଘରର ମୁଖ୍ୟ ଦ୍ୱାର ଖୋଲାଥିଲା ଆଉ ଲମ୍ବା ପରଦାମାନ ଝୁଲୁଥିଲା । ଘର ଦୁଆର ମୁହଁରେ ଥିଲା ଏକ ଇଲେକଟ୍ରିକ ସୁଇଚବକ୍ସ । ସୁଇଚ ବକ୍ସକୁ ପଟା ଦେଇ ବନ୍ଦ କରିଦିଆ ଯାଇଥିଲା । ଫଳରେ ଏକ ଛୋଟ ବାକ୍ସ କାନ୍ଥରେ ତିଆରି ହୋଇଯାଇଥିଲା । ସେହି ଛୋଟ ବାକ୍ସକୁ ଏକ ଧଳା ପାରା ଅଧିକାର କରିଥିଲା । ସେ

ISSN NO.
2582-208X

ସେଇଠି ଟିକେ ବୁଲୁଥିଲା, ପୁଣି ବସିଯାଉଥିଲା । ବୋଧେ ନିଜ ଘର ତିଆରି କରିନେଇଛି । କିଛି ସମୟ ବୁଲିବାପରେ ପେଟେଇ ବସିଯାଇ କଳା କଳା ଆଖିରେ ବାହରକୁ ଅନାଇଲା । ତା'ର ଥିଲା ଦାଗ ନଲାଗିଥିବା ଧଳା ରଙ୍ଗ ଆଉ ଏକ ଚୋଟ ଚଂଛୁ ।

ପୋର୍ଟିକୋରେ ଚିଲ ଖେଳୁଥିଲା । ଚିଲ ହେଉଛି ଅସୀମଙ୍କର ପ୍ରିୟ କୁକୁର । ଚିଲ ଅସୀମଙ୍କ ଘରକୁ ନିଜର ଅଧିକାର କ୍ଷେତ୍ର ଭାବେ । ସବୁ କୁକୁରଙ୍କର ଏକା ସ୍ୱଭାବ । ମାଲିକର ଘରଟା ତାଙ୍କର ଅଧିକାର କ୍ଷେତ୍ର । ଚିଲର ରଙ୍ଗ ଉଜ୍ଜ୍ୱଳ କଳା । ଦେହରେ ସାମାନ୍ୟ ଲମ୍ବା ବାଳ । ଆଉ ଲାଙ୍ଗୁଳଟା ବେଶ ମୋଟା । ଚିଲ ମୋଟେ ସାଧାରଣ କୁକୁର ଲାଗେନା । ସେ ଖେଳପ୍ରିୟ । ତା'କୁ କିଛି ନା କିଛି ଦରକାର ଖେଳିବା ପାଇଁ । କୁକୁରମାନେ କାମୁଡା କାମୁଡି ହୋଇ ଖେଳନ୍ତି । ସେ କାମୁଡା ମାଂସ ଛିଡେଇବା କାମୁଡା ନୁହେଁ । ସେମାନଙ୍କର ତ ହାତ ନାହିଁ, ଆଗଗୋଡ କିଛି ଧରି ଉଠାଇ ପାରେନା । ତେଣୁ ମୁହଁ ଧରି ସେମାନେ ଯାତାୟାତ କରନ୍ତି । ଚିଲ ପେଟେଇ ପଡି କିଛି କାମୁଡୁଥିଲା । ତା' ଦୁଇ ଆଗଗୋଡ ଆଗକୁ ଲମ୍ବିଯାଇଥିଲା ଆଉ ଲାଙ୍ଗୁଡଟା ପଛୁଆ ହୋଇ ହଲୁଥିଲା । ସେ ସାମାନ୍ୟ ଗୁଁ ଗୁଁ ହେଉଥିଲା, ନିଜ କାମକୁ ନିଜେ ତର୍ଜ୍ଜମା କରୁଥିଲା ଯେମିତି ।

ଅସୀମ ଭଲକରି ଅନାଇଲେ । ଚିଲ ପ୍ରକୃତରେ ଏକ ଛୋଟ ନଡିଆ ଗୋଟମାକୁ ନେଇ ଆସିଥିଲା । ନଡିଆ ଗୋଟମା ଆକାରରେ ଛୋଟ, ଏକ ଛୋଟ ବଲ ପରି । ନରମ, ସହଜରେ କାମୁଡି ହୁଏ । ତେଣୁ ଚିଲର ଖେଳିବା ପାଇଁ ଏକ ବଲ ମିଳିଯାଇଥିଲା । ସେ କାମୁଡୁ କାମୁଡୁ ତା' ମୁହଁରୁ ଗୋଟମା ଖସିଗଲା । ଚିଲ ତା' ଉପରକୁ ଡିଆଁ ମାରିଲା । ଜିନିଷଟା ମୁହଁରୁ ଖସି ନଯାଉ । କିନ୍ତୁ ତା' ଗୋଡବାଜି ଚିକ୍କଣିଆ ଗୋଟମା ପୁଣି ଗଡିଗଲା ଆଉ ଚିଲ ଏଥର ସିଧା ଲକ୍ଷ୍ୟକରି ତା' ଉପରକୁ ଡେଇପଡିଲା ଓ ମୁହଁରେ ଗୋଟମାକୁ ଧରିନେଲା । ତା' ଡେଇଁବାଟ ବେଶ ମଜାଦାର ଥିଲା ଯେମିତି ଏକ ଡଙ୍ଗାରେ କିଏ ଉପର ତଳ ହେଉଛି । ମୁଣ୍ଡ ତଳକୁ ନଇଁଯିବ, ପୁଣି ଉପରକୁ ହୋଇଯିବ । ଶେଷରେ ନଡିଆ ଗୋଟମାକୁ ନିଜର ଦୁଇଗୋଡ ମଝିର ଧରି ଚିଲ ତା'କୁ କାମୁଡିବାକୁ ଲାଗିଲା । ନିଜ ଦାନ୍ତ ଆଉ ମାଢିକୁ ଶକ୍ତ ରଖିବା ପାଇଁ କୁକୁରମାନଙ୍କର କିଛି କାମୁଡିବା ଆବଶ୍ୟକ ଅଛି । ଏମିତି ଖେଳୁ ଖେଳୁ ଚିଲ ଥକିଗଲା ଆଉ ନଡିଆ ଗୋଟମାକୁ ଛାଡିଦେଲା । ଅସୀମ ଜାଣି ତା' ପାଖକୁ ଆଉ ଏକ ଛୋଟ ନଡିଆ ଗୋଟମାଟିଏ ଫୋପାଡି ଦେଲେ । ଚିଲ ପୁରୁଣା ଗୋଟମା ଛାଡି ନୂଆ ଗୋଟମା ଆଡକୁ ଧାଇଁ ଆସିଲା । କିଛି ସମୟ ପାଇଁ ତା'କୁ ଆଉ ଏକ ଖେଳର

ISSN NO.
2582-208X

ଉପକରଣ ମିଳିଗଲା । ତା' ପାଟି ଭିତରେ ନୂଆ ନଡିଆ ଗୋଟମାଟା ଚିପି ହୋଇ ରହିଥିଲା। ସେ ସେମିତି ତା'କୁ ଆଗ ଗୋଡ ମଝିରେ ଧରି କାମୁଡୁଥିଲା, ଗୋଟମା ଖସିଗଲେ ତା' ପଛରେ ଧାଉଁଥିଲା ଆଉ ପୁରୁଣା ଗୋଟମାଟି ସେମିତି ଚଟାଣରେ ପଡି ରହିଥିଲା । ସମସ୍ତଙ୍କୁ ଖେଳିବା ପାଇଁ ନୂଆ ଜିନିଷ ଦରକାର ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

@@@

ମୁକ୍ତେଶ୍ୱର – ଭାଗ ୧ ଏବଂ ଭାଗ ୨


https://youtu.be/lGTqCZQ4qsI

https://youtu.be/6oPNIhjkoOU

Please like & Subscribe this video

ISSN NO.
2582-208X

# ଜଳ ସମୀକରଣ



ଇଂ. ସୁଶାନ୍ତ କଶୋର ବଳ

*ଆମେ ଯେତେ ଧରିତ୍ରୀ ବାସୀ*
*ଯେବେ ନେଇଥାଉ ବଂଧୁଠୁଂ ଉଧାର*
*ଫେରାଇଲା ବେଳେ କରୁ ହିଚକିଚ୍*
*ସତେକିସେ ମାଗୁଛି ଉଲଟାତମକୁ ଧାର ?*
*ବହୁକଷ୍ଟେ ଆମେ ଥାଉ ଫେରାଇ*
*ମଂଦିରେ ଯାଏସେ ନଡିଆ ବାଡେଇ .*
*ଏଟି ଆମ ଗର୍ବୀତ ଧରାର ଚିର ନୀୟମ*
*ଏହାକୁପାଳି ଆମେହେଇଥାଉ* *ମହୀୟାନ.*

*ହେଲେ ପ୍ରକୁତିକୁ ଟିକେ ଭଲକି ନୀରିଖ*
*କିପରି କରେ ସେ ଉଧାର ଫେଡଣ .*
*ଘୋର ନୀଦାଘରେ ତପ୍ତ ବାୟୁମଣ୍ଡଳେ*
*କରିଥାଏ ନୀରବେ ତା' କର୍ତବ୍ୟ* *ସମାପନ.*
*ହ୍ରଦ, ହ୍ରାଦିନୀ, କୂପ, ସରୋବରୁ ନେଇଥାଇ*
*ଶୋଷି ଆକଂଠ ଜଳୀୟ କଣା .*
*ସେହି ଜଳୀୟ ବାଷ୍ପକୁ ଆକାଶେ ଏକଜୁଟ କରି*
*ତିଆରିକରେ ମେଘାଡମ୍ବର .*
*ବରଷାଦିନେ ବାରିଧ ରୂପେ ସହାସ୍ୟେ*
*ବର୍ଷଣକରେ ଧରିତ୍ରୀରେ ଅନବରତ ଅକୁଂଠେ ମୁସଳ ରୂପେ ଅମାପ ଜଳଧାର*.
*ସେହି ପାଣିପାଇ ପୁନଃ ଭରିଉଠେ*

ISSN NO.
2582-208X

*ଖାଲବିଲ, କୂପ, ତଟିନୀ, ଜଳାଶୟ .*
*ନୂଆପାଣି ପାଇ ଭରିଉଠେ ଖେତଖଳିୟାନ,*
*ସବୁଜଲହର ଖେଳଇ ରଂଗବୈଭବେ*
*ହୋଇଥାଏ ନବକୁଆଂ ଅଂକୁରୋଦଗମ .*
*ବନସ୍ତ,କାନନ, ବୃଖ୍ୟ, ତରୁଲତା*
*ଢଂକିତେ ଆପାଦ ମସ୍ତକ ସବୁଜବସ୍ତ୍ର .*
*ରଜ ମଉସୁମେ ହୁଏ ବସୁମତି ପୂଜନ ,*
*ସିଂଦୂର ପୁଷ୍ପେ ଶୀଳ ଅବଗାହନ.*
*ପରିହାରୀ ଦୀରିଘ, ଶୟନ ସୁସ୍ତତା*
*ଆଦ୍ୟ ବରଷାକୁ କରି ଅଭିନଂଦନ*
*ଚାଷୀଭାଇ ଧରି କଂଧେ ହଳଲଂଗଳ*
*ବେଗେଧାଇଂଥାଏ କରିବାକୁ ଜମିକର୍ଷଣ.*
*ମୂସଳବର୍ଷାରେ ଥାଇ 'ପଖିଆ' ଭରୋଷେ*
*ଚାଷୀକରେ ଆଂଠୁଏ ପାଣିରେ ବେଉଷଣ.*

*ଏସବୁଥିରେ ଦରକାର ମହାର୍ଘ ସ୍ୱର୍ଗନୀର*
*କରିହୁଏନି ବାହୁଲ୍ୟ ତାର* *ଉପାଦେୟତା .*
*ଯେତିକି ଜଳକଣା ମେଘେ ମିଶିଥାଏ*
*ଫେରସ୍ତ ଦିଏ ସେ ଦୁଇଗୁଣ ତାର*
*ନରହେ କେଭେସେ କସ୍ମୀନ ଧାରୁଆ !*

*ମେଘାର ଏହି ହୃଦୟ ବଲ୍ଲଭତା*
*ନୁହେଂକି ଆମ ଧରାବାସୀଂକ ଶିଖ୍ୟଣୀୟ ?*
*ଧାର ନସୁଝିଲେ ଚ଼ାଲିକି ପାରିବୁ ଆମେ*
*ଧରାରେ ସଗର୍ବେ ମଥାଟିକୁ ଟେକି ?*
*ତଥାପି ଯଦି ବେଲଞ୍ଜେ୍ୟ ଆମେ*
*ନୀଶଫୁଲାଇ କଥାକହୁଥିବୁ ରାଜଦାଣ୍ଡେ*
*ଲୋକେକହିବେନି ତକ୍ତଲଜ୍ୟ ଅବିବେକୀ ?*

କଟକ

ISSN NO.
2582-208X

# ଉଆଁସୀ ରାତି



ଡଃ ମାଙ୍ଗଳିକା ମହାପାତ୍ର

ଉଆଁସୀ ରାତିର ମଲା ଜହ୍ନ ନେଇ
ବସନ୍ତ ଆଜି ଫେରିଛି...
ବୈଶାଖୀର ତତଲା ଝାଞ୍ଜି ଦେଇ
ମଳୟ ଆଜି ବୋହୁଛି...

ଯନ୍ତ୍ରଣାର ବିବିଧ ରଙ୍ଗରେ
କୋହର ଶଙ୍ଖ ନାଦରେ

ତୁମକୁ ମୁଁ ଆଜି ଖୋଜୁଛି
ମନ ଖୋଲି ସତ କହୁଛି
ତୁମ କଥା କାଇଁ ଆଜି
ମୋର ଭାରି ମନେ ପଡୁଛି...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଶୀତ



କୁଞ୍ଜବିହାରୀ ରାଉତ

ଶୀତ ଆସିଛି ମୋ ସହରକୁ
ଏବେ ନୂଆନୂଆ ହୋଇ
ଜୀବନ ଜଞ୍ଜାଳ ରୋଗ କ୍ଳେଶରୁ
ସେ ତ ମୁକ୍ତି ଦେବାପାଇଁ
ଗ୍ରୀଷ୍ମ ବର୍ଷା ପରେ ଶୀତ ଆଣିଛି
ବଞ୍ଚିବାର ନୂଆ ରାହା
ସଞ୍ଜ ସକାଳେ ପ୍ରକୃତି ହସୁଛି
ବହେ ସୁଲୁସୁଲୁ ବାଆ
ପାର୍ବଣ ସମ୍ଭାର ଆଣିଅଛି ଶୀତ
ଏବେ ରାଜୁତି କରୁଛି
ବନ ମହୋତ୍ସବ ବଂଧୁମିଳନରେ
ସହର ଉଠୁଛି ପଡୁଛି
ଆଉ କିଛି ଦିନ ପରେ ଚାଲିଯିବ ଶୀତ
ଛାଡିଯିବ ତାର ସ୍ମୃତି

ଛକ ଆଉ ଚା ରେ ହେବନି ଆସର
ସରିଯିବ ସୁଖ ରାତି
ଭାଇଚାରା ସହ ସହାବସ୍ଥାନ
ଶୀତ ଦେଇଥିଲା ଆଣି
ଶୀତକୁ ଏବେ ସହର ଝୁରୁଛି
ରଚିଛି ନୂଆ କାହାଣୀ
ଶୀତ ଏବେ ନୂଆ ବୋହୁ ପରି
ଲୁଚିଛପି ଯେବେ ଆସୁଛି
ଖୁସିର ବାର୍ତ୍ତାକୁ ପ୍ରସାରି ଏବେ ସେ
ଚୁପିଚୁପି ହୋଇ ହସୁଛି..

ପ୍ଲଟ-୧୪୮/୫, କନ୍ଟ୍ରାକ୍ଟର କଲୋନୀ, ହମିରପୁର
ରାଉରକେଲା-୩, ମୋ=୯୦୯୦୦୯୦୨୨୫

ISSN NO.
2582-208X

# ଶୀତକୁ ସ୍ୱାଗତ



ଅଦ୍ୱୈତ କୁମାର ସାମନ୍ତରାୟ

ଦେବକନ୍ୟା ତୁମେ   ମନର ମାନସୀ
ମରତ ଲୋକରେ ବିଳାସ ପାଇଁ
ଦେବ ଭୂମି ଛାଡି   ଚଳ କ୍ଷିପ୍ର ପଦେ
ବରଷକେ ଥରେ ଆସିଛ ଧାଇଁ

ସହଜେ ସୁଶୀଳା   ଗୌରୁ ପ୍ରେମଶୀଳା
ବ୍ରୀଡା ସଙ୍କୋଚ ରେ ମଥାକୁ ଭରି
ଅନନ୍ତ ଆକାଶେ   ରଚ ଅଭିସାର
ତେଜି ଆସିଅଛି ସରଗ ପୁରୀ

ଦିବସେ ନଆସି   କୋମଳାଙ୍ଗି କନ୍ୟା
ତପନ ର ତେଜ ସହି ନପାରି
ଯାମିନୀ ତମିସ୍ରା   ଭେଦି ଅନୁକ୍ଷଣେ
ଛପି ଛପି ତୁମେ ଆସିଲ ଥରି

ଆସିବା ସମୟେ   ମେଲ୍ଣି ବାଢିଲେ
ଦକ୍ଷ କୁମାରୀ ଯେତେ ସହଚରୀ
ଅଳପ ଆଲୋକେ   ପଥ ଦେଖାଇଲେ
ଅମର ଧାମରୁ ମରତ ପୁରୀ

ଲାକ୍ଷା ସିକ୍ତ ପଦ   ସୋପାନ ଭ୍ରମରେ
ହିମାଂଶୁ ବକ୍ଷରେ ରଖିଲ ସାଜି
ଯୁଗ ଯୁଗ ପାଇଁ   କଳଙ୍କ ରହିଲା
ବିମଳ ସୁଧାଂଶୁ ଲପନେ ଆଜି

ସୁର ମନ୍ଦାକିନୀ   ଚୈତ୍ରରଥ ବନ
ପୁଷ୍ପ ପାରିଜାତ ବିତାନୁ ଝରେ
ତେଜି ଶକ୍ରପୁରୀ   କାହିଁକି ଆସିଲ
କିବା ଅଛି ଆମ ମରତ ପୁରେ

ଦେଖଦେଖ ସଖି   ପର୍ବତ ମୁକୁଟ
ଅସ୍ତାଚଳେ ଯହିଁ ଶଶାଙ୍କ ହସେ
ବହୁଛି ତଟିନୀ   ବନ ଭୂମି ଭେଦି
ଏ ଶୋଭା ବା କାହିଁ ତୁମରି ଦେଶେ

କ୍ଷଣେ ରହି ଯାଅ   ସେ ଗିରି ଶିଖରେ
ଦୂର ପଥ ଶ୍ରମ ଯିବଟି ଭାଜି
ବୃନ୍ତରେ କଳକା   ଫୁଟିବ ତାମସେ
ତୁମରି ନହାର ପରଶ ବାଜି

ISSN NO.
2582-208X

ତଡାଗେ ନଳନୀ   ହଜି ଯାଇ ଅଛି
କଦମ୍ବ ହସୁନ ବିଟପ ଶିରେ
ସ୍ୱାଗତ ଗୀତିକା   ଗାଉଛି ଝିଲ୍ଲୀକା
ତମାଳ ବନେ ରାତି ତାମସୀ ରେ

ନାହିଁ ପରଭୃତ   ଉଷା ଆଗମନୀ
ମେହେର କଳ୍ପନା ପାଇବି କାହିଁ ?
ପ୍ରଣୟିନୀ ବାର୍ତ୍ତା   ଅଭିଶପ୍ତ ଯକ୍ଷ
ମେଘଦୂତେ ପରା ଯାଇଛି କହି

ସୁକୁମାରୀ ତନୁ   ବିଦେହ ତନୟା
ନାହାନ୍ତୁ ଏକାକ ଅଙ୍ଗନେ ମୋର
କର ପଲ୍ଲବରେ   ବୃଥା ହେଲା ମୁକ୍ତା
ବୃଥା ସେ ତୁମର ମୁକ୍ତା ର ହାର

ଏ ରାତି ନଶିଥେ   ସରଗ ପୁରୀରୁ
ତବ ଆଗମନୀ ପାଉନ ଶୋଭା
ଆକାଶେ ତାରକା   କ୍ଷଣେ ଲିଭୁଛନ୍ତୁ
ପରାଚୀ ଦିଗନ୍ତେ ଅରୁଣ ବିଭା

ତବ ସ୍ନେହ ରସ   ନହାର ବିନ୍ଦୁରେ
ହସୁଛି ଦେଖ ଏ ଜଗତ ସାରା
ମନ୍ଦାର ଟଗର   ଦେଖ ଫୁଟିଲେଣି
ବିହଙ୍ଗ କାକଳ ଶୁଭୁଛି ପରା

ସାମାନ୍ୟ ପ୍ରୟାସ   ସ୍ୱାଗତ ପାଇଁକ
ଭୁଲିବନ ସଖି ଜୀବନେ କେବେ
ଲେଖି ବସିଲେତ   ଅନେକ କହିବି
କଏବା କାହିଁକ ପଢିବ ଭବେ

ମାଘ ମାସ ଶେଷେ   ବସନ୍ତ ପ୍ରବେଶେ
ଜାଣିଛି ଫେରିବ ସରଗ ପୁରୀ
କବିତା ମୋହର   ନେଇ ଯିବ ସାଥେ
ପଢ଼ିବେ ସ୍ୱର୍ଗେ ତବ ସହଚରୀ

ମନେ ରଖ ସଖି   ଭୁଲିବନ କେବେ
ଏ ମରତ ନୁହେଁ ସରଗ ଭୂଇଁ
ଜୀବନ ଦୀପାଳୀ   ଲିଭିଲିଭି ଯାଏ
କଏବା ରହିଛି ଏଠାରେ କାହିଁ ?

ଲିଭିଯିବି ମୁହିଁ   ହଜିବ କବିତା
ପଢ଼ିବାକୁ କେହି ରହିବେ ନାହିଁ
ତଥାପି ଆସିବ   ବରଷକେ ଥରେ
ତୁମ ପାଇଁ ରାଣ ରଖିଲି ମୁହିଁ

ଦକ୍ଷ କନ୍ୟା – ଦକ୍ଷ ପ୍ରଜାପତି ଙ୍କ ୨୭ କନ୍ୟା ଚନ୍ଦ୍ର ଙ୍କୁ ବିବାହ କରି ଆକାଶ ରେ ନକ୍ଷତ୍ର ରୂପେ ରହିଛନ୍ତୁ

ଚୈତ୍ରରଥ – କୁବେରଙ୍କ ଉଦ୍ୟାନ ର ନାମ ଚୈତ୍ରରଥ

ଦୂରଭାଷ – ୭୯୭୮୧୩୩୮୦୮

ISSN NO.
2582-208X

# ଝୁଲନ୍ତା ଚକ



ଡକ୍ଟର ବିଜ୍ଞାନୀ ଦାସ

ରାତି ବାରଟା । ମୁଖ୍ୟ ରାସ୍ତା ହାଇୱେ ୧୬, ଜାଆଁଳା-ଭୁବନେଶ୍ୱର ରୋଡ୍ ରେ ଗଣିଦେବା ଭଳି କେତୋଟି ଗାଡି ଯିବାଆସିବା କରୁଥିଲେ । ଝିଆରୀର ଡ୍ରାଇଭର୍ ଅତନୁ ଗାଡି ଚଲାଉଥିଲା । ସେମାନେ ଭୁବନେଶ୍ୱରର ପଟିଆ ପଟୁ ଆସୁଥିଲେ । ଡ୍ରାଇଭର୍ ତ ଜି.ପି.ଏସ୍ ଲଗେଇଥିଲା, ହେଲେ ବୋଧହୁଏ ସିଏ ରାସ୍ତା ଭୁଲିଗଲା କି କଣ ? ସେମାନେ କିଛିଦୂର ଆଗକୁ ଚାଲିଗଲେ । ତାପରେ ପୁଣି ଯେତେବେଳେ ଡ୍ରାଇଭର୍ ଅନ୍ୟଦିଗରୁ ଗାଡି ଫେରେଇ ଆଣିଲା, ସେତେବେଳେ ବାମ ପଟରେ "ଚନ୍ଦ୍ରିକା ମାର୍ବଲ ଗ୍ରାନାଇଟ୍ ମାର୍ଟ' ଦୋକାନ ଦେଖି ଛନ୍ଦା ଜାଣିପାରିଲା । ଡ୍ରାଇଭର୍‌କୁ କହିଲା, "ଏବେ ଟିକେ ପଛକୁ ନିଅ । ପଛକୁ ନେଇ ତାପରେ ବାମକୁ ଯିବ । ଭୁବନେଶ୍ୱର ଦିଗରୁ ଗାଡି ଆସୁଥିଲେ, ଆମେ ଟିକେ ଆଗରୁ ମେନ୍ ରୋଡ୍‌ରୁ ବାହାରି ଆସୁ ଓ ଏ "ଚନ୍ଦ୍ରିକା ମାର୍ବଲ ଗ୍ରାନାଇଟ୍ ମାର୍ଟ' ଦୋକାନ ପରେ ଡାହାଣ ରାସ୍ତା ନେଉ ।'

ଡ୍ରାଇଭର ପଛକୁ ଗାଡି ଚଲେଇ ବାମକୁ ଦେଖିଲା ହେଡ୍‌ଲାଇଟ୍‌ର ଆଲୁଅରେ କୁଞ୍ଜ ବିହାର ବୋଲି ଲେଖା ହୋଇଥିଲା । ଏବେ ଛନ୍ଦା କହିଲା, "ହଁ, ଏହି ରାସ୍ତା । ସେମିତିରେ ତ ରାସ୍ତା ଏତେ ଭଲ ନୁହେଁ । ହେଲେ ଯିବାଆସିବା ଚାଲିଛି ।'

ଡ୍ରାଇଭର୍ ଗାଡି ବଙ୍କେଇ ସେ ପାର୍ଶ୍ୱ ରାସ୍ତାକୁ ନେବାକୁ ଯାଉଛି ତ ତାର ଆଗପଟ ବାମ ଚକାଟି ଶୂନ୍ୟରେ ଦୋହଲିବା ଭଳି ଲାଗିଲା । ଗାଡି ଆଉ ଆଗକୁ ଗଲାନି କି ପଛକୁ ବି ଚାଲିଲାନି । ଖାଲି ଇଞ୍ଜିନ୍ ଘର୍‌ର, ଘର୍‌ର ହୋଇ ଯାହା ଶବ୍ଦ କରୁଥିଲା । ଡ୍ରାଇଭର୍ ଗାଡି

ISSN NO.
2582-208X

ବନ୍ଦ କରି ବାହାରକୁ ଗଲା । ଚକାର ପରିସ୍ଥିତିକୁ ଦେଖି ତାର ବୁଦ୍ଧି ବି ବଣା ହୋଇଗଲା । କଥାହେଲା ଯେ ସେଇ ରାସ୍ତା ତଳେ ଗୋଟିଏ କେନାଲ ପ୍ରବାହିତ ହେଉଛି । ଧୂଳି, ଗୋଡି ପକେଇ ସେ ଅସ୍ଥାୟୀ ରାସ୍ତାଟି କରାଯାଇଛି ସତ, ହେଲେ ଟିକେ ଭୁଲ୍ ହୋଇଗଲେ, ଟିକେ ଡାହାଣ କି ବାମକୁ ମାଡିଗଲେ, ଗାଡି କେନାଲ ଭିତରକୁ ଖସିଯିବାର ସମ୍ଭାବନା ଅଛି । ଭାଗ୍ୟ ଭଲ ଯେ ଗାଡିର ଅନ୍ୟ ତିନିଟି ଚକ ମାଟି ଉପରେ ଅଛି । କେବଳ ଗୋଟିଏ ଚକ ସେମିତି ଶୂନ୍ୟରେ ଦୋହଲିବା ଭଳି ରହିଛି ।

ଡ୍ରାଇଭର୍ କିଛି ଇଟା, ପଥର ସେ ରାସ୍ତାର ପାଖଆଖରୁ ଯେଉଁଠି ଯାହା ପାଇଲା ଆଣି ସେ ଶୂନ୍ୟରେ ଝୁଲି ରହିଥିବା ଚକ ଆଗରେ ପକେଇବାକୁ ଲାଗିଲା । ତାପରେ ଗାଡି ପୁଣି ଷ୍ଟାର୍ଟ କଲା । ହେଲେ ଗାଡି ସେମିତି ହିଁ ରହିଲା । ଆଗକୁ କି ପଛକୁ ଯାଇପାରିଲାନି । ଏପର୍ଯ୍ୟନ୍ତ ଛନ୍ଦା ଭିତରେ ବସିଥିଲା । ସିଏ ବାହାରକୁ ଆସି ଯେତେବେଳେ ସବୁକଥା ଦେଖିଲା, ତା ମୁଣ୍ଡ କଣ ହୋଇଗଲା । ଏଇଠାରୁ ଚାଲିକି ଗଲେ ସିଏ ହୁଏତ ସାତ, ଆଠ ମିନିଟ୍ ଭିତରେ ତା' ଭାଇର ଘରେ ପହଞ୍ଚିଯିବ । ହେଲେ ରାସ୍ତାରେ ଆଲୁଅ ନାହିଁ । ଦୁଇପଟ ଯାକ ବିଲ । ଏମିତି ସ୍ଥଳେ ଚାଲିକରି ଯିବା ସମ୍ଭବ ନୁହେଁ । ଯେଉଁ କେତୋଟି ଗାଡି ସେଇବାଟ ଦେଇ ଯାଉଥିଲେ, ଛନ୍ଦା ସେ ଗାଡିମାନଙ୍କ ଉଦ୍ଦେଶ୍ୟରେ ହାତ ହଲେଇଲା। ସେମାନେ କାହିଁକି ରହିବେ ? କେହି ଅଟକିଲେନି । କେହି ଦେଖିପାରୁଥିଲେ କି ନାହିଁ ବି ସନ୍ଦେହ । ଛନ୍ଦା ପଚାରିଲା, "ଏଠି କିଛି ଟ୍ରାଫିକ୍ ପୋଲିସ୍‌ଙ୍କ ନମ୍ବର ଅଛି କି ଆମେ ସାହାଯ୍ୟ ପାଇଁ ଡାକିପାରିବା ?'

ଡ୍ରାଇଭର୍ କହିଲା, "ନାଁ । ହେଲେ ପୋଲିସ୍‌କୁ ଡାକିଲେ ସେମାନେ ଆହୁରି ଝମେଲା କରିବେ।'

"କଣ ପାଇଁ ଝମେଲା କରିବେ ? ଏ ରାସ୍ତାଟା ସେମିତି ହେଇଛି । ରାତିରେ ଭଲଭାବେ ଦେଖା ବି ଯାଉନି । ଭୁଲ୍ ତ ହେଇଯିବ ନା ।'

ଡ୍ରାଇଭର୍ କହିଲା, "ଭୁବନେଶ୍ୱର ପୋଲିସ୍‌କୁ ବିଶ୍ୱାସ ନାହିଁ ଆଜ୍ଞା । ସେମାନେ ସାହାଯ୍ୟ କଣ କରିବେ, ଆହୁରି ସୁଯୋଗ ପାଇ ହଇରାଣ କରିବେ । କହିବେ, ମଦ ପିଇକରି ଗାଡି ଚଲାଉଥିଲୁ, ସେଥିପାଇଁ ଭୁଲ୍ କଲୁ । ତାପରେ ଟଙ୍କା ଫାଇନ୍ କରିବେ, ଜେଲ୍ ରେ ପୂରେଇବେ । ବହୁତ ହଇରାଣ କରିବେ ।'

ISSN NO.
2582-208X

ଛନ୍ଦା ଆଉ କଣ କହିବ । "ନଇକେ ବାଙ୍କ୍, ଦେଶକେ ଫାଙ୍କ୍ ।' ଏଇ ରାଜ୍ୟ ତାର ଜନ୍ମ ସ୍ଥାନ ହେଲେ ବି ସିଏ ଏ ରାଜ୍ୟର ଆଦବକାଇଦା ବିଷୟରେ ଅଜ୍ଞାନୀ । ବିଶେଷତଃ ଦୁନିଆଁ ଯେମିତି କ୍ଷିପ୍ରଗତିରେ ଆଗେଇଚାଲିଛି, ସେଠି ଛନ୍ଦାରେ ଅଭିଜ୍ଞତାରେ ଥିବା, ଗ୍ରାମ୍ୟ ଜୀବନ, ସହରୀ ଜୀବନ ସବୁ ଅନେକ ପରିମାଣରେ ବଦଳିଗଲାଣି । ତାପରେ ସତରେ ଯଦି ରକ୍ଷକ ଭକ୍ଷକ ହୁଏ, ତେବେ ମଣିଷର ଆଉ ଚାରା କଣ ? ବିଶେଷତଃ ଏ ସମୟରେ ଅର୍ଚ୍ଚନା ନାଗକୁ ନେଇ ଯେଉଁ ଭଳି ତଥ୍ୟ ସବୁ ଓଡିଶାର ସମସ୍ତ ସଂଚାର ମାଧ୍ୟମରେ ପ୍ରତିଦିନ ପ୍ରସାରିତ ହେଉଛି, ସେସବୁ ଘଟଣାବଳୀକୁ ନେଇ ଏବେ ସମସ୍ତଙ୍କର ଅଜଣା ବ୍ୟକ୍ତିମାନଙ୍କ ପ୍ରତି ଅବିଶ୍ୱାସ, ସନ୍ଦେହ ଘନୀଭୂତ ହେଉଛି । ଏମିତି ଅର୍ଦ୍ଧରାତ୍ରିରେ ଜଣେ ଡ୍ରାଇଭର୍‌ର ଭୁଲ୍‌କୁ କେହି ବି ସହଜ ମନରେ ଗ୍ରହଣ କରିବେ ନାହିଁ । ଛନ୍ଦା ସିନା ଜାଣିଛି, କାରଣ ଏ ଡ୍ରାଇଭର୍ ତା ଝିଅରୀର ବ୍ୟକ୍ତିଗତ ଡ୍ରାଇଭର୍ । ଆଉ ଏ ଭୁଲ୍ ତାର ତିନିଟି କାରଣରୁ; ସମୟ ରାତ୍ରି, ରାସ୍ତା ଏତେ ଆଲୋକିତ କି ସ୍ୱଷ୍ଟ ବୁହେଁ, ଏବଂ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ । ହେଲେ ଏସବୁ ବୁଝାଇବାକୁ ଯୁକ୍ତି ଥିଲେ ବି, ଯୁକ୍ତିକୁ ଖଠନ କରିବାପାଇଁ ବି ପୋଲିସ୍‌ର ଯୁକ୍ତି ରହିପାରେ । ଏଣୁ ଯଦିଓ ଟ୍ରାଫିକ୍ ପୋଲିସ୍‌ର ସାହାଯ୍ୟ ନେବାଟା ଛନ୍ଦାକୁ ଯୁକ୍ତିଯୁକ୍ତ ଲାଗୁଥିଲା, ସିଏ ଚୁପ୍ ରହିଲା ।

ଆଜି କି ଯୋଗରେ କେଜାଣି ଏମିତି ହଟହଟା ହେବାର ଥିଲା । ସଙ୍କଟ ସମୟରେ, ଦୁର୍ଯୋଗ ସମୟରେ ଭାଗ୍ୟକୁ ନିନ୍ଦା କରି ବସିରହିଲେ କିଛି ଲାଭହେବାର ନାହିଁ । ବରଂ ଧୈର୍ଯ୍ୟ ରଖି ସମାଧାନର ଉପାୟ ଚିନ୍ତା କରିବା ଉଚିତ ।

ଏଣୁ ଆଉ ପୋଲିସ୍‌କୁ ଡାକିବା ଉପଦେଶ ନଦେଇ ସିଏ ଡ୍ରାଇଭର୍‌କୁ କହିଲା, "କାହାକୁ ତ ହେଲେ ଡାକ । ତମର ସାଙ୍ଗସାଥୀ, ଅନ୍ୟ ଡ୍ରାଇଭର୍ ଯାହାକୁ ଜାଣିଥିବ । ନହେଲେ ତମେ ଏକା ଏ ସମସ୍ୟାର ସମାଧାନ କରିପାରିବ ବୋଲି ମତେ ତ ଜଣାପଡୁନି ।'

ଯଦିଓ ନିଜ ଭାଇର ଘର ଚାଲିଚାଲି ଗଲେ ଦଶ ମିନିଟ୍‌ରୁ କମ୍ ଲାଗିବ, ହେଲେ ଛନ୍ଦା ଚାଲିକି ଯିବ ବା କେମିତି । ଏଇଟା ତ ଅନ୍ଧାର ରାସ୍ତା । ସେଥିରେ ସେ ସ୍ତ୍ରୀ ଲୋକଟା ଏକା କେମିତି ଚାଲିକରି ଯିବ । ତାପରେ ଦୁଇପାଖରେ ବିଲ । ସରୀସୃପ ମାନଙ୍କର ଆଶଙ୍କା ବି

ISSN NO.
2582-208X

ଥାଏ । ସରୀସୃପ କଥା ଛାଡ, ମଣିଷ କଣ କମ୍ କି ? ସିଏ ଯାହା ବି ଭାଇକୁ ଡାକନ୍ତା, ହେଲେ, ତା ଫୋନ୍‌ଟା ଆମେରିକାର ଫୋନ୍ । ଇଣ୍ଟର୍ନେଟ୍ ଥିଲେ ହ୍ୱାଟ୍‌ସ୍‌ଆପ୍ ଲଗେଇ ସିନା ଅନ୍ୟମାନଙ୍କୁ ଡାକିହେବ, ବିନା ହ୍ୱାଟ୍‌ସ୍‌ଆପ୍ ରେ ସିଏ ଅଚଳ । ହଠାତ୍ ମନେପଡିଲା ଯେ ଡ୍ରାଇଭର୍ ପାଖରେ ତା' ଭାଇର ଫୋନ୍ ଅଛି । ତେଣୁ ସିଏ ଡ୍ରାଇଭର୍‌କୁ କହିଲା, "ଆଚ୍ଛା ମୋ ଭାଇ ପାଖକୁ ଫୋନ୍ ଲଗାଅ । ପଚାର, ଯଦି କିଛି କରିହେବ ।'

ଡ୍ରାଇଭର୍ ଫୋନ୍ ଲଗେଇବାରୁ ଅଜୟ ଶାବଳଟିଏ ଧରି ନିଜ ସେଲଫୋନ୍ ଲାଇଟ୍ ବ୍ୟବହାର କରି ଚାଲିଚାଲି ତା' ଘରୁ ଆସିଲା । ନିଜ କାର୍ ବି ସିଏ ଆଣିପାରିଥାନ୍ତା, ହେଲେ କାଳେ ଏ ଗାଡିଟି ରାସ୍ତା ବନ୍ଦ କରିଦେଇଥିବ ଓ ଆଉ ଗୋଟିଏ ଗାଡି ବୁଲେଇବାକୁ ଅସୁବିଧା ହେବ, ସେ ବିଚାର କରି ସିଏ ତା' ଗାଡି ଆଣିଲାନି । ସିଏ ଆସିବା ପରେ ଡ୍ରାଇଭର୍ ସହିତ ମିଶି, ସେ ଝୁଲନ୍ତା ଚକାକୁ ଆଉଥରେ ଯାଞ୍ଚ କଲା । ପ୍ରାୟ ପନ୍ଦରମିନିଟ୍ ଖଣ୍ଡେ ସବୁ ଚେଷ୍ଟା କରି ବି ସେମାନେ କିଛି ଠିକ୍ କରିପାରିଲେନି । ମୁଖ୍ୟ ରାସ୍ତା ସେପଟରେ, ପ୍ରାୟ ପାଞ୍ଚମିନିଟ୍ ଚାଲି କରି ଗଲେ, ଗୋଟିଏ ଗ୍ୟାସ୍ ଷ୍ଟେସନ୍ ଦେଖା ହେଉଥିଲା । ଅଜୟ ଡ୍ରାଇଭର୍‌କୁ ପରାମର୍ଶ ଦେଲା, ଟିକେ ଗ୍ୟାସ୍ ଷ୍ଟେସନ୍‌କୁ ଯାଇ ଦେଖ ଯଦି କିଏ ଥିବେ, ତାଙ୍କୁ ଡାକିଆଣିବ ।' ହେଲେ ସେ ଡ୍ରାଇଭର୍‌କୁ ରାସ୍ତା ପାର କରି ଯିବାକୁ ଡର ଲାଗୁଥିଲା । କାରଣ, ଦୁଇପାଖରୁ କିଛକିଛି ଗାଡି ସବୁ ଚାଲୁଥିଲା । ଆଉ ଅନ୍ଧାରରେ ସେମାନଙ୍କୁ ଚଳନ୍ତା ମଣିଷ ଦେଖାହେବେ ବୋଲି ଡ୍ରାଇଭର୍‌ର ବିଶ୍ୱାସ ନଥିଲା । ପାଖଆଖରେ ଆଉ ସେମିତି କିଛି ଦୋକାନ ଖୋଲାନଥିଲା । ଏବେ କଣ କରିହେବ ?

ଅଜୟ କହିଲା, "ଆମ ପଡୋଶୀରେ ରାମବାବୁ ଅଛନ୍ତି । ସିଏ ଆଗେ ମିଲିଟାରୀରେ ଥିଲେ। ତାଙ୍କର ସବୁ ଅସୁବିଧାକୁ ସମାଧାନ କରାଇବାରେ ଦକ୍ଷତା ଅଛି । ମୁଁ ତାଙ୍କୁ ଡାକେ। ସିଏ ଯଦି କିଛି ପରାମର୍ଶ ଦେଇପାରିବେ ।'

ଅଜୟ ତାର ପଡୋଶୀଙ୍କୁ ଡାକିବାରୁ, ସିଏ ତତ୍‌କ୍ଷଣାତ୍ ଆସିବା ପାଇଁ ରାଜି ହୋଇଗଲେ । ଛନ୍ଦା ଆଶ୍ଚର୍ଯ୍ୟ ହେଲା ସତ, ତେବେ ଓଡିଶାରେ ସେଇଟା ଗୋଟିଏ ବଡ ଜିନିଷ । ସୁବିଧା ଅସୁବିଧାରେ ପଡୋଶୀ ମାନେ ଏମିତି ଭାବେ ସାହାଯ୍ୟ କରିବାକୁ ବାହାରିଆସନ୍ତି ଯେ ଅନୁଭବ ନକଲେ ବୁଝିହେବନି । ସେ ମହାଶୟ ଘରୁ ବାହାରିଲେ ବୋଲି ଖବରଦେଲେ ।

ISSN NO.
2582-208X

ଅଜୟ ଛନ୍ଦାକୁ କହିଲା, "ତୁ ଏବେ ଯାହା ଜିନିଷପତ୍ର ଅଛି ମତେ ଦେ, ଆମେ ଚାଲିକରି ଘରକୁ ଯିବା ।'

ଛନ୍ଦାର ମନରେ ଭୟ ଜାଗ୍ରତ ହେଲା । "ଏ ଅନ୍ଧାରରେ ବିଲ ରାସ୍ତାରେ ଚାଲିକି ଯିବା ?'

"ମୋ ପାଖରେ ସେଲଫୋନ୍ ଅଛି । ସେ ଆଲୁଅ ଯଥେଷ୍ଟ । ମୁଁ ତତେ ଘରେ ଛାଡି ମୋ ଗାଡି ନେଇ ପୁଣି ଆସିବି । ଦେଖିବା, ଏ ଡ୍ରାଇଭର୍‌ଙ୍କୁ କେମିତି ସାହାଯ୍ୟ କରିହେବ ।'

ଏବେ ବାଧ୍ୟ ହୋଇ ଛନ୍ଦାକୁ ଗାଡିରୁ ଜିନିଷପତ୍ର ବାହାର କରି ଚାଲିଚାଲି ଆସିବାକୁ ପଡିଲା। ସେମାନେ ଆସୁଥିବା ସମୟରେ ରାମବାବୁ ତାଙ୍କ ଘରପଟରୁ ଅନ୍ୟଦିଗରେ ଚାଲିଚାଲି ଟର୍ଚ୍ଚ ଧରି ଆସୁଥିଲେ । ତାଙ୍କୁ ଅଜୟ ସବୁକଥା ବୁଝେଇଲା ଓ ସିଏ ଭଉଣୀକୁ ଘରେ ଛାଡି ଗାଡି ଧରି ଆସିବ ବୋଲି ଜଣେଇଲା । ସେମାନେ ଘରେ ପହଞ୍ଚିବା ବେଳକୁ ଘରେ ସମସ୍ତେ ଚେଇଁକରି ଅଛନ୍ତି । ସେମାନଙ୍କ ମନରେ ଭୟ । ଛନ୍ଦାକୁ ଖରାପ ଲାଗିଲା। ତା' ପାଇଁ ଘରେ ଆଜି ସମସ୍ତେ ଅନିଦ୍ରା । ଅଧିକ ଖରାପ ଲାଗୁଥିଲା ସେ ଡ୍ରାଇଭର୍‌ଟା ପାଇଁ। ବିଚରା, ଏବେ ସିଏ ତା' ଘରକୁ ଫେରି ଶୁଅନ୍ତାଣି । କି ଯୋଗରେ ଛନ୍ଦାକୁ ଗାଡିରେ ବସେଇ ଆଣିଲା ଯେ, ଏମିତି ଅସୁବିଧା ହେଲା । ତା' ସ୍ତ୍ରୀ, ଛୁଆପିଲା ବି ତା' ବାଟ ଚାହିଁ ଅପେକ୍ଷା କରିଥିବେ । ଛନ୍ଦା ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲା ।

ଏତେଦିନ ଧରି ସବୁକିଛି ଠିକ୍‌ଠାକ୍ ଚାଲିଥିଲା । ଏମିତି କି ବର୍ଷା ମଧ୍ୟ ଭଗବାନଙ୍କ ଦୟାରୁ ବନ୍ଦ ହୋଇଯାଇଥିଲା । ନହେଲେ ଅକ୍ଟୋବର ନଅ/ଦଶ ତାରିଖର ବର୍ଷା ପରେ ବନ୍ୟାର ଯେଉଁ ଚିତ୍ର ଅଜୟ ହ୍ୱାଟ୍‌ସ୍‌ଆପରେ ପଠେଇଥିଲା, ତାକୁ ଦେଖି ଓଡିଶା ଆସିବ କି ନାହିଁ ବୋଲି ଛନ୍ଦା ଦୋଦୋପାଞ୍ଚ ଥିଲା । ଯଦି ରାସ୍ତା ଏମିତି ହୁଏ, ସିଏ ତେବେ ତ କୁଆଡେ ଯାଇଆସି ପାରିବନାହିଁ । ଏମିତି କି ଏୟାରପୋର୍ଟରୁ ଭାଇର ଘରକୁ ଯାଇପାରିବ କି ନା । ଇଣ୍ଟରେ୍‌ନଟ୍‌ର ସବୁ ପାଣିପାଗ ସମ୍ବନ୍ଧୀୟ ୱେବ୍‌ସାଇଟ୍ ଯାଇ ଦେଖିବା ବେଳକୁ ସବୁଦିନେ ବର୍ଷାହେବାର ଦେଖିଲା । ତା' ସାଙ୍ଗକୁ ଅକ୍ଟୋବର ୨୨-୨୩ ତାରିଖରେ ବାତ୍ୟା ହେବ ବୋଲି ମଧ୍ୟ ଦେଖେଇଲା । ଏସବୁ ଦେଖି ହୃଦୟ ଭିତରେ ଭୟ ତ ଥିଲା, ହେଲେ ଭଗବାନଙ୍କୁ ସ୍ମରଣ କରି ସିଏ ଓଡିଶା ଆସିଲା । ଏୟାର୍ ଇଣ୍ଡିଆରେ ଯାତ୍ରା ବି ଭଲ

ISSN NO.
2582-208X

ରହିଲା। ତେର ତାରିଖ ଦିନ ଭୁବନେଶ୍ୱରର ପାଗ ମଧ୍ୟ ଭଲ ଥିଲା । ସେମାନେ ଯେତେବେଳେ ସେଦିନ ଏୟାରପୋର୍ଟରୁ ଅଜୟର ଘରକୁ ଆସିଲେ, ଓ ମେନରୋଡ୍‌ରୁ ଯେତେବେଳେ ତା' ଘର ଦିଗକୁ ନିର୍ଦ୍ଧାରିତ ରାସ୍ତାକୁ ବଙ୍କେଇଲେ, ସେ ରାସ୍ତାକୁ ଦେଖି ଛନ୍ଦାର ମୁଣ୍ଡ କଣ ହୋଇଗଲା ।

ତେର ତାରିଖ ଦିନ ରାତିରେ ତ ଏତେ ଭଲଭାବେ କିଛି ଦିଶୁନଥିଲା । ହେଲେ ଚଉଦ ତାରିଖ ଦିନ ସକାଳେ ସେ ରାସ୍ତାକୁ ଦେଖି ବିସ୍ମିତ ହେଲା ଛନ୍ଦା । ସେ ରାସ୍ତାରେ ଏତେ ଖାଲ, ଢିପ, ଖାଲ ଜାଗାରେ ଅନେକ ସ୍ଥାନରେ ବର୍ଷାପାଣି ତଥାପି ଜମି ରହିଥିଲା । କିନ୍ତୁ ଯେଉଁ କେତୋଟି ଘର ସେଠାରେ ତିଆରି ହୋଇଥିଲା, ସବୁ ଘର ଅନେକ ସୁନ୍ଦର ଭାବେ ତିଆରି ହୋଇଥିଲା । ଏମିତି ଦେଖିଲେ ଜାତୀୟ ରାଜପଥ ଜମା ୯/୧୦ ମିନିଟ୍‌ର ଚଲା ରାସ୍ତା । ହେଲେ ଗାଡି ଯିବା ପାଇଁ ସେ ରାସ୍ତା ବଡ ମାରାତ୍ମକ । ଦକ୍ଷ ଡ୍ରାଇଭର ନହେଲେ ଏମିତି ଖାଲଢିପ ଦେଇ ଗାଡି ଚଲେଇବା ବଡ କଷ୍ଟକର କଥା । ସେଥିରେ ଟାୟାର୍ କେମିତି ରହେ କେଜାଣି ?

ଆମେରିକାରେ ଏତେଦିନ ରହିବା ପରେ, ସେ ଦେଶର ପଦ୍ଧତିରେ ମନ ପରିଚିତ ହୋଇଯାଇଛି । ଓଡିଶାରେ ବି ଏବେ ଜମିବାଡି ବିଭାଗ ବାହାର ଦେଶ ଭଳି ବ୍ୟବସାୟ କରୁଛି ବୋଲି ସିଏ ଶୁଣିଥିଲା । ବିଶେଷତଃ ତାର ଝିଆରୀ ଫ୍ଲାଟ୍ କିଣିବା ବେଳେ, ଯେମିତି ଭାବେ କ୍ରୟ, ବିକ୍ରୟ ଓ ଟଙ୍କା ଜମା ଇତ୍ୟାଦି ହେଉଥିଲା, ସେଇଥିରୁ ସିଏ ବୁଝିଥିଲା, ଓଡିଶାରେ ବି ଏବେ ଜମିଜମା କାରବାର ଉନ୍ନତ ଉପାୟରେ କରାଯାଉଛି । ଯେମିତି ଆମେରିକାରେ ଯେଉଁ ସଂସ୍ଥା ଘର ତିଆରି କରି ବିକେ କି ଘରପାଇଁ ଜାଗା ବିକେ, ସେ ଘରକୁ, ସେ ଜାଗାକୁ ରାସ୍ତା କରି ଦେଇଥାଏ । ସେଇକଥା ଭାବି ଛନ୍ଦା ଅଜୟକୁ ପଚାରିଥିଲା, "ତମମାନଙ୍କୁ ଯିଏ ଘର ପାଇଁ ଜମି ବିକିଥିଲା, ସିଏ କଣ ରାସ୍ତା କରେଇବାକୁ କିଛି ପ୍ରତିଶ୍ରୁତି ଦେଇନଥିଲା ?'

"ସିଏ ରାସ୍ତା କରିଦେବ ବୋଲି କହିଥିଲା । ହେଲେ ଜମି କିଣିଥିବା ଲୋକମାନେ ସମସ୍ତେ ଘର କରୁକରୁ କାହାକୁ କେତେବର୍ଷ ଲାଗିଗଲା । ଏମିତିରେ ତ ଆମେମାନେ ସତର ବର୍ଷ ପରେ ଘର କଲୁ । ସେ ଭିତରେ ଜମିର ମାଲିକ ବଦଳ ହୋଇ କେତେକଣ ପରିବର୍ତ୍ତନ

ISSN NO.
2582-208X

ହୋଇଗଲାଣି । ଏବେ କାହାକୁ କହିଲେ କିଏ ଶୁଣିବ, ସେସବୁ ଜଣା ନାହିଁ । ତେବେ ସରକାର ଶୀଘ୍ର ଏ ରାସ୍ତା କରିଦେବ ବୋଲି ଆଶା ଅଛି । କାରଣ ଏପଟେ ଏବେ ଅନେକ ଶିକ୍ଷାନୁଷ୍ଠାନ ସବୁ ଖୋଲିଲାଣି । ସେସବୁ ଶିକ୍ଷାନୁଷ୍ଠାନ ସହିତ ହଷ୍ଟେଲ୍, ଗେଷ୍ଟହାଉସ୍ ଓ ଶପିଙ୍ଗ୍ ସେଣ୍ଟର୍ ସବୁ ଧୀରେଧୀରେ ଖୋଲିଯିବ । ସେଥିପାଇଁ ଏସବୁ ରାସ୍ତା ବି ହୋଇଯିବ।'

ତେବେ ଭଗବାନଙ୍କର ଅଶେଷ କରୁଣା । ଚଉଦ ତାରିଖ ଦିନ ଦିନ ବାରଟା ବେଳକୁ ବର୍ଷା ଆସିଲା ଓ ଅସରାଏ ବର୍ଷିଗଲା ସତ, କିନ୍ତୁ ଅପରାହ୍ନ ବେଳକୁ ପୁଣି ଖରା ପଡିଲା । ସେମିତି ପନ୍ଦର ତାରିଖ ଦିନ ବି ହେଲା । ହେଲେ ତାପରେ ସବୁଦିନ ପାଗ ଭଲ ରହୁଛି । ଆଜି ବି ତ ଥିଲା । ବାତ୍ୟା କୁଆଡେ ଉତ୍ତର ପୂର୍ବ ଦିଗକୁ ଚାଲିଗଲା । ଆଉ ଭୁବନେଶ୍ୱରରେ ବାତ୍ୟା ହେବନି । ସେଥିପାଇଁ ଆଜି ଦିନଟା ସାରା ଏତେ ଗୁଡିଏ ପ୍ରୋଗ୍ରାମରେ ସାମିଲ୍ ହୋଇହେଲା । କିନ୍ତୁ ଏମିତିରେ ଦେଖିଲେ ଯୋଗାଯୋଗରେ କେମିତି କିଛି ଫାଙ୍କା ରହିଯାଇଥିଲା ।

ବ୍ଲାକ୍ ଇଗଲ୍ସ୍ ସେଣ୍ଟରରେ ଯେଉଁ ପୁସ୍ତକ ଉନ୍ମୋଚନ ହେବାର ଥିଲା, ସେଇଟା ହେଲା । କିନ୍ତୁ ଯେଉଁଭାବେ ହେବାର ଥିଲା, ସେମିତି ଭାବେ ହେଲାନି । ପ୍ରଥମେ, ଶନିବାର ଦିନଟା ଯେ ଏଠି ଛୁଟି ନୁହେଁ, ସେ କଥା ଛନ୍ଦା ଭୁଲିଯାଇଥିଲା । ସେଥିପାଇଁ କିଛି ସାଙ୍ଗ ଆସିପାରିଲେନି । ତାପରେ ସି.ଆର୍.ପି. ସ୍କୋୟାରରେ ଯେଉଁ ଠିକଣା ସିଏ ରଖିଥିଲା, ଗୁଗୁଲ୍ ମ୍ୟାପ୍ ସେ ଠିକଣା ଠଉରାଇ ପାରିଲାନି ଓ ଏପଟେ ସେପଟେ ପୂରେଇଲା । ସେତେବେଳକୁ ବାରଟା ବିତି ସାଢେ ବାରଟା ହେଲାଣି । ଛନ୍ଦାକୁ ଖରାପ ଲାଗୁଥାଏ । କିଏ ସବୁ ଆସି ଯଦି ପହଞ୍ଚି ଯିବେଣି, ତେବେ ସେମାନେ ଖରାପ ଭାବୁଥିବେ । ଏମିତିରେ ଛନ୍ଦା କୌଣସି ଜିନିଷ ଡେରି କରେଇ କରିବା ସପକ୍ଷରେ ନୁହେଁ । ସିଏ ବରଂ ନ ଖାଇବ, ଅନ୍ୟ କିଛି କାମ ଛାଡିଦେବ, ହେଲେ ଯେଉଁ ସମୟରେ ଯେଉଁ କାମ ପାଇଁ ଦାୟିତ୍ୱ ନେଇଥିବ, ସେ ସମୟରେ ପହଞ୍ଚିବ ମାନେ ପହଞ୍ଚିବ । କିନ୍ତୁ ଆଉ କଣ କରିହେବ ? ରାସ୍ତାର ଟ୍ରାଫିକ୍‌କୁ, ଅଜଣା ରାସ୍ତାକୁ ତ ଆଉ କିଛି କରିହେବନି । ଛନ୍ଦା ପହଞ୍ଚିବା ବେଳକୁ ତାର କିଛି ସାଙ୍ଗ ପହଞ୍ଚି ସାରିଥିଲେ । ସେମାନେ ଆଉ କାହାକୁ ଅପେକ୍ଷା ନକରି କାର୍ଯ୍ୟକ୍ରମ ଆରମ୍ଭ କରିଦେଲେ । ଅଳ୍ପ ଲୋକ ଥିଲେ ମଧ୍ୟ କାର୍ଯ୍ୟକ୍ରମ ଭଲ ରହିଲା । ହେଲେ

ISSN NO.
2582-208X

ଜଳପାନ ବେଳକୁ ମହାପ୍ରସାଦ ଆସିନି । ସେଠିକାର ଦାୟିତ୍ୱରେ ଥିବା ଶ୍ୟାମ ବାବୁ କହିଲେ, ଅଧଘଣ୍ଟାଏ ଭିତରେ ମହାପ୍ରସାଦ ପହଞ୍ଚିବ । ହେଲେ ଅଧଘଣ୍ଟାଏ ବିତି, ଘଣ୍ଟାଏ ଗଲାଣି । ଝୁନୁର କ୍ଲାସ୍ ଥିଲା । ସିଏ ଆଉ ଅପେକ୍ଷା ନକରି ଚାଲିଗଲା । ସେମିତି ଅମିତାର ଝିଅ ଅନନ୍ୟା, ଯିଏ କି ବାଣୀବିହାରରେ ପଢାଏ, ତାର ବି ଦିନ ତିନିଟା ବେଳକୁ କ୍ଲାସ୍ ଥିଲା । ସିଏ ସାଢେ ଦୁଇଟା ବେଳକୁ ପଳେଇଗଲା । ସେ ଦୁଇଜଣ ଉପାସରେ ଗଲେ। ମହାପ୍ରସାଦ ପାଇଁ ଯେ ଏମିତି ଭାବେ ସମୟ ଲାଗିବ, ସେ ହିସାବ ଛନ୍ଦା ମୁଣ୍ଡର ପଶିନଥିଲା । ସିଏ ଭାବିଥିଲା, ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଶୀଘ୍ର ସାରି, ସମସ୍ତେ ଦୁଇଟା ପୂର୍ବରୁ ମହାପ୍ରସାଦ ସେବନ ସାରିଦେବେ । ତାପରେ ଯିଏ ଯୁଆଡେ ନିଜନିଜ କାମରେ ଯିବେ । ସବୁ କାମ ସରିଲେ ସେମାନେ ଟିକେ ଶପିଙ୍ଗ୍ କରି ଅମୃତଧାରାର କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବେ । ଏଇ ଅନୁଭୂତିରୁ ଆଉ ଗୋଟିଏ ଶିକ୍ଷା ବି ମିଳିଲା । ସବୁ ଜିନିଷର ସବିଶେଷ ବିବରଣୀ ରଖିବା ଉଚିତ । କେଉଁ ଜିନିଷ କେତେ ସମୟ ଲାଗିବ, ସେକଥା ବିଶେଷ ଭାବେ ବୁଝିବା ଉଚିତ । ଏମିତି, "ଭାବିଥିଲି', "ମନେ କରିଥିଲି' କହିଦେଲେ ହେବନି ।

ଏବେ ମହାପ୍ରସାଦ ପାଇଁ ଅପେକ୍ଷା କରୁକରୁ ଦୁଇଘଣ୍ଟା ବିତିଗଲା । ଏକଥା ଆଗରୁ ଜାଣିଥିଲେ, ସେମାନେ ସମସ୍ତେ ପୁସ୍ତକ ଉନ୍ମୋଚନ ପରେ ପାଖରେ ଥିବା ଆନ୍ନା ରେଷ୍ଟୁରାଣ୍ଟରେ ମଧ୍ୟାହ୍ନ ଭୋଜନ କରିପାରିଥାନ୍ତେ ଓ ତା' ପାଇଁ ଅପେକ୍ଷା କରିବାକୁ ପଡିନଥାନ୍ତା । ଏବେ ଅନ୍ୟମାନଙ୍କ ପାଇଁ ବ୍ୟସ୍ତ ଲାଗୁଥିଲା । କାରଣ ସେମାନେ ସମସ୍ତେ ଅନ୍ୟ କିଛି କାମ ପାଇଁ କାହାକୁ ପ୍ରତିଶ୍ରୁତି ଦେଇଥିବେ, ଏବେ ମହାପ୍ରସାଦ ପାଇଁ ଅପେକ୍ଷା କଲେ । ଯାହାହେଉ, ପ୍ରାୟ ତିନିଟା ବେଳକୁ ମହାପ୍ରସାଦ ଆସିଲା ଓ ଯେଉଁମାନେ ଥିଲେ, ସମସ୍ତେ ମନ ଭରି ପ୍ରସାଦ ସେବନ କଲେ । ତଥାପି ଅନେକ ବଳିଲା ଓ ଯେଉଁ କେତେଜଣ କିଛି ନେଇପାରିଲେ ନେଲେ । ହେଲେ ଯେହେତୁ ଛନ୍ଦାର ଅମୃତଧାରା କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା, ଅଜୟ ମହାପ୍ରସାଦ ନେବାକୁ ମଙ୍ଗିଲା ନାହିଁ । ଅତଏବ, ସେମାନେ ମହାପ୍ରସାଦ ସେବନ ପରେ ସିଧା ଅମୃତଧାରାର ପ୍ରୋଗ୍ରାମରେ ଯୋଗଦେବାକୁ ପଟିଆ ଗଲେ । ସେ ସ୍ଥାନ ପାଉପାଉ ଓ ଗାଡି ପାର୍କ କରୁକରୁ କିଛି ସମୟ ଗଲା । ଅସଲରେ, ଭୁବନେଶ୍ୱରର ଡିଜାଇନ୍ ହିଁ ସେମିତି । ସମସ୍ତେ ଭଲ ଘର ତ କରିଛନ୍ତି, ହେଲେ ଘରକୁ କିଏ ଯିବାଆସିବା କଲେ ପାର୍କିଙ୍ଗ୍ ପାଇଁ ବିଶେଷ ଯାଗା ନାହିଁ ।

ISSN NO.
2582-208X

ଯାହାବି ହେଉ, ଅମୃତଧାରାର କାର୍ଯ୍ୟକ୍ରମରେ ଯେ ସେମାନେ ଯୋଗ ଦେଇପାରିଲେ, ସେଇଟା ଭଲ ହେଲା । ସେଠି ସଙ୍ଗୀତା ଗୋସାଇଁ ବି ଥିଲେ । ସିଏ ପୁସ୍ତକ ଉନ୍ମୋଚନକୁ ନଯାଇ ପାରିଲେ ବୋଲି ଦୁଃଖ ପ୍ରକାଶ କଲେ । ହେଲେ ଛନ୍ଦା ଜାଣିଛି, ଏଠି ଗୋଟିଏ କାର୍ଯ୍ୟକ୍ରମରୁ ଆଉ ଗୋଟିଏ କାର୍ଯ୍ୟକ୍ରମକୁ ଯାଇ ଠିକ୍ ସମୟରେ ପହଞ୍ଚିବା କେତେ କଷ୍ଟକର। କାରଣ କୌଣସି କାର୍ଯ୍ୟକ୍ରମ ଠିକ୍ ସମୟରେ ଆରମ୍ଭ ହୋଇ ଠିକ୍ ସମୟରେ ସରିଲେ ସିନା । ଅମୃତଧାରାର କାର୍ଯ୍ୟକ୍ରମ ସରିବା ପରେ ସେମାନେ ସସ୍ମିତାର ଘର ଦେଖିବାକୁ ଗଲେ । ସେଠି ଅଜୟକୁ ଅନେକ ଥକ୍କା ଲାଗିଲା ଓ ସିଏ ଶୋଇପଡିଲା । ସସ୍ମିତା ଅତି ସୁନ୍ଦର ଭାବରେ ତା ଘର ଡିଜାଇନ୍ କରିଛି । ଘର ସହିତ ଟେରାସ୍ ଗାର୍ଡେନ୍ ଡିଜାଇନ୍ ତାର ଅତ୍ୟନ୍ତ ମନଲୋଭା । ଜଣେ ସେଥିପାଇଁ ଯତ୍ନଶୀଳ ହୋଇ ନଭାବିଲେ, ଏମିତି ଭାବେ ଏକ ସୁଚିନ୍ତିତ ସୁନ୍ଦର ଘରର ଡିଜାଇନ୍ କରିପାରିବନି । ସେମାନଙ୍କ ଘର ଦେଖିସାରିବା ପରେ, ଅଜୟ ଛନ୍ଦାକୁ ତା' ଝିଆରୀ ଘରେ ଛାଡିଦେଇ ନିଜ ଘରକୁ ଗଲା । ଝିଆରୀ ଘରକୁ ସେଦିନ ନଣନ୍ଦ ଓ ତାଙ୍କ ପୁଅ ବି ଆସିଥାନ୍ତି । ସେଠି ସେମାନଙ୍କ ସହିତ ଗପଶପ କରି, ରାତ୍ରଭୋଜନ ସରିବା ବେଳକୁ ରାତି ଦଶ । ତାପରେ ଟିକେ ଗପୁଗପୁ ଏଗାରଟା ବାଜିଲା । ଝିଆରୀ କହୁଥିଲା ଅଟକି ଯିବାକୁ ଓ ସକାଳୁ ଫେରିବାକୁ । ହେଲେ ସକାଳୁ ଗାଆଁକୁ ଯିବାର ଯୋଜନା ଥିଲା । ତେଣୁ ରାତିରେ ଫେରିବାକୁ ଚାହିଁଲା ଛନ୍ଦା । ତାପରେ ଲୁଗାପଟା ବଦଳେଇବାକୁ ବି ତ କିଛି ନେଇନଥିଲା ସିଏ ।

ଆଜି ଏ ୨୦୨୨ ମସିହାର ଅକ୍ଟୋବର ୨୨ ତାରିଖ ଦିନଟି ସତରେ ଛନ୍ଦାର ଜୀବନରେ ସ୍ମରଣୀୟ ହୋଇ ରହିବ । ଆଜି ଗୋଟିଏ ଦିନ ଭିତରେତେତେ କାର୍ଯ୍ୟକ୍ରମ ? ସେସବୁକୁ ହ୍ରାସ କରାଯାଇପାରିଥାନ୍ତା । ହେଲେ କେଉଁଟା ହ୍ରାସ କରିଥାନ୍ତା, କେଉଁଟା ରଖିଥାନ୍ତା ? ସେସବୁ ଏତେ ସହଜ ନୁହେଁ । ଆଜିର କାର୍ଯ୍ୟକ୍ରମ ସହିତ ଅନେକଙ୍କର ଭାବନା ଜଡିତ ହୋଇ ରହିଥିଲା । କିଛିକୁ ନା କରିଦେବା ଅର୍ଥ କାହାର ଭାବନାରେ କୁରାଢ଼ୀ ଚୋଟଟିଏ ମାରିବା । ସେ ଚୋଟ କଣ ମାରିପାରିଥାନ୍ତା ଛନ୍ଦା ? ଅବଶ୍ୟ ଦିନଟିଏ ଆସିବ, ସେମିତି ସବୁ କରିବାକୁ ପଡିବ । ଯେତେବେଳେ ଶରୀରରେ ଶକ୍ତି ହ୍ରାସ ହେବ, ମନରେ ଇଚ୍ଛାଶକ୍ତି କମିଯିବ, ସେତେବେଳେ କାହାକୁ ନା କହିଦେବାଟା ଆଉ କଷ୍ଟ ଲାଗିବନି ।

ISSN NO.
2582-208X

ବାସ୍ । ଝିଆରୀ ତା' ଡ୍ରାଇଭର୍ ଅତନୁକୁ ଡାକି ଛାଡିଦେବାକୁ କହିଲା । ଆଉ ସେ ଡ୍ରାଇଭର୍ ବି ଭଲରେ ଭଲରେ ଏତେବାଟ ଆଣିଲା । କିଏ ଜାଣିଥିଲା ଏମିତି ଗୋଟିଏ ଅଘଟଣ ଘଟିଯିବ ବୋଲି ?

ଛନ୍ଦାକୁ ଘରେ ଛାଡି, ଅଜୟ ଗାଡି ନେଇ ପୁଣି ସେ ଅଟକି ରହିଥିବା ଗାଡିପାଖକୁ ଗଲା । ଛନ୍ଦାକୁ ନିଦ ହେଉନଥାଏ । ସିଏ ଖାଲି ନିଜ କୋଠରିର ଝରକା ଫାଙ୍କରେ ରାସ୍ତା ଆଡକୁ ଚାହିଁଥାଏ । କେତେବେଳେ ଅଜୟ ଫେରିବ ଓ ଶୁଭ ସମ୍ବାଦ ଦେବ ।

ଏବେ ରାତି ଦୁଇଟା । ଅଜୟ ତଥାପି ଫେରିନଥାଏ । ଛନ୍ଦାର ଭାବନାରେ ୧୯୯୯ ମସିହାର ଡିସେମ୍ବର ୨୪ ତାରିଖର ଘଟଣା ପ୍ରତିଫଳିତ ହେଲା । ସେଇଟା ସେବର୍ଷର କ୍ରିଷ୍ଟମାସ୍‌ର ପୂର୍ବଦିନ । ସେବର୍ଷ ନୂଆକରି ଚାକିରିରେ ଯୋଗ ଦେଇଥାଏ ଛନ୍ଦା । ସେଥିପାଇଁ ଅଧୀକାଂଶ ଲୋକ ସେଦିନ ଛୁଟି ନେଇ ଘରେ ପରିବାର ସହିତ କଟାଉଥିବା ସମୟରେ, ଛନ୍ଦା କିନ୍ତୁ କାମକୁ ଯାଉଥିଲା । ରୁଟ୍ ୩୨ରୁ ରୁଟ୍ ୨୯୫କୁ ବାହାରିଥିବା ରାସ୍ତାରୁ ବରଫ ଭଲଭାବେ ସଫା ହୋଇନଥାଏ । ହଠାତ୍ ଛନ୍ଦାର ଗାଡି ରାସ୍ତାରୁ ରାସ୍ତାକଡ ତଳକୁ ଖସିଗଲା । ସେଠାରୁ ଯେତେ ଚେଷ୍ଟା କଲେ ବି ଗାଡି ନା ଆଗକୁ ଆସିଲା, ନା ପଛକୁ ଗଲା । ଖାଲି ଇଞ୍ଜିନ ଘିରିଘିରି ଶବ୍ଦ କରୁଥାଏ ଓ କିଛି ହେଉନଥାଏ । କାଳେ ଇଞ୍ଜିନ୍ ଏମିତି ଚାଲିଲେ ଗାଡିର କିଛି ଖରାପ ହେବ, ସେ ଭୟରେ ଛନ୍ଦା ଇଞ୍ଜିନ୍ ବନ୍ଦ କରିଦେଲା । ସେତେବେଳେ ସେଲଫୋନ୍‌ର ଏତେ ପ୍ରଚଳନ ନଥିଲା । ଏବେ ଖାଲି ଭଗବାନ ଭରସା । ଯଦି ଟ୍ରାଫିକ୍ ପୋଲିସ୍ ଏଇ ବାଟ ଦେଇ ଯାଉଥିବେ ତ ସେମାନଙ୍କ ନଜର ପଡିବ ଓ ସେମାନେ ସାହାଯ୍ୟ କରିବେ । ସେଦିନ ଖୁବ୍ କମ୍ ଲୋକ ଯିବାଆସିବା କରୁଥାନ୍ତି । ପ୍ରଥମେ ତ ଛୁଟିର ସମୟ । ସମସ୍ତେ ପରିବାର ସହିତ ସମୟ କାଟୁଥାନ୍ତି । ଛନ୍ଦା ଭଳି ଯେଉଁ କେତେଜଣଙ୍କର ନୂଆନୂଆ ଚାକିରି, ଛୁଟି ଏତେ ନଥାଏ ଓ କାଳେ ଚାକିରିରୁ କିଏ ଛଟେଇ କରିଦେବ, ସେଥିପାଇଁ ଡରଥାଏ, ସେଇମାନେ ହିଁ କାମ କରିବାକୁ ଯାଆନ୍ତି । ନହେଲେ ଏଭଳି ପାଗରେ ଘରୁ କଣ କିଏ ବାହାରିବାକୁ ସାହସ କରେ । ବାହାରେ ବହୁତ ଥଣ୍ଡା ଥାଏ । ଯଦିଓ ଛନ୍ଦା ଜ୍ୟାକେଟ୍ ପିନ୍ଧିଥିଲା, ତଥାପି ଏତେ ସମୟ ବାହାରେ ରହିରହି ତା' ଦେହ ଥଣ୍ଡା ପଡି ଆସିଲାଣି । ଏହି ସମୟରେ ସେଇବାଟ ଦେଇ ଯାଉଥିଲେ ଦୁଇଜଣ ବ୍ୟକ୍ତି । ସେମାନେ ତାଙ୍କ ଗାଡି ସାଇଡ୍‌କୁ ରଖି ଛନ୍ଦାର ଗାଡି ପାଖକୁ

ISSN NO.
2582-208X

ଆସିଲେ । ଛନ୍ଦାଠାରୁ ପରିସ୍ଥିତି ବୁଝି ସେମାନେ ନିଜ ଗାଡି ଭିତରୁ କିଛି ବାଲି ବାହାର କରି ଆଣିଲେ ଓ ଛନ୍ଦା ଗାଡିର ଆଗ ଚକା ଆଗରେ ପକେଇଲେ । ଜଣେ ବ୍ୟକ୍ତି ଛନ୍ଦାଠାରୁ ଚାବି ନେଇ ଇଞ୍ଜିନ୍ ଷ୍ଟାର୍ଟ କଲା ଓ ଆଉ ଜଣେ ବ୍ୟକ୍ତି ପଛରୁ ଟିକେ ଠେଲିଲା । ସେ ଲୋକ ଛନ୍ଦାଠାରୁ ଯେବେ ଚାବିନେଲା, ସେତେବେଳେ ଛନ୍ଦା ମନରେ ଡର ପଶିଗଲା । କାଳେ ଗାଡି ନେଇ ଚାଲିଯିବ ? ହେଲେ ସେମିତି କିଛି ହେଲାନି । ସେମାନେ ଗାଡିକୁ ଠିକ୍‌ଭାବେ ଆଗକୁ ଚଳେଇନେଲେ ଓ ଗାଡିକୁ ତଳୁ ନେଇ ରାସ୍ତା ଉପରେ ଛାଡିଲେ । ସେଠି ପାର୍କରେ ରଖି ଛନ୍ଦାକୁ ଚାବିଦେଲେ ଓ "ହାପି ହଲିଡେ' କହି ଚାଲିଗଲେ । ଆଜିବି ସେକଥା ମନେପଡିଲେ ସେଇ ଅଜଣା ଲୋକଙ୍କ ପାଇଁ ଛନ୍ଦା ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ । ଛନ୍ଦା ପାଇଁ ସିନା ସେମାନେ ଅଜଣା । ହେଲେ ଭଗବାନଙ୍କୁ ତ ସବୁ ଜଣା । ଭଗବାନ ସେମାନଙ୍କୁ ନିଶ୍ଚୟ ଜାଣନ୍ତି । ତେଣୁ ସେମାନଙ୍କ ପାଇଁ ଛନ୍ଦାର ଶୁଭକାମନାକୁ ଭଗବାନ ନିଶ୍ଚୟ ସେମାନଙ୍କ ଜୀବନରେ କରୁଣା କରି ଝରାଇବେ ।

ଏଇ ସମୟରେ ଝରକା ବାଟେ ଆସୁଥିବା ଗାଡିର ଆଲୁଅ ଛନ୍ଦାର ଭାବନାରେ ଛେଦ ପକେଇଲା । ଛନ୍ଦା ଝରକାବାଟେ ଦେଖିଲା, ଅଜୟ ଏବେ ଗେଟ୍ ତାଲା ଖୋଲି ଭିତରେ କାର୍ ଭର୍ତ୍ତିକରୁଛି । ଛନ୍ଦା ଅପେକ୍ଷା କରି ରହିଲା । ଅଜୟ ଉପର ମହଲାକୁ ଆସିବା ପରେ ରୁମ୍ କବାଟ ଖୋଲି ଅଜୟକୁ ପଚାରିଲା, "କଣ ହେଲା ?'

ଅଜୟ ଉତ୍ତରରେ କହିଲା, "ସେ ଡ୍ରାଇଭର୍ ତା ଭାଇକୁ ଡାକିଲା । ତା ଭାଇ କିଛି ଯନ୍ତ୍ରପାତି ଧରି ଆସିଲା । ଆମେ ସମସ୍ତେ ଟିକେଟିକେ ସାହାଯ୍ୟ କଲୁ । ଗାଡିକୁ ରାସ୍ତା ଉପରକୁ ଉଠେଇଦେଲୁ । ଡ୍ରାଇଭର୍ ଗାଡି ନେଇ ଫେରିଗଲା ।'

'ଯା ହେଉ, ଭଲହେଲା । ହେଲେ ଏଭଳି ଅଜଣା ଜାଗାକୁ ରାତିରେ ଗାଡି ଧରି ଆସିବା, ସତରେ ଏକ ମସ୍ତବଡ ଭୁଲ୍ । ମୁଁ ବି ଏ ଘଟଣା ସବୁଦିନ ପାଇଁ ମନେରଖିବି ।' - ଏମିତି କହି ଛନ୍ଦା ନିଜ ରୁମ୍‌ର କବାଟ ବନ୍ଦ କଲା ଓ ଶୋଇବାକୁ ପ୍ରସ୍ତୁତ ହେଲା ।

ରଦର୍‌ଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଆଶା ଓ ନିରାଶା



ଡ. ପ୍ରସନ୍ନ କୁମାର ବଳ

ମନର ଭାବନା ମନ ମଧ୍ୟେ ଗୋପି ରଖି ମୁଁ ପାରେନା ସତେ,
ମୁଖର ରୂପ ହିଁ କହିଦିଏ ସତେ କି ଭାବେ ମୁଁ ମନ ମଧ୍ୟେ ।୧।
ମନଟା ତ ଗୋଟେ ପାଗଳ ଭ୍ରମର ଘୂରି ବୁଲୁଥାଏ ସଦା,
ଏ ଯାଗା ସେ ଯାଗା ଘୂରି ବୁଲେ ପୁଣି ନ କରି କା ମୁଣ୍ଡ ବ୍ୟଥା ।୨।
ମନ ରାଇଜରେ କେତେ ସ୍ୱପ୍ନ ଆସେ ଆଶା ଅସୁମାରୀ ନେଇ,
ସେହି ଆଶାକୁ ତ ପୂରଣ ପାଇଁ କି କେତେ କାର୍ଯ୍ୟ କରିଥାଏ ।୩।
ଯେବେ ଆଶା ତାର ପୂରଣ ହୁଏନା ଯାଏ ମନ ପୁଣି ଭାଙ୍ଗି,
ଭଙ୍ଗା ମନକୁ ତ ସଜାଡି ପୁଣି ସେ ପୁନର୍ବାର ଉଠେ ଯାଗି ।୪।
ଆଶା ସବୁବେଳେ ଉଚ୍ଚ ହେବା କଥା ନିଜର ଉନ୍ନତି ପାଇଁ,
ସମାଜ ମଙ୍ଗଳ ଲୁଚ କରି ଥାଏ ସେହି ଆଶା ମଧ୍ୟେ ରହି ।୫।
ଆଶା ଓ ନିରାଶା ଗୋଟିଏ ମୁଦ୍ରାର ଅଟଇ ତ ଦୁଇ ପାର୍ଶ୍ୱ,
ଏକର ଜୟ ତ ଅନ୍ୟ ପରାଜୟ ମନ ହୋଇଥାଏ ନିଶ୍ୱ ।୬।
ଆଶା ବିନାଶେ ଦୁଃଖର ବିନାଶ ହୋଇପାରଏ ନୀତି ବାକ୍ୟ,
ବିନା ଆଶାରେ କେ ଆଗେଇ ପାରିଛି କିଏ ଦେବ ତାର ସାକ୍ଷ୍ୟ ।୭।
"ହୋପ୍ ଫର୍ ବେଷ୍ଟ" ସମସ୍ତେ କୁହନ୍ତୁ ଅନ୍ୟର ତ ଭଲପାଇଁ,
"ପ୍ରିପେୟାର ଫର ଉଅରଷ୍ଟ" କୁହନ୍ତୁ ବି ସର୍ବେ ସତର୍କ ରହିବା ପାଇଁ ।୮।
ଇଏ ତ ହେଉଛି ଜୀବନର ଏକ ଅଙ୍ଗେ ଲିଭାଇବା ସତ୍ୟ,
ସମସ୍ତେ ନିଜର ଅନୁଭୂତିରୁ ହିଁ ଶିଖନ୍ତୁ ତ ପୁଣି ନିତ୍ୟ ।୯।

ISSN NO.
2582-208X

ମନ ଓ ବିବେକ ଦୁଇ ଭାଇ ପରା ଏକ ଘରେ ତ ରୁହନ୍ତି,
ଦୁଇ ଜଣଙ୍କର ସନ୍ତୁଳତ ସ୍ଥିତି ମନକୁ ଦିଏ ତ ଶାନ୍ତି ।୧୦।
ମନ ଚାହେଁ ପୁଣି ଚାନ୍ଦକୁ ଛୁଇଁକ ସୂର୍ଯ୍ୟଙ୍କ ପାଖକୁ ଯିବ,
ବିବେକ ତ ପୁଣି ବ୍ରେକ ହିଁ ଲଗାଏ ଅନ୍ୟଥା ଜୀବନ ଯିବ ।୧୧।
ଚାନ୍ଦକୁ ଛୁଇଁବା ସମ୍ଭବ ହୋଇଛି ମନ ତ ଚାହିଁଛି ବୋଲି,
ସୂର୍ଯ୍ୟକୁ ଛୁଇଁଲେ ଜଳଯିବା ସାର ବିବେକ ତ ଦିଏ କହି ।୧୨।
ସୁଖ, ଦୁଃଖ, ରାଗ, ଦ୍ୱେଷ ହିଁ ରହିଛି ଏ ଜୀବନ ମଧ୍ୟେ ଭରି,
ସବୁ ଭୂଲି ଯାଇ ସମାଜ ମଙ୍ଗଳେ ଧ୍ୟାନ ଦିଅ ମୋର ଭାଇ ।୧୩।
ଧନ୍ୟ କର ଏ ଜୀବନକୁ ତ ପୁଣି ଅନ୍ୟକୁ ସାହାଯ୍ୟ କରି,
କିଏ ଜାଣେ କାଲି ଜୀବନ ଆମର ଅକାଳେ ଯିବତ ଝଡି ।୧୪।
ଏ ମର ଜୀବନ କ୍ଷଣସ୍ଥାୟୀ ଅଟେ ଅମର ନୁହଁଇ କେହି,
ଅନ୍ୟ ସେବା କରି, ହରି ନାମ ଧରି ହୁଅ ଏ ସଂସାରୁ ପାରି ।୧୫।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ବଢ଼ା ଝରାଫୁଲ



ଶଶଧର ମହାପାତ୍ର

ବାପା ମା' ତୋର ନାଁ ଦେଇଥିଲେ
ଶରଧାରେ 'ଝରାଫୁଲ'
ଭଲ ପାଉଥିଲେ ଖୁସି ହେଉଥିଲେ
କରୁଥିଲେ କେତେ ଗେଲ ।।
ତାଙ୍କରି ଜୀବନ ତରୁରେ ଫୁଟିଲୁ
ଝରାଫୁଲଟିଏ ହୋଇ
କେତେ ସପନ, କେତେ ଆଶାଦୀପ
ଜାଳିଥିଲେ ତୋ' ପାଇଁ ।।
କିଏ ଜାଣିଥିଲା ତାଙ୍କ 'ଝରାଫୁଲ'
ଝଡ଼ିଯିବ ଅଦିନରେ
ଅକାଳରେ କାଳ ଡାକିନେବ ତାକୁ
ପଡ଼ିଯିବ ତା' ଜାଲରେ ।।
ଜୀବନର ଏହି ଅବୁଝା ଗଣିତ
ବୁଝିପାରିଲୁନି ଝିଅ
ଲୁଟିନେଲା କିରେ ନଟିଆ ନାଗର
ଦେଖାଇ ପ୍ରେମର ମୋହ ।।
ପ୍ରେମ ଏକ ନିଶା ଜାଣିପାରିଲୁନି
ପଡ଼ିଗଲୁ ତା' ପ୍ରେମରେ
ପ୍ରେମ ଯେତେ ଭଲ, ସେତିକି ମନ୍ଦ ସେ

ISSN NO.
2582-208X

କିଏ ଜିତେ କିଏ ହାରେ ।।
ଆଶା ଆକାଶରେ ଉଡୁଥିଲୁ ଦିନେ
ହୁଗୁଳି ଗଲାକି ଡେଣା
ମାୟା ନଗରୀର ମାୟା ନବୁଝିଲୁ
କରିଦେଲା ବାଟବଣା ।।
ବାପା ମା'ଙ୍କର ସୁଖ ସପନର
ରାତି ଶୀଘ୍ର ଗଲା ପାହି
ସକାଳୁ ସକାଳୁ ଖବର ମିଳିଲା
'ଝରାଫୁଲ' ଆଉ ନାହିଁ ।।
ଲୁହ ଢାଳିଢାଳି ଲୁହ ସରିଗଲା
ମନ ବି ବୁଝଇ ନାହିଁ
ତୋ' ମୃତ୍ୟୁ ରହସ୍ୟ ହେବ ପର୍ଦ୍ଦାଫାସ
ବସିଛନ୍ତି ଚାହିଁଚାହିଁ ।।
ତଦନ୍ତ ଚାଲିଛି ବୋଲି କହୁଛନ୍ତି
ଆମ ରାଜ୍ୟ ସରକାର
କେତେ 'ଝରାଫୁଲ' ଝରି ତ ଗଲେଣି
ହେଉଛି କି ପ୍ରତିକାର ?

('ଝରାଫୁଲ' ବୋଲି ମୟୂରଭଂଜର ଏକ ଆଦିବାସୀ ଝିଅ ଯିଏକି ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀ, ତାହାର ଆକସ୍ମିକ ମୃତ୍ୟୁ ଖବରକାଗଜରେ ପଢ଼ିଲାପରେ ଏ ଲେଖାଟି । କେତେ ଏମିତି 'ଝରାଫୁଲ' ଅଦିନରେ ଝଡ଼ି ପଡୁଛନ୍ତି । ଏ ନିହାତି ଏକ ଦୁଃଖଦ ଘଟଣା)

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ,ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ମାନବିକତା ର ଧର୍ମ ସର୍ବୋତ୍ତମ



ଡ଼ ସୁନନ୍ଦା ମିଶ୍ର ପଣ୍ଡା

ମନେପଡେ ଆଜି
ପ୍ରଳୟ ର ପରାକ୍ରମ
ସତ ବୋଲି କେବେ
ଭାବି ବି ନଥିଲି

ମାଳକା ରେ ଥିବା ଭବିଷ୍ୟ ବାଣୀ
ସତେ ବାରହାତ ଖଣ୍ଡା ଧରି
ଭୈରବୀ ରୂପେ
ହେବେ ଆବିର୍ଭୂତା....

ଅର୍ତକତେ ବାତ୍ୟା ଆସେ
ଗଛ ପତ୍ର ଭାଙ୍ଗି
ବାଦଲ ର ନୀଳ ମେଘ ଲୁଚ ଯାଏ
କଳା ମଚ ମଚ  ଘମାଘୋଟ ଅନ୍ଧକାରେ

ISSN NO.
2582-208X

ତ୍ରସ୍ତ ହୋଇ ଅଜଣା ଭୟେ
ପକ୍ଷୀ ତାର ଆଶ୍ରୟ ଖୋଜେ
ଆତ୍ମୀୟ ସ୍ୱଜନ ସାଥେ

ନିଷ୍ପାପ ମିଲି ସେଦିନ
ନରୀହ ଶିକାର ହୁଏ,
ଝଡ ର ଗୋଟିଏ ତାଳ ଥିଲା ଯଥେଷ୍ଟ
ଉଜାଡିବାକୁ ତାର ସତୀତ୍ୱ ର ମାନ
ଗଣ୍ଡୁଷ ରେ ଚଳୁ ହେଲା ପରି ସମୁଦ୍ର
ଶୋଷି ନେଇଗଲେ ତା ପିଣ୍ଡ ରୁ ପ୍ରାଣ

କନ୍ତ ପୋଷେ ମାତୃତ୍ୱ ଆଜି
ବଦଳଯାଏ ଈଶ୍ୱରଙ୍କ ସମ୍ବିଧାନ
ଅନୁଚ୍ଚାରିତ ଜୀବନ ଫର୍ଦ ଟିଏ
ଲେଖିହୋଇଯାଏ କୋମଳ ଶିଶୁ ର କପାଳେ
କେହି ବୁଝେନାହିଁ ମା ର ବାତ୍ସଲ୍ୟ
ବୋଲ ହୋଇଯାଏ
ପୈଶାଚକ କାଳ ଗ୍ରନ୍ଥି ର ଦାଗ

ନଜ ଆତ୍ମା
ଆକୁଳ ଆବେଦନ କରେ
ନର୍ତ୍ପଦେ ବଞ୍ଚିବାକୁ
ଈଶ୍ୱର ଙ୍କ ପ୍ରତିଛବି ନଜ
ଗର୍ଭେ ଅନୁଭବ କରି

ISSN NO.
2582-208X

ଆଗନ୍ତୁକ ର ଶରଣାର୍ଥୀ ହୁଏ
ଆଶ୍ରା ର ବଦଳେ
ପ୍ରାପ୍ତ ହୁଏ ଅନ୍ୟ
ଏକ ପୈଶାଚକ ରୂପ
ତା କ୍ଷୁଧା ର ଅଗ୍ନିକୁଣ୍ଡେ
ଆହୁତି ର ବହ୍ନି  ଜଳେ
ଶୁଭେ ନାହିଁ ମୃଗୁଣୀ ର ସ୍ତୁତି ଅବା
ଦ୍ରୌପଦୀ ର କରୁଣା ପ୍ରାର୍ଥନା

ସତେ କଣ - ଏ କଳୟୁଗ, ଏହି ପ୍ରଳୟ
କାହିଁଗଲ୍ ମାନବିକତା ର ଧର୍ମ ସର୍ବୋତ୍ତମ ...

ଟରେଣ୍ଟୋ, କାନାଡ଼ା
Email – drsunanda.panda@gmail.com
ଫୋନ : 6478389884

ISSN NO.
2582-208X

# ସେଇ ପିଲାଦିନ



ସନ୍ଧ୍ୟା ଘଡ଼େଇ

ହରାଇଥିବା ଦିନଗୁଡ଼ା
ଭୂଲୁଣ୍ଠିତ ।
କଳ୍ପନା ରେ ଭରିଥିବା ଦିନ ଯେତେ
ମୁହୁର୍ତ୍ତ ମୁହୁର୍ତ୍ତ କରି ଲେଉଟାଣି ଖରାରେ
ନିଜକୁ ଜଳାଏ ।
ଭାରି ଦଗାଦିଆ ସେ ପିଲାଦିନ,
ସଡେଇ ରେ ଧୂଳି ଖେଳ
କେବେ ସତ୍ୟରେ ତ କେବେ ସର୍ତ୍ତ ରେ ଜଳାଏ
ଅହରହ ।,
ଆଇସକ୍ରିମବାଲା ଠାରୁ ବମ୍ବେ ମିଠେଇ ପର୍ଯ୍ୟନ୍ତ
ଗାଁ ଦାଣ୍ଡର ବାଗୁଡ଼ି, ରଜ ଦୋଳି ଖେଳ
ସବୁ ଖାଲି ଫେରୁଥାଆନ୍ତି ମୁହଁ କରି
ଜୀବନ ଖାତାକୁ ।
ବନ୍ଧୁତା, ବାନ୍ଧବୀ, ଘର ପରିବାର,
ବାପାଙ୍କର ନାଲି ଆଖି ବୋଉହାତର ବେତ
ସବୁ ଖାଲି ପ୍ରେମର ବନ୍ଧନ, ମମତା ରେ ଯୁଡୁବୁଡୁ
ପରମ ଆତ୍ମୀୟ ।

ISSN NO.
2582-208X


ମନ ଝରକା ରେ ଛିଟ ପ୍ରଜାପତିର ପଛରେ
ଦୌଡ଼ିବା ର ଥକାପଣ ।

ଏବେବି ଜଳୁଛି ମନ, ଭିଜୁଚି ଆଖି
ସାରା ଦିନ ଯନ୍ତ୍ରଣା ର ଢେଉ ।
ଇଛା ଅନିଚ୍ଛା ର ଘୋଷରା ରେ ମୁଁ ପୁଣି ନିରୁତ୍ତର ।
ସମୟର ଜଡତା, ଦୁଃଖର ନଈ
ଉଜାଣି ବହିବ କି ନା,
ମୁଁ କିନ୍ତୁ ସ୍ୱପ୍ନ ଦେଖେ ବାସ୍ତବତା ପରଦାରେ
ଆବେଗ ର ସିକ୍ତ ଶାମୁକା ରେ
ବେଶ୍ ଜୀବନ୍ତ ଆଗପରି ।
ପିଲାଦିନ ନିଜର ସୁଖଦ ସ୍ୱଅନୁଭବ
ଭୁଲିବାର ପ୍ରଶ୍ନ ବା କାହିଁ ????

ଯାଜପୁର ରୋଡ
Ph ୯୮୬୨୫୯୭୦୪୭

ISSN NO.
2582-208X

# ଛିଣ୍ଡା ବହିର ପୃଷ୍ଠା



ଶାନ୍ତଲତା ମିଶ୍ର

କାଲି "ରମାକାନ୍ତ' ଚାଲିଗଲା । ତା ଶବ ଯାତ୍ରାରେ ଯୋଗ ଦେଇ ପାରିଲେନି "ରବିବାବୁ'। ହୁଇଲ୍ ଚେୟାରରେ ବସିଲା ଦିନରୁ ତାଙ୍କର ସବୁ ଆତ ଯାତ ବନ୍ଦ । ଗୋଟିଏ ପ୍ରକୋଷ୍ଠରେ ପ୍ରାୟତଃ ରୁହନ୍ତି । ପୁଅ ବୋହୁଙ୍କ ଦୟାର ଆଶ୍ରିତ ସେ ଏବେ । ବିଶେଷ କିଛି କାହା ଠାରୁ ଆଶା ରଖନ୍ତିନି କି କାହାକୁ ହଇରାଣ କରିବାକୁ ଚାହାନ୍ତିନି । କିନ୍ତୁ ବେଳେ ବେଳେ କରିବାକୁ ପଡେ । ଯାହା ଖାଇବାକୁ ମିଳେ ଚୁପଚାପ ଖାଇ ଦିଅନ୍ତି ବିନା ଅଭିଯୋଗରେ । ଭଲ ଲାଗୁ ବା ନଲାଗୁ । ପେଟ ପୁରେଇବା କଥା ।

ଆଜି ଏଇ ପାର୍କକୁ ବର୍ଷକ ପରେ ଆସିଛନ୍ତି । ଘରେ ରହି କାମ କରୁଥିବା ପିଲା ଶଙ୍କରା ତାଙ୍କୁ ଆଣି ଏଠି ଛାଡିଦେଇ ବଜାର ସଉଦା ପାଇଁ ଯାଇଛି । ଫେରନ୍ତି ବାଟରେ ତାଙ୍କୁ ଘରକୁ ନେଇଯିବ । ପାଖରେ ପାଣି ବୋତଲ ଟାଏ, ବିସ୍କୁଟ ପ୍ୟାକେଟ ରଖି ଦେଇ ଯାଇଛି। ଫୋନ୍ ତ ପାଖରେ ଅଛି । ଚିନ୍ତା କରିବାର କିଛି ନାହିଁ । ଲୋକ ମାନଙ୍କ ଯିବା ଆସିବା ଚାଲିଛି । ବହୁତ ଦିନ ପରେ ବାହାରକୁ ଆସି ଥିବାରୁ ଖୋଲା ପବନରେ ଭଲ ଲାଗୁଛି ।

ରିଟାୟର୍ଡ ପରେ ସେମାନେ ପାଞ୍ଚ ଜଣ ସାଙ୍ଗ ଏକାଠି ଏ ପାର୍କକୁ ଚାଲିବାକୁ ଆସୁଥିଲେ । ପିଲା ଦିନର କେତେ ଅଭୁଲା ସ୍ମୃତି, ସ୍କୁଲ୍ କଲେଜ ବେଳର ଗପ, ବାନ୍ଧବୀ ମାନଙ୍କୁ ବିଭିନ୍ନ ପ୍ରକାର ଟିପଣି ଦବା ସବୁ ସେ ଗପରେ ଅର୍ନ୍ତଭୁକ୍ତ ହୋଇ କେବେ ହସାନ୍ତି ତ କେବେ ଲୁହ ଦୁଇ ଟୋପା ଝରାଇ ଦିଅନ୍ତି ଆଖିରୁ ।

ISSN NO.
2582-208X

ଧିରେ ଧିରେ ସମୟ କ୍ରମେ ବିରେନ୍, ମଧୁ ଚାଲିଗଲେ । ତାପରେ ପାଣ୍ଡାମିକ୍ ରେ ଗୌରହରୀ ଚାଲିଗଲା । ଆଉ ରହି ଯାଇଥିଲେ କେବଳ ସେଇ ଦୁଇ ଜଣ । କିନ୍ତୁ ରମାକାନ୍ତ କାଲି ଚାଲିଗଲା । ଏମିତିରେ ବର୍ଷେ ହେବ ତାଙ୍କ ଗୋଡ ଖରାପ ଯୋଗୁ ସେ ଆଉ ରିତିମତ ଆଗ ପରି ଚାଲିବାକୁ ପାର୍କକୁ ଆସୁ ନଥିଲେ । କେବେ କେମିତି ମାସେ କି ଦି ମାସରେ ଥରେ ଅଧେ ରମା ସଙ୍ଗେ ଫୋନ୍ ରେ କଥା ହୋଇ ଏ ପାର୍କକୁ ବସିବାକୁ ଆସି ଯାଉଥିଲେ, ଶଙ୍କରାର ସହାୟତାରେ । ରମାକାନ୍ତ ବି ବିନା ହାତବାଡିର ସାହାଯ୍ୟରେ ଚାଲି ପାରୁ ନଥିଲା ।

କିନ୍ତୁ ଗଲା ଦୁଇ ମାସ ହେବ ସେ ଶଯ୍ୟାଶାୟୀ । ଦେଖା କରିବାକୁ ତା ଘରକୁ ଯିବେ ଯିବେ ବୋଲି ଯାଇ ପାରିଲେନି । ଭାବୁଥିଲେ ପୁଅକୁ ଅନୁରୋଧ କରିଥାନ୍ତେ ତାଙ୍କୁ ନେଇ ଯିବାକୁ ରମାକାନ୍ତ ଘରକୁ । କିନ୍ତୁ ବିଶେଷ ସାହାସ କରି ପାରୁ ନଥିଲେ । କାହାକୁ ହଇରାଣ କରିବାକୁ ଇଛା ହେଉ ନଥିଲା । ନିଜେ ଏକ ବୋଝ ହୋଇ ଯାଇଛନ୍ତି ସେମାନଙ୍କ ଉପରେ। ହୁଏତ ପୁଅର ଫୁରୁସତ ସମୟରେ ତାକୁ ଅନୁରୋଧ କରିବେ । କିନ୍ତୁ ନିଜ ଇଛା ନିଜ ଭିତରେ ହିଁ ରହିଗଲା । ଏବେ ଆଉ କଣ ରମା ତ ଚାଲିଗଲା । ହଁ ଯାଉ ଆଉ କଣ ବା ଦୁଃଖ କରିବେ । ସେ ବି ଆଉ କିଛି ଦିନର ଅତିଥୀ ଏ ସଂସାରରେ । ବଳେ ସମସ୍ତଙ୍କ ସଙ୍ଗେ ଦେଖାତ ହୋଇ ଯିବ, ଜୀବନର ଶେଷ ସୀମା ରେଖାର ଆରପାରିରେ ।

କିଛି ବିସ୍କୁଟ ଖାଇ, ପାଣି ଟିକେ ପିଇ ଏଣେ ତେଣେ ଚାହିଁଲା ବେଳକୁ ପାଖରେ ଥିବା ଡଷ୍ଟବିନ୍ ରେ ପଡିଥିବା ଏକ ପୁରୁଣା ବହି ଉପରେ ଆଖି ପଡିଗଲା । ସେଇ ବାଟେ ଯାଉଥିବା ଜଣେ ଲୋକଙ୍କୁ ଅନୁରୋଧ କଲେ ସେ ବହିଟି ଆଣି ଦେବାକୁ । ତାଙ୍କର ବଳକା ସମୟରେ ବହି ପଢିବାର ବହୁତ ସଉକ ଓ ଅଭ୍ୟାସ ଥିଲା । ଏବେ ଆଖି ବିଶେଷ ସାଥ ଦେଉ ନଥିବାରୁ ଖୁବ କମ୍ ବହି ପଢନ୍ତି । ବହିଟି ଖୋଲିଲେ ବହିର ପ୍ରଥମରୁ କିଛି ଓ ଶେଷରୁ କିଛି ପୃଷ୍ଠା ଚିରି ଯାଇଛି । ତଥାପି ମଝି ଭାଗ ଗୁଡିକ ପଢିବାକୁ ଲାଗିଲେ । ଅଧ ଘଣ୍ଟା ଭିତରେ ବହି ପଢା ସରିଗଲା । କିନ୍ତୁ ସେ ଜାଣିଗଲେ ବହିର ପ୍ରଥମ ଓ ଶେଷ ଭାଗରେ କଣ ଲଖା ହୋଇଥିବ ବୋଲି ।

ISSN NO.
2582-208X

ମନେ ହେଲା ଜୀବନ ଟା ବି ସେଇଆ । ଜୀବନର ପ୍ରଥମ ଓ ଶେଷ ଭାଗରେ ଦୁଃଖ ସୁଖ ଭିତରେ ବିଶେଷ ପ୍ରଭେଦ ଜଣା ପଡେନି । ସବୁ ସମାନ ଲାଗେ । ଯାହା ସବୁ ଘଟେ ବହିର ମଝି ଅଧ୍ୟାୟ ପରି ଜୀବନର ମଝି ଭାଗରେ ହିଁ ସବୁ ଘଟି ଯାଏ । ଦୁଃଖ ଖୁସି, ହସ, କାନ୍ଦ, ଯନ୍ତ୍ରଣା ସବୁ ଭୋଗିବାକୁ ପଡେ । କେବେ କାମନାର ବର୍ଷା, କେବେ ଅସଫଳତାର ତୀବ୍ର ଖରା ମନକୁ ଭାରାକ୍ରାନ୍ତ କରେ । ଜୀବନରେ ଭାରସାମ୍ୟ ହରାଇ ବଞ୍ଚିବାରେ ବ୍ୟତିକ୍ରମ ଆଣେ ।

କାଲି ରମା ଚାଲିଗଲା, ହଁ ମନ ଟିକେ ଉଦାସ ହେଇଗଲା କିଛି ସମୟ ପାଇଁ । ମନେଅଛି ଯେତେବେଳେ ସେମାନେ ସବୁ କଲେଜରେ ପଢୁଥିଲେ, ସେତେବେଳେ ସୂର୍ଯ୍ୟର ସଡକ ଦୁର୍ଘଟଣାରେ ଅକାଳ ଅବେଳର ମୃତ୍ୟୁ ଦେଖି ସବୁ ସାଙ୍ଗ ମାନେ କେତେ କାନ୍ଦିଥିଲେ । ଶୋକ ସଭା କରିଥିଲେ । ଦୁଇ ଦିନ କାଳ ନା ସେ ଖାଇ ପାରିଥିଲେ ନା ଶୋଇ ପାରିଥିଲେ। ତାରି କଥାକୁ ମନେ ପକେଇ ପକେଇ ଲୁହ କୋହକୁ ଏକାକାର କରି ଦେଇଥିଲେ । ଏବେ ଭାବୁଛନ୍ତି ସବୁ ସମସ୍ୟା ବୋଧେ ଜୀବନର ସେଇ ମଝି ବୟସରେ ହିଁ ଘଟେ ।

ଏବେ ଆଉ କଣ । ଏଇ ତ ସଂସାର । ସବୁ ଦେଖି ଚାହିଁ ସାରିଲା ପରେ, ବୁଝି ଗଲେଣିବହୁତ କିଛି । ନା ଦୁଃଖ ଆସି ଆଜି ମ୍ରିୟମାଣ କରେ ନା ସୁଖ ଆସି ଆଜି ଆତ୍ମହରା କରେ । ନା ଫଗୁଣର ରଂଗିନ୍ ଫଗୁ ନା ବସନ୍ତର ଫୁଲ ସମ୍ଭାର ଆତ୍ମବିଭୋର କରୁଛି ।

ବହିଟିକୁ ପୁନଶ୍ଚ ଡଷ୍ଟବିନ୍ ରେ ପକେଇ ଦେଲେ । ଶଙ୍କରା ଆସି ଯାଇଥିଲା । ଘରକୁ ନବାକୁ । କୌଣସି ସ୍ମୃତିକୁ ଆଜି ଆଉ ସାଇତି ରଖିବାର ଆବଶ୍ୟକତା ନାହିଁ ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଦେଖନ୍ତୁ ଗୋଲା କୋକର୍ଣ୍ଣନାଥ ମନ୍ଦିର, ଉତ୍ତରପ୍ରଦେଶ




https://youtu.be/niGvCdGjZ9c

Please like & Subscribe this video

ISSN NO.
2582-208X

# ବଲାଙ୍ଗିର ବନ୍ଦନା

( ରାଗ-ଚୋଖି )



ଶେଷଦେବ ପଣ୍ଡା

କୋଶଳ ଭୂମି ମଣ୍ଡନା ସୁପୁଣ୍ୟା ଚିର ଶରଣ୍ୟା
ବନ୍ଦେ ବଲାଙ୍ଗିର ମାତା ପଦ ପଙ୍କଜେ,
ନିସର୍ଗ ଲକ୍ଷ୍ମୀ ନିବାସ ଜନ ହିତେ ପରକାଶ
ରମଣୀୟ ଗନ୍ଧଗିରି ମସ୍ତକେ ସାଜେ,
ଶୈବପୀଠ ହରିଶଙ୍କର,
ଧାରଣ କରିଛୁ ଅଙ୍କେ ଜନନୀ ମୋର ।।

ସୁଧୀ ରାଜନ୍ୟ ପ୍ରବର ପ୍ରଜା ହିତୈଷୀ ଯା କର
ରମାଇଁ ରାଜେନ୍ଦ୍ର ବଳରାମ ଆବର,
ପୃଥ୍ୱୀରାଜ ରଖି ଯଶ ଅରଜିଲେ ପଉରୁଷ
ପ୍ରଜାନୁରଞ୍ଜକ ବୀର ଶୂର ସୁଧୀର,
ମାଧବ ବୈଜଲ ପ୍ରସିଦ୍ଧ,
କର୍ତ୍ତବ୍ୟେ ଆସୀନ ନୃପ ବଚନସିଦ୍ଧ ।।

ବିଦ୍ୱାନ ମଧୁସୂଦନ ଶ୍ରୀନିବାସ ଦୁଃଖୀଶ୍ୟାମ
ଶ୍ରୀକର ସେବିଲେ ତୋ ଚରଣ ଯୁଗଳ,

ISSN NO.
2582-208X

ଶ୍ୟାମ ପିତ୍ରୋଡା ଅସିତ ନରସିଂହ ସୁଶୋଭିତ
ଅମୃତହସ୍ତ ଡିଙ୍ଗର ସାଧକ କୁଳ,
ସଂଗୀତଜ୍ଞ ସରୋଜ ପୁଣି,
କୃତବିଦ୍ୟ ଶିଳ୍ପୀ ସେ ଅବନୀ ଅଶ୍ୱିନୀ ।।

ସୋମେଶ୍ୱର ଯୋଗେଶ୍ୱର ପ୍ରଣମ୍ୟ କୋଶଳେଶ୍ୱର
ଅମୃତ ବରଦ ହସ୍ତେ କଲେ ଆଶିଷ,
ଇଷ୍ଟଦେବୀ ଦ୍ୱାରସେନ୍ନୀ ରାଜ୍ୟ ପାଳୁଥାନ୍ତି ନିତି
ପାଟଣା ଈଶ୍ୱରୀ ଯା ମହିମା ଅଶେଷ,
ଦଶମତୀ ସମଲେଶ୍ୱରୀ,
ବିରାଜିତା କୁଶଙ୍ଗାଇ ମା ଘଣ୍ଟେଶ୍ୱରୀ ।।

ସୁ-ନନ୍ଦିନୀ ଆନନ୍ଦିନୀ କ୍ରୀଡା ଜଗତ ବନ୍ଦିନୀ
ସାହିତ୍ୟାକାଶେ ଗାୟତ୍ରୀ ରଚିଲେ ଗାଥା,
କୋଶଳ କଳାମଣ୍ଡଳ ସର୍ଜଇ କଳା କଲ୍ଲୋଳ
ଚତୁରଙ୍ଗ କହେ ସାରସ୍ୱତ ବାରତା,
ନୂଆଖାଇ ପରବ ତୋର,
ମୈତ୍ରୀ ଭ୍ରାତୃତ୍ୱ ସ୍ଥାପନେ ତୁ ଆଗଭର ।।

ଗୁରୁ ଘାସିରାମ ଧନ୍ୟ କଳା ସଂଗୀତ ପ୍ଲାବନ
ଜଗଦାନନ୍ଦ ନାଟ୍ୟରେ ଅତିଧୂରୀଣ,
ସଂଗ୍ରାମୀ ମାନ୍ଧାତା ବୀର ଯୁଧିଷ୍ଠିର ଦାମୋଦର
ପୂର୍ଣ୍ଣଚନ୍ଦ୍ର ଦିବାକର ନେତୃପ୍ରବୀଣ,
ଶାଶ୍ୱତ ସଂଗୀତ ସୌରଭ,
ସୁବ୍ରତ ବାଗଚୀ ପ୍ରଜ୍ଞା ଦେବଦୁର୍ଲଭ ।।

ISSN NO.
2582-208X

ରାଣୀପୁର ଝରିଆଲ ଶକ୍ତିପୀଠ ରମ୍ୟସ୍ଥଳ
ତୋ ଭୀମ ପାହାଡ ରୂପେ ଦର୍ଶକ ଭୋଳ,
କାହ୍ନା ନର୍ସରୀର ଶୋଭା କୁମୁଡା ଗିରିର ପ୍ରଭା
ପର୍ଯ୍ୟଟକ ପ୍ରାଣଲୋଭା ସୌନ୍ଦର୍ଯ୍ୟ ସ୍ଥଳ,
ଶୀତଳ ଷଷ୍ଠୀ ମାଟିଖାଇ,
ମହାଉତ୍ସବ ମନାନ୍ତି ତୋ ସୁତେ ରହି ।।

ଚରଣ କରନ୍ତି ଧୌତ ତେଲ ସୁକତେଲ ଲାନ୍ତ
ଅଙ୍ଗାଦି ତଟିନୀ କଲେ ତୋ ତନୁ ପୂତ,
ହରିତ ଶସ୍ୟ କେଦାର ଗର୍ଭେ ତୋ ରତ୍ନ ଭଣ୍ଡାର
ବୟନ ଶିଳ୍ପରେ ପୋଏ କେତେ ସମର୍ଥ,
ଅନ୍ତର୍ଯ୍ୟାମୀ ସ୍ଥପତି ଶ୍ରେଷ୍ଠ,
କଲେ ତୋ ନାମ ଉଜ୍ଜ୍ୱଳ କଳାଉତ୍କୃଷ୍ଟ ।

ରୂପ ତୋର ଲାସ୍ୟମୟୀ ବଚନେ କହି ନୁହଇ
ମହିମା ଅପରିସୀମ ଭବ୍ୟ ପ୍ରକୃତି,
ପୂର୍ବେ ବଳରାମ ଗଡ ଏବେ ହେଲୁ ବଲାଙ୍ଗିର
ପ୍ରାଚୀନ ପାଟଣା ରାଜ୍ୟ ଦିବ୍ୟ ସଂସ୍କୃତି,
ସନ୍ତତିଙ୍କୁ ଥାଉ ତୋ କୃପା,
ପ୍ରାଣର ପ୍ରଣତି ଘେନ ହେ ମାତୃରୂପା ।।

ସୃଜନ ନିଳୟ
ପାଟଣାଗଡ, ବଲାଙ୍ଗିର

ISSN NO.
2582-208X

# ଶାରଦୀୟ ଦୁର୍ଗାପୂଜା



ଦଣ୍ଡାସି ପ୍ରଧାନ

କଲ୍ୟାଣମୟୀ ମା ଜଗତ ଜନନୀ
ଐଶ୍ୱର୍ଯ୍ୟମୟୀ ଭବାନୀ ।
ଦିବ୍ୟ ରୂପ ସୌମ୍ୟ କାନ୍ତ ପ୍ରକାଶିତ
ଉତ୍ସବମୟ ଧରଣୀ ।୧।

ଜୀବ ପ୍ରାଣ ହିତେ ଯନ୍ତ୍ରଣା ଆବୋରି
ଅବତରି ଭୂମଣ୍ଡଳେ ।
ଦୁଷ୍ଟ ସଂହର୍ତ୍ତୀ ପରିପୁଷ୍ଟ କର୍ତ୍ତ୍ରୀ
ସନ୍ତୁପ୍ରଦା କାଳେ କାଳେ ।୨।

ନିର୍ମଳ ଶରତ ବିସ୍ତାରିତ କ୍ଷେତ
ସବୁଜ ନୀଳ ଦିଗବଳୟ ।
ସମାଦରେ ମେଘ ଢାଳେ ବୃଷ୍ଟି ଜଳ
ମୃଦୁମନ୍ଦେ ବହେ ମଳୟ ।୩।

ସ୍ୱାଗତ ଗ୍ରମର କାଶତଣ୍ଡୀ ଗୁଚ୍ଛ
ଶ୍ୱେତ କଇଁ ସରୋବର ।
ପାହାଡ ତଟିନୀ କୁଳୁକୁଳୁ ନାଦେ
ଗୀତ ଗାଏ ଆନନ୍ଦରେ ।୪।

ବନ ଉପବନ ନିଘଞ୍ଚ ଅରଣ୍ୟ
ସୁପ୍ରସନ୍ନେ ବିମୋହିତ ।
କେକୀ ସ୍ୱାଗତେଇ ଉତଫୁଲ୍ଲିତ ନାଚେ
ପୁଚ୍ଛ ଗୁଚ୍ଛ ବିସ୍ତାରିତ ।୫।

ସାଗର ସରିତ ଜଳ ସଂଗୃହିତେ
ଜୁଆରିତ କଳେବର ।
କଳୁଷ ନାଶନେ ଅବନୀ ପୃଷ୍ଠରେ
ବିଜୁଳିର ଚମତ୍କାର ।୬।

ISSN NO.
2582-208X

ଶୁଭ ଶଙ୍ଖ ଚଲ ହଳଦୀ ବସନ୍ତ
ମସ୍ଯ ଜଳ ପ୍ରବାହରେ
କ ବର୍ଣ୍ଣାଢ୍ୟ ସଜ୍ଜା ପ୍ରକୃତି ରାଣୀଙ୍କ
ମାତୃ ଶକ୍ତ ସଙ୍ଗମରେ ।୭ ।

ସୁଶୋଭିତ ମେଢ ବିଦ୍ୟୁତ ତୋରଣ
ଯଜ୍ଞଜ ଯନ୍ତ୍ର କାରକ ।
ପୁରୋହିତ ମନ୍ତ୍ରେ ସାନ୍ଧ୍ୟ ଆଳତି
ଝୁଣା ଗନ୍ଧର ମହକ ।୮ ।

ଭୂଲୋକ ଗୋଲକ ବୈକୁଣ୍ଠ ପର୍ଯ୍ୟନ୍ତ
ମୁଖରିତ ପରିବେଶ ।
ଉତ୍ସବ ବିଭୋର ସ୍ଥାବର ଜଙ୍ଗମ
କାରଣେ ମାତୃ ଆଶିଷ ।୯ ।

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ8660194967/ Dpradhan@gmail.com

ISSN NO.
2582-208X

# ନିଃଶବ୍ଦ ଅନ୍ଧାର



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଆଜି ସେଠି ଅନ୍ଧାରର ସ୍ୱଜତ୍ୱ
ବହଳ କଛାଟିଆ ଅନ୍ଧାର
ବୋଳ ହୋଇଯାଇଛି ତାର ସ୍ବରି କାନ୍ଥରେ
ମୋର ସେଇ ମାଟିର ବୈକୁଣ୍ଠ ପୁରରେ
ମୋ ରୁପାଝର ସ୍ମୃତିର ଗନ୍ତାଘର, ମୂକ ସାକ୍ଷୀ
ମୋ ବିତିଯାଇଥିବା ମୁହୂର୍ତ୍ତ ମାନଙ୍କର,

ସେଇ ଅଖ୍ୟାତ ପଲ୍ଲୀରେ
ଯେଉଁଠି ବିତୁଥିଲା ପ୍ରତିଟି ସମ୍ମୋହିତ
ମୁହୂର୍ତ୍ତ, ସକଳ ତୀର୍ଥ
ଠୁ ଯେ ଆହୁରି
ପୂଣ୍ୟଦାୟୀ, ବହୁମୂଲ୍ୟ ରତ୍ନଠୁ ବି ଯେ
ଆହୁରି ଅଧିକ ମୂଲ୍ୟବାନ,
ମୋର ଅତି ଆପଣାର
ସେଇ ମୋର ଛୋଟ ଘର
ଇଟା କାନ୍ଥ ଟିଣ ଛପର
ଆଜି ସେଠି ବିରାଜୁଛି ନିଃଶବ୍ଦ ଅନ୍ଧାର ।

ISSN NO.
2582-208X

ନାହିଁ କୋଳାହଳ କ ନାହିଁ ଫୁସୁର୍ ଫାସର୍
ନାହିଁ ହସର ଲହରୀ କ ନାହିଁ କ୍ରନ୍ଦନ ରୋଳ
ଏକଦମ୍ ନରବି ଯାଇଛି ଆପଣା ଭିତରେ
ଶୁନଶାନ୍ ଇଲ୍‌କା, ନାହିଁ ଶବଙ୍କର ଅଳ ଅର୍ଦ୍ଦଳ
ଅବା ଦୌଡ଼ା ଦଉଡ଼ି ।

ସୂର୍ଯ୍ୟ ଉଇଁଲେ ଅବା ସୁନାରଙ୍ଗ କରଣ ବିଞ୍ଚିଲେ
ଚଢ଼େଇଟିଏ ଗୀତ ଗାଇଲେ, ଫୁଲମାନେ
ଫୁଟିଲେ, ଅବା ପବନରେ ଦୋଳ ଖେଳଲେ
ତାର ବା କବା ଯାଏ ଆସେ
ଦିନ ଯାଇ ରାତି ଆସିଲେ
ପୂର୍ଣ୍ଣମୀ ଜହ୍ନ ଯୋଛନା ଢାଳଲେ
ବିମୁଗ୍ଧା କଇଁଟିଏ ପ୍ରୀତିର ପରଶରେ ଭିଜିଲେ
ବିକଶିତ ହେଲେ
ତାର ବା କବା ଯାଏ ଆସେ
ସେ ତ ପ୍ରତିକ୍ଷଣ ଶଢୁଛି ବାହୁନୁଛି
ଗୁମୁରୁଛି ଆପଣା ଭିତରେ ।

ଆଜି ଦୀପାବଳୀର ଆଲୋକ ମାଳାରେ
ଆଲୋକତ ହେବନ ତା ଅଗଣା
କ ହଟିବନ ତା ଘରି କାନ୍ଥରୁ
ଅନ୍ଧାରର ଲୁହାବାଡ଼,
ବାକ ଜୀବନ ଏମିତି ସେ ଠିଆ ହୋଇଥିବ
ଲଣ୍ଡା ପାହାଡ଼ଟେ ଅବା ଥୁଣ୍ଟା ଗଛଟିଏ ପରି
ବିଶାଳ ଆକାଶର ଶୂନ୍ୟତାକୁ ଗ୍ରହିଁରହିଥିବ
ହଜିବାକୁ ଚେଷ୍ଟା କରୁଥିବ ତା ପ୍ରଶସ୍ତ ଛାତିରେ ।

ISSN NO.
2582-208X


ଅପେକ୍ଷା କରିଥିବ କାନ ଡେରିଥିବ
କାଳେ କେତେବେଳେ ଶୁଭିଯିବ ଶବ୍ଦ
ମାନଙ୍କର କଳରବ, ତା ଗେହ୍ଲା ଅତି ଆପଣାର
ଚରିତ୍ରମାନେ ପାଦଦେବେ ତା ଦୁଆର ଦାଣ୍ଡରେ
ଝଲକାଏ ବାସ୍ନା ପବନ ଛୁଇଁଯିବ ତା ଅଗଣାକୁ
ମୁଠାଏ ସୂର୍ଯ୍ୟ ଆଲୋକରେ ତୋଫା ଦିଶିବ
ତା ଅବଶିଷ୍ଟ ଅଂଶ । ।

ଶିକ୍ଷୟତ୍ରୀ, କେନ୍ଦ୍ରାପଡା

(()))

ଦେଖନ୍ତୁ ଏବଂ ଜାଣନ୍ତୁ - ନୈମିସାରଣ୍ୟ

https://youtu.be/KWxtd0IjDUo

Please like & Subscribe this video

ISSN NO.
2582-208X

# ଲଳିତ ନିବନ୍ଧ-
# ମିତ୍ର ସହ ହାତାହାତି



ବଦ୍ରୀ ମହାନ୍ତ

ଛନ୍ଦାଛନ୍ଦି ହୋଇ ବେଢ଼ି ରହିଥିବା ସଂପର୍କ ମାନଙ୍କୁ ଅସ୍ତ୍ରୋପଚାର କଲେ ମନର ଉଦବେଗ ବିଚିତ୍ର ଅବସ୍ଥାକୁ ଉନ୍ନୀତ ହୋଇଯାଏ । ହୃଦୟ ସ୍ପନ୍ଦିତ ହୁଏ ଭଲପାଇବା ଓ ବୁଝାମଣାର ଅର୍ଗଳୀରେ। ବେଳେ ବେଳେ ଇଚ୍ଛା ହୁଏ ସଭିଙ୍କୁ କାଠଗଡାରେ ଛିଡ଼ା କରାଇ ହିସାବ ନିକାଶ କରିବାପାଇଁ। ମାତ୍ର ସବୁ ସଂପର୍କକୁ ନ୍ୟାୟ ଦେଇ ହୁଏନା। କେତେକ ଜନ୍ମସିଦ୍ଧ ବିଧି ନିର୍ଦ୍ଦେଶ ତ ଆଉ କେତେକ ଅନିର୍ବାଯ୍ୟ, ସେତେବେଳେ ଇଚ୍ଛାକୃତ ବନ୍ଧନମାନଙ୍କୁ  ଅଲଗା ଅଲଗା କରି ଦେଖିଲେ ଉଚ୍ଛନ୍ନ ହୁଏ ମନ। ସତରେ କଣ ସଂପର୍କର ଅଡୁଆ ସୂତା ଭିତରେ ଗୁନ୍ଥା ଗୁନ୍ଥି ହୋଇ ନରହି ସଳଖ ସୁନ୍ଦର ସାବଲୀଳ ଓ ଅଖିଦୃଶିଆ ଜୀବନଟିଏ ଜୀଇ ହୁଏ ? କେତେବେଳେ ଅପନ୍ତରା ଇଲାକାର ଗୋଳିଆ ପାଣିକୁ ଆପଣେଇ ନେବାକୁ ପଡେ ତ କେତେବେଳେ ହାତାହାତି ହେବାକୁ ପଡେ ସମ୍ମୁଖ ରଣକ୍ଷେତ୍ରରେ। ଆଉ ଥରୁଟିଏ ଯୁଦ୍ଧ ଭୂମିରେ ପଦାର୍ପଣ କଲେ ଦିଶେ ନାହିଁ କେଉଁ ସମ୍ପର୍କ କେମିତି ବନ୍ଧା ହୋଇପଡିଛି, ଆଉକାହାକୁ କେଉଁ ସୂତାରେ ବାନ୍ଧି ହେବ!  ସବୁ ସମ୍ପର୍କ ମଧ୍ୟରେ ମିତ୍ର ଓ ମିତ୍ରତାର ସ୍ଥାନ ନିଆରା ହୋଇ ବାରି ହୋଇପଡେ।

ମଣିଷ ଏକ ସାମାଜିକ ପ୍ରାଣୀ ହୋଇ ଥିବାରୁ ଏକୁଟିଆ ରହିବା ତା ପାଇଁ କଷ୍ଟକର। ଲୋଡୁଥାଏ ସାଥିଟିଏ, ଖୋଜୁଥାଏ ସୁଖ ଦୁଃଖ ହର୍ଷ ବିଷାଦ ପୁଲକ ବିସ୍ମୟମାନଙ୍କୁ  କିପରି ସହଭାଗୀ କରିହେବ।  ମିତ୍ରତା ଏପରି ଏକ ସଂପର୍କ ଯାହାକୁ ବ୍ୟକ୍ତି ସ୍ୱୟଂ ନିର୍ମାଣ କରେ ନିଜ ଇଚ୍ଛା ବୁଦ୍ଧି ବିବେକ ଆବଶ୍ୟକତା ଅନୁସାରେ। ସ୍ୱାର୍ଥ ସିଦ୍ଧି ଓ ଆକାଂକ୍ଷା ଚରିତାର୍ଥ

ISSN NO.
2582-208X

ନିମନ୍ତେ ବନ୍ଧୁତାର ହାତ ସମ୍ପ୍ରସାରିତ ହୋଇଥିବା ଚିତ୍ର ଆମ ଚାରିପାଖରେ ପ୍ରଚୁର ରହିଛି କେଉଁ ଅନନ୍ତ କାଳରୁ। ଏହା ଦୈବୀକୃତ ନୁହେଁ ବା ଜନ୍ମଗତ ନୁହେଁ। ଏକ ବିଶେଷ ଅବସ୍ଥାରେ ସ୍ୱତନ୍ତ୍ର ପରିବେଶରେ ନିର୍ଦ୍ଦିଷ୍ଟ ବୟସ ସୀମା ଭିତରେ ଆପେ ଆପେ ତିଆରି ହୋଇଯାଏ। ସମ ବୟସ ସମାନ ଅବସ୍ଥିତି ଅନୁରୂପ ବିଚାର ସମାନ ମାନସିକତାରେ ସାଧାରଣତଃ ଗଢି ଉଠେ ବନ୍ଧୁତା। ଅବଚେତନକୁ ପଛ କରି ଭାବନାକୁ ଅଣଦେଖା କରି ମିତ୍ରତା ରୂପ ନେଲାବେଳେ ଦେଖେନାହିଁ ରଙ୍ଗ, ରୂପ, ଜାତି, ଉଚ୍ଚ ନୀଚ, ଧନୀ ଗରୀବ, ପୁରୁଷ ସ୍ତ୍ରୀ। ନିରୋଳା ଭଲପାଇବା ଉପରେ ଛିଡ଼ା ହୋଇଥିବା ମିତ୍ରତା କୌଣସି କାଳେ ପ୍ରଦର୍ଶିତ କରେ ନାହିଁ ତାର ବିକଟାଳ ରୂପ।

ଜ୍ଞାନର ଚାବିକାଠି ପୁସ୍ତକ, ମାତ୍ର ପ୍ରକୃତ ସତ୍ୟଶ୍ରୟୀ ମିତ୍ର ଇ ପୁସ୍ତକାଳୟ। ବନ୍ଧୁର ଆଚାର ବ୍ୟବହାର ରୁଚି ଚଳଣୀ ଅଜ୍ଞାତରେ ପ୍ରଭାବିତ କରିଥାଏ ବ୍ୟକ୍ତିର ବ୍ୟକ୍ତିତ୍ୱକୁ, ଉଭୟ ସାକାରାତ୍ମକ ଓ ନକରାତ୍ମକ। ଜୀବନର ଅତି ନିକଟରେ ସଚ୍ଚା ବନ୍ଧୁଟି ଅବସ୍ଥାନ କରୁଥିବାରୁ ପ୍ରତି ବାଦ ସମ୍ବାଦ କଥା ଅକଥା ଭଲମନ୍ଦ ପ୍ରତିଟି କଠିନ ଓ ଗୁରୁତ୍ୱପୂର୍ଣ୍ଣ କ୍ଷଣରେ ଉପସ୍ଥିତ ଥାଏ। ବିପଦରୁ ଦୂରକୁ ନେଇଯିବା ସହ ଲଢ଼ିବାରେ ସହାୟକ ହୁଏ। ଗୋଟାଏ ପ୍ରାଚୀର ସମ ଛିଡ଼ା ହୋଇଯାଏ ଉତଫେଣିତ ନଦୀ ବା ଜ୍ୱଳନ୍ତ ଅଗ୍ନି ସାମ୍ନାରେ। ଅକଥ୍ୟ କଥା କହିବା, ଅଗମ୍ୟ ସ୍ଥାନ ଭ୍ରମଣ ଓ ଅସମ୍ଭବପ୍ରାୟ କୁ ସମ୍ଭାବନାରେ ପରିଣତ କରିବା ଏବଂ ସୁଖ ଦୁଃଖ ଅଭାବ ଅସୁବିଧା ଯନ୍ତ୍ରଣାକୁ ଅନାୟସରେ ବାଣ୍ଟି ହୁଏ ମିତ୍ର ସହିତ। ଜୀବନକୁ ରୋମାଞ୍ଚିତ କରୁଥିବା ଏକକୀତ୍ୱ ଦୂର କରୁଥିବା ସାଙ୍ଗ ସବୁ ବେଳେ ମନ ପାଖେ ପାଖେ ଘୂରି ବୁଲୁଥାଏ। ଏହାହିଁ ମିତ୍ରତାର ସ୍ୱକୀୟତା ଓ ସୌନ୍ଦର୍ଯ୍ୟ।

ସମ୍ମାନ ଆଦର ପ୍ରତିଷ୍ଠାର ଶୀର୍ଷ ଛୁଇଁବାରେ ବନ୍ଧୁ ଯେପରି ସହଯୋଗ କରେ, ସେମିତି ତଳି ତଳାନ୍ତ କରି ଛିଡ଼ା କରାଇ ଦେଇ ପାରେ ପତନର ଦ୍ୱାର ଦେଶରେ । ବାଲ୍ୟମିତ୍ର ଓ ସହପାଠୀ ବନ୍ଧୁ ଯେପରି ସମାନ ନୁହନ୍ତି, କୈଶୋର ବା ଯୌବନରେ ମିତ୍ରର ପରିଭାଷା ବି ଭିନ୍ନ। ବୃତ୍ତିଗତ ଓ ବ୍ୟବସାୟିକ ଜୀବନର ବା ସମୟ କାଟିବା ପାଇଁ ତିଆରି ହୋଇଥିବା ବନ୍ଧୁତ୍ୱର ପରିସୀମା ସୀମିତ ତଥା ଅନେକ ସମୟରେ କ୍ଷଣସ୍ଥାୟୀ। ତେବେ ବନ୍ଧୁତ୍ୱକୁ ସାଇତି ସମ୍ଭାଳି ରଖିବା ତାର ସଠିକ୍ ଉପଯୋଗ କରିବା ସବୁଠି ସମ୍ଭବ ହୋଇ ନଥାଏ। ତେଣୁ ମତ ପାର୍ଥକ୍ୟ ବିଭିନ୍ନ ପରିସ୍ଥିତରେ ବନ୍ଧୁତ୍ୱକୁ ଲହୁ ଲୁହାଣ କରେ। ବିଶ୍ୱାସ, ଭଲ ପାଇବା, ସହଯୋଗିତା ଓ ସହଭାଗିତାର ଅଭାବରେ କ୍ଷତଗ୍ରସ୍ତ ହୁଏ ମିତ୍ର ସମ୍ପର୍କ । ବିଶ୍ୱାସ

ISSN NO.
2582-208X

ତୁଟିଗଲେ ହାତାହାତି ହୋଇ ପରଷ୍ପର ବିରୁଦ୍ଧରେ ବିଷୋଦଗାରଣ କରିବା ସହିତ କୌଣସି ସର୍ବନିମ୍ନ ସ୍ତରକୁ ଓହ୍ଲେଇ ଆସନ୍ତି। ଅହଙ୍କାର ଆତ୍ମ ସମ୍ମାନ ପ୍ରତିପତ୍ତି ତୁଟାଇ ଦିଏ ମିତ୍ରତା। ଈର୍ଷା ହିଂସା ପରଶ୍ରିକତରତା ଧସେଇପଶି ଆସିଲେ ଚୁରମାର ହୋଇଯାଏ ବନ୍ଧୁତ୍ୱର ଇମାରତ। ଦୂରଦୃଷ୍ଟିର ଅଭାବ ଏବଂ ହେୟ ଜ୍ଞାନ ଫାଟ ସୃଷ୍ଟି କରି ଲୋକହସା କରାଏ।

ସତ୍ୟାଶ୍ରୟୀ ବନ୍ଧୁ କସ୍ମିନ କାଳେ ବନ୍ଧୁକୁ ଧୋକା ଦିଅନା ବା ସମ୍ମୁଖ ରଣକ୍ଷେତ୍ରକୁ ଓହ୍ଲାଇ ଆସି ହାତାହାତି ହୁଏନା। ହୀନମନ୍ୟତା ଓ ଅନାଦରକୁ ଦୃଷ୍ଟି ନଦେଇ ବନ୍ଧୁଧର୍ମ ପାଳନ କରୁଥିବା ବ୍ୟକ୍ତି ଜୀବନରେ ଭରିରହିଥାଏ ଆନନ୍ଦ ଶାନ୍ତି ଓ ପ୍ରୀତି। ସମସ୍ତ ପ୍ରତିକୂଳ ପରିସ୍ଥିତକୁ ଆତ୍ମସ୍ଥ କରି ମିତ୍ରତାର ଜୟଗାନ କରେ। ବନ୍ଧୁର ବିଶ୍ୱାସ ଘାତକତା, ପିଠିରେ ଛୁରୀ ଆଘାତ ଓ ଆସୌଜନ୍ୟତାକୁ ନିଜର କୃତକର୍ମ ମନେକରି ନିଜ ରାସ୍ତାକୁ ଆବୋରି ନିଏ। ଆଖି ପଡ଼ହଁରେଇ ଆଣିଲେ ଅସଂଖ୍ୟ ସଚ୍ଚା ମିତ୍ରଙ୍କ କାହାଣୀ ମନରେ ସୁଖ ଆଣି ଦିଅନ୍ତି। କୃଷ୍ଣ ସୁଦାମା ର ମିତ୍ରତା ସହିତ କୃଷ୍ଣ ଅର୍ଜୁନଙ୍କ ବନ୍ଧୁତ୍ୱର ତୁଳନା ଅଥବା ଦୁର୍ଯ୍ୟୋଧନ ଓ କର୍ଣ୍ଣଙ୍କ ମିତ୍ରତା ତୁଳନା କଲେ ବିଚିତ୍ର ନିଷ୍କର୍ଷର ସାମ୍ନା କରିବାକୁ ପଡେ। ଆଉ ଶ୍ରୀରାମ ସୁଗ୍ରୀବ, ଶ୍ରୀରାମ ବିଭୀଷଣ , ଶ୍ରୀରାମ ଗୁହକ ମିତ୍ରତା ପରି ବାପା ମା ଭାଇ ଭଉଣୀ ଓ ଆତ୍ମୀୟ ସମ୍ପର୍କ ମାନେ ଯେଉଁ ସଖ୍ୟର ଅବତାରଣା ଦିଅନ୍ତି ତାର ତୁଳନାତ୍ମକ ବିଚାରର ଆବଶ୍ୟକତା ଅଛି ବୋଲି ମନେ ହୁଏନାହିଁ।

ମହିଳା ନିମନ୍ତେ ପୁରୁଷ ବଂଧୁ ବା ପୁରୁଷର ମହିଳା ବନ୍ଧୁ ଏକଦା ଥିଲା ସ୍ୱପ୍ନ ପ୍ରାୟ ଓ ଦୁରନ୍ତ। ମାତ୍ର ସାମାଜିକ ବିଧି ବ୍ୟବସ୍ଥା ବଦଳିବା ସହିତ ଏହା ସାଧାରଣରେ ପରିବର୍ତ୍ତିତ ହୋଇ ଯାଇଛି। ପୁରୁଷ ଓ ନାରୀର ବନ୍ଧୁତ୍ୱ ଜନିତ ଭଲପାଇବା ଅନେକ ସମୟରେ ପ୍ରେମ ଓ ବିବାହର ରୂପ ନେଉଛି। ସଂପ୍ରତି ଦୂରନ୍ତ ଓ ଅଗମ୍ୟ କିଛି ଆଉ ରହି ଯାଇ ନାହିଁ। ହାତ ପାଆନ୍ତାରେ ବିଶ୍ୱର ସବୁକିଛି ସୁବିଧାରେ ଅଳ୍ପ ସମୟରେ ପହଞ୍ଚି ଯାଉଛି। ମିତ୍ରତା ଯେମିତି ସହଜରେ ତିଆରି ହେଉଛି ସେମିତି ତାର ଆୟୁ ସୁଦ୍ଧା ସେପରି କ୍ଷଣସ୍ଥାୟୀ ହେଉଛି। ବନ୍ଧୁତ୍ୱକୁ ସହଜରେ ବାଜି ଲଗାଯାଇ ପାରୁଛି, ହାତାହାତି ହୋଇ ରକ୍ତାକ୍ତ ହେବାକୁ ସମୟ ଲାଗୁନାହିଁ। ସ୍ୱଳ୍ପ ସମୟରେ ଅର୍ଥ ପ୍ରତିପତ୍ତି ପ୍ରତିଷ୍ଠାର ଶୀର୍ଷକୁ ସ୍ପର୍ଶ କରିବାର ଲାଳସା ବର୍ତ୍ତମାନର ମଣିଷକୁ ପାଗଳ କରି ଦେଉଥିବାରୁ ମିତ୍ରତା ସହିତ ପିତା ମାତା ଭାଇ ଭଉଣୀ ପରି କୌଣସି ସମ୍ପର୍କ କୁ ବିନା ଦ୍ୱିଧାରେ ବାଜି ଲଗାଇ ଦିଆ ଯାଇ ପାରୁଛି। ସେତେବେଳେ ବନ୍ଧୁତ୍ୱର ବଳି ପଡିବାକୁ କିଏ ବା ରୋକିବ ?

ISSN NO.
2582-208X

ବନ୍ଧୁତ୍ୱରେ ଫାଟ ସୃଷ୍ଟି କରି ସ୍ୱାର୍ଥ ସାଧନ କରିବା ଅପେକ୍ଷା ବେଶୀ ଥାଏ ଅସୂୟା ଓ ପରଶ୍ରିକାତରତା। ଯୋଜନାବଦ୍ଧ ଭାବରେ ଏ କର୍ମଟି ସମ୍ପାଦନ କରିଦେଲେ ଭୁଲ ବୁଝାମଣା ସୃଷ୍ଟି ହେବା ସାଙ୍ଗକୁ ହାତାହାତି ହେବାର ପଥ ସୁଗମ ହୋଇଉଠେ। ସବୁ କିଛି ନଷ୍ଟ ହୋଇଯାଏ। ମିତ୍ରତାର ହାତ ବଢେଇ ନିରାଶ ହେବା, ଅନ୍ୟର ଐଶର୍ଯ୍ୟ ସମୃଦ୍ଧି ଦେଖି ଦୁଃଖୀ ହେବା, ପଡୋଶୀର ଦୁଃଖରେ ସୁଖ ଅନୁଭବ କରିବା ଓ ସମୟ ହାତରୁ ଖସିଯିବା ପରେ ଚେଇଁ ଉଠୁଥିବା ବ୍ୟକ୍ତି ଜଣକ ବାଇ ମହାନ୍ତିଙ୍କ ପାଖରେ ସମାଜ ଦର୍ଶନ ଶୁଣାଇଲା ବେଳେ ସେ ଭାବନ୍ତି, ସତ୍ୟନିଷ୍ଠ ମିତ୍ରଟିଏ କୋଉଠୁ ଖୋଜିଆଣି ପହଞ୍ଚାଇ ଦିଅନ୍ତି ! ସମ୍ବୋଧନ କରି କହନ୍ତି, 'ହେ ପ୍ରିୟ ବନ୍ଧୁ! ହେତୁ ହେଲା ଦିନଠାରୁ ତମାମ ବନ୍ଧୁତାରେ ଅଠା ଭଳି ଲାଗିଯାଇଛ ସତ, କେତେବେଳେ ଉଦବେଳିତ ଅବସ୍ଥାରେ ଭାସି ଯାଇଛ ତ କେତେବେଳେ ହାତାହାତି ହୋଇ ମନକୁ ଓଜନିଆ କରି ଦେଇଛ, ମାତ୍ର ଥରୁଟିଏ ଛାତିରେ ହାତ ରଖି କହି ପାରିବ କି କେତେ ତୃପ୍ତି କେତେ ଶାନ୍ତି ପାଇଛ ମିତ୍ର ସହ ହାତାହାତି ହୋଇ, ହୃଦୟକୁ ଲହୁ ଲୁହାଣ କରି ? କହିଲ ଦେଖି ବନ୍ଧୁ ପରି ନିରୋଳା ସମ୍ପର୍କଟିଏ ଏ ଦୁନିଆରେ ଅଛି କି ?'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ,ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଜଗମୋହନ ବୃନ୍ଦାବନ ବିହାରୀ



ଜୟନ୍ତୀ ଦେବୀ

ଜଗମୋହନ ବୃନ୍ଦାବନ ବିହାରୀ ନରହରି ଆଦିକନ୍ଦ ।
ଗରୁଡ ଆସନ ନନ୍ଦର ନନ୍ଦନ କେଶବ ବାଳ ମୁକୁନ୍ଦ ।୧।

ମୋକ୍ଷ ପ୍ରଦାୟକ ସେ ବିଶ୍ୱନାୟକ ମାଧବ ମଧୁସୂଦନ ।
ହରେ ଭବତାପ ହରି ବିଶ୍ୱବାପ ଶ୍ରୀକୃଷ୍ଣ ବଂଶୀ ବଦନ ।୨।

ନକରିଣ ହେଳା ଭଜ ନନ୍ଦବଳା ଶ୍ରୀଧର ଶ୍ୟାମସୁନ୍ଦର ।
ବୃନ୍ଦାବତୀଧବ ସେ ନୀଳମାଧବ ଶ୍ରୀହରି ପରମେଶ୍ୱର ।୩।

ଦାମୋଦର ନୀଳକନ୍ଦର ସୁନ୍ଦର ନୀଳମଣି ବାସୁଦେବ ।
ବଳବାନ ବଳ ମଦନ ଗୋପାଳ ନାରାୟଣ ଶ୍ରୀୟାଧବ ।୪।

ନମୋ ନାରାୟଣ ପତିତତାରଣ କୃଷ୍ଣ ବ୍ରଜ ଯୁବରାଜ ।
ବିଶ୍ୱ ବିହାରୀ ଶ୍ରୀହରି ଦନୁଦାରୀ ନଟବର ଚତୁର୍ଭୁଜ ।୫।

ହାତଗୋଡ ନାହିଁ ଏମନ୍ତ ଦେବତା ନାହିଁ ନଥିବ ତ୍ରିପୁର ।
ରୀଷ୍ଟ ବିନାଶନ ମଦନ ମୋହନ ଶୀୟାବର ବଂଶୀଧର ।୬।

ISSN NO.
2582-208X

ନଗର ଯାହାର ଅଟେ ଶ୍ରୀମନ୍ଦିର ବାନା ପତିତପାବନ ।
ରସ ସାଗର ନାଗର କମ୍ବୁକର ବରଜ ରାଜ ନନ୍ଦନ ।୭।

ହରେ ଭବ ଭୟ ହରି ଦୟାମୟ ଯଶୋମତୀର ତନୟ ।
ରିଦ୍ଧି ସିଦ୍ଧି ଦାତା ସେ ବିଶ୍ୱ କରତା ଶ୍ରୀକୃଷ୍ଣ ଦେବାଧିରାୟ ।୮।

ଆପଦ ନାଶନ ଦେବ ଭଗବାନ ଶ୍ରୀଧର ମନମୋହନ ।
ଦିବସ ନିଶି ଭଜନ କର ମନ ଶ୍ରୀହରି କଳାବାମନ ।୯।

କଂଜ ପଦେ ଚିତ୍ତ ରହୁ ଅବିରତ ଏହି ନିବେଦନ ମମ ।
ଦୟାଳୁ ଶାରଙ୍ଗ ପାଣି ନୀଳମଣି ଶ୍ରୀପତି ପୁରୁଷୋତ୍ତମ ।୧୦।

ମହୁ, ଆଳ,କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# ମୋହ



ସଂଯୁକ୍ତା ସାହୁ

ମଣିଷର ଅନେକ ରୂପ ଗୁଣ ନେଇ
ଚରିତ୍ରର ପରିପ୍ରକାଶ ଆସେ
କିଏ କେଉଁ ଭାବନା ନେଇ ଚାଲେ
ସ୍ୱପ୍ନର ଆଶାରେ ସେ ଭାସେ ।

କିଛି ଅଭିଳାଷା ପୂର୍ଣ୍ଣ ହେଉଥାଏ ତ
ପୁଣି କିଛି ଅଧା ରହିଯାଏ
କିନ୍ତୁ କେଉଁଥିରେ ମୋହ ଲାଗିରହେ
ସେ ସେଥିରେ ବୁଡି ରହିଥାଏ ।

ଯେମିତି କବିଟିଏ ଭୁଲି ପାରେ ନାହିଁ
ତା ଶବ୍ଦ ସବୁ ଯୋଡିବାକୁ
ସେଥିରେ ଭିଜି ତା'ର ଆନନ୍ଦ ସାଉଁଟେ
ଭୁଲିପାରେ ନାହିଁ ତାହାକୁ ।

ତା ଜୀବନର ଖୁସି ଜାହିର କରେ
ତା କୋଣ ଅନୁକୋଣରୁ
ଯେତେ ଘଟଣାମାନ, ଆଖିଆଗରେ
ଉତୁରି ପଡେ ଶବ୍ଦକୋଷରୁ ।

ISSN NO.
2582-208X

ଆଶା ଆଉ ବିଶ୍ୱାସର ସେତୁ ଗଢେ
ଶବ୍ଦକୁ ପ୍ରଜ୍ୱଳିତ କରି
ମନର କାନଭାସ ଉପରେ ଆଙ୍କିଦିଏ
ଏକତ୍ରିତ କରେ ରଙ୍ଗଭରି ।

ଯେତେ ଲେଖିଲେ ବି ତୁଟେନି ମୋହ
ଦିଗନ୍ତ ବିସ୍ତାରିତ କରେ
ପ୍ରତି ମୁହୂର୍ତ୍ତ ଅନ୍ୱେଷଣରେ ଭିଜି ଭିଜି
ବୁଣେ ରେଣୁ ଆଶାରେ ।

ସୃଜନୀର ଅମୃତ ମନ୍ଦାକିନୀ ନେଇ
ଅମୃତମୟ ଧାରା ସଂଚରେ
ବିବିଧ ବର୍ଣ୍ଣରେ ରଙ୍ଗାୟିତ କରୁଥାଏ
ଅସଂଖ୍ୟ ସୃଜନୀର ସୃଷ୍ଟିରେ ।

ଗ୍ରାମ, ଜଗତସିଂହପୁର

ISSN NO.
2582-208X

# ଆଶ୍ୱାସନା



ବାସନ୍ତୀ ଲତା ଜେନା

ଦରଦୀ ପ୍ରାଣରେ ମିଠା ଭରି ଯାଏ
ଆଶ୍ୱାସନା ଟିକେ ଥିଲେ
ଛଳନା କପଟ ଦୂର ହୋଇ ଗଲେ
ସ୍ୱଚ୍ଛତା ପରଶ ମିଳେ ।୧।
ଦୁଃଖୀ ମନ ଆତ୍ମା ଅଶାନ୍ତ ବଳୟେ
ଚକ୍ରବୁହ୍ୟ ମଧ୍ୟେ ଥାଏ
ଶାନ୍ତ୍ୱନା ମଲମ ଟିକେ ମିଳ ଗଲେ
ଦୁଃଖ ଲାଘବ ଯେ ହୁଏ ।୨।
ବନ୍ଧୁ ଦେଇଥାଏ ବନ୍ଧୁ ଆଶ୍ୱାସନା
ଦେଇ ଥାଏ ଧୈର୍ଯ୍ୟ ଶକ୍ତ
ସେନେହ ପ୍ରେମର ମଲମ ଲଗାଇ
କାଢି ଦିଏ ମନୁ ଭୀତି ।୩।
ସନ୍ତାନ ଦୁଃଖରେ ମାତା ଆଶ୍ୱାସନା
ସଞ୍ଜିବନୀ କାମ କରେ
ପରିବାର ମଧ୍ୟେ ବୁଝାମଣା ଥିଲେ
ଆଶ୍ୱାସନା ପ୍ରୀତି ଝରେ ।୪।

ISSN NO.
2582-208X

ଗୁରୁ ନତି ବାକ୍ୟ ଶିଷ୍ୟଙ୍କ ଜୀବନେ
ଉନ୍ନତିର ପଥ ସେହି
ପରୋପକାରରେ ଜୀବନ ବିତିଲେ
ଧନ୍ୟ ଜୀବନ ହୁଅଇ ।୫।
ଜନନୀ ଜନ୍ମ ଭୂମି ସେବା କରୁଥିଲେ
ମନ ପ୍ରାଣ ଢାଳ ଦେଇ
ସଂସ୍କାର ସଂସ୍କୃତି ବଞ୍ଚାଇ ରଖିବା
ଆଶ୍ୱାସନା ମାର୍ଗ ଏହି ।୬।
କେତେ ପୂଣ୍ୟ ବଳେ ମଣିଷ ଜନମ
ଭକ୍ତର ପଥ ବାଛିବା
ବିଭୁ ଆରାଧନା ନତ୍ୟେ କରୁଥିବା
ତାଙ୍କ ପଦ ପୂଜୁ ଥିବା ।୭।
ଦୁଃଖି ରଙ୍କୀଙ୍କର ସେବା କରୁଥିବା
ମୁଖେ ଦେବା ଗଣ୍ଡେ ଅନ୍ନ
ଶାଶ୍ୱତ ପ୍ରେମରେ ଦିନ ବିତାଇବା
ଜୀବନ ହୋଇବ ଧାନ୍ୟ ।୮।
ବାର୍ଦ୍ଧ କ୍ୟରେ ପିତା ମାତାଙ୍କୁ ସେବିବା
ସ୍ନେହ ପ୍ରେମ ଟିକେ ଦେଇ
ଆଶ୍ୱାସନା ପାଇଁ ପୁଲକତ ହେବେ
ପିତା ମାତା ଆମ ଦୁଇ ।୯।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ଅଦୃଶ୍ୟ ବୟସ



ଅମ୍ବିକା ସ୍ୱାଇଁ

ଓହୋ ! ଏକ ବଡ଼ ଚିନ୍ତା ଗଲା, ଖୁବ୍ ଦୀର୍ଘ ନିଶ୍ୱାସ ଟି ପକାଇ ଅଲିଭା ଟେବୁଲ୍ ଉପରେ ଖାତା କଲମ ଥୋଇ ଦେଇ ମନେ ମନେ ଭାବୁଥିଲା ଯାହା ହେଉ, ବର୍ଷକ ତଳୁ ଆରମ୍ଭ କରିଥିବା ଉପନ୍ୟାସ ଟି ଏହି କିଛି ଦିନର ପରିଶ୍ରମ ରେ ଆଜି ପୂର୍ଣ୍ଣ ରୂପ ନେଲା । ଖାଲି ଯାହା ସାଜ ସଜା ହୋଇ ସୁନ୍ଦର ପରିପାଟୀ ରେ ଲୋକ ଲୋଚନ କୁ ଆସିବାର ବାକି ରହିଲା। ଯାହା ବି ହେଉ ସେ ପ୍ରକାଶନୀ ସଂସ୍ଥା କୁ ଅଶେଷ ଧନ୍ୟବାଦ ତାଙ୍କର ଦୃଢ଼ ଫର୍ମମାଇସ୍ ରେ ରାତି ଦିନ ଲାଗିପଡି ପାଣ୍ଡୁଲିପି ଟିକୁ ପ୍ରସ୍ତୁତ କରିଦେଲି । ଏମିତି ଗୁଣୁ, ଗୁଣୁ ହୋଇ କହିଲା ଭିତରେ ବୁଲି ପଡି ଦେଖିଲା ସ୍ୱାମୀ ଦୀପକ ଠିଆ ହୋଇ ମୁରୁକି ହସା ଦେଉଛନ୍ତି, ଅଲିଭା ପଚାରିଲା କଣ ହେଲା ହସୁଛ ଯେ ? !!! ନା ମ କିଛି ନାହିଁ ତୁମକୁ ଦେଖୁଛି ! ମୋତେ ଦେଖୁଚ ! କଣ ମୁଁ କିଛି ନୂଆ ଦିଶୁଛି କି ? ! ଦୀପକ ବାବୁ ଆଉ କିଛି ଉତ୍ତର ନ ଦେଇ ପୁଣି ଟିକେ ମୁରୁକି ହସା ଦେଇ ରୁମ୍ ବାହାର କୁ ଚାଲି ଗଲେ । ଅଲିଭା କିଛି ବୁଝି ପାରିଲାନି, ମନେ ମନେ ଭାବିଲା କଣ ପାଇଁ ଏମିତି ହସୁଚନ୍ତି !! ସେ ମୋନାଲିସା ହସର ରହସ୍ୟ ପରି ୟାଙ୍କର ଏ ହସର ରହସ୍ୟ କଣ !! ଟିକେ ଭାବିବା ପରେ, ଧଡକିନା ବେଡ୍ ରୁମ୍ କୁ ଯାଇ ଡ୍ରେସିଂ ଟେବୁଲ୍ ମିରର ଉପରେ ପଡ଼ିଥିବା ପରଦା କୁ ହଟାଇ ଯେତେବଳେ ତା" ସାମ୍ନା ରେ ଠିଆ ହୋଇ ନିଜକୁ ଦେଖିଲା, ଚମକି ପଡ଼ିଲା ଆରେ ଏ କିଏ ? ଆଗ ଓ ପଛକୁ ବୁଲି ବୁଲି ଦେଖିଲା, ଆରେ କେହି ତ ମୋ ପଛରେ ନାହିଁ, ମିରର ରେ କାହା ଛବି ଦିଶୁଛି, ଅଲିଭା ନିଜେ ନିଜକୁ ଚିହ୍ନି ପାରିଲାନି । ତା"ଆଖି ସତେ ଯେମିତି କି ଧୋକା ଖାଇଗଲା । ମିରର କଣ କେବେ ଧୋକା ଦେଇ ପାରେ ? ମିରର ତ ମଣିଷ ର ଅଦେଖା ବାସ୍ତବ ଛବି କୁ ନିଜ ଆଖି ସାମ୍ନାରେ ପ୍ରତିମ୍ବିବିତ କରେ ।

ISSN NO.
2582-208X

ବିଶ୍ୱାସ କରିପାରିଲା ନି ସେ କେଇଟା ଦିନରେ ଏମିତି ବଦଳି ଯାଇଛି !!!

ମହାମାରୀ କରୋନା ଭୂତାଣୁ ଆସି ସାରା ବିଶ୍ୱ ର ମେରୁଦଣ୍ଡ କୁ ଦୋହଲାଇ ଦେଇଛି, ସାରା ବିଶ୍ୱ ବର୍ତ୍ତମାନ ଲକ୍ ଡାଉନ୍ । ସେଥିପାଇଁ ଘରୁ ବାହାରିବାର ନାହିଁ, ଅଫିସ ବି ଛୁଟି । କାହା ଘରକୁ ବନ୍ଧୁ ବାନ୍ଧବ ସାହି ପଡିଶା କେଉଁଠି କୁ ତ ଯିବାର ନାହିଁ ସବୁ ବନ୍ଦ । ଏହି ସମୟ ରେ ହଠାତ୍ ଏକ ବଡ଼ ପ୍ରକାଶନୀ ସଂସ୍ଥା ଫୋନକଲେ ଅଲିଭାକୁ କହିଲେ, ମ୍ୟାଡମ୍ ଯଦି ଆପଣ ଙ୍କ ର କିଛି ନୂଆ ବହି Creation କରିବାର ଅଛି ତେବେ ଏହି ସମୟ ରେ ଯଥେଷ୍ଟ ସମୟ ଅଛି ପ୍ରସ୍ତୁତ କରି ନିଅନ୍ତୁ, ବହିଟିଏ ଛାପି ଦେବା । ଅଲିଭା ଖୁବ୍ ଖୁସି ହୋଇ ଗଲା ଓ ଭାବ ବିହ୍ୱଳିତ ହୋଇ ମନ ଧ୍ୟାନ ରେ ଲାଗି ପଡ଼ିଲା ତା"କାମରେ । ନିଜ ପ୍ରତି ଦୃଷ୍ଟି ଦେବାକୁ ଏକଦମ୍ ଭୁଲିଯାଇଛି, ଦର୍ପଣ ସାମ୍ନାରେ ଠିଆ ହୋଇ ନିଜକୁ ସଜେଇବାର ସମୟ ବି ଇଯ୍ୱେ ନୁହେଁ । ଅଫିସ ତ ଯିବାର ନାହିଁ ସଭା ସମିତି ରେ ବି ଯୋଗ ଦେବାର ନାହିଁ, ନିଜକୁ ଅଲିଭା ସଜେଇବ ବା କାହିଁ !! କିଏ ଦେଖୁଚି ଯେ ତାକୁ ....!!!!

ଏହି ଫୁରସତ୍ ସମୟରେ ତା"ର ଅଧା ଉପନ୍ୟାସ କୁ ପୁରା କରିବା ପାଇଁ ରାତି ଦିନ ଏକାକାର କରିଦେଇଛି । ଆଜି ସ୍ୱାମୀ ଙ୍କ ର ନୀରବ ଉପହାସ ର ହସ ଦେଖି ଏତେଦିନ ପରେ ସମୟ ମିଳିଛି, ନିଜକୁ ଦର୍ପଣ ଆଗରେ ପରଖି ନେବାକୁ । କିନ୍ତୁ କଣବା ପରଖିବ ନିଜକୁ, ସେ ତ ଦର୍ପଣ ଆଗରେ ତା"ର ପ୍ରତିବିମ୍ବ କୁ ଚିହ୍ନି ପାରୁନି ନିଜେ, ଧୋବ ଫର ଫର ପାଚିଲା ଚୁଟି, ଅସଜଡ଼ା ଆଇବ୍ରୋ, ଓଠର ଶିଥିଳତା ମୁହଁ ରେ ନାହିଁ, ପୂର୍ବ ପରି ଆକର୍ଷଣୀୟ ଔଜ୍ଜ୍ୱଲ୍ୟତା । ଯେମିତି ୬୦ ବର୍ଷ ର ବୁଢ଼ୀ ଟିଏ, ତା"ସାମ୍ନାରେ ଠିଆହୋଇଛି, ସେ ତା" ବାସ୍ତବ ଛବିକୁ ଦେଖି ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲା, ଡ୍ରେସିଂ ଟେବୁଲ୍ ଡ୍ରୟର ଖୋଲି ପ୍ରଥମେ ଅଣ୍ଡାଳି ପକାଇଲା, ଚୁଟି କୁ କଲର୍ କରିବା ପାଇଁ ତା"ଭିତରେ ଅଛି କି କାଳୀମେହେନ୍ଦି...ନା ମିଳିଲାନି !! କରୋନା ପାଇଁ ଏତେ ଜଲଦି ଜଲଦି ସବୁ ବନ୍ଦ ବାନ୍ଦ ହୋଇଗଲା ଯେ" ଏତେ କଥା ଭାବି ବାକୁ ସମୟ କାହିଁ ! ଏ ସବୁ ଆଣି ଘରେ ରଖିବାକୁ । ଘର ର ଯାହା ଅତ୍ୟାବଶ୍ୟକ ଜିନିଷ ଟିକେ ଦୀପକ ବାବୁ ବଜାର କୁ ଯାଇ ଧରି ଆସିଲେ, ସେବେ ଠାରୁ ତ ପୁରା ସତର୍କ ସୂଚନା ସମସ୍ତଙ୍କୁ ବାହାରକୁ ଯିବା ମନା । ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷା ଦେବାର ଦାୟିତ୍ୱ ସମସ୍ତଙ୍କର ଏହି ଘଡିସନ୍ଧି ମୁହୂର୍ତ୍ତ ରେ ସାମାଜିକ ଦୂରତା ରକ୍ଷା କରି କରୋନା କୁ ପ୍ରତିହତ କରିବାର ବେଳ । ଏ ସମୟ ରେ

ISSN NO.
2582-208X

ଏସବୁ ଚିନ୍ତା ସହ ଉପନ୍ୟାସ ର ସୌନ୍ଦର୍ଯ୍ୟ କରଣ ଭିତରେ ବୁଡି ରହି ପାଠକ ଙ୍କୁ ତା"ଉପନ୍ୟାସ ଭିତରେ ବାନ୍ଧି ରଖିବା ର ପଯତ୍ନ ପ୍ରୟାସ ରେ ନିଜ ସୌନ୍ଦର୍ଯ୍ୟ କୁ ଧରି ରଖିବାକୁ ପୁରା ପୁରି ଭୁଲି ଯାଇଛି ଅଲିଭା, ମାସକୁ ଥରେ ବିଉଟି ପାର୍ଲର ଯାଇ ସଜେଇ ହୋଇ, ନିଜ ସୌନ୍ଦର୍ଯ୍ୟ କୁ ନେଇ ଗର୍ବ କରୁଥିବା ଅଲିଭା ଆଜି ନିଜ ସୌନ୍ଦର୍ଯ୍ୟ ପାଖରେ ହାରି ଯାଇଛି, ତା" ଅଦୃଶ୍ୟ ବୟସ ଆଜି ଦର୍ପଣ ସାମ୍ନାରେ ତାକୁ ଦୃଶ୍ୟମାନ ହେଉଛି.....!!

ପୁଣି ଆଗକୁ ପଛକୁ ଚାହୁଁଚି, ଦର୍ପଣରେ ଦୀପକ ବାବୁଙ୍କ ର ପ୍ରତିଛବି କୁ ଦେଖି ଅଲିଭା ଚମକି ପଡି ପଛକୁ ଫେରି ଚାହୁଁଚି....ଦୀପକ ବାବୁ ଙ୍କ ର ପୁଣି ସେହି ନିରବ ପରିହାସ ର ରହସ୍ୟ ଭରା ମୃଦୁ ହସ ର ଶବ୍ଦ ତରଙ୍ଗରୁ ଯେମିତି ଭାସି ଆସୁଛି, ସତରେ ଆଜି ଯଦି ଦୁନିଆରେ ପ୍ରସାଧନ ସାମଗ୍ରୀ କିମ୍ବା ହେୟାର କଲର୍ ନ ବାହାରି ଥାନ୍ତା କି ବିଉଟି ପାର୍ଲର୍, ସେଲୁନ ନ ଥାନ୍ତା ତେବେ ଆଜିକାର ଆଧୁନିକ ଯୁଗରେ ଷାଠିଏ, ପଞ୍ଚସଠି ବର୍ଷର ବୁଢ଼ା ବୁଢ଼ୀ ବି ତିରିଶ, ଚାଳିଶ ବର୍ଷ ର ଯୁବକ, ଯୁବତୀ ପରି ତାଙ୍କ ଅଦୃଶ୍ୟ ବୟସ ର ପ୍ରତିବିମ୍ବ ଭିତରେ ଲୁଚକାଳି ଖେଳି ନଥାନ୍ତେ.....!! ହଁ ! କି ନା !! ହଁ ସେଥିରେ ବି ତୁମେ ଆଉ ମୁଁ.....!!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୬୯୫

ISSN NO.
2582-208X

# ବିସର୍ଜନ



ଡ. ଜ୍ଞାନେଶ୍ୱର ମିଶ୍ର

ମୁଁ ଏକ ଜୀବ
ଏକଥା ହତ ପ୍ରତିଶତ ସତ
ମୁଁ ଜୀଇଁଛି
ଏତ ନିରୋଳା ସତ
ମୋର ଜୀବନ ନାହିଁ
ସତ ନ ଲାଗିଲେ ବି ଏହା ସତ
ପ୍ରଚକ୍ଷୁ ମୋର ଚକ୍ଷୁକୁ ଜଗିଛି
ଯେତେ ସବୁ ଦେଖିବା କଥା ଝାପଆ ଦିଶୁଛି
କାନ ଅଛି ଅଶବ୍ଦ ସୁଶବ୍ଦ ଶୁଭୁନାହିଁ କିଛି
ପ୍ରଶଂସା ଓ ନିନ୍ଦା ଶୁଣି ହଇବା କାନ୍ଦିବା ଭୁଲିଛି
ଜିଭ ଅଛି ସ୍ୱାଦର ଲାଳସା ମରିଛି
ସାମନାରେ ପିଠା ମିଠା ଛୁଇଁବାକୁ ପେଟ ଆକଟ କରୁଛି
ହାତଗୋଡ ଦୁହେଁ ମିଶି ତାଙ୍କ ଥକା ମେଣ୍ଟାଉ ଅଛନ୍ତି
ଚାଲିବା, ବୁଲିବା, ଖେଳିବା ସବୁ ଆଶା ଦୂରେଇ ଯାଇଛି
ମୋର ଜୀବନ ନାହିଁ ତଥାପି ମୁଁ ଜୀଇଁଛି
ଖାଲି ଶରୀରର ବିସର୍ଜନକୁ ଅପେକ୍ଷା କରିଛି ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ISSN NO.
2582-208X

# ଶାନ୍ତି ର ନୀଡ



ପୁଷ୍ପାଞ୍ଜଳି ପଣ୍ଡା

ମୋ ଗାଁଆ ଜମା ହଜି ଯାଇନାହିଁ
ସହରି ସଭ୍ୟତା ଆଳେ
ଏବେବି ସାହିରେ ନେତେରି ଖୁଡ଼ିର
ତୁଟୁକା ଓଷଦ ମିଳେ।।

କାଳିଆ କସରା ହଳେ ବଳଦରେ
ଗହଗା ପାଟରେ ଚାଷ
ମାର୍ଗଶିର ମାସ ମାଣବସା ବେଳ
ମହ ମହ ଝୁଣା ବାସ।।

ଏବେବି ଗାଉଛି ମୋ ଗାଁ ସୁନ୍ଦରୀ
କୁଆଁର ପୁନେଇଁ ଗୀତ
ନାଲି ନୀଳ ଧଳା ଉଖୁଡା ସହିତ
ଚାନ୍ଦ ଚକଟାରେ ବାସ।।

ପଖିଆ ପିଠିରେ ଧାନବାଛି ସାରି
ହିଡମୁଣ୍ଡେ ଖାଏ ଭାତ
ପଖାଳ ପିଆଜ ତୃପ୍ତି ରେ ଖାଇ
ଗାମୁଛା ରେ ପୋଛେ ହାତ ।।

କଞ୍ଚା ସୁଆଦିଆ ଆମ୍ବ ଖାଇ ସାରି
ଜୀଭ ରେ ଟକଳ ମାରେ
ଏବେବି ଗାଁ ରେ ନୈରୁତ କୋଣରେ
ପୁଷି ଶୁଏ ଢ଼ିଙ୍କିଶାଳେ।।

ପବନା ବୋଉର କଳିହୁଡି ଗୁଣ
ପାଞ୍ଚ ଖଣ୍ଡ ଗାଁ ଜାଣେ
ଧୋବି କେଉଟୁଣି ମାଛ ବିକୁଥାଏ
ରତିଆ ଟା ଜାଲବୁଣେ।।

ISSN NO.
2582-208X

ଏବେବି ରଜରେ ଦୋଳି ଝୁଲା ପରେ
ରଜ ପାନ ବାଣ୍ଟା ବଣ୍ଟି
ବିପଦରେ ସାଇ ଭାଇ ମିଳିଯାନ୍ତି
ହେଉ ଥାଉ ଯେଉଁ ପାର୍ଟି।।

ଅଜାଙ୍କ ଥନ୍ତଲ ପେଟକୁ ବଙ୍କୁଲି
ବାଡି ର ଆଦର ସଦା
ଚମ୍ପା ଖୁଡି ଚମ୍ପା ରଙ୍ଗ ହଳଦୀ ରେ
ଜୀବାଣୁ କରଇ ପଦା।।

ନଈକୂଳ ସୁଲୁସୁଲୁ ବାଆ ଦିଏ
ଆମ୍ବ ତୋଟା ଗୀତ ଗାଏ
ସ୍କୁଲ୍ ଛୁଟି ଦେଖି  ଖଡୁ ମାଷ୍ଟ୍ରେ ଚାଟ-
ଶାଳୀ ଛୁଟି କରୁଥାଏ।।

ଧୁଆଁ ଉଠୁଥାଏ ଚାଳ ମଥାନରୁ
କୋଠା ପଛେ ମାଳମାଳ
ଅଷ୍ଟପ୍ରହରୀ କି ବଡ଼ଓଷା ପରେ
ଗାଁ ଗଡିଆ ଜନ୍ତାଳ।।

ଏବେବି ସହରି ଫୁଲେଇ  ହେବାକୁ
ଚାହେଁ ନାହିଁ ଗାଁ ମୋର
ସକଳ ସୁଖର ଶାନ୍ତିର ନୀଡ଼
ପ୍ରିୟ ଗାଁ ଟି ମୋହର ।।

କେନ୍ଦ୍ରାପଡ଼ା

ISSN NO.
2582-208X

# ପ୍ରତି ପ୍ରାଣେ ଦେଶ ପ୍ରିତୀ ଭରିବା



ସୁନତା ଗୌଡ଼

ଏ ଦେଶ ଆମ ଜଗଜନନି
ଆମ କରମ ଯେ ହିନିମାନିନୀ ।
ଅଳସକୁ ଛାଡି କରମେ ଲାଗିବା
ପ୍ରତି ପ୍ରାଣେ ଦେଶ ପ୍ରିତୀ ଭରିବା ।
ଏଇ ମାଆ ଗର୍ଭୁ ଆମ ଜନମ
ଏକ ଜନନୀ ସଂସ୍କୃତୀ ଧରମ ।
ଏକ ପତକା ତଳେ ଏକ ହୋଇବା
ପ୍ରତି ପ୍ରାଣେ ଦେଶ ପ୍ରିତୀ ଭରିବା ।
ଏ ମାଟି ମାର ମମତା କୁ ନେଇ
ଭାଙ୍ଗିବା ଆମେ ସକଳ ପ୍ରାଚୀର ।
ଭୁଲି ଭେଦ ଭାବ ଜାଗି ଉଠିବା
ପ୍ରତି ପ୍ରାଣେ ଦେଶ ପ୍ରିତୀ ଭରିବା ।
ବାନ୍ଧି ସଭିଙ୍କୁ ସେନେହ ପ୍ରେମରେ
ଆମେ ଗଢିବା ନୁଆଁ ଦେଶରେ ।
ସୁସ୍ଥ ସମାଜ ଗଠନ କରିବା
ପ୍ରତି ପ୍ରାଣେ ଦେଶ ପ୍ରିତୀ ଭରିବା ।
ଏଇ ଜନମ ଭୂଇଁର  ପାଇଁ ରେ
ଆମ ଜୀବନ ସମର୍ପି ଦେଇ ରେ ।
ଆସ ଜୀବନ ସଫଳ କରିବା
ପ୍ରତି ପ୍ରାଣେ ଦେଶ ପ୍ରିତୀ ଭରିବା ।

ଡୁମୁଡୁମା, ଭୁବନେଶ୍ୱର

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୧୫ )

ମୁଁ ନିଜେ ନିଜର ଦୃଢ଼ କଣ୍ଠସ୍ୱର ଶୁଣି ଚମକି ପଡ଼ିଥିଲି । ମୋର ଆତ୍ମ ବିଶ୍ୱାସ ଦେଖି ମୁଁ ନିଜକୁ ନିଜେ ଆଶ୍ଚର୍ଯ୍ୟ ହେଉଥିଲି । ପରୀକ୍ଷା ପୂର୍ବର ଅଭିମନ୍ୟୁ ଓ ପରୀକ୍ଷା ପରର ଅଭିମନ୍ୟୁ ମଧ୍ୟରେ ଏ କି ଅସମ୍ଭବ ତଫାତ୍ ?

ପ୍ରଧାନ ଶିକ୍ଷକ ମୁଣ୍ଡ ବଙ୍କେଇ, ଆଖି ଟେରେଇ ଅନେଇଲେ । ବିବେକା ସାର୍ ନିଜର ଉପଲବ୍ଧି ନିମନ୍ତେ ଉତ୍ଫୁଲ୍ଲିତ ହେଉଥିଲେ ।

ମୋର ଉଡ଼ାଣର ପ୍ରଥମ ପର୍ଯ୍ୟାୟ ଶେଷ ହେଇଥିଲା । ଦିନ ଦେଢ଼ଟା ବାଜି ଯାଇଥିଲା । ଖେଳଛୁଟିର ସମୟ । ପିଲାଏ ହୋ ହାଲ୍ଲା କରି ଖେଳ ପଡ଼ିଆକୁ ଆସି ଯାଇଥିଲେ । ସେ ସମୟରେ ଟିଫିନ ଆଣିବାର ବ୍ୟବସ୍ଥା ନଥିଲା କାହା ଘରେ । ପଖାଳ ଖାଇ ଆସୁଥିଲେ ପିଲେ, ଆଉ ପୁଣି ଚାରିଟା ବେଳେ ଘରେ ଯାଇ ପଖାଳ ହିଁ ଖାଉଥିଲେ । ତେଣୁ ଖେଳଛୁଟି ମାନେ ଖେଳଛୁଟି । ଯାହାର ଘର ପାଖରେ ଥିଲା ସେମାନେ ଘରକୁ ଇଚ୍ଛା କଲେ ଯାଇ ପାରୁଥିଲେ ।

ଗଣନାଥ ଭାଇ ଶ୍ରେଣୀ ମାନଙ୍କରେ ପଢେଇ ସାରି ଆସି ଯାଇଥିଲେ । ସେ ସ୍କୁଲରେ ଗଣିତ ପଢାଉଥିଲେ ପିଲାଙ୍କୁ ।ସେଦିନ ଆଉ ଗୋଟିଏ ପିରିୟଡ଼ ଥିଲା ତାଙ୍କର ।

ISSN NO.
2582-208X

ପ୍ରଧାନ ଶିକ୍ଷକ କିନ୍ତୁ ନିଜ ଆଡୁ ତାଙ୍କୁ ଛୁଟି ଦେଇଦେଲେ ଆମ ସାଙ୍ଗରେ ଗାଁକୁ ଫେରିବେ ବୋଲି । ଆମେ ତାଙ୍କ ଠାରୁ ବିଦାୟ ଘେନି ଆସିଲୁ । ପ୍ରଧାନ ଶିକ୍ଷକ ବାରମ୍ବାର ବିବେକା ସାରଙ୍କ ନିକଟରେ କୃତଜ୍ଞତା ଜଣାଉ ଥାନ୍ତି । ତାଙ୍କର ପବିତ୍ର ପାଦଧୂଳି ସ୍କୁଲ ମାଟିରେ ମଝିରେ ମଝିରେ ପକେଇବାକୁ ବିନିତ ଅନୁରୋଧ କରୁଥାନ୍ତି ।

ରାସ୍ତାରେ ସାର୍ ପଚାରିଲେ କଣ ପ୍ରଶ୍ନ ପଡ଼ିଥିଲା ବୋଲି । ବଡ଼ ଆଶାୟୀ ଥିଲେ ସେ । ମୁଁ ନିବନ୍ଧ କଥା କହିବାରୁ ଟିକେ ବିରକ୍ତ ହେଲେ ।

- ହେଃ, ଏକା ଚରିତ୍ରଟାକୁ ନେଇକରି ଦୁଇଟା ରଚନା ଲେଖିଦେଲୁ ? ଭାବନା ଭାବନାର ଯାଗାରେ, ପାଠ ପାଠର ଯାଗାରେ । ଦୁଇଟାକୁ ମିଶେଇଦେ ଚେଷ୍ଟା ନାଇଁ କର । ବୁଝିଲୁ ନା?

ଫେରିବା ବେଳେ ବାଟ ଜମା ଜଣା ପଡ଼ିଲା ନାହିଁ । ବାପା ମାଆ ଚାତକ ପରି ବାଟ ଚାହିଁଥିଲେ ମୋର । ଗଣିଆ ଭାଇ କହି ଦେଇ ଗଲେ ଦୁଇଦିନରେ ପରିଣାମ ଜଣା ପଡ଼ିଯିବ ବୋଲି ।

ସେହି ଦୁଇଦିନ ମୁଁ ଉତ୍କଣ୍ଠାର ଶୀର୍ଷରେ ଥିଲି । ମୋତେ ରାତିରେ ନିଦ ହେଉ ନଥିଲା । ଚାଇଁନିଦ ଲାଗୁଥିଲେବି ଛୁଟ୍ କିନା ଭାଙ୍ଗି ଯାଉଥିଲା । ମାଆ ବାରମ୍ବାର ମୋତେ ଶୋଇବାକୁ କହୁଥିଲା । କୁଣ୍ଢେଇ ଧରି ଶୋଉଥିଲା, କିନ୍ତୁ, "ନିଦ ମାଉସୀ ଯାଇଛି ରୁସି" ଅବସ୍ଥା ହେଇଥିଲା ମୋର ।

ଚଇନୁ, ମଇନୁ, ବାଙ୍କ ଖେଳିବାକୁ ଡାକିଲେ ଯାଉଥିଲି ସତ, କିନ୍ତୁ ବିମର୍ଷ ହେଇ ବସି ରହୁଥିଲି । ଆକାଶ ଆଡେ ଅନେଇ ଭାବନା ଦୁର୍ଭାବନା ଭିତରେ ବୁଡ଼ି ରହୁଥିଲି ।

- କି ହେଇଛି କିବେ ଏତାର୍ ? ଚଇନୁ ପଚାରୁଥିଲା ।

ISSN NO.
2582-208X

- କେଜାଣ, ପରୀକ୍ଷା ଦେଇତେ ଯାଇଥିଲା ପରା ଜିଲ୍ଲା ଇସକୁଲକୁ । ଫେଲ୍ ହେଇଛି ନା କି। ବାମନ ହେଇକରି ଜହ୍ନକୁ ଛୁଇଁବ କହୁଛି ।

ଚିତ୍ତର ଏଇ କଥା ପଦକ ମୋର ସର୍ବାଙ୍ଗରେ ଚିଆଁ ଲଗେଇ ଦେଲା । ସେ ଟିକେ ଫଟ୍ କୁହା (ଠକର୍ କୁହା) । ମନରେ ତାର କିଛି ନଥାଏ, ତଥାପି ଏମିତି କର୍ଣ୍ଣକଟୁ କଥା ଶୁଣି ମୋ ଆଖିରୁ ଝର ଝର ଲୁହ ବୋହି ପଡ଼ିଲା । ମୋତେ ଲାଗୁଥିଲା, ଯାହା ହେଲେ ବି ଏଇଟା ଅପ୍ରିୟ ସତ୍ୟ ନୁହେଁ କି ? କାହିଁ ମୁଁ ଦରିଦ୍ର ଗାଁର ଦରିଦ୍ର କୃଷକ ପୁଅ ଅଉ କାହିଁ ସମ୍ଭ୍ରାନ୍ତ ସହରି ଛୁଆମାନେ ପଢୁଥିବା ଜିଲ୍ଲା ସ୍କୁଲ୍ ।

ଚିତ୍ତ କହି ତ ଦେଲା, କିନ୍ତୁ ଏମିତି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ବୋଲି ଆଦୌ କଳ୍ପନା କରି ନଥିଲା । ମୋର ହୁଁକରି ହୁଁକରି (ଧକେଇ ଧକେଇ) କାନ୍ଦିବା ଦେଖି ସମସ୍ତେ ମୋତେ ଘେରିଘଲେ । ଚିତ୍ତ ଉପରକୁ ସମସ୍ତେ କୋପାନଳ ହେଇ ରବେଇ ଖବେଇ ହେଲେ ।

- ହଁ, ସଁପୁ ଥା । ଆଉ କି ଟା ଜାଣୁ କି ? ଦେଖବୁ ଅଭି ପଢ଼ବ ନିଶ୍ଚୟ ଜିଲ୍ଲା ସ୍କୁଲରେ । ଆମର୍ ପାଠ ହେଲା ନାଇଁ ବୋଲିକରି ତାର୍ ଭି ହେବ ନାହିଁ , କିଛି ମାନେ ଅଛି ।

- ଏ ଅଭି, ଚୁବ ଦେ ଭାଇ, ଆରେ ତାର୍ ମୁହୁଁରୁ ଖସରି ଗଲା । ଦେ ଦେ, ଚଲ୍ ନଦୀରେ ପହଁରିବା । ଦୁଇପହର୍ ତ ହେଲାନି ।

- ଦେ ଭାଇ, ମାଫ୍ କର୍ ମୋତେ । ହେଁ ରେ, ତୁଇ ଯଦି ସେଠେ ନାଇଁ ପଢ଼ବୁ ଆଉ କିଏ ପଢ଼ବ, ମୁଇଁ ? ଏଇ ଦେଖ୍, ଉଠ୍ ବସ୍ ହେଲି । ବିଦ୍ୟାର୍ କିରା, ଆଉ ଏମତି କଥା କହିବି ନାଇଁ ।

ବିଦ୍ୟାର୍ କିରା ଶୁଣି ମୋ ମୁହଁରୁ ଫେଁ କିନା ହସ ବାହାରି ଗଲା । ଚିତ୍ତ ବିଦ୍ୟାର ଧାର୍ ଧାରେ ନାହିଁ । ବିଦ୍ୟା ତା ପାଇଁ ବର୍ଜ୍ୟ । ଅ ଆ ଶିଖୁଥିଲା ବେଳେ ବିବେକା ମାଷ୍ଟର

ISSN NO.
2582-208X

ସାମନାରେ ସିଲଟ୍ କୁ କଚାଡ଼ି ପକେଇ ଆସିଲା ଯେ ଆଉ ଗଲା ନାହିଁ । ସିଲଟରେ ଗୋଲ୍ ମୁଣ୍ଡୁକେଇବା ଅପେକ୍ଷା, ବିଲରେ ହଳ ମୁଣ୍ଡୁକେଇବା ତାକୁ ବେଶି ସହଜ ଲାଗିଲା ।

ସେଦିନ ଥାଏ ଶନିବାର । ମୁଁ ବାପାଙ୍କ ପାଖକୁ ଚୁଡ଼ା ନେଇ ଯାଇଥାଏ ବିଲକୁ । ଆଡ଼ି ଉପରେ ବସି ଦେଖୁଥାଏ ବିଲର ସିଅର ସବୁକୁ । ଧାନ କେଣ୍ଡାକୁ ଆଉଁସୁଥାଏ । ଦୁଧ ମୁହାଁ ହେଲେଣି ଧାନ ସବୁ । ଗୋଟିଏ ଗୋଟିଏ ଧାନ ଆଣି ଦାନ୍ତରେ ଚାବୁଥାଏ । ମିଠା କ୍ଷୀର ପିଚକି ଆସେ । ଆଉ ଅଳ୍ପ ଦିନ ପରେ ଧାନ ପାଚିବ । ଦଶହରା ପରେ ।

ଦୂର୍ଗାପୂଜା ଦୂର୍ଗାପୂଜା ବାସ୍ନା ହେଲାଣି । ଏକ ଶାରଦୀୟ, ପାର୍ବଣିଆ ବାସ୍ନା । ସକାଳୁ ହେମନ୍ତିଆ, ଶିଶିରରେ ଘାସ ଭିଜିଲେଣି । ଦେହ ଶିରଶିରେଇଲାଣି । ଖରାଟା ଆଉ କାଟୁ ନାହିଁ ଦେହକୁ । ସବୁ ଋତୁର ଗୋଟିଏ ନିର୍ଦ୍ଧିଷ୍ଟ, ବିଶେଷ ବାସ୍ନା ଥାଏ । ସନ୍ଧି ସମୟରେ ବାରି ହେଇଯାଏ ।

ବିଲ ଚାରିପଟେ ବାସଙ୍ଗ, ଆଉ ବେଗନା (ବେଗୁନିଆ) ଗଛର ବାଡ଼ । ବାସଙ୍ଗ ଫୁଲର ମହକ ସକାଳୁ ସକାଳୁ ଚହଟି ଉଠିଲାଣି । ମେଞ୍ଚେ ଫୁଲ ତୋଳିଆଣି ରସ ଶୋଷେ ମୁଁ ମହୁମାଛି ପରି । ବାଡ଼କୁ ଲାଗି ଅନେକ ଆତୁଆ ଗଛ । ଅଡ଼କରା (ଦରପାଚିଲା) ହେଲାଣି । ଖାଞ୍ଚି ଖାଞ୍ଚି ଆତୁଆ ବାହାରିବ । ଖାଇଲେ ବାଣ୍ଟିଲେ ସରିବ ନାଇ । ଶ୍ରୀଧର ସାଆନ୍ତ ଏଥିରେ ଭାରି ଉଦାର । ଆତୁଆ ତୋଳି ତାଙ୍କ ଘରେ ଅଳ୍ପ ଦେଇ ବାକି ତକ ନେଇ ଆସୁ ଘରକୁ । ସେତେବେଳେ ବ୍ୟବସାୟୀ ବୁଦ୍ଧି ଏତେ ପାକଳିଆ ହେଇ ନଥିଲା ବଡ଼ ଲୋକିଆ ଘରେ ବି । ଏସବୁ ଫଳ ମୂଳ ବି ଅମୁଲମୁଲ ହେଇ ନଥିଲା । ବାଡ଼ି ମାନଙ୍କରେ ପିଜୁଳି, ଆମ୍ବ, ସଜନା, ଅଅଁଳା ଯାହାକୁ ଯେତେ । ପାଚିବ, ଝଡ଼ିବ, ତଳେ ପଡ଼ିବ, ପଚିବ ।

ଆଉ ବାଡ଼ି ନାହିଁ, ଗଛ ନାହିଁ । ଘର ଅଛି, ପଇସା ଅଛି । ଶହେ ଟଙ୍କା କିଲୋ ଅଅଁଳା, ସଜନା ଛୁଇଁ । ରିଲାଏନ୍ସ, ବିଗ୍ ବଜାର ତ ଅଛି ନା ।

ISSN NO.
2582-208X

ବିଲର ଧଡା ପାଖକୁ ଆକାଶ ଉଚ୍ଚା ଏକ ଶିମିଳି ଗଛ । ସବୁଠାରୁ ଉପରେ ବସିଛି ଶଙ୍ଖଚିଲ। ଉପରେ ଚେକା ଚେକା ଘୁରୁଥିବା ଚିଲ ମାନଙ୍କୁ ଆହ୍ୱାନ ଦେଉଥାଏ,

କିଇଇଇଇ ହିଇଇ ହିଇ ହିଇ .....
କିଇଇଇଇ ହିଇଇ ହିଇ ହିଇ .....

ଧଡା ପାଖରୁ ଗଣିଆ ଭାଇଙ୍କ ପାଟି ଶୁଭେ । - ଅଭି, ଏ ଅଭି, ଅଭି ରେଏଏଏଏ ।

ମୁଁ ଚମକି ଠିଆ ହେଇ ପଡେ, ବାପା ବି ଘାସ ବାଳୁଙ୍ଗା ବାଛୁ ବାଛୁ ହାତ ରୋକି ଶେଣ୍ଢା ଟେକନ୍ତି, ଦରପାଚିଲା ଧାନ ଗଛ ସବୁକୁ ଦୁଇ ଭାଗ କରି ମୁହଁ ଗଳେଇ ଦେଖନ୍ତି ।

ଗଣିଆ ଭାଇ ଧଡା ବାହାରେ ବିନା ଷ୍ଟାଣ୍ଡର ସାଇକଲ ଗଲଟେଇ (ଶୋଇ) ଦେଇ ସରୁଆ ଆଡ଼ି ଉପରେ ଟଳମଳ ହେଇ ଦଉଡ଼ି ଦଉଡ଼ି ଆସି ମୋତେ କୁଣ୍ଢେଇ ପକାନ୍ତି ।

- ଶାବାସ୍ ଅଭି ଶାବାସ୍ । ହେଇଗଲା ଭାଇ । ତୁଇ ଜିଲ୍ଲା ସ୍କୁଲରେ ଭର୍ତ୍ତି ହେଇଗଲୁ ରେ ।

ଦଦେଇ ଗୋ, ଅଭି ବହୁତ ଭଲ୍ କରିଛି । ହେଡ୍ ମାଷ୍ଟର୍ ଖୁସିରେ ଉଛୁଳି ପଡ଼ିଲେ । ଏଇ ଛୁଆଟା ଆମର ସ୍କୁଲର ନାମ ରଖବ ବୋଲି କହିଲେ ।

ମୋ ହାତରେ ଥିଲା ଅଙ୍କ ତାଲିକା । ଶହେରୁ ସମୁଦାୟ ପଞ୍ଚାନବେ ନମ୍ବର ରଖିଥିଲି ମୁଁ । ଇଂରାଜୀ ଓ ଓଡ଼ିଆ ବ୍ୟତୀତ ସବୁଥିରେ କୋଡ଼ିଏରୁ କୋଡ଼ିଏ ନମ୍ବର ଥିଲା । ବୋଧେ ଆଜିକା ଯୁଗର ପୂର୍ବାଭ୍ୟାସଟିଏ ଥିଲା । ଠିକା ଠିକା ପ୍ରଶ୍ନ ଥିଲା ଓ ମୁଁ ଠିକା ଠିକା ଉତ୍ତର ଲେଖିଥିଲି । ସେଥିପାଇଁ ବୋଧେ । ଖାତା ଦେଖିଥିଲେ ସ୍ୱୟଂ ପ୍ରଧାନ ଶିକ୍ଷକ ସ୍ୱ-ଆଗ୍ରହରେ । ତା ଛଡ଼ା ବିବେକା ମାଷ୍ଟରଙ୍କର ସମ୍ମୋହନ କିଛି କାମ ଦେଖେଇଥିବ ନିଶ୍ଚିତ। ସେଥିପାଇଁ ବୋଧେ ।

ISSN NO.
2582-208X

ନ ହେଲେ  ତାପରେ ଆଉ କେବେ ହେଲେ ତ ଗଣିତ ଛଡ଼ା ଆଉ କୋଉଥିରେ ଫୁଲ୍ ମାର୍କ ଆସି ନଥିଲା । ଯେତେ ଲେଖିଲେ ବି ଛଅ ସାତ ନମ୍ବର ବହୁତ ଓ ହାଇଏଷ୍ଟ୍ ।

ବାପା ମୁରୁକି ହସିଦେଲେ ଟିକେ । ତାଙ୍କୁ ବହୁତ ଖୁସି କିମ୍ବା ବହୁତ ଉତ୍ତେଜିତ ହେବାର ବହୁତ କମ୍ ଦେଖିଛି ମୁଁ । ଜୀବନରେ ଥରେ ମାତ୍ର ତାଙ୍କର କ୍ରୋଧ ଦେଖିଥିଲି, ସେହି ପିଜୁଳି ଗଛ କୋରଡ଼ ପାଖରେ । ବାସ୍ । ବହୁତ ଖୁସି ଦେଖିବାର ମଧୁର କଳ୍ପନା ଭିତରେ ବୁଡ଼ି ଯାଇଥିଲି ମୁଁ ସେହି ବିଲ ଆଡ଼ି ଉପରେ ଠିଆ ହେଇ ।

ଆଜି ଅବେଳରେ କବ୍ରା ଡାକୁଥିଲା ।

ଉଠ୍ ପୁଟୁର୍....

ଉଠ୍ ପୁଟୁର୍ .....

ତାହେଲେ ମୁଁ ଯେଉଁଠି, କବ୍ରା ସେଇଠି, ନା କବ୍ରା ଯେଉଁଠି, ମୁଁ ସେଇଠି ?

ମୁଁ ତେବେ  ଆଉ ପାଞ୍ଚ ଛଅ ମାସ ପରେ ଜିଲ୍ଲା ସ୍କୁଲ୍ ଯାଉଛି ।

କ୍ରମଶଃ .....

ବସନ୍ତ ବିହାର,ନୂଆଦିଲ୍ଲୀ

ISSN NO.
2582-208X

# କାମିନୀ ରଙ୍ଗା
# ବାଙ୍କବିହାରୀ ହରି



ଡ. ଅର୍ଜୁନ ଚରଣ ବାରିକ୍

କାମିନୀ ରଙ୍ଗା ବାଙ୍କ ବିହାରୀ ହରି ମାଧବ ମଧୁସୂଦନ
ମିତ ଚିନ୍ତ ରାମ ଦୂର ହେବ କାମ ଶ୍ରୀକୃଷ୍ଣ କର ଭଜନ ।୧।

ନୀପତରୁ ମୂଳିଆ ଜଗାକାଳିଆ କୃଷ୍ଣ କରୁଣା ନିଧାନ ।
ରଂଗ ଅଧରରେ ମନ୍ଦହାସ ଶୋହେ କଟୀରେ ପୀତ ବସ୍ତ୍ର ।୨।

କାଳିୟ ଦଳନ ମଦନ ମୋହନ ନୀଳମଣି ଜନାର୍ଦ୍ଦନ
ବାଂଶୋରୀ ବଦନ ସେ କଳାବଦନ ଶ୍ରୀକୃଷ୍ଣ ରାଧାମୋହନ ।୩।

କରୁଣା ସିନ୍ଧୁ ଜଗବନ୍ଧୁ ଙ୍କୁ ଭଜ ଭବ ତାପ ବିନାଶନ
ବିଶ୍ୱ ବିହାରୀ ଶ୍ରୀହରି ଦନୁଜାରୀ କମ୍ବୁ କଟକ ରାଜନ ।୪।

ହାତଗୋଡ ନାହିଁ ଏମନ୍ତ ଦେବତା ନଥିବ ତିନି ଭୁବନ ।
ରୀପୁ ବିନାଶନ ନନ୍ଦର ନନ୍ଦନ ଶ୍ରୀଧର ରମା ରମଣ ।୫।

ହରଇ ଆପଦ ସେ ବାଳ ମୁକୁନ୍ଦ ଗୋବିନ୍ଦ ଯଦୁନନ୍ଦନ
ରିଷ୍ଟ ନାଶକାରୀ ହରି ଦଇତାରୀ କେଶବ କଳାବାମନ ।୬।

ISSN NO.
2582-208X

ମାସ ସମ୍ବତ୍ସର ଋତୁ ଓ ଅୟନ ଶ୍ରୀହରି ଜଗୁଜୀବନ ।
ଧନ୍ୟ ତା କରଣୀ ଦେବ ଚକ୍ରପାଣି ବେଣୁପାଣି ନାରାୟଣ ।୭।

ବକା ବକୀ ନାଶକାରୀ ଦାନବାରୀ ସାଧବେ କର ମନନ ।
ମଧୁସୂଦନ ଶ୍ରୀକୃଷ୍ଣ ନନ୍ଦନାନ ନାମ ଧାମ ଯା ପାବନ ।୮।

ଧୁରୀଣ ସର୍ବ କରଣେ ନାରାୟଣ କରଇ ଧର୍ମ ରକ୍ଷଣ ।
ସୂତ୍ରଧର ସେହି ହରି ଭାବଗ୍ରାହୀ ଭବନାଟକେ ଶ୍ରୀକୃଷ୍ଣ ।୯।

ଦୟଣା ଭୂଷଣ ସେ ଦଧିବାମନ କେଶବ କଞ୍ଜ ଚରଣ ।
ନୟନାଭିରାମ ପୁରୁଷ ଉତ୍ତମ ଜପେ ଶିଶୁ ଅରଜୁନ ।୧୦।

ବିଭାଗୀୟ ମୁଖ୍ୟ, ଇଂରାଜୀ ଭାଷା ସାହିତ୍ୟ,
ସାଃପୋ-ମହୁ, ଜି-କେନ୍ଦ୍ରାପଡା

ISSN NO.
2582-208X

# କବିତା....

ତରୁଣ କୁମାର ଦାସ

ତୁମ ଆଡ଼କୁ ଅନେଇଲେ
ଶବ୍ଦର କୁହେଳିକା ମୋତେ
ଘେରିଧରେ ଗୋଟାପଣେ
ତୁମ ଆଡ଼କୁ ଅନାଇଲେ ମହୁମାଛି ସବୁ
ସତେ ଯେମିତି ମହୁ ଶୋଷିବା କୁ ଉଦ୍ୟତ
ତୁମ ଆଡ଼କୁ ଅନାଇଲେ
ମେଘ ଆକାଶରେ ଉଙ୍କିମାରେ ସୁରୁଜ
ଭାରି ଭଲ ଲାଗେ ବାଡ଼ୁଅ ଝିଅଙ୍କ ଗାଧୁଆ ତୁଠ
ତୁମଠି ନଜର ଗଲେ ଥିର ହୋଇଯାଏ ପାଦ ଯୁଗଳ
ଖାଲି ନୂଆ ନୂଆ ବାହାନା ର ଆଳରେ ଚାହିଁ ରହିଥାଏ ତୋତେ
ତୋ ତନୁ ଯୁଗଳଙ୍କୁ/ତୋ ଚାହାଣି ର ଚତୁରତା କୁ
ଓଠ କିଛି ନ କହିବି ବହୁତ କିଛି କହିଦିଏ
ନିଜ ଅଜାଣତରେ ଆଦିମ ଭୋକର ତାଗିଦ ରେ
ଗୋଟାପଣେ ଭିଜି ସାରିଥାଏ ।

ମୁକ୍ତା ନିଳୟ,
ପାଳୁସିଆ, ବାଲେଶ୍ୱର ୩୬

ISSN NO.
2582-208X

# ଅଭିବ୍ୟକ୍ତ



ଡଃ ଅଭିମନ୍ୟୁ କାନୁନଗୋ

ଅମୂଲ୍ୟ ବ୍ୟକ୍ତି ଅଟନ୍ତି ହିଁ ସେମାନେ କ୍ରୋଧରେ ମଧ୍ୟ ଭଦ୍ରତା ।
ନଭୁଲିଣ କଥା ହୁଅନ୍ତି ଅବଶ୍ୟ ଦୁଃଖେ ନୋହିଣ ବ୍ୟଥିତା ।୧।

ବିଶ୍ୱାସ ମାଧ୍ୟମେ କେବଳ ବନ୍ଧୁତା ପଣ ହିଁ ବଞ୍ଚି ପାରିବ ।
ବିଶ୍ୱାସକୁ ଦୃଢ କରିଣ ପାରିଲେ ସୁଖି ହୋଇବ ମାନବ ।୨।

ଯିଏ ଆପଣାର କୌଣସି କାଳରେ ସେ ଛାଡି ଯାଇ ନପାରେ ।
ଯିଏ ପର କେବେ ସର୍ବଦା ପାରୁଶେ କଦାପି ରହିନପାରେ ।୩।

ଜୀବନରେ ନିଜର ଆତ୍ମ ସମ୍ମାନ ଅଟଇ ଗୁରୁତ୍ୱପୂର୍ଣ୍ଣ ।
ଆତ୍ମ ବଡିମାକୁ ପ୍ରାଧାନ୍ୟ ନଦେଇ ଜଗହେ ଆତ୍ମ ସମ୍ମାନ ।୪।

ନିଜ କାମ ପରେ ସଦା ଧ୍ୟାନ ଦିଅ ସପନ ହେବ ସାର୍ଥକ ।
କର୍ମ କରିଚାଲ ନିରବରେ ରହି ହଟିଯିବ ଦୁଃଖ ଶୋକ ।୫।

ISSN NO.
2582-208X


ଜୀବନକୁ ସଦା କର ଉପଭୋଗ ଏହା ଈଶ୍ୱରଙ୍କ ଦାନ ।
ସୁଖକୁ ସର୍ବଦା କରିଲେ ବଣ୍ଟନ ପ୍ରାପ୍ତ ହେବ ପୁନଃ ପୁନଃ ।୬।

ଅତୀତର ସୁଖ ମୁହୂର୍ତ୍ତକୁ ଖୋଜ ଦୁଃଖ କୁ ନେଇ ପାଶୋରି।
ହସି ହସି ଜୀବନ ବିତାଇ ଦିଅ ଦୁଃଖ ନ ହୋଇବ ଭାରି ।୭।

ସମ୍ମାନ ଯେ ସ୍ଥାନେ ନମିଳଇ ସେହି ସ୍ଥାନ ପରିତ୍ୟାଗ କର ।
ପିତାମାତା ବିନା ଏସାରା ସଂସାରେ କେହିନୁହେଁ ଆପଣାର ।୮।

ବା ଶବଦରୁ ବାୟୁ ଉତପତି ଅତ୍ୟାବଶ୍ୟକ ଜୀବନେ ।
ପା ଶବଦରୁ ପାଣି ସମ୍ଭୁଭବ ଜୀବନର ଅନ୍ୟ ନାମେ ।୯।

ମାଆ ଅଟେ ମାଟି ତେଣୁ ତାର ସମ ନାହିଁ କେହି ତ୍ରିଭୁବନ ।
ବାପା ମା ପରି କେହୋଇବ ପରା ନଦେଖେ କାହିଁ ନୟନ ।୧୦।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ଜୀବନର ଚଲାବାଟରେ



ଭାସ୍କର ଚନ୍ଦ୍ର ଖଣ୍ଡା

ହଁ ! ଏମିତି କଣ କିଛି ରାସ୍ତା ଅଛି
ଯାହାକୁ ଅନାୟାସରେ ଦେଖି ହେବ
ଉତ୍ତର ନିଶ୍ଚିତ ରୂପେ ନାକାରାତ୍ମକ
ହେଲେ, ଏଇଟାତ କିଛି ନୂଆ କଥା ନୁହଁ
ତଥାପି ଶୁଖି ଆସୁଥିବା କପଡାରୁ
କିଛି ପାଣି ନିଗାଡ଼ିବା ପରି
ହୋଇ ସେଥିରେ କୃତକାର୍ଯ୍ୟ
ତ୍ୱରାନ୍ୱିତ ହୁଏ ଯଦି ଶୁଷ୍କତା
ପାଇଥାନ୍ତି ଆତ୍ମ ତୃପ୍ତି
ସଭିଏଁ ନିଶ୍ଚିତ ରୂପେ ।୧।

ବଂଚିଛୁ ଏଠିତ ସଭିଏଁ
ମନେ କରୁଛୁ ନିଜକୁ ଖୁବ୍ ଧର୍ମ ପରାୟଣ
ଅନେକ ଧାର୍ମିକ ସଂସ୍ଥା ସହ ଜଡିତ
ଆବଶ୍ୟକତା ଅନୁଯାୟୀ ଲମ୍ବା ଲମ୍ବା
ଦେଇଥାଉ ଭାଷଣ ବି
ଧୈର୍ଯ୍ୟ ଶାନ୍ତ ବଜାଇ ରଖିବା
ଇତ୍ୟାଦି ଇତ୍ୟାଦି....... ।୨।

କର୍ମମୟ ଜୀବନର ଚଲା ବାଟରେ
ଯେତେବେଳେ ନିଜ ଉପରେ

ISSN NO.
2582-208X

ଶିକା ଟି ଛିଣ୍ଡେ
ସେତେବେଳେ ଉଭେଇ ଯାଏ ସବୁକିଛି
ଭାଷଣର ସାରାଂଶ
ବାଡି ବାଇଗଣ ନ ହୋଇ
ପୋଥି ବାଇଗଣ ହୁଏ ସବୁ
ଏଇ ଜୀବନର ଚଲାବାଟରେ ।୩ ।

ଦୂର ଦିଗବଳୟରେ ଦିଶେ
ଖାଲି ଅସ୍ତଗାମୀ ସୂର୍ଯ୍ୟ
ସେଠି ଅହମିକାର ପରାକ୍ରମରେ
ବାଇଶିପାହାଚ ଭିତରକୁ ମଧ୍ୟ
ଉତ୍ତାଳ ତରଙ୍ଗର ଗୁରୁ ଗର୍ଜନ ଶୁଭେ ।୪ ।

ଧିକ୍ ଆମ ଜ୍ଞାନର
ଧିକ ଜଡି ହୋଇଥିବା ତଥାକଥିତ
ଧର୍ମ ସଂସ୍ଥାନର
ନିଜେ ସିଗାରେଟ ଟାଣି
ଶିକ୍ଷା ଦେବା ପରି
ସିଗାରେଟ ନ ଟାଣିବାକୁ
କେମିତି ଦେଖିବୁ ସେ ଚଲାବାଟକୁ
ଗାନ୍ଧାରୀ ଦେଉନି ଆଜି
କୋଟି ଜନନୀର ଆଶୀର୍ବାଦ
"ଅକ୍ଷୟ ହେଉ ପୂଣ୍ୟ ଜଗତେ
ଧର୍ମର ହେଉ ଜୟ"
ଧୃତରାଷ୍ଟ୍ର ପୁତ୍ର ମୋହରେ ଅନ୍ଧ
କିପରି ଦେଖିଥାନ୍ତା
ଜୀବନର ଚଲା ବାଟକୁ ? ।୫ ।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡେନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ବିଶ୍ୱାସ ବନାମ ବାସ୍ତବତା!



ଅସିତ ମହାନ୍ତ

ସୂର୍ଯ୍ୟ ଗ୍ରହଣ ସମୟରେ ଖାଦ୍ୟ ଖାଆନ୍ତୁ ନାହିଁ! ଆପଣ କେତେଥର ଏହା ଶୁଣିଛନ୍ତି? ସୌରଗ୍ରହଣ ଏବଂ ଚନ୍ଦ୍ରଗ୍ରହଣ ସେମାନଙ୍କ ସହିତ ଜଡିତ ବିଶ୍ୱାସ ଏବଂ ପରମ୍ପରାର ଏକ ଦୀର୍ଘ ଇତିହାସ ରହିଛି। କିନ୍ତୁ ସେଗୁଡ଼ିକ ପ୍ରକୃତରେ ସତ କି? ସତ୍ୟ କ'ଣ? ଆମକୁ ଏଥିରେ ଗଭୀର ଭାବରେ ଅଧ୍ୟୟନ କରିବାକୁ ପଡିବ । ଅର୍ଥାତ ବିଶ୍ୱାସ ବନାମ ବାସ୍ତବତା! ବିଶ୍ୱାସ ଶବ୍ଦଟି ବ୍ୟକ୍ତିଗତ, କିନ୍ତୁ ବାସ୍ତବତା କାହାର ବିଶ୍ୱାସ ଉପରେ ନିର୍ଭର ନକରି ପ୍ରମାଣିତ ସତ୍ୟ ଅର୍ଥାତ ବିଜ୍ଞାନ ଆଧାରିତ ହୋଇଥାଏ ଏବଂ ତାହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ଯଦି ଆମେ ବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀରେ ଧ୍ୟାନ ଦେଇଥାଉ ତେବେ ଆମେ ସୌର ଏବଂ ଚନ୍ଦ୍ରଗ୍ରହଣର ମୌଳିକ କାରଣ ଜାଣି ପାରିବା। କିନ୍ତୁ କିଛି ଜିନିଷ ଅଛି ଯାହା ବିଦ୍ୟାଳୟରେ ସଠିକ୍ ଭାବରେ ବ୍ୟାଖ୍ୟା କରାଯାଇ ନାହିଁ ଯାହା ପରେ କିଛି ଦ୍ୱନ୍ଦ୍ୱ ସୃଷ୍ଟି କରେ । ଆମେ ଜାଣୁ ଯେ ଚନ୍ଦ୍ର ପୃଥିବୀ ଏବଂ ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରି ବୁଲୁଛି। କିନ୍ତୁ ସୂର୍ଯ୍ୟ ବିଷୟରେ କ'ଣ? ଏହା ଏପର୍ଯ୍ୟନ୍ତ ନିଜ ସ୍ଥାନରେ ସ୍ଥିର ରହିଥାଏ କି? ନା, ସୂର୍ଯ୍ୟ ମିଲ୍କି ୱେ ଗାଲାକ୍ସିର ମଧ୍ୟଭାଗରେ ଘୂରି ବୁଲେ । ବାସ୍ତବରେ, ସୂର୍ଯ୍ୟଙ୍କ ସହିତ ଆମର ସମଗ୍ର ସୌର ପ୍ରଣାଳୀ ମିଲ୍କି ୱେ ଗାଲାକ୍ସିରେ ଘୂରି ବୁଲୁଛି । ଆମେ ହୁଏତ ଭାବି ପାରନ୍ତି ଯେ ପୃଥିବୀ ସୂର୍ଯ୍ୟ ଚାରିପଟେ କାହିଁକି ଘୂର୍ଣ୍ଣନ କରେ? ଏହାର କାରଣ, ଆମର ସୌର ପ୍ରଣାଳୀର ୯୯.୮% ବସ୍ତୁତ୍ୱ ସୂର୍ଯ୍ୟରେ ଅଛି । ଏହି ବସ୍ତୁତ୍ୱ ହେତୁ ସୂର୍ଯ୍ୟଙ୍କର ଅତ୍ୟଧିକ ଶକ୍ତିଶାଳୀ ମାଧ୍ୟାକର୍ଷଣ ଶକ୍ତି(GF) ଅଛି । ଏହି GF ଟାଣ ସମସ୍ତ ଗ୍ରହ ଉପରେ କାର୍ଯ୍ୟ କରିଥାଏ । କିନ୍ତୁ ତେବେ ଏହି ଶକ୍ତି ହେତୁ ପୃଥିବୀ ସୂର୍ଯ୍ୟ କାହିଁକି ଟାଣି ହୋଇଯାଏ

ISSN NO.
2582-208X

ନାହିଁ ? ଏହାର କାରଣ ହେଉଛି ପୃଥିବୀର ଅନ୍ତର୍ନିହିତ ଗତି । ଏବଂ ସୂର୍ଯ୍ୟଙ୍କ ତୁଳନାରେ ପୃଥିବୀର ଗତି ପାର୍ଶ୍ୱରେ ଅଛି । ତେଣୁ ପୃଥିବୀ ପାର୍ଶ୍ୱ ଗତିର ପ୍ରଭାବରେ ଗତି କରିଥାଏ । ଗତି ପ୍ରକୃତରେ ଘଣ୍ଟା ପ୍ରତି ୬୭,୦୦୦ ମାଇଲ୍, ଅର୍ଥାତ୍ ୩୦ କିମି/ସେକେଣ୍ଡ । କିନ୍ତୁ ଏହି ପାର୍ଶ୍ୱ ଗତି ଯୋଗୁଁ ଏହା ସନ୍ତୁଳିତ ରହିଥାଏ । ଏହା ବିନା ପୃଥିବୀ ସୂର୍ଯ୍ୟ ସହିତ ଧକ୍କା ହୋଇଥାନ୍ତା ।

ସେହିପରି ଭାବରେ, ମିଲ୍କି ୱେର କେନ୍ଦ୍ରରେ ଏକ ସୁପର ବୃହତ୍ ବ୍ଲାକ୍ ହୋଲ୍ ଅଛି ଯାହାକି ଏକ ବିରାଟ ମାଧ୍ୟାକର୍ଷଣ ଟାଣ ସହିତ ସୂର୍ଯ୍ୟ ମିଲ୍କି ୱେ ଗାଲାକ୍ସିର ଚାରିପଟେ ଘୂରି ବୁଲୁଛି । ଚନ୍ଦ୍ର ପୃଥିବୀ ଚାରିପଟେ କାହିଁକି ଘୂର୍ଣ୍ଣନ କରେ ? କାହିଁକି ସୂର୍ଯ୍ୟ ଚାରିପଟେ ନୁହେଁ? ବାସ୍ତବରେ ଚନ୍ଦ୍ର କେବଳ ପୃଥିବୀ ଚାରିପଟେ ଘୁରି ବୁଲୁନାହିଁ । ଯେହେତୁ ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରି ବୁଲୁଛି, ଚନ୍ଦ୍ର ମଧ୍ୟ ସୂର୍ଯ୍ୟଙ୍କୁ ଘୂର୍ଣ୍ଣନ କରୁଛି । କେବଳ ପାର୍ଥକ୍ୟ ହେଉଛି ଏହାର ଏକ ସ୍ପାଇରାଲ୍ କକ୍ଷପଥ ଅଛି । ତେଣୁ ଏହି ଘୁର୍ଣନ ମଧ୍ୟରେ, ବେଳେବେଳେ, ତିନୋଟି ବସ୍ତୁ ଏକ ସିଧା ଲାଇନରେ ପ୍ରବେଶ କରେ । ଯଦି ଏହି ସିଧା ଲାଇନରେ ପୃଥିବୀ ମଧ୍ୟଭାଗରେ ଅଛି, ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡେ ଏବଂ ଆମେ ଏହାକୁ ଚନ୍ଦ୍ରଗ୍ରହଣ ବୋଲି କହିଥାଉ । କିନ୍ତୁ ଯଦି ଏହି ସିଧା ଲାଇନରେ ସୂର୍ଯ୍ୟ ପୃଥିବୀ ମଧ୍ୟରେ ଚନ୍ଦ୍ର ଥାଏ, ପୃଥିବୀ ଉପରେ ଆମର ଦୃଷ୍ଟିକୋଣରୁ ସୂର୍ଯ୍ୟ ଚନ୍ଦ୍ର ପଛରେ ଲୁଚି ରହିଥାଏ ଏବଂ ଆମେ ଏହାକୁ ସୂର୍ଯ୍ୟ ଗ୍ରହଣ ବୋଲି କହିଥାଉ । ଆମେ ବିଦ୍ୟାଳୟରେ ଦେଖାଇଥିବା ସୌର ଏବଂ ଚନ୍ଦ୍ରଗ୍ରହଣର ଅଧିକାଂଶ ଚିତ୍ରଗୁଡ଼ିକ ଏହିପରି । କିନ୍ତୁ ଏହି ଚିତ୍ରଗୁଡ଼ିକ କିଛି ଦ୍ୱନ୍ଦ୍ୱ ସୃଷ୍ଟି କରେ । ଦ୍ୱନ୍ଦ୍ୱ ହେଉଛି ଯେ ଯଦିଓ ଚନ୍ଦ୍ର ବାରମ୍ବାର ପୃଥିବୀ ଚାରିପାଖରେ ଏକ ଘୁର୍ଣ୍ଣନ ସମାପ୍ତ କରେ, ତଥାପି ପ୍ରତି ମାସରେ ସୌର ଏବଂ ଚନ୍ଦ୍ରଗ୍ରହଣ ହେବା ଉଚିତ .. ତେବେ ଆମେ ପ୍ରତି ମାସରେ ସୌର ଏବଂ ଚନ୍ଦ୍ରଗ୍ରହଣ କାହିଁକି ପାଇବୁ ନାହିଁ? କାରଣ ସମାନ ଭାବରେ କୌତୁହଳପ୍ରଦ ଏବଂ ସମସ୍ୟା ହେଉଛି ଆମର ୨-ଡାଇମେନ୍ସନାଲ୍ ଚିତ୍ର । ଯଦି ଆମେ ୩ - ଡ଼ିମେନ୍ସନ୍ ଆଶା କରୁଥିବା ଜିନିଷଗୁଡିକୁ ଦେଖିବା, ତେବେ ପ୍ରକୃତରେ କ'ଣ ଘଟୁଛି ଆମେ ବୁଝିବା ? ସୂର୍ଯ୍ୟ ଚାରିପଟେ ପୃଥିବୀର କକ୍ଷପଥର ଏବଂ ପୃଥିବୀର ଚନ୍ଦ୍ରର କକ୍ଷପଥ ଭିନ୍ନ ଅଟେ । ଏହାର ଅର୍ଥ ହେଉଛି ପୃଥିବୀର ସମତଳ ଭୂସମାନ୍ତର, ଏବଂ ଚନ୍ଦ୍ରର କକ୍ଷପଥର ସମତଳ ଏହିପରି ଝୁଲି ରହିଛି । ଏବଂ ଉଭୟ ସମତଳର ଛକ କେବଳ ୨ ପଏଣ୍ଟରେ ସୀମିତ । ଯେତେବେଳେ

ISSN NO.
2582-208X

ଏହି ଦୁଇଟି ବିନ୍ଦୁ ପୃଥିବୀ ସାମ୍ନାକୁ ଆସେ, ଏକ ସିଧା ଲାଇନରେ, ଆମେ ଏକ ସୂର୍ଯ୍ୟ କିମ୍ବା ଚନ୍ଦ୍ରଗ୍ରହଣର ସାକ୍ଷୀ ହେବା । ଅନେକ ଲୋକଙ୍କର ଏକ ଭୁଲ ଧାରଣା ଅଛି ଯେ ଅମାବାସ୍ୟା ରାତ୍ରିକୁ ଚନ୍ଦ୍ରଗ୍ରହଣ କୁହାଯାଏ । ଏହା ଭୁଲ ଅଟେ । କିଛି ରାତି କେବଳ ବିନା ଚନ୍ଦ୍ର ରାତି ମଧ୍ୟ ହୋଇଥାଏ, ଯେଉଁଠାରେ ଚନ୍ଦ୍ର ଆଦୌ ଦୃଶ୍ୟମାନ ହୁଏ ନାହିଁ । ଏବଂ ଏହି ରାତି ପ୍ରାୟ ଏକ ମାସ ପର୍ଯ୍ୟନ୍ତ ହୋଇଥାଏ । ଆମେ ତାହାକୁ ଅମାବାସ୍ୟା ବୋଲି କହିଥାଉ । ପୁନର୍ବାର, ଏହି ପାର୍ଥକ୍ୟର କାରଣ ହେଉଛି ଚନ୍ଦ୍ରର କକ୍ଷପଥ ଟିକେ ଗୋଟିଏ ପାଖକୁ ଝୁଲି ରହିଥାଏ । ଆମେ ଜାଣୁ ଯେ କେବଳ ସୂର୍ଯ୍ୟଙ୍କଠାରୁ ଆଲୋକ ନିର୍ଗତ ହୁଏ । ପୃଥିବୀ ଏବଂ ଚନ୍ଦ୍ର କୌଣସି ଆଲୋକ ନିର୍ଗତ କରନ୍ତି ନାହିଁ। ଯେକୌଣସି ସମୟରେ ସୂର୍ଯ୍ୟଙ୍କ ଆଲୋକ ପୃଥିବୀର ଅଧା ପର୍ଯ୍ୟନ୍ତ ପହଞ୍ଚେ, ଯାହାକୁ ଆମେ ଦିନ ବୋଲି କହିଥାଉ । ସେହିଭଳି, ଅଧା ଚନ୍ଦ୍ର ସବୁବେଳେ ସୂର୍ଯ୍ୟ କିରଣ ସହିତ ରହିଥାଏ । ଏହି ଘୂର୍ଣନ ବ୍ୟତୀତ ପୃଥିବୀ ମଧ୍ୟ ଏହାର ଅକ୍ଷରେ ଘୂର୍ଣ୍ଣନ କରେ । ଏହି ଘୂର୍ଣ୍ଣନ କାରଣରୁ ଦିନ ରାତି ହୋଇଥାଏ । ଦିନରେ, ସୂର୍ଯ୍ୟ କିରଣ ଅତ୍ୟଧିକ ଉଜ୍ଜ୍ୱଳ ଥିବାରୁ ଆମେ ଚନ୍ଦ୍ର ଏବଂ ତାରାମାନଙ୍କୁ ଦେଖିପାରୁ ନାହୁଁ । କିନ୍ତୁ ଯଦି ଆମେ ଅତି ନିକଟରୁ ଲକ୍ଷ୍ୟ କରିବା, ବେଳେବେଳେ ଦିନରେ ମଧ୍ୟ ଚନ୍ଦ୍ରକୁ ଆମେ ଦେଖି ପାରିବା । କିନ୍ତୁ ଚନ୍ଦ୍ରର ପରିବର୍ତ୍ତନ ପର୍ଯ୍ୟାୟଗୁଡ଼ିକର କାରଣ କ’ଣ? ବେଳେବେଳେ ପୂର୍ଣ୍ଣଚନ୍ଦ୍ର, ଅଧା ଚନ୍ଦ୍ର ଏବଂ ଏପରିକି ବେଳେ ବେଳେ ଚନ୍ଦ୍ର ବିଲକୁଲ ନାହିଁ । ବାସ୍ତବରେ ପୃଥିବୀର ଘୂର୍ଣ୍ଣନର ଗତି ଚନ୍ଦ୍ରର ଘୂର୍ଣ୍ଣନର ଗତିଠାରୁ ଦ୍ରୁତ ଅଟେ । ଚନ୍ଦ୍ରର କେତେ ଦୃଶ୍ୟମାନ ହେବ ତାହା ଚନ୍ଦ୍ରର କକ୍ଷପଥରେ ସ୍ଥାନିତ ହେବା ଉପରେ ନିର୍ଭର କରେ । ପୁରା ଖେଳଟି ମୂଳତଃ ଚନ୍ଦ୍ରର କକ୍ଷପଥରେ ଚନ୍ଦ୍ର କେତେ ଝୁଲିରହିଛି । ଏହା ସମାନ ତର୍କ ଅଟେ, ଯେପରି ସିନେମା ହଲରେ ଯେତେବେଳେ ଆମେ ଏକ ଚଳଚ୍ଚିତ୍ର ଦେଖୁ, ପ୍ରୋଜେକ୍ଟର୍ ଆମର ପଛ ପାର୍ଶ୍ୱରେ ଅଛି, ତଥାପି ଆମେ ପରଦାରେ ଫିଲ୍ମର ଅବରୋଧିତ ଦୃଶ୍ୟ ଦେଖିପାରିବା, କାରଣ ପ୍ରୋଜେକ୍ଟର୍ ଆମ ସ୍ତରରୁ ଅଧିକ ଉପରେ ରଖାଯାଇଥାଏ । କିନ୍ତୁ ଯଦି ଆମେ ଠିଆ ହେବା କିମ୍ବା ପ୍ରୋଜେକ୍ଟରର ନିକଟତର ହେବା ଦୃଶ୍ୟ ବାଧାପ୍ରାପ୍ତ ହେବ । ଏଠାରେ ଆଉ ଏକ ମୁଖ୍ୟ କଥା ହେଉଛି, ଚନ୍ଦ୍ର ପୃଥିବୀ ଚାରିପଟେ ବୁଲୁଛି । ବିଦ୍ୟାଳୟରେ ମଧ୍ୟ ଆମକୁ ସମାନ ଶିକ୍ଷା ଦିଆଯାଇଛି। କିନ୍ତୁ ବାସ୍ତବରେ, ଚନ୍ଦ୍ରର କକ୍ଷପଥ ଏକ ଉପଯୁକ୍ତ ବୃତ୍ତ ନୁହେଁ। ଏହା ଏକ ଏଲେପଟିକାଲ୍ କକ୍ଷପଥ । ଅର୍ଥ, ଏକ କକ୍ଷପଥ ଯେଉଁଠାରେ ବେଳେବେଳେ ଚନ୍ଦ୍ର ପୃଥିବୀର ନିକଟତର ହୋଇଥାଏ ଏବଂ ବେଳେବେଳେ ଏହା ଅଧିକ ଦୂର

ISSN NO.
2582-208X

ହୋଇଥାଏ । ପୃଥିବୀ ଚନ୍ଦ୍ରର କକ୍ଷପଥର ସଠିକ୍ କେନ୍ଦ୍ରରେ ନାହିଁ । ତେଣୁ, ଏହା ଦୁଇ ପ୍ରକାରର ସୌର ଗ୍ରହଣ କରିପାରେ । ଗୋଟିଏ ହେଉଛି ବାର୍ଷିକ ସୌର ଚନ୍ଦ୍ରଗ୍ରହଣ ଯାହା ରିଙ୍ଗ ଅଫ୍ ଫାୟାର ଏକ୍ଲିପ୍ସ ଭାବରେ ମଧ୍ୟ ଜଣାଶୁଣା । ସୋଲାର ଏକ୍ଲିପ୍ସରେ, ଚନ୍ଦ୍ରର କକ୍ଷପଥ ପୃଥିବୀଠାରୁ ବହୁ ଦୂରରେ ଥାଏ । ଏହି କାରଣରୁ, ଆମେ ସୂର୍ଯ୍ୟର ବାହ୍ୟ ସୀମା ଦେଖିପାରିବା । ଏହା ନିଆଁର ରିଙ୍ଗ ପରି ଦେଖାଯାଉଛି । ଏବଂ ଅନ୍ୟଟି ହେଉଛି ଟୋଟାଲ୍ ସୌର ଗ୍ରହଣ । ଯେତେବେଳେ ଚନ୍ଦ୍ର ସୂର୍ଯ୍ୟକୁ ସଂପୂର୍ଣ୍ଣ ଲୁଚାଇଥାଏ । ଚନ୍ଦ୍ର ପୃଥିବୀର ନିକଟତର ହେଲେ ଏହା ହୋଇପାରେ । ଯେତେବେଳେ ଚନ୍ଦ୍ରର କକ୍ଷପଥ ପୃଥିବୀର ନିକଟତର ହୁଏ । ଏହି ସମୁଦାୟ ସୂର୍ଯ୍ୟ ଗ୍ରହଣ ସେତେବେଳେ ଘଟେ ଏବଂ ସୂର୍ଯ୍ୟ ଚନ୍ଦ୍ର ପଛରେ ଲୁଚି ରହିଥାଏ । ଇତିହାସରେ ଦୀର୍ଘ ସମୟ ଧରି ଚନ୍ଦ୍ରଗ୍ରହଣ ମଣିଷକୁ ଆକର୍ଷିତ କରିଛି । ଖ୍ରୀଷ୍ଟପୂର୍ବ ୧୨୦୦ ମସିହାରୁ ଚାଇନାରେ ମିଳିଥିବା ତଥ୍ୟରୁ ଜଣାଯାଇଛି, ଏବଂ ଲେଖାଯାଇଛି ଯେ, "ସୂର୍ଯ୍ୟଙ୍କୁ ଗିଳିଦିଆଯାଇଛି।" ପୁରାଣ ଅନୁଯାୟୀ ରାହୁ ଏବଂ କେତୁ ସୂର୍ଯ୍ୟଙ୍କୁ ଖାଉଛନ୍ତି। କାହାଣୀଟି ଋଗ ବେଦରେ ଉଲ୍ଲେଖ କରାଯାଇଛି: ମଣ୍ଡଳ ୫, ଭଜନ ୪୦, ଶ୍ଳୋକ ୫-୯ । ପ୍ରାୟ ସମସ୍ତ ସଂସ୍କୃତିରେ, ସମସ୍ତ ଦେଶରେ ଏବଂ ପ୍ରାଚୀନ ସଭ୍ୟତାରେ ଆମେ ଅନେକ କାହାଣୀ ପାଇଥାଉ । ସେହି ଯୁଗରେ ଲୋକମାନେ ଗ୍ରହଣକୁ ଡରୁଥିଲେ । କାରଣ ଏଥିପାଇଁ ସେମାନଙ୍କର କୌଣସି ବ୍ୟାଖ୍ୟା ନଥିଲା। ଏହି ଭୟ ହେତୁ, ଅନ୍ଧବିଶ୍ୱାସ ଏବଂ ପୁରାଣଗୁଡ଼ିକ ସୃଷ୍ଟି ହେଲା । ଆଶ୍ଚର୍ଯ୍ୟର କଥା, ହଜାର ହଜାର ବର୍ଷ ପୂର୍ବେ ଆର୍ଯ୍ୟଭଟ୍ଟ ଏହାକୁ ବୁଝାଇଥିଲେ, ଗୁରୁ ନାନକ ଏହାକୁ ବୁଝାଇଥିଲେ। ଏହା ପରେ ନାସା ମଣିଷକୁ ଚନ୍ଦ୍ରକୁ ନେଇଗଲା, ଜେମ୍ସ ୱେବ ଟେଲିସ୍କୋପ ମାଧ୍ୟମରେ ଲକ୍ଷ ଲକ୍ଷ ଆଲୋକ ବର୍ଷ ଦୂରରୁ ବ୍ରହ୍ମାଣ୍ଡର ଅତୀତର ତଥ୍ୟ ମନୁଷ୍ୟ ସଂଗ୍ରହ କରିସାରିଛି । ଆଜି ମଧ୍ୟ ୨୦୨୨ ମସିହାରେ ଲୋକମାନେ ଏହି ଅନ୍ଧବିଶ୍ୱାସକୁ ବିଶ୍ୱାସ କରନ୍ତି। ଆମେ ପକୃତରେ କଣ ଶିକ୍ଷିତ ? ବର୍ତ୍ତମାନ ମଙ୍ଗଳ ଗ୍ରହରେ ପାଦ ରଖିବା ପାଇଁ ମନୁଷ୍ୟ ଚେଷ୍ଟିତ । କିନ୍ତୁ ଚିନ୍ତାର ବିଷୟ ହେଉଛି, ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ଆମର ସୌରମଣ୍ଡଳର ତଥ୍ୟକୁ ଠିକ ଭାବେ ଆତ୍ମସାତ କରିବାରେ ସକ୍ଷମ ହୋଇପାରିନାହାନ୍ତି ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# କାଗଜ ଫୁଲ

(ଛନ୍ଦ- ବଙ୍ଗଳାଶ୍ରୀ)



ବିନୋଦିନୀ ଦାଶ

ବାସ ସିନା ନାହିଁ ରୂପେ ମନ ମୋହି
ନିଅଇ କାଗଜ ଫୁଲ
ପ୍ରକୃତିର ଶୋଭା ଅତି ମନଲୋଭା
ନେତ୍ର କରେ ଝଲମଲ ।

ଅତି ଆଦରରେ ଜନେ ଅଗଣାରେ
ତାହାକୁ ରୋପନ୍ତି ନେଇ
ବିଭିନ୍ନ ରଙ୍ଗରେ ହସଇ ବୃକ୍ଷରେ
ମନରେ ସରାଗ ବହି ।

ନାହିଁ ବୋଲି ବାସ ନଥାଏ ବିରସ
ଭାବେନି ନିଜକୁ ନ୍ୟୁନ
ସୃଷ୍ଟି ସ୍ରଷ୍ଟା ପାଶେ କେବଳ ପରଷେ
ମନ ତଳ ଅଭିମାନ ।

ଶୋଭା ଅସୁମାରି ମାନବ ତିଆରି
କାଗଜ ଫୁଲେ ବି ଥାଏ
ବାହାଘର, ବ୍ରତ, ଗୃହାଦି ସଜ୍ଜିତ

ISSN NO.
2582-208X

ଅଲୋଡା ସେ କେବେ ନୁହେଁ ।

ବୃକ୍ଷର ଫୁଲଟି ଝାଉଁଳି ପଡେଟି
ମାତ୍ର ଏ କାଗଜ ଫୁଲ
ଫୁଲଦାନୀ ପରେ ଯତନେ ରଖିଲେ
ରୂପ ତା'ର ଝଲମଲ !

ଯତ୍ନ କଲେ ରତ୍ନ ମିଳେ ବୋଲି ଜାଣ
ପ୍ରତ୍ୟେକ ଚେତନ ମନ
ଆମ ଏ ମହୀରେ ସ୍ରଷ୍ଟାଙ୍କ ସୃଷ୍ଟିରେ
କେହି ବି ନୁହଁଇ ନ୍ୟୁନ ।

ପ୍ରତ୍ୟେକର ଅଛି ସ୍ୱତନ୍ତ୍ରତା କିଛି
ନିଜ ଗୁଣେ ଗରୀୟାନ
ନିଜ ନିଜ ସ୍ଥାନେ ଶୋଭା ବିବର୍ଦ୍ଧନେ
ସରବେ ପରା ମହାନ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# କେଉଁ ଅଧିକାରେ



ରଘୁନାଥ ତ୍ରିପାଠୀ

କେଉଁ ଅଧିକାରେ ବନର ଲତିକା
ଆନ ବୃକ୍ଷପରେ ବଢେ
କା 'ର ଅନୁମତି ନ ନେଇ କିପରି
ପର ଆଶରାରେ ମାଡ଼େ ।
କେଉଁ ଅଧିକାରେ ନର ପଶୁ ପକ୍ଷୀ
ଖାଆନ୍ତି ପାଦପ ଫଳ
ତୋଳି ନେଇଥାନ୍ତି ତା ଫୁଲ ପତର
ଗଛ କାଟି କରେ ଜାଳ ।
କେଉଁ ଅଧିକାରେ ବିହଙ୍ଗଟି ପରା
ବୃକ୍ଷ ଡାଳେ କରେ ବସା
ବଇରୀ ସାଜିଲେ ଝଡ଼ ବତାସ ବି
ତୁଟାଇ ନ ଥାଇ ଆଶା ।
କେଉଁ ଅଧିକାରେ ଘରଚଟିଆଟି
ଆଉ ଏ ଘୁମୁରି ପାରା
ଆମ ଘରେ ପଶି ବସା ବାନ୍ଧିଥାନ୍ତି
ଛାଡି ନ ଯାଆନ୍ତି ପରା ।
କେଉଁ ଅଧିକାରେ ବଲ୍ମୀକୂଟ ହୁଏ
ଅହିରାଜଙ୍କର ଘର

ISSN NO.
2582-208X

କେତେ ସମୟର କେତେ ପରିଶ୍ରମ
ଦଖଲ କରଇ ପର ।
କେଉଁ ଅଧିକାରେ କାକର ନୀଡରେ
କୋକିଳ ରଖେ ତା ଡିମ୍ବ
ଅଣ୍ଡା ଫୁଟି ଛୋଟ ଶାବକ ଆସିଲେ
ନ ପାଏ ସେଠାରେ ଠାବ ।
କେଉଁ ଅଧିକାରେ ମାନବ ସମାଜ
ଦେଖାଉଛି ତାର ବଳ
ନିଜ ସ୍ୱାର୍ଥ ପାଇଁ ଭୋଗ କରୁଅଛି
ନଦୀ ନିଁର୍ଝରିଣୀ ନୀର ।
କେଉଁ ଅଧିକାରେ ଲୁଟିଯାଏ ନର
ବଣ ପାହାଡର ଶିରୀ
ଅବା ଲୁଟିନିଏ ଅମାପ ବାଲୁକା
ତଟିନୀର ବକ୍ଷ ଚିରି ।
କେଉଁ ଅଧିକାରେ ସ୍ୱାର୍ଥପର ନରେ
ନିଜର କର୍ତ୍ତବ୍ୟ ଭୁଲି
ନିଜେ ବଞ୍ଚୁ ଥିବା ପରିବେଶଟାକୁ
ବିଷାକ୍ତ କରୁଛି ଖାଲି ।
ସୁନ୍ଦର ଧରାକୁ ନଷ୍ଟ କରିବାନି
ଅଧିକାର ବୋଲି ଭାବି
ଆମ ଧରଣୀର ଯତନ ନେବାର
କର୍ତ୍ତବ୍ୟକୁ ଅନୁଭବି ।

ବାଲିସାହି, ମଧୁପାଟଣା,
କଟକ8763343263

ISSN NO.
2582-208X

# ନୀଳ ଆଖି, ଜୀବନ ମିତ



ଆଶୁତୋଷ ମେହେର

ନୀଳ ନୟନା ର ଆଖିର ଭାଷାରେ ଅନେକ ଗହନ କଥା
ହସହସ ମୁହଁ ଲୁଚାଇ ପାରେନା ଆକୁହା ବେଦନା ବ୍ୟଥା ।
କିଏ ସେ ଜାଣିବ ହୃଦୟ ର କଥା ଦରଦ ଗହୀର କେତେ
ଚାହାଣୀ ର ଭାଷା ଭେଦିଯାଏ ସିନା ମନ ବୁଝି ପାରେ ସତେ ॥

ସପନ ଦେଖିଲା ଆଖିରେ ଆଖିଏ ମନ ତ ପୁରିଲା ନାହିଁ,
ମେଘ ଘୋଡା ଚଢି ଆସିଥିଲା ପରା ରାଜକୁମାର ଯେ କାହିଁ ?
ଆଖି ଘୁରିବୁଲେ ଖୋଜେ ନିଜ ଲୋକ ସିଏ ଯେବେ ଗଲା ହଜି,
କିଏ ଆସିଥିଲା ସତ ନା ମିଛରେ ପବନେ ସବାରୀ ସାଜି ? ?

ଜୀବନ ତ ଗୋଟେ ସପନର ଗପ ଆଖିର ଭାଷାରେ ଲେଖା
ମୂଳ ସେଇଠାରୁ ମନ ମିଳିଥିଲା ପ୍ରଥମେ ପ୍ରଥମେ ଦେଖା ।
ଦେଖୁଁ ଦେଖୁଁ ପୁଣି ଶେଷ ଧାଡି ଲେଖା ମିଳନ ବିରହ ଭରା,
ଏମିତି କାହାଣୀ ନିତି ଲେଖା ହୁଏ ପ୍ରେମ ରାଇଜରେ ପରା ॥

ନୀଳ ଆଖି ତଳ ସରାଗର ହସ ପ୍ରେମ ପ୍ରିତି ମହୁ ଗୀତି,
ଧରା ରୁ ସରଗ ହାତ ଧରି ଚାଲେ ସେଇ ତ ଜୀବନ ମିତ!!

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ 9437085396

ISSN NO.
2582-208X

# ଜୟ ଆଦି ଶକ୍ତି



ଅଳକା ମହାନ୍ତ

ହେ କବିତା ତୁମେ ଜାଗ୍ରତ ହୁଅ -
ଅସୀମ ସାହସ ନେଇ,
ଦୁର୍ଗତିନାଶିନୀ ଦେଖାଅ ଏ ସତ୍ୟ -
ତୁମେ କେତେ ଦୟାମୟୀ।।

ହେ ବନିତା ତୁମେ ଅବଳା ତ ନୁହେଁ-
ମହାକାଳୀ ଅବତାର,
ଦୁଷ୍ଟ ମାରଣ ସନ୍ଥ ତାରଣ କରି
ଆଣ ପରିବର୍ତ୍ତନ ସ୍ୱର।।

ତୁମେ ଯୋଗମାୟା, ତପସ୍ୱୀ ସାଧିକା -
ତୁମେ ଶିବ ଅର୍ଦ୍ଧାଙ୍ଗିନୀ।
ତୁମେ ଯେ ଯୋଗିନୀ, ଅଷ୍ଟ ଭୂଜା ଧାରୀ
ଆଦିମାତା କାତ୍ୟାୟନୀ ।

ତୁମେ ଅନ୍ନପୂର୍ଣା, ଦାରିଦ୍ର୍ୟଭଞ୍ଜନୀ-
ଶକ୍ତି ସ୍ୱରୂପିଣୀ ମାଆ,
ତୁମେ ମହାଲକ୍ଷ୍ମୀ, ଅଭୟ ଦାୟିନୀ
ଦୁଃଖୀକୁ ଦେଖାଅ ରାହା।।

ମୋକ୍ଷ ପ୍ରଦାୟିନୀ, ଆଶିଷ ଦିଅ ମାଆ,
ମୁକ୍ତି ଦିଅ ଶୈଳ ସୁତା,
ସିଂହ ବାହିନୀ, ଶକ୍ତି ପ୍ରଦାୟିନୀ
ପ୍ରଣାମ ମୋ ଘେନ ମାତା।।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୬

ISSN NO.
2582-208X

# ଅଗ୍ନି ପୂଜକ : ପାର୍ସି ସମୁଦାୟ

ପ୍ରିୟବ୍ରତ ପାତ୍ର

ପ୍ରାଚୀନ ପର୍ସିଆ ଭୂଖଣ୍ଡରେ ଜୋରାଷ୍ଟ୍ରର ଧର୍ମାଲମ୍ବୀଙ୍କ ଅବସ୍ଥା ଖୁବ୍ ସ୍ୱଚ୍ଛଳ ଥିଲା । ସେମାନେ ଭାରତ ସହ ଉଭୟ ସ୍ଥଳପଥ ଓ ଜଳପଥରେ ବ୍ୟବସାୟ କରୁଥିଲେ । ଆରବ ଭୂମିରେ ଇସଲାମ ଧର୍ମର ଅଭ୍ୟୁଦୟ ପରେ ଶତଧା ବିଭକ୍ତ ଆରବ-ଯାଯାବରମାନେ ଏକଜୁଟ ହୋଇ ଏକ ପ୍ରଚଣ୍ଡ ଓ ଦୁର୍ବାର ଶକ୍ତିରେ ପରିଣତ ହୋଇଥିଲେ । ଏହି ନୂତନ ତଥା ତରୁଣ ଧର୍ମରେ ଝାସ ଦେଇଥିବା ଦୁର୍ଦ୍ଧର୍ଷ ଯାଯାବର ବାହିନୀ ଏକ ପ୍ରଚଣ୍ଡ ଶକ୍ତି ରୂପେ ପୃଥିବୀରେ କାୟା ବିସ୍ତାର କରିବାକୁ ଲାଗିଲେ । ସେମାନେ ଜୋରାଷ୍ଟ୍ରର ମାନଙ୍କୁ ଆକ୍ରମଣ କଲେ ଓ ନୂଆ ଧର୍ମରେ ଦୀକ୍ଷିତ ହେବାପାଇଁ ଏକ ରକମ ବାଧ୍ୟ କଲେ । ଶକ୍ତିଶାଳୀ ରାଜକୁମାରମାନଙ୍କ ଆର୍ଥିକ ଓ ସାମରିକ ସାହାଯ୍ୟ ପାଇ ଜୋରାଷ୍ଟ୍ରରମାନେ ତଥାପି ବ୍ୟବସାୟ ଚାଲୁ ରଖିଥିଲେ । ଏହି ସାହାଯ୍ୟ ପ୍ରତିହତ କରିବା ପାଇଁ ଖଲିଫା ଓମାର, ବାସ୍ରା ଠାରେ ଏକ ବନ୍ଦର ନିର୍ମାଣ କରିଥିଲେ ଯେଉଁଠାକୁ ଜୋରାଷ୍ଟ୍ରର ମାନଙ୍କୁ ପ୍ରବେଶ ନିଷେଧ ଥିଲା । ଏଣେ ବାଗଦାଦ୍ ଏକ ନୂତନ ବ୍ୟବସାୟ ପେଣ୍ଠ ରୂପେ ମୁଣ୍ଡ ଟେକୁଥିଲା ଏବଂ ସେଠାରେ ମଧ୍ୟ ଆରବୀ ଇସଲାମୀମାନଙ୍କ ଦୌରାତ୍ମ୍ୟ ଲାଗି ରହୁଥିଲା । ଜୋରାଷ୍ଟ୍ରରମାନଙ୍କ ମୁଖ୍ୟ ସହର ଥିଲା ହରମୋଜ୍, ଯାହାର ଗୁରୁତ୍ୱ ଧୀରେ ଧୀରେ ଅସ୍ତମିତ ହୋଇ ପଡୁଥିଲା । ଶେଷ ଜୋରାଷ୍ଟ୍ରର ରାଜ୍ ସାସାନିଆନ୍ ବଂଶର YADEGARD-III ଙ୍କ ପରାଜୟ ପରେ ଜୋରାଷ୍ଟ୍ରରମାନେ ହରମୋଜ୍ ବନ୍ଦର ଆଖପାଖରେ ତଥା ଖୋରସାନ୍ ପର୍ବତମାଳାରେ ପାଖାପାଖି ଶହେ ବର୍ଷ କାଳ ରହିଥିଲେ । କୌଣସି ଏକ ଉଦାର ନୀତି ଯୋଗୁଁ ସେମାନଙ୍କୁ କର ଦେବାକୁ ପଡୁନଥିଲା । ଏସବୁ ସତ୍ତ୍ୱେ ନିଜ ନିଜର ଧର୍ମୀୟ ସ୍ୱାଧୀନତା ବଞ୍ଚି ରହିଥିଲା ଓ ବିଭିନ୍ନ ଜାଗାରେ ସେମାନଙ୍କ ଅଗ୍ନି ମନ୍ଦିର ଓ ଉଚ୍ଚା ଜାଗାରେ ଥିବା ଶବ ସତ୍କାର ପାଇଁ ଉଦ୍ଦିଷ୍ଟ ଗମ୍ବୁଜ ସବୁ ତିଷ୍ଠି ରହିଥିଲା ଏବଂ ସେମାନେ ତଥାପି ପ୍ରଭାବଶାଳୀ ଥିଲେ । ଖଲିଫା ଓମର-ଦ୍ୱିତୀୟଙ୍କ ଶାସନ କାଳରେ (ଖ୍ରୀଷ୍ଟାବ୍ଦ ୭୧୨-୭୨୦) ଇରାକ୍ ରେ ଥିବା ଜୋରାଷ୍ଟ୍ରରୀ ଅଗ୍ନିମନ୍ଦିର ସବୁକୁ ଧ୍ୱଂସ ନକରିବା ପାଇଁ ତତକାଳୀନ ଇରାକ୍ ର ଗଭର୍ଣ୍ଣରଙ୍କୁ ଚାଳିଶି ମିଲିଆନ୍ ଜିରହାମ୍ ମୁଦ୍ରା ଜୋରାଷ୍ଟ୍ରରୀମାନେ ପ୍ରଣାମୀ ଭାବେ ଦେଇଥିଲେ । କେତେ

ISSN NO.
2582-208X

ଶତାବ୍ଦୀ ଧରି ଏହି ଦୁଇ ଧର୍ମାବଲମ୍ବୀଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପରେ ଧୀରେ ଧୀରେ ଉଦାରତା ଲୋପପାଇ ଧର୍ମାନ୍ଧତା ବୃଦ୍ଧି ପାଇଥିଲା। ଆବାସାଇଡ୍ ମାନଙ୍କ ଉତଥାନ ଜୋରାଷ୍ଟରମାନଙ୍କ ପାଇଁ ନୂଆ ପ୍ରମାଦ ସୃଷ୍ଟି କରିଥିଲା। ଇତିହାସ କହେ ନବମ ଶତାବ୍ଦୀ ପର୍ଯ୍ୟନ୍ତ ସେମାନେ ଅତ୍ୟାଗ୍ରହି ଇସଲାମ୍ ବିରୁଦ୍ଧରେ ସଂଘର୍ଷ ଜାରି ରଖିଥିଲେ। **MAZYR** ନାମକ ସାହସୀ ଜୋରାଷ୍ଟରୀ ରାଜକୁମାର ଖୋରସାନ୍ ପର୍ବତରେ ବିଶାଳ ଖଲିଫାଙ୍କ ବାହିନୀକୁ ଅବରୋଧ କରିଥିଲେ। ବିଧର୍ମୀମାନଙ୍କ ରାଜତ୍ୱ କାଳରେ ସେମାନେ ବ୍ୟବସାୟରେ ସଫଳ ହେବା ଦିନକୁ ଦିନ ଅସମ୍ଭବ ହୋଇ ପଡୁଥିଲା। ଉଗ୍ର ଧର୍ମାନ୍ଧତା, ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରୁଥିଲା। ପବିତ୍ର ଅଗ୍ନି ମନ୍ଦିର ସବୁ ଧ୍ୱଂସ ହେବାରେ ଲାଗୁଥିଲା ଏବଂ ଏକ ଆତଙ୍କ ଛାଇ ପରି ଲାଗି ରହୁଥିଲା। ଏସବୁରୁ ତ୍ରାହି ପାଇଁ ବ୍ୟବସାୟର ନୂଆ ଭୂଖଣ୍ଡ ମନୋନୟନ ପାଇଁ ନିଜର ଧର୍ମଗୁରୁଙ୍କ ପାଖରେ ଦ୍ରୋହୀ ନହେବା ପାଇଁ ତଥା ମୃତ୍ୟୁ ପରେ ନର୍କଗାମୀ ନହେବା ପାଇଁ ଏହି ଗୋଷ୍ଠୀ ଉଦାର ଭାରତ ଦିଗରେ ମୁହାଁଇଲେ। ଦଫା ଦଫା କରି ଜଳପଥରେ ସମ୍ଭବତଃ ଖ୍ରୀଷ୍ଟାବ୍ଦ ୭୭୬ ରୁ ସେମାନେ ପରିବାର ସହ ଭାରତ ଆସିଗଲେ। ପ୍ରଥମେ ଡିଉ ଦ୍ୱିପାଞ୍ଚଳରେ ପହଞ୍ଚିଥିଲେ ଏବଂ ସେଠାରେ ଉଣେଇଶି ବର୍ଷକାଳ ଏକରକମ ଆତ୍ମଗୋପନ କରି ରହିଲେ। କୌଣସି ଏକ ଭବିଷ୍ୟତ ବକ୍ତାଙ୍କ ମତାନୁସାରେ ସେମାନେ ନିଜର ଜୀବିକା ନିର୍ବାହ ପାଇଁ ସମତଳ ତଥା ସମୁଦ୍ର କୂଳିଆ ନୂଆ ଜାଗାର ଅନ୍ୱେଷଣରେ ବାହାରି ପଡିଲେ। ସେମାନଙ୍କ ପ୍ରଥମ ବସତି ଆରମ୍ଭ ହୋଇଥିଲା ଗୁଜରାଟର ସାନଜାନ୍ ରେ ଓ ପରେ ପରେ କୋଙ୍କଣ ଅଧ୍ୟୁଷିତ ଅଞ୍ଚଳ, କାମ୍ବେ ଉପକୂଳ, କଲ୍ୟାଣ, ଚାହୁଲ, ଥାନେ ଆଦିରେ ସେମାନେ ବସବାସ ଆରମ୍ଭ କଲେ। କିସା-ଏ-ସାନଜାନ୍ କାବ୍ୟରେ ଏହି ଘଟଣା ସବୁର ସୁନ୍ଦର ବର୍ଣ୍ଣନା ଦେଖିବାକୁ ମିଳେ। ଜୋରାଷ୍ଟ୍ରୀମାନେ ଚୀନ ମଧ୍ୟ ଯାଇଥିଲେ, କିନ୍ତୁ ଭାରତ ଭଳି କେଉଁଠାରେ ସମ୍ମାନ ଓ ସୁଯୋଗ ପାଇନଥିଲେ। ବମ୍ବେ ନିକଟସ୍ଥ କନହେରୀ ଗୁମ୍ଫାରେ ଥିବା ପଲ୍ଲବୀ ଶିଳାଲେଖ ଏହି ପାର୍ସିମାନଙ୍କ ଭାରତ ଆଗମନ ସଂପର୍କରେ ସୂଚନା ଦେଇଥାଏ।

ସାନଜନ୍ ଠାରେ ଏହି ପାର୍ସିମାନେ ସେମାନଙ୍କ ପ୍ରଥମ ଅଗ୍ନି ମନ୍ଦିର "ଇରାନଶାହା" ନିର୍ମାଣ କରିଥିଲେ। ପୋତସବୁରେ ଆବଶ୍ୟକୀୟ ପବିତ୍ର-ଧର୍ମ ସମ୍ବନ୍ଧୀୟ ସରଞ୍ଜାମ, ଲିଖିତ ପୁସ୍ତକ ତଥା ପବିତ୍ର ଅଗ୍ନି ଇରାନ୍ ରୁ ଭାରତ ଦିଗରେ ଆସିଲା। ବାଟରେ ଭୟଙ୍କର ଝଡଝଞ୍ଜା ସମୟରେ ପୋତ ସବୁ ବୁଡି ଯିବା ଭଳି ସମୟ ଆସିବାବେଳେ ବାହକମାନେ ଭଗବାନଙ୍କୁ ଆକୁଳ ପ୍ରାର୍ଥନା କରୁଥିଲେ ଓ ଗୁରୁଙ୍କ ପାଖରେ ପ୍ରତିଜ୍ଞା କରିଥିଲେ ଯେ

ISSN NO.
2582-208X

ଜୀବନ ନେଇ ଭାରତ ଭୂମିରେ ପହଞ୍ଚିଲେ ନିଶ୍ଚିତ ରୂପେ ଅଗ୍ନି ମନ୍ଦିର ପ୍ରତିଷ୍ଠା ହେବ। ସାନଜନ୍ ରେ ପହଞ୍ଚିବା ପରେ ମଧ୍ୟ ସ୍ଥାନୀୟ ପରିସ୍ଥିତି ବଦଳିବା ପର୍ଯ୍ୟନ୍ତ ସବୁ କିଛି ଅତ୍ୟନ୍ତ ଗୋପନୀୟ ରଖାଯାଇଥିଲା ଏବଂ ସମୟ ଅନୁକୂଳ ହେବା ପରେ "ଇରାନଶାହା" ନିର୍ମାଣ ହୋଇଥିଲା ଏବଂ ପରେ ଉଚ୍ଚା ଜାଗା ଦେଖି ଶବସତ୍କାର ଗୃହ ତିଆରି ହୋଇଥିଲା। ଦୂର୍ଭାଗ୍ୟ ଆଜି ସେସବୁର ଧ୍ୱଂସାବଶେଷ ମଧ୍ୟ ଦେଖିବାକୁ ମିଳୁନାହିଁ। ପାର୍ସିମାନଙ୍କ ନେତୃତ୍ୱ ନେଉଥିଲେ ପୂଜକ ଗୋଷ୍ଠୀ। ଏହି ପୂଜକ ଗୋଷ୍ଠୀ ସ୍ଥାନୀୟ ରାଜା, ବ୍ରାହ୍ମଣ, ବୁଦ୍ଧିଜୀବିମାନଙ୍କ ସହ ସବୁବେଳେ ସଂପର୍କ ରକ୍ଷା କରୁଥିଲେ ଏବଂ ଗୋଷ୍ଠୀ ପ୍ରତି ସାମାନ୍ୟତମ ବିପଦ ଦେଖାଦେଲେ ତଦନୁସାରେ ନିଜ ଗୋଷ୍ଠୀକୁ ପରିଚାଳିତ କରି ବିପଦ ହଟାଇ ଦେଉଥିଲେ। ସାନଜନ୍ ର ପୂଜକ ଗୋଷ୍ଠୀ ଅନ୍ୟାନ୍ୟ ଜାଗାର ପୂଜକଙ୍କ ଅପେକ୍ଷା ଶ୍ରେଷ୍ଠ ବୋଲି ମାନ୍ୟତା ପାଇଥିଲେ। ତେଣୁ ସାନଜାନ୍ ରୁ ପୂଜକମାନେ ତାଲିମ ନେଇ ଯାଉଥିଲେ। ବିଭିନ୍ନ ଜାଗାରେ ଚାଲିଥିବା ଅଲଗା ଅଲଗା ଧାର୍ମିକ ଚଳଣିରେ ସଙ୍ଗତି ଆଣିବା ପାଇଁ ୧୨୯୦ ମସିହାରେ, ସାନଜାନ୍ ଠାରେ ଏକ ମହାପାର୍ସି ସମ୍ମିଳନୀ ହୋଇଥିଲା ଓ ବିଧିବିଧାନ ସବୁ ସ୍ଥିରୀକୃତ ହୋଇଥିଲା। ଭାରତରେ ଇସଲାମ୍ ଧର୍ମର ଆବିର୍ଭାବ ସହ ମୁସଲିମ୍ ରାଜାଙ୍କ ଦିଲ୍ଲୀ ସିଂହାସନ ଆରୋହଣ, ଗୁଜୁରାଟର ପତନ ଆଦି ଘଟଣାରେ ପାର୍ସିମାନଙ୍କ ଭାଗ୍ୟଚକ୍ର ବଦଳିଗଲା। ଆଲଫ୍ ଖାନ୍ ଙ୍କ ଆକ୍ରମଣ ବେଳେ ପାର୍ସିମାନଙ୍କୁ ସୁବିଧାବାଦୀ, ଇରାନ୍ ର ପଳାତକ ତଥା ଆରବର ବିଶ୍ୱାସଘାତକ ବୋଲି ନାମିତ କରାଯାଇ ଗଣହତ୍ୟା ସଂଗଠିତ ହେଲା। ଖୁବ୍ କମ ସେଥିରୁ ବଞ୍ଚିଗଲେ । ଏସବୁ ସତ୍ତ୍ୱେ ବି ସେମାନେ ଏକଜୁଟ ହୋଇଥିଲେ, ନିଜର ପରିଚୟ ଓ ଧର୍ମ ବିଶ୍ୱାସକୁ ଅମ୍ଳାନ ରଖିଥିଲେ। ପରବର୍ତ୍ତୀ କାଳରେ ଭାରତର ଜନଜୀବନ, ଭାଷା, ସଂସ୍କୃତିରେ ନିଜକୁ ଏପରି ମିଶେଇ ଦେଇଥିଲେ ଯେ ସେମାନଙ୍କୁ ଭାରତ ବାହାରୁ ଆସିଛନ୍ତି ବୋଲି ବାରିବା କଷ୍ଟ ହୋଇ ପଡୁଥିଲା। ଅନେକ ଗୁଜରାଟି ଓ ମରାଠୀ ସମ୍ବାଦପତ୍ର, ନାଟ୍ୟସଂସ୍ଥା ସେମାନଙ୍କ ଦ୍ୱାରା ଚାଲୁଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଅବଦାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

ଆନ୍ତର୍ଜାତିକ ସ୍ତରରେ ମଧ୍ୟ ପାର୍ସିମାନେ ଅଶେଷ ସମ୍ମାନର ଅଧିକାରୀ ହୋଇଛନ୍ତି। ଅତୀତରେ ତଡା ଖାଇଥିବା ଜୋରାଷ୍ଟ୍ରୀମାନଙ୍କୁ ନେଇ ଇରାନ୍ ରେ ଦୃଷ୍ଟିକୋଣ ବଦଳିଛି। ଏବେ ଇରାନ୍ ର ଇସଲାମ୍ ଧର୍ମଗୁରୁମାନେ ଏହି ଜୋରାଷ୍ଟ୍ରୀମାନଙ୍କୁ ନିଜର ମହିମାମୟ ପୂର୍ବପୁରୁଷଙ୍କ ବଞ୍ଚି ରହିଥିବା ସ୍ମୃତିରାଜି ବୋଲି ଭାବିବାକୁ ଆରମ୍ଭ କଲେଣି। ତେଣୁ ଏକ

ISSN NO.
2582-208X

ଉଦାର ଧାର୍ମିକ ସହନଶୀଳତା ଦେଖା ଦେଇଛି । ଆମେ ଆମ ବାପାଙ୍କୁ ଭଲପାଉ, ବିଶ୍ବାସ କରୁ ବୋଲି ପ୍ରପିତାମହଙ୍କୁ ଘୃଣା କରିବୁ, ତାଙ୍କ ଛବିକୁ ଚିରିବୁ, ତାଙ୍କ କୃତିରାଜିକୁ ଧ୍ବଂସ କରିବୁ - ଏକଥାରେ କୌଣସି ସ୍ବଚ୍ଛତା ନାହିଁ, ଏକଥା ନୂତନ ଯୁବପୀଢି କହନ୍ତି । ଫଳରେ କେତେଶହ ବର୍ଷର ଘୃଣା ଓ ଆତଙ୍କ ଦୂର ହୋଇ ଜୋରାଷ୍ଟ୍ରମାନେ ନିଜର ଧାର୍ମିକ ମୌଳିକତା ପାଇଁ କିଛି ଧାର୍ମିକ ରିହାତି ପାଇଛନ୍ତି, କିଛି ସ୍ବାଧୀନତା ମଧ୍ୟ ପାଇଛନ୍ତି ।

ଏହି ସୁବିଧା ଓ ସ୍ବାଧୀନତା ପାଇଁ କିଛି ମୁସଲମାନ ମଧ୍ୟ ଜୋରାଷ୍ଟ୍ରୀ ହେବାପାଇଁ ଆବେଦନ କରୁଛନ୍ତି । ପାକିସ୍ଥାନ ଭଳି ଦେଶରେ ମଧ୍ୟ ଜୋରାଷ୍ଟ୍ରୀମାନଙ୍କୁ ସର୍ବସାଧାରଣ ସମ୍ମାନର ସହିତ ଗ୍ରହଣ କରୁଛନ୍ତି । ଏକ ନୂତନ ଜାତୀୟବୋଧରେ ଉଦବୁଦ୍ଧ ପାରସ୍ୟବାସୀ ଏବେ ସେମାନଙ୍କ ପ୍ରାଚୀନତମ ଧର୍ମ ଓ ଧର୍ମାବଲମ୍ବୀମାନଙ୍କୁ ଗ୍ରହଣ କରିବାକୁ ଆରମ୍ଭ କରିଛି । ବୁର୍ଖା ନପିନ୍ଧିବା, ସରିୟାତ୍, ତଲାକ୍ ଭଳି କଠୋର ଆଇନରୁ ତ୍ରାହି ପାଇବା ପାଇଁ ଉଚ୍ଚ ଶିକ୍ଷା, କର୍ମ ନିଯୁକ୍ତି ତଥା ସ୍ବାଚ୍ଛନ୍ଦ୍ୟ ଓ ଫେସନ୍ ଦୁନିଆରେ ଭାଗ ନେବାପାଇଁ ଅନେକ ମହିଳା ଜୋରାଷ୍ଟ ଧର୍ମ ଆଡେ ମନ ବଳାଇଛନ୍ତି ।

ଭାରତରେ ପାର୍ସି ମାନଙ୍କ ବର୍ତ୍ତମାନର ଅବସ୍ଥା ଏକ ସ୍ବତନ୍ତ୍ର ଅଧ୍ୟାୟର ବିଷୟ । ବମ୍ବେ ପାଖାପାଖି ଅଞ୍ଚଳରେ ଏମାନେ ସର୍ବାଧିକ ରହନ୍ତି ଓ କିଛି କଲିକତାରେ ରହନ୍ତି । ସେମାନଙ୍କ ସମୁଦାୟ ସଂଖ୍ୟା ପ୍ରାୟ ୭୦ ହଜାର ଓ ପ୍ରତି ବର୍ଷ ଏହା ଦ୍ରୁତଗତିରେ କମିବାରେ ଲାଗିଛି । କେବଳ ନିଜ ଗୋଷ୍ଠୀରେ ବିବାହର ସୀମିତ କଟାକଣା ଯୋଗୁଁ ଅନ୍ୟ ଧର୍ମରେ ବିବାହ କରିଥିବା ବ୍ୟକ୍ତି ବିଶେଷଙ୍କୁ ପାର୍ସି ସମୁଦାୟ ବାସନ୍ଦ କରୁଛନ୍ତି । ଅଧିକାଂଶ ପୁଅ ଝିଅ ବିବାହ ନକରି ଏକା ରହିବାକୁ ପସନ୍ଦ କରୁଛନ୍ତି । ପ୍ରତି ବର୍ଷ ରେଜିଷ୍ଟ୍ରି ହେଉଥିବା ବିବାହର ୩୦ ପ୍ରତିଶତ ଛାଡପତ୍ରରେ ଅନ୍ତ ହେଉଛି । ବିବାହିତ ଲୋକେ ଛୁଆପିଲା ନକରି ଅୟସ ଓ ସ୍ବାଚ୍ଛନ୍ଦ ଜୀବନ କଟେଇବାକୁ ଚାହୁଁଛନ୍ତି । ଖୁବ୍ ରୋଜଗାର କରି ଯଥେଷ୍ଟ ଜୀବନ କାଟୁଥିବା ନୂଆ ପୀଢି ବିବାହ ବନ୍ଧନକୁ ସତସତିକା ଏକ ଅନାବଶ୍ୟକ ବନ୍ଧନ ବୋଲି ଧରି ନେଉଛନ୍ତି । ଶସ୍ତା ହାଲୁକା ଫୁଲ୍ଲା ଜୀବନ ପଛରେ ଗୋଡେଇ ନୂତନ ପୀଢି ସେମାନଙ୍କ ମହାନ୍ ଆଧ୍ୟାତ୍ମିକ ପରମ୍ପରାକୁ ଭୁଲିବାକୁ ବସିଲେଣି । ଫଳରେ ମୌଳିକତା କେତେଦିନ ବଞ୍ଚିବ ତାହା ଏକ ବିରାଟ ପ୍ରଶ୍ନ ହୋଇ ସମଗ୍ର ପାର୍ସି ସମୁଦାୟ ଆଗରେ ଠିଆ ହୋଇଛି । ବମ୍ବେର ପାର୍ସି କଲୋନୀ ସବୁରେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳେ । ସେହି କଲୋନୀ ସବୁରେ ଖୁବ୍ ବେଶୀରେ ନିଜ ଛଡା ନିଜର ଦାମୀ ଗାଡି ଓ ପୋଷା କୁକୁରଙ୍କ ଯତ୍ନ

ISSN NO.
2582-208X

ନେଇଥିବା ଧନାଢ୍ୟ ପାର୍ସିଙ୍କୁ ଦେଖିଲେ, ସେମାନଙ୍କ ଜୀବନ ପ୍ରତି ଆଭିମୁଖ୍ୟକୁ ସହଜରେ ବୁଝି ହୁଏନା । କୋଟି କୋଟି ଟଙ୍କାର ଆଲିସାନ୍ ବଙ୍ଗଳା ଭିତରେ ରହୁଥିବା ନିଃସଙ୍ଗ ପ୍ରୌଢ, ପ୍ରୌଢା, ବିଧବା ତଥା ସ୍ୱେଚ୍ଛାରେ ନିଃସନ୍ତାନ ହୋଇଥିବା ଦମ୍ପତ୍ତିଙ୍କୁ ଦେଖିଲେ ଏକ ସୌଖିନ୍ ହତାଶ ବୋଧ ହିଁ ସର୍ବପ୍ରଥମେ ଦିଶିଯାଏ । ହଜାର ହଜାର ବର୍ଷ ଧରି କାଳ ଯାହା ହରଣ କରିପାରି ନଥିଲା - ଏବର ବିଳାସପ୍ରିୟ, ଖିଆଲରେ ମସଗୁଲ୍ ନୂଆ ପୀଢି କେତେ ସହଜରେ ସେ ସବୁକୁ ହରେଇ ଚାଲିଛନ୍ତି ?

ପାର୍ସି ପଞ୍ଚାୟତରେ ବୈଠକ ସବୁରେ ଯେବେ ଯେବେ ଏହି ଅବକ୍ଷୟମୁଖୀ ପାର୍ସି ସମୁଦାୟଙ୍କ ଭବିଷ୍ୟତ ବଂଶଧରଙ୍କ ପ୍ରଶ୍ନ ଉଠେ, ଏକ ଗଭୀର ଗ୍ଲାନିପୂର୍ଣ୍ଣ ନୀରବତା ସମସ୍ତଙ୍କୁ ବିମର୍ଷ କରିଦିଏ ।

ଭାରତୀୟ ଜୀବନ ବୀମା ନଗମ,
କୋରାପୁଟ, ଓଡିଶା

((()))

# ନୈମିସାରନ୍ୟ

https://youtu.be/KWxtd0IjDUo

Please like & Subscribe this video

ISSN NO.
2582-208X

# ମନ ଆକାଶ



ବିଜୟ କୁମାର ସାହୁ

ମନ ମୋର ଯଦି ହୁଏ ଆକାଶ
ବିବେକ ମୋ ଅଟଇ କଲମ
ହୃଦୟ ସାହିରେ ଲେଖୁଅଛି ମୁଁ
ତୁମ୍ଭ ନାମ ପ୍ରିୟା ତୁମ୍ଭ ନାମ ॥ ୧
ତୁମ ଶୀତଳ ପଣତ ତଳେ
ଲୋଟି ନେବି ମୋ ଉଷ୍ମ ପ୍ରବଣତାକୁ
ହୁଏତ, ଗୋ ପ୍ରିୟା ତୁମ ନରମ
ହାତର ସ୍ପର୍ଶରେ ଏବଂ ତୁମ ଚୁପି ଚୁପି
କଥାରେ ନିର୍ବାପିତ କରିବି
ମୋ ଅକୁହା ବେଦନାକୁ ॥ ୨
ତୁମେ ମୋ ପ୍ରେମିକା ତୁମେ ମୋ ନାୟିକା
ଅଭୁଲା ସ୍ମୃତିର ପାଠାଗାର
ତୁମେ ଅଛ ବୋଲି ମନ ଆକାଶରେ
ଲେଖୁଅଛି ମୁଁ ପ୍ରେମ ଗୀତ ... ୩

ବିଜିଗୋଳ, ଏନ ଟି ପିସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO.
2582-208X

# କ୍ଷୁଧା ର ଜ୍ୱାଳା



ଅମୃତ ନାରାୟଣ ଶତପଥୀ

କ୍ଷୁଧା ର ଜ୍ୱାଳା ସଂସାରରେ ଅଟେ ସବୁଠୁ ବିଷମ ହାଏ,
ଏହି ଜ୍ୱାଳାରେ ମନୁଷ୍ୟ ନିଜର ବୁଦ୍ଧି ବିବେକ ହରାଏ।(୧)
ଖାଇବାକୁ ଦାନା, ପିନ୍ଧିବାକୁ କନା, ରହିବା ଯାଗା ନପାଇ,
ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ମଣିଷ ଅପରାଧୀ ଯାଏ ହୋଇ।(୨)
ଭୋକ ବିକଳରେ ପାପ ପୁଣ୍ୟ ସବୁ ମନ ମଧ୍ୟରୁ ହେଜିଦେଇ,
ନାନା ଅପରାଧେ ଲିପ୍ତ ରହେ ଅବା ପୁଣି ସେ ଭିକ୍ଷା ମାଗଇ।(୩)
ଭିକ୍ଷା ମାଗିଦେଇ କ୍ଷୁଧା ର ଜ୍ୱାଳାକୁ ଶାନ୍ତ କରିଦେବା ପରେ,
ପ୍ରକୃତି ନେଇ କାର୍ଯ୍ୟ କରେ ଅବା ଅପରାଧ ହାତ ଧରେ।(୪)
ଅପରାଧୀ ଥରେ ହୋଇଗଲାପରେ ସମାଜରୁ ମୁହଁ ଲୁଚାଏ,
ସାଥି ପାଇବାକୁ ଅନ୍ୟ ବୁଭୁକ୍ଷୁଙ୍କୁ ଅପରାଧ ଜାଲେ ଫସାଏ।(୫)
ସମାଜର ଅପରାଧେ ଅନେକାଂଶ କ୍ଷୁଧା ଜ୍ୱାଳା ଅଟେ ଦାୟୀ,
ରାଜାଠାରୁ ରଙ୍କ କ୍ଷୁଧା ର ଜ୍ୱାଳାରୁ ବର୍ତ୍ତି ନପାରନ୍ତି କେହି।(୬)
ସଭିଏଁ ସଂସାରେ କର ପରିଶ୍ରମ କ୍ଷୁଧା ଜ୍ୱାଳା କର ଦୂର,
କ୍ଷୁଧା ମେଣ୍ଟିଗଲେ ବିଷମ ପୃଥିବୀ ଲାଗଇ ସରଗପୁର। (୭)

ISSN NO.
2582-208X

ଭୋଜିଟିକୁ ଗଲେ ଲୋକଦେଖାଣିଆ କର ନାହିଁ ଖାଦ୍ୟ ନଷ୍ଟ,
ସପ୍ତାହରେ ଥରେ ଉପବାସ କର ଜାଣିବାକୁ କ୍ଷୁଧା କଷ୍ଟ।(୮)
ପଥର ମୂର୍ତ୍ତିରେ ଠାକୁର ନଥାନ୍ତି ଥାଆନ୍ତି ଦୁଃଖୀର ମନେ,
ଅନ୍ନ ଦାନ କର ଦୁଃଖୀ ସେବା କର ମହାନ ହୋଇବ ଦିନେ(୯)
କ୍ଷୁଧା ର ଜ୍ୱାଳାକୁ ବୁଝ ହେ ସଭିଏଁ ବୁଝି ବୁଭୁକ୍ଷୁର କଷ୍ଟ।
ନହେଲେ ସୁନ୍ଦର ମନୁଷ୍ୟ ଜୀବନ ହୋଇଯିବ ଆମ ନଷ୍ଟ।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

((()))

## ଋଷିକେଶ ଭାଗ ୧ ଏବଂ ୨

https://youtu.be/efVoLlkp6ZA

https://youtu.be/EKb2ORmerzs

Please like & Subscribe this video

ISSN NO.
2582-208X

# ମ୍ୟାଡାମ ମେରୀ କ୍ୟୁରୀ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଊଣେଇଶି ଶହ
ତିନ ମସିହାରେ
ପୁରସ୍କାର ଦିଆଗଲା
ମ୍ୟାଡାମ କ୍ୟୁରୀଂକୁ
ନୋବେଲ ପ୍ରାଇଜ୍
ବିଜ୍ଞାନରେ ମିଳିଥିଲା।

ତେଜସ୍କ୍ରୀୟତାର
ଉଦ୍ଭାବିକା ଥିଲେ
ବିଜ୍ଞାନୀ ମ୍ୟାଡାମ କ୍ୟୁରୀ
ନୋବେଲ ବିଜେତା
ହୋଇଗଲେ ଯେବେ
ପଡିଲା ତାଙ୍କର ହୁରି।

ଯେଉଁ ରେଡିଅମ
ଦେଖୁଅଛୁ ଆମେ
ତାଂକ ଅବଦାନ ଇଏ
ଉଦ୍ଭାବନ କରି
ତେଜସ୍କ୍ରୀୟତାରେ
ମହାଦାନ ଦେଲେ ସିଏ।

ଊଣେଇଶି ଶହ
ଏଗାରରେ ପୁଣି
ପାଇଲେ ନୋବେଲ ପ୍ରାଇଜ୍
Chemistry ର ଗୂଢ
ରହସ୍ୟକୁ ସିଏ
ଦେଖାଇ ଅଛନ୍ତି ଆଜି।

ସାମ୍ବାଦିକ ଜଣେ
ଘରକୁ ତାଙ୍କର
ଭେଟିବାକୁ ଆସିଥିଲେ
କଲିଂବେଲ୍ ଶୁଣି
ମ୍ୟାଡାମ କ୍ୟୁରୀ
ଦରଓ୍ବାଜା ଖୋଲିଥିଲେ।

ISSN NO.
2582-208X

ବେଶଭୂଷା ଦେଖି
ସେହି ସାମ୍ବାଦିକ
ଚିହ୍ନି ପାରିଲେନି ତାଙ୍କୁ
କହିଲେ "ତୁମେ କି
ଚାକରାଣୀ ଅଛ ?
ଡାକି ଦିଅ ମ୍ୟାଡାମଂକୁ।"

ମ୍ୟାଡାମ କହିଲେ,
"ମୁଁ ଚାକରାଣୀ
ମ୍ୟାଡାମ ନାହାନ୍ତି ଘରେ
ଯଦି ଦରକାର,
ଖବରଟେ ଦେଇ
କେବେ ବି ଆସିବେ ପରେ।"

"ଖବର କିଛି ସେ
ଦେଇଛନ୍ତି କୁହ"
ପଚାରିଲେ ସାମ୍ବାଦିକ
ମ୍ୟାଡାମ କହିଲେ,
"ଯିଏ ବି ଖୋଜିବ
କହିବୁ ତାହାଙ୍କୁ ଆଗ।

କ୍ରିୟା କଳାପ ଓ
ବିଚାରଧାରାରୁ
ମଣିଷକୁ ଚିହ୍ନାଯାଏ
ବେଶ ପୋଷାକରୁ
ଗର୍ବ ଅହଂକାର
ଆପେ ଜଣା ପଡିଯାଏ। "

ଲଜ୍ଜିତ ହୋଇଲେ
ସେହି ସାମ୍ବାଦିକ
କ୍ଷମା ଭିକ୍ଷା ତାଂକୁ କଲେ
ସମ୍ବାଦ ପତ୍ରରେ
ଏହି କଥାଟିକୁ
ଉଲ୍ଲେଖ ହିଁ କରିଥିଲେ।

ମୋ ନଂ 9937462507

ISSN NO.
2582-208X

# ପଶ୍ଚିମ ଓଡ଼ିଶାର ଲୋକକାହାଣୀରେ ନାରୀର ବୌଦ୍ଧିକତା



ଡ଼ ପଲିମର ଦାଶ

ଲୋକକାହାଣୀ କହିଲେ କିଏବା ନ ଜାଣେ । ପଶ୍ଚିମ ଓଡ଼ିଶାରେ ତାକୁ କଥାନି ବା କଥେନ ବୋଲି କୁହାଯାଏ । ଜନ୍ମ ଓ ମୃତ୍ୟୁ ଯେମିତି ସତ୍ୟ କେହିତାକୁ ଅବମାନନା କରି ପାରିବେନି ମଣିଷ ସହିତ  କାହାଣୀର ମଧ୍ୟ ସତ୍ୟତା ଏହିପରି ସତ୍ୟ । ଯେତେ ଶିକ୍ଷିତ ହେଲେ ମଧ୍ୟ ଲୋକକାହାଣୀ କୁ ବାଦ ଦେଇ ପାରିବେନାହିଁ । ମୁହଁରୁ ମୁହଁକୁ ଯାଇ ଯେଉଁ କାହାଣୀ ଲୋକଙ୍କ ମଧ୍ୟରେ କଥିତ ତାର କେବେ ପରିସମାପ୍ତି ନାହିଁ । ଯେତେ ପୁରୁଣା ସେତେ ନୂତନ, ଯାହାର ଅନ୍ତ ନାହିଁ, ସତ୍ୟତା ନାହିଁ, ପରିକଳ୍ପନା ଯାହାର ଆତ୍ମା, ଶୁଣିବା ଶୁଣାଇବା ପରମ୍ପରାରେ ଚିରଦିନ ଯାହା ନଦୀର ଗତି ପରି ବୋହି ଚାଲିଛି ସେ ହେଉଛି ଲୋକକାହାଣୀ ବା ଲୋକ ମାନଙ୍କର କାହାଣୀ । ପଶ୍ଚିମ ଓଡ଼ିଶାର ମଧ୍ୟ ଲୋକକାହାଣୀ ନିଆରା । ପୁରୁଷ ପ୍ରଧାନ ସମାଜରେ ନାରୀର ଭୂମିକା କିଛି କମ ନୁହେଁ । ପୁରୁଷ ସହିତ ସମାନ ହୋଇ ନାରୀ  ନିଜର ଭିନ୍ନ ସ୍ଥାନ ଅଧିକାର କରିଛି । ଲୋକକାହାଣୀ ଶୁଣିଲେ ଜାଣିହୁଏ ନାରୀ ପୁରୁଷ ଠାରୁ କୌଣସି ଗୁଣରେ କମ ନୁହେଁ ।

ପଶ୍ଚିମ ଓଡ଼ିଶାର ଲୋକକାହାଣୀ ଶୁଣିଲେ ନାରୀର ବୌଦ୍ଧିକ ଗୁଣ ବିଷୟରେ ଜାଣିହୁଏ । କାହାଣୀ ମାନଙ୍କରେ ବହୁ ସ୍ଥଳରେ ପ୍ରଶ୍ନ ଉତ୍ତର ଛଳରେ ବୌଦ୍ଧିକତାର ପ୍ରମାଣ ମିଳେ । କାହାଣୀ ଗୁଡିକରେ ଉତ୍ତର ପାଇବା ପାଇଁ ପଣ୍ଡିତ ମାନଙ୍କର ସହାୟତା ନେଇଥାନ୍ତି । ଏଥିରେ ଥିବା ପ୍ରଶ୍ନ ଗୁଡିକ ଅଦ୍ଭୁତ ଓ ଚମତ୍କାର । ପ୍ରଶ୍ନ ନିର୍ମାଣର ପଦ୍ଧତି ସମ୍ପୂର୍ଣ୍ଣ ଭାବରେ ଲୌକିକ ଓ ଅବୈଜ୍ଞାନିକ । ଯେପରି 'ଆଣ୍ଠୁଏ ପାଏନ ମୁଡକେ' ଲୋକ କାହାଣୀରେ କୁସୁରପା ଜଣେ ନିରବୁଦ୍ଧିଆ ସେ ପୁଣି ଯେତେବେଳେ ତାର ଜମିବାଡ଼ିକୁ ବିକିଦେଇ ସହରକୁ

ISSN NO.
2582-208X

ଯିବାକୁ ଚାହେଁ । ଗାଁ ଲୋକମାନେ ସବୁ ପ୍ରକାରରେ ବୁଝେଇ ମଧ୍ୟ ଅଟକେଇ ପାରିନାହାନ୍ତି । ଏହି ଅର୍ଥରେ ଗାଁ ଲୋକେ ତାକୁ କହନ୍ତି –

"ଗୁଡ଼ ଲେଡା ହେଲେ ଗଲା
ପୁଓ ବେଡା ହେଲେ ଗଲା । "

ଅର୍ଥାତ ପୁଅ ଯଦି ନିରବୁଦ୍ଧିଆ ହୁଏ ତେବେ ମାଆ ବାପା ତଥା ପରିବାରର ଚିନ୍ତାର ବିଷୟ ।

'ଚନ୍ଦ୍ରମଣି' କାହାଣୀରେ ଚନ୍ଦ୍ରମଣିକୁ ସମସ୍ତେ ଡାହାଣୀ ବୋଲି କହୁଛନ୍ତି କାହିଁକିନା ସେ ଯାହା କହେ ସତ କୁହେ ଏବଂ ସତ୍ୟ ବଚନ ସମସ୍ତଙ୍କୁ ବିଷପରି ଲାଗେ । ପୁଣି ସେ ସଦା ସତ୍ୟକୁ ଆପଣାଇ ଥାଏ । ଦୋଷୀ ଯିଏ ହେଉନା କାହିଁକି ତାକୁ ସେ ଦଣ୍ଡ ଦିଏ । ଏପରି ଜଣେ ଝିଅକୁ ଗାଁ ଲୋକେ ଡାହାଣୀ ଆଖ୍ୟା ଦେବା ଅନୁଚିତ ।  ଗାଁର କେତେଜଣ ଦୁଷ୍ଟ ଲୋକ ନାନାଦି କଟାକ୍ଷ କଥା କହି ଝିଅଟିକୁ ଦୁର୍ବଳ କରିବାକୁ ପ୍ରୟାସ କରିଛନ୍ତି । ଯେପରି –

"ନିଜର ଦିହେଁ ଅଛେ ଟୁଁପେ ମାଛି
ଅଲଗା ଲୁକୁ କହୁଛେ ଛି ଛି ।"

ପୁଣି –

"ଆଦେଖ ଗଲା ଡାହାଣୀ
ସମକୁ କହୁଛେ କାହାଣି ।"

'କରମ କପାଲ' କାହାଣୀରେ ବାପା ନିଜର ଚାରିଝିଅକୁ ପରୀକ୍ଷା କରେ କିଏ ତାକୁ ଅଧିକ ସ୍ନେହ ଓ ଆଦର କରେ ବଡ଼ ତିନିଝିଅର କଥା ଶୁଣି ଖୁସି ହୁଏ ହେଲେ ସବା ସାନ ଝିଅଟିର କଥା ତାକୁ କଷ୍ଟ ଦିଏ ।  କାରଣ ସେ ସତ କଥାଟିଏ କହିଥାଏ । ଭଲ ପାଇବା କଥାକୁ ସେ ଲୁଣ ସହିତ ସମାନ କରେ କାହିଁକିନା ଲୁଣ ବିନା କୌଣସି ଖାଦ୍ୟ କହିହୁଏନି । ତାହା କିନ୍ତୁ ତା ବାପାର ବୁଝିବା ବାହାରେ ସେଥିପାଇଁ ସେ ତାକୁ ଘରୁ ବାହାର କରିଦିଏ । ନିଜ ଝିଅଟି

ISSN NO.
2582-208X

ତା ସ୍ନେହକୁ ଲୁଣ ସହିତ ସମାନ କଲା ବୋଲି । ଘରୁ ତୋଡ଼ା ଖାଇବା ପରେ ତା ଝିଅଟି କାନ୍ଦିବାକୁ ଲାଗେ । ଏ କାହାଣୀରେ ବକ୍ତାର ମତରେ –

"ମାତା ପିତାର ଯୁଗମ କାଲେ
ବିହି ଯାହା କେଖିଛେ କପାଳେ । "

ସେହିପରି 'ଯେନତାକେ ସେନତା' କାହାଣୀରେ ରାଜାପୁଅ ମନ୍ତ୍ରୀପୁଅ ଜଙ୍ଗଲକୁ ଯିବା ରାସ୍ତାରେ ଅନ୍ୟ ଦେଶର ରଜାଝିଅ ବରକୋଳି ଖାଇବାକୁ ଆସିଥାଏ ତା ସାଙ୍ଗ ମାନଙ୍କ ସହ। ସେଠାରେ ଉଭୟଙ୍କ ମଧ୍ୟରେ ଝଗଡା ହୁଏ । ରାଜାଝିଅ ରାଜକୁମାରକୁ ଥଟ୍ଟା କରି କୁହେ –

"ଅନ୍ତା ଟୁକେଲକେ ବିହା ହେତା
ଆର ଦରବିହା ହଇକରି ଛାଡିଦେତା
ମାଆ ଘରେ ପୋ ପାଏତା
ପୋର ହାତେ ମାଡ଼ ଖୁଆତା
ବାର ପୁଟି କୁଦୋ ଦଳତା । "

ଏହିପରି ଅନେକ କାହାଣୀ ଅଛି ପଶ୍ଚିମ ଓଡ଼ିଶାରେ ଯାହା ନିଆରା ଢଙ୍ଗରେ କଥିତ । ଥରୁଟିଏ ଶୁଣିଲେ ଆହୁରି ଶୁଣିବାକୁ ଇଚ୍ଛା ହୁଏ । ଲୋକକାହାଣୀ ସେହିପରି ଯେତେ ଶୁଣିଲେ ବି ବିରକ୍ତ ଭାବ ଜାଗ୍ରତ ହୁଏନି । ମନରେ ଶାନ୍ତ ଭାବ ସୃଷ୍ଟି ହୁଏ, କମ ସମୟ ହେଉନା କାହିଁକି ମନକୁ ଆନନ୍ଦରେ ଭରିଦିଏ । ବକ୍ତା ଓ ଶ୍ରୋତା ମଧ୍ୟରେ ଏକ ଅପୂର୍ବ ସମ୍ପର୍କ ଗଢିଉଠେ ।

ଝାରସୁଗୁଡା

ISSN NO.
2582-208X

# ଆପଣାର



ଝରଣା ବାରିକ

ହୃଦୟ ବେଦନା ଦେଖେଇ ହୁଏନା
ଅନୁଭବ କରି ହୁଏ,
ଯିଏ ବୁଝେ ତାକୁ ଆପଣାର ଅତି
ତାପରି ହେବ ବା କିଏ।

ନିଜ ଠୁ ନିଜର ଲାଗୁଥାଏ ସିଏ
ହୃଦୟରେ କରି ଘର,
ଯେତେ ଝଡ଼ ଝଞ୍ଜା ଆସୁ ଜୀବନରେ
କେବେ ସେ କରେନି ପର।

କଣ୍ଟା ଯଦି ଆସେ ବାଟ ଚାଲୁ ଚାଲୁ
ହାତ ସେ ପତେଇ ଦିଏ,
ଆଖି ଲୁହ ଟୋପେ ଝରିବା ଆଗରୁ
ନିଜେ ଲୁହେ ଭିଜି ଯାଏ।

ମନ ବଗିଚା ରେ ପ୍ରଜାପତି ଭଳି
ନିତି ଉଡ଼ି ବୁଲୁ ଥାଏ,
ମାଳି ଟିଏ ପରି ବଗିଚା ଭିତରେ
ଯତନ ବି ନେଇ ଥାଏ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ମୁକ୍ତି ଦାତା



ସତ୍ୟନାରାୟଣ ପ୍ରସାଦ ନାୟକ

ଭକ୍ତ ବତ୍ସଳ ହରି ଦୀନବନ୍ଧୁ ଦଇତାରୀ
ଭକତଙ୍କୁ ଟାଣିଆଣ ଲଗାଇ ତୁମ ଡୋରି,
ନୀଳ କନ୍ଦରରେ ବିଜେ କରିଅଛ
ଭାଇ ଭଉଣୀ ଙ୍କୁ ସାଙ୍ଗରେ ଧରି ।

କରୁଣାର ତୁମେ ମହାସାଗର
କି ସୁନ୍ଦର ଦିଶ ଶ୍ରୀରଙ୍ଗାଧର,
କୋଟି ଜନ ମନ ମୋହୁ ଅଛ ତୁମେ
ଅନ୍ତର୍ଯ୍ୟାମୀ ନାଥ ପରମେଶ୍ୱର ।

ତୁମ ସିଂହ ଦ୍ୱାର ଅରୁଣ ସ୍ତମ୍ଭ
ବାଇଶି ପାହାଚ ଲଗାଏ ଭାବ
ଉଦୟ ଭାନୁକି ଚରଣ ସେବକ
ସୁନେଲୀ କିରଣ ବିଞ୍ଚନ୍ତି ଆଗ !

ଭାଙ୍ଗି ଯାଏ ପରା ତୁମ ପହୁଡ଼
ଲାଗିଯାଏ ପୁଣି କେତେ ଗହଳ,
ମଣିମା ମଣିମା ଡାକ ପଡୁଥାଏ
ପଣ୍ଡା ପଢ଼ିଆରୀ ସେବକ ମେଳ ।

ନୀତିକାନ୍ତି ତୁମ ଆଗକୁ ବଢ଼େ
ଚରଣ ସେବକ ସବୁ ସଜାଡ଼େ
ବିଧି ବିଧାନରେ ହୁଏ ସମାହିତ
ବେଦ ମନ୍ତ୍ର ପୁଣି ବ୍ରାହ୍ମଣ ପଢେ ।

ଦାରୁବ୍ରହ୍ମ ତୁମେ ଦାରୁ ମୂରତି
ଘେନାକର ପ୍ରଭୁ ମୋର ପ୍ରଣତି,
ଅଦେଖା ହାତର ପରସ ପାଇଲେ
ଲଭିବି ପରା ମୁଁ ଗତି ଓ ମୁକ୍ତି ।

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ଦାମୋଦର ହରି ମୁକୁନ୍ଦ ମୁରାରୀ



ଅଧ୍ୟାପକ ଅବିନାଶ ବାରିକ୍

ଦାମୋଦର ହରି ମୁକୁନ୍ଦ ମୁରାରୀ ନରହରି ଶ୍ରୀୟାବର ।
ଦାତା ସେ ଚଉବର୍ଗର କମ୍ବୁକର କମ୍ବୁନଗ୍ର ଅଧିଶ୍ୱର ।୧।

ଦାରୁବ୍ରହ୍ମ ପୁରୁଷ ଉତ୍ତମ ସେହି ଭାବଗ୍ରାହୀ ସୁରେଶ୍ୱର ।
ଦାନା ଦାତା ହରି କରଇ ପାଳନ ଏହି ବିଶାଳ ସଂସାର ।୨।

ଦାନବାରୀ ଭଜ ଭବତାପ ଗଞ୍ଜ ନଦଣ୍ଡିବ ଦଣ୍ଡଧର ।
ଦାଉ ନସାଧିବ କଦାପି ଶମନ ଚିନ୍ତିଲେ ମୂରଲୀଧର ।୩।

ଦାନକରେ ସେହି ଭୁକତି ମୁକତି ଭକ୍ତିଦାତା ଦେବେଶ୍ୱର ।
ଦାସ ଭବ ନର ତା ଛନ୍ଦା ପୟର ଭବସିନ୍ଧୁ ହେବ ପାର ।୪।

ଦାରିଦ୍ର୍ୟ ଭଞ୍ଜନୀ ରମା ଯା ଘରଣୀ ପାଳଇ ସାରା ସଂସାର ।
ଦାତା ସେହି ଏକ ହରି କଳାମୁଖ କେ ସମ ନାହିଁ ତାହାର ।୫।

ଦାୟିତ୍ୱ ସହିତ କର୍ତ୍ତବ୍ୟର ଭାର ପରିପୁରକ ବେନିର ।
ଦାରା ଅଚ୍ୟୁତିର ପ୍ରସଙ୍ଗ ସୁମର ଭବ ତାପ ହେବ ଦୂର ।୬।

ISSN NO.
2582-208X

ଦାତା ପଣେ ସେହି ଉଡାଉଛି ବାନା ବସିଣ ନୀଳ କନ୍ଦର ।
ଦାସ୍ୟ ଭାବ ଘେନି ତର ଏ ଅବନୀ ନରକାର୍ଣ୍ଣବ ସଂସାର ।୭।

ଦାରୁ ମୂରତି ଶ୍ରୀକୃଷ୍ଣ ଯଦୁପତି ହରି ଭବ ଭୟ ହର ।
ଦାସ ପଣେ ତାର ସେବଣ ପୟର ରେ ଏ ଭବ ସାଗର ।୮।

ଦାନବ ନାଶନ ଦେବ ଭଗବାନ କେଶବ କୃପା ସାଗର ।
ଦାସୀପଣ କରି ବରୁଣ କୁମାରୀ ସେବଇ ନିତ୍ୟ ପୟର ।୯।

ଦାନ ସେ କରଇ ଧର୍ମ ଅର୍ଥକାମ ମୁକତି ଗତି ଆବର ।
ଦାରୁଣ ଶମନ ଦଣ୍ଡି ନପାରିବ ସ୍ମରିଲେ ପରମେଶ୍ୱର ।୧୦।

ଭାରତୀୟ ଡାକ ସେବା ବିଭାଗ
ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୭୮୩୪

ISSN NO.
2582-208X

# ହରିବୋଲ



ପ୍ରଦୀପ୍ତ କୁମାର ମିଶ୍ର

ମୁଁ ଏଠି ଏହି କଥା ଟିର ଅବତାରଣା କରିବାର ଅର୍ଥ କୌଣସି ଧାର୍ମିକ ଚେତନାକୁ ଉଦବୁଦ୍ଧ କରିବାକୁ ନୁହେଁ ବରଂ ଆମ ଭାବନାର କଥା କହିବାକୁ ଯାହା ଆମ୍ଭେ କହନ୍ତି ସମସ୍ତଙ୍କୁ କିନ୍ତୁ ନିଜେ କରନ୍ତିନି। ଏବେ ଆପଣମାନେ ନିଶ୍ଚୟ ଅନୁକ୍ଷଣ କରୁଥିବେ ଯେ ଏବେ ପ୍ରବଚକ, କହିବା ଲୋକ ପୁଣି ମୋଟିଭେଟର ଙ୍କ ସଂଖ୍ୟା ଅଧିକ ଯାହା ଅନ୍ୟମାନଙ୍କୁ କହନ୍ତି ।

ସେହିପରି ଏକ ପ୍ରତିଶବ୍ଦ 'ହରିବୋଲ', ଅନ୍ୟମାନେ ଅନ୍ୟ କେତେଜଣ ଙ୍କୁ କହନ୍ତି ବି ହରି ବୋଲ କିନ୍ତୁ ସେହିଠାରେ ଭୁଲିଯାଇଥାନ୍ତି। ଗାଁରେ ଶୁଣିଥିଲି କହିବାର ଲୋକଙ୍କୁ ଆରେ ଏଠାରେ କିଏ ଅଛି କରିପାରିବ ଯେ ହେଲେ ସେମାନେ ପିଣ୍ଡାତଳକୁ ଓଲ୍ହାଇ ନଥାନ୍ତି। ସମସ୍ତେ ଭୋଟଟିଏ ଦେଇକରି ଚୁପ ହୋଇଯାଆନ୍ତି ସବୁ ସେହି ନେତାଟି ହିଁ କରିବ, ଆମେ ଆମ୍ଭ ଦୁଆର ମୁହଁରେ କାଦୁଅ ପାଇଁ ବାଲି ପକେଇବୁନି ବରଂ ଜଣେ ପ୍ରତିନିଧି ତଥା ସରକାର କରିବେ, ସତ୍ୟନା ଆପଣଙ୍କ ପାଖରେ ବି ଏପରି ହେଉଥିବ। ଏହା ଏକ ବଡ଼ ସମସ୍ୟା ହେଲାଣି। କେଉଁଠି ଲୋକମାନେ ମିଶିକରି ମିଳିତ କାର୍ଯ୍ୟ କରିବା ଛାଡି ଆମେ ପ୍ରତିନିଧି ନଚେତ ସମାଜସେବୀ ଉପରେ ନିର୍ଭରଶୀଳ ନୁହେଁ କି। ସମସ୍ତେ ଅନ୍ୟକୁ କହନ୍ତି, ଅନ୍ୟକୁ କହିବାକୁ ଭଲଲାଗେ ହେଲେ ନିଜେ ଚୁପ ।

ମନେକର ତୁମ ମୁଣ୍ଡ ବିନ୍ଧୁଛି, ଏକଥା ବାରମ୍ବାର କହିବାକୁ ଭଲଲାଗେ କାରଣ ବ୍ୟଥା ସମସ୍ତଙ୍କୁ ବାଣ୍ଟିବାକୁ ଭଲଲାଗେ କଷ୍ଟ ବାଣ୍ଟିଦେଲେ କମ ହୋଇଯାଏ । ହେଲେ ଏହାପରେ ଆରମ୍ଭ ହୋଇଯାଏ ବିଭିନ୍ନ ଔଷଧିୟ ପରାମର୍ଶ, କିଏକହେ ପାଣିପିଅ କିଏ କହେ ଅମୁକ ଖାଅ ଧମୁକ ଖାଅ ଯଦି ହିସାବ କରିବ ମୁଣ୍ଡବ୍ୟଥାର ଶହେ ଔଷଧ ବହାରିଥିବ। ପୁଣି

ISSN NO.
2582-208X

ଅନ୍ୟକିଛି କେତେ ବଡ ବଡ ଡାକ୍ତରଙ୍କ ପରାମର୍ଶ ପାଇଁ କହିବେ ତମର ସାମାନ୍ୟ ମୁଣ୍ଡବ୍ୟଥା ଆପେ ଆପେ ବଡ଼ରୋଗ ହୋଇଯିବ। ଏହିପରି ସବୁକଥା, ଏଠାରେ ସଜେଷ୍ଟିଭ ଲୋକଙ୍କ ସଂଖ୍ୟା ବେଶ ଅଧିକ। ଯାହା କହିଲେ ତାହାର କେତେଗୁଣ ବାହାରିବ କହିହେବନି ।

ଅନେକ ଅଛନ୍ତି ଅନ୍ୟକୁ ପରାମର୍ଶ କେବଳ ଦିଅନ୍ତି ନିଜେ ଭୁଲିଯାଆନ୍ତି, ସ୍ୱାସ୍ଥ୍ୟ ପରାମର୍ଶ ବହୁତ ଅଧିକ ହୋଇଗଲାଣି ଏବେ। ଏହା କୋରନା ପରର ବ୍ୟତିକ୍ରମ । ଏଇନା ଗରମ ପାଣି ପିଅ ଫଳଖାଅ ଅମୁକକର ଧମୁକକର କେତେ ଚିତ୍ର ଚିତ୍ରକଥା ସାମାଜିକ ଗଣ ମାଧ୍ୟମରେ ଘୁରିବୁଲେ। କିଏବି ଏହାକୁ ମାନେ ପୁଣିକିଛି ଅଲଗା ରୋଗ କ୍ରୟ କରିବାପାଇଁ।

ଯୋଗକଲେ ଦେହ ସୁସ୍ଥ ରହେ, ହେଲେ ଆମକୁ ଆମ ଶରୀର ବ୍ୟବସ୍ଥା ଅବସ୍ଥା ଦେଖି କରିବା କଥା ହେଲେ ଅତ୍ୟଧିକ ଯୋଗ ବ୍ୟାୟାମ ଆମର କ୍ଷତିକରେ। ତେବେ ହରିବୋଲ କହିବାପରି ଆମେ ବୋଲ ଶୁଣନ୍ତି କାମରେ ଲଗେଇ ଦିଅନ୍ତି। ବିଶ୍ୱାସ ଦୁନିଆ ରେ ସମ୍ପର୍କର ଉପକ୍ରମ କିନ୍ତୁ ଅନ୍ଧବିଶ୍ୱାସ ଓ ଅନୁକରଣ ବିଶ୍ୱାସ ଆମପାଇଁ ସମସ୍ୟା। ଗୋଟିଏ ଦିଗରେ ମାତି ଯିବା ଅନୁକରଣର ଅନ୍ୟତମ ନମୁନା। ଆମେ ଶୁଣନ୍ତି କେବଳ ଶୁଣି ଚାଲନ୍ତି ବୁଝନ୍ତିନି ଶୁଣିବାଟା ପ୍ରଥମେ କେଉଁଠୁ ଆସିଲା ।

କିଛି ଦିନ ତଳେ ଏମିତି ଗୋଟିଏ କଥା ବହୁ ଜୋର ରେ ପ୍ରଚାର ହୋଇଗଲା ଯାହାର ବଡ଼ପୁଅ ଅଛି ସେ ତୁରନ୍ତ ଶିବମନ୍ଦିର ରେ ପୂଜା କରି ଅମୁକ ପ୍ରଦାନ କଲେ ପୁଅ ଦୀର୍ଘାୟୁ ହେବ ନଚେତ କିଛି କ୍ଷତି ହୋଇଯାଇପାରେ। ସେତେବେଳେ ଲକ୍ଷ୍ୟ କରାଗଲା ଯେ ରାତିରେ ଶିବମନ୍ଦିର ଖୋଲା ରହିଲା। ଥରେ ବିଭିନ୍ନ ଆଡୁ ଫୋନ ଆସିଲା ରାତିରେ ଭୂମିକମ୍ପ ହେବ ତେବେ ନସୋଇ ଉଜାଗର ରହିଲେ ଜୀବନ ରକ୍ଷା ହୋଇଯିବ। ହେଲେ ଏମିତି କିଛି ହୋଇନଥିଲା, ବରଂ ସେଦିନ ବହୁତ ଲୋକ ଭୟ ଓଆଶଙ୍କା ମଧ୍ୟରେ ବିତାଇ ଥିଲେ। କାଢ଼ା ପିଇବାକୁ ବାରମ୍ବାର ପରାମର୍ଶ ଦିଆଗଲା ବହୁଲୋକ ଏହାକୁ ପିଇ ଅନ୍ୟ ରୋଗରେ ଆକ୍ରାନ୍ତ ହେଲେ। ବାବାଙ୍କ ବିଭୁତି ବାବାଙ୍କର ଆଶୀର୍ବାଦ ଆମକୁ ଅନେକ ଭଣ୍ଡକୁ ହଠାତ ମହାନ କରିଦେବାର ନଜିର ଅଛି। ଅବଶ୍ୟ ଏହି ବୋଲ ନିତି ପୁରାଣ କାଳରୁ ପ୍ରଚଳିତ, ସବୁଯୁଗରେ ଅଛି ତେବେ ଏହି ବିଜ୍ଞାନ ଯୁଗରେ ଏହାର କିଛି କମ ଭାଉ ନାହିଁ ଏକଥା ଆମେ କହିପରିବା। କୌଣସି ଅଞ୍ଚଳରେ ଘଟିଯାଇଥିବା କୌଣସି ଏକ ବିପଦକୁ

ISSN NO.
2582-208X

ଉଦାହରଣ ଦେଇ ବାରମ୍ବାର ତାହାର ଭୟ ଦେଖାଇଥାନ୍ତି । କିଛି ଖଳ ଲୋକ ଏହାର ବେଶ ସୁଯୋଗ ନେଇଥାନ୍ତି ମଧ୍ୟ । ଏହାର ଗୋଟିଏ ଉଦାହରଣ ଦେଲେ ଭଲହେବ । ଥରେ ଗୋଟିଏ ସ୍ଥାନରେ ଗୋଟିଏ ନଦୀରେ ଘାଇହୋଇ ଗୋଟିଏ ଗାଁର କେତୋଟି ପରିବାରଙ୍କର ଘର କ୍ଷତିଗ୍ରସ୍ତ ହୋଇଥାଏ । ଠିକ ସେହି ବଢ଼ିର ଦୃଶ୍ୟକୁ ସାମାଜିକ ଗଣ ମାଧ୍ୟମରେ ବହୁତ ବଡକରି ପ୍ରଚାର କରାଯାଉଥାଏ । ପ୍ରିଣ୍ଟ ମିଡିଆ ବି ବିଭିନ୍ନ ଫୋଟୋ ଉତ୍ତୋଳିତ କରି ଛାପିଥାଆନ୍ତି । ସେହି ଘାଇ ସ୍ଥାନକୁ ବହୁତ ଲୋକ ଦେଖିବାକୁ ଯାଉଥାଆନ୍ତି । ସେହିସ୍ଥାନରେ ଦଳେ ଅସାମାଜିକ ବ୍ୟକ୍ତି ଗୋଟିଏ ବାକ୍ସ ବସାଇ ବନ୍ୟା ବିପନ୍ନଙ୍କୁ ସାହାଯ୍ୟ କରିବା ଆଳରେ ଜୋର ଜୁଲମ କରି ଲୋକଙ୍କର ମାନସିକତା କୁ ସମ୍ମୋହିତ କରି ବେଶ ରୋଜଗାର କରୁଥିବାର ଦେଖିଥିଲୁ । କିନ୍ତୁ ସେହି ସ୍ଥାନରେ ପ୍ରଶାସନ ସମସ୍ତଙ୍କୁ ଯଥାନୁରୂପ ସାହାଯ୍ୟ କରିସାରିଥାଆନ୍ତି । ଏହା କେବଳ ଦୁଷ୍ଟ ପ୍ରଚାର ର ଫଳ ଅନ୍ୟକିଛି ବି ନୁହେଁ ।

ଏ ଦେଶରେ ଏମିତି ସମସ୍ତେ ପରାମର୍ଶ ଦେବାକୁ ଭଲପାଆନ୍ତି, କେବଳ ପରାମର୍ଶ ଥିଲା ଅଛି ଓ ରହିବ, ଏହାର ପରିବର୍ତ୍ତନ କେବଳ ଆମେ ଯଦି କିଛି କରିବା ଯେବେ ଠାରୁ ଆମେ କରିଶିଖିବା ସେବେଠାରୁ ଏ ଦେଶ ଏକ ପରାମର୍ଶକାରୀ ଦେଶ ହୋଇଯିବ । କିନ୍ତୁ ଆମେ କରିପାରିବାତ କାରଣ ସମସ୍ତେ ପରାମର୍ଶ ପଛରେ ହିଁ ଧାଇଁବା ସାର ହେଉଛି । ଆମଦେଶରେ ଗୀତା ରାମାୟଣ ମହାଭାରତ ଭଳି ପୁରାଣ ଥାଇମଧ୍ୟ ଆମେ ଏହାର ତତ୍ତ୍ୱ ଠାରୁ ବହୁଦୂରରେ । ରାମାୟଣର ରାମରାଜ୍ୟ ସମ୍ପର୍କରେ ସବୁଜାଣି ତାର ବର୍ଣ୍ଣନା ଆମ ନେତା ମାନଙ୍କୁ ସଭାରେ ତାଳି ପାଇଁ ଅପେକ୍ଷାକରି ଚୁପ ହୋଇଯିବା ପର୍ଯ୍ୟନ୍ତ କେବଳ ଅପେକ୍ଷା ଥାଏ, ଅନର୍ଗଳ ଭାଷଣ ଆଜି ପର୍ଯ୍ୟନ୍ତ ରାମଙ୍କର ଜୀବନାଦର୍ଶ ଉପରେ ଯେତିକି ହେଲାଣି ଏହାର ପ୍ରଭାବ ସେତିକି କମ ହୋଇଛି । ତେଣୁ କହିଲେ କେବଳ ରାମବୋଲ ହରିବୋଲ ହିଁ ସାର ଯାହା ।

ଜଣେ କୁଖ୍ୟାତ ଅପରାଧୀ ଜେଲରୁ ଫେରିବା ପରେ ସନ୍ନ୍ୟାସୀ ବେଶରେ ଆତ୍ମଗୋପନ କରିଥିଲେ, ସେହିସ୍ଥାନରେ ସେ ହୁକୁମ ଦେବା ଆରମ୍ଭ କଲେ, ଅନେକ ଲୋକ କିଛି ନବୁଝି ତାଙ୍କ ପାଦରେ ପଡି ରୋଗ ତଥା ସମସ୍ୟା ର ନିଦାନ ପାଇଁ ପ୍ରାର୍ଥନା କରୁଥିବାର ଦେଖାଯାଅଛି । କେହି କିଛି ଅନ୍ତରଦର୍ଶନ ନକରି ଅଯଥା ହରିବୋଲ କହି ନିଜଘରେ ଟେଲିଭିଜନ ଆଗରେ ବସିଯାଇଥାନ୍ତି । କୌଣସି ସମ୍ବାଦ ବିସମ୍ବାଦ ନବୁଝି ବିଭିନ୍ନ ଚିତ୍ର ଭିଡିଓ କୁ ଅନ୍ୟ ପାଖକୁ ପଠାଇ ଦିଅନ୍ତି । ଏହାଦ୍ୱାରା ସମାଜର କେବଳ କ୍ଷତିହୁଏ ଲାଭକିନ୍ତୁ

ISSN NO.
2582-208X

କମ ହୋଇଥାଏ । ଏ ପ୍ରବନ୍ଧ ମାଧ୍ୟମରେ ଏତିକିହିଁ କେବଳ କୁହାଯାଇପାରେ ଆନନ୍ଦ ଉଲ୍ଲାସରେ ଅର୍ଥାତ ଆବେଗରେ ହାତଟେକି ହରିବୋଲ କହିବା ଅପେକ୍ଷା ପ୍ରତ୍ୟେକର ତଥ୍ୟକୁ ବୁଝିବା ଏକାନ୍ତ ଆବଶ୍ୟକ। ହରିବୋଲ କହିଦେଇ ଆମେ ଅନେକ ସତ୍ୟକୁ ଦଫନ କରିଦେଉନାହାନ୍ତି ତ ।

କିଛି କହିବା ପୂର୍ବରୁ ଅନେକ ଭାବିବା ଏକାନ୍ତ ଆବଶ୍ୟକ, ଯଦି ଆମେ ସମସ୍ତ କଥାକୁ ଗୁରୁତ୍ୱ ଦିଅନ୍ତେ ତେବେ ଏମିତି କୌଣସି କଥା ଆମ ଅଜାଣତରେ ରହନ୍ତାନାହିଁ ।

ସବୁ ବାପାଙ୍କ ଦୋଷ କହି ନିଜର ବିଫଳତାକୁ ଏଡ଼ାଇବା ଯେମିତି ଅଭ୍ୟାସ ଆଜିର କେତେକ କିଶୋର ମାନଙ୍କର, ସେମିତି ସରକାରଙ୍କ ଦୋଷ କହି ନିଜର କର୍ତ୍ତବ୍ୟରୁ ଓହରି ଯିବା ଆଜିର ବ୍ୟକ୍ତିଙ୍କ କାର୍ଯ୍ୟ ରେ ପରିଣତ ହୋଇଗଲାଣି। ହଁ କେତେକ କ୍ଷେତ୍ରରେ ରାଜନୈତିକ ପାରଦର୍ଶିତା ଆବଶ୍ୟକ ଏହାସତ୍ୟ କିନ୍ତୁ ସମସ୍ତ କାର୍ଯ୍ୟକ୍ରମ ରେ ରାଜନୀତିକୁ ଦାୟୀ କରିବା ଭୁଲ ହୋଇଯାଇପାରେ। ବାପା ଘରର ମୁଖ୍ୟ ବୋଲି ସେ ସନ୍ତାନ ମାନଙ୍କୁ ସେ ସ୍ନେହ ଶ୍ରଦ୍ଧା ଆକଟ କରିଥାନ୍ତି ହେଲେ ସେ ପରିବାର ପାଇଁ ଏକା ନୁହଁନ୍ତି। ସେହିପରି ସରକାର ଲୋକଙ୍କ ପ୍ରତିନିଧି ହୋଇପାରନ୍ତି କିନ୍ତୁ ଲୋକମାନଙ୍କର ମଧ୍ୟ ରାଷ୍ଟ୍ର ପ୍ରତି ଅନେକ କର୍ତ୍ତବ୍ୟ ଅବଶ୍ୟ ରହିଛି। ସମସ୍ତ କଥାରେ ଅବୈଜ୍ଞାନିକ ଧାରଣା ମନୁଷ୍ୟ ର ଚିନ୍ତନର ଚେତନାକୁ ବିପର୍ଯ୍ୟସ୍ତ କରିପାରେ ।

ଅତଏବ ଆମ ସମାଜରେ ଆମେ ଏମିତି ଅନ୍ୟର କଥାପୂରଣ ଛଳରେ ଆନନ୍ଦ ଏକବାର ର ପରବର୍ତ୍ତୀ ପଦକୁ ପୂରଣ କେବଳ ହରିବୋଲ ରେ କରିବା ଉଚିତ ନୁହେଁ। ଏଥିପାଇଁ ଆମକୁ ସ୍ୱୟଂକ୍ରିୟ ଭାବନା ମଧ୍ୟରେ ଆସିବାକୁ ହେବ ।

ଅରେଇ, ଯାଜପୁର, 9658614728

ISSN NO.
2582-208X

# ବାର୍ଦ୍ଧକ୍ୟ



ହର ପ୍ରସାଦ ସୁଆର

ଶୈଶବ, କିଶୋର, ଯୁବା ପରେ ଆସଇ ବାର୍ଦ୍ଧକ୍ୟ,
ପ୍ରକୃତିର ନିୟମରେ ସମସ୍ତଙ୍କ କ୍ଷେତ୍ରେ ଆସେ ବାର୍ଦ୍ଧକ୍ୟ ।
ସେ ଧନୀ ହୁଅନ୍ତୁ ଅଥବା ଗରୀବ, ଛୋଟା ହୁଅନ୍ତୁ
ବା ଅନ୍ଧ, ବାର୍ଦ୍ଧକ୍ୟରୁ କେହି ବର୍ତ୍ତି ନ ପାରନ୍ତି । (୧)
ଜୀବନରେ ଯଥେଷ୍ଟ ଅଭିଜ୍ଞତା ରହିଥିବାରୁ ଗୁରୁତ୍ୱ ବେଶି,
ତା'ଙ୍କ ନିର୍ଦ୍ଦେଶ ଏବଂ ଉପଦେଶରେ ଘରେ ଆସେ ଖୁସି ।
ପୁଅ, ଝିଅ, ସ୍ତ୍ରୀ, ନାତି, ନାତୁଣୀ ସମସ୍ତଙ୍କ ପାଇଁ ଏକ ସମ୍ପଦ,
ବୁଢା ଲୋକଟିଏ ନ ରହିଲେ ଘରେ ହଜିଯାଏ ଆମ ନିଦ । (୨)
ବୃଦ୍ଧ ପିତା ନରହିଲେ କିଏ ଆମକୁ ସତ୍ ଉପଦେଶ ଦେବ ଭଲା,
ଘର ଆମ ସୁରୁଖୁରୁରେ ଚାଲିବ ଏଥିରେ ସନ୍ଦେହ ନରହିଲା ।
ଅଥବା, ବୃଦ୍ଧା ମାତା ବିନା ଘର ସମ୍ଭାଳିବ କିଏ,
ବୃଦ୍ଧବୃଦ୍ଧାଙ୍କୁ ଦିଅ ଉପଯୁକ୍ତ ସମ୍ମାନ, ଏଥିରେ ଅନ୍ୟଥା ନହୁଏ । (୩)
ବୁଢାବୁଢୀଙ୍କ ଯତ୍ନ ନେଇ ଉତ୍ତମ ସେବା କରିବ,
ସେମାନଙ୍କ ଆଶୀର୍ବାଦରୁ କେବେ ବଞ୍ଚିତ ନହେବ ।
ସେମାନେ ଆମ ଅଲୋଡା ନୁହନ୍ତି, ସବୁବେଳେ ଦରକାରୀ,
ଏକଥାକୁ କେବେ ନପାସୋରିବା, ବଢିବ ଘରର ଶିରୀ । (୪)

ISSN NO.
2582-208X

ଜାଣିରଖ, ବୁଢା ମାଆବାପା ହେଲେ ଆମ ଘରର ଗୌରବ,
ଯେତେ ସେବା କଲେ ସୁଦ୍ଧା ତାଙ୍କ ଋଣ ଶୁଝି ନ ପାରିବ ।
ପରିବାରରେ ସର୍ବଦା ସେମାନଙ୍କ କଥାକୁ ମାନି ଚଳ,
ସୁଖ ଶାନ୍ତିରେ ଭରିହୋଇ ଆମ ଘର ରହିବ ସଚଳ । (୫)
ପୁଅ ହେଉ ଅଥବା ବୋହୂ, କେହି ତାଙ୍କୁ କେବେ ନଦିଅ ବ୍ୟଥା,
ମନରେ କଷ୍ଟ ନଦେଇ ଗ୍ରହଣ କରିନିଅ ସବୁ ଅବସ୍ଥା ।
ବାର୍ଦ୍ଧକ୍ୟ ଏକ ଅଭିଶାପ ନୁହଁ, ଘରପାଇଁ ଆଶୀର୍ବାଦ,
ଜରାବାସକୁ ଛାଡନାହିଁ ତାଙ୍କୁ ନହେଲେ ଘଟିବ ପ୍ରମାଦ । (୬)

କବିଚନ୍ଦ୍ର ସାହି, ପାରଳାଖେମୁଣ୍ଡି

((()))

# ଆଗ୍ରା

https://youtu.be/MGgD0Zh_6LI

Please like & Subscribe this video

ISSN NO.
2582-208X

# ହଜିଗଲା ପିଲାଦିନ



ନରେନ୍ଦ୍ର ପ୍ରସାଦ ବେହେରା

ଭୂମିଷ୍ଠ ହୋଇ ମୁଁ ଏ ମର୍ତ୍ତ୍ୟ ମଣ୍ଡଳେ
ଯତନେ ହେଲି ପାଳନ
ଗାଆଁ ଦାଣ୍ଡ ଧୂଳି ମସ୍ତକରେ ବୋଳି
ହଜିଗଲା ପିଲାଦିନ ।୧।

ବାଲୁତ ବେଳରେ ମିଳୁଥିଲା ସ୍ନେହ
ଖେଳୁଥିଲି ରାତିଦିନ
ଯୁବକ ବେଳରେ ଲେଖାପଢ଼ା କଲି
ହଜିଗଲା ପିଲାଦିନ ।୨।

ଧୀରେ ଧୀରେ କମି ଗଲା ସେବାଯତ୍ନ
ଚଞ୍ଚଳ ହୋଇଲା ମନ
ସମାଜ ସେବାରେ ବଳିଲା ମୋ ମନ
ହଜିଗଲା ପିଲାଦିନ ।୩।

ପିତାମାତା ହେଲେ ଅଲୋଡ଼ା ମୋ ପାଇଁ
ଯତନ ହେଲା ସପନ
ମନକଥା ମୋର ମନରେ ରହିଲା
ହଜିଗଲା ପିଲାଦିନ ।୪।

ବହୁଦୂର ଚାଲି ଗଲେ ପିତାମାତା
ଅସମୟେ ହୋଇ ଲୀନ
କିଏ ଆଉ ସାହା ଦେବ ଏ ଜୀବନେ
ହଜିଗଲା ପିଲାଦିନ ।୫।

ସମୟ ସ୍ରୋତରେ ଭାସୁଛି ଜୀବନ
ମାନୁନାହିଁ ପ୍ରତିଦିନ
ଧାର ଧାର ଅଶ୍ରୁ ବହୁଛି ନୟନୁ
ହଜିଗଲା ପିଲାଦିନ ।୬।

ISSN NO.
2582-208X

ପିତାମାତା ସ୍ନେହ ମୋ ପାଇଁ ସପନ
ଭାବୁଅଛି ପୂର୍ବଦିନ
ଫେରିକି ଆସିବ ଅତୀତର ସେହି
ହଜିଗଲା ପିଲାଦିନ ।୭।

ସ୍ନେହ ମମତାର ବନ୍ଧନରେ ଥିଲି
ମାତ୍ରଅଳ୍ପ କେତେଦିନ
ଭାଙ୍ଗିଗଲା ମୋର ସକଳ ଭାବନା
ହଜିଗଲା ପିଲାଦିନ ।୮।

ସ୍ନେହ ସରାଗର ମନଟି ମୋହର
ନଷ୍ଟହେଲା ଯେଉଁ ଦିନ
ନିଶ୍ଚିତ ହୋଇଲି ଏ ଧରା ଧାମରୁ
ହଜିଗଲା ପିଲାଦିନ ।୯।

ସ୍ନେହ ଶରଧାର ସମ୍ପର୍କ ସେତୁରେ
ବାନ୍ଧିଲି ଯାହାର ମନ
କଷ୍ଟ ସହି ସହି କାନ୍ଦି କାନ୍ଦି ମଲି
ହଜିଗଲା ପିଲାଦିନ ।୧୦।

ଧୈର୍ଯ୍ୟର ସୀମା ଯେ ବହୁ ଦୂର ଲମ୍ବା
ଅଙ୍କାବଙ୍କା ଏ ଜୀବନ
ପାଣିର ଫୋଟକା ସହିତ ସମାନ
ହଜିଗଲା ପିଲାଦିନ ।୧୧।

ଜନ୍ମଜନ୍ମ ପାଇଁ ମଣିଷ ଜନମ
ସୁଖ ଓ ଦୁଃଖର ଦିନ
ଦୁଃଖ ଦରିଆର ଅଥଳ ସାଗରେ
ହଜିଗଲା ପିଲାଦିନ ।।୧୨

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ମନ



ଦୀପକ କୁମାର ନାୟକ

ମନକୁ ବାଧୀଲେ
ହୃଦୟ କାନ୍ଦେ
ଆଖିରେ ଆସେ ଲୁହ ।
ଭଲ ଲାଗେ ଜହ୍ନ ରାତି
ଆକାଶେ ଥିଲେ ପୁର୍ଣିମା
ଭାରି ମନ କରେ ଶାନ୍ତି ।
ଦୁଃଖ ଏକ ନଇ ସୁଅ
ଯାଏ ବହି ବହି
ସେ ନଇ ଏକ ଅମାନିଆ ନଇଁ ।
ଓଠ ପିଏ ଆଖି ଲୁହ
ମନ କୁ ବାଧିଲେ
ମନ ସେତ ଭାରି ଅମାନିଆ ।
ମନ ଏକ ଅମାନିଆ ପକ୍ଷୀ
ଏଣେତେଣେ ଯାଏ ସେତ ଉଡି
ନାହିଁ ତାର ବଷା ଘର ।

କୁସ୍ତିରା, ଧର୍ମଶାଳା, ଯାଜପୁର

ISSN NO.
2582-208X

# ସାହିତ୍ୟରେ ରାଜନୀତି



କୁଞ୍ଜ ବିହାରୀ ସାହୁ

ସାହିତ୍ୟ ପତ୍ରିକାର ପୂଜା ସଂଖ୍ୟା ପ୍ରକାଶ ପାଇସାରିଛି । ରଙ୍ଗୀନ ପ୍ରଚ୍ଛଦ ପୃଷ୍ଠା, ସୁନ୍ଦର ପରପାଟୀ ଏବଂ ସାହିତି୍ୟକମାନଙ୍କ ସୃଜନ ସମ୍ଭାରରେ ପରିପୂର୍ଣ୍ଣ ହୋଇପାରିଛି । ଚିହ୍ନା/ଅଚିହ୍ନାମାନଙ୍କର ମୁହଁ ବି ଛପାହେଇଛି । କିଏ କିଣୁଛି ପତ୍ରିକା ତ କିଏ ମୁହଁ ଆଡ଼େଇ ଚାଲିଯାଉଛି । ଆଉ କିଏ ପତ୍ରିକା କିଣୁଥିବା ଗରାଖ ପାଖରେ ନେସିହେଇ ସୂଚୀପତ୍ରକୁ ଚାହିଁଦେଉଛି । ବୋଧହୁଏ ଲେଖାଟିଏ ସ୍ଥାନ ପାଇଥିବ । ଯଦି ପ୍ରକାଶିତ ନ ହେଇଛି, ଆମ୍ବୁଲ ଖାଇଲାଭଳି ମୁହଁ କରି ଆଉ ଗୋଟିଏ ଦୋକାନଆଡ଼େ ଚାଲିଯାଉଛି ।

ଏସବୁ ପତ୍ରିକାର ପୂର୍ବାଭାଷ ।

ପତ୍ରିକାର ସଂପାଦକ ଓ ସାସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଣ୍ଟାଭିଡ଼ି ବାହାରି ପଡ଼ିଛନ୍ତି ସମ୍ବର୍ଦ୍ଧନା ପର୍ବ ଆୟୋଜନ କରିବାକୁ । ଯଥା ସମୟରେ ଯୋଗାଯୋଗ ଆରମ୍ଭ ହେଇଯାଉଛି ଅତିଥିମାନଙ୍କ ସହ । ବିକଳିଆ ଅତିଥିମାନେ ସମ୍ମତିପତ୍ର ଦାଖଲ କରିଦେଉଛନ୍ତି ।

ଲମ୍ବା-ଚଉଡା ଯୋଗାଯୋଗ। ଧୂଆମୂଳା- ଅଧୂଆମୂଳା ସାହିତି୍ୟକମାନଙ୍କୁ ସମ୍ମାନିତ କରିବାର ସୁନ୍ଦର ପ୍ରୟାସ ଜାରିରହୁଛି । ସତରେ ଖୁସି ଖବରଟେ !

ଏମିତି ଗୋଟେ ଘଟଣା ଘଟିଥିଲା ରଙ୍ଗନିଧି ସାହିତ୍ୟ ସଂସଦର । ସଂପାଦକ ସର୍ବଗିଳା ବୁଝିବିଚାରି ଦୂରଭାଷରେ ଯୋଗାଯୋଗ ରଖିଲେ ସାହିତି୍ୟକମାନଙ୍କ ସହ । ମୂଲଚାଲ ବି

ISSN NO.
2582-208X

ତୁଟିଗଲା । ଦିନ ଧାର୍ଯ୍ୟ ହେଲା । ସମୟ ନିର୍ଘଣ୍ଟ ପରେ ଚିଟାଉ ଲେଖାଗଲା । ପ୍ରେରିତହେଲା ମିଡିଆକୁ । ସମ୍ମାନିତ ଅତିଥି ଓ ବ୍ୟକ୍ତିବିଶେଷଙ୍କୁ ।

ଡିସେମ୍ବର ଦ୍ୱିତୀୟ ରବିବାର । ସୁନ୍ଦର ଶିତୁଆ ସକାଳ । ଖରାର ବହପ ନାହିଁ । ସୁଲୁସୁଲିଆ ପବନର ଯାତାୟତ ଆପଣାଛାଏଁ । ତୋରଣ, ସାଜସଜ୍ଜା ଭିତରେ ଗହଳି ବାରି ହୋଇପଡୁଥିଲା । ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ । ହାତରୁ ଯାଉ ପଛକେ ଘୋଡା ପିଠିରେ ବସିବା ଯେ କେତେ ମଜା, ଅନୁଭବ କରୁଥିଲେ ସଭିଏଁ । ସଭାପତିତ୍ୱରେ ବାଇଡଙ୍କ ନିଜର ଅଭିଭାଷଣ ପ୍ରଦାନ କଲେ । ସଂପାଦକ ସର୍ବଗିଳା ସଂପାଦକୀୟ ପାଠରେ ସାହିତ୍ୟର ସାମ୍ପ୍ରତିକ ମୂଲ୍ୟବୋଧ, ସଂସଦର ଆଭିମୁଖ୍ୟ, ନିମନ୍ତ୍ରିତ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କର ପରିଚୟ ଦେଇ ପ୍ରଶଂସାରେ ପୋତିଦେଉଥିଲେ । ଆର୍ଥିକ ଅନଟନକୁ ସଂକ୍ଷେପରେ କହି ଅନୁଦାନ ଆଦାୟକୁ ଦାମ୍ଭିକ ସ୍ୱରରେ ବଖାଣୁଥିଲେ । ସତେ ଅବା ଆପାତଃକାଳିନ ଅନୁଦାନର ମେଘ ଖସିଆସିବ କାଳେ !!

ତାଳିପରେ ତାଳି ଆଉ ମଞ୍ଚାସୀନ ଆତିଥିମାନଙ୍କର ଭିତ୍ତିହୀନ ଭାଷଣ । କାନ ବଧିରା ହେଉଥିଲେ ବି ଶୁଣିବାକୁ ବାଧ୍ୟ ହେଉଥିଲେ ସାମ୍ନାରେ ବସିଥିବା ଅତିଥିମାନେ । ଏଇଥିପାଇଁ ଯେ ଦ୍ୱିପହରେ ଲଞ୍ଚର ଆୟୋଜନ ରହିଛି । ଭାଷଣର ଅଧାବାଟରେ ପାଉଡରବୋଳା ମୁହଁଟା ଶୁଖିଲାପଡିଯିବା ଆଶଙ୍କାରେ ସମ୍ବର୍ଦ୍ଧନା ପର୍ବ ଆରମ୍ଭ ହେଇଗଲା । 'କୋଟି ଲାବଣ୍ୟନିଧିରେ ପଦ୍ମ ତୁହି' କାବିତାର ଧାଡି ପରି ସମ୍ବର୍ଦ୍ଧିତ ପ୍ରତିଭାମାନେ ନିଜକୁ ଆଉଟିକେ ସଜାଡ଼ିନେଲେ ।

ଆରମ୍ଭ ହେଇଗଲା ସମ୍ବର୍ଦ୍ଧନା ପର୍ବ । ନାଁ ଡକାଗଲା ସ୍କୁଲରେ ପିଲାଙ୍କର ଉପସ୍ଥାନ ଭଳି । ମାନପତ୍ର ପାଠକଲେ ତିନିଜଣ ସୁନ୍ଦରୀ ଲାସ୍ୟମୟୀ ତରୁଣୀ । ମୃଦୁମଧୁର ଓଠ, ହାରିଣୀ ଆଖି, ଆଖିଝଲସା ଦେହ ଦେଖେଇ କୋମଳ କଣ୍ଠରେ ମାନପତ୍ର ପାଠକଲେ । ସମସ୍ତଙ୍କର ଆଖି ଲାଖିରହିଥିଲା ମାନପତ୍ର ପଢାଳିଙ୍କ ଉପରେ । ଆଳଙ୍କାରିକ ଶବ୍ଦରେ ଖୁନ୍ଦି ହେଇଥିଲା ମାନପତ୍ରର ରଙ୍ଗୀନ ଅବୟବ । ନାମର ଉଚ୍ଚାରଣରେ ଉତଫୁଲ୍ଲିତ ଚେହେରା ଦେଖାଇ ଅତିଥିମାନଙ୍କ ସମ୍ମୁଖରେ ନତମସ୍ତକ ମୁଦ୍ରାରେ ଠିଆହେଲେ ଜଣଙ୍କପରେ ସମ୍ବର୍ଦ୍ଧିତ ପ୍ରତିଭାଧର । ଏଇମିତି ପନ୍ଦର ଜଣ । ହାତରେ ଧରିଲେ ହାତରେ ଫୁଲତୋଡ଼ା, ଫଳକ। କାନ୍ଧରେ ସଜେଇ ରଖିଲେ ଉତ୍ତରୀୟ । ରଙ୍ଗୀନ ମାନପତ୍ରକୁ ହାତରେ ଧରି ହସ ହସ

ISSN NO.
2582-208X

ବଦନରେ ମଞ୍ଚତଳକୁ ଓହ୍ଲାଇପଡିଲେ । ତେଲିଆ ସମର୍ଥକମାନେ କୁଣ୍ଢେଇ ପକେଇଲେ । ହାତରୁ ଭିଡିନେଇ ଦେଖିନେଲେ ମାନପତ୍ର । ବାଃ..ବାଃ କହି ସ୍ୱାଗତ କଲାବେଳକୁ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କର ଛାତି ଚଉଡା ହେଇଯାଉଥିଲା । କାରଣ ଅଯୋଗ୍ୟରୁ ଯୋଗ୍ୟ ବ୍ୟକ୍ତି ହୋଇଯାଇଥିଲେ ସେଦିନ ପାଇଁ । ଅର୍ଥ ବିନିମୟରେ ପୂଜା ସଂଖ୍ୟାରେ ଲେଖା ପ୍ରକାଶିତ ହେଇଛି । ପାଖ ପଡୋଶୀ ଈର୍ଷାରେ ଜଳିଜଳି ଭ୍ରୂକୁଞ୍ଚନ କରୁଥିଲେ । ସେମାନେ ଯୋଗ୍ୟ ହେଇ ବି ସୃଜନର ସ୍ୱାକ୍ଷର ବହନ କରି ବି ଅବହେଳିତ !!

ଶୀତଋତୁରେ ଏଭଳି କାର୍ଯ୍ୟକ୍ରମ ହେଇଥାଏ । ଅଧିକାଂଶ ସ୍ଥାନରେ ମଧ୍ୟାହ୍ନରେ ଲଞ୍ଚ ବ୍ୟବସ୍ଥା ଥିବା ହେତୁ କାର୍ଯ୍ୟକ୍ରମଟି ସରଗରମ ହୋଇଯାଏ । ସ୍ପଷ୍ଟ ବାରିହେଇଯାଏ ନିମନ୍ତ୍ରିତ ଆଗନ୍ତୁକମାନଙ୍କ ଅପେକ୍ଷା ଅନିମନ୍ତ୍ରିତ ଆଗନ୍ତୁକଙ୍କ ଜବରଦସ୍ତ ଭିଡ଼ ।

କେତେକ ବରିଷ୍ଠ ସାହିତ୍ୟିକ ଚର୍ଚ୍ଚିତ ହେଉଥିଲା ବେଳେ କେତେକ ଯୁବପୀଢ଼ିର ସାହିତ୍ୟିକ ହସ ହସ ମୁହଁରେ ଫଳକ ଧରି ଫଟୋ ଉଠଉଥିଲେ । ନାରୀମାନଙ୍କ ସହ ଏକ ଖୁସିଗପର ଆଳାପ ବି ଜମିଆସୁଥିଲା । କବିତା ପାଠୋତ୍ସବରେ ଅନେକ ତରୁଣ ତରୁଣୀଙ୍କର ସମାଗମ ଦେଖିବାକୁ ମିଳିଲା । ସଭାରେ ଉପସ୍ଥିତ କେତେକ ଆଶାୟୀ ସାହିତ୍ୟିକ ମନେମନେ ଦିନ ଗଣୁଥିଲେ ସେମାନଙ୍କର ପାଳିକୁ । ଅର୍ଥ କି ଦାମିକା ବିଜ୍ଞାପନଟିଏ ଦେଇଦେଲେ ଶୀଘ୍ର ତାଲିକାରେ ନାଁ ଟା ଦରଜ ହେଇଯିବ !!

ଆଉ କେତେଜଣ ଭାବୁଥିଲେ - ଏବେ ଆମେ ପତ୍ରିକାକୁ ନିୟମିତ ଲେଖା ପଠେଇ ଟେଲିଫୋନରେ ସମ୍ପର୍କ ରଖିବା । କାଳେ ଲଟେରୀ ଉଠିଯିବ ।'

ଏମିତି ବି ହେଲା ଜନ୍ଦା ପିମ୍ପୁଡ଼ି ପରି ଘେରିଗଲେ ଅନାଲୋଚିତ ସାହିତ୍ୟପ୍ରେମୀମାନେ । ପୁରୁଣା ପ୍ରୋଫାଇଲକୁ ଦେଖାଇ ସଂପାଦକ ଓ କର୍ମକର୍ତ୍ତାଙ୍କର ମନ କିଣିବାକୁ ବ୍ୟଗ୍ର ହୋଇପଡ଼ିଲେ ।

ସମ୍ବର୍ଦ୍ଧନା ପାଇବାପାଇଁ କାହିଁ କେତେବାଟରୁ ଆସିଛନ୍ତି ଆଗନ୍ତୁକମାନେ । ଦେହକୁ ସଜେଇ/ ମନକୁ ମଜେଇ ଆଉ ଷ୍ଟାଇଲରେ ଗାଡ଼ି ଭଡ଼ାକରି ଆସିଛନ୍ତି ସଭାସ୍ଥଳକୁ । ଏହା ସେମାନଙ୍କର ନିଶା ନା ପେଶା ନା ଗୋଟେ ମାନିଆ !

ISSN NO.
2582-208X

ପତ୍ରିକାର ସଂପାଦକ ଯେମିତି ଖୁସି ହେଉଥିଲେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆନନ୍ଦରେ କୁରୁଳି ଉଠୁଥିଲେ ସେମିତି ।

ଭାବିଲେ ଦେଖି, ଏମିତି ଶୀତଋତୁରେ କିଏ ବା ଖୁସି ନ ହେବ ! ଶୀତକାଳୀନ ଆସର ଆଡ଼େ ଆସନ୍ତୁ ଥରେ ବୁଲିଆସିବା । ସାହିତ୍ୟରେ ପ୍ରେମର ରାଜନୀତିକୁ ଭେଟି ଉଷୁମ ଟାଣିବା ।

(ଏକ ବ୍ୟଙ୍ଗାତ୍ମକ କାହାଣୀ)

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

( )

ଶିଲଂଗ, ଛେରାପୁଞ୍ଜି ଏବଂ ଡାଉକି ଲେକ୍-ଭାଗ ୧ ଏବଂ ୨

https://youtu.be/RQEt5qUx4Ms

https://youtu.be/7cylYfqvbII

Please like & Subscribe this video

ISSN NO.
2582-208X

# ହୃଦୟ


ଛବି ରାଣୀ ପତି

ଛାତିତଳ ଏକ ନିବୃତ କୋଣରେ
ଭାରି ଛୋଟ ମୋର ଘର
ସେ ଘର ଭିତରେ ମୋ ପ୍ରିୟ ସାଥିରେ
ରଚିଛି ପ୍ରେମ ମନ୍ଦିର ।

ଏକାନ୍ତରେ ଅବା ଜନ ସମୁଦ୍ରରେ
ଥିଲେ ଯେଉଁଠି ବି ଥାଏ
ସ୍ପନ୍ଦନେ ଏପରି ବସାଟେ ବାନ୍ଧିଛି
କ୍ଷଣେ ଦୂରେଇ ନରୁହେ ।

ତା ପାଇଁ ବଞ୍ଚିଛି ନିରନ୍ତର ମୁହିଁ
ଏତେ ବଡ଼ ଦୁନିଆଁ ରେ
ସ୍ୱଚ୍ଛନ୍ଦେ ନେଉଛି ନିଃଶ୍ୱାସ ପ୍ରଶ୍ୱାସ
ଦୁର୍ଲଭ ଜୀବନ ଭରେ ।

ମଧ୍ୟ ଶାସନ
ବିରିଡ଼ି,ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬

ISSN NO.
2582-208X

# ଗତି କୁଆଡ଼େ ଆମର



ଡକ୍ଟର ମନୋରଞ୍ଜନ ବିଷୋୟୀ

ପାଠପଢ଼ ମାଡ଼ ମାର
ଅବା କପିକର
ପାଠ ପରେ ଚାକିରି ଯୋଗାଡ଼
ଅବା ବେକାରି ଭତ୍ତା
ଦାବି ଆମର ।
ସେବା କରିବା ପରି
ବୋହିଯାନ୍ତି ଦେଶର ସେବକ
ବସନ୍ତ ଲୁଟଇ ଗନ୍ଧ
ସୁରଭି ପୁଷ୍ପର
ଆଉ ବାନର ଲୁଟଇ ଭଣ୍ଡାର ।
ପୁଅର ଚାକିରି ପାଇଁ ଲୋଡ଼ା
କେତେ କାଗଜ ହଜାର
ନେତ୍ରୀ ହୁଏ ଅଭିନେତ୍ରୀ ଏଠି
ଯାତ୍ରୀ ହୁଏ ମହାମନ୍ତ୍ରୀ
ଝିଅର ରାଜଯୋଟକକୁ
ଲୋଡ଼ା ଆଇ.ଏ.ଏସ୍. ବର
ଏବଂ ସେହି ଝିଅ ଭ୍ରୁଣ ନଷ୍ଟ ପାଇଁ
ନିରବ ଇସାରା ଦିଏ ଡାକ୍ତର ।
ଶୁଆ ନିତି ଘୋଷେ ରାମନାମ
ବେତାର ବି ଘୋଷେ ଜାତିପ୍ରେମ
ହେଲେ ଶୁଆର ନାଲିଆ ଚଞ୍ଚୁ
ବିପଦର ଜୀବନ୍ତ ସ୍ୱାକ୍ଷର ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

ISSN NO.
2582-208X

# ଛାଡ଼ଖାଇ



ତ୍ରିପତି ପ୍ରଧାନ

ନୁହଁ ଛାଡ଼ଖାଇ  ଖାଇ ଛାଡ଼ ଭାଇ
ରହିଛି ଆମ ସଂସ୍କୃତି
ଖାଇତ ଖାଇଲେ ପେଟ ବଢ଼େ ଭଲେ
ରୋଗର ସେଠୁ ଉତ୍ପତି (1)
ଜୀବ ବଞ୍ଚିବାର  ଖାଦ୍ୟ ଦରକାର
ଖାଇବା ଜିଇଁବା ନାହିଁ
ଧୀରଙ୍କର ମତେ  ଚିନ୍ତ ହୃଦ ଗତେ
ମନେନ୍ଦ୍ରିୟ ବାନ୍ଧି ଦେଇ (2)
ମାସକ ଯାକର  ପୂର୍ଣ୍ଣ୍ୟ ଅର୍ଜନର
ଏକଇ ଦିନେ ନ ଛାଡ଼
ସବୁଜ ପରିବା ଭୋଜନେ ଭୁଞ୍ଜିବା
ତୋଳି ଘର ବାରି ବାଡ଼ (3)
ତାହାରି ପାଇଁଣ ସକାଳେ ସଂଜେଣ
କରି ଶାରୀରିକ କର୍ମ
ବ୍ୟାୟାମ ହୋଇବ  ସମୟ ବିତିବ
ନ ଯିବ ଆନରେ ମନ (4)

ମାଛ, ମାଂସ ଖାଦ୍ୟ ବଢ଼ାଏଟି ମେଦ
ପାୟସା ବର୍ଦ୍ଧଇ ତନୁ
ଘୃତେ ବୃଦ୍ଧି ବୀର୍ଯ୍ୟ ଅଭିଜ୍ଞାତା କାର୍ଯ୍ୟ
କହି ଯାଇଛନ୍ତି ମନୁ (5)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ସ୍ୱାଧୀନତା ପରବର୍ତ୍ତୀ ଓଡିଆ ଗଳ୍ପ



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

କଥାଟିଏ କହୁ , କଥାଟିଏ ..........
କି' ସ କଥା ..... ବେଙ୍ଗୁଲି କଥା ...........

ଏଇ କଥା ରୁ ସୃଷ୍ଟି ହୁଏ ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟ, ଯେଉଁ ଗଳ୍ପ କୁ ପୁରାତନ ଯୁଗ ରେ କାହାଣୀ ମାଧ୍ୟମରେ ପରିବେଷଣ କରାଯାଉଥିଲା । ଆଧୁନିକ କ୍ଷୁଦ୍ର ଗଳ୍ପ ର ସୃଷ୍ଟି ପୂର୍ବରୁ ବିଶ୍ୱ ସାହିତ୍ୟ ରେ ବିଶାଳକାୟ ଉପନ୍ୟାସ ସୃଷ୍ଟି ହୋଇ ସାରିଥିଲା କିନ୍ତୁ ଅଷ୍ଟାଦଶ ଶତାବ୍ଦୀ ରେ ଇଂଲଣ୍ଡ ରେ ଯେତେବେଳେ ଶିଳ୍ପ ବିପ୍ଳବ ଆରମ୍ଭ ହେଲା, ସେହି ଦିନ ଠାରୁ ମଣିଷ ର ଦୈନନ୍ଦିନ ଜୀବନ ଜଟିଳ ଓ କର୍ମ କ୍ଲାନ୍ତ ହୋଇ ପଡ଼ିଲା । ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ସେ ତାର ତେଲ ଲୁଣ ସଂସାରକୁ ଚଳାଇବା ପାଇଁ ନିଜକୁ ନିୟୋଜିତ କଲା । ଫଳରେ ସେହି ସମୟ ରୁ ସୃଷ୍ଟି ହେଲା ଆଧୁନିକ କ୍ଷୁଦ୍ର ଗଳ୍ପ ଯାହାକି ଆଧୁନିକ ଯୁଗ ର ସର୍ବାପେକ୍ଷା ଲୋକପ୍ରିୟ ସାହିତ୍ୟିକ ବିଭାଗ ରୂପେ ପରିଚିତ ।

ଊନବିଂଶ ଶତାବ୍ଦୀ ର ଏକ ବୈଚିତ୍ରମୟ ସୃଷ୍ଟି ହେଁଭି କ୍ଷୁଦ୍ର ଗଳ୍ପ । ଯାହା ଜୀବନର ଖଣ୍ଡିତ ଅଂଶ କୁ ଉଦ୍ଭାସିତ କରେ । ଏଥିରେ କାହାଣୀ ର ଘନଘଟା ନ ଥାଏ । ଏହାର ଆରମ୍ଭ କ୍ଷିପ୍ର ଓ ନାଟକୀୟ ଏବଂ ଏହାର ଶେଷ ହେଉଚି ଅନ୍ତହୀନ ଜିଜ୍ଞାସା ।

ପ୍ରାଚୀନ କାହାଣୀ ର କ୍ରମବିବର୍ତନ ହେଉଚି କ୍ଷୁଦ୍ର ଗଳ୍ପ । ଆଗେ କାହାଣୀ ସବୁ ଗଦ୍ୟ ବା ପଦ୍ୟ ରେ ରଚିତ ହେଉଥିଲା ମାତ୍ର ସମ୍ପ୍ରତି ଯୁଗ ବଦଳି ଗଲା । ପ୍ରାଚୀନ କାହାଣୀ ମଣିଷ

ISSN NO.
2582-208X

ହୃଦୟ ରୁ ବିଦାୟ ନେଇ କ୍ଷୁଦ୍ର ଗଳ୍ପ ସ୍ଥାନ ଲାଭ କଲା ସୁରେନ୍ଦ୍ର ମହାନ୍ତି ଙ୍କ ଭାଷାରେ :- "କ୍ଷୁଦ୍ର ଗଳ୍ପ କାହାଣୀ ନୁହେଁ ବା ଉପନ୍ୟାସ ର ସଂକ୍ଷିପ୍ତ ରୂପ ନୁହେଁ,ଏହା କେବଳ ଗୋଟିଏ ମୁହୂର୍ତ୍ତ ।"କ୍ଷୁଦ୍ର ଗଳ୍ପ ଗୋଟିଏ ଜୀବନ ନୁହେଁ ବରଂ ଜୀବନର ଭଗ୍ନାଂଶ ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ, ଗଳ୍ପ ଏକ ନୂତନ ଉଦ୍ୟମ, ନୂତନ ସୃଷ୍ଟି ଏବଂ ନୂତନ ସଙ୍କେତ ସମୂହର ଦୃଷ୍ଟି ଆକର୍ଷଣ କରେ। ଫକୀର ମୋହନଙ୍କ ଠାରୁ ଓଡ଼ିଆ ଗଳ୍ପ ର ନିର୍ମାଣ ଶୈଳୀ ଏବଂ ରୀତି ବିସ୍ତୃତ ପ୍ରେରଣା ଲାଭ କରି ଶେଷରେ ଦୀର୍ଘ ସତୁରୀ ବର୍ଷ ପର୍ଯ୍ୟନ୍ତ ଓଡିଶାର ଗାଁ ଗହଳ କଥା ଠାରୁ ଆରମ୍ଭ କରି ଆଧୁନିକ ଯୁଗ ର କ୍ଷୁଦ୍ରଗଳ୍ପ ନିର୍ମାଣ ଶୈଳୀ ରେ ଏକ କ୍ରମବର୍ଦ୍ଧିଷ୍ଣୁ ଭାବଧାରା ପ୍ରତିଫଳିତ। ସାମ୍ପ୍ରତିକ ଜୀବନ ର ଅଭାବ, ଅନାଟନ, ମାନସିକ ସମ୍ପର୍କ, ରାଜନୈତିକ ଉତ୍ଥାନ ପତନ, ବିଭିନ୍ନ ମତବାଦ, ବହୁ ଦାର୍ଶନିକ ମନୋବୈଜ୍ଞାନିକ ଙ୍କ ବିଶ୍ଳେଷଣ, ଅର୍ଥନୈତିକ ମାନ ହ୍ରାସ, ସାମାଜିକ ମୂଲ୍ୟବୋଧ ର କ୍ରମପରିବର୍ତ୍ତିତ ଅବସ୍ଥା ପ୍ରଭୃତି ବିଭିନ୍ନ ବିଷୟକୁ ପରିବେଷଣ କରିବାରେ ଆଜିର ଗାଳ୍ପିକ ମାନେ ନିରଳସ ସାଧନା କରି ଚାଲିଛନ୍ତି। ଆସନ୍ନ ଧ୍ୱଂସ, ନଗ୍ନ ବାସ୍ତବତା, ବସ୍ତୁ ତାନ୍ତ୍ରିକତା ପ୍ରଭୃତି କୁ ସାମ୍ପ୍ରତିକ ଗଳ୍ପରେ ଗ୍ରହାଣ କରାଯାଇଛି, ତେଣୁ ଆଜିର ଗଳ୍ପ ରୂପକ ଓ ପ୍ରତୀକ ଧର୍ମୀ ହେବା ସଂଗେ ସଂଗେ ବିଷୟ ବସ୍ତୁ ରେ ଦେଖା ଦେଇଛି ସନ୍ୟାସୀ ସୁଲଭ ନିର୍ଲିପ୍ତତା । ବିଶିଷ୍ଟ ଘଟଣାର ଏକ କ୍ଷଣିକ ଆଭାସ ଏବଂ ଏକ ରସଘନ ମୁହୂର୍ତ୍ତ ରେ ଚୁମ୍ବକୀୟ ଅଭିବ୍ୟକ୍ତି ମଧ୍ୟରେ ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରିବା ହେଉଚି ସ୍ୱାଧୀନତା ପରବର୍ତ୍ତୀ କ୍ଷୁଦ୍ର ଗଳ୍ପ ର ମୁଖ୍ୟ ପ୍ରବୃତ୍ତି। ଏହାର ଆରମ୍ଭ ଆକସ୍ମିକ ଓ ପରି ସମାପ୍ତି ରେ ନାଟକୀୟତା ଲକ୍ଷ୍ୟ କରାଯାଏ ।

କ୍ଷୁଦ୍ର ଗଳ୍ପ ରଚନା କରିବା ପାଇଁ ମୁଖ୍ୟତଃ ୬ ଟି ଉପାଦାନ ର ଆବଶ୍ୟକତା ରହିଚି । ୧୮୯୮ ରେ କଥା ସମ୍ରାଟ ଫକୀର ମୋହନ ସେନାପତି ରଚନା କରିଥିଲେ 'ରେବତୀ' କ୍ଷୁଦ୍ର ଗଳ୍ପ । ମାତ୍ର ୧୮୬୮ ରେ ଫକୀର ମୋହନ ଙ୍କ ରଚିତ 'ଲଛମନିଆ' କ୍ଷୁଦ୍ର ଗଳ୍ପ କୁ କେତେକ ସମାଲୋଚକ ପ୍ରଥମ କ୍ଷୁଦ୍ର ଗଳ୍ପ କହିଥିଲେ ମଧ୍ୟ ଗଳ୍ପ କଳା ଦୃଷ୍ଟିରୁ 'ରେବତୀ' ପ୍ରଥମ ସାର୍ଥକ କ୍ଷୁଦ୍ର ଗଳ୍ପ ର ଗୌରବ ବହନ କରିଚି ।

ISSN NO.
2582-208X

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟ ରେ ମଣିଷ ର ଜିଜ୍ଞାସା ଓ ଶିଳ୍ପ ବିପ୍ଳବ ର ପ୍ରଭାବ ସ୍ପଷ୍ଟ ବାରି ହୋଇପଡେ କିନ୍ତୁ ସ୍ୱାଧୀନତା ପୂର୍ବରୁ ଶିଳ୍ପ ବିପ୍ଳବ ର ମଞ୍ଜି ଗୋଦାବରୀଶ ମହାପାତ୍ର ଙ୍କ "ମାଗୁଣୀ ର ଶଗଡ଼" ରେ ଆରମ୍ଭ ହେଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ଗଳ୍ପ ମାନଂକରେ ସଭ୍ୟତା ର ଉନ୍ନତି ସହ ମଣିଷ ଜୀବନରେ ଯନ୍ତ୍ର ସଭ୍ୟତା ର ପ୍ରଭାବ ମଣିଷ କୁ କରିଚି ଅତିଷ୍ଠ । ସଚ୍ଚିଦାନନ୍ଦ ରାଉତରାୟ ଙ୍କ ଠାରୁ ଆରମ୍ଭ କରି ବର୍ତମାନ ର ଗାଳ୍ପିକ ମାନଂକ ପର୍ଯ୍ୟନ୍ତ ସମସ୍ତେ ଧରା ବନ୍ଧା କାହାଣୀ ରୁ ଓଡ଼ିଆ ଗଳ୍ପ କୁ ମୁକ୍ତ କରି ନୂତନ ଆଲୋକ ର ସନ୍ଧାନ ଦେଇଛନ୍ତି । ସେମାନେ ଗଳ୍ପ ର କାହାଣୀ ଉପରେ ଗୁରୁତ୍ୱ ନ ଦେଇ, ଗଳ୍ପ ର ଭାବ ଧାରା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏହା ସହ ମାନବୀୟ ଚିନ୍ତାଧାରା ମଧ୍ୟ ବଳିଷ୍ଠ ଭାବେ ଗଳ୍ପ ମାନଂକରେ ପ୍ରତିଫଳିତ ହେଇଛି । ଗ୍ରାମ୍ୟ ଜୀବନର ବିଶ୍ୱାସ ବୋଧ, ନିଚ୍ଛକ ପ୍ରେମ, ମଣିଷର ଆତ୍ମ ବଡିମା ଓ ଅନୈତିକତା ଗଳ୍ପ ମାନଙ୍କର ମୁଖ୍ୟ ଉପଜିବ୍ୟ ହୋଇଛି ।

ଓଡ଼ିଆ କଥା ସାହିତ୍ୟ ରେ ସଚ୍ଚିଦାନନ୍ଦ ରାଉତରାୟ ଏହି ଧାରାର ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ କବି। ଆଧୁନିକ ଗଳ୍ପ ସାହିତ୍ୟ କୁ ସମୃଦ୍ଧ କରିବାରେ ଅନ୍ୟତମ ଅଗ୍ରଣୀ କଳାକାର । ତାଙ୍କର ମାଟିର ତାଜ ଓ ମଶାଣି ର ଫୁଲ ଗଳ୍ପ ପାଇଁ କବି ରାଉତରାୟ ଜଣେ ଉଚ୍ଚକୋଟିର ଗାଳ୍ପିକ ଭାବରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ଗଳ୍ପ ଗୁଡ଼ିକ ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ ହୋଇଥିଲେ ମଧ୍ୟ ସାର୍ଥକ ଅଟେ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ କଥା ସାହିତ୍ୟ କ୍ଷେତ୍ରରେ ବହୁ ଲେଖକଙ୍କ ର ଆବିର୍ଭାବ ହୋଇଛି। ନାରୀ ଜୀବନର ବହୁ ଦୁଃଖ, ସୁଖ, ଆଶା, ନିରାଶା ଓ ପାରିବାରିକ ଜୀବନର ସରସ ମଧୁର ଚରିତ୍ର ଅଙ୍କନ ରେ ବହୁ ଗାଳ୍ପିକ ଉଚ୍ଚ ପ୍ରଶଂସିତ ଅଟନ୍ତି ।

ଗୋଦାବରୀଶ ଗଳ୍ପ ସାହିତ୍ୟ ରେ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ତାଙ୍କର ଅଧିକାଂଶ କ୍ଷୁଦ୍ର ଗଳ୍ପ ରେ କରୁଣ୍ୟ ଓ ସହାନୁଭୂତି ପ୍ରକଟ ରେ ସାର୍ଥକତା ଅର୍ଜନ କରିଛନ୍ତି । ଟଙ୍କାରମୋଟିର ମାୟା, ବନ୍ଦୀ ଯୁବକ, ପଲ୍ଲୀଛାୟା, ଗଳ୍ପ ଦୃଷ୍ଟିରୁ ସାର୍ଥକ ଅଟେ। ଗଳ୍ପ ରଚନା କ୍ଷେତ୍ରରେ ସେ ଜଣେ ଅତୁଳନୀୟ ସ୍ରଷ୍ଟା । ପଲ୍ଲୀ ଜୀବନର ବାସ୍ତବ ଆଲେଖ୍ୟ ତାଙ୍କ

ISSN NO.
2582-208X

ରଚନା ରେ ସ୍ପଷ୍ଟ ଅନୁଭୂତ ହୁଏ । ରାଜନୈତିକ ସଚେତନ ଶିଳ୍ପୀ ଭାବେ ତାଙ୍କର ଖ୍ୟାତି ସୁପ୍ରତିଷ୍ଠିତ ଅଟେ ।

ଫକୀର ମୋହନ ଙ୍କ ପରେ ଓଡ଼ିଆ ରେ ହାସ୍ୟ ରସାତ୍ମକ କ୍ଷୁଦ୍ର ଗଳ୍ପ ରଚନା ଧାରା ଏକାନ୍ତ ଦୁର୍ବଳ ହୋଇ ଯାଇଥିଲା । ଏକମାତ୍ର ଲକ୍ଷ୍ମୀକାନ୍ତ ମହାପାତ୍ର ଙ୍କ ଗଳ୍ପ ଗୁଡ଼ିକ ରେ ଆମ୍ଭେ ଲଘୁ ରସ ଦେଖିବାକୁ ପାଉ ତାଙ୍କର 'ଦେହୀ ପାଦ ପଲ୍ଲବ ଉଦାର' ଗଳ୍ପରେ ଦାଢ଼ି ର କରାମତି ବ୍ୟଙ୍ଗ ପାଠକ ମାନଙ୍କୁ ବିଭୋର କରେ। ଏହା ବ୍ୟତୀତ ଏଥର କାହାର ପାଳି, ଅନ୍ଧାର ମଞ୍ଜି ପ୍ରଭୃତି ଗୋଟିଏ ଗୋଟିଏ ହାସ୍ୟ ରସାତ୍ମକ ଗଳ୍ପ ଅଟେ। ଏଥିରେ ମୁଖ୍ୟତଃ ୧୫ ଟି ପରିବେଶ ଚିତ୍ରଣ ରେ ବ୍ୟକ୍ତି ବିଶେଷଙ୍କ ର ଛଳନା, ଦୋଷ ତ୍ରୁଟି, ଅବ୍ୟବସ୍ଥିତ ଅବସ୍ଥାର  ବର୍ଣନା ମାଧ୍ୟମରେ ହାସ୍ୟ ରସ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। ପରବର୍ତ୍ତୀ କାଳ ରେ ବହୁ ଗାଳ୍ପିକ ମଧ୍ୟ ହାସ୍ୟ ରସାତ୍ମକ ଗଳ୍ପ ରଚନା କରିବାରେ ସିଦ୍ଧହସ୍ତ ହୋଇଛନ୍ତି ।

ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପ କ୍ଷେତ୍ରରେ ମନୋଜ ଦାସ ଙ୍କ କୃତିତ୍ୱ ଗୁରୁତ୍ୱ ପୂର୍ଣ । ତାଙ୍କ କଥା ଓ କାହାଣୀ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରି ସର୍ବ ଭାରତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ରୂପ ଓ ରସ ସୃଷ୍ଟି ଦୃଷ୍ଟି ରୁ ତାଙ୍କ ଗଳ୍ପ ଗୁଡ଼ିକ ଯେପରି ଅଭିନବ ସେପରି ସରସ । ଗଳ୍ପ ଗୁଡ଼ିକ ରେ ମଧ୍ୟ ହାସ୍ୟ, କରୁଣ ଓ ସମବେଦନା ପୂର୍ଣ ବିଚିତ୍ର ଭାବର ପ୍ରଭାବ ପାଠକ ଙ୍କୁ ସମ୍ପୂର୍ଣ ଅଭିଭୂତ କରିଦିଏ । ସାମ୍ପ୍ରତିକ କ୍ଷୁଦ୍ର ଗଳ୍ପ କ୍ଷେତ୍ରରେ ଏହି ନୂତନ ପ୍ରୟୋଗ ହିଁ ମନୋଜ ଦାସ ଙ୍କ ପରମ କୃତିତ୍ୱ। ଏହି ଦୃଷ୍ଟି ରୁ ଲକ୍ଷ୍ମୀ ର ଅଭିସାର, ସଂପର୍କ ଗ୍ରସ୍ତ, କିମ୍ଭୀର ରାଣୀ, ଲୁଲୁଭାନ ଅରଣ୍ୟର ଏକ ସମ୍ବାଦ, ଉତର ଉପତ୍ୟକାର ବୃଦ୍ଧ ଜୈନ୍ୟ, ଭୂତୁଣି ପ୍ରଭୃତି ଅନବଦ୍ୟ ଓ ଅତୁଳନୀୟ ଅଟେ। ମୋଟ ଉପରେ କହିବାକୁ ଗଲେ ତାଙ୍କ ଗଳ୍ପ ଗୁଡ଼ିକ ଗତାନୁଗତିକ ଗଳ୍ପ ରୀତି କୁ ପରିହାର କରି ଏକ ଭିନ୍ନ ରୀତି ରେ ଭିନ୍ନ ସ୍ୱାଦ ସମ୍ପନ୍ନ ଅଟେ ।

ଆଜିର ଗଳ୍ପ ପୂର୍ବ ଅପେକ୍ଷା ଅଧିକ ଜୀବନନିଷ୍ଠ ଓ ସମାଜ ଅଭିମୁଖି ହୋଇଛି; ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ମଣିଷର ବାହ୍ୟ ଚେତନା ଓ ବହିଃରଂଗ ଚିତ୍ର

ISSN NO.
2582-208X

ଅପେକ୍ଷା ତାହା ଭିତର ଚିତ୍ର, ହୃଦୟ ଓ ମନର କଥା ଏବେ ର ଗଳ୍ପ ମଧ୍ୟରେ ପରିଦୃଷ୍ଟ ହୁଏ ।

ଏହି ସମସ୍ୟା ବହୁଳ ସମାଜର ଶୋଷଣ, ପୀଡନ, ଅନ୍ୟାୟ, ଅନାଚାର, ଭଣ୍ଡାମି, ଛଳନା, କ୍ରୋଧ ଆଦି ସାମ୍ପ୍ରତିକ ଗଳ୍ପ ମାନଙ୍କରେ ବେସ୍ ବଳିଷ୍ଠ ଭାବେ ରୂପାୟିତ ହୋଇଛି। ଏହା ଛଡ଼ା ବହୁ ବିଦେଶୀ ଗଳ୍ପ କୁ ଓଡ଼ିଶାରେ ଭାଷାନ୍ତରିତ ଓ ଅନୁସରଣ କରି ଗଳ୍ପ ରଚନା କରିବାରେ ଯୁଦ୍ଧ ପରବର୍ତ୍ତୀ କାଳରେ ଓ ଯୁଦ୍ଧୋତର କାଳରେ ଗୋଦାବରୀଶ ମିଶ୍ର, ସୁପ୍ରଭା କର, ନର୍ମଦା କର, ଲକ୍ଷ୍ମୀ ନାରାୟଣ ମହାନ୍ତି, ଗୋପାଳ ଚନ୍ଦ୍ର ମିଶ୍ର ଓ ରମେଶ ଧଳ ପ୍ରଭୃତି ଗାଳ୍ପିକ ମାନେ ସିଦ୍ଧହସ୍ତ ହୋଇ ପାରିଛନ୍ତି । ଜୀବନର ତୀବ୍ର ଜଞ୍ଜାଳ ମଧ୍ୟରେ ସମାଜ ର ବହୁ ସଂଘର୍ଷ ଓ ସମସ୍ୟା ଆଜିକାର ଗାଳ୍ପିକ ମାନଙ୍କର ଚିନ୍ତା ଓ ଚେତନା କୁ ଅହରହ ଆଲୋଡିତ କରିବାରେ ଲାଗିଛି । ଶାଣିତ ବ୍ୟଙ୍ଗ, ବିଦ୍ରୁପ ଓ ଅନାସକ୍ତ ବ୍ୟାକୁଳତା ବର୍ତ୍ତମାନ ର ଗାଳ୍ପିକ ମାନଙ୍କର ଲେଖନୀ ରେ ଦେଖିବାକୁ ମିଳେ । ସ୍ୱାଧୀନତା ପରବର୍ତ୍ତୀ ଗାଳ୍ପିକ ମାନେ ବିଭିନ୍ନ ଉପାୟରେ ଓଡ଼ିଆ କ୍ଷୁଦ୍ର ଗଳ୍ପ ସାହିତ୍ୟ ର ଶ୍ରୀ ବୃଦ୍ଧି ସାଧନ କରୁଛନ୍ତି, ଏଥିରେ ସନ୍ଦେହ ର ଅବକାଶ ନାହିଁ।

ଓଡିଶା, ପୁରୀ

ISSN NO.
2582-208X

# କହ୍ନେଇ ଫେରିଲା



ସୁଲୋଚନା ବେହେରା

ସ୍ନିଗ୍ଧ ସମୀରଣ ଚହଲାଇ ପ୍ରାଣ
ତପ୍ତ ନାଶି ହିମ କଲା,
ଉଜାଣି ଯମୁନା ଉଛୁଳି ପଡୁଛି
ଫଗୁଣ ରଙ୍ଗ ବିଞ୍ଚିଲା।(୧)

କଦମ୍ବ ତନୁରେ ଶିହରଣ ଖେଳେ
ବୃକ୍ଷ ପଲ୍ଲବୀ ଉଠିଲା,
ଧେନୁ କର୍ଣ୍ଣ ଡେରି ଚାହୁଁଚି ହମ୍ବାଳି
କିଏସେ ବଂଶୀ ଫୁଙ୍କିଲା।(୨)

କେଳି କୁଞ୍ଜବନେ ଫୁଟିଲା ସୁମନ
ଭୃଙ୍ଗ ଚଞ୍ଚଳେ ଧାଇଁଲା,
ଭାଙ୍ଗି ମୌନ ବ୍ରତ ପକ୍ଷ ଝାଡି ପୀକ
ପଞ୍ଚରାଗେ ସୁରଦେଲା।(୩)

ପ୍ରକୃତି କୋଳକୁ ଫେରିଲା ବସନ୍ତ
ତନୁ ମନ ଛୁଇଁ ଗଲା,
ଶ୍ୟାମଳୀମା ସାଜି ତରୁ ତୃଣ ଆଜି
କୁଞ୍ଜବନ ସଜେଇଲା।(୪)

ଅନ୍ଧକାର ଟାଳି ଜହ୍ନ ଆସେ ମାଡି
ଗୋପ ଆକାଶ ହସିଲା,
ଚାତକର ତୃଷ୍ଣା ନିବାରିବ ବର୍ଷା
ଝରିଲା ଶ୍ରାବଣ ହେଲା।(୫)

ଫଳ ପୁଷ୍ପେ ଧରା ଶୋଭିତ ପସରା
ପତ୍ର ଛଳେ ନାଚୁଥିଲା,
କ୍ଷେତେ ଶସ୍ୟ ଖେଳେ ଲହରୀ ସମୀରେ
ଚଉଦିଗ ମୁଖରିଲା।(୬)

ISSN NO.
2582-208X

ହମା ହମା ରଡି ଧେନୁ ଦିଏ ଛାଡ଼ି
ଖୁଣ୍ଟ ବାନ୍ଧ ଛିଣ୍ଡାଇଲା,
ଉନ୍ମାଦିତ ହୋଇ ପ୍ରଫୁଲେ ଡିଅଁଇ
ଗୋଷ୍ଠ ଆଗଭର ହେଲା।(୭)

ଗୋପ ନର ନରୀ ଗୃହ ତେଜି କରି
ଗିରି କାନନେ ଖୋଜିଲେ,
ଦୂର ତରୁବନେ ମଧୁ ବଂଶୀ ସ୍ୱନେ
ଫେରିଛି କାହ୍ନୁ ବୁଝିଲେ।(୮)

ମାନ ଭାଙ୍ଗି ରାଇ ଆସ ଯିବା ଧାଇଁ
ବ୍ରଜବାଳୀ ଆଶ୍ୱସିଲେ,
ଯଶୋଦା ପାଗଳି ପାଶେ ସର୍ବେ ମିଳି
କାହ୍ନେଇଁ ବାରତା ଦେଲେ।(୯)

ଯମୁନା ଘାଟରେ କଦମ୍ବ ମୂଳରେ
ଶୁଭେ ବାଜେଣି ନୁପୁର,
ରାଧା କୃଷ୍ଣ ପ୍ରୀତି ସ୍ମୃତି ପାଖାଳୁଛି
ଅଧା ଅଛି ରାସ ଖେଳ।(୧୦)

ବଇଁଚୁଆ, ଖୋର୍ଦ୍ଧା।

ISSN NO.
2582-208X

# ଧ୍ୱନି ପ୍ରତିଧ୍ୱନି



ନୀଳମଣି ଚାନ୍ଦ

ଧ୍ୱନି ବିନା ପ୍ରତିଧ୍ୱନି ହୁଏନି ସରଜି
ଧ୍ୱନି, ପ୍ରତିଧ୍ୱନିକୁରେ ପାରେନି ବରଜି ।
ଧ୍ୱନି ତ ପ୍ରଣବ ସିଏ ଶୁଣାଏ ଓଁକାର
ଧ୍ୱନିରୁ ହୁଏ ନିନାଦ ସିଏରେ ଝଙ୍କାର।

ଧ୍ୱନି ଧୂନି ପାଖେ ରହି ହୁଏ ମନ୍ତ୍ରଟିଏ
ଧ୍ୱନି ଇନ୍ଦ୍ରଜାଲ ବେଳେ ହୁଏ ତନ୍ତ୍ରଟିଏ ।
ଧ୍ୱନି କେବେ ଶୁଭୁଥାଏ ସିନା ରୁଣୁଝୁଣୁ
ଧ୍ୱନି ମଧୁମକ୍ଷିକାର ଗୀତି ଗୁଣୁଗୁଣୁ ।

ଧ୍ୱନି କେବେ ଆଷାଢ଼ର ରିମଝିମ୍ ବର୍ଷା
ଧ୍ୱନି କେବେ ପାଲଟଇ ନୀରବିତ ଭାଷା ।
ଧ୍ୱନି ପ୍ରତିଧ୍ୱନି ଯଥା କାୟା ଛାୟା ସମ
ଧ୍ୱନି ନିଜ ସୃଷ୍ଟିଟିରେ ସଦା ଅନୂପମ ।

ଧ୍ୱନିଟିଏ ଗୁଞ୍ଜନର ଭିନ୍ନ ପ୍ରକରଣ
ଧ୍ୱନି ବିସ୍ତାରରେ କହେ ଧ୍ୱନି ବ୍ୟାକରଣ ।
ଧ୍ୱନି କରୁଥାଏ ପ୍ରତିଧ୍ୱନି ବିକିରଣ
ଧ୍ୱନି ଏକ ପ୍ରତିଧ୍ୱନି ତାର ସଂସ୍କରଣ ।

ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭
chandnm6@gmail.com

ISSN NO.
2582-208X

# ଅତିପୌରୁଷିକା

ଅପରାଜିତା ମହାରଣା

ସେ ଉଚ୍ଚମନା କାମିନୀ
ସେ ହୃଦୟେ ସାଇତେ ଅପମାନ ର ବହ୍ନି
ସାଇତି ସାଇତି ଏକାଠି କରି ଯେ
ହେଇଯାଏ ସେ "ଅତିପୌରୁଷିକା"
ପୁରୁଷଙ୍କ ଠୁ ଅଗ୍ରରେ ରହି
ଯେବେ ପାଶ୍ଚାଦ୍ ପକାଏ ତାଙ୍କ ନୀତିକାନ୍ତି

ସେ ନିଜେ ରହି ଦୁଃଖି
ସମସ୍ତଙ୍କୁ ଖୁସି ବାଂଟେ ହସି
ସେ ସ୍ୱାବଲମ୍ବୀ
ସେ ନିଜ ପାଇଁ ବଞ୍ଚେ
ଅନ୍ୟକୁ ବଂଚାଏ,
ନୁହେଁ ସେ କାହାର ଦୟାର ପାତ୍ରୀ
ପୁରୁଷ ଭାବେ ସେ ଅଟେ ନାରୀର ଦେବତା
କିନ୍ତୁ ପାଷାଣ୍ଡ ସମାଜ ଜାଣେନା
ରେ ମୂର୍ଖ....ତୁ ହେଲେ ନର ସେ ହୁଏ ନାରୀ
ତୁ ହେଲେ ଦେବତା ସେ ହୁଏ ଦେବୀ
ତୁ ହେଲେ କର୍ତ୍ତା ସେ ତୋର ବାମା
ତାର ଉଗ୍ରରୂପ
ଅଟେ ନିରବ ଅସ୍ତ୍ର

ISSN NO.
2582-208X

ସେ ସ୍ୱାଧୀନଭର୍ତ୍ତୃକା
ବାହ୍ୟ ସୌନ୍ଦର୍ଯ୍ୟ ଯେବେ ତାକୁ ହିଁ ଅଜଣା
ଅନ୍ତର ର ପ୍ରକୃତି ସଜାଇ ଯେବେ ବାରି ହୋଇ ପଡେ "ଅତିପୌରୁଷିକା"
ବଞ୍ଚିବାର କୌଶଳ ତାକୁ ଥାଏ ଜଣା
ସେ ଜାଣେ କୋଉଟା ଠିକ୍
କୋଉଟା ଭୁଲ୍
ଏ ସମାଜ ର ନିଜସ୍ୱ ମନ୍ତ୍ର ବୋଲି ନାହିଁ କିଛି
ସେଥିପାଇଁ ପୁରୁଷଙ୍କ ପ୍ରତିପକ୍ଷ ରେ ଥାଏ ସଦା

ସେ ଶବ୍ଦ କରେ କୋଳାହଳ ନୁହେଁ
ତା ହୃଦୟ ର ସ୍ପନ୍ଦନ କୁ ଶୁଣିପାରେ ଶ୍ରୁତିରେ
କିନ୍ତୁ ସମାଜ ର ଶବ୍ଦକୁ ନଶୁଣି ଏଡାଏ ପାଦରେ
ଅସତ୍ୟ ପଥରେ ଯେବେ ଘୋଷାଡେ ସମାଜ
ଏ ଆନ୍ଦୋଳନ କରେ

ଲାଜକୁଳୀ ଲତା ନୁହେଁ ଯେ କାହା ସ୍ପର୍ଶକାତର
ତାକୁ ମଉଳେଇବ
ସମାଜର ଅସହ୍ୟପେଡି ର ଗଣ୍ଠି ଖୋଲେ ଯେବେ,
ସେବେ ସେବେ ଜୀଅନ୍ତା ଦଗ୍ଧ ରେ ହୁଏ ସେ ବିଲୀନ
ତେବେ ଧ୍ୱଂସ ରେ କଣ ବା କ୍ଷତି ହେବ ତାର ?
ଲାଂଛନା ରେ ଯେବେ କାନ ହୁଏ ତାବ୍ଧା
ତେବେ ତାର ଆସିଯାଏ ଜୀବନେ ବାଧା
କିଛି କ୍ଷଣ ଓଦା କରେ ଲୋଚନ,
ଭାଙ୍ଗେନା ସେ ଜମାରୁ
ବିନ୍ଦୁ ବିନ୍ଦୁ ଅଶ୍ରୁ କୁ ଦେଖି ହୁଏନା ସେ କାତର

ISSN NO.
2582-208X

ଅନ୍ଧବିଶ୍ୱାସୀ ସମାଜ ଯେବେ କରେ ଏକଘରକିଆ
ଅନ୍ତରରୁ ବୁହାଏ ଅଶ୍ରୁ, କିନ୍ତୁ ହୁଏନା ସେ କାତର

ନାରୀ ସମାଜ ର ଏଠି ରଙ୍ଗ ବି ଥାଏ ସ୍ୱତନ୍ତ୍ର
କେବେ ନାଲି ତ କେବେ ଧଳା
ସତରେ କେଡେ ବିଚିତ୍ର!
ଅସହ୍ୟ କଷ୍ଟ ଯେବେ ଦେଇଥାଏ ରୀତି
କଣ୍ଟକମୟ ବିଥିରେ ଚାଲଇ ସେ ନିତି
ପରମ୍ପରା ନାମରେ ବୋଲିଦେଇ ଅଠା
ଯେବେ ସମାଜ ପିନ୍ଧାଏ ତାକୁ ହିଁ ଛେଦା
ନାରୀ ମଲା ପରେ ପୁରୁଷ କାହିଁ ଶାନ୍ତିର ବସ୍ତ୍ର ପିନ୍ଧେନା?

ଇଏ କି ସମାଜ?
ସମାଜ କହୁଛି ଧଳା ଶାନ୍ତି ର ପ୍ରତୀକ!
କେବେ ପଚାରିଛ ନାରୀ କୁ?
କେତେ ଶାନ୍ତି ଆବାହନ କରେ ସେ ଛେଦା ପିନ୍ଧି

ବିଦଗ୍ଧ ହୃଦୟ ତଥାଇ ନଁଏନି
ଯେବେ ମନେ ଅଙ୍କୁରିତ ହୁଏ ନୂଆ ଚେତନା
ତାକୁ ଚକଟି ଚାଲେ ସମାଜ ର ତାଡନା
ଯେବେ ନାରୀ ଏଠି ନାରୀ କୁ ନ ଉଠାଏ
କମଜୋର ହୋଇପଡେ ନାରୀର ସମାଜ

ଦିଗହରା ସମାଜ କେବେ ଆଣିବ ନୂଆ ସକାଳ?
ସେ ସ୍ୱାଧୀନ ଭର୍ତ୍ତିକା, ନୁହେଁ ସେ ପାପୀ
ସେ ଖୋଜେ ସମାଜରେ ସ୍ୱତନ୍ତ୍ର ସ୍ଥାନଟେ
ତେବେ କେହି ତ କହୁନା ଏ ସମାଜ ବି ତୋର

ISSN NO.
2582-208X

ଯେମିତି ଇଚ୍ଛା ସେମିତି ବଞ୍ଚ
ଅଭ୍ୟସ୍ତ ସମାଜ ର ଆଖିରେ ଏସବୁ କଣ୍ଟା ପରି ଲାଗେ କାହିଁକି ?

ଜୀବନରେ କାହାକୁ ସେ ଅପେକ୍ଷା ନ କରି ବଢିଚାଲେ
ବିତର୍କିତ ନାରୀ
ନିଃସଙ୍ଗତା ଯେବେ ତାହାର ଗହଣା
ନୁହେଁ ସେ ଦୁର୍ବଳା
ସେ ଚାହିଁଲେ ଲଙ୍ଘିପାରେ ସମୁଦ୍ରର ଉର୍ମି
ଆଉ ବଳୟ ବଳୟ ଆକାଶ

ଭାଗ୍ୟରେଖା କୁ ଆଶା କରି ବଞ୍ଚନା
କପାଳ ରେଖାକୁ କପାଳ ଉପରେ ଛାଡେନା
ପାପୁଲି ରେଖାକୁ ଭରଷା ତୁ କରେନା
ନୂଆ କରି ଗଢିତୋଳ ଏ ସମାଜ
ଆଉ ନଥିବ ଏକ ପାଖିଆ ନୀତି
ତୋ ଉପରେ ନିର୍ଭର ଆଗାମୀ ସମୟ

ଓଡିଆ ବିଭାଗ
ଅତିଥି ଆଧାପିକା
ପାରାଦ୍ୱୀପ କଲେଜ, ପାରାଦ୍ୱୀପ

ISSN NO.
2582-208X

# ଓଡ଼ିଆ ସାହିତ୍ୟ ଓ ଯାବନିକ ଭାଷା



ବିକାଶ ନାୟକ

ଭାଷା ହେଉଛି ମଣିଷର ଚିନ୍ତାକେନ୍ଦ୍ରରୁ ପ୍ରସୂତ ବିଭିନ୍ନ ଅବୟବ ମାନଙ୍କ ଦ୍ୱାରା ଉଚ୍ଚାରିତ ଧ୍ୱନି ସମୂହର ସମାହାର, ଯାହାଦ୍ୱାରା ମଣିଷ ପରସ୍ପର ପରସ୍ପର ମଧ୍ୟରେ ନିଜର ଭାବବ୍ୟକ୍ତ କରିବାରେ ସମର୍ଥ ହୁଏ । ତେବେ ଭାଷା ସୃଷ୍ଟି ପଛରେ ଅନ୍ତର୍ନିହିତ କାରଣ ଯାହା ଥାଉନା କାହିଁକି ବହିର୍ଗତ କାରଣର ପ୍ରଭାବ ସ୍ୱତତଃ ପରିଲକ୍ଷିତ ହୁଏ ।କାରଣ ବେଦ ଉପନିଷଦ ଯୁଗରୁ ହିଁ ସଂସ୍କୃତ ଭାଷା ଏ ଦେଶର ସଂସ୍କୃତି ଓ ଜୀବନ ଧାରାକୁ ସୁଚାରୁ ରୂପେ ନିଷ୍କର୍ଷ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । କାଳକ୍ରମେ ଏହି ଜଟିଳ ଭାଷା ଅଧିକାଂଶ କ୍ଷେତ୍ରରେ ଦୁର୍ବୋଦ୍ଧ ହେବାରୁ ତାହା ପରବର୍ତ୍ତୀ ସମୟରେ ନାନା ପ୍ରକାର ପ୍ରାଦେଶିକ ଭାଷାରେ ରୂପାନ୍ତରିତ ହୋଇଗଲା । ଫଳତଃ ଦେଶର କୋଟି କୋଟି ଜନତା ଏହି ରୂପାନ୍ତରିତ ଭାଷାକୁ ଗ୍ରହଣ କରି ନିଜର ବ୍ୟକ୍ତିଗତ ଜୀବନକୁ ସମୁଜ୍ଜ୍ୱଳ କରିବାକୁ ଯାଇ ସ୍ୱପ୍ନରେ ବିଭୋର ହୋଇ ଉଠିଲେ । ପରିଣାମ ସ୍ୱରୂପ ଭାଷାର ମାନ୍ୟତା ଦୃଷ୍ଟିରୁ ଭାରତ ସରକାରଙ୍କ ନିଷ୍ଠା ଓ ଆଦର୍ଶ ଉପରେ ମୁଖ୍ୟତଃ ଅଳ୍ପ କେତୋଟି ଭାଷା ସ୍ୱୀକୃତି ଲାଭ କରିଛି । ବସ୍ତୁତଃ ଏହି ସ୍ୱୀକୃତି ପ୍ରାପ୍ତ ଭାଷା ହିଁ କୋର୍ଟ କଚେରୀର ଭାଷା ରୂପେ ପ୍ରାଧାନ୍ୟ ଲାଭ କରି ଏ ଦେଶର ଜନମାନସ ମନରେ ଗଭୀର ଉନ୍ମାଦନା ସୃଷ୍ଟି କରିବାରେ ସମର୍ଥ ହୋଇପାରିଛି । ପରନ୍ତୁ ଓଡ଼ିଆ ଭାଷା ଏଭଳି ଏକ ସ୍ୱୀକୃତି ପ୍ରାପ୍ତ ଭାଷା ଯେ, ଯହିଁରେ ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ଭାଷାର ଶବ୍ଦ ଗୁଡିକ ଅପୂର୍ବ ସମ୍ଭାରରେ ମିଶ୍ରିତ ହୋଇ ପାରିଛି । ଏ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ଓଡ଼ିଆ ଭାଷା ଉପରେ ମୁଖ୍ୟତଃ ପର୍ତ୍ତୁଗୀଜ, ଯାବନିକ ଓ ଇଂରାଜୀ ଭାଷାର ପ୍ରଭାବ ଏକ ସ୍ୱତନ୍ତ୍ର ପର୍ଯ୍ୟାୟ ସୃଷ୍ଟି କରିଛି ।

ISSN NO.
2582-208X

### (୧) ସରକାରୀ ଭାଷା ରୂପେ ଯାବନିକ ଭାଷାଃ-

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ନାଗପୁର ମରହଟ୍ଟା ମାନେ ୧୭୫୧ ଖ୍ରୀଷ୍ଟାବ୍ଦରେ ବଙ୍ଗର ନବାବ ଆଲିବର୍ଦ୍ଧି ଖାଁ ଙ୍କୁ ପରାସ୍ତ କରି ଓଡିଶା ଅଧିକାର କରିଥିଲେ । ସୁତରାଂ ୧୭୫୧ ରୁ ୧୮୦୩ ମସିହା ପର୍ଯ୍ୟନ୍ତ ସମୟ ମଧ୍ୟରେ ସେମାନେ ପାରସିକ ଭାଷାକୁ ସରକାରୀ ଭାଷାରୂପେ ଗ୍ରହଣ କରି ନିଜର ଆଧିପତ୍ୟ ସାବ୍ୟସ୍ତ କରିଥିଲେ । ତେଣୁ ଓଡିଶାର ଜମିଜମା ଓ ସରକାରୀ କାଗଜ ପତ୍ର ରସିଦ, ପାଉତି, ହାଣ୍ଡକୋର୍ଟ ପ୍ରଭୃତି ଯାବତୀୟ କ୍ଷେତ୍ରରେ ଯାବନିକ ଓ ଓଡ଼ିଆ କିମ୍ବା ଯାବନିକ ଓ ମରହଟ୍ଟା ଉଭୟ ଭାଷାରେ ସରକାରୀ କାଗଜ ପତ୍ର ଗୁଡିକ ଆତ୍ମପ୍ରକାଶ କରୁଥିଲା ।

### (୨) ପ୍ରାଚୀନ ଓଡ଼ିଆ ଅଭିଲେଖ ଓ ପ୍ରାଚୀନ ସଂସ୍କୃତଗ୍ରନ୍ଥରେ ଯାବନିକ ଶବ୍ଦ

ଓଡିଶାରେ ମୁସଲମାନ ରାଜତ୍ୱ ଆରମ୍ଭ ହେବା ପୂର୍ବରୁ ମଧ୍ୟ ଓଡ଼ିଆ ଭାଷାରେ ପାରସିକ ଓ ଆରବୀୟ ଶବ୍ଦର ପ୍ରୟୋଗ ଆମେ ପ୍ରାଚୀନ ସାହିତ୍ୟରୁ ଦେଖିବାକୁ ପାଉ । ଉଦାହରଣ ସ୍ୱରୂପ ୧୪୦୩ ଖ୍ରୀଷ୍ଟାବ୍ଦର ଗୋଟିଏ ଶିଳାଲେଖରେ ଦାତାଙ୍କ ନାମ ଲଡୋଉ ସୁରତ୍ରାଣ ରୂପେ ବ୍ୟବହାର ହୋଇଥିବାର ପ୍ରମାଣ ମିଳେ । ଅର୍ଥାତ ସେ ବ୍ରାହ୍ମଣ ହେଲେ ମଧ୍ୟ ତାଙ୍କ ନାମଟି ଯାବନିକ ପରି ମନେ ହୁଏ । ଅପର ପକ୍ଷରେ ସଂସ୍କୃତ ପଣ୍ଡିତ ବିଶ୍ୱନାଥ କବିରାଜ ତାଙ୍କର 'ସାହିତ୍ୟ ଦର୍ପଣ 'ରେ ସୁଲତାନ ଅର୍ଥରେ ସୁରତ୍ରାଣ ଓ ନାମ ବାଚକ ଆଲାଉଦ୍ଦିନ ଅର୍ଥରେ ଆଲବଦିନ ଶବ୍ଦ ପ୍ରୟୋଗ କରିଥିବାର ଦୃଷ୍ଟାନ୍ତ ମିଳେ । ସେହିପରି ପୁରୁଷୋତ୍ତମ ଦେବଙ୍କ ଏକ ଶିଳାଲେଖରେ ମୁକାବିଲା 'ଓଡିଆରୁ ଅଛ' ଶବ୍ଦ ଦ୍ୱୟର ବ୍ୟବହାର ହୋଇଛି । ସୁତରାଂ ଏ ଶବ୍ଦ ଦୁଇଟି ଯଥାକ୍ରମେ ଆରବୀ ଓ ତୈୟାର କ୍ରିୟାରୁ ଆସିଅଛି । ଏହିପରି ଭାବରେ ମୁସଲମାନ ରାଜତ୍ୱ ଆରମ୍ଭ ହେବା ବହୁ ପୂର୍ବରୁ ଯାବନିକ ଶବ୍ଦ ପ୍ରସାର ଲାଭ କରିଥିଲା ।

### (୩) ରେକର୍ଡ ପତ୍ରରେ ଯାବନିକ ଶବ୍ଦ

୧୫୬୮ ମସିହା ମୁକୁନ୍ଦ ଦେବଙ୍କ ମୃତ୍ୟୁ ପରେ ଯେଉଁ ରାଜନୈତିକ ବାତାବରଣ ମଧ୍ୟରେ ଓଡ଼ିଶାର ଭାଗ୍ୟଲିପି ନିର୍ଦ୍ଧାରିତ ହୋଇଥିଲା ସେହି ଗୌରବଉଜ୍ଜ୍ୱଳ ଅଧ୍ୟାୟକୁ ଉନ୍ମୋଚନ କଲାବେଳେ ଅତୀତର ଲିପିବଦ୍ଧ ଦଲିଲ ଓ ରେକର୍ଡର ନମୁନା ଯଥେଷ୍ଟ ମାତ୍ରାରେ ସମସ୍ତଙ୍କୁ ଅନୁପ୍ରାଣିତ କରିଥିବାର ଦୃଷ୍ଟାନ୍ତ ମିଳେ । ଏପରିକି ଏହି ସମୟରେ ଉଭୟ ଭାଷା ଓ ଲିପିରେ ଲିଖିତ ଅସଂଖ୍ୟ ବଏନାମା, କବଲା, ପଟ୍ଟା, ପାଉତି, ରସିଦ, ଆଜ୍ଞାପତ୍ର ଓ

ISSN NO.
2582-208X

ଦାନପାତ୍ର ଏଯାବତ ଓଡିଶାର ଗ୍ରାମେ ଗ୍ରାମେ ଓ ଗୃହେ ଗୃହେ ପରିଲକ୍ଷିତ ହୁଏ । ଯଥା- ଦିଆନ, ମୀରଜା ଇତ୍ୟାଦି ।

### (୪)ଓଡ଼ିଆ ସାହିତ୍ୟରେ ଯାବନିକ ଶବ୍ଦ

କେବଳ ଓଡ଼ିଆ ଅଭିଲେଖ ଓ ସରକାରୀ କାଗଜପତ୍ର ମାନଙ୍କରେ ନୁହେଁ ଓଡ଼ିଆ ସାହିତ୍ୟରେ ମଧ୍ୟ ମଗଲ ରାଜତ୍ୱର ଆରମ୍ଭର ପ୍ରାୟ ଶହେ ବର୍ଷ ପୂର୍ବରୁ ଯାବନିକ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ବଛା ଦାସଙ୍କ 'କଳସା ଚଉତିଶା' ରେ ସର୍ବ ପ୍ରଥମେ ଆମେ ଯାବନିକ ଶବ୍ଦର ପ୍ରୟୋଗ ଦେଖିବାକୁ ପାଉ । ଠିକ ଅନୁରୂପ ଭାବରେ ପଞ୍ଚସଖା ଯୁଗର ଅତିବଡ଼ି ଜଗନ୍ନାଥ ଦାସ ଭାଗବତର ଦଶମ ସ୍କନ୍ଦରେ ଯେଉଁ ଅଗର ଶବ୍ଦ ବ୍ୟବହାର କରିଛନ୍ତି, ତାହା ସଂସ୍କୃତ ଆଗୁରୁ ସହିତ ସମ୍ପର୍କ ହେଲେ ହେଁ ଆରବିକ ଅଗର ସହିତ ଏହାର ମେଳ ଅଧିକ । ସେହିପରି ଷୋଡଶ ଶତାବ୍ଦୀର କବି ଅଚ୍ୟୁତାନନ୍ଦ ତାଙ୍କର ଶୂନ୍ୟ ସଂହିତା ଭଜନରେ ତୁରୁକ ଓ ଅଲେଫ ଆଦି ଦୁଇଟି ଯାବନିକ ଶବ୍ଦ ବ୍ୟବହାର କରିଛନ୍ତି ।

ଏହାପରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର, ବ୍ରଜନାଥ ବଡ଼ଜେନା, କବିସୂର୍ଯ୍ୟ ବଳଦେବ ରଥ, ଉତ୍କଳ ଘଣ୍ଟ ଯଦୁମଣି ପ୍ରମୁଖ କବି ମାନଙ୍କ ରଚନାରେ ପ୍ରଚୁର ମାତ୍ରାରେ ଯାବନିକ ଶବ୍ଦର ପ୍ରମାଣ ମିଳେ । ଏହା ବ୍ୟତୀତ ଆଧୁନିକ ସାହିତ୍ୟରେ ମଧ୍ୟ କଥା ସମ୍ରାଟ ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ରାମ ଶଙ୍କର ରାୟଙ୍କ ରଚନାରେ ମଧ୍ୟ ଯାବନିକ ଶବ୍ଦର ପ୍ରଭାବ ଯଥେଷ୍ଟ ମାତ୍ରାରେ ପରିଲକ୍ଷିତ ହୁଏ ।

ବସ୍ତୁତଃ ଓଡ଼ିଆ ଭାଷାରେ ଯାବନିକ ପ୍ରଭାବ ଏତେ ବିପୁଳ ଯେ ତା'କୁ ବାଦ ଦେଲେ ଓଡ଼ିଆ ଭାଷାର ପରିକଳ୍ପନା ଅସମ୍ଭବ ହୋଇ ପଡିବ । ତେଣୁ ପ୍ରଭାବଶାଳୀ ବୈଦେଶିକ ଭାଷା ଦୃଷ୍ଟିରୁ ଇଂରାଜୀ ଭାଷାର ସ୍ଥାନ ପ୍ରଥମ ଏବଂ ଯାବନିକ ଭାଷାର ସ୍ଥାନ ଦ୍ୱିତୀୟ ।

କଇଁପୁର, ଜାମଦା, ମୟୂରଭଞ୍ଜ
ମୋବାଇଲ ନମ୍ବର-6372646710
bikashjmd108@gmail.com

ISSN NO.
2582-208X

# ବାତ୍ୟା ଆସୁଛି କିଏ କଣ ଭାବୁଛି



ବୈଦ୍ୟନାଥ ପଣ୍ଡା

ବାତ୍ୟା ଆସୁଛି ଚାଷୀ ଭାଇ ଭାବେ
ପ୍ରଭୁ ତୁମେ ହିଁ ଉଦ୍ଧାର କର
କେତେ ପରିଶ୍ରମେ କରିଅଛି କ୍ଷେତ
ପ୍ରଭୁ ଆସୁ ସେ ଘରକୁ ମୋର
ବାତ୍ୟା ଆସୁଛି ଦିନ ଦୁଃଖୀ ଭାବେ
ପ୍ରଭୁ ଉଡାଇ ନିଅ ଏହାକୁ
ଦିନ ମଜୁରିଆ କେମିତି ଚଳିବି
ପ୍ରଭୁ ବୁଦ୍ଧି ଯୁଟେନି ମୁଣ୍ଡକୁ
ବ୍ୟବସାୟି ଭାବେ ଅଣଚାଶ ବେଗେ
ପ୍ରଭୁ ପବନ ବହୁ ପୃଥ୍ୱୀ ରେ
କଳା କାମ କରି ଭେଜାଲ ବିକିବି
ସବୁ ଲାଭ ପଶିବ ଥଳିରେ
ଯବାନ ଟି ବସି ଭାବେ ଦିନରାତି
ବାତ୍ୟା ସାଗରରେ ଯାଉ ହଜି
ବସା ଗୃହେ ଆମେ ସୁଖରେ ରହିବୁ
ଆମେ ସାଙ୍ଗ ସାଥି ମେଳେ ମଜ୍ଜି
କେଉଁ ଅପନ୍ତରା ଗାଆଁ ରେ ପଶିବୁ
ଆମେ କର୍ମ ଭଗବାନ କହି

ISSN NO.
2582-208X

ଜୀବନ ଆମର ସଙ୍କଟାପନ୍ନ ରେ
ସତେ ପଡ଼ିଥିବ ସେତ ଯାଇ
କାର୍ଯ୍ୟାଳୟେ ବସି ସରକାରୀ ବାବୁ
ସିଏ ଗଣୁଥିବେ ଦିନରାତି
ପୂଜା ବଜାରରେ ପିଲା ଛୁଆ ଛାଡି
ଏଠି କେମିତି କଟିବ ରାତି
ଛାତ୍ର ଓ ଶିକ୍ଷକ ପ୍ରମାଦ ରେ ରହି
ସର୍ବେ ଡାକୁଥାନ୍ତି ମହାବାହୁ
ଏଡାଇ ଦିଅ ହେ ଏମନ୍ତ ବିପଦ
ଶିକ୍ଷା ଅବିରତ ଚାଲୁଥାଉ
କିଏ ପୁଣି ଯାଇ ମନ୍ଦିର ଆଗରେ
ସିଏ ଦୀପ ଟିଏ ଜାଳି କହେ
ବାତ୍ୟା ନଆସିଲେ ସରକାରୀ ଦ୍ରବ୍ୟ
ଆଉ ଲୁଟିବ ଏଠିବା କିଏ
କବି ଓ ଲେଖକ ଭାବୁଥାନ୍ତି ବସି
ସିଏ ଯାହା ହେବା କଥା ହେଉ
ଏ ଦେଶ ଜନତା ରହିଥାନ୍ତୁ ସୁଖେ
ଆମ ଏ ପ୍ରକୃତି ହସୁ ଥାଉ
ତାହାରି ସୌନ୍ଦର୍ଯ୍ୟ ଯୋଗାଏ ଖୋରାକ
ଆମେ ଦୁଇ ପଦ ଲେଖିବାକୁ
ବାତ୍ୟା ଆସି ଯଦି ନଷ୍ଟ କରିଦିଏ
କିଏ ପ୍ରେରଣା ଦେବ ଆମକୁ

ଅବଦଲ ପୁର, ଯାଜପୁର

ISSN NO.
2582-208X

# ହେତୁବାଦୀ



ରୀତା ଅପରାଜିତା ମହାନ୍ତ

ଗଛରେ ଫୁଟାଇଲେ ଫୁଲ ପ୍ରଭୁ।
ପଶୁପକ୍ଷୀ, ମାନବ ସବୁ ଭିଆଣ କଲ ତୁମେ ପ୍ରଭୁ।
ହରି ଅତ୍ର ତତ୍ର ସବୁଠି ଅଛନ୍ତି
ହେଲେ ଅଜ୍ଞାନୀ ମଣିଷ ଏ ସବୁ ନପାରେ ବୁଝି ।
ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ରେ
ଯେଉଁ ପାକ ନିଷେଧ ଆଦି ଯେଉଁ
ଆମ ହିନ୍ଦୁ ଧର୍ମ ର ନିୟମ
ଏମାନେ କିଛି ମାନନ୍ତି ନାହିଁ ।
ଏମାନେ ହେତୁବାଦୀ
ନା ମାନନ୍ତି ଧର୍ମ ନା ମାନନ୍ତି ବିଜ୍ଞାନ ।
କେବଳ ଆମେ ସବୁ ଜାଣୁ
ଆମେ ଆଧୁନିକ ।
ଯେତେବେଳେ ହାଣ୍ଡିଛାଡ଼ ସମୟ
ସେତେବେଳେ ସେମାନେ ଖାଆନ୍ତି
ଚିକେନ୍ ବିରିୟାନି ।
ସେମାନେ ମାନନ୍ତି ନାହିଁ
ସନାତନ ଧର୍ମ କୁ ।

ISSN NO.
2582-208X

ଜାଣେନି କଣ ଖୋଜନ୍ତି ସେମାନେ
ନିଜର ମୃତ୍ୟୁ କୁ ଆମେ ରୋକି ପାରିବା ନାହିଁ ....?
ନିଜ ସୃଷ୍ଟି କରିବାର କୌଶଳ ଆମ ହାତରେ ନାହିଁ...?
ତୁଚ୍ଛା ହେତୁବାଦୀ ମାନଙ୍କ ମିଛ ବାହାସ୍ଫଟ ପରି ଲାଗେ ।
ନିଜ ଧର୍ମ ନିଜ ପରମ୍ପରା ନ ମାନି
ନୀଳବର୍ଣ୍ଣ ଶୃଗାଳ ପରି ଅବସ୍ଥା
ନହେବ କିଏ ଜାଣେ .........?
ମୁଁ କେବଳ ଏରିକି ଜାଣେ
ଦୃଢ ବିଶ୍ୱାସ ଥିବା ଜନ ତରେ
ମୁଢ ବି ତରେ
ମଝି ମଝିଆ ବୁଡି ମରେ ।

ପ୍ଲଟ ନ -୮୩(ସି) ଆମ୍ରପଲ୍ଲୀ ଶୈଳଶ୍ରୀବିହାର
ଭୁବନେଶ୍ୱର -୨୧

((()))

## ସାଣ୍ଡି ପକ୍ଷୀ ବିହାର

https://youtu.be/QczBYdnEVkE

Please like & Subscribe this video

ISSN NO.
2582-208X

# ନିସ୍ତେଜ ନାବିକ



ସଞ୍ଜୟ କୁମାର ବେହେରା

ମୁଁ ବୁଲୁଚି, କାତ ଆହୁଲା ନାବଧରି
ଗ୍ରହ ନକ୍ଷେତ୍ର ତାରା ଆଉ
ଟାଙ୍ଗରା ମରୁଭୂମି ।

ମୁଁ ବୁଲୁଚି
ଇନ୍ଦ୍ରଧନୁର ସାତରଙ୍ଗ
ଜାଇ ଯୁଇ ହେନା ଆଦିଫୁଲଙ୍କ ସହର
ଷଡଋତୁ ତମାମ ବର୍ଷର ।
ପାଇବର ଆଶା ନେଇ
ମୁଁ ଖୋଜୁଚି, ଗୋଟିଏ ବିନ୍ଦୁକୁ
କେଉଁଠି ରହିଛି ସେ ବିନ୍ଦୁ
ଶହସ୍ର ପୃଥିବୀ ଡେଇଁଗଲା ପରେ,
ଶତଶହସ୍ର ସାଗର ପାରହେଲା ପରେ,
ଖୋଜିବାର ମଧ୍ୟାନ୍ତରେ -
ଏକ ଶରୀର,
ନାରୀର ଶରୀର,
ଲଙ୍ଗଳା ଶରୀର,
ଯେଉଁଠାରେ ଦଣ୍ଡାୟମାନ ଲିଙ୍ଗ ଖାଲି ଲିଙ୍ଗ,
ଶତ ଶହସ୍ର ଲିଙ୍ଗ,
ଉଷ୍ମ ପ୍ରଶ୍ରବଣେ ସ୍ନାନ କରେ ।

ତା'ପରେ - ନାବ ମୋର ମାନେନା ଆହୁଲା
ଝିଲ୍ ମିଲ୍ ଆଲୋକର ଅନ୍ଧ ଇଲାକାରେ
ବନ୍ଦି, ଏକାଧିକ ମାଂସାଳ ପଥର
ଯେଉଁଥିରେ,
ନଦୀ ପ୍ରବାହ ପାଇଁ ସମୟ ଲୋଡୁଚି ।
ତା'ପରେ-
ଆଉଏକ ଅନ୍ଧାର ଭିତରେ
କଳା ଆଲୁଅର ଛାଇ
ସେ ଛାଇରେ ଅଭକ୍ଷ୍ୟ ତୃଣମାନେ
କରନ୍ତି ତପସ୍ୟା ଭେଟିବାକୁ ,

ISSN NO.
2582-208X

ଯୁଦ୍ଧ କରିବାକୁ,
ଆଲିଙ୍ଗନ କରିବାକୁ,
ବିଶ୍ରାମ ଦେବାକୁ,
ଅନେକଗୁଡ଼ିଏ ଅଭକ୍ଷ୍ୟ ତୃଣମାନଙ୍କୁ ।


ତା'ପରେ
ନାବରେ ମୋର ଲହଡା ଭାଙ୍ଗେ ଉଷ୍ମ ତୁଷାର ଖଣ୍ଡ
କେଉଁଠୁ ଭାସିଆସେ ଏ ତୁଷାର ଖଣ୍ଡ
ଜାଣିବାର ଇଛାନେଇ ମୁଁ ପଶିଯାଏ
ଉଷ୍ମତୁଷାର ଉତ୍ପତି ସ୍ଥଳକୁ ।
ଯେଉଁଠାରେ ମହାସମର ଲାଗିରହିଛି
କେଉଁ ଅଜଣା ଖିଷ୍ଟାବ୍ଦରୁ,
ଯେଉଁଠାରେ ତରବାରୀ ନିମ୍ନମୁଖି ,
ଖିନ୍ ଭିନ୍ କରିଦିଏ
ମୋ ଦେହର, ରୂପରଙ୍ଗ ଚେହେରା

କାତ ଆହୁଲା ନାବ ମୋର ବୁଡିଯାଏ
ଯମାରୁ ପାଣିନଥିବା ସାଗରରେ ।
ପଡିରହେ ନିସ୍ତେଜ ଶରୀର,
ପବନକୁ ନଛୁଇଁବା ଶବ୍ଦରେ
ଅଟ୍ଟହାସ୍ୟ କରୁଥାଏ ସେ
ଉଷ୍ମତୁଷାର ଖଣ୍ଡ" ଦେଖଦେଖ
ନିସ୍ତେଜ ନାବିକ
ନିସ୍ତେଜ ନାବିକ
ନିସ୍ତେଜ ନାବିକ" ।

ଝିଣ୍ଟିପାଳ, ଛେଣ୍ଡିପଦା, ଅନଗୁଳ ୨୭
ମୋବାଇଲ - ୮୨୭୦୭୦୮୫୧୫

ISSN NO.
2582-208X

# ପ୍ରେମ ପାଇଁ ଋତୁ



ବିନୟ ମହାପାତ୍ର

ଅନେକ ସମୟ ହେବ ସୂର୍ଯ୍ୟ ବୁଡି ସାରିଥିଲା, ତଥାପି ଭଲ ଭାବରେ ଅନ୍ଧାର ହୋଇ ନଥିଲା । ଅନ୍ଧାର କେମିତି ହୋଇ ଥାଆନ୍ତା ? ସେଫାଳୀ ଯେ ମୋ ସାଥିରେ ଥିଲା ! ଜୋସ୍ନାର ସୁନେଲି କିରଣରେ ସାରା ପରିବେଶକୁ ରୋମାଣ୍ଟିକ ରଙ୍ଗରେ ରଙ୍ଗେଇ ଦେବା ପାଇଁ ମୋ ସାଥିରେ ଦୁଇ, ଦୁଇଟି ଜହ୍ନ ଥିଲେ । ଗୋଟିଏ ପ୍ରଗଲ୍ଭା ଜହ୍ନ ମୋ ବାହୁ ବନ୍ଧନରେ ମୋତେ ଜାବୁଡି ଧରି ଥିଲା, ଆଉ ଗୋଟିଏ ଜହ୍ନ ଆକାଶରେ ଆମକୁ ଲୁଚି ଲୁଚି ଦେଖୁ ଥିଲା, ଏବଂ ଈର୍ଷାରେ ଲାଜେଇ ଯାଉ ଥିଲା । ସେଫାଳୀ ସାଥିରେ ଥିଲେ ପରିବେଶ ଆହୁରି ବହୁତ ରୋମାଣ୍ଟିକ ହୋଇ ଯାଏ, ସମୟ ଜଣା ପଡେନି । ଦୂର ପାହାଡ ତଳେ କେଉଁ ଏକ ଝଙ୍କା ଶାଳ ଗଛ ଆର ପଟେ ଜହ୍ନ ଆମ ଦୁଇ ଜଣଙ୍କୁ ଲୁଚି ଲୁଚି ଦେଖୁ ଥିଲା, ମିଠା ମିଠା ଶିତଳ ଜୋସ୍ନାରେ ଭିଜି ଯାଇଥିଲା ସାରା ଆକାଶଟା । ପବନ, ତରୁ, ଲତା, ଦୂର ପାହାଡ ଆଉ ଚାରି ପାଖରେ ଥିବା ଉଚା ଉଚା ଝଙ୍କାଳିଆ ଶାଳବଣ ଏବଂ ବାକି ଥିବା ଆଉ ସବୁ କିଛି ପ୍ରେମର ରଙ୍ଗରେ ସତେ ଯେପରି ଜୁଡୁ ବୁଡୁ ହୋଇ ଯାଇଥିଲେ ।

ରାସ୍ତାର କଡେ କଡେ ଟିକିଏ ଦୂରରେ ପାହାଡି ଝରଣାଟିଏ ବୋହି ଯାଉଥିଲା । ଝରଣାରେ ପାଦ ଛପ୍ ଛପ୍ ପାଣି ବି ଥିଲା, ଆଉ ଝରଣାଟି କୁଳୁ କୁଳୁ ଗୀତ ଗାଇ ଗାଇ ତାର ଅଙ୍କା ବଙ୍କା ଜଳ ଧାରା ସାଥିରେ ବାଲିଗରଡା ଉପରେ, ପଥର ସନ୍ଧିରେ ବଡ ସନ୍ତର୍ପଣରେ କୁଆଁରୀ ଝିଅଟିଏ ପରି ବୋହି ଯାଉଥିଲା । ଯେମିତି ଲାଜୁକୀ ନୂଆ ବୋହୁଟିଏ ପାଦର ପାଉଁଜୀ ରୁଣୁ ଝୁଣୁ ବଜାଇ, ତାର ଲମ୍ବା ଓଢଣୀ ଭିତରୁ ଏପଟ ସେପଟ ଥରେ ଦେଖି

ISSN NO.
2582-208X

ନେଇ ଜାଆ ଦେଢଶୁର ଘରେ ବଡ ସନ୍ତର୍ପଣରେ ଅଳିନ୍ଦ ଟପି ଚାଲି ଯାଉଛି । କେବେ କେବେ ମନେ ହେଉ ଥିଲା, ସତେ ଅବା ମହୁଲି ନିଶାରେ ମତୁଆଲୀ କେଉଁ ଏକ ଅନୁଢା ଧାଙ୍ଗଡୀ, ତାର ପ୍ରେମିକର ପ୍ରଥମ ପ୍ରଣୟ ସ୍ପର୍ଶରେ ଲାଜେଇ ଯାଇଛି, ଆଉ ତାର ଲାଜ ଲାଜ ଚଞ୍ଚଳ ହରିଣୀ ଚାଲିରେ, ପାଦ ପାଉଜୀର ଝଙ୍କାର ଶୁଣେଇ ଲଟା ବୁଦା ଘେରା ଏଇ ଝରଣା କୂଳରେ ଖିଲି ଖିଲି ହସି କେଉଁଠି ଲୁଚିଯିବା ପାଇଁ ଧାଇଁ ଯାଉଛି । ଝରଣା କୂଳରେ ଝିଙ୍କାରୀ ବି ଥିଲା ଏବଂ ଆମ ମିଳନର ଉତ୍ସବରେ ସିଏ ବି ଆନନ୍ଦ ବିଭୋଇ ହୋଇ ଯାଇ ଥିଲା, ଆଉ ତାର ସାହାନାଇରେ ମିଳନର ରାଗ ଆଳାପନରେ ମଗ୍ନ ହୋଇ ଯାଇ ଥିଲା ।

ସେଫାଳୀ ତାର ଗୋଟିଏ ହାତରେ ମୋର ଅଣ୍ଟାକୁ କୁଣ୍ଡେଇ ଧରି ଥାଏ, ଆଉ ଗୋଟିଏ ହାତରେ ମୋ ହାତକୁ ଜାବୁଡି ଧରି ଥାଏ । ମୋ କାନ୍ଧ ଉପରେ ମଥା ରଖି ଲତାଟିଏ ପରି ମୋ ଦେହରେ ଲଟେଇ ହୋଇ ଯାଇ ଥିଲା ଯେପରି । ରାତିଜଗା ପକ୍ଷୀଙ୍କର କଳରବ ସହିତ କେଉଁ ଦୂରରୁ ମୂରଲୀର ମଧୂର ସ୍ୱର ଭାସି ଆସୁଥିଲା । ହୋଇ ପାରେ କେଉଁ ଏକ ବିରହି ପ୍ରେମିକ ତାର ପ୍ରିୟତମା ପାଇଁ ସଙ୍ଗୀତର ସୁରେ ସୁରେ ମିଳନର ସଙ୍କେତ ପଠାଉ ଥିଲା । ଆମେ କିନ୍ତୁ ପ୍ରଣୟ ନିଶାରେ ମଶଗୁଲ ଦୁଇ ପ୍ରେମୀ ଅନିର୍ଦ୍ଦିଷ୍ଟ ଗନ୍ତବ୍ୟ ପଥରେ ବେପରୁଆ ଭାବରେ ଏମିତି ଆଗେଇ ଚାଲି ଯାଉଥିଲୁ । ଜଂଜାଳଭରା ଏଇ ଗହଳ ଚହଳ ଦୁନିଆର ଭିଡ୍ ଭାଡ୍ ଠାରୁ ଅନେକ ଦୂରରେ ପ୍ରେମ ପାଇଁ ଆଉ ଏକ ନୁଆ ଦୁନିଆର ସନ୍ଧାନରେ ବାହାରିଛୁ । ଆମ ପାଇଁ ସମୟର କିଛି ବନ୍ଧନ ନାହିଁ, କିଛି ରୋକ୍ ଟୋକ୍ ନାହିଁ। ଆମେ ଦୁଇ ଜଣ ମୁକ୍ତ ଆକାଶରେ ବିହଙ୍ଗର ଢେଣା ନେଇ ଉଡି ଯିବାକୁ ଚାହୁଁଥିଲୁ । ଆମକୁ ଆଜି କେହି ଲୁଚି ଲୁଚି ଦେଖୁ ନାହାନ୍ତି, ଆମ କଥା କେହି ଲୁଚି ଲୁଚି ଶୁଣୁ ନାହାନ୍ତି, ଆମେ ମୁକ୍ତ, ଆମେ ସ୍ୱଚ୍ଛନ୍ଦ, ଆମେ ଆନନ୍ଦ ବିଭୋର, ଧୁଆଁ ଧୁଆଁ ଜୋସ୍ନାର ସମୁଦ୍ରରେ ନିଶ୍ଚିନ୍ତରେ ପହଁରି ବୁଲୁ ଥିଲୁ ।

ରାସ୍ତା ସରି ନଥିଲା, କିନ୍ତୁ ଅମାନିଆ ଟିକି ଝରଣାଟି ଆମର ପଥ ଓଗାଳି ଠିଆ ବୋହି ଯାଉଥିଲା । ତାର କୁଳୁ କୁଳୁ କୋକିଳ କଣ୍ଠରେ ଆମକୁ ସତେ ନିମନ୍ତ୍ରଣ ଦେଇ କହୁଥିଲା, ହେ ବାଟୋଇ, ଦି'ଘଡି ଅଟକି ଯାଅନା ! ତୁମର ଏଇ ପ୍ରେମିକା ପରି ମୁଁ ବି ତ କାହାର ପ୍ରେମିକାଟିଏ, ଏମିତି ବେପରୁଆ ଗୀତ ଗାଇ ଗାଇ ନିତି ବୋହି ଯାଉଛି । ଜାଣିନି, ମୋ ପ୍ରେମିକ କେଉଁଠି ମୋର ପଥ ଚାହିଁ ବସି ରହିଥିବ, କେଜାଣି । ଆସ ମୋ ପାଖରେ

ISSN NO.
2582-208X

ଦି'ଘଡି ବସ, କିଛି ଗପ ସପ୍ କରିବା । ତୁମେ ତୁମ ପ୍ରେମ କାହାଣୀରୁ କିଛି କହିବ, ମୁଁ ଶୁଣିବି, ଆଉ ମୁଁ ମୋ ପ୍ରେମ କାହାଣୀରୁ କିଛି ତୁମକୁ କହିବି, ତୁମେ ଶୁଣିବ । ପାଦ ଛପ୍ ଛପ୍ ଝରଣା ଜଳରେ ଜହ୍ନ ସତେ ସୁନେଲି ରଙ୍ଗ ଗୋଳେଇ ଦେଇଥିଲା । ଆଉଟା ସୁନାର ପତଳା ଧାରାଟିଏ କୁଳୁ କୁଳୁ ବୋହି ଯାଉଥିଲା । ଝରଣାର ଜଳ ସେଫାଳୀକୁ ସତେ ସମ୍ମୋହିତ କରି ଦେଇଥିଲା । କୁନି ଝିଅଟିଏ ପରି ଶାଢିକୁ ତାର ଆଣ୍ଠୁ ଯାଏ ଟେକି ଦେଇ ଜଳର ଧାରେ ଧାରେ ପାଦ ଛପ୍ ଛପ୍ କରି ଧାଇଁ ଯାଉଥିଲା ସିଏ । ଝରଣାର କୁଳୁ କୁଳୁ ସଂଗୀତ ଆଉ ସେଫାଳୀର ପାଦ ପାଉଁଜୀର ମଧୂର ଝଙ୍କାର ନାଦର ଜୁଗଳବନ୍ଦୀ ପରିବେଶକୁ ମୋ ପାଇଁ ଆହୁରି ଅଧିକ ରୋମାଣ୍ଟିକ୍ କରି ଦେଇଥିଲା ।

ସେଫାଳୀର ଏଇ ବେପରୁଆ ରୂପ ମୁଁ ଆଜି ପ୍ରଥମ ଥର ପାଇଁ ଦେଖୁଛି, ପ୍ରେମ କରିବା ସମୟରେ ମଧ୍ୟ ସେ ଏପରି ବେପରୁଆ ଥିଲା, ହେଲେ ସେ ଦିନର ସ୍ୱଚ୍ଛନ୍ଦତାର ପାଦରେ ସନ୍ଦେହର ଏକ ମୋଟା ଜଞ୍ଜିର ବନ୍ଧାଥିଲା, କିନ୍ତୁ ବାହାଘର ପରେ ଏଇ ହନିମୁନ୍ ଟ୍ରିପରେ ବହୁତ ଅଲଗା ଅଲଗା ଲାଗୁଛି ସେଫାଳୀ, ବହୁତ ବଦଳି ଯାଇଛି । ଛୋଟ କୁନି ଝିଅଟିଏ ହୋଇ ଯାଇଛି ଯେପରି । ସତେବା ନୀଳ ଆକାଶରେ କୁନି ଚଢେଇଟିଏ, ତାର ଡେଣା ଝାଡି ଉଡି ବୁଲୁଛି, ନିଶ୍ଚିନ୍ତ ନିର୍ଭୟ ବେପରୁଆ ଭାବରେ । ସୋରୁମରେ ମନ ପସନ୍ଦର ଡ୍ରେସ ଦେଖିବା, ଟ୍ରାଏଲ ରୁମରେ ତାକୁ ପିନ୍ଧି ଆଇନାରେ ନିଜକୁ ଦେଖି ଖୁସି ହୋଇ ଯିବା ପରେ ବି ମନରେ ସନ୍ଦେହ ରହି ଯାଏ, ଏଇ ଡ୍ରେସଟିକୁ କିଣି ପାରିବ କି ନାହିଁ । କିନ୍ତୁ ସେଇଟା କିଣି ସାରିବା ପରେ ପ୍ରାପ୍ତିର ଯେଉଁ ଆନନ୍ଦ ଆସେ ତାହା ଅବର୍ଣ୍ଣନୀୟ । ବୋଧ ହୁଏ ସେମିତି ଡର ସବୁ ପ୍ରେମିକ ପ୍ରେମିକାଙ୍କ ମନରେ ଥାଏ । ସେମାନଙ୍କ ପ୍ରଣୟ, ଶେଷରେ ପରିଣୟରେ ପରିବର୍ତ୍ତିତ ହୋଇ ପାରିବ କି ନାହିଁର ସନ୍ଦେହ ? ପ୍ରେମ ଚିରନ୍ତନ, ସାସ୍ୱତ, ରାଧାକୃଷ୍ଣଙ୍କ ପ୍ରେମକୁ ଆମେ ଶ୍ରଦ୍ଧାରେ, ସମ୍ମାନ ସହିତ ଆବୋରି ନେଇ ପାରୁ, କିନ୍ତୁ ବାସ୍ତବ ଜୀବନରେ ସେଇ ପ୍ରେମକୁ ପରକୀୟା କହି ଘୃଣା କରୁ । ସବୁ ପ୍ରେମ କଣ ପରିଣୟରେ ସମାପ୍ତ ହୋଇ ଥାଏ ? ବୋଧ ହୁଏ ସେଫାଳୀର ପରିଣୟ ତାର ପ୍ରେମର ସଫଳତା ଏବଂ ଏଇ ସଫଳତାର ଅନୁଭବକୁ ସେ ମନ ଭରି ଉପଭୋଗ କରି ନେବାକୁ ଚାହୁଁଥିଲା ।

ପାଣିରେ ପାଦ ଛପ ଛପ କରି ସେଫାଳୀ ଜଳ ଧାରା ସହିତ ବେଶ ଦୂରକୁ ଚାଲି ଯାଉଥିଲା ଆଉ ମୁଁ ମନ୍ତ୍ରମୁଗ୍ଧ ହୋଇ ସେ ଦୃଶ୍ୟକୁ ମନ ଭରି ଉପଭୋଗ କରୁଥିଲି । ହଠାତ୍ ସେଫାଳୀ

ISSN NO.
2582-208X

ଡାକିଲା ହେ ନିଶିକାନ୍ତ, ଦେଖ, ଏଇ ପଥର ଉପରେ ବସିବାକୁ କି ସୁନ୍ଦର ଜାଗାଟିଏ ହୋଇଛି, ଆସ ଏଇଠି ଟିକିଏ ବସିବା କହି ସେଫାଳୀ ପାଣି ଧାରକୁ ଗୋଡ ଲମ୍ବାଇ ସେ ଚଟକା ପଥରଟା ଉପରେ ବସି ପଡିଲା । ଆମେ ଦୁହେଁ ଦେହକୁ ଦେହ ଲଗାଇ ବସିଗଲୁ, ଏବଂ ପ୍ରକୃତିରାଣୀର ଅପୂର୍ବ ଶୋଭା ସମ୍ଭାରକୁ ମନ ଭରି ଉପଭୋଗ କରୁ ଥିଲୁ । ପାଦ ତଳେ ଝରଣାର ଜଳ ସତେ ଆମ ପାଦକୁ କୁତୁକୁତୁ କରି ବୋହି ଯାଉଥିଲା, ଯେମିତି ବାହାଘର ଖବର ଶୁଣେଇବା ପରେ ଭାଉଜମାନଙ୍କୁ ଟାହି ଟାପରା କରିବାର ମଉକା ମିଳି ଯାଏ । ବେଳ ଅବେଳରେ ମଉକା ମିଳି ଗଲେ ଥଟ୍ଟାରେ କୁତୁକୁତୁ କରିଦେଇ ଚାଲି ଯାଆନ୍ତି, ସେମିତି ଏଇ ଝରଣାର ଜଳ ବି ଆମ ପାଦକୁ ଛୁଇଁ ଦେଇ ବୋହି ଯାଉ ଥିଲା ଆଉ ଆମ ଖୁସିରେ ସାମିଲ ହୋଇ ଯିବାକୁ ଚାହୁଁଥିଲା ।

ସେଫାଳୀ ମୋ ହାତକୁ ତାର ଦୁଇ ହାତ ମୁଠାରେ ଜାବୁଡି ଧରି ଗୁଣୁ ଗୁଣୁ ଗୀତ ଗାଇବାକୁ ଲାଗିଲା, 'ଦୂରେ ବହୁ ଦୂରେ, ନଈ ଆର ପାରେ, ବିରହି କେ ଝୁରେ ମୂରଲୀର ସୁରେ …… ଗୀତ ଗାଉ ଗାଉ କଣ ହେଲା କେଜାଣି ହଠାତ ଚୁପ ହୋଇ ଗଲା ସେଫାଳୀ । ମୋ ମୁହଁକୁ ଥରେ ଚାହିଁଲା, ତା ମନକୁ କଣ ଆସିଲା କେଜାଣି, ମୁଁ ବୁଝିବାକୁ ଚେଷ୍ଟା କରିବା ଆଗରୁ ସେ ମୋତେ ପଚାରି ବସିଲା, ଆଚ୍ଛା ନିଶି… ତାକୁ ଚିଡେଇବା ପାଇଁ, ମୁଁ ତା କଥା କାଟି କହିଲି, ଆରେ ମୋ ନାଆ ନିଶି ନୁହେଁ, ମୋ ନାଆଁ ନିଶିକାନ୍ତ, ତୁମେ ସଟ୍ କଟ୍ କରିବାକୁ ଚାହୁଁଛ ଯଦି ଠିକ୍ ଅଛି, ମୋତେ ନିଶି ନଡାକି, କାନ୍ତ ଡାକୁନ ! ସେଇଟା ଅବଶ୍ୟ ଟିକିଏ ପୁରୁଣାକାଳିଆ ଛାନ୍ଦ କି ଚମ୍ପୁ ଗାଇଲା ପରି ଲାଗିବ, 'କାନ୍ତ ବିନା ଦିବା ରଜନୀ ସଜନୀ…' କିନ୍ତୁ ମିନିଙ୍ଗଫୁଲ ଲାଗିବ, ସେଫାଳୀ ନାକରେ ଗୁଣୁ ଗୁଣୁ କରି କହିଲା, ଦୁଷ୍ଟ, ମୁଁ କଣ ପଚାରୁଚି ତାର ଉତ୍ତର ଆଗ ଦିଅ, ତାପରେ ଡିସାଇଡ କରିବା ମୁଁ ତୁମକୁ ନିଶି ଡାକିବି ନା କାନ୍ତ ଡାକିବି । ମୁଁ କହିଲି, ଆଚ୍ଛା ପଚାର ।

ସେଫାଳୀ କହିଲା, କୁହତ ଦେଖି, କଣ ହୁଅନ୍ତା, ଯଦି ଏ ଆକାଶ ନଥାନ୍ତା, ଆକାଶରେ ଜହ୍ନ ନଥାନ୍ତା, ଜହ୍ନରେ ଜୋଛନା ନଥାନ୍ତା ? ବଗିଚାରେ ଫୁଲ ନ ଫୁଟିଲେ, ଫୁଲରେ ମହକ ନଥିଲେ, ବସନ୍ତ ନ ଆସିଲେ, ବସନ୍ତରେ କୋଇଲି ଗୀତ ନ ଗାଇଲେ, କଣ ହୁଅନ୍ତା? ସତରେ କଣ ଉଜୁଡି ଯାଆନ୍ତା, ପ୍ରେମ ନ କଲେ, ପ୍ରେମରେ ବିରହ ନଥିଲେ….?

ISSN NO.
2582-208X

ହଠାତ ଏତେ ଗୁଡାଏ ପ୍ରଶ୍ନ ଏକା ସାଥିରେ ଶୁଣି ମୁଁ ଟିକିଏ ଘାବରେଇ ଗଲି । ପ୍ରଶ୍ନଟାକୁ ଠିକ୍ ଭାବରେ ବୁଝିବା ପାଇଁ ମୁଁ ତା ପ୍ରଶ୍ନକୁ ମନେ ମନେ ଥରେ ଦୋହରାଇ ନେଲି । ସତେ ତ, ସତରେ କଣ ହୋଇ ଯାଆନ୍ତା ଏସବୁ ନଥିଲେ ? ମୁଁ ହତବାକ ହୋଇ ଥରେ ସେଫାଳୀ ମୁହଁକୁ ଚାହିଁଲି, ତା ଆଖିରେ ଦୁଷ୍ଟାମୀର ହସ ଝଲକୁ ଥିଲା, ସତେ ଅବା ସାପ ଶିଢି ଖେଳରେ ସେ ମୋ ଗୋଟିକୁ ସାପ ମୁହଁକୁ ପେଲି ଦେଇ ନିଜେ ଶିଢି ଚଢି ଶହେ ଅଂକରେ ପହଞ୍ଚି ଯାଇଛି ଅବା ଚେସ୍ ପଟାରେ ମୋ ରାଜା ସାମ୍ନାରେ ଚେକ୍ ଦେଇ ମୋର ସବୁ ବାଟ ବନ୍ଦ କରି ଦେଇଛି । ତା ନୀଳ ଆଖିରେ ଏମିତି ଏକ ଚମକ୍ ଥିଲା, ଆଉ ଥିଲା ଏକ ବିରାଟ ପ୍ରଶ୍ନବାଚୀ, ସତେ କହୁ ଥିଲା ନିଜକୁ ଭାରି ସ୍ମାର୍ଟ ମନେକରନା, ତେବେ ମୋର ଏଇ ପଜଲଟିକୁ ସଲ୍ଭ କରି ନିଜର ସ୍ମାର୍ଟନେସର ପ୍ରମାଣ ଦିଅ ।

ମୁଁ ସେଫାଳୀ ପ୍ରଶ୍ନର ଉତ୍ତର ଖୋଜୁ ଥିଲି, କିନ୍ତୁ ମୋତେ ଏପରି କାହିଁକି ଲାଗୁ ଥିଲା, ସେଫାଳୀ ପାଖରେ ତାର ପ୍ରଶ୍ନର ସଠିକ ଉତ୍ତର ବି ଥିଲା । ହୁଏତ ସେଫାଳୀ ନିଜେହିଁ ତା ନିଜ ପ୍ରଶ୍ନର ଉତ୍ତର ଥିଲା, ହେଲେ ତା ପ୍ରଶ୍ନର ଉତ୍ତର ସେ ମୋ ମୁହଁରୁ ଶୁଣିବାକୁ ଚାହୁଁ ଥିଲା । ମନେ ମନେ ଭାବୁ ଥିଲି, କହି ଦେବି, ସେଫାଳୀ ତୁମେ ନିଜେହିଁ ତ ତୁମ ପ୍ରଶ୍ନର ଏକ ମାତ୍ର ଉତ୍ତର ! କିନ୍ତୁ ମୁଁ ଅଟକି ଗଲି, ଏତେ ସହଜରେ ସିଧା ସିଧା ଉତ୍ତର ଦେଇ ଦେଲେ ସେଫାଳୀ କଣ ସହଜରେ ମାନି ଯିବ? ସିଏ ବି ମୋତେ ମିଛୁଆ ସାବ୍ୟସ୍ଥ କରିବା ପାଇଁ ତାର ଯୁକ୍ତି ଖୋଜିବ । ତେଣୁ ସେଫାଳୀ ମୁହଁରୁ ମୋର ଦୃଷ୍ଟି ଫେରାଇ ମୁଁ ଆକାଶର ଜହ୍ନକୁ ଦେଖିଲି, ପୁଣି ଝରଣାର ଜଳକୁ, ଜଳରେ ଜହ୍ନର ପ୍ରତିବିମ୍ବ ତ ଦିଶୁ ନଥିଲା କିନ୍ତୁ ଜୋସ୍ନାର ରଙ୍ଗ ଜଳରେ ମିଶି ଏକ ଅପୂର୍ବ, ସମ୍ମୋହକ ଦୃଶ୍ୟ ସୃଷ୍ଟି କରୁ ଥିଲା । ଆମେ ଦୁହେଁ ନିରବ ଥିଲୁ, କିନ୍ତୁ ଝିଙ୍କାରୀ ତାର ସାହନାଇ ବଜାଇବାରେ ହେଳା କରୁ ନଥିଲା ।

ହଠାତ୍ ନିରବତା ଭାଙ୍ଗି ମୁଁ କହିଲି, ସେଫାଳୀ, ତୁମ ପ୍ରଶ୍ନର ଉତ୍ତର ପାଇଁ ଆମେ ଗୋଟେ ଖେଳ ଖେଳିବା । ତୁମେ ଆଖି ବନ୍ଦ କରି ମନେ ମନେ ଭାବି ନିଅ ଯେ, ଏଇଟା ଗୋଟେ ସିନେମାର ସେଟ୍, ଆମେ ଦୁଇ ଜଣ ଏଇଠି ଅଭିନୟ କରୁଛେ । ଆକାଶର ଏଇ ଜହ୍ନ ସତ ସତକା ଜହ୍ନ ନୁହେଁ, ସେଇଟା ଆର୍ଟିଫିସିଆଲ ଲାଇଟ୍, ବିଜୁଳିରେ ଜଳୁଛି, ତଳେ ଏଇ ଝରଣା, ସତ ଝରଣା ନୁହେଁ, କାଗଜ, ପଟି, ପ୍ଲାଷ୍ଟିକରେ ତିଆରି ଗୋଟିଏ ସେଟ୍ ଉପରେ ପମ୍ପ ଯୋଗେ ପାଣି ବୋହୁଛି । ଏଇ ଝିଙ୍କାରୀ, ପବନର ସାଇଁ ସାଇଁ ଶବ୍ଦ, ବଂଶିର ସ୍ୱର

ISSN NO.
2582-208X

ଏସବୁ ଆର୍କେଷ୍ଟ୍ରା ପାର୍ଟିର ମ୍ୟୁଜିକ୍, ଡାଇରେକ୍ଟରଙ୍କ କହିବା ଅନୁଶାରେ ସେମାନେ ବଜାଉଛନ୍ତି, ଓକେ… ।

ସେଫାଳୀ ଆଖି ବନ୍ଦ କରି ବସି ଥାଏ । ମୁଁ ପୁଣି ପଚାରିଲି ସେଫାଳୀ, ତୁମେ ଠିକ୍ ଠିକ୍ ସବୁ ଭାବି ନେଲ ତ ? ସେଫାଳି ସେମିତି ଆଖି ବନ୍ଦ ରଖି ଛୋଟ ହୁଁ ଟିଏ କହି ପଚାରିଲା, ତା ପରେ..?

ତା ପରେ ଆମେ ଖେଳ ଆରମ୍ଭ କରିବା । ଏବେ ଦେଖ ଡାଇରେକ୍ଟର ଜହ୍ନର ସେ ଯେଉଁ ଅର୍ଟିଫିସିଆଲ ଲାଇଟ୍ ଥିଲା ସେଇଟାକୁ ବନ୍ଦ କରି ଦେଲା । ଏବେ ତୁମେ କଣ ଦେଖୁଛ ?

ସେଫାଳି ମୋ ପାଖକୁ ଆଉ ଟିକିଏ ଜାକି ହୋଇଗଲା ଏବଂ କହିଲା, ସବୁ କିଛି ଅନ୍ଧାର, କଳା କିଟିକିଟି ଅନ୍ଧାରରେ କିଛି ଦିଶୁନି ।

ମୁଁ ପୁଣି କହିଲି, ଏବେ ଡାଇରେକ୍ଟର ଅର୍କେଷ୍ଟ୍ରା ପାର୍ଟିଙ୍କୁ କହି ସବୁ ସାଉଣ୍ଡ, ମ୍ୟୁଜିକ୍ ବନ୍ଦ କରି ଦେଲା । ଏବେ କିପରି ଲାଗୁଛି ?

ନିଶି.. ସବୁ କିଛି ନୀରବ ଶୁନ ଶାନ ବଡ ଭୟାନକ ଏଇ ପରିବେଶ, କେବଳ ପାଦ ତଳେ ପାଣିର ଥଣ୍ଡା ସ୍ପର୍ଶ ଭଲ ଲାଗୁଛି ।

ସେଇଟା ବି ଏବେ ଡାଇରେକ୍ଟର ବନ୍ଦ କରି ଦେଲା । ଏବେ ଏଇ ସେଟ ଭିତରେ ନା ଜହ୍ନ ଅଛି, ନା ମଳୟ ବୋହୁଛି, ନା କୋଇଲି ଗାଉଛି । ଏବେ ଏଇ ଝରଣାରେ ଜଳ ନାହିଁ, କୁଳୁ କୁଳୁ ମନ ମୋହକ ସଙ୍ଗୀତ ନାହିଁ, ମୂରଲୀର ମୂର୍ଚ୍ଛନା ନାହିଁ, ଏଇଠି କେବଳ ତୁମେ ଅଛ, ମୁଁ ଅଛି ଆଉ ଆମ ପ୍ରେମ........!

ହଠାତ୍ ସେଫାଳୀ ମୋ ମୁହଁ ଉପରେ ତାର ହାତକୁ ରଖି ମୋତେ ଚୁପ୍ କରି ଦେଇ କହିଲା; : ଏଇଠି ଏବେ ପ୍ରେମ ଫ୍ରେମ କିଛି ନାହିଁ, କେବଳ ଭୟ ଅଛି, ମୋତେ ବହୁତ ଡର ଲାଗୁଛି କହି ସେଫାଳୀ ମୋତେ କୁଣ୍ଢାଇ ଧରିଲା । ମୁଁ ସେଫାଳୀକୁ କୁଣ୍ଢାଇ ଧରି

ISSN NO.
2582-208X

କହିଲି, ଏବେ ଆଖି ଖୋଲି ଦେଖ ସେଫାଳୀ, ସବୁ କିଛି ଏଇଠି ଅଛି, ବସନ୍ତ, ମଳୟ, କୋଇଲି, ଝରଣା, ଝିଙ୍କାରୀ, ମୂରଲୀ ତୁମେ ଆଉ ମୁଁ ଆଉ.. ସେଫାଳୀ ଟିକିଏ ହସି ଦେଇ କହିଲା, ଆଉ ଆମ ପ୍ରେମ ଅଛି । ଠିକ୍ କହିଛ ନିଶି, ମଣିଷ ପାଇଁ ଏ ସବୁ ଜରୁରୀ, ବହୁତ ଜରୁରୀ, ଏସବୁ ନଥିଲେ ମଣିଷ ଜୀବନ ସତରେ କେତେ ନିରସ ଆଉ ସୁଖିଲା ରୁକ୍ଷ ହୋଇ ଯାଆନ୍ତା, କେତେ ଭୟାନକ ହୋଇ ଯାଆନ୍ତା ପରିବେଶ । ଆମର ପ୍ରେମ ନଥିଲେ ଏପରି ଭୟାନକ ପରିସ୍ଥିତିରେ ମୁଁ କାହାକୁ କୁଣ୍ଢେଇ ଧରି ନିର୍ଭୟତାର ଅନୁଭବ କରି ଥାଆନ୍ତି ?

ଠିକ୍ ବୁଝିଛ ସେଫାଳୀ, ଏ ସବୁ ନଥିଲେ, ହୁଏତ ଆମ ପ୍ରେମ ରଙ୍ଗ ହୀନ ଫିକା ଫିକା ହୋଇଥାନ୍ତା, ରାଧାର ପ୍ରେମରେ ମୂରଲୀର ମୁର୍ଚ୍ଛନା ପରି, ଏ ଜହ୍ନର ଜୋଛନା, ଝରଣାର କୁଳୁ କୁଳୁ ସ୍ୱର, ଫୁଲର ମହକ, ମଳୟର ମଧୂର ପରଶ ଆମକୁ ମତୁଆଲା କରୁଛି, ନହେଲେ, ହୁଏତ ତୁମେ ନଥାନ୍ତ ମୁଁ ବି ନଥାନ୍ତି, ଏ ନିବିଡତା, ଏତେ ଘନିଷ୍ଠତା, ଆଉ ଆମର ଏଇ ପ୍ରେମ ହିଁ ନଥାନ୍ତା ।

ଭୁବନେଶ୍ୱର

ISSN NO.
2582-208X

# ମୋ ପ୍ରିୟ ଗାଆଁ

ବେଣୁଧର ସୂତାର

ଏଇ ମୋର ପ୍ରିୟ ଗାଆଁଲୋ ମିତଣୀ
ଏଇ ମୋର ପ୍ରିୟ ଗାଆଁ
ବକୁଳ କୁଞ୍ଜରେ ସକାଳ ସଞ୍ଜରେ
କୋକିଳ ଗାଏ ଯା ନାଆଁ
ଊଷା ଗୋଧୂଳିର ଭାନୁମତୀ ମାୟା
ସୁନାର ଚମକ ଛୁଆଁ ।।

ମୋ ଗାଆଁର ରୁପା ତଟିନୀ ତୁଠରେ
ସନ୍ଧ୍ୟାରାଣୀ ରଙ୍ଗ ମାଖେ
ନୀଳ ଆଇନାରେ ଚାରୁ ଆନନକୁ
ଜହ୍ନ ଜୋଛନାରେ ଦେଖେ
ସେଇ ନଈଧାରେ କାହା ପ୍ରତୀକ୍ଷାରେ
ନାଉରୀ ମେଲିଛି ନାଆ ।।

ଦୂର ବନାନୀର ଶିଖରୀ ଫାଙ୍କରୁ
ମୋ ଗାଆଁ ଅଳପ ଦିଶେ
ତୋଟାମାଳ ଭରା ସୁଷମା ପସରା
ମଧୁର ବଉଳ ବାସେ
ତାଳ ତମାଳର କୁଞ୍ଜରୁ ବହଇ
ଚୋରା ଚଇତାଳି ବାଆ ।।

ଗ୍ରାମ ଉପବନେ ଫୁଟଇ ଯତନେ
କାମିନୀ କନକ ଚମ୍ପା
ରୂପ ମନୋହର ମହକ ମଧୁର
କୁରେଇଁ ଫୁଲର ଝୁମ୍ପା
ପ୍ରଣୟୀ ପ୍ରାଣକୁ ପ୍ରେମ ପ୍ରୀତିଲତା
ବିରହୀ ହୃଦୟେ ନିଆଁ ।।

ଆହା କି ସୁନ୍ଦର ବିହଙ୍ଗମ ସୁର
କୁହୁକ ବୀଣାର ଛନ୍ଦ
ଚାରୁ ଚମତ୍କାର କୁସୁମ ସମ୍ଭାର
ଝରୁଥାଇ ମକରନ୍ଦ
ଜୀବନ ଛନ୍ଦର ସପନ ଫାଙ୍କରେ
ରଙ୍ଗ ଭରେ ନୂଆ ନୁଆ ।।

ମୋ ଗାଆଁ ସରସୀ ନୀଳଜଳେ ଭରା
କୁମୁଦ କମଳ ମାଳା
ଭାନୁ ନିଶାକର ପ୍ରୀତି ଚିତ୍ତ ଚୋର
ପ୍ରଣୟର ମଧୁଶାଳା
କାଶତଣ୍ଡି ଗଣ୍ଡେ ହସର ଚମକ
ରୂପର ରେଶମୀ ଛୁଆଁ ।।

ISSN NO.
2582-208X

ନୀଳ ପରବତ  ଭସା ମେଘମାଳ
ଗଗନ ବିତାନ ତଳେ
ଶ୍ୟମଳ କ୍ଷେତର ଶୋଭା ମନୋହର
ଶିଶିର ମୋତିର ମାଳେ
ଶୁଭ ଶାରଦୀୟ ପାର୍ବଣ ପସରା
ପୁଲକି ଠଇ ହିଆ ।।

ମହମହ ବାସେ ମୋଗାଆଁ ମନ୍ଦିର
ଯେତେ ଦେବାଦେବୀ ପୀଠ
ସୁନ୍ଦର ଦିଶଇ ଗୋଧୂଳି ଲଗନେ
ଫେରନ୍ତା ଗାଈର ଗୋଠ
ବଧୂ ମଧୁମତୀ ଜାଳି ସଂଜବତୀ
ଭକ୍ତି ଅର୍ଘ୍ୟେ ପୂଜେ ମାଆ ।।

ଗ୍ରାମପଥ ଧାରେ ଫୁଲର ଶଯ୍ୟାରେ
ମିଠା ସପନର ଯାଦୁ
ହସ ଫୁଲ ଡାଲା ମମତା ପିଆଲା
ରୂପ କଳସୀର ମଧୁ
ଝୁମି ଝୁମି ଗାଏ ମାଟିର କବିତା
ଦୂରରୁ ନିରେଖି ଚାହାଁ ।।

ରୂପ ଐଶ୍ୱର୍ଯ୍ୟର ମହକିତ ଧାରା
ପ୍ରକୃତିର ଅନୁଦାନ
ପବିତ୍ର ମାଟିର ମିଠା ଅନୁରାଗ
ଜୀବନର ଗଣ୍ଠି ଧନ
ମମତା ପଣତ ପାବନ ଅମୃତ
ମାଆ ଦୁଃଖେ ସୁଖେ ସାହା ।।

ମୋ ଗାଆଁର ଦିବ୍ୟ ଦୁର୍ଲ୍ଲଭ ଅଙ୍ଗରେ
ସପନ ଫୁଲର ବାସ
ବକ୍ଷୁଝରେ ସୁଧା ମୁଖୁ ଝରେ ସଦା
ସୁନା ସୋରିଷିଆ ହସ
ମାଆର ଚରଣେ ଭକ୍ତି ଅର୍ଘ୍ୟ ଢାଳି
ଚରଣ ବନ୍ଦିବା ଆ
ଏଇ ମୋର ପ୍ରିୟ ଗାଆଁ ।।

କେଶଦୁରାପାଳ,କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ବାପୁ



ପ୍ରକାଶ ଚନ୍ଦ୍ର ପଣ୍ଡା

ବାପୁ ହେ ତୁମେ ଦେଖ
କେମିତି ଅଛି ଏ ପୁଣ୍ୟଭୂମି ତୁମ
କେମିତି ଅଛି ଏ ଦେଶ
ସ୍ୱାଧୀନତାର ସ୍ୱାଦ ଚଖାଇଲ
ଇଂରେଜଙ୍କ ସହ ଲଢି
ସ୍ୱାଧୀନ ହୋଇଲେ ଦେଶବାସୀ ତୁମ
ତୁମେ ଚାଲିଗଲ ଛାଡି
ତୁମେ ଚାଲିଗଲ
ତୁମରି ବାଟରେ
ଛାଡି ଶେଷ ନିଶ୍ୱାସ
ବାପୁ ହେ ତୁମେ ଦେଖ
କେମିତି ଅଛି ଏ ପୁଣ୍ୟଭୂମି ତୁମ
କେମିତି ଅଛି ଏ ଦେଶ
ଅହିଂସାର ପଥ ଦେଖାଇଲ ତୁମେ
ପାଇଲ କାରାବରଣ
ନାଥୁରାମଙ୍କର ବନ୍ଧୁକ ଗୁଳିରେ
ଚାଲିଗଲା ତୁମ ପ୍ରାଣ
ସ୍ୱପ୍ନ ଦେଖିଥିଲ ଗଢିବାକୁ ଏକ
ସୁନେଲୀ ଭାରତ ଦେଶ
ବାପୁହେ ତୁମେ ଦେଖ
କେମିତି ଅଛି ଏ ପୁଣ୍ୟଭୂମି ତୁମ
କେମିତି ଅଛି ଏ ଦେଶ,
କେମିତି ଅଛି ଏ ଦେଶ.....

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଆନ ହିତେ ସଦା ରହୁ ମୋ ମତି



ରାଜକିଶୋର ସାଇଁ

ଆହେ ମହାପତି ବାବା ପଶୁପତି
ଜଣାଏ ପ୍ରଣତି ମୁଁ ମଥାପାତି
ତୁମ ପରି ମୋତେ କରିଦିଅ ପ୍ରଭୁ
ଆନ ହିତେ ସଦା ରହୁ ମୋ ମତି ।୧।

ଅନିଷ୍ଟକାରକ ଶକ୍ତିଙ୍କୁ ବିନାଶି
ନାଆଁ ବୋଲାଇଲ ଜଗତେ ହର
ରକ୍ଷା କରିଥିଲ ଏ ସୃଷ୍ଟିକୁ ତୁମେ
ପାନ କରି ସିନ୍ଧୁ ଜାତ ଗରଳ ।୨।

ଅଳପରେ ତୁମେ ହୋଇଥିଲ ତୋଷ
ତେଣୁ ନାଆଁ ହୋଇଲା ଆଶୁତୋଷ
ସବୁ ସୁଖ ତେଜି ଜଗତ ହିତରେ
ସଦା ତୁମେ ରତ ହେ ଜଗଦୀଶ ।୩।

ଜନ କଲ୍ୟାଣର ମଧୁ ପରଶୁଛ
ତୁମ ପାଇଁ ହସେ ସାରା ଭୂଲୋକ
ଭରିଦିଅ ମନେ ତୁମରି ଭାବନା
ହେବାକୁ ମୁଁ ଜଣେ ଦରଦୀ ଲୋକ ।୪।

ISSN NO.
2582-208X

ତୁମ ଆଦର୍ଶରେ ହୁଏ ମୁଁ ଦୀକ୍ଷିତ
ତୁମ ପରି କରେ ଅସୀମ ତ୍ୟାଗ
ବିଷୟ ବାସନା ପ୍ରତି ଅତିଶୟ
ନ ରହୁ ମନରେ ମୋ ଅନୁରାଗ ।୫ ।

ଅପର ଦୁଃଖରେ କାନ୍ଦୁ ମୋ ପରାଣ
ଅସହାୟଙ୍କର ହୁଏ ମୁଁ ସ୍ୱର
ସ୍ନେହ ପ୍ରେମ ଖୁସି ସଭିଙ୍କୁ ବାଣ୍ଟିବା
ମୋ ଜୀବନର ଏ ହେଉ ଆଧାର ।୬ ।

ହେ ପ୍ରଭୁ ମହେଶ ନାଶ ମୋ କଳୁଷ
ଏତିକି କରୁଛି ମୁଁ ନିବେଦନ
ତୁମରି ଚରିତ ଅମୃତର ଧାରା
ଝରୁଥାଉ ମୋ କଣ୍ଠୁ ନିତି ଦିନ ।୭ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ନବାର ପରମାଦ



ଅଲେଖ ମେହେର

ଆରତ ନାଶନ କେତନ ଉଡେ  ବଡ ଦେଉଳେ,
ଆରତ ନାଶିଛ ଡାକଲେ  ଏହି ଭବ ଶୟଳେ ।

ମୃଗୁଣୀ କଷଣ  ଫେଡିଲ ବିଭୁ ବିଶ୍ୱକସେନ,
ମୋ'ବେଳକୁ ନୋହି ବିମୁଖ ବାରେ ବିନତୀ ଘେନ ।

ଆଜାମ୍ବିଳ ପାପୀ ତରିଲା ଡାକ ଜଗତ ତାତ,
କ୍ଷମାକର ଅପରାଧିକୁ ଟେକଲି ଦୁଇ ହାତ ।

ଶରଣ ରକ୍ଷଣ ମୁରାରୀ ହରଣ କର ଖେଦ,
ବିନୟେ ଜଣାଏ ଚରଣେ ନବାର ପରମାଦ ।

ଅଚଳା ପରିକ୍ରମଣରେ  ଯେହ୍ନେ ଋତୁ ବଦଳେ,
ଗ୍ରୀଷ୍ମ ପରେ ବର୍ଷା ଫେରିବ ଜଣା ମହୀ ମଣ୍ଡଳେ ।

ରସା ଆବର୍ତ୍ତନେ ଦିବସ  ନୀଶି ଆସେ ଯେମିତି,
ଦୁଃଖ ପରେ ସୁଖ  ଫେରିବ ଏତ ସୃଷ୍ଟିର ରୀତି ।

ISSN NO.
2582-208X

ଅତଳ ଦରିଆ ବୁକୁର ତୁମ୍ଭେ କଳା ନାଉରୀ,
ତମ ଘୋରେ ଦୀପ୍ତ ସରଣୀ ଦିଅ ସୁଦୟା କରି।

ଅସମ୍ଭବ ହୁଏ ସମ୍ଭବ ହେଲେ ପ୍ରଭୁ କରୁଣା,
ଗୋଷ୍ଠହର୍ ବସ୍ତ୍ରା କୁଷଳେ ଫେରେ ବଚ ଟି ଜଣା ।

ଫୁଟୁ ସରସୀରେ ସରୋଜ କ୍ଲେଶ ବାରିଦ ଅନ୍ତେ,
ହସୁ ବିହରିତ ପ୍ରକୃତି ଘନ ତାମସି ଗତେ ।

କୁସୁମାକର ଧର୍ ଛୁଇଁ ଦିଏ ମୋଦ ଯେସନେ,
ତେମନ୍ତ ବାନ୍ଧୁଛି ଆସର୍ ଯାଯାବରର ମନେ ।

ସୋହେଲା, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

**।। ୨୭ ଦୃଶ୍ୟ ।।**

(ରାତିର ଶେଷ ପହର।ରମଣ ସନ୍ତର୍ପଣରେ ନିଜ ପିନ୍ଧା ବସ୍ତ୍ର ବ୍ୟାଗ କାନ୍ଧରେ ଓହଳାଇ ପ୍ରବେଶ କରେ। ଚାରିପଟକୁ ଥରେ ଭଲଭାବେ ଦେଖିନିଏ।)

ରମଣ- ସମସ୍ତେ ନିଘୋଡ଼ ନିଦରେ ଶୋଇଛନ୍ତି। ସୀମା ମଧ୍ୟ ଚୁପଚାପ ଶୋଇ ରହିଛି। ମୋତେ ଯେମିତି ହେଉ ଡାଡିଙ୍କ କଥା ରକ୍ଷା କରି ଘରଠାରୁ ବହୁଦୂରକୁ ଚାଲିଯିବାକୁ ହେବ। ଭାରତ ଓ ସାନ ମମ୍ମିଙ୍କ ସୁଖ ପାଇଁ ମୋତେ ନିରୁଦ୍ଦିଷ୍ଟ ହେବାକୁ ପଡିବ।

ସୀମା---! ମୋତେ ତୁମେ ଭୁଲ ବୁଝିବିନି। ଯେଉଁ ସୁଖ ଶାନ୍ତି ଦେବାକୁ ମୁଁ ତୁମ ହାତ ଧରି ଆମ ଘରର ଏରୁଣ୍ଡି ବନ୍ଧ ଡିଆଁ କରେଇଥିଲି ଆଜି ସେଇତକ ବି ତୁମପାଇଁ ବିଡ଼ମ୍ବନା ହୋଇଗଲା। କଣ କରିବି କୁହ? ଡାଡିଙ୍କ ଆଦେଶ, ସାନ ମମ୍ମିର ଅଭିମାନ, ଭାରତର କ୍ରୋଧଗ୍ନିରେ ମୁଁ ବିଚଳିତ ହୋଇ ପଡିଛି। ଯେମିତି ହେଉ ମୋତେ ଏ ଘର ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ହେବ। ହଁ ହଁ ମୋତେ ଏ ଘର ଛାଡିବାକୁ ହେବ (ପ୍ରସ୍ଥାନ ଉଦ୍ୟତ ସମ୍ମୁଖରେ ସୀମା ଦଣ୍ଡାୟମାନ)

ସୀମା- ଆଉ ମୁଁ...?

ରମଣ- ଆରେ...ସୀମା ତୁମେ..

ସୀମା- ମୋତେ ଏକାକୀ ଛାଡି ଚାଲିଯିବ?

ISSN NO.
2582-208X

ରମଣ- ନା ସୀମା ମୁଁ...ମୁଁ..ତୁମକୁ ଛାଡି କୋଉଠିକୁ ଯିବି?

ସୀମା- ବିଲେଇ ଆଖିବୁଜି କ୍ଷୀର ପିଇଲେ ସେ ସିନା ଭାବେମୋତେ କେହି ଦେଖୁ ନାହାଁନ୍ତି ହେଲେ ତା' ଭାବନା ଭୁଲ ।

ରମଣ- ତାମାନେ ତୁମେ କଣ କହିବାକୁ ଚାହଁ ?

ସୀମା- ମୁଁ ବି ତୁମ ସହିତ ବହୁଦୂରକୁ ଚାଲିଯିବି। ତୁମ ଦୁଃଖ ସହିତ ନିଜକୁ ସାମିଲ କରି ଏ ଦୁନିଆର ଦୁର୍ଗମ ପଥ ଅତିକ୍ରମ କରିବାର ସମଭାଗୀ ହେବି ।

ରମଣ- ଦେଖ ସୀମା, ତୁମେ ମୋ କଥା ମାନ। ଡାଡିଙ୍କର ଏକତରଫା କାର୍ଯ୍ୟକଳାପକୁ ଅମାନ୍ୟ କରି ମୁଁ ଘର ଛାଡୁଛି ସତ, ହେଲେ କୋଉଠି ରହିବି କଣ ଖାଇବି ସେସବୁର କିଛି ଠିକଣା ନାହିଁ। ଏଠି ଡାଡି, ସାନ ମମ୍ମି, ଲଚ୍ଛୁ କକା ଅଛନ୍ତି। ଏମାନେ ସମସ୍ତେ ଥାଉ ଥାଉ ତୁମେ ଏ ଘରର କୁଳବଧୂ ଭାବେ ଲୁଚିଛପି ପଳାଇଯିବା କଣ ଉଚିତ ହେବ?

ସୀମା- ମୁଁ ଆଜି ତୁମର କୌଣସି କଥା ମାନିବାକୁ ପ୍ରସ୍ତୁତ ନୁହେଁ। ତୁମେ ଯେଉଁଠି ରହିବ ଯେଉଁ ପରିସ୍ଥିତିରେ ରହିବ ମୁଁ ତୁମ ସହିତ ସେଇଠି ରହିବି। ଏଇଟା ମୋର ନିଷ୍ପତି ।

ରମଣ- ଆରେ ତୁମେ ମୋ କଥା ବୁଝୁନାହଁ କାହିଁକି ?

ସୀମା-ନା ଆଜି ତୁମର କୌଣସି କଥା ଶୁଣିବି ନାହିଁ। ଚାଲ ରାତି ପାହିବା ପୂର୍ବରୁ ଆମେ ଦୁହେଁ ଏ ଘର ଛାଡ଼ି ଚାଲିଯିବା ।

ରମଣ- ଆମେ ଦୁହେଁ ନୁହେଁ କେବଳ ମୁଁ ଏ ଘର ଛାଡ଼ି ଯିବି। ତୁମକୁ ଏଇଠି ରହିବାକୁ ପଡିବ ।

ସୀମା- ବଡ଼ ଅସମ୍ଭବ ମଣିଷ ତୁମେ! ସ୍ୱାମୀ ସ୍ତ୍ରୀର ପରିପୂରକ ଅଥଚ ମୋତେ ଏକା ଛାଡି ଚାଲିଯିବାକୁ କହୁଛ। ସେଦିନ ଯୌତୁକ ରାକ୍ଷସ ଠାରୁ ଉଦ୍ଧାର କରି ଏଇଥିପାଇଁ କଣ ମୋ ହାତ ଧରିଥିଲ? ମୋତେ ତୁମ ଜୀବନ ସାଥୀ ଭାବେ ରହିବାର ଅଧିକାରକୁ ଛଡ଼ାଇନେବ?

ISSN NO.
2582-208X

ରମଣ- ମଣିଷ ସମୟ ସହିତ ପରିବର୍ତ୍ତନଶୀଳ ସୀମା। ତୁମେ ଜାଣିନାହଁ ଡାଡିଙ୍କର ନିଷ୍ପତ୍ତିରେ ମୁଁ ବନ୍ଧା। ମୋତେ ହିଁ ଘରଦ୍ୱାର ପରିତ୍ୟାଗ କରିବାକୁ ଆଦେଶ ହୋଇଛି। ମୋ ପାଇଁ ତୁମେ କାହିଁକି ଅଯଥାରେ ଘରୁ ବାହାରି ଯିବ?

ସୀମା- ସ୍ତ୍ରୀ ତା' ସ୍ୱାମୀ ପାଇଁ ଅଯଥା ହୋଇନଥାଏ। ଯାହା ଯଥାର୍ଥ ତାହାହିଁ ହେବା ଉଚିତ। ତୁମେ ଯିବ ତମ ସହିତ ମୁଁ ବି ଯିବି ।

ରମଣ- ଓ ହୋ ତୁମ ଯୁକ୍ତି ପାଖେ ମୁଁ କଣ ଜିତି ପାରିବି! ଠିକଅଛି ଖୁବଶୀଘ୍ର ବାହାରିପଡ଼ ଆମକୁ ରାତି ପାହିବା ପୂର୍ବରୁ ଏଠାରୁ ଚାଲିଯିବାକୁ ହେବ ।

ଭାରତ- (ହାତରେ ଛୁରା ଧରି ପ୍ରବେଶ କରେ)କେହି ଏଠାରୁ ଯାଇ ପାରିବ ନାହିଁ। ତୁମେ ଦୁହେଁ ଆଜି ପଳାଇଗଲେ ବି ଦିନେ ଫେରିଆସି ନିଜ ଅଂଶର ଅଂଶୀଦାର ହେବାକୁ ଦାବି କରିବ। ତା' ପୂର୍ବରୁ ମୁଁ ତୁମ ଦୁହିଙ୍କୁ ସିଧା ଉପରକୁ ପଠାଇଦେବି। ଆଉ ଫେରିବ ନାହିଁ କି ଦାବି ଜାହିର କରିବ ନାହିଁ। (ଛୁରା ମାରିବାକୁ ଆଗାଏ)

ରମଣ- ଆରେ ଭାରତ ତୁ ଏ କଣ କରିବାକୁ ଯାଉଛୁ। ମୁଁ ଯେ ତୋର ଭାଇ ।

ଭାରତ- ଭାଇ ମାନେ ଭଗାରୀ। ଯେତେ ଶୀଘ୍ର ନିଜ ରାସ୍ତାରୁ କଣ୍ଟା ସଫା କରିଦେଲେ ସବୁ ଶେଷ। ଇଆ..... (ଛୁରା ଭୂଷିବା ସମୟରେ ମ୍ୟାନେଜର ମି:ରାୟ ଆସି ସମ୍ମୁଖରେ ଛିଡା ହୋଇଯାଏ। ଛୁରା ତାଙ୍କ ପେଟରେ ଭୂଷିଯାଏ)

ମି:ରାୟ- ଆଃ ....

ଭାରତ- ବଡ଼ ଗଜବ ହେଇଗଲା। ଶଳା ଜଣକୁ ମାରିବା ବଦଳରେ ଆଉଜଣେ ମରିଗଲା ।

ରମଣ- ମ୍ୟାନେଜର!!(ଧରିନିଏ)ଆରେ ତୁ ଏ କଣ କଲୁ? ଯା ଶୀଘ୍ର ଡାକ୍ତରଙ୍କୁ ଫୋନ ଲଗା ।

ଭାରତ-ଓକେ (ପ୍ରସ୍ଥାନ)

ISSN NO.
2582-208X

ରମଣ- ମ୍ୟାନେଜର! ଆପଣ ଏ କଣ କଲେ ଶେଷରେ ମୋ ଜୀବନ ବଞ୍ଚାଇବା ପାଇଁ ନିଜ ଜୀବନକୁ ହାରିଦେଲେ ।

ମି:ରାୟ- ଜୀବନ ତ ପାଣି ଫୋଟକା ପରି ସାନବାବୁ। ଆଜି ଅଛି କାଲି ନାହିଁ। ଆପଣ ଓ ବଡ଼ ବାବୁ ମୋ ପାଇଁ ଯେଉଁ ଉପକାର କରିଛନ୍ତି ତା' ବଦଳରେ ମୋ ଜୀବନ ଚାଲିଗଲା ତ କଣ ହୋଇ ଗଲା ? ଆପଣଙ୍କଠାରୁ ଉପକୃତ ହୋଇ ମଧ୍ୟ ଦିନେ ମୁଁ ଏ ବଂଶ ପ୍ରତି ବେଇମାନ କାର୍ଯ୍ୟ କରୁଥିଲି। ଭଗବାନ କଣ ତାହା ସହି ପାରିଥାନ୍ତେ? ଭଲ ହୋଇଛି ଉପଯୁକ୍ତ ଶାସ୍ତି ମିଳିଛି ।

ରମଣ- ଆପଣ ଏସବୁ କଣ କହି ଯାଉଛନ୍ତି ?

ମି:ରାୟ- ମୁଁ ଆଉ ବଞ୍ଚିବିନି ସାନବାବୁ, ମୁଁ ଆଉ....ଆଃ (ଯନ୍ତ୍ରଣା)

ରମଣ--ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ଭାରତ ଡାକ୍ତରଙ୍କୁ ଧରି ଫେରୁଥିବ। ରୁହନ୍ତୁ ମୁଁ ଆପଣଙ୍କ ପେଟରୁ ଛୁରୀ ବାହାର କରିଦିଏ ।

(ଛୁରୀ ବାହାର କରିବା ସମୟରେ ଭାରତ, କାଶୀନାଥ ସହିତ ଇନ୍ସପେକ୍ଟର ବିଭୀଷଣ ଏବଂ କନେଷ୍ଟବଳ ଗୁଣ୍ଡୁଚିର ପ୍ରବେଶ )

କାଶୀ- ଏଇ ଦେଖ, ଦେଖ ବାପା, କେମିତି ତମ ନିଜ ସାଙ୍ଗଟା କଞ୍ଚା ଲଙ୍କା ଭଳି ମ୍ୟାନେଜର ବାବୁଙ୍କୁ ମାରିଦେଲା ।

ବିଭି- ହେଣ୍ଡସଅାପ ରମଣ ସିଂହ। ତୁ ମ୍ୟାନେଜର ମି:ରାୟଙ୍କୁ ମର୍ଡର କରିଥିବା ଅଭିଯୋଗରେ ମୁଁ ତୋ ହାତରେ ହେଣ୍ଡକପ ଲଗାଇବାକୁ ବାଧ୍ୟ ହେଉଛି ।

ରମଣ- ମୁଁ....ମୁଁ ମର୍ଡର କରିଛି ?

କାଶୀ- ଏତେ ଆଉ ଜାଣି ସିହାଣା ହୁଅନାରେ ବାପା ରମଣ, ମୁଁ ନିଜେ ପରା ସ୍ୱ-ଚକ୍ଷୁରେ ଦେଖିଛି ତୁ ଛୁରୀ ବାହାର କରି ମ୍ୟାନେଜର ପେଟରେ ଭୂଷିଦେଲୁ ।

ISSN NO.
2582-208X

ଦଶ- (ପ୍ରବେଶ ପଥେ)କିଏ କିଏ ମର୍ଡର କରିଛି କାଶୀନାଥ? ଏ ମନ୍ଦିର ଭଳି ଘରେ କିଏ ସେ କଂସେଇ ସାଜିଛି?

କାଶୀ- (ମିଛରେ କାନ୍ଦିବା ଅଭିନୟ କରି)- ତୁମକୁ କଣ କହିବି ଭାଇ! କଞ୍ଚା ଲଙ୍କା ଖାଇଲେ ଆଖିରୁ ଯେମିତି ପାଣି ବାହାରିଆସେ ସେମିତି ବାହାରୁଛି। ଆହା-ତୁ କଣ କଲୁରେ ହତଭାଗା, ମୋ ନିଜ ଭଣଜାଟାରେ.....ଦେଖୁନାହାନ୍ତି ହାତରେ ରକ୍ତଲଗା ଛୁରୀ ଧରି କେମିତି କଂସେଇ ଭଳି ଛିଡା ହୋଇଛି ।

ଦଶ- ଚୁପକର, ଚୁପକର କାଶୀନାଥ, ଏସବୁ ମିଛ, ମୋ ରମଣ କେବେ ମର୍ଡର କରି ନପାରେ ।

କୈକେୟୀ- (ପ୍ରବେଶି)ଆ-ହା-ହା, ଯେମିତି ମହାପୁରୁଷ ଆକାଶରୁ ଓହ୍ଲାଇ ଆସିଛି। ରମଣ ଯାହା କଲେ ତୁମକୁ ବିଶ୍ୱାସ ହେଉନାହିଁ ।

ଦଶ- ଅବିଶ୍ୱାସକୁ ଜୋର ଜବରଦସ୍ତ ବିଶ୍ୱାସରେ ରୂପାନ୍ତରିତ କରିବା ଅର୍ଥ ରମଣ ବିରୁଦ୍ଧରେ ଏକ ମହା ଷଡ଼ଯନ୍ତ୍ର ଚାଲିଛି ।

ବିଭି- ଆପଣଙ୍କ ବିଶ୍ୱାସ-ଅବିଶ୍ୱାସରେ ଆଇନର ଚକ ଗଡେନାହିଁ ଅଙ୍କଲ। ଆଇନ ଯେଉଁଠି ସତ୍ୟତାର ପ୍ରମାଣ ପାଏ ସେଇଠି ହସ୍ତକ୍ଷେପ କରିବାକୁ ବାଧ୍ୟ ହୁଏ। ମ୍ୟାନେଜର ମିଃରାୟଙ୍କୁ ମର୍ଡର କରିଥିବା ହେତୁ ରମଣକୁ ଏରେଷ୍ଟ କରିବାକୁ ବାଧ୍ୟ ହେଉଛି ।

ସୀମା- ନା ସେ ମର୍ଡର କରି ନାହାନ୍ତି ।

ବିଭି- ସମ୍ମୁଖରେ ସାକ୍ଷୀ ପ୍ରମାଣ ସବୁକିଛି ଥାଉ ଥାଉ ମର୍ଡର କଣ ଆଉ କିଏ କରିଦେଲା ।

ରମଣ- ହଁ ହଁ ହଁ, ମୁଁ ମ୍ୟାନେଜର ମିଃରୟଙ୍କୁ ମର୍ଡର କରିଛି। ବିଭି ମୋ ହାତରେ ହେଣ୍ଡକପ ଲଗାଇ ଜେଲକୁ ନେଇଚାଲ ।

ISSN NO.
2582-208X

ସୀମା- ତୁମେ କଣପାଇଁ ମିଛ ପରେ ମିଛ କହି ନିଜକୁ ଦୋଷୀବୋଲି ସାବ୍ୟସ୍ତ କରୁଛ? ମୁଁ ତ ତୁମ ପାଖେ ପାଖେ ଥିଲି ମୁଁ କଣ ଜାଣେନି କିଏ ମର୍ଡର କରିଛି?

ରମଣ- ମୁଁ ମର୍ଡର କରିଛି ।

ସୀମା-କାହିଁକି ମୋ ସହିତ ଏମିତି ଛଳନା କରୁଛ କହିଲ ?

ରମଣ--ରମଣ ତା ଜୀବନରେ କାହା ସହିତ ଛଳନା କରିନାହିଁ କି କରିବ ନାହିଁ। ତୁମେ ତୁମ ସ୍ୱାମୀକୁ ରକ୍ଷା କରିବା ପାଇଁ ପୋଲିସ ପାଖରେ ମିଛ ବୟାନ ଦେଇ ଉଦ୍ଧାର କରିବାକୁ ଚେଷ୍ଟା କରନା। ହେଲେ ପୋଲିସ ତୁମ କଥାକୁ ବିଶ୍ୱାସ କରିବ ନାହିଁ ।

ଦଶ- ତୁ ସତ କହୁଛୁ ମ୍ୟାନେଜର ମି:ରାୟ୍‌କୁ ମର୍ଡର କରିଛୁ ।

ରମଣ--ହଁ ଡାଡି, ମୋତେ ବିଶ୍ୱାସ କରନ୍ତୁ ମୁଁ ମ୍ୟାନେଜରଙ୍କୁ ମର୍ଡର କରିଛି ।

ଦଶ- ମିଛ,ଡାହାମିଛ କହୁଛୁ। ଏ ସବୁ ତୋପାଇଁ ଷଡ଼ଯନ୍ତ୍ର। ନା ନା ତୁ କେବେ ଏ ମର୍ଡର କରିନଥିବୁ ।

ଭାରତ- ରମଣ କାହିଁକି ମିଛ କହିବ। ସେ କଣ କେବେ ମିଛ କହେ। ଯାହା ସମସ୍ତଙ୍କୁ ଦେଖାଯାଉଛି ତାହା ହିଁ ନିରାଟ ସତ ।

ସୀମା- ଭାରତ..ତୁମେ ମଣିଷ ନା ପଶୁ ?

ଭାରତ- ତୁମେ ଭୁଲ କହୁଛ ସୀମା, ମୁଁ ପଶୁ ନୁହେଁ ତୁମ ହଜବେଣ୍ଡ ଜଣେ ହିଂସ୍ର ପଶୁ। ଦେଖି ପାରିଲନି କେମିତି ମି: ରାୟ୍‌କୁ ମର୍ଡର କରି ଆସାମୀ ଭାବେ ଛିଡା ହୋଇଛି ।

ଦଶ- ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର କେବେ ଅନ୍ୟାୟ, ମର୍ଡର କରି ନପାରନ୍ତି ।

କାଶୀ- ଏଇଠି ତୁମେ ଭୁଲ କହିଲ ଭାଇ, ରାମାୟଣରେ ଅଛି ରାମଚନ୍ଦ୍ର ଅନ୍ୟାୟ ଭାବେ ମହାରାଜା ବାଳୀକୁ ମର୍ଡର କରିଥିଲେ ।

ISSN NO.
2582-208X

ଦଶ- କାଶୀନାଥ ୟୁ ରାସ୍କେଲ...(ରାଗରେ ଗର୍ଜୁଥାନ୍ତି)

ଲଚ୍ଛୁ- (ପ୍ରବେଶି) ତିନି ତୁଣ୍ଡରେ ଯେତେବେଳେ ଛେଳିକୁ କୁକୁର କୁହାଯାଏ ସେତେବେଳେ ଛେଳି କୁକୁର ହୋଇଯାଏ ବାବୁ ।

କୈକେୟୀ- ଚୁପକର ଛୋଟଲୋକ, ଛୋଟ ମୁହଁରେ ଏତେ ବଡ଼ ବଡ଼ କଥା ଭଲ ଲାଗେନା।

ଲଚ୍ଛୁ--ହଁ ମା' ମୁଁ ଛୋଟଲୋକ ସତ, ହେଲେ ଆପଣ ଥରେ ବିଚାର କରନ୍ତୁ ତ ସତ୍ୟବାଦୀ ରାମଚନ୍ଦ୍ର କେବେ କଣ କାହାର ଗଳା କାଟି ପାରନ୍ତି ?

କୈକେୟୀ- ରାମଚନ୍ଦ୍ର! ହୁଁ-ଏ କଳିକାଳରେ ସେ ମିଥ୍ୟା ଉଦାହରଣ ଚଳିବନି ଲଚ୍ଛୁ। ତୋତେ କଣ ଦେଖାଯାଉନି ମ୍ୟାନେଜରକୁ କିଏ ମର୍ଡର କରିଛି ?

ଦଶ- ଏଠି ଆଜି ସମସ୍ତେ ଅନ୍ଧ। ସମାଜ ଯଦି ରାମଚନ୍ଦ୍ରଙ୍କର ସ୍ୱପ୍ନ ଦେଖୁ ନଥାନ୍ତା ଅଯୋଧ୍ୟାର ରାମ ମନ୍ଦିର ବାବର ମସଜିଦ ପାଇଁ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଯୁଦ୍ଧ ହେଉ ନଥାନ୍ତା ।

ବିଭି- ଏଇଟା ସେ ଅଯୋଧ୍ୟା ନୁହେଁ କି ରାମ ମନ୍ଦିର ନୁହେଁ। ଏଇଟା ଏକ ମର୍ଡର ସମସ୍ୟା। ଗୁଣ୍ଡୁଚି! ରମଣ ହାତରେ ହେଣ୍ଡକପ ଲଗାଅ ।

(ଗୁଣ୍ଡୁଚି ରମଣ ହାତରେ ହେଣ୍ଡକପ ଲଗାଏ)

ଲଚ୍ଛୁ- ନା ବାବୁ, ସାନବାବୁ ନିର୍ଦୋଷ। ତାଙ୍କ ବଦଳରେ ମୋତେ ବାନ୍ଧି ନିଅନ୍ତୁ ।

ବିଭି-ମୁଁ ସବୁ ବୁଝୁଛି ଲଚ୍ଛୁକକା। ଆଇନ ପାଖେ ପ୍ରମାଣିତହୋଇଥିବା ଦୋଷୀକୁ ଛାଡି ଜଣେ ନିର୍ଦୋଷ ହାତରେ ହେଣ୍ଡକପ ଲଗାଇ ପାରିବି ନାହିଁ ।

ଲଚ୍ଛୁ- ସାନବାବୁ ପରା ଆପଣଙ୍କ ପିଲାଦିନର ସାଙ୍ଗ। ମୁଁ ଆପଣଙ୍କ ଗୋଡ଼ ଧରୁଛି ବାବୁ ମୋ ସାନବାବୁଙ୍କୁ ଛାଡି ଦିଅନ୍ତୁ। ଦୟା କରନ୍ତୁ ବାବୁ! ମୋ ସାନ ବାବୁକୁ ଛାଡି ଦିଅନ୍ତୁ। (ପିଲାଙ୍କ ଭଳି କାନ୍ଦିଉଠେ)

ISSN NO.
2582-208X

କୈକେୟୀ- ଏତେ ଆଉ ସାନବାବୁ ସୁହାଗ ଦେଖାନା। ଯା ଭିତରେ କେତେ କାମ ପଡିଛି କରିବୁ ଯା- ।

ବିଭି- ଗୁଣ୍ଡୁଚି! ରମଣକୁ ନେଇଆସ। (ପ୍ରସ୍ଥାନ)

(ଗୁଣ୍ଡୁଚି ରମଣ ହାତରେ ଲାଗିଥିବା ହେଣ୍ଡକପକୁ ଧରି ଆଗଉ ଥାଏ।)

ସୀମା- ର-ମ-ଣ---! (ଆଖିରୁ ଧାର ଧାର ଲୁହ ବହୁଥାଏ)

ଲଚ୍ଛୁ ଅପଲକ ନୟନରେ ଚାହିଁ ରହିଥାଏ। ତା' ଆଖିରୁ ମଧ୍ୟ ଅବିଶ୍ରାନ୍ତ ଲୁହ ଗଡି ପଡୁଥାଏ)

ଦଶ- ନା ନା ମୋ ରମଣକୁ ମୋଠାରୁ ନେଇ ଯାଅନା। ତା ବିନା ମୁଁ ପାଗଳ ହୋଇଯିବି। ତା ବିନା ମୁଁ ଆଃ-(ଛାତିରେ ଯନ୍ତ୍ରଣା ହୁଏ, ଲଚ୍ଛୁ ଓ ସୀମା ଧରି ନିଅନ୍ତି। ଭାରତ, କାଶୀ ଏବଂ କୈକେୟୀ କୁଟିଳ ଚକ୍ଷୁରେ ଜଣେ ଜଣକୁ ଅନେଇଥାନ୍ତି।)

( ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# କାଶତଣ୍ଡି



ବାଙ୍କାବିହାରୀ ମହାକୁର

କାଶତଣ୍ଡି ନାମେ ଅପୂର୍ବ ସୁନ୍ଦରୀ
ଦାରିଦ୍ର୍ୟ କୂଳରେ ଜାତ
ରୂପ ଯଉବନ ଚନ୍ଦ୍ରମା ବଦନ
ଦେଖି ସର୍ବେ ବିମୋହିତ ।

ବନ ଉପବନ ପର୍ବତ କାନନ
ନଦୀ କୂଳ ଯେତେ ସ୍ଥାନ
ମହା ଆନନ୍ଦରେ ଆକୁଳ ଅନ୍ତରେ
ନିତି କରେ ବିଚରଣ ।

ଦିନେ ରାଜସୁତ ହୋଇ ଉଲ୍ଲାସିତ
କରନ୍ତେ ବନ ବିହାର
ନେତ୍ର ସମ୍ମୁଖରେ ଦେଖି କାଶତଣ୍ଡି
ହୋଇଗଲା ସେଠୁ ଦୂର ।

କ୍ଷଣକର ଦେଖା ଭରିଦେଲା ନିଶା
ଦୁହେଁ ହେଲେ ଆକର୍ଷିତ
ଭାବରେ ମଜ୍ଜିଲେ ସପନ ଦେଖିଲେ
କେମିତି କରିବେ ପ୍ରାପ୍ତ ?

ସେହି ଦିନଠାରୁ ବେଳକାଳ ଦେଖି
ଉଭୟେ କରିଲେ ଦେଖା
ଜଣଙ୍କ ବିହୁନେ ହୃଦୟେ ଆବେଗ
ଜଣେ ଅନ୍ୟକୁ ପ୍ରତୀକ୍ଷା ।

ସମୟ ବିତିଲା ହୃଦୟ ମିଶିଲା
ଦୁହେଁ ହେଲେ ଏକାକାର
ଆଭିଜାତ୍ୟ ଆଉ ଉଚ୍ଚନିଚ ଭୁଲି
ଗଢ଼ିଲେ ପ୍ରେମ ମନ୍ଦିର ।

ISSN NO.
2582-208X

ଦିନ ପରେ ଦିନ ମାସ ପରେ ମାସ
ବଢ଼ିଲା ପ୍ରେମ ଆୟୁଷ
ରାଜାଙ୍କର କାନେ ପଡିଲା ସତ୍ୟତା
ହୋଇଗଲେ ସେ ଆକ୍ରୋଶ ।

ମନ୍ତ୍ରୀସୈନ୍ୟ ଡାକି କହିଲେ ରାଜନ
ବେଗି ଯାଅ ସେହି ସ୍ଥାନ
ବୁଝାସୁଝା କରି ନେଇ ଆସ ସୁତ
ପ୍ରେମ କରି ଛିନ୍ନଭିନ୍ନ ।

ରାଜଉଆସର ବଧୂ ସାଜିବାକୁ
ନାହିଁ ତାର ଅଧିକାର
ଆଭିଜାତ୍ୟ କୁଳେ ବିଭା କରାଇବା
ଆମ ରାଜକୁମାରର ।

ରାଜା ବାଣୀ ଶୁଣି ମନ୍ତ୍ରୀ ସୈନ୍ୟ ଘେନି
ପହଞ୍ଚିଲେ ନଦୀ କୂଳେ
ଯେତେ ଚେଷ୍ଟା କଲେ ବିଫଳତା ହେଲେ
ଫେରିଆସିଲେ ସକଳେ ।

ଶୂନ୍ୟହସ୍ତ ଦେଖି ରାଜା ଜର୍ଜରିତ
କ୍ରୋଧେ ଭାଷିଲେ ବଚନ
ରାଜକୁମାରକୁ ଫେରାଇ ଆଣିବ
ଝିଅର ହେଉ ମରଣ ।

ରାଜା କଟୁକଥା ଶୁଣି ମନ୍ତ୍ରୀ ସୈନ୍ୟ
ସେ ସ୍ଥାନକୁ ବହନ ଗଲେ
ଗାତ ଖୋଳି ସେଠି ନିରିହ ଝିଅକୁ
ଜିଅନ୍ତା କବର ଦେଲେ ।

ନିରୂପାୟ ହୋଇ ରାଜକୁମାରଟି
କାକୁତି ବିନତି ହେଲା
କାନ୍ଦି କାନ୍ଦି ଶେଷେ ଆତ୍ମହତ୍ୟା ପାଇଁ
ମନ୍ତ୍ରୀଙ୍କୁ ଧମକ ଦେଲା ।

କବର ଭିତରୁ କହେ କାଶତଣ୍ଡି
ଶୁଣହେ ରାଜକୁମାର
ଆମ ପ୍ରେମ ଯଦି ଶାଶ୍ୱତ ପବିତ୍ର
ନ କର ସେହି ବିଚାର ।

ରାଜା କଥା ମାନି ଫେରିଯାଅ ତୁମେ
ସବଳେ ରାଜଉଆସ
ତୁମେ ଗଲା ପରେ ଶାନ୍ତିରେ ମରିବି
ରହିବ ନି ଅବଶୋଷ ।

କୋହ ଆଉ ଲୁହ ସାଥୀରେ ଧରିଣ
ଫେରିଲେ ରାଜକୁମାର
ପୁତ୍ରକୁ ଦେଖିଣ କହିଲେ ରାଜନ
ଧନ୍ୟହେ ସୁପୁତ୍ର ବୀର ।

ISSN NO.
2582-208X

କେମିତି ମସ୍ତକ ଟେକି ଚାଲିଥାନ୍ତି
ସେ ଝିଅକୁ ବହୂ କରି
ମାନ ସମ୍ମାନ ମୋ ରହି ଥାଆନ୍ତା କି
କହ ତୁ ମନେ ବିଚାରି ?

କୋଳ ଭରା କଣ୍ଠେ କହିଲେ କୁମାର
କହିବ କି ବାପା ମୋର
ମୋତେ ଭଲ ପାଇ କି ଭୁଲ କରିଲା
ଜୀବନ ନେଲ ତାହାର ?

ତୁମ ଆଭିଜାତ୍ୟ ତୁମରି ସଂପଦ
ମୋ ପାଇଁ ସେ ସବୁ ତୁଚ୍ଛ
ଭଲ ପାଇଥିଲି ମନପ୍ରାଣ ଦେଇ
ନ ବିଚାରି ଉଚ୍ଚନିଚ ।

ପ୍ରତିଜ୍ଞା କରୁଛି ରାଜଉଆସରେ
ସର୍ବେ ଶୁଣ ମନ ଦେଇ
କାଶତଣ୍ଡି ବିନା ଅନ୍ୟ କାହାକୁ ମୁଁ
ପାରିବି ନି ବାହା ହୋଇ ।

ପୁତ୍ର କଥା ଶୁଣି କହିଲେ ରାଜନ
ଏ କି ତୁ କଲୁ ବିଚାର
ତୋର ଏ ବିଚାରେ ସଂପୂର୍ଣ୍ଣ ରାଜ୍ୟଟି
ହୋଇଯିବ ଛାରଖାର ।

ଭାବିଥିଲି ମନେ କାଶତଣ୍ଡି ମଲେ
ଦିନେ ତୁ ଯିବୁ ବଦଲି
ରାଜା ହୋଇ ରାଣୀ ସନ୍ତାନର ମେଳେ
ସବୁ କିଛି ଯିବୁ ଭୁଲି ।

ହାଏ ରେ ଦାରୁଣ ଦେଲୁ ଏ କଷଣ
କେଡେ ମନ୍ଦ ବୁଦ୍ଧି କଲି
ଗର୍ବ ଅହଂକାରେ ଅନ୍ଧ ହୋଇ ମୁହିଁ
ଅପରାଧ କରାଇଲି ।

ଛାଡିପିଟି ହୋଇ କାନ୍ଦନ୍ତି ରାଜନ
ମନ୍ତ୍ରୀ ସୈନ୍ୟ ଗହଣରେ
ନୀରବ ନିଶ୍ଚଳ ହୋଇଣ କୁମାର
ଚଲିଗଲେ ଗମ୍ଭିରାରେ ।

ସେହି ଦିନଠାରୁ ରାଜକୁମାରଟି
ଚୁପଚାପ ରହୁଥିଲେ
ହଜି ଯାଇଥିବା ପୁରୁଣା ଦରବ
ମନେ ମନେ ଖୋଜୁଥିଲେ ।

ପାଗଳ ପରାଏ ବୁଲି ଏଠି ସେଠି
ସମୟ ବାହାରି ଯାଏ
ଖାଇବା ପିଇବା ଶୋଇବା ହସିବା
ଠିକଠିକଣା ନ ଥାଏ ।

ISSN NO.
2582-208X

ଦିନ ପରେ ଦିନ ମାସ ଗଲା ବିତି
ଆସିଲା ବରଷା କାଳ
ବରଷା ପାଣିରେ କବର ସ୍ଥାନଟି
ଦେଖାଗଲା ସମତଳ ।

ଲଟାବୁଦା ମେଳେ ଭରିଗଲା ବଣ
ପଥ ହେଲା ଅପନ୍ତରା
କବର ସ୍ଥାନରେ କୁମାର ଦେଖିଲେ
ସୃଷ୍ଟ କିଛି ନୂଆଁ ଚାରା ।

ଚନ୍ଦ୍ର କଳା ସମ ବଢିଲା ଚାରାଟି
ଶାଖାପ୍ରଶାଖା ମେଲାଇ
କୁମାର ମନରେ ଉତ୍ସାହ ବଢିଲା
ନିତି ତାକୁ ଦେଖୁଥାଇ ।

ଶରତ ଆସନ୍ତେ ଶାଖାପ୍ରଶାଖାରେ
ଶୁଭ୍ର ରଂଗ ଗଲା ଭରି
ଫୁଲର ଗଠନ ମନ ମୋହି ନେଲା
କାଶତଣ୍ଡି କନ୍ୟା ପରି ।

ବଣ ନଦୀକୂଳେ ଆଗରୁ ଏପରି
ଫୁଲ ତ ଫୁଟୁ ନ ଥିଲା
କୁମାର ଭାବିଲେ ଏ ମୋର ପ୍ରିୟା
ଫୁଲ ରୂପେ ଜାତ ହେଲା ।

ପ୍ରେମର ସଂକେତ ନେତ୍ର ସମ୍ମୁଖରେ
ଦେଖି କି ରାଜକୁମାର
ବିଭୋର ହୋଇ କି କହି ପକାଇଲେ
ପାଇଲି ମୋ ଉପହାର ।

ନିରସ ହୃଦୟେ ସରସ ପରାଣ
ଫେରି ପାଇଲେ କୁମାର
କାଶତଣ୍ଡି ନାମ ପାଇଣ ଫୁଲଟି
ବ୍ୟାପିଲା ମହୀ ମଧ୍ୟର ।

ଶରତ ଆସିଲେ ମାଆ ଆଗମନ
ବାରତା ଜଣାଇ ଦିଏ
ଜନମାନସରେ ପବିତ୍ର ପ୍ରେମର
ପ୍ରତିଛବି ଆଙ୍କିଦିଏ ।

ଶୁଭ୍ର କାଶତଣ୍ଡି ମନ ମୋହିନୀ ସେ
ଫୁଟି ନିତି ହସୁଥାଏ
ମାଆ ଗଲାପରେ ବିଦାୟ ନେଇ ସେ
ଧରାରୁ ବାହୁଡି ଯାଏ ।

ବୁରୁବୁଡ଼ା,ବୀରମହାରାଜପୁର,
ସୁବର୍ଣ୍ଣପୁର

ଡିସେମ୍ବର-୨୦୨୨
www.vedantimagazine.com
ISSN NO.
2582-208X

# ଆତ୍ମଘାତୀ



ଗଜାନନ ମିଶ୍ର

କଣ୍ଟା ହେବାକୁ ଇଚ୍ଛା ନାଇଁ କେତେବେଳେ
ଆଉ କାହା ତଣ୍ଟିରେ ଏମିତିରେ ।
ମାପିବି ନାଇଁ କାହା ଧୈର୍ଯ୍ୟ ଜବରଦସ୍ତ ପଶି
ଆଉ କାହା ବାଡିରେ।
ନା, ଦେଖିବି ନାଇଁ ଶୂନ୍ୟର ଖେଳ
ନ ଥିବା ସତ୍ୟ ନାମରେ।
ବହି ଆସୁଥିବା ପାଣିରେ ରଖିବି ନାଇଁ ଠିକଣା
କରି ଆବିଷ୍କାର ନଜର ନଜ ଆଗରେ।
ଦ୍ୱାର ମୁହଁରେ ଖୋଳବି ନାଇଁ ନାଳ
ରଖିବାକୁ ସାଇତି ଭୂଷା ସଉତୁଣୀ ଦୟାରେ ।
ଲକ୍ଷ୍ୟ ଭେଦିବାକୁ ହେବି ନ ଠିଆ
ରଙ୍ଗ ବଦଳାଉଥିବା ପାହାଡ ଉପରେ ।
ଅଣାନଆ ଅଗ୍ନିରେ ପରଷିବି ନାଇଁ
ଆଉ କାହା କଲିଜା ଆତ୍ମଘାତୀ ସମୟରେ ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ରକ୍ଷା କବଚ
# ଭକତର



ଅଧ୍ୟାପିକା ରୋଜାଲିନ୍ ବାରିକ୍

ରକ୍ଷା କବଚ ଭକତର ଶ୍ରୀଧର ଦାମୋଦର ରମାଧବ ।
କ୍ଷାଳନ କରଇ ଜଗତ ପାତକ ଦରଶନେ ବାସୁଦେବ ।୧।
କରୁଣା ସାଗର କୃଷ୍ଣ ଗ୍ରଧାବର ଶ୍ରୀହରି ଦୀନବାନ୍ଧବ ।
ବରୁଣ ଜାମାତା ବିଷ୍ଣୁ ବିଶ୍ୱପିତା ଜାନକୀ ପତି ଗ୍ରଘବ ।୨।
ଚନ୍ଦ୍ରବଂଶ ସମୁଦ୍ଭବ ସୁମାଧବ ଭବ ମନ ଶ୍ରୀୟାଧବ ।
ଭକ୍ତ ପ୍ରାଣଧନ ମୁର୍ରୀ ମୋହନ ଶ୍ରୀକୃଷ୍ଣ ତୁଳସୀଧବ ।୩।
କରଣ କାରଣ ଦେବ ନାଗ୍ରୟଣ ମନନ କର ସାଧବ ।
ତରଣୀ ଭବ ସିନ୍ଧୁର ବିଶ୍ୱମ୍ଭର କଷଣ କରେ ଲ୍ଘବ ।୪।
ରତ୍ନ ସିଂହାସନ ମଣ୍ଡନ ମୋହନ କମଳା ବିମଳାଧବ ।
ଶ୍ରୀମନ୍ଦିର ଘର ଅଟଇ ଯାହାର ଅଗ୍ରଜ ଯା ବଳଦେବ ।୫।
ଧଳା କଳା ହଳଦିଆ ତିନିରୂପ ନୀଳ କନ୍ଦର ସମ୍ଭବ ।
ରସାନନ୍ଦ ହରି ମାଧବ ମୁରାରୀ ମୁକୁନ୍ଦ ଭକ୍ତ ବାନ୍ଧବ ।୬।
ଦାରୁବ୍ରହ୍ମ ସେହି ଦେବ ଭାବଗ୍ରାହୀ ଶ୍ରୀହରି ରୁକ୍ମିଣୀଧବ ।
ମୋକ୍ଷ ପ୍ରଦାୟକ ସେ ବିଶ୍ୱ ନାୟକ ଶାନ୍ତାକାର ଯା ସ୍ୱଭାବ ।୭।
ଦୟଣା ତୁଳସୀ ମାଳିଆ କାଳିଆ ନୀଳମଣି ସର୍ବଶୁଭ ।
ରମାବର ହରି ପ୍ରଭୁ ମଧୁହାରୀ ନରହରି ପଦ୍ମନାଭ ।୯।
ଧନ ଦାତ୍ରୀ ରମା ଯାହାଙ୍କର ବାମା ତା ଶ୍ରୀପଦେ ବଢା ଲୋଭ ।
ବରଜ ମୋହନ କୃଷ୍ଣ ଭଗବାନ ବେଣୁଧର ରାଧାଧବ ।୧୦।

ମହୁ, ଆଳି, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ - ୯୯୩୮୫୦୧୧୦୨

ISSN NO.
2582-208X

# ବୈଧବ୍ୟ ପ୍ରଥାର ଅପସଂସ୍କୃତି



ଅମରନାଥ ବାରିକ

ସନାତନ ଧର୍ମ ହେଉଛି ସବୁ ଧର୍ମର ଜନନୀ ତଥା ସର୍ବଶ୍ରେଷ୍ଠ। କିନ୍ତୁ ଧର୍ମ ନାମରେ ବୈଧବ୍ୟ ପ୍ରଥା ଭଳି ଏକ ଅନ୍ଧବିଶ୍ଵାସର ବୁଡିଆଣୀ ଜାଲ କଳଙ୍କିତ ଅପସଂସ୍କୃତି ପ୍ରାଚୀନ ଭାରତରେ ପ୍ରଚଳିତ ଥିଲା। ସେ ସମୟରେ ଏହା ଧାରଣା ଥିଲା ଯେ ବିବାହିତା ନାରୀର ସ୍ଵାମୀଙ୍କର ଯେତେବେଳେ ସ୍ଵର୍ଗବାସ ହୁଏ, ତାହାଲେ ତାକୁ ବୈଧବ୍ୟ ପ୍ରଥା ଅନୁସାରେ ସମାଜର କଠୋର ନିୟମ ପାଳନ କରିବାକୁ ପଡିବ। ଆଉ ତା'ର ଧଳା ବସ୍ତ୍ର ଖଣ୍ଡେ ହୋଇଥାଏ ଜୀବନ ସାଥୀ । ଦେହରେ ଯାହା କିଛି ପରିଧାନ କରିବାକୁ ହେଲେ ତାହା ନିଶ୍ଚୟ ଧଳା ରଙ୍ଗର ହୋଇଥିବା ଆବଶ୍ୟକ। ଆମିଷ ଭୋଜନ ଆଜୀବନ ତା ପାଇଁ ବାରଣ ଥିଲା। କୌଣସି ଶୁଭ କାର୍ଯ୍ୟ ବା ପୂଜାର୍ଚ୍ଚନା ହେଉଥିବା ସ୍ଥାନକୁ ଯିବା ପାଇଁ ନିଷେଧ କରାଯାଉଥିଲା। ଶୈବ ପୀଠ ତଥା ଅନେକ ଦେବାଦେବୀଙ୍କ ମନ୍ଦିରକୁ ବାରଣ କରାଯାଉଥିଲା । ଲୋକଙ୍କ ମନରେ ଏହା ଭାବନା ଥିଲା ଯେ ଯଦି ଏହି ସ୍ଥାନ ଗୁଡ଼ିକୁ ବିଧବା ଯାଏ ତାହାଲେ ବିଧବାର ମୁହଁ ଚାହିଁଲେ କିଛି ହେଉଥିବା କାର୍ଯ୍ୟ ସଫଳ ବା ସିଦ୍ଧି ହୁଏ ନାହିଁ ।

ଏହା ବ୍ୟତୀତ ବିଧବା ପ୍ରତି ଅନେକ କଟୁ ମନ୍ତବ୍ୟ ଗାଉଁଲି ଭାଷାରେ କହନ୍ତି ଗାଳି ଗୁଲଜ ଭଳି ବିଭିନ୍ନ କଥା କହି ଧିକାର୍ କରିଥାଆନ୍ତି। ଯଦି ସେହି ବିଧବା ମହିଳା ନବ ବିବାହିତା ହୋଇଥାଏ ମଧ୍ୟ ତାହାଲେ ତାକୁ ପୁନଶ୍ଚ ବିବାହ କରିଦିଆ ଯାଉ ନଥିଲା । ଗୋଟେ ଘର କଣରେ ରହିବା ପାଇଁ ଆଦେଶ ଦିଆଯାଉଥିଲା । ଏମିତି କି କିଛି ଅଞ୍ଚଳରେ ସତୀପ୍ରଥା ନାମରେ ତାକୁ ସେହି ମୃତ ପତିଙ୍କ ଜଳୁଥିବା ଜୁଇ ଉପରକୁ ଧାସ ସେବା ପାଇଁ ଜବରଦସ୍ତ

ISSN NO.
2582-208X

ଧକ୍କା ଦିଆଯାଉଥିଲା । ସେ ଯଦି କୌଣସି କାରଣରୁ ନିଜ ଜୀବନ ବଞ୍ଚାଇବାକୁ ଯାଇ ଦୌଡ଼ି ପଳାଇ ଆସୁଥିଲା ତାହାଲେ ତାକୁ ଗୋଡ଼େଇ ଗୋଡ଼େଇ ଧରି ଜଳାଇ ଦିଆଯାଉଥିଲା। ବିଚରା ସେହି ନୀରିହ ପ୍ରାଣୀଟି ବିକଳରେ କାନ୍ଦି କାନ୍ଦି ଡାକ ଛାଡୁଥିଲା "ଦୟାକରି ମୋତେ ମାରନାହିଁ ବଞ୍ଚାଅ ମୁଁ କାହାର କିଛି ଦୋଷ କରିନାହିଁ ।" ହେଲେ ତା'ର ସେ କରୁଣ ଚିତ୍କାର କାହା କାନରେ ବାଜୁ ନଥିଲା। ଏପରି ଅନେକ ଯନ୍ତ୍ରଣା ସହିବାକୁ ପଡୁଥିଲା ।

ଇତିହାସର ପୃଷ୍ଠା ଓଲଟାଇ ଦେଖିଲେ ଇଂରେଜ ଶାସନ କାଳରେ କେତେକ ସମ୍ଭ୍ରାନ୍ତ ବଂଶରେ  ବୈଧବ୍ୟ ପ୍ରଥା ପ୍ରଚଳିତ ଥିଲା ବୋଲି ଜଣାଯାଏ। ବିଶେଷତଃ ରାଜସ୍ଥାନ, ବଙ୍ଗଳା ଓ ଉତ୍ତରପ୍ରଦେଶରେ ସତୀଦାହ ପ୍ରଥା ପ୍ରଚଳିତ ଥିଲା । ୧୮୧୫ ରୁ ୧୮୧୮ ମସିହା ମଧ୍ୟରେ ବଙ୍ଗ ପ୍ରଦେଶରେ ୮୦୦ ମହିଳା ସତୀ ପ୍ରଥାର ଶିକାର ହୋଇଥିଲେ । ସମାଜର ରକ୍ଷଣଶୀଳ ଗୋଷ୍ଠୀ ଏହାକୁ ସମର୍ଥନ କରୁଥିଲେ। ମୋଗଲ ସମ୍ରାଟ ଆକବର ଓ ଆଉରଙ୍ଗଜେବ ଏହାକୁ ଉଚ୍ଛେଦ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ । ସମାଜରେ ସଂସ୍କାର ଆଣିବା ପାଇଁ ୧୮୨୮ ମସିହାରେ ରାଜା ରାମମୋହନ ରାୟଙ୍କ ଉଦ୍ୟମରେ ବ୍ରାହ୍ମ ସମାଜ ଗଠନ ହୋଇଥିଲା ଓ ବିଧବା ବିବାହ ଆରମ୍ଭ କରାଯାଇଥିଲା। କିନ୍ତୁ ସମାଜରେ ଏହାକୁ ନାତା ନାମ ଦିଆ ଯାଉଥିଲା। ବିଧବା ବିବାହ କରୁଥିଲେ ଜାତି ପଂଚାୟତ ଦ୍ୱାରା ଜୋରିମନା ହେଉଥିଲା। ନାତା ଦ୍ୱାରା ଯେଉଁ ସନ୍ତାନ ଜନ୍ମ  ହେଉଥିଲା, ତାକୁ ଅବୈଧ ସନ୍ତାନ ଆଖ୍ୟା ଦେଉଥିଲେ। ୧୮୫୩ ମସିହାର ଅନୁସଂଖ୍ୟାନ ଅନୁସାରେ, ଏହା ଫଳରେ କେବଳ କଲିକତାରେ ୧୨୭୧୮ ବେଶ୍ୟା ସୃଷ୍ଟି ହୋଇଥିଲେ।

ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର ଙ୍କ ଚେଷ୍ଟାରେ ହିନ୍ଦୁ ସମାଜରେ ବିଧବା ବିବାହ ଆଇନଗତ ସୂତ୍ରପାତ ହେଇଥିଲା। ୧୮୫୬ ରେ ହିନ୍ଦୁ ପୁନଃ ବିବାହ ଆଇନ ପାରିତ ହେଲା ଓ ହିନ୍ଦୁ ସମାଜରେ କୁସଂସ୍କାର ଭୁଲି ନୂତନ ସଂସ୍କର ପଥ ଉନ୍ମୁକ୍ତ  ହୋଇଥିଲା। ସ୍ୱାମୀ ବିବେକାନନ୍ଦ ୧୮୯୭ ମସିହାରେ ସମାଜ ସଂସ୍କାର ନିମନ୍ତେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ । ରାଜା ରାମମୋହନ ରାୟଙ୍କ ପ୍ରଚେଷ୍ଟା  ଲଡ୍ ବେଣ୍ଟିକ୍ ଙ୍କ ସମୟରେ ଏହାର ବିଲୋପ କରିବାକୁ ପଦକ୍ଷେପ ନେଇଥିଲେ କିନ୍ତୁ ପରେ ଏହାର ଉଚ୍ଛେଦ ଘଟିଥିଲା ୧୮୨୯ ମସିହା ସେପ୍ଟେମ୍ବର ୫ ତାରିଖରେ । ୧୮୫୬ ମସିହାରେ ଏକ ଆଇନ ବଳରେ ବିଧବା ବିବାହ ଆଇନ ସମ୍ମତ

ISSN NO.
2582-208X

ବୋଲି ଆଦେଶ ଜାରିହେଲା। ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ ଦିଗରେ ପଦକ୍ଷେପ ସ୍ୱରୂପ ୧୮୭୨ରେ "ଦେଶୀୟ ବିବାହ ଆଇନ" ଓ ୧୮୯୧ରେ "ସମ୍ମତି ପ୍ରକାଶ ବୟସ ଆଇନ" ପ୍ରଣିତ ହୋଇଥିଲା । ୧୯୩୦ ମସିହା ସାରଦା ଆଇନରେ ପୁରୁଷ ମାନଙ୍କ ପାଇଁ ସର୍ବନିମ୍ନ ବିବାହ ବୟସ ୨୧ ବର୍ଷ ଓ ମହିଳା ମାନଙ୍କ ପାଇଁ ୧୮ ବର୍ଷ ଧାର୍ଯ୍ୟ କରାଗଲା ।

ଯାହା ଫଳରେ ଆଜି ବୈଧବ୍ୟ ପ୍ରଥାର ଉତ୍ପୀଡ଼ନ ଲୋପ ପାଇଛି। ସରକାର ତାଙ୍କ ପାଇଁ ବହୁତ ଆଇନ କାନୁନ ପ୍ରସ୍ତୁତ କରିଛନ୍ତି। ବିଶେଷ କରି ବିଧବା ମହିଳା ମାନଙ୍କ ପାଇଁ ବହୁତ ସରକାରୀ ଏବଂ ବେସରକାରୀ ସଂସ୍ଥା ରହିଛି । ବିଧବା ଭତ୍ତା ଠାରୁ ଆରମ୍ଭ କରି ଗୃହ ଯୋଗାଇବା ପର୍ଯ୍ୟନ୍ତ ଓ ଆଇନ ଅନୁସାରେ ସେହି ବିଧବା ମହିଳା ଜଣକ ନିଜ ସ୍ୱଇଚ୍ଛାରେ ପୁନଃ ବିବାହ କରିପାରିବ। ତାକୁ କେହି ବାଧା ଦେଲେ ଆଇନ ଅନୁଯାୟୀ ଦଣ୍ଡନୀୟ ହେବ। ଏତଦଭିନ୍ନ ନାରୀ ଆଜି ପହଁଚି ପାରିଛି ସେଇଠି, ଯେଉଁଠି ଅନୁଭବ ପହଁଚି ପାରିବ ନାହିଁ । ସର୍ବ ଶେଷରେ ନାରୀ ମାନଙ୍କୁ ଆଜି ସମ୍ମାନ ଦିଆ ଯାଉଛି । ବିଶେଷ କରି ବିଧବା ମହିଳା ମାନଙ୍କୁ ସାନ୍ତ୍ୱନା ସ୍ୱରୂପ ତାଂକୁ ବଞ୍ଚିବା ପାଇଁ ଉଚିତ ମାର୍ଗ ଦର୍ଶାଇ ଦିଆଯାଉଛି। ଆଜି ଜଣେ ବିଧବା ମହିଳା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ମଣ୍ଡନ କରି ମହିଳା ସମାଜ ପାଇଁ ପ୍ରେରଣାର ଉତ୍ସ ହୋଇ ପାରିଛନ୍ତି ।

କର୍ଯ୍ୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା – ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫

ISSN NO.
2582-208X

# ବ୍ୟାଧି ନିବାରଣ



ଅଜିତ ପାଢ଼ି

ଆଜି ସତେ, ବିଶ୍ୱବନେ କରାଳ କ୍ରନ୍ଦନ
କରୋନା ତ ଗାଏ ଗୀତ ବ୍ୟାଧି ନିବାରଣ
ଜଳିଯେ ବୃକ୍ଷଲତା ନାହିଁ ଗିରିବନ ।
ସାଜିଛି ପାହାଡ ଆଜି ନାହିଁ ଅମ୍ଳଜାନ
ଦଗ୍ଧ ପ୍ରାୟ ତା ଶରୀର ନାହିଁ ତ ଜୀବନ
ଆଜି ସତେ, ବିଶ୍ୱବନେ କରାଳ କ୍ରନ୍ଦନ ।

ଜଙ୍ଗଲ ମାଫିଆ ଆଜି କରନ୍ତି ରାଜନ
ନକ୍ସଲ ଙ୍କ ବୋମାମାଡ ଫୁଟୁଛି କମାଣ
ମୁହାଁମୁହିଁ ମାଓବାଦୀ ବନ୍ଧୁକର ମୁନ ।
ପାହାଡ ଶରୀର ଆଜି ହୋଇଅଛି ନଗ୍ନ
ଅଗ୍ନି ସ୍ଖଳିତ ଶରୀର ନାହିଁ ଅମ୍ଳଜାନ
ଆଜି ସତେ, ବିଶ୍ୱବନେ କରାଳ କ୍ରନ୍ଦନ ।

ଥିଲା ତ ଜଙ୍ଗଲ ଦିନେ ସାଜିଛି ପାହାଡ
ଥିଲା ଦିନେ ମଣିଷ ତ ଆଦିମ ମାଙ୍କଡ
ଡିଆଁମାରି  କଲ ତୁମେ ସଭ୍ୟତା ଚିନ୍ତନ

ISSN NO.
2582-208X

ଧିକ୍କାରୁଛି ମୁଁ ତୁମକୁ ହୁଅ ସାବଧାନ
ଦଗ୍ଧପ୍ରାୟ ମୋ ଶରୀରେ ନାହିଁ ତ ସ୍ପନ୍ଦନ
ଆଜି ସତେ, ବିଶ୍ୱବନେ କରାଳ କ୍ରନ୍ଦନ ।

ଜଳୁଛି ସହର ଆଜି ବାୟୁ ପ୍ରଦୂଷଣ
ଧୁଆଁ ଧୁଆଁ ଜୀବନତ ବକ୍ଷରେ ଜ୍ୱଳନ
ବିଶ୍ୱ ଆଜି ବିଷମୟ ଦୁର୍ନୀତି ଜୀବନ ।
ପାହାଡ ମନ୍ତବ୍ୟ ଦିଏ ଅଛି ପ୍ରତିଦାନ
ଭରିଦିଅ ବୃକ୍ଷଲତା ବ୍ୟାଧି ନିବାରଣ
ନଥିବ ତ ବିଶ୍ୱଜନେ କରାଳ କ୍ରନ୍ଦନ
ପରଦା ର ଆଢୁଆଳେ ବ୍ୟାଧି ନିବାରଣ
ନଥିବ ତ ବିଶ୍ୱ ବନେ କରାଳ କ୍ରନ୍ଦନ
ଭରିଦିଅ ବୃକ୍ଷଲତା ବ୍ୟାଧି ନିବାରଣ ।

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# ସୁଖ ଓ ଦୁଃଖ



ସସ୍ମିତା ରାଉତ ଜେନା

ଦୁଃଖ ହେଉଛି
ଜୀବନ ମହ୍ଲାର ଟିଏ
ମନ ଥାଉ କି ନ ଥାଉ
ଗାଇବାକୁ ପଡିଥାଏ
ଆପଣା କଂଠରେ .......

ସୁଖ ହେଉଛି
ଅଧାଗଢା ସମ୍ପର୍କ ଟିଏ
ନା କାଟି ପାରିହୁଏ
ନା ଯୋଡି ପାରିହୁଏ
ତାକୁ ସମ୍ପୂର୍ଣ୍ଣ ଭାବେ
ତମାମ ଆୟୁଶରେ ..........

ସୁଖ, ଦୁଃଖ ଆସେ
ଜୀବନ ଧାର୍‌ରେ
କେବେ ଖରା୍ କେବେ ଛାଇ........
ଅଦୃଶ୍ୟ ସ୍ପର୍ଶ ସେ
ଧରି ହୁଏନାହିଁ
ଖାଲି ଅନୁଭବ ହୋଇଥାଏ
ଲୁଚକାଳି ଖେଳ ପରି.......,,

ନୟୁ ଦିଲ୍ଲୀ

ISSN NO.
2582-208X

# ପାନ୍ଥଶାଳା



ମନୋରଞ୍ଜନ ସୁରୁଜାଲ

ପଥିକର ସାଥି ମୁଁ ଯେ ପାନ୍ଥଶାଳା
ନୀରବେ ରହିଛି ସାକ୍ଷୀ,
ପଥଚଳା ପାନ୍ଥ ଫେରିବ ନିଶ୍ଚୟ
ଲେଉଟାଣି ବେଳ ଦେଖି।
ଯିବା ଆସିବାର ଲାଗିଛି ଶତତ
ଦୁନିଆଁ ର ଏହି ନାଟ,
କୃମି କୀଟ ଅବା ମଣିଷ ସ୍ୱରୂପ
କର୍ମ ଅନୁସାରେ ଘଟ।
ଏ ଡାଳ ସେ ଡାଳ ପକ୍ଷୀ ଟି ଯେପରି
ଗଛ ଡାଳେ ଥକା ମାରେ,
ଗର୍ଭ ପାନ୍ଥଶାଳା ଆତ୍ମାର ନିବାସ
ଆତଯାତ ସେ ପ୍ରକାରେ।
ଦୁର୍ଲଭ ଜନମ ପାଇଛୁରେ ବାୟା
ଲଭି ମନୁଷ୍ୟ ଶରୀର,
ଏଇ ଜନମରେ ଅରଜି ସୁକର୍ମ
ଅମରତ୍ୱ ଲାଭ କର।

ବାଟ ଗ୍ଭଲି ଗ୍ଭଲି ଥକ ଯିବ ପାଦ
ଯାଉଥିବୁ ଆସୁଥିବୁ,
ଜଠର ଶୟନ କଷ୍ଟେ ଲାଗିଥିବ
କର୍ମ ଫଳ ଭୋଗୁ ଭୋଗୁ।
ବାରେ ଦେଏ ଢାଳ ପଦାରବିନ୍ଦରେ
ଭକତି କୁସୁମ ତୋର,
ଟାଣି ନେବେ ହରି କୋଳକରି ତୋତେ
ବେଳ ଥାଉ ବୋଲ କର।

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଦୀପ ପର୍ବ



ପୂର୍ଣ୍ଣଚନ୍ଦ୍ର ରଣା

ଚଳନ୍ତି ଚନ୍ଦ୍ରମା ବୁଡ଼ନ୍ତି ରବି
ଜଗତେ ଶୋଭିତ ଆତସବାଜି
ଦୀପାଲୋକେ ଦ୍ୟୁତି ଆସେ ସତ୍ୱର
ଦୂର ହୁଏ ଏଠୁ ଘୋର ତିମିର ।।୧

ତମିସ୍ରା ଜୀବନୁ ଯାଏ ଦୂରେଇ
ଆଲୋକ ଜୀବନେ ପଶେ ଧସେଇ
ଦୂର ହୁଏ ଦୁଃଖ ନିଶା ସାଥିରେ
ସୁଖ ଆସି ପଶେ ଦୀପାଲୋକରେ ।।୨

ଆଳୟେ ସଞ୍ଚିତ ପୁଣ୍ୟର ଦୀପ
ଜାଳିଦିଏ ସବୁ କଳଙ୍କ ପାପ
ଖୁସି ଭରିଯାଏ ପ୍ରତି ଭବନେ
ଏ ପର୍ବ ପାଳନ୍ତି ସବୁରି ଜନେ ।।୩

ଶୋଭାରେ ଶୋଭୁଛି ଧରଣୀ ରାଣୀ
ଦୀପାବଳି ପ୍ରିତୀ ଦେଇଛି ଆଣି
ଚିତ୍ତରେ ଗାରିମା ହିଆ ପ୍ରଫୁଲ୍ଲ
ଫୁଟୁଥାଉ ସଦା ଖୁସିର ଫୁଲ ।।୪

ହାଟସିଂହାପୁର, ଯାଜପୁର

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

ବର୍ଷା କହେ ସ୍ୱାର୍ଥ ନ ଥିଲେ ତା'ର (ବର୍ଷା, ମୋର ଜଣେବନ୍ଧୁ ଭାଇଙ୍କର ଶାଳକ) ସ୍ୱ ମଣିଷଟିଏ ଲୋମ ବି ହଲେନା । ମୁଁ ପ୍ରତିବାଦ କରେ । ଆମ ଆଗରେ ସେ ପିଲାଟା । ତା' ନାମରେ ଏମିତି ଆରୋପ ଦେବାଟା ଠିକ୍ ହେଉନି ।

"ଆରୋପ କ'ଣ କିଲୋ? ଏଇ ଦେଖୁନୁ ଆମେ ଦିହେଁ ତ ଏତେ ସାଂଗ । ସେ ମୋ'ର ବନ୍ଧୁବାନ୍ଧବ । ନାଁ ତୋ'ର! ତୁ ବଡ଼ ଚାକିରୀ କରିଛୁ ବୋଲି ତୋ ପାଖରେ କେମିତି ଲାଳେଇ ପାଳେଇ ଆଉ ମୋ' ମୁହଁରେ ଘାସ ପକାଏନା । ସେଇଥିରୁ ବୁଝୁନୁ ।"

ଆରେ ନା ମ, ତୁ ସମସ୍ତଙ୍କର ବଦ୍‌ଗୁଣ ଗୁଡ଼ିକ ଧରି ବସୁ, ଭଲ ଗୁଣ ନୁହେଁ । ଫୋନ୍ କରିବାରେ ସେ କେତେ ତତ୍ପର, ଆମ ମାନଙ୍କର ମୋବାଇଲ୍ କେଉଁଠି କେତେବେଳେ ପଡ଼ିଥାଏ । ମିସ୍‌ଡ଼ କଲ୍ ଦେଖିଲେ ମଧ୍ୟ ହଁ କରିବା ତ... ଏଇ ମିଜ୍ଞାସ । କାହାର କ'ଣ ଜରୁରୀ କାମ ଏମରଜେନ୍‌ସୀ ଥିବ, ସେ କଥା ମଧ୍ୟ ଆମେ ଭାବୁନି । ହେଲେ ସେ "ଚଟ୍ ମଙ୍ଗଣୀ, ପଟ୍ ବିଭା" ଭଳି ଫଟ୍ କରି ଜବାବ୍ ଦେଇଥାଏ ।

ନିଜ ଅନୁଭୂତି କହୁଛୁ ତ! ଅନ୍ୟର ମତାମତ କେବେ ନେଇଛୁ? ବିରକ୍ତ ହୋଇ ମୁଁ କହେ, "ଛାଡ଼, ଛାଡ଼... ଅନ୍ୟକୁ ନିନ୍ଦା କରିବା ତୋର ଚିରାଚରିତ ଅଭ୍ୟାସ" ।

ହଉ, "ଟାଇମ୍ ଉଇଲ୍ ଟେଲ୍ । ସମୟ ଆସିଲେ ଜାଣିବୁ । ଆଉ ବେଶୀଦିନ ନୁହେଁ । ବାବୁଙ୍କର ଅବସର ପରେ ମୁଁ ତ ନିଜ ଗାଁକୁ ଚାଲିଯିବି । ତେଣୁ ସେଦିନ ଦେଖିବାକୁ ମୁଁ ନଥିବି । ହେଲେ ମନେ ରଖିଥା, ସେତେବେଳେ ମତେ ନିଶ୍ଚୟ ମନେ ପକାଇବୁ ।

ISSN NO.
2582-208X

ଘ ଘ ଘ ଶଶାଙ୍କ ଫୋନ୍ କରିଥିଲା । ମୋ' ସହ ଦେଖା କରିବାକୁ ଚାହେଁ ଇଚ୍ଛାହେଲା କହିବି, ତତେ ବହୁତ ବନେଇ ଚୁନେଇ କଥା କହିବା ଆସେ ଶଶାଙ୍କ, ମାତ୍ର ସେମିତି କିଛି ନ କହି କହିଲି, କେତେବେଳେ ଫ୍ରି ଅଛ ।

ଏକ୍‌ଜାକ୍ଟଲୀ ଆଟ୍ ଫୋର୍ ଓ କ୍ଲକ୍ । ଆଇ ଆମ୍ ଭେରି ବିଜି । ଆପଣ ଘରକୁ ଫେରିବା ରାସ୍ତାରେ ଦେଖା କରିବି ।

ଠିକ୍ ଅଛି ।

ଅବସର ନେବା ପରେ ପ୍ରାୟ ସବୁ ବାହାର କାମଗୁଡ଼ା ମତେ ନିଜେ କରିବାକୁ ହୁଏ । ସେଦିନ ରବିବାର ଥିଲା । ଭାବିଲି ଶୀଘ୍ର ଯାଇ ଚାରିଟା ପୂର୍ବରୁ ସବୁ କାମ ସାରି ଫେରିଆସିବ ଗାଡ଼ିଟା ଷ୍ଟାର୍ଟ ହେଲାନି । ବିରକ୍ତ ହୋଇଗଲି । ସବୁ ଅଡୁଆ ମୋରି ପାଇଁ । ନୂଆକରି ବସନ୍ତ-କୁଂଜ ସିଫ୍ଟ କରିଥିଲି । ତେଣୁ ବିଶେଷ କାହା ସଂଗେ ପରିଚୟ ହୋଇ ନ ଥିଲା । ବହୁ କଷ୍ଟରେ ଗାଡ଼ି ଷ୍ଟାର୍ଟ କରି ଏମ୍‌ସ୍ ପାଖ ରନ୍ଧାୱା ମୋଟର ପାଖରେ ପହଞ୍ଚିଲି। ଗାଡ଼ି ପରୀକ୍ଷା କରି ମେକାନିକ୍ ଯୋଗୀନ୍ଦର କହିଲା, ବହୁ ସମୟ ଲାଗିବ ମାଡ଼ାମ୍ । କେତେ ଆଉ ଅପେକ୍ଷା କରିବେ, ଘରକୁ ଯାଆନ୍ତୁ । ମୋ' ପାଖେ ତ ଆପଣଙ୍କ ଠିକଣା ଅଛି, ମୁଁ ଗାଡ଼ି ପହଞ୍ଚାଇ ଦେବି କହି ମୋ' ପାଇଁ ଗୋଟିଏ ଅଟୋ ଡାକିଦେଲା । ଶଶାଙ୍କର ଗୁଣ ମତେ ଅଛପା ନଥିଲା । ନିର୍ଦ୍ଧାରିତ ସମୟଠାରୁ ଅତି କମ୍‌ରେ ଘଣ୍ଟାଏ ଦୁଇଘଣ୍ଟା ବିଳମ୍ବ କରିଥାଏ । ସମ୍ବିତ୍ ଉତ୍ତର "ଖୁବ୍ ବିଜି ଥିଲି" । ଅଟୋରେ ବସି ଟେକ୍‌ସଟ କଲି । ଗାଡ଼ି ଠିକ୍ ହେବାକୁ ଟାଇମ୍ ଲାଗିବ । ମୁଁ ଅଟୋରେ ଆସୁଛି, ନିର୍ଦ୍ଧାରିତ ସ୍ଥାନରେ ଚାରିଟା ସୁଦ୍ଧା ପହଞ୍ଚିଯିବି । ହାତ ଘଡ଼ି ଦେଖିଲି ୪ଟା ୫ । ବସି ରହିଲି ।

"କେମିତି କଳା ମେଘ ଆସିଲାଣି ଦେଖୁଛନ୍ତି ଆଜ୍ଞା । ଶୀଘ୍ର ଚାଲନ୍ତୁ ।" ଅଟୋବାଲାର ସ୍ୱର।

"ଆଉ ପାଞ୍ଚ ମିନିଟ୍ ।" ଆଉ ଥରେ ମେସେଜ୍ କଲି, ମୁଁ ଅପେକ୍ଷା କରିଛି ।

ISSN NO.
2582-208X

ନାଇଁ ମାଡ଼ାମ୍, ବୁନ୍ଦାବାନ୍ଦି (ଝିପି ଝିପି) ଆରମ୍ଭ ହେଇଗଲାଣି ଏବେ ଚାଲନ୍ତୁ । ନହେଲେ ମୋ' ଭଡ଼ା ଛିଡ଼ାଇ ଦିଅନ୍ତୁ ।

ଶଶାଙ୍କକୁ ଫୋନ୍ ଲଗାଇଲି । ରିଙ୍ଗ୍ ହେଉଛି, ମାତ୍ର ଉତ୍ତର ନାହିଁ । ନାଁ, ଦେଖା କରିବାକୁ ଚାହୁଁଥିଲା । କିଛି ଜରୁରୀ କାମ ଥାଇପାରେ । ତା ଛଡା ଯଦି ମୁଁ ଚାଲିଯିବା ପରେ ଆସି ପହଞ୍ଚିବ ଅଟୋରୁ ଓହ୍ଲାଇ ତା'ର ଭଡ଼ା ଛିଡ଼ାଇଲି । ଫୋନ୍ ଉଠାଉନି, ହୁଏତ ଫୋନ୍‌ଟା ପାଖରେ ନାହିଁ, ତେଣୁ ମେସେଜ୍ ଗୁଡ଼ିକ ବି ଦେଖିବାର ସୁଯୋଗ ଆସିନି । ଚାରିଟା ପାଇଁ ଫୋନ୍‌ରେ ତ ଯୋଗାଯୋଗ ହୋଇଥିଲା । ଆସୁଥିବ ନିଶ୍ଚୟ ।

ଚାରିଟା ଚାଳିଶ୍ । ଆଉଥରେ ଫୋନ୍ କରିବାକୁ ଚେଷ୍ଟା କରୁଥିଲି, ଆରମ୍ଭ ହୋଇଗଲା ମୂଷଳ ଧାରା ବର୍ଷା । ପାଖରେ ଅଟୋ ଦେଖା ଯାଉନି । ମେଗା କ୍ୟାବ୍‌କୁ ଫୋନ୍ ଲଗାଇଲି। ମୁଁ ସେମାନଙ୍କର ତେମ୍ରୁ ୩ ଘଣ୍ଟା ରୁଲ୍ ମୋ' ପାଇଁ ଲାଗୁ ହୁଏନା । ଟ୍ୟାକ୍ସି ଷ୍ଟାଣ୍ଡରୁ ଫୋନ୍ ଆସିଲା, "ଖୁବ୍ ଜୋର୍‌ରେ ବର୍ଷା ପିଟୁଛି ମାଡ଼ାମ୍ । ଗାଡ଼ି ପହଞ୍ଚିବାକୁ ସମୟ ଲାଗିବ" ।

ରାତି ଦଶଟା – ମେସେଜ୍ ଆସିବାର ସୂଚନା । ଫୋନ୍ ଉଠାଇଲି, ଶଶାଙ୍କର ମେସେଜ । "ବ୍ୟସ୍ତ ଥିବାରୁ ମେସେଜ୍ ଗୁଡ଼ା ଏବେ ଦେଖିଲି ।"

"ନୋ ପ୍ରବ୍‌ଲେମ୍, ଆଇ ଏଞ୍ଜୟଡ୍ ଦ ହେଭି ରେନ୍ ଫର୍ ଆନ୍ ଆଉଆର୍ ।" ଜବାବ୍‌ରେ ଲେଖିଲି ।

ଉତ୍ତର ଆସିଲା, ମୋ' ପାଇଁ ସିନା ଏ ସୌଭାଗ୍ୟ ପ୍ରାପ୍ତ ହେଲା । ଘରେ ଥିଲେ କ'ଣ ପିଲାମାନେ ଆପଣଙ୍କୁ ବର୍ଷାରେ ଭିଜିବାକୁ ଦେଇଥାନ୍ତେ । (ଇଉ ସୁଡ୍ ଫିଲ୍ ଗ୍ରେଟ୍‌ଫୁଲ୍ ଟୁ ମି) ବିରକ୍ତିର ଚରମ ସୀମାରେ ପହଞ୍ଚିଗଲି । ଜବାବ୍ ଦେବାକୁ ପ୍ରସ୍ତୁତ ହେଉଥିବା ସମୟରେ ଲାଗ୍ ଲାଗ୍ ତିନିଟା ଛିଙ୍କ ହୋଇଗଲା ।

ରିପ୍ଲାଇ ବନ୍ଦ । ମନକୁ ମନ କହିଲି, ଇଉ ଆର୍ ରାଇଟ୍ ବର୍ଷା । ତୁ ସିନା ପାଖରେ ନାହୁଁ, ହେଲେ ପ୍ରାକୃତିକ ବର୍ଷାରେ ସନ୍ତରଣ କରି ଖୁବ୍ ବଢ଼ିଆ ଥଣ୍ଡାଟାଏ ଧରି ପକାଇଲାଣି ।

ISSN NO.
2582-208X

ଚାକିରୀ କରିଥିବା ସମୟରେ ବହୁବାର ଆମେ ଚେଷ୍ଟା କରିଛୁ ଦିଲ୍ଲୀ ଅବସ୍ଥିତ ଆମ କେତେଜଣ ବନ୍ଧୁ ମାନଙ୍କର ମିଳିତ ବନ୍ଧୁ ମିଳନ । ହେଲେ କେବେ ପୁରା ହୋଇ ପାରେନା। ରବିବାର ଦିନ କାହାର ପିଲାମାନଙ୍କର କୋଚିଙ୍ଗ କ୍ଲାସ୍, କିମ୍ବା ଘରେ କୁଣିଆ ତି କାସ ପିଲାର ଏନ୍‌ଟ୍ରାନ୍ସ ଟେଷ୍ଟ । ଅବସର ପରେ ଆଉ ଏ ସବୁ ଝମେଲା ନାହିଁ । ସୁରୁଖୁରିରେ ହୋଇପାରିବ । ସ୍ଥିରହେଲା ମାସକରେ ଥରେ ଏକାଠି ନ ହେଲେ ମଧ୍ୟ ଦୁଇମାସରେ ଥରେ ମିଶିବା । ମୁଁ ମତ ଦେଲି "ପ୍ରଥମ ରବିବାର" ।

ଜଣେ ବନ୍ଧୁ କହିଲେ, ଆରେ ସରକାର ତ ଆମର ସବୁଦିନ ରବିବାର କରି ଦେଇଛନ୍ତି, ତେଣୁ ଯେଉଁଦିନ ସମସ୍ତଙ୍କର ସୁବିଧା । ତୁମ ସୁବିଧାଟା ଉପରେ ବେଶୀ ଗୁରୁତ୍ୱ ଦିଆଯିବ । ତୁମେ ବଡ଼ ଡାକ୍ତରାଣୀ । କ'ଣ କଥାଟା ମନକୁ ପାଇଲା ।

କହିଲି ସାଂଗ ଭିତରେ ବଡ଼ ଛୋଟ କ'ଣ? ସମସ୍ତଙ୍କର ସୁବିଧା ଦେଖାଯିବ ।

ନିଶ୍ଚୟ, ନିଶ୍ଚୟ, କହିଲେ ଦ୍ୱିତୀୟ ବନ୍ଧୁ ମୋ' ବନ୍ଧୁପତ୍ନୀ ମାନେ ଘର କରଣାରେ ନିପୂଣା । ତେଣୁ ସେମାନଙ୍କ ଘରେ ଏକାଠି ହୋଇଥାଉ । ମୁଁ ରନ୍ଧାରନ୍ଧି ମାମଲାରେ ପ୍ରାୟତଃ ଅଜ୍ଞ ଯୋଗୁ ମୁଁ ବାହାରେ ବ୍ୟବସ୍ଥା କରାଇଥାଏ ।

ଏଥର ତୃତୀୟ ବନ୍ଧୁଙ୍କର ପାଳି । ଫୋନ୍ କଲି । ରବିବାର ଦିନ ନ କରି ଶନିବାର କଲେ କିଛି କ୍ଷତି ଅଛି?

ନାଁ, ଶନିବାର, ରବିବାରରେ କ'ଣ ଯାଏ ଆସେ । ସମସ୍ତେ ତ ବେକାର । କେହି ଯଦି ବା କୁଆଡ଼େ ଯାଇଥିବେ, ଲଞ୍ଚ ଟାଇମ୍‌କୁ ସମସ୍ତେ ହାଜର୍ । ହଁ, ଭଲ ମନେ ପକାଇଦେଲ, ରବିବାର ଦିନ ଭୋଟ୍ ଦେବା ପାଇଁ ମଧ୍ୟ ଯିବାକୁ ହେବ । ଦିଲ୍ଲୀ ଟ୍ରାଫିକ୍ ଯେମିତି, ସକାଳୁ ବାହାରିଲେ ସନ୍ଧ୍ୟା ବେଳକୁ ଫେରିବା ସମ୍ଭବ ହୋଇପାରେ । ତେଣୁ ଶନିବାର ଫାଇନାଲ୍ । କହିଲେ ତୃତୀୟ ବନ୍ଧୁ । ତା'ଛଡ଼ା ତୁମ ଶ୍ରୀମତୀଙ୍କ ହାତର ସୁସ୍ୱାଦୁ ଏଣ୍ଡୁରୀ ପିଠା ମଧ୍ୟ ଖାଇବାର ସୌଭାଗ୍ୟ ମିଳିବ । ସେଦିନ ପ୍ରଥମା ଅଷ୍ଟମୀ ।

ISSN NO.
2582-208X

ହଁ, ଆମେ କିଏ? ସେ ତ ତୁମର ସବୁ । ତୁମେ ଆସୁଛ ମାନେ ତିନି ପ୍ରକାର ଏଣ୍ଡୁରୀ ପିଠା କରି ପକାଇବ । ଠିକ୍ ଅଛି ତୁମ ନାଁରେ ଆମମାନଙ୍କ ଭାଗରେ ମଧ୍ୟ ପଡ଼ିବ ।

ସ୍ୱସ୍ତିର ଏକ ନିଶ୍ୱାସ ନେଲି । ରବିବାର ଦିନ ଦିଲ୍ଲୀ ଅପଥାଲ୍‌ମିକ ସୋସାଇଟିର (ଡ଼ସ୍) ଏମରଜେନ୍‌ସି ମିଟିଙ୍ଗ, ଏକ କେ ଅଫିସ୍ ଜନିତ ସମସ୍ୟାକୁ ନେଇ ମେମ୍ବରମାନଙ୍କ ମଧ୍ୟରେ ମତଭେଦ । ସେମିତି କିଛି ଗୋଟାଏ ଡିସିସନ୍ ନେବାରେ ସାହାଯ୍ୟ ନ କରି ପାରିଲେ ମଧ୍ୟ ଅଲ୍ ଇଣ୍ଡିଆ ଅପ୍‌ଥାଲ୍‌ମିକ ସୋସାଇଟିର ସଭାପତି ହିସାବରେ ମୋ'ର ଉପସ୍ଥିତି ଅନିବାର୍ଯ୍ୟ । ଡସ୍ ପ୍ରେସିଡ଼େଣ୍ଟ ଆଉ ସେକ୍ରେଟାରୀଙ୍କୁ ରବିବାର ଦିନ ମିଟିଂ ରଖିବାକୁ ଅନୁରୋଧ କଲି । ଦୁହେଁ ଖୁସି ହୋଇ କହିଲେ, "ଖୁବ୍ ଭଲ ହେଲା, ଛୁଟୀ ଦିନରେ ବେଶୀ ମେମ୍ବର ଉପସ୍ଥିତ ରହିବେ" ।

ଶନିବାର ଦିନ ମୁଁ ସଂପୂର୍ଣ୍ଣ ଭାବେ ଫ୍ରି । ତେଣୁ ସ୍ଥିର କଲି ଶୀଘ୍ର ଯାଇ ବନ୍ଧୁ ପତ୍ନୀଙ୍କୁ ଟିକିଏ ସାହାଯ୍ୟ କରିବାକୁ । ଗାଡ଼ି ଷ୍ଟାର୍ଟ କରିବା ପୂର୍ବରୁ ତାଙ୍କୁ ଫୋନ୍ ମିଳାଇଲି ।

"ଆପଣଙ୍କ ସାଂଗଙ୍କ ସହିତ କଥାବାର୍ତ୍ତା କରନ୍ତୁ" କହି ସେ ଫୋନ୍ ଟ୍ରାନ୍ସଫର୍ କରିଦେଲେ ।

"ମୁଁ ଟିକିଏ ଶୀଘ୍ର ବାହାରି ପଡ଼ିଲି । ମୋ' ସାହାଯ୍ୟରେ ଯଦି ତୁମ ଶ୍ରୀମତୀ ତିନି ପ୍ରକାର ପିଠା ନ କରି ପାଞ୍ଚ ପ୍ରକାର କରି ପାରିବେ । ଲାଭ ତ ତୁମର ।"

"ହଉ ଆସ, ମାତ୍ର ବନ୍ଧୁ ମିଳନ କାଲି ପାଇଁ ସ୍ଥିର କରାଯାଇଛି ।"

"ମାନେ?" ଧକ୍‌କା ଖାଇଲା ଭଳି ପଚାରିଲି ।

"ତୁମେ ସିନା ଶାକାହାରୀ, ଆମେ ସମସ୍ତେ ତ ମାଂସାହାରୀ । ଅନ୍ୟମାନେ କହିଲେ ପ୍ରଥମାଷ୍ଟମୀରେ ଘରେ ମାଂସାଷୀ ଖାଦ୍ୟ ହେବା ନିଷେଧ ।"
"ପ୍ରଥମତଃ ଏ ବକ୍ତବ୍ୟ ଭୁଲ । ସେମାନେ କ'ଣ ଭୁଲି ଗଲେ ଷଠୀ ଦେବୀଙ୍କ ପାଖରେ ଏଇ ଦିନରେ ମାଛ ଭୋଗ ଲାଗେ ବୋଲି । ତା'ଛଡ଼ା ଘରେ ନ ରନ୍ଧା ହେଲେ ମତେ କହିଥିଲେ ମୁଁ ନେଇ ଆସିଥାନ୍ତି ।"

ISSN NO.
2582-208X

"ତୁମେ??? ସେଇ ବଜାରର ମସଲା ଦିଆ କୁଖାଦ୍ୟ ଆଣି ଥାଆନ୍ତ?"

ଏଥର ମୁଁ ବୁଝିଲି, ବନ୍ଧୁ ଥଟ୍ଟା କରୁଥିଲେ । କହିଲି, ମତେ ଡରାଇ ଦେଲ । ଦେଖ, ଏ ବୟସରେ ଏମିତି ଝଟକା ଲାଗିଲେ ପରିଣାମ ଆଉ ପାରି । ଶ୍ରୀମତୀଙ୍କୁ କୁହ, ଡ଼େସର୍ଟ ତିଆରି କରିବେନି, ମୁଁ ଦୁଇ ପ୍ରକାର ନେଇ ଆସୁଛି ।"

ଆରେ ଥଟ୍ଟା ନୁହେଁ ମ । ସତରେ କାଲି ପାଇଁ ଲଞ୍ଚର ବ୍ୟବସ୍ଥା ହୋଇଛି । ମୁଁ ଆମର ସବୁ ସାଂଗମାନଙ୍କୁ ଖବର ଦେଇ ଦେଇଛି । ତୁମେ ଆସିଲେ ଆମେ ବହୁତ ଖୁସି ହେବୁ, ଅସୁବିଧା ଥିଲେ ନ ଆସିଲେ ବି ଚଳିବ ।

"କ'ଣ ଖେଳଘର ପଡ଼ିଛି? ଅର୍ଥାତ୍ ତୁମେମାନେ ମତେ ଅଲଗା କରି ଦେଉଛ!!! ଭୁଲି ଯାଅନା, ମୁଁ ମଧ୍ୟ ତୁମ ମାନଙ୍କର ପିଲା ଦିନର ଜଣେ ବନ୍ଧୁ । ନିଶ୍ଚୟ ଆସିବ, କୋଡ଼ିଏ ପଚିଶ୍ ମିନିଟ୍ ଡ଼େରି ହେଲେ ବିଅର ଉଇଥ୍ ମି" କହି ଫୋନ୍ ରଖିଲି ।

ମିଟିଂ ପରେ ଲଞ୍ଚ୍‌ର ବ୍ୟବସ୍ଥା ଥିଲେ ମଧ୍ୟ "ଅନ୍ୟଠି ଲଞ୍ଚ ଅଛି" କହି ଖୁବ୍ ଶୀଘ୍ର ବାହାରି ଆସିଲି । ପଛରୁ ଆମ ଟ୍ରେଜରର୍ ଡାଃ ହରବନ୍‌ସ ଲାଲଙ୍କ କଣ୍ଠ ସ୍ୱର ଶୁଣା ଯାଉଥିଲା, "ତୁମେ ସବୁ ଜାଣିନ । ମାଡ଼ାମ୍ ଆମର ଭିଆଇପି । କେଉଁଠି ସ୍ପେଶିଆଲ୍ ଅନର୍ ମିଳୁଥିବ ।

ୟେ ଘିସାପିଟା ଖାନା କାହିଁକି ଖାଇବେ?" ଇଣ୍ଡିଆ ହାବିଟାଟ୍ ସେଣ୍ଟର୍‌ରୁ ବନ୍ଧୁଙ୍କ ଘରଟା ଖୁବ୍ ଦୂର ନୁହେଁ । ତା'ଛଡ଼ା ରବିବାର ଯୋଗୁ ଟ୍ରାଫିକ୍ ମଧ୍ୟ ବେଶୀ ମିଳିବନି । ଗାଡ଼ି ଷ୍ଟାର୍ଟ କରିବା ପୂର୍ବରୁ ବନ୍ଧୁଙ୍କୁ ଖବରଟା ଦେବାକୁ ଭୁଲିଲିନି । ଗାଡ଼ିରେ ବସି ହାତ ଘଡ଼ିକୁ ଚାହିଁଲି । ଗୋଟାଏ ଚାଳିସ୍, ଇଚ୍ଛା ହେଲା । ଗାଡ଼ି ସାଇଡ୍ କରି ଆଉଥରେ ଫୋନ୍ କରିଦେବି । ମାତ୍ର ପୁଣି ପାଞ୍ଚ ମିନିଟ୍ ନଷ୍ଟ ହେବ । ସେଇ ପାଞ୍ଚ ମିନିଟ୍‌ରେ ମୁଁ ନିଶ୍ଚୟ ପହଞ୍ଚିଯିବି ।

ISSN NO.
2582-208X

ବନ୍ଧୁଙ୍କ ଘରେ ପହଞ୍ଚିବା ସମୟକୁ ଗୋଟାଏ ପଇଁଚାଳିଶ । ଦୁଆର ଖୋଲା ଥିଲା । "ସରି ସରି" କହି କହି ଭିତରକୁ ପଶିଲି । ବନ୍ଧୁ ପତ୍ନୀ ଦୁଆର ପାଖରୁ ତାଙ୍କ ବେଡ୍‌ରୁମ୍‌କୁ ମତେ ପାଛୋଟି ନେଲେ । ଯେଉଁ ଠାରେ ଅନ୍ୟ ବନ୍ଧୁ ପତ୍ନୀ ମାନେ ବସିଥିଲେ ।

"ଏବେ ଖାଇବାକୁ ବାଢ଼ିବି ମାଡ଼ାମ୍? ଖୁବ୍ ଭୋକ ହେବଣି?" ସଙ୍କୁଚିତ ଭାବେ କହିଲେ ବନ୍ଧୁ ପତ୍ନୀ ।

"ମୋ' ଭୋକ କଥା ଛାଡ଼, ଏମାନେ ଭୋକରେ ଛଟପଟ ହେଉଥିବେ । ଏବେ ସମସ୍ତଙ୍କଠୁ ଖାଇବି ଗୋଟିଏ ଗୋଟିଏ ପାହାର" ।

"ତୁମକୁ କିଏ ପାହାର ଲଗେଇବ ବା?" ମୋ' କଥା କାଟି କହିଲେ ଅନ୍ୟ ଜଣେ ବନ୍ଧୁଙ୍କର ଧର୍ମ ପତ୍ନୀ ।

"ପ୍ଲେଟ୍‌ରେ ବାଢ଼ି ଆଣିବି ମାଡ଼ାମ୍? ନାଁ ଟେବୁଲ୍ ପାଖକୁ ଯିବେ ।"

ଏଇଠି ଅଲଗା ବସି ଖାଇବି! ମୋ'ର ଆଉ ଏ ଦୁନିଆରେ ରହିବାର ନାହିଁ କି?

"ସମସ୍ତେ ଖାଇ ସାରିଲେଣି ମାଡ଼ାମ୍ ।"

"ଖୁବ୍ ଭଲ କାମଟିଏ କରିଛ । ଶୋଇଲା ପୁଅର ଭାଗ ନାହିଁ ।" କହି କହି ଡ୍ରଇଁରୁମ୍ ଆଡ଼କୁ ମୁହାଁଇଲି ।

ଆଜି ସେମାନଙ୍କର ଭୋଟ୍ ଦେବାର ଥିଲା ତ, ତେଣୁ ଶୀଘ୍ର ଖାଇ ଗୋଟାଏ ପୂର୍ବରୁ ସେମାନେ ଚାଲିଗଲେଣି । କହିଲେ ବନ୍ଧୁ ପତ୍ନୀ । ମୋ' ନିଜ ଅଜାଣତରେ ପାଟିରୁ ବାହାରି ଆସିଲା । "ମୋ'ର ମଧ୍ୟ ଭୋଟ୍ ଦେବାର ଥିଲା -,ମୋ' କାନରେ ବାରଂବାର ଭାସି ଆସୁଥିଲା ଡାଃ ହରବନ୍‌ସଙ୍କର ଶେଷ କଥା ପଦର । "କେଉଁଠି ସ୍ପେଶିଆଲ୍ ଅନର୍ ମିଳୁଥିବ ।"

## ଦିଲ୍ଲୀ ଓଡିଆ ଡାକ୍ତର ଆସୋସିଏସନ (ଡୋଡୋ)

୧୯୯୧ ମସିହାରେ ସେ ଏକ ଅପାସୋରା ଅପରାହ୍ନ, ଖବର ଆସିଲା ଡା: ରାଉତରାୟ ଦିଲ୍ଲୀରେ ରହୁଥିବା ଓଡିଆ ଡାକ୍ତର ମାନଙ୍କୁ ୪ଟା ସମୟରେ ହଜ ଖାସ୍ ଜଗନ୍ନାଥ

ISSN NO.
2582-208X

ମନ୍ଦିରରେ ଏକତ୍ରିତ ହେବା ପାଇଁ ଆମନ୍ତ୍ରଣ କରିଛନ୍ତି । ଆମ ହସପିଟାଲ୍ ଏ ଆଇ ଆଇ ଏମ୍‌ସରୁ ମନ୍ଦିର ବହୁ ନିକଟ ହେଲେ ମଧ୍ୟ ପେଷା ଏବଂ ପରିବାର ଜଂଜାଳ ଭିତରୁ କେବଳ କେତୋଟି ବିଶେଷ ଫେଷ୍ଟିଭାଲ୍ ଦିନ ବ୍ୟତୀତ ଅନ୍ୟ କେବେ ଯାଇ ହୁଏନା । ସାଧାରଣ ଦିନଟିର ଆମନ୍ତ୍ରଣ ପାଇ ଯିବା ପାଇଁ ବହୁ ଚେଷ୍ଟା କରି ସଫଳତା ହାସଲ କରିଥିଲି । ଅବଶ୍ୟ ପହଞ୍ଚିବା ସମୟକୁ ହଲ୍‌ଟି ପ୍ରାୟ ପୂର୍ଣ୍ଣ ହୋଇଯାଇଥିଲା । ବିଳମ୍ବ କଥା ଭୁଲି ଯାଇ ମନକୁ ମନ କହି ପକାଇଲି ଏମ୍‌ସ ଭିତରେ ରହି ମୁଁ ଗୋଟିଏ କୂପ ମଣ୍ଡୁକ ପାଲଟି ଯାଇଛି । ଦିଲ୍ଲୀରେ ଏତେ ବେଶୀ ଓଡିଆ ଡାକ୍ତର ଅଛନ୍ତି । ଯଦି ଗୋଟିଏ ସଂସ୍ଥା ଗଢା ଯାଇପାରନ୍ତା । ହେଲେ ମଝିରେ ପରସ୍ପର ସହ ମିଳାମିଶାର ସୁଯୋଗ ମିଳି ପାରନ୍ତା । ହେଲେ ମନ କଥା ମନରେ ମାରି ବସି ପଡିଲି । ମୋର ସହପାଠୀ ଅଭୟ ଦାଶ ଚା' ମାରି ବାଲାକୁ କହିଲେ ସେ ଲେଟ୍ କମର୍ ହାତରେ ଚା' ଗ୍ଲାସଟାଏ ଧରାଅ । ବିଚରା ଡା: ବାସୁଦେବ ରାଉତ ରାୟ କହିଲେ ଆରେ ବାବୁ, ସେ କ'ଣ ଆଡକୁ ଯେଉଁ ଛୋଟ ଝିଅଟି ଶାଢୀ ପିନ୍ଧି ବସିଛି ତା ହାତରେ ଦେ ।

ଅଭୟର କଥା ତଥାପି ଶେଷ ହୋଇ ନ ଥିଲା ।" ଖାଲି ଚା' ଗ୍ଲାସଟାକୁ ଝାମ୍ପି ନେଲେ ହେବ, ହାତ ଉପରକୁ କର ।" ହାତ ଉପର କରିବାର ମର୍ମ୍ମ ନ ବୁଝିପାରି ମଝିରେ ବସିଥିବା କେତେଜଣ ବୟସ ଡାକ୍ତ ମାନଙ୍କ ଆଡକୁ ଚାହିଁଲି । ଜଣେ କେହି ମୋ ଆଡକୁ ଚାହିଁ କ'ଣ ସବୁ କହି ଚାଲିଲେ । ଯୁବକ ଯୁବତୀ ମାନଙ୍କର ଘୋ ଘା ରେ କେବଳ ଏତିକି ଶୁଣି ପାରିଲି । ଆମେ ସବୁ ଓଡିଆ ଡାକ୍ତର ମାନେ ମିଶି ଗୋଟିଏ ଅନୁଷ୍ଠାନ ଗଢିବା । ନିଜ ଅଜାଣତରେ ମୋ ପାଟିରୁ ବାହାରି ଆସିଲା, "ମୋ ମନ କଥା କେମିତି ଜାଣି ପକାଇଲେ ।" କହି ଦୁଇହାତ ଉପରକୁ ଉଠାଇଲି । ଗଢି ଉଠିଲା ଏକ ଅନୁଷ୍ଠାନ, "ଡୋଡୋ" ଯାହାର ସଭାପତି ପଦ ଗ୍ରହଣ କରିଥିଲେ ଉପ ସଭାପତି ଡ: ଉମାଶଙ୍କର ପାଣିଗ୍ରାହୀ, ସେକ୍ରେଟାରୀ ଡା: ପେନ ମହାନ୍ତି, ଟ୍ରେଜରର୍ ଡା: ଉପେନ୍ଦ୍ର ବିଶ୍ୱାଳ, ଡା: ସଦାନନ୍ଦ ପଟ୍ଟନାୟକ ସହ ସଂପୃକ୍ତ ଥିଲେ । ତେଣୁ ମୋ କାର୍ଯ୍ୟ କଳାପ ଉପରେ ତାଙ୍କର ସବୁଠାରୁ ବେଶୀ ଧାରଣା ଥିଲା ।

କହିଲେ ଡା: ପଣ୍ଡା ବହୁ ପାରିବାର, ତାଙ୍କ ସହ ସହମତ ଥିଲେ । ମୋ ନାମ ଏକଜିକ୍ୟୁଟିଭ ମେମ୍ବର ତାଲିକାରେ ରଦ୍ଦ କରାଗଲା । ଅନୁଷ୍ଠାନ ପଂଜୀ କରଣ ୧୯୯୩ ରେ ହୋଇଗଲା ।

ISSN NO.
2582-208X

ସେଇ ପଂଜୀ କରଣର ସମ୍ୟକ୍ ଭଲ ପ୍ରଣାଳୀ ଭବିଷ୍ୟତରେ ଏତେ ବଡ ବଡ ଗୋଟିଏ ଅସୁବିଧାର ସମ୍ମୁଖୀନ କରାଇବ ବୋଲି କାହା ମନକୁ ଆସି ନ ଥିଲା । ଅନୁଷ୍ଠାନଟି ଦ୍ରୁତଗତିରେ ନ ହେଲେ ମଧ୍ୟ ପ୍ରଗତିର ପଦକ୍ଷେପ ନେଉଥିଲା । ଅନୁଷ୍ଠାନର ଲକ୍ଷ୍ୟ ଥିଲା ସାମାଜିକ, ବିଜ୍ଞାନ ଏବଂ ମନୋରଞ୍ଜନ । ମଝିରେ ମଝିରେ ଆମର ବୈଠକ ବସିଥାଏ । ବାର୍ଷିକ ଉତ୍ସବ ପାଳନ ସମାରୋହରେ ସ୍ୱାସ୍ଥ୍ୟ ଜନିତ ଏ ଥିଲା । ଅନୁଷ୍ଠାନଟିକୁ ବହୁ ଉପରକୁ ଆଣିବା ପାଇଁ ମୁଁ ଆପ୍ରାଣ ଚେଷ୍ଟା କରିଥିଲି । ଓଡିଶାର ବନ୍ୟା ପୀଡ଼ିତ ମାନଙ୍କର ସେବା ଦିଲ୍ଲୀରେ ସ୍ୱାସ୍ଥ୍ୟ ଶିବିର ଏବଂ ବାର୍ଷିକ ଉତ୍ସବ ପ୍ରଭୃତି ନିୟମିତ ଭାବରେ ଚାଲିଲା । ଓଡିଶା ଭବନର ରେସିଡେଣ୍ଟ କମିଶନକୁ ଅନୁରୋଧ କରି ପ୍ରତ୍ୟେକ ମାସର ତୃତୀୟ ରବିବାର ଦିନ ଆମପାଇଁ ବୈଠକ ରୁମ୍‌ର ଅନୁମତି ପ୍ରାପ୍ତ କରିଥିଲି । ତେଣୁ ପ୍ରତି ମାସର ବୈଠକ ସୁରୁଖୁରୁରେ ହୋଇଯାଉଥିଲା । ଖୁବ୍ ଅଳ୍ପ ଦିନରେ ଆମ ଅନୁଷ୍ଠାନ ତାର ପ୍ରଗତି ପାଇଁ ପ୍ରଖ୍ୟାତ ହୋଇଯାଉଥିଲା । ୨୦୧୨ ମସିହାରେ ସଂଜୟ ଗାନ୍ଧୀ ସମ୍ମାନ ପାଇଁ ମୋ ପାଇଁ ନୋମିନେସନ୍ ଆସିଥିଲା । ମୋର ମନେ ହେଲା ନିଜ ନାମରେ ନୋମିନେସନ୍ ନ ପଠେଇ ଡୋଡା ପାଇଁ ପଠାଇଲେ ତାର ପ୍ରସିଦ୍ଧି ଆହୁରି ବଢିବ । ନୋମିନେସନ୍ ରଦ୍ଧ କରିବାପାଇଁ ବହୁ ଗୁଡିଏ ନୀତି ନିୟମ ମଧ୍ୟରେ ବିଗତ ତିନି ବର୍ଷର କାର୍ଯକଳାପ ଏବଂ ଦୁଇ ବର୍ଷର ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣର ବିବରଣୀକୁ ଏକତ୍ରିତ କରି ଗୋଟିଏ ଭିଡିଓ ନିର୍ମାଣ କଲି । ହେଲେ ଟ୍ୟାକ୍ସ ରିଟର୍ଣ୍ଣ? ଅନୁଷ୍ଠାନଟିର ଦ୍ୱୀତୀୟ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଥରେ ମଧ୍ୟ ଟ୍ୟାକ୍ସ ଭର୍ତ୍ତି ହୋଇନଥିଲା । ଇନକମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟ ତରଫରୁ ଲମ୍ବା
ଲମ୍ବା ଚେତାବନୀ । ଶେଷରେ ସୁଧ ମୂଳ ସହ ଟ୍ୟାକ୍ସ ଫାଇଲ୍ ହୋଇଯାଇଥିଲା । ଏତେ ବଡ ଲମ୍ବା ବିଲ୍ ଆସିବାର କାରଣ ଜାଣିବା ପାଇଁ ଦୀର୍ଘ ଦିନ ଧରି ଦଉଡା ଧପଡା କରିବା ପରେ ଜାଣିପାରିଲୁ ଆମ ସଂସ୍ଥାଟି ଇଣ୍ଡିଭିଜୁଆଲ୍ ନାମରେ ପଂଜୀକୃତ । ତେଣୁ ସଂସ୍ଥା ତିଷ୍ଠିବା ମଧ୍ୟ କଠିନ ପାଠ । ଆମେମାନେ ଦୁଃଖରେ ଭାଙ୍ଗିପଡି ସଂସ୍ଥାର ନାମ ବଦଳାଇବା (ଅର୍ଥାତ ଏକ ନୂଆ ସଂସ୍ଥା ଗଠନ ) ର ଚେଷ୍ଟାରେ ରହିଲୁ । ସଂଜୟ ଗାନ୍ଧୀ ଆଶା ଆଶାରେ ହିଁ ରହିଗଲା। ।

ବାରମ୍ବାର ମନକୁ ଆସୁଥିଲା ସମୟ ସମୟରେ ଉତ୍ତେଜିତ ଅବସ୍ଥାରେ ଭଲ କାମଟିଏ କରିଥିଲେ ମଧ୍ୟ ଟିକିଏ ଅସାବଧାନତା ହେତୁ କେବେ ନା କେବେ ପଶ୍ଚାତାପ କରିବାକୁ ହୁଏ ।

ISSN NO.
2582-208X

ନିବୃତ୍ତ ଅଙ୍କ (ମନ୍ଥର ସ୍ରୋତ)
(୩୪) ଉପସଂହାର :

ବହିଟିର ଉପସଂହାର ବା ଜୀବନ ନଉକାର ଉପସଂହାର କହିବା ନା ମୋ ପକ୍ଷେ ସମ୍ଭବ ନାଁ ଅନ୍ୟ କେହି । ପ୍ରଥମ ଅଗଷ୍ଟ ୨୦୧୯ ରେ ଯାହା ସ୍ପଷ୍ଟ ହୋଇପାରିବ । ୨୦୧୭ ମସିହା ଜୁଲାଇ ୩୧ ତାରିଖ ରାତି । ପିଲାମାନେ ଦୁଇଦିନ ହେଲା ବାହାରକୁ ଯାଇଥିଲେ । ଘରେ ଏକା ଥିଲେ ସାଧାରଣତଃ ମୁଁ ଶ୍ରୀଘ୍ର ବିଛଣା ଧରିଥାଏ । ନିଦଟା ଚାଉଁକିନା ଭାଙ୍ଗିଗଲା । କାନ୍ଥ ଘଡିକୁ ଚାହିଁଲି । ରାତି ଏଗାରଟା ବାଜି ଚାଳିଶ ମିନିଟ୍ । ଏମିତି ନିଦ ଭାଙ୍ଗିଯିବାର କାରଣ କ'ଣ ହୋଇପାରେ । ୨୦୧୬ ମସିହା ଜାନୁଆରୀ ମାସରେ ଏମିତି ଦିନେ ଏଗାରଟା ଚାଳିଶ୍‌ରେ ନିଦ ଭାଙ୍ଗିଗଲା । ଯେଉଁଦିନ ନାନୀକୁ ମୁଁ ସବୁଦିନ ପାଇଁ ହରାଇଥିଲି । ଅଜାଣତରେ ଅନ୍ତର ଭିତରଟା କେମିତି ଆଶ୍ୱସ୍ତି ବୋଧ କରୁଥିଲା । ପୁରୁଣା କଥା ଭୁଲିଯିବାକୁ ଚେଷ୍ଟା କଲି । ସିଦ୍ଧାନ୍ତରେ ଉପନିତ ହେଲି ଆଦୁମନ୍ (ପୁଅର ଝିଅ) ମାସକ ଦିନରୁ ମୋ ପାଖେ ଶୁଏ । ତାକୁ କ୍ଷୀର ପିଆଇବାର ସମୟ ଅଭ୍ୟାସରେ ପଡିଗଲାଣି । ସେଇଥିପାଇଁ ନିଦ ଭାଙ୍ଗିଗଲା, ଅନୁଭବ କଲି ପାଦ ଦୁଇଟା ଅସମ୍ଭବ ଧରଣର ଥଣ୍ଡା । ସାଢେ ଆଠଟାରେ ଶୋଇବା ସମୟରେ ତ ଥଣ୍ଡା ନଥିଲା । ତାପରେ ମନେ ହେଲା ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା । ଟିକିଏ ପରେ ବାନ୍ତି ବାନ୍ତି ମଧ୍ୟ ଲାଗିଲା । କ'ଣ କିଛି ଆଜେ ବାଜେ ଜିନିଷ ଖାଇଛି କି? ନାଇଁ ତ! ସବୁଦିନ ଭଳି ସେଦିନ ମଧ୍ୟ ଖଣ୍ଡିଏ ରୁଟି ଡାଲି ଆଉ ତରକାରୀ । ଗ୍ଲୁକୋମା ନୁହେଁ ତ! ଏ ବୟସରେ ଇଏ କେଉଁ ପ୍ରକାର ଗ୍ଲୁକୋମା ହୋଇପାରେ! ଲେନ୍‌ସ ଇଣ୍ଟ୍ୟୁସ୍‌ଡ ତ ନୁହେଁ । ଆଖି ବନ୍ଦ କରି ପତା ଉପରେ ଆଖି ପ୍ରେସର ଚେକ୍ କଲି । ଗୋଟିଏ ଆଖି ବନ୍ଦ କରି ଦୂରକୁ ଦେଖିବାକୁ ଚେଷ୍ଟା କଲି । ଦେଖିବାରେ କିଛି ପରିବର୍ତ୍ତନ ନାହିଁ । ବ୍ଲଡ ପ୍ରେସର ବଢିଯାଇନି ତ! ମାତ୍ର କାହିଁକି?

ସାଧାରଣତଃ କୌଣସି ଅସାଧାରଣ କଥା ଘଟିନଥିଲେ ମୋର ବି.ପି ବଢିନଥାଏ । ତଥାପି ଆଲମାରୀରୁ ଇନ୍‌ଷ୍ଟ୍ରୁମେଣ୍ଟ ଟା ଆଣିବା ପାଇଁ ବିଛଣାରୁ ଉଠିବାପାଇଁ ଚେଷ୍ଟା କଲି । ମୁଣ୍ଡର ଯନ୍ତ୍ରଣା ଆହୁରି ବଢି ଯାଇଥିଲା । ସତେ ଯେମିତି କିଏ ମୋର ତଣ୍ଟିଟାକୁ ଚିପି ଧରିଛି । ଅଣନିଶ୍ୱାସୀ ହୋଇ ପଡୁଥିଲି । ଧେତ୍... ଘରେ ଏକା ତ । ଏ ସବୁ ମୋ ମନ ଭିତରର

ISSN NO.
2582-208X

ଭୟ । ବହୁ କଷ୍ଟରେ ଉଠି ତକିଆକୁ ଆଉଜି ବସିବାର ଚେଷ୍ଟା କଲି । ଉଠ୍ ଉଠ୍ .... ମୁଁ ତତେ ନେବାକୁ ଆସିଛି ।

ଡାହାଣ ପଟକୁ ଚାହିଁଲି । ମନେ ହେଲା ଗୋଟିଏ ବିକୃତ ରୂପ । ସ୍ୱପ୍ନ ଦେଖୁନି ତ? ଜୋର୍ କରି ନିଜକୁ ଚିମୁଟି ଦେଇ ପାଟି କରି ଉଠିଲି । ଛାୟାଟି ଦେଖାଯାଉଥିଲା । ଚିନ୍ତା କଲି ଏଇଟା ମୋ ମନର ଭୟ ।ଶରୀରର କଷ୍ଟ ଅସହ୍ୟ ହେଉଥିବା ସତ୍ୱେ ମଧ୍ୟ ହସି ପକାଇଲି। ଏସବୁ ମୋର କଳ୍ପନା ମାତ୍ର । ପରିହାସ ଭଙ୍ଗୀରେ କହିଲି "ତୁମେ କ'ଣ ଯମରାଜା" ??

ନିଜ ପରିସରକୁ ସାମ୍ନାରେ ରଖି ଭଲରେ ଭଲରେ ଦୁନିଆ ଛାଡିବୁ ବୋଲି ତୋର ବିଶ୍ୱାସ । ମୁଁ ତୋର ସେଇ ବିଶ୍ୱାସ । ତତେ ସୁରୁଖୁରୁରେ ନେଇଯିବି । ବିଚିତ୍ର ହୋଇ ଉଠିଲି । ମୁଁ କ'ଣ ଗୋଟିଏ ମାନସିକ ରୋଗୀ । ଖୁବ୍ ଜୋର୍‌ରେ ଆଖି ଦୁଇଟାକୁ ମଳିଲି । ବୋଧେ ସ୍ୱପ୍ନ ଦେଖୁଥିଲି । ମାତ୍ର ପରିସରରେ କୌଣସି ପରିବର୍ତ୍ତନ ନଥିଲା । ପୁଣି ଚିନ୍ତା କଲି, ୟାକୁ "ଇଚ୍ଛା ମୃତ୍ୟୁ" କୁହାଯାଏ କି? ପାଦ ଦୁଇଟା ଉପରେ ହାତ ରଖିଲି । ଠିକ୍ ପୂର୍ବପରି ଥଣ୍ଡା। କହନ୍ତି ମୃତ୍ୟୁର ଛଅଘଣ୍ଟା ପୂର୍ବରୁ ପାଦ ଥଣ୍ଡା ହୋଇଯାଇଥାଏ । ଏ କି ପ୍ରକାରର ଇଚ୍ଛା ମୃତ୍ୟୁ? ମୁଁ ତ ଏବେ ଯିବାପାଇଁ ଇଚ୍ଛା କରିନି । ବହୁ ବର୍ଷର ଅଭୀପ୍‌ସା, ବାପାଙ୍କ ନାମରେ କିଛି ଗୋଟାଏ ସ୍ମୃତି ଚିହ୍ନ ରଖିବି, ଦିଲ୍ଲୀରେ ଓଡିଆ ଲେଖିକା ସଂସଦ ସ୍ଥାପନା ଏବଂ ଶେଷରେ ରୂପଲିନ୍ ଆଉ ମନୀଷାର ଅଭୀପ୍‌ସା ମଧ୍ୟ ପୂରା କରିବାର ପ୍ରତିଶ୍ରୁତି ଦେଇଛି । କହିଲି ନାଁ ନାଁ ଆଜି ନୁହେଁ, ମୋର ଆଉ ଦୁଇବର୍ଷ ଦରକାର । ଇଶ୍ୱରଙ୍କ କୃପା ହେଲେ ସମସ୍ତ କାମ ଶେଷ ହୋଇଯିବ । ଅନୁଭବ କଲି ଖାଲି ମୁଣ୍ଡ ବଥା ଛାଡି ଅନ୍ୟକିଛି ଅସୁବିଧା ନଥିଲା । ପାଦ ଦୁଇଟାକୁ ଛୁଇଁଲି । ସାଧାରଣ । ପୂର୍ବପରି ଥଣ୍ଡା ନାହିଁ । ନିଜକୁ ନିଜେ ହସି ପକେଇଲି । ଏ ସନ୍ଧ୍ୟା ଚାହାର ଅଭ୍ୟାସଟାକୁ ବନ୍ଦ କରିବାକୁ ହେବ । ଯେଉଁଦିନ ଚାହା ନ ହେଲା ଏତେ କଷ୍ଟ ସହିବାକୁ ପଡୁଛି । ଶୋଇବା ପାଇଁ ଚେଷ୍ଟା କଲି ।

ତହିଁ ଆରଦିନ ସକାଳ ଛଅଟା । ନିତିଦିନିଆ କାର୍ଯ୍ୟକଳାପ ଆରମ୍ଭ ହୋଇ ଯାଇଥିଲା । ସବୁଦିନ ଭଳି ଶରୀର । ପୁଣି ମନକୁ ଆସିଲା, "କାଲି ରାତିର ଏସବୁ ନାଟକ କ'ଣ ଥିଲା?" ସ୍ୱପ୍ନ ନୁହେଁ ତ ନିଶ୍ଚୟ । ଚିନ୍ତା ଗୁଡାକ ମନରୁ ଦୂର କରିବା ପାଇଁ ଚେଷ୍ଟା କଲି ।

ISSN NO.
2582-208X

ହେଲେ ମୋର ଯୋଜନା ଏବଂ ଦୁଇବର୍ଷ କଥା ମନରୁ ଯାଉନି । ଦୁଇବର୍ଷ ଭିତରେ ଏ ତିନିଟା ଯାକ କାମ ଶେଷ କରିବାକୁ ହେବ । ହେଲେ କେମିତି? ଏ ପର୍ଯ୍ୟନ୍ତ ତ ମାତ୍ର ଗୋଟିଏ ଆରମ୍ଭ କରି ପାରିଛି । ଅନ୍ୟ ଦୁଇଟି ପାଇଁ ବର୍ଷ ବର୍ଷ ଧରି ପ୍ରଚେଷ୍ଟା କରି ହାର୍ ମାନିଛି । ତିନିଟି ପରି ଯୋଜନା । ଗୋଟିଏ ହେଲା ଅନ୍ୟ ପାଇଁ (ଲେଖିକା ସଂସଦ), ଦ୍ୱିତୀୟ କେବଳ ନିଜ ପାଇଁ । ନିଜ ଇଚ୍ଛା ପୂରଣ (ବାପାଙ୍କ ସ୍ମୃତିରେ କିଛି) । ଆଉ ତୃତୀୟଟି ହେଲା ସମ୍ମିଶ୍ରଣ । ନିଜ ମନକୁ ହାଲ୍‌କା କରି ଅନ୍ୟ ହିତେ କିଛି ସନ୍ଦେଶ (ଜୀବନ ନଉକା) ଡ୍ରଇଂ ରୁମ୍ ସୋଫା ଉପରେ ବସି ବାଁ ପଟ ମନ୍ଦିର ଆଡକୁ ଚାହିଁଲି । ପ୍ରଭୁ ଲକ୍ଷ୍ମୀନାରାୟଣ ତ ପୂର୍ବପରି ଉଲ୍ଲାସିତ । ଅର୍ଥାତ ମତେ ସାନ୍ତ୍ୱନା ଦେଉଛନ୍ତି, "କୃତକାର୍ଯ୍ୟ ହେବୁ ।" ପ୍ରତିଶ୍ରୁତି ଅନୁସାରେ ତୋ ହାତରେ ସମୟ ଖୁବ୍ କମ୍ । ଶୀଘ୍ର ଶୀଘ୍ର ତତ୍ପର ହୋଇଯା । ମନଟା ଅପେକ୍ଷାକୃତ ହାଲ୍‌କା ହୋଇଗଲା । ମାତ୍ର ଏ କ'ଣ? ପୁଣି ମୁଣ୍ଡରେ ସେଇ ଯନ୍ତ୍ରଣା । ଗୋଡ ଦୁଇଟାକୁ ଛୁଇଁଲି ଥଣ୍ଡା ନୁହେଁ । ଅସହ୍ୟ ଯନ୍ତ୍ରଣା । ହସ୍‌ପିଟାଲ୍ ଯିବି । ମାତ୍ର ଗାଡି କିଏ ଚଳାଇବ! ଟ୍ୟାକ୍‌ସି ନେଇଗଲେ ପୁଣି ଝମେଲା । ଗାଡିରୁ ଜିନିଷ କେ ବାହାର କରି କେଉଁଠି ରଖିବି? ୱାର୍ଡରେ ରୁମ୍ ତ ଏ ପର୍ଯ୍ୟନ୍ତ ବୁକ୍ ହୋଇନି । ସି. ଚାନ୍ଦେଲା(ପରିବାର ବନ୍ଧୁ) ଙ୍କ ସାହାଯ୍ୟ ନିଆଯାଇ ପାରେ । ଫୋନ୍ କଲି। ତୁରନ୍ତ ଆସି ପହଞ୍ଚିଗଲେ । ଏମ୍‌ସ ଯିବାକୁ ଇଚ୍ଛା ଥିଲେ ମଧ୍ୟ ମି. ଚନ୍ଦେଲାଙ୍କୁ ଅସୁବିଧା ହେବ । ତେଣୁ ରକ୍‌ଲ୍ୟାଣ୍ଡ ହସ୍‌ପିଟାଲ୍ ପାଇଁ ତାଙ୍କୁ ଅନୁରୋଧ କଲି । ମୋ ଅବସ୍ଥା ଦେଖି ମି: ଚାନ୍ଦେଲା ଭାଙ୍ଗିଲା । ଯେମିତି କିଛି ହୋଇନଥିଲା । ମି: ଚନ୍ଦେଲା ସେଇଠି ସେମିତି ବସି ଢୁଳାଇ ଥିଲେ । ନିଶ୍ଚୟ ତାଙ୍କୁ ବହୁତ ଭୋକ ହେବଣି । ୱାର୍ଡ ବୟକୁ ଡାକି ତାଙ୍କ ପାଇଁ ଖାଇବା ମଗାଇଲି । ମତେ ଭଲ ଦେଖି ମି: ଚାନ୍ଦେଲା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବହୁତ କିଛି କହୁଥିଲେ । ପୁଣି ମୋ ଆଡକୁ ଚାହିଁ କହିଲେ "ମୁଁ ତ ଆଶା ଛାଡି ଦେଇଥିଲି" । ମାତ୍ର ମୁଁ ନୁହେଁ, ମୋର ତ ପାଦ ଥଣ୍ଡା ନଥିଲା ।

ଅର୍ଥାତ??? ପ୍ରଶ୍ନୀଳ ଦୃଷ୍ଟିରେ ମୋ ଆଡକୁ ଚାହିଁ ରହିଲେ ମି: ଚାନ୍ଦେଲା । ଆଉ କିଛି କହିବା ପୂର୍ବରୁ ଡା: ମନୋଜ ଆସି ମୋର ବି.ପି ଚେକ୍ କରି ମତେ ଘରକୁ ଯିବାକୁ କହିଲେ। ଆସନ୍ତା ଦିନ ଏମ୍‌ସ୍‌ରେ କଥାବାର୍ତ୍ତା କରି ଭର୍ତ୍ତୀ ହେଲି । ମାତ୍ର ସବୁ କିଛି ନରମାଲ୍ କହି ଚାରିଦିନ ପରେ ମତେ ଡିସ୍‌ଚାର୍ଯ କରିବାକୁ କହିଥିଲେ । ୩୧ ତାରିଖରେ ଘଟିଥିବା ବିଷୟ ଉପରେ କେତେଜଣଙ୍କ ପାଖରେ ବର୍ଣ୍ଣନା କରିଥିଲି । ସମସ୍ତେ ହସି

ISSN NO.
2582-208X

ଉଡାଇଦେଲେ ମଧ୍ୟ କେତେଜଣ ଏହାର ଅନୁମୋଦନ କରିଥିଲେ । ଡା: ରାଜେଶ (ମୋର ଉପଚାର କରୁଥିବା ) ଙ୍କୁ ବାରମ୍ବାର ପ୍ରଶ୍ନ କରୁଥିଲି, ମୋର ମାନସିକ ସ୍ତର ଠିକ୍ ଅଛି ତ, ସବୁଥର ଉତ୍ତର ଦେଉଥିଲେ "ଆମ ମାନଙ୍କଠାରୁ ବହୁ ଗୁଣରେ ଅଧିକ" ।

ଦିଲ୍ଲୀରେ ଓଡିଆ ଲେଖିକା ସଂସଦ ଗଢିବାର ଆଶା ମନରେ ମାରି ଦେଇଥିଲେ ମଧ୍ୟ ୨୦୧୩ ଜାନୁଆରୀ ମାସରେ ହଠାତ୍ ଯେମିତି ଗୁଜବ ହୋଇ ଉଠିଲା । ପ୍ରଚେଷ୍ଟା କରି ପଚିଶ ମାର୍ଚ୍ଚ ୨୦୧୩ ରେ ସଫଳତା ହାସଲ କଲି । ଯେଉଁ ଭଉଣୀମାନଙ୍କ ସହଯୋଗରେ ଏହା ସାକାର ହେଲା ସେମାନେ ହେଲେ ଦିଲ୍ଲୀର କଲ୍ୟାଣୀ ମିଶ୍ର, ରମାରାଣୀ ହୋତା, ସୁବାସିନୀ ବାରିକ, ଅଳକା ନନ୍ଦ, ସୁବଳା ପଶାୟତ ଏବଂ ରୀତା ନାୟକ । ସୁଦୂର ଓଡିଶାର ଭଉଣୀ ଶ୍ରୀମତୀ ଆଶାଲତା ଦାଶ, ଗୋଲାପ ମଞ୍ଜରୀ କର, ଶକୁନ୍ତଳା ବଳିଆର ସିଂ ଏବଂ ରୁମ୍‌ଝୁମ୍ ଦାସଙ୍କର ପ୍ରୋତ୍ସାହ କୌଣସି ମାତ୍ରାରେ କମ୍ ନୁହେଁ ।

"ଜୀବନ ନଉକା" ର କାମ ଖୁବ୍ ଜୋର୍ ସୋର୍‌ରେ ଆରମ୍ଭ କରି ଦେଇଥିଲି । ବିଶ୍ୱାସ ଆସିଲା । ଏହା ମଧ୍ୟ ସୀମିତ ସମୟ ମଧ୍ୟରେ ଶେଷ କରିପାରିବି । ରହିଲା ପିତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ପରିଯୋଜନା । ଯୋଜନାଟି ବିଶେଷ ଭାବରେ ନୀଜି ଏବଂ ନିଶ୍ଚିତ ଭାବେ କଷ୍ଟସାପେକ୍ଷ । ସରକାରୀ ଚାକୀରୀରେ ଥାଇ ମଧ୍ୟ ବାରମ୍ବାର ପ୍ରୟାସ କରି ୨୦୦୩ ରେ ହାର ମାନିଥିଲି । ବର୍ତ୍ତମାନ ତ ବେକାର । କ'ଣ କରିପାରିବି!!!

୨୦୧୩ ମସିହା ମାର୍ଚ୍ଚର ଏକ ସୁମଧୁର ସନ୍ଧ୍ୟା । ଆଦୁମନ୍ ମୋର ମୋବାଇଲ୍ ଫୋନ୍ ଟଣା ଟଣି କରେ ବୋଲି ଫୋନ୍‌ଟାକୁ ବହି ଥାକ ଭିତରେ ଲୁଚାଇ ରଖିଥାଏ । ସେ ତାର ଖେଳନା ଧରି ଖଟ ଉପରେ କିମ୍ବା ତଳେ କାର୍ପେଟ ଉପରେ ବସି ଖେଳୁଥାଏ । ରୁମ୍ ଭିତରେ ପଶୁପଶୁ ତା ଦରୋ ଭାଷାରେ କହିଲା, ଦାଦୀମା ତମ ଫୋନ୍ । ପ୍ରଥମେ ଭାବିଲି ମୋବାଇଲ୍ ମାଗୁଛି । କହିଲି "ତୋ ବାପା କେଉଁଠି ଲୁଚାଇ ରଖିଯାଇଛି" । ଅଫିସ୍‌ରୁ ଫେରିଲେ ମାଗି ନେବା । ଆଉ କିଛି ନ କହି ସେ ଖଟରୁ ଓହ୍ଲାଇ ମୋ ହାତଧରି ବହି ଥାକ ପର୍ଯ୍ୟନ୍ତ ନେଇ କହିଲା "ହିଅର ଫୋନ୍" । ନିଜକୁ ବଞ୍ଚାଇବାକୁ କହିଲି, "ଆଚ୍ଛା ଏଇଠି ଲୁଚାଇଛି"! ସେ ଆଉ କିଛି ନ କହି ଖେଳିବା ପାଇଁ ମୋ ହାତଧରି ଟାଣିଲା । ଫୋନ୍ ଉଠାଇ ଦେଖିଲି । ଚାରିଟା ମିସ୍‌ଡ କଲ୍ ବଡନନାଙ୍କ ଠାରୁ । କ'ଣ ଜରୁରୀ ହୋଇପାରେ!

ISSN NO.
2582-208X

ରୁମ୍ ବାହାରକୁ ଆସି ବ୍ୟସ୍ତହୋଇ ଫୋନ୍ କଲି ।

କ'ଣ ବ୍ୟସ୍ତ ଥିଲୁ କି? ଚାରିଥର ଫୋନ୍ କରିଥିଲି ।

ହଁ ଏବେ ଦେଖିଲି, କ'ଣ ହେଲା?

କାଲି ପିଲାମାନେ ଗୋଟିଏ ବାହାଘର ପାର୍ଟି ପାଇଁ ଆମ ଗାଁ ଦେଇ ଯାଇଥିଲେ । ଜୋଇଁଙ୍କୁ ଆମ ଘର ପରିସରଟି ଭଲ ଲାଗିଲା । ଜେଜେବାପାଙ୍କ ପାଇଁ ଏଇଟି କିଛି ଗୋଟାଏ କଲେ ଭଲ ହୁଅନ୍ତା ନି!" ଗୋଲକା, ବାଜ (ଆମର ସଂପର୍କିୟ ଭାଇ) ହେରିକେ କହିଲେ ଯେ ତୁ ସେଥିପାଇଁ ବହୁ ଚେଷ୍ଟା କରି ହାରମାନିଛୁ । ହେଲେ ଜ୍ୱାଇଁ ସେଠାରେ ଗୋଟିଏ ନେତ୍ର ଚିକିତ୍ସାଳୟ ଗଢାଇବା ପାଇଁ ତତ୍ପର ହୋଇ ଉଠିଛନ୍ତି । ତୁ' ତ ଜାଣିଛୁ ସେ ବହୁ ପାରିବାର। ଏବେ ପୁଣି ସେ ସରକାରଙ୍କ ସହ ଅଛନ୍ତି । ଆନନ୍ଦରେ ବିଭୋରିତ ହୋଇ କହିଲି "ଜାଣିଛି ସେ ଯେଉଁ କାମରେ ହାତ ଦିଅନ୍ତି ତାକୁ ପୁରା କରିଥାନ୍ତି । ଈଶ୍ୱରଙ୍କ କୃପାରୁ ଯୋଜନାଟି ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ।"

ମେ ମାସ ଶେଷ ସପ୍ତାହରେ ଆମେ ତିନି ଭାଇ ଭଉଣୀ,ଝିଅ ଜ୍ୱାଇଁଙ୍କ ସହ ଯାଇ ସ୍ଥାନଟିର ପରୀଦକ୍ଷଣ କରି ଯୋଜନାର ସମସ୍ତ ବ୍ୟବସ୍ଥା କରିବା ପାଇଁ ତତ୍ପର ହୋଇ ଉଠିଲୁ । ଏଇ ଯୋଜନାଟି ପ୍ରଥମ ଅଗଷ୍ଟ ୨୦୧୯ ପୂର୍ବରୁ ସଂପୂର୍ଣ୍ଣ ହେଉ ବୋଲି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଥିଲି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ଡିସେମ୍ବର-୨୦୨୨
www.vedantimagazine.com
ISSN NO.
2582-208X

# ଜୟ ଦୁର୍ଗା ମା



ସୌମ୍ୟରଞ୍ଜନ ଷଡ଼ଙ୍ଗୀ

କାଶତଣ୍ଡି ଫୁଲ ଫୁଟିଲା ଦେଖ ଦିବସ ଛୋଟ
କେତେ ଆଡମ୍ବରେ ମହିଷାମର୍ଦ୍ଦିନ ମାଆ ହେଲେ ପ୍ରକଟ ॥
ଜଗତର ପାପ ଭାରକୁ ନିଶେଷ କରିବା ପାଇଁ
ଏହି ଧରାଧାମେ ତୁମର ଆଗମନ ହୁଅଇ ॥
ଧରି କାଳୀ-ଚଣ୍ଡୀ ରୂପ ଧର ଖଣ୍ଡା ଯେ ଖର୍ପର
ନାରୀ ଶକ୍ତି କୁ ମା ଜାଗରଣ କରି ତୁ ନାରୀର ଜୀବନ ସାର ॥
ଦଶଭୂଜା ମାଲୋ ଦୁରିତ ନାସିନି ଦୁର୍ଗତିକୁ ଦୂର କର
ଚଣ୍ଡ ମୁଣ୍ଡ ପରି ପାପିମାନଙ୍କୁ ମା ଖଡ୍ଗେ ନାସ କର ॥
କଟକ ସହରେ ଚାନ୍ଦି ମେଢେ ମା ଲୋ ଚଣ୍ଡୀ ପାଠ ଶୁଭିଲାଣି
ବ୍ରାହ୍ମଣର ବେଦ ପାଠରେ ସତେକି ଉଭା ହେଲୁଣି ॥
ସତରେ ମା ତୁ ଶକ୍ତି ସ୍ୱରୂପିଣୀ ନାହିଁ ଯେ ତୋର ଉପମା
ଧନ ପ୍ରଦାୟନି ଦୂରିତ ନାଶିନି ରୁଦ୍ରଙ୍କର ତୁ ବାମା ॥
ମହିଷାସୁରର ପାପ ବଢିଲା ମାରି ନ ପାରିଲେ କେହି
ମହିଷାମର୍ଦ୍ଦିନି ରୂପରେ ମା ଗୋ ମାରିଲୁ ତୁହି ॥

ISSN NO.
2582-208X

ତୁହି କାଳୀ ତୁହି ତାରା ମାଆ ତୁହି ଷୋଡଶୀ ମା ତୁ ଭୁବନେଶ୍ୱରୀ
ଛିନ୍ନମସ୍ତା ତୁହି ସିଦ୍ଧି ପ୍ରଦାୟିନୀ ଧୂମାବତୀ ମା ଗୋ ବଗଳାମୂଖୀ ॥
ମତଙ୍ଗୀ ରୂପେ ମା ବିଦ୍ୟା ପ୍ରଦାୟନି କମଳା ରୂପେ ମା ଧନ ଦାଇନି
ଏହି ଦହ ରୂପ ତୋହର ଯେ କୃତ ତୁହି ପରା ମାଆ ସିଂହବାହିନୀ ॥
ମୁହିଁ ଯେ ତୋହର ଅଜ୍ଞାନୀ ସନ୍ତାନ କରୁଛି ପ୍ରଣତି ତତେ
ତୁମ ଆଶିଷ ଜ୍ଞାନ ଲାଭ ହେଉ ମୋହରି ଏହି ଚିତେ ॥
ଜୟ ଜୟ ଜୟ ତୁହି ଦୁର୍ଗତିନାସିନି
ଜୟ ଜୟ ଦୁର୍ଗା ମା ॥

କଣ୍ଟିପାଳ, କେଉଁଝର

ISSN NO.
2582-208X

# କାଶତଣ୍ଡୀ !



ରାଧାମୋହନ ପୂଜାହାରୀ

ଧବଳ ପାଟେ ରୂପସୀ ବେଶେ
ଦେଖ ଆସିଛି ଆଜି,
ଧରଣୀରାଣୀ କୋଳେ ହସୁଛି
ଶାନ୍ତି-ପ୍ରତୀକ ସାଜି ।
ବିତରୁଅଛି ଖୁସିଲହରୀ
ଏ ବନେ ଉପବନେ,
ଧବଳମତୀ ସେ କାଶତଣ୍ଡୀ
ଶରତ ଆଗମନେ । (୧)

ଶୋଭା ବଢ଼ାଏ ବସୁମତୀର
ପ୍ରତିଟି ଶରତରେ,
ସ୍ୱାଗତ କରେ ଦଶଭୂଜାଙ୍କୁ
ଆସିଏ ମରତରେ ।
ରୂପ ସୌନ୍ଦର୍ଯ୍ୟ ତା' ରବି କରେ
ଦେଖ ଝଲସେ ଆଜି,
ବସୁଧା କୋଳେ ଲୋଟୁଛି ସିଏ
ଶରତରାଣୀ ସାଜି । (୨)

ISSN NO.
2582-208X

ଦୁଃଖ ନାହିଁତା' ତିଳେମାତ୍ର ବି
ବାସନା ନାହିଁ ବୋଲି,
ପଥପ୍ରାନ୍ତରେ ଆନନ୍ଦ ମନେ
ପବନେ ଖେଳେ ଦୋଳି ।
ଲୋଡ଼ା ନାହିଁ ତା' ପାଇଁ ଉଦ୍ୟାନ
ଅବା ମାଳିର ଯତ୍ନ,
ନଦୀପଠାରେ ବିଲ ପାଖରେ
ଫୁଟଇ ସେହି ରତ୍ନ । (୩)

ଏ ପ୍ରକୃତିର ସୃଷ୍ଟି ବିଚିତ୍ର
ଲାଗଇ ମନେ ଦୁଃଖ,
ପାଇପାରେନି ସେ କାଶତଣ୍ଡୀ
ଦେବ-ସେବାର ସୁଖ ।
ତଥାପି ସେ ତା' ଶୋଭାରାଜିରେ
ହରଷେ ଜନ-ମନ,
ଶରତେ ତା'କୁ ଦୁନିଆଁ ଖୋଜେ
ଖୋଜେ ଏ ଭୂଇଁ-ବନ । (୪)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ତାଳଚେର, ଜିଲ୍ଲା : ଅନୁଗୋଳ

ISSN NO.
2582-208X

# ମମତା



ନନ୍ଦିନୀ ସ୍ୱାଇଁ

ମମତା ପାଶେ ହୀରା କେବେ ରେ
ହୋଇ ପାରିବନି ବଡ଼,
ବଡ଼ ବୀର ହୋଇ ହୃଦୟ ହୀନ ଯେ
ଜିତି ପାରିବନି ଗଡ଼ ।
ଶାନ୍ତି ପ୍ରତୀକ ଅହିଂସା ପାଶେ
ସବୁତ ଅଟେ ସାନ,
ପର ଆପଣା ନୁହେଁ ରେ କେହି
ସଭିଏଁ ଆମେ ସମାନ ।
ଧନୀ ଗରିବ ଭିତରେ ଭେଦ
ଆଣିବ ନାହିଁ କେବେ,
ରହେନା ଧନୀ କି ବା ଗରିବ
ସମସ୍ତେ ଦିନେ ଯିବେ ।
ବିଶ୍ୱ ପରା ଅଟେ ଏକ ପରିବାର
ଶାସ୍ତ୍ର ତ ଯାଇଛି କହି,
ସଭିଏଁ ଆମେ ଗୋଟିଏ ମାଆ ର
ଆମେ ପରା ଭାଇ ଭାଇ ।
ଧର୍ମ ନାମ ରେ କର ନାହିଁ ରୋଷ
ଏହା ଅଟେ ବଡ଼ ପାପ,
ଯିଏ ତ ଯୀଶୁ ସିଏ ଈଶ୍ୱର ରେ
ଗୁଣ ତାଙ୍କର ଅମାପ ।
ମୁକୁତା ଝରା ହସ ରୁ ଝରେ
ପ୍ରୀତି ପିୟୁଷର ଧାର,
ପୃଥିବୀ ଆମ କେଡେ ସୁନ୍ଦର
ଆମେ ତ, ତା କାରିଗର ।
ଏଇଠି ଆମେ ଜନ୍ମ ହୋଇଛେ
ଏଇଠି ତ ମିଶି ଯିବା,
ସମତା ଆଉ ମମତା ଦେଇ
ସଭିଏଁ ଏକ ଯେ ଏକ ହେବା ।

ବାଲିପଟା, ଅନୁଗୁଳ

ISSN NO.
2582-208X

# ମାଆଙ୍କୁ ମାଗୁଣି



ଜୟ କୁମାର ମିଶ୍ର

କଲ୍ୟାଣ ମୟୀ, ମଙ୍ଗଳ ମୟୀ
ଜଗତ ମାଆ ତୁହି,
ଚାହିଁଛି ବାଟ, ହୋଇ ଉଚ୍ଚାଟ
ଦରଶନର ପାଇଁ ।
ପାପ ନାଶିନୀ, ମାଆ ଜନନୀ
ଦଶ ଭୁଜାଗୋ ତୁହି,
ପାପ ସଂହାରି, ରଖ ଗଉରୀ
ଜଣାଣ କରେ ମୁହିଁ ।
ନର ରାକ୍ଷାସ, ମଦିରା ରସ
ପିଇ ମାତାଲ ହୋଇ,
ଅସହ୍ୟ ଦୁଃଖ, ଦିଅଇ ଶୋକ
ନିରୀହ ହୁଏ ବାଇ ।
କ୍ଷମତା ଧାରୀ, ହୋଇ ବେମାରୀ
ହିତାହିତକୁ ଭୁଲେ,
ଧରାକୁ ସରା, ମଣଇ ପରା
ଅମା ଅଜ୍ଞାନ ତୁଲେ ।
ଝିଅ ବୋହୂଙ୍କ, ଅକୁହା ଦୁଃଖ
ଦଇତ୍ୟ ଭାବ ପରେ,

ଘେନେ ଇଜ୍ଜତ, ଘେନେ ମହତ
କଳଙ୍କ, ନିନ୍ଦା ଶିରେ ।
ପ୍ରକୃତି ହୁଏ, ବିକୃତି ଆଜି
ଧନ ସର୍ବସ୍ୱ ମନ,
ମଦ ମତ୍ତରେ, ହେୟ ଭାବରେ
ମାତନ୍ତି ମୂଢ଼ ଜନ ।
ମହିଷା ମାରି, ଜଗତ ତାରି
ମହିଷା ମର୍ଦ୍ଦିନୀ ହେଲ
ଆଜିର ଦିନେ, ମହିଷା ଜନେ
କରନ୍ତି କଲବଲ ।
ଗୁରୁ ଗଉରବ, ସମ୍ମାନ ଭାବ
ଅପସରି ସେ ଯାଏ,
ଅହଂକାରରେ, ବିଷ ଉଦଗାରେ
ଉଦଣ୍ଡ ସୀମା ଡିଏଁ ।
ହୁଏ ଅସହ୍ୟ, କୋକୁଆ ଭୟ
କାଳ କୀଙ୍କର ସବୁ,
ନିଇତି ଡରି, ଭୟରେ ଥରି
ଡାକନ୍ତି ପ୍ରଭୁ ପ୍ରଭୁ ।

ISSN NO.
2582-208X

ସ୍ୱାଧୀନ ହଜେ, ସୁଖ ବି ହଜେ
ହଜେ ମୁଲକ, ଶିରୀ,
ନର ରାକ୍ଷସ, ଭୁଂଜି, ସର୍ବସ୍ୱ
ମାରଇ ବାହାଦୂରୀ ।
ମାଆ ମଙ୍ଗଳା, ମାଆ ଶାରଳା
ସ୍ନେହ ବତ୍ସଳା ତୁହି,
ତୋ ସ୍ନେହ ଦେଇ, ରଖ ଗୋ ତୁହି
ଧରମରେ ଏ ମହୀ ।
କରେ ଗୁହାରୀ, ଆଗୋ ଗଉରୀ
ଭଗବତୀ ତୋ ନାଆ,
କଟକ ଚଣ୍ଡି, ତୋ ପାଦେ ବନ୍ଦୀ
ଶରଣ ଗଲି ଯାହା ।
ଆଗୋ ଶୀତଳା, ମାଆ ଚଞ୍ଚଳା
ଶାରଳା ନାମ ତୋର,
କରେ ମିନତୀ, କରି ଭକତି
ଦିଅ କରୁଣା, ବର ।
ସଦବୁଦ୍ଧି ଦିଅ, ଦୁର୍ବୁଦ୍ଧି ନିଅ
ଦିଅ ଗୋ ସୁଖ, ଶାନ୍ତି,
ଭ୍ରାତୃ ଭାବନା, ସମ୍ପର୍କ ଦାନା
ରଖ ଗୋ ମାତ ନିତି ।
ଯୁଦ୍ଧ ପ୍ରଳୟ, କର ମା କ୍ଷୟ
ଦେଉଛି ବଡ଼ ଭୟ,
ହୋଇବୁ ସାହା, ଦେଖାଇ ରାହା
ମାଗୁଣି କରେ ଜୟ ।

ବୁଦୁରୁ, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ପୁଅ



ଅଧର ବିଶ୍ୱାଳ

ତିନି ଦିନି ହେଲାଣି କହୁଛି, ଛେନା ଟିକେ ଆଣିଲେ ପିଠା ଟିକେ କରିବି, ଶୁଣୁବି ନାହାନ୍ତି । କଣ ଶୁଭୁଚି ନା ନାହିଁ  ଆଖି ସହିତ କଣ କାନ ଦିଟା ଭି ପେପର ଭିତରେ ମାଡି ଦେଇଛ ନା କଣ  । ଚିନୁର ଜନ୍ମଦିନ ଆଉ ମାତ୍ର ଚାରି ଦିନ ରହିଲା, ପୁଣି ବାହାଘର ପରର ପ୍ରଥମ ଜନ୍ମଦିନ । ମନେ ଅଛି ନା ନାହିଁ  ?

ହଁ, ହଁ ସବୁ ମନେ ଅଛି । ପେପର ଉପରୁ ମୁହଁ ଉଠାଇ ଅର୍ଦ୍ଧାଙ୍ଗିନୀକୁ ଜବାବ ଦେଲେ ପ୍ରଦୋଷ ବାବୁ । ଗୋବରା ଗଉଡକୁ କହିଛି, ଆଜି ସେ ଆଣି ଛେନା ଦେଇଯିବ । ଏଥର ମୁଁ ପ୍ଲାନିଂ କରିଛି ଚିନୁକୁ ତା ଜନ୍ମ ଦିନରେ ସରପ୍ରାଇଜ ଦେବି । ତମେ ଯିବ ନା ନାହିଁ । ଗାଈଟା ଆଉ ଦୁଇ କି ତିନି ଦିନ ପରେ ଛୁଆ ଦବ, ଦୁଇଜଣ ଯାଙ୍କ ପଳେଇଲେ ଏଠି କିଏ ସମ୍ଭାଳିବ, ଉତ୍ତର ରଖିଲେ ଧର୍ମପତ୍ନୀ ।

ଚିନ୍ମୟ, ପ୍ରଦୋଷ ବାବୁଙ୍କର ଏକ ମାତ୍ର ସନ୍ତାନ, ଶ୍ରଦ୍ଧା ନାଁ ଚିନୁ । ବହୁତ ସୁଧାର ପିଲା । ମାଛିକୁ ମଁ ବି କହେନା । ତେଣୁ ତାକୁ ଗାଁରେ ସମସ୍ତେ ଭଲ ପାଆନ୍ତି । ଚିନୁ ଇଞ୍ଜିନିଅରିଙ୍ଗ ପାସ କରି ବାଙ୍ଗାଲୋରରେ ଏକ ମଲ୍ଟିନାସନାଲ କମ୍ପାନୀରେ କାମ କରୁଛି । ପ୍ରଦୋଷ ବାବୁ ଆଠ ମାସ ହେବ ସରକାରୀ ଚାକିରିରୁ ଅବସର ନେଇଛନ୍ତି । ଅବସର ପୂର୍ବରୁ ସେ ଚିନୁର ବାହାଘର କାମଟା ସାରି ଦେଇଛନ୍ତି । ବହୁଟା ଦେଖିବାକୁ ଯେମିତି, ଗୁଣରେ ବି ସେମିତି । ଗୋଟିଏ ଚାଉଳରେ ଗଢା । ପୁଅ ଖାଇବା ପିଇବାରେ ହଇରାଣ ହେବ ବୋଲି, ବାହାଘରର ଗୋଟିଏ ମାସ ପରେ ପ୍ରଦୋଷ ବାବୁ ବୋହୁକୁ ନେଇ ପୁଅ ପାଖରେ ଛାଡି ଦେଇ ଆସିଲେ ।

ISSN NO.
2582-208X

ଘରେ ଏବେ ମାମୁଁ ମାଇଁ ଦୁଇ ପ୍ରାଣୀ I ଚିନୁ ବାଙ୍ଗାଲୋରରେ ଏକ ଫ୍ଲାଟ ଭଡାରେ ନେଇଛି I ପ୍ରତିବର୍ଷ ପ୍ରଦୋଷ ବାବୁ ପତ୍ନୀଙ୍କ ସହ ଚିନୁ ପାଖକୁ ଯାଆନ୍ତି, ତା ଜନ୍ମଦିନ ପାଳିବା ପାଇଁ I ଏଥର ଯେହେତୁ ପୁଅ ବାହାଘର ପରର ପ୍ରଥମ ଜନ୍ମ ଦିନ, ସେ ଚିନ୍ତା କରିଛନ୍ତି ପୁଅକୁ ଗୋଟେ ସରପ୍ରାଇଜ ଦେବେ I

ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ, ପ୍ରଦୋଷ ବାବୁ ଛଙ୍କା ମଣ୍ଡା, ଗୁଆଘିଅ, ଅରୁଆ ଚାଉଳ, ଢ଼ିଙ୍କିକୁଟା ଚୁଡା, ନଡ଼ିଆ, ବାଡ଼ି କଦଳୀ, ପୁଅ ଯାହାସବୁ ଭଲପାଏ ଧରି ବାହାରିଲେ ବାଙ୍ଗାଲୋର I ସନ୍ଧ୍ୟା ଠିକ ସାତଟା ବେଳେ ଚିନୁର ଆପାର୍ଟମେଣ୍ଟ ପାଖରେ ପହଂଚି ବୋହୂକୁ ମୋବାଇଲିରେ ଫୋନ କଲେ I ଆରେ ମା ଭଲରେ ଅଛତ, ଚିନୁ ଘରେ ଅଛି ନାଁ ନାହିଁ I ସେପଟରୁ ଉତର ଆସିଲା, ବାପା ଆମେ କାଲିଠାରୁ ଉଟି ଆସିଛୁ, ଦୁଇଦିନ ପରେ ଫେରିବୁ I ପ୍ରଦୋଷ ବାବୁଙ୍କ ମୁଣ୍ଡରେ ଚଡକ ପଡିଲା, ରାତି ହେଲାଣି ଯିବେ କୁଆଡେ I ବାଙ୍ଗାଲୋରରେ ତ ତାଙ୍କର କେହି ଜଣାଶୁଣା ବି ନାହାନ୍ତି I ମୋବାଇଲିରେ ଚାର୍ଜ ବି ସରିଆସିଲାଣି I ନଥକରି ବସି ପଡିଲେ ଆପାର୍ଟମେଣ୍ଟର ସିକୁରିଟି ସେଡ ପାଖରେ I ସୌଭାଗ୍ୟବସତଃ ସିକୁରିଟି ଜଣଙ୍କ ଓଡ଼ିଆ ଲୋକ ଥିଲା I ସେ ପ୍ରଦୋଷ ବାବୁଙ୍କୁ ଫୋନରେ ଓଡ଼ିଆରେ କଥା ହେବାର ଶୁଣି, ପାଖକୁ ଆସି ପଚାରିଲା ସାର କେତେ ନମ୍ବର ଫ୍ଲାଟକୁ ଯିବେ I ସିକୁରିଟିକୁ ଓଡ଼ିଆ ଲୋକ ଜାଣିସାରିଲାପରେ ପ୍ରଦୋଷ ବାବୁଙ୍କର ହୋସ ପଶିଲା I କହିଲେ ବାବୁରେ ମୋ ଫୋନଟା ଆଗେ ଟିକେ ଚାର୍ଜରେ ବସାଇଦେଲୁ I ହଁ, ମୁଁ ଚିନ୍ମୟ ସ୍ଵାଇଁଙ୍କ ବାପା I ତାକୁ ନଜଣେଇ ମୁଁ ଆସିଯାଇଛି, କିନ୍ତୁ ସେ ଉଟି ପଳାଇ ଯାଇଛି I

ହେଲେ ଚିନ୍ମୟ ସାର ତ ଏବେ ଅଫିସରୁ ଫେରି ଫ୍ଲାଟକୁ ଗଲେ, ଦୁଇ ଦିନ ହେଲା ତାଙ୍କ ଶାଶୁ, ଶଶୁର ଓ ଶାଳୀ ଆସିଛନ୍ତି I ଆସନ୍ତାକାଲି ତାଙ୍କ ଜନ୍ମଦିନ ପାଇଁ କମ୍ୟୁନିଟି ହଲରେ ପାର୍ଟି ରଖିଛନ୍ତି I ସିକୁରିଟି ପାଖରୁ ଏ କଥା ଶୁଣି ପ୍ରଦୋଷ ବାବୁ ନୀରବରେ କିଛି ସମୟ ସେଠାରେ ବସି ରହିଲେ I କଣ କରିବେ କିଛି ଭାବିପାରୁନାହାନ୍ତି I ସିକୁରିଟି ପାଖରୁ ଫୋନ ମାଗି ଧର୍ମପତ୍ନୀଙ୍କୁ କଥା ହେଲେ, ହଁ, ମୁଁ ଚିନୁ ପାଖରେ ଭଲରେ ପହଂଚି ଗଲି, ସେ ଅଫିସରୁ ଆସି ନାହିଁ, ଏଠି ନେଟୱ୍ୱର୍କ ବିଲକୁଲ ନାହିଁ, ତମେ ମତେ ଫୋନ କରିବ ନାହିଁ, ମୁଁ ଗଲେ କଥା ହବା I ପ୍ରଦୋଷ ବାବୁଙ୍କର ମନ ବୁଝିଲା ନାହିଁ, ଚିନୁ ପାଖକୁ ଫୋନ ଲଗାଇଲେ I ପ୍ରଦୋଷ ବାବୁ କିଛି କହିବା ଆଗରୁ ଉତ୍ତର ଆସିଲା, ବାପା ଆମେ ଉଟି

ISSN NO.
2582-208X

ଆସିଛୁ, ତମେ ଏଥର ମୋ ଜନ୍ମ ଦିନକୁ ଆସିବ ନାହିଁ, ଆରଥର ମୋ ଜନ୍ମ ଦିନ ଗାଁରେ କରିବା, ବୋଉକୁ କହିଦେବ ମନଦୁଃଖ କରିବନାହିଁ । ହଉ ବାପା ମୁଁ ରହୁଛି, ଫେରିଲେ କଥା ହେବି । ଫୋନଟି କଟିଗଲା ।

ପ୍ରଦୋଷ ବାବୁଙ୍କ ପାଟିରୁ ଅଜଣାତରେ ବାହାରି ପଡିଲା, ହଉରେ ବାବା ତୁ ସଦା ସର୍ବଦା ଖୁସିରେ ରହ । ସିକୁରିଟି ଗାର୍ଡଟି ସେତେବେଳକୁ ସବୁ କଥା ଜାଣି ସାରିଲାଣି । ପ୍ରଦୋଷ ବାବୁଙ୍କୁ ଅନେଇ କହିଲା, ସାର ଆପଣ ଏବେ ଯିବେ କୁଆଡେ, ଯଦି କିଛି ନଭାବିବେ ତାହେଲେ ଆଜି ରାତିଟା ମୋ ଘରେ ରହି ପାରନ୍ତି । ଏଇ ପାଖରେ ମୋ ଘର, ମୁଁ କେବେବି ଚିନ୍ମୟ ବାବୁଙ୍କୁ ଏ କଥା କହିବି ନାହିଁ । ପ୍ରଦୋଷ ବାବୁ ଟିକେ ନିରବ ରହି କହିଲେ ଠିକ ଅଛି, କିନ୍ତୁ ଗୋଟାଏ ସର୍ତ୍ତରେ, ଏ ଜିନିଷ ଗୁଡାକ ତୁ ତୋ ଘରକୁ ନେବୁ । ସିକୁରିଟି ଗାର୍ଡ ଟିକେ ହସିଦେଇ କହିଲା, ଏ ଗୁଡାକ ଆପଣ ଆପଣଙ୍କ ପୁଅ ପାଇଁ ଏତେ ଶ୍ରଦ୍ଧାରେ ଆଣିଛନ୍ତି, ମୁଁ ସେଗୁଡ଼କ ନବା ଠିକ ହେବନି । ଏ ଗୁଡାକ ଏଇଠି ଥାଉ, ଆସନ୍ତାକାଲି ମୁଁ ସାରଙ୍କୁ ଦେଇଦେବି, କହିବି, ଆପଣଙ୍କ ବାପା ଆମ ଗାଁ ର ଗୋଟେ ପିଲା ହାତରେ ପଠାଇଛନ୍ତି । ସେଇଆ ହିଁ ହେଲା, ପ୍ରଦୋଷ ବାବୁ ରାତିଟା ସିକୁରିଟି ଗାର୍ଡ ଘରେ ରହି ଗାଁକୁ ଫେରିଲେ । ସେହି ଦିନଠାରୁ ପ୍ରଦୋଷ ବାବୁ ଆଉ କେବେବି ବାଙ୍ଗାଲୋର ଯାଇ ନାହାନ୍ତି ।

ଜୟଦେବବିହାର, ଭୁବନେଶ୍ୱର

ISSN NO.
2582-208X

# ପରିବେଶ



କୀର୍ତ୍ତି ଦେବୀ

ଚାରି ଦିଗକୁ ଧାରଣ କରିଛୁ ତୁ

ଜଗତକୁ ଜୀବନ ଦେଇଛୁ ତୁ

ଯେଉଁଠାରେ ତତେ ସମସ୍ତେ କରନ୍ତି ଆଦର

ସେଠାରେ ତୁ ଚିର ଶାନ୍ତ ସୁଧାର

ତୋ ସାଙ୍ଗେ ଖେଳିଲେ ତାଣ୍ଡବ ରଚଇ ତୁ

ଚାରା ରୋପଣ କରି ଜୀବଜନ୍ତୁକୁ ଖୁସି କଲେ

ତୁ ପ୍ରସନ୍ନ ହେଉ

ତୋ ପାଇଁ ଆଜି ସାରା ବିଶ୍ୱ ଚିନ୍ତିତ

ତଥାପି ଥରଟିଏ ଦୋଷ ମାନିବାକୁ

ମାନବ ସମାଜ ଦିଏ ପଛ ଘୁଞ୍ଚା ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋ: ୯୫୮୩୮୩୩୮୨୭

ISSN NO.
2582-208X

# ମୋ ଗାଁଆ



ସୁବ୍ରତ କୁମାର ପ୍ରଧାନ

ସ୍ନେହ ପ୍ରେମ ଢାଳ ବିମୋହିତ କରେ
ମୋ ଗାଁଆ ପାଣି ପବନ
ମୋ ଗାଁ ସଂସ୍କୃତି ଭାଇଚାରା ପ୍ରିତି
ମାଟି ମୋ ମଥା ଚନ୍ଦନ ।
ଶାକ ତଣ୍ଡୁଳ ରେ ତନୁ ଅଛି ଗଢି
ତା ବିପୁଳ ପ୍ରତିଦାନେ
ଯେତେ ଦୂରେ ଥିଲେ ହୃଦୟ ଅନ୍ତରେ
ବାର ବାର ଆସୁ ମନେ ।
ମଧ୍ୟ ସ୍ଥଳେ ରହି ମା ଦକ୍ଷିଣକାଳୀ
ଢାଳୁଛି କୃପା ଆଶିଷ
ବାତ୍ସଲ୍ୟ ଦାୟିନୀ ଦୁଃଖ ନିବାରଣୀ
ଚରଣେ ସର୍ବେ ଆଶ୍ରିତ ।
ସୂରୁଜ ଆସଇ ପାହାଡ଼ ଫାଙ୍କରୁ
ମୋ ଗାଁ ରେ ପାହେ ରାତି
କୁଆଁରୀ ବାଳିକା ପୁଚି ଖେଳ ଦେଖି
ଲାଜେ ମରେ ଜହ୍ନ ରାତି ।

ଶୀତ ସକାଳରେ ନିଆଁ ପୋଇ ସରେ
କୃଷକ ସକାଳ ଖିଆ
ପୁନିଅ ପରବେ ଏକତାର ଭାବେ
ଦିଅନ୍ତୁ ହିଆ କୁ ହିଆ ।
ମୋ ଗାଁ ପରିକା ଗାଁ ନାହିଁ ଆଉ
ଗରବେ ଫୁଲେ ମୋ ଛାତି
ତା ସେବାରେ ସଦା ଜୀବନ ଢାଳିବି
ଜୀଇଁ ଥିବା ଯାଏ ନିତି ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ - ୯୮୭୧୯୭୦୪୧୮

ISSN NO.
2582-208X

# ଗଣ୍ଠିଲି



ଦୁଷ୍ମନ୍ତ ବେହେର

ଦୁଃଖର ଗଣ୍ଠିଲି ବାନ୍ଧୁ ବାନ୍ଧୁ ଏଠି
ଲୁହର ଗଣ୍ଠିଲି ଭସି ଯାଉଛି
କଣ କହିବି ଜୀବନ ଗଣ୍ଠିଲି
ଭସୁଛିରେ ଭାବନା ଲୁହରେ!!!

ବୋଝକୁ ରଖିଲି ମନକୁ ରଖିଲି
ରଖିଲି ରେ ଗଣ୍ଠିଲି ତୁମକୁ
କଣ କହିବି ଏ ଯନ୍ତ୍ରଣା ଦୁଃଖ ର
କଉ ଗଣ୍ଠିଲି ଫିଟାଇ ଦେଖେଇବି!!!

ଜୀବନ ଯାତନା ଭସୁଛି ଏଠି
ଭସୁଛି ଭାବନା ସୁଅରେ
ଭାବିଲ୍ ବେଳକୁ ଗଣ୍ଠିଲି ଫିଟୁଛି
ବାନ୍ଧିଲା ବେଳକୁ ସମୟ ନାହିଁ!!!

ତୁମେ ଗଣ୍ଠିଲି ଜୀବନ ଗଣ୍ଠିଲି
ବୋହିଲା ବେଳକୁ ଜୀବନ ର
ଓଜନ ଗଣ୍ଠିଲି ରେ ଭାସୁଛି
ଭାସୁଛିରେ ଜୀବନ ଟିକକ!!!

ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ମାଟି



ଲୀଳାବତୀ ପରିଡ଼ା

ମାଟି ମୋର ମାଆ ମାଟି ମୋର ସାହା
ଅଟେ ଜୀବନର ଗହା ।
ଜନନୀ ଜଠରୁ ପଡ଼ିଲି ମୁଁ ଯେବେ
କରିଥିଲା ମୋତେ ଆହା ।
କୁଆଁ କୁଆଁ ରବେ ରହା ଧରିଲି ମୁଁ
ଆଦରି ନେଲା ତା କୋଳେ,
ଜଡାଇ ଧରିଲା ଛାତିରେ ତାହାର
ନିଦ ଆସିଲା ମୋ ଡୋଳେ ।
ଶୀତଳ ମଧୁର ତା ଝରଣା ଜଳ
ତୃପ୍ତ ହେଲି ପାନ କରି,
ତା ସୁନାକ୍ଷେତର ଶସ୍ୟ ଫଳ ମୂଳ
ଖାଇଲି ମୁଁ ମନ ଭରି ।
ରତ୍ନ ଗର୍ଭା ସେ ଯେ ସାଇତି ରଖିଛି
ଖଣିରେ କୋଇଲା ହୀରା,

ସୁନା ରୁପା ଲୁହା ବକସାଇଟ ଯେ
ମାଙ୍ଗାନିଜ ଧାତୁ ପରା ।
ନିଜ ସ୍ୱାର୍ଥ ପାଇଁ ଖୋଳ ତାଡି ତାକୁ
ଦେଉଛି ମୁଁ କେତେ କଷ୍ଟ,
ସୁନ୍ଦର ଶରୀର କ୍ଷତ ଯେ ବିକ୍ଷତ
ସବୁଜିମା ହୁଏ ନଷ୍ଟ ।
ତା ଗଛରିପାଖର ସୁଲୁ ସୁଲୁ ବାଆ
ପରାଣ ରଖିଲା ମୋର,
ନାଚ କୁଦି ଖେଳ ଏଡୁଟିଏ ହେଲି
କରିନ ସେ କେବେ ପର ।

କୁଟୁଣିଆଁ,ହିନ୍ଦୋଳ, ଢେଙ୍କାନାଳ
ମୋ ନ- ୯୮୭୧୯୪୫୬୨୬

ISSN NO.
2582-208X

# ଚାକର



ଶିବରାମ ଦଳେଇ

ଟେବୁଲ ଉପରେ ଫୋନ ଗର୍ଜି ଉଠିଲା । ନିତିନ ଟେବୁଲ ଉପରୁ ଫୋନ ଉଠେଇ ଦେଖିଲା, ପତ୍ନୀ ସବିତା ର ଫୋନ ।ଏବେ ଏବେ ତ ଅଫିସ ଆସିଲି, ଫୋନ........ପୁଣି କଣ ପାଇଁ ଫୋନ ରିସିଭ କଲା ।

ସେପଟୁ ଶୁଭିଲା ହଁ ଶୁଣ ଆଜି ଏ ଘରେ ସେ ରହିବ ନଚେତ ମୁଁ ।

ଆରେ ଆମ ଘରେ ତ ଆମେ ଦୁଇ ଜଣ । ସେ ପୁଣି କିଏ ? କାହା ଉପରେ ଏମିତି ରାଗୁଛ ?

ସେହି ଚାକର ରଘୁ କଥା କହୁଛି ।

ଆରେ କଣ ହେଇଛି ? ରଘୁକାକା କୁ ଏମିତି କଣ କହୁଛ ? କାକା ଆମ ଘରେ ବାପା ଙ୍କ ସମୟରୁ କାମ କରିଆସୁଛନ୍ତି । ସେ ଆମ ଘରର ଜଣେ ପୁରୁଖା ସଦସ୍ୟ । ଯଦି କଣ ଭୁଲ କରି ଦେଇଛନ୍ତି ତାଙ୍କୁ ବୁଝେଇ ଦେଲେ ହବନି ।

ନାଁ ମୁଁ କହିଲି ସେ ଚାକର ମୋ ଘରୁ ଆଜି ଯିବ ମାନେ ଯିବ । ନଚେତ ମୁଁ ଏ ଘର ଛାଡି ଚାଲିଯିବି ।

ଦେଖ ସବିତା ପ୍ରଥମେ ନିଜ ରାଗ କୁ ଟିକେ କଣ୍ଟ୍ରୋଲ କର । ନଚେତ ରଘୁକାକା ଚାଲିଗଲେ ଆମେ ହଇରାଣ ହେଇଯିବା ଯେ ।

ISSN NO.
2582-208X

ଓଃ .... କାକା କାକା କାକା, ତାକୁ ତୁମେ ମୁଣ୍ଡରେ ବସେଇ ଥାଅ, ମୁଁ ମୋ ବାପ ଘରକୁ ଯାଉଛି ।

ଆରେ ବାବା ମୁଁ ଅଫିସରୁ ଗଲେ ସିନା କଣ ହେଇଛି କଣ ନାହିଁ ବୁଝିବି ।

ତୁମେ ଆସିବା ପୂର୍ବରୁ ଫୋନ କରି କହିଦିଅ ସେ ମୋ ଘର ଛାଡ଼ି ଚାଲିଯାଉ । କାକା କାକା କହି ମୁଣ୍ଡରେ ବସେଇଛ । ସେ ଆମ ବାପ ବୟସ ର, ଆଗରୁ ଯାହା କରିଥିଲା ସବୁ ଆଖିବୁଜି ସହିଥିଲି । ଆଜି ଯାହା କଲା ତୁମେ ଜାଣିଲେ ସିଧା ଗୁଳି କରି ମାରିଦେବ ।

କଣ କରିଛନ୍ତି ସେ ?

ଆଗରୁ ମୁଁ ରୋଷେଇ କଲାବେଳେ କେତେଥର ମୋ ପଛ ପଟରୁ ଧରିବାକୁ ଚେଷ୍ଟା କରିଛି । ହେଲେ ମୁଁ ଚାହିଁଦେଲେ ସେ ମୁହଁ ବୁଲେଇ ପଳେଇ ଯାଏ । ଆଉ କେତେଥର ମୁଁ ଗାଧେଇଲା ବେଳେ ସେ ମୋ ଗାଧୁଆ ଘର କବାଟ ପାଖରେ ଛିଡା ହେଇଥାଏ । ପଚାରିଲେ କଥାଟା ଇଆଡୁସିଆଡୁ କହି ଚାଲିଯାଏ । ସେଦିନ ସେମିତି ମୋ ଅନ୍ତବସ୍ତ୍ର ଚୋରେଇ ନେବା ବେଳେ ମୋ ଆଖିରେ ଧରାପଡି ଖସି ପାରିଲା ନାହିଁ । ଭୁଲ ମାଗି ବହୁତ କାକୁତି ମିନତୀ ହେଲା ପରେ ମୋ ରାଗ ଶାନ୍ତ ହେଲା । ଆଜି ମୋ ମୁଣ୍ଡ ବିନ୍ଧା ହେବାରୁ ମୁଁ ଖଟ ଉପରେ ଗଡ଼ି ପଡ଼ିଲି । ମୋତେ ଛାଇ ନିଦ ଲାଗିଛି କି ନାହିଁ ସିଧା ମୋ ବେଡ଼ ପାଖରେ ପହଞ୍ଚିଥିଲା। ଭଲ ହେଲା ସେତିକି ବେଳେ ମୋ ସାଙ୍ଗ ଫୋନ କରିବାରୁ ମୋ ନିଦ ଭାଙ୍ଗିଗଲା । ନଚେତ ମୋ ଅବସ୍ଥା ଆଜି ................ଭେଁ ଭେଁ କରି ସବିତା କାନ୍ଦିବାକୁ ଲାଗିଲା ।

ଘରର ଫୋନ ବାଜିବାକୁ ଲାଗିଲା । ପ୍ରତିଦିନ ପରି ରଘୁ ଫୋନ ରିସିଭ କଲା । ସେପଟୁ ଶୁଭିଲା ରଘୁକାକା (ଉଚ ସ୍ୱରରେ) ବହୁତ ହେଇଗଲା ତୁମର ପାଗଳାମି ।

କଣ ହେଇଛି କି ସାନବାବୁ, ଫୋନ ରେ ଏମିତି ମୋ ଉପରେ ରାଗୁଛ ?

ନମକ ହାରାମ, ବାପ ବୟସ ର ବୋଲି ମୁଣ୍ଡରେ ବସେଇ ଥିଲି । ତାହାର ପରିଣାମ କଣ ଏଇଆ ଦେଲୁ । ମୁଁ ଯିବା ଭିତରେ ତୁମକୁ ଯେମିତି ମୋ ଘରେ ନ ଦେଖେ କହି ଫୋନ କଟିଦେଲା ନିତିନ ।

ISSN NO.
2582-208X

ସେଦିନ ଅଫିସ କାମରେ ନୀତିନ ର ମନ ଲାଗିଲା ନାହିଁ । ଦେହ ଖରାପ ଲାଗୁଛି କହି ଅଧା କାମରୁ ସେ ଘରକୁ ଫେରିଲା । ସବୁଦିନ ପରି ଆଜି ବି ଦୁଆର ଖୋଲିଲା ରଘୁକାକା । ନୀତିଦିନ ପରି ଅଫିସ ବ୍ୟାଗ ନୀତିନ ହାତରୁ ନେବା ବେଳକୁ ଶକ୍ତ ଚାପୁଡ଼ା ଦୁଇଟା ବସିଗଲା ତା ଗାଲରେ । ରଘୁ ଆଖିରୁ କେଇବୁନ୍ଦା ଲୁହ ନିଗିଡି ଆସିଲା ।

ସେପଟେ ସବିତା କବାଟ କିଳି ତା ବେଡ଼ରୁମରେ ପଶି ରହିଥାଏ । ନୀତିନ ଆସି ଡାକିବାରୁ ସବିତା କବାଟ ଖୋଲିଲା । ସ୍ୱାମୀକୁ ଦେଖି କୁଣ୍ଢେଇ ଧରି କଇଁ କଇଁ ହୋଇ ସେ କାନ୍ଦିବାକୁ ଲାଗିଲା । ଆରେ ବ୍ୟସ୍ତ ହୁଅନି, ଏ ହାରାମ ଜାଦା ନମକ ହାରାମ ଆଜି ଘରୁ ନ ବାହାରିବା ଯାଏ ମୁଁ ଶାନ୍ତିରେ ଶୋଇ ପାରିବି ନାହିଁ ।

ରଘୁ ରଘୁ ଉଚ୍ଚ ସ୍ୱରରେ ଡାକିଲା ନୀତିନ । ରଘୁ ଭାବିଲା ଯେଉଁ ସ୍ୱର ପିଲାଟି ଦିନରୁ ରଘୁକାକା ଡାକୁଥିଲା । ଆଜି ରଘୁ ରଘୁ ଡାକୁଛି । ହଠାତ ଆଜି ତା ସାନବାବୁ ବଦଳି ଯିବାର କାରଣ ଖୋଜି ପାଉନଥିଲା ରଘୁ । ତଥାପି ଛଳ ଛଳ ଆଖିରେ ସାନବାବୁ ସାମ୍ନାରେ ପହଞ୍ଚିଲା ରଘୁ ।

କଣ ହେଇଛି ସାନବାବୁ ? କଣ ହେଇଛି ବୋହୂମାଆ ?

ଦେଖ....କିଛି ନ ଜାଣିଲା ପରି କେମିତି ପଚାରୁଛି ଯେମିତି କିଛି ଜାଣିନାହିଁ ! ଆଜିକାଲି ଚାକର ଗୁଡ଼ାକୁ ମୁଣ୍ଡରେ ବସେଇଲେ ଏମିତି ସବୁ ଘଟେ ସବିତା କହିଲା ।

ରଘୁ ସବିତା ଯାହା ସବୁ କହୁଛି କଣ ସତ ?

ବୋହୂମାଆ କଣ କହୁଛନ୍ତି ସାନବାବୁ ?

ସବିତା କହୁଛି ସେ ଗାଧେଇଲା ବେଳେ ତୁ ତାଙ୍କ ଗାଧୁଆ ଘର କବାଟ ଫାଙ୍କରେ ଗଳି ଚାହୁଁ?

ନାହିଁ ସାନବାବୁ, ସେ ହେଲେ ମୋ ଝିଅ ବୟସର, ସେ ମୋ ଅର୍ଣ୍ଣଦାତା, ପୁଣି ମୋର ଆସି ଲେଉଟାଣି ବୟସ । ଏ ବୟସରେ ମୁଁ କଣ ଏପରି ପାପ କର୍ମ କରିପାରିବି ସାନବାବୁ !

ISSN NO.
2582-208X

ଢୋ କିନା ଚାପୁଡ଼ା ଟେ ବାଜିଲା ରଘୁ ଗାଲରେ । ମୁଁ ଯାହା ପଚାରୁଛି ସିଧା ସଳଖ ଉତ୍ତର ଦେ । ରଘୁ ଭାବିଲା ସାନବାବୁ ଛୋଟ ବେଳେ କେତେ ଯେ ମାରିଛନ୍ତି ତାହାର ହିସାବ ନାହିଁ। କାହିଁ ସେ ମାଡ଼ ତ କାଟି ନଥିଲା । ଆଜି ର ମାଡ଼ କିନ୍ତୁ ଶୁଖିଲା ଚମଡା ଫୁଟି ସିଧା ହୃତପିଣ୍ଡ ରେ ବାଜୁଥିଲା, ସେତେ ଯେମିତି ତା ହୃତପିଣ୍ଡ କାମ କରୁନଥିଲା ।

ରଘୁ ତୁ ସବିତା ର ଅନ୍ତବସ୍ତ୍ର ନେଲା ବେଳେ ସେ ଦେଖି ତୋ ହାତରୁ ଛଡ଼େଇ ନେଇଥିଲା ।

ହଁ ସାନବାବୁ .....

ଢୋ କିନା ଆଉ ଗୋଟେ ଚାପୁଡା ବସିଲା ରଘୁ ଗାଲରେ । ଶଳା ଚାକର ଯୋଉ ପତ୍ରରେ ଖାଇଲୁ ସେହି ପତ୍ରରେ ହଗିଲୁ । ଆଜି ପୁଣି ସବିତା ର ଶୋଇବା ଘରେ ଉଠିଥିଲୁ । ବାହାରି ପଳା ମୋ ଆଖି ସାମ୍ନାରୁ । ଆଜିଠୁ ଏ ଘରେ ତୋର କୌଣସି ସ୍ଥାନ ନାହିଁ । ନୀତିନ ତଣ୍ଟିଆ ମାରି ମାରି ରଘୁକୁ ଗେଟ ପାଖକୁ ନେଇଗଲା

ମୋ କଥା ଟିକେ ଶୁଣନ୍ତୁ ସାନବାବୁ, ବହୁତ କାକୁତିମିନତି ହେଲା ରଘୁ । ସେ ନୀତିନ ର ଗୋଡ଼ ଧରି ଲୋଟି ପଡୁଥାଏ । ଯାହା ହେଇଛି ସବୁ ଭୁଲ ହେଇଛି ସାନବାବୁ । ମୋତେ କ୍ଷମା କର ସାନବାବୁ । ମୋତେ କ୍ଷମା କର ବୋହୂମାଆ । ଏ ପ୍ରାପ୍ତ ବୟସରେ କୁଆଡେ ଯିବି ବୋହୂମାଆ । ଶେଷରେ ଏକ ଶକ୍ତ ଧକ୍କା ରେ ଗେଟ ପାର ହେଲା ରଘୁ । ସେହିଦିନୁ ତାପାଇଁ ଗେଟରେ ତାଲା ଟେ ଝୁଲିଗଲା ।

ଗେଟ ର ଆରପଟେ ଭୋ ଭୋ ହେଇ କାନ୍ଦୁଥିଲା ରଘୁ । ଯେତେ ଭୁଲ ସ୍ୱୀକାର କଲେ ବି ସେ ଗେଟ ର ତା ପାଇଁ ତାଲା ଖୋଲିଲା ନାହିଁ ।

ଶଳା ନେ ତୋ ଗଣ୍ଠିଲି ଚାଲି ଯାଆ ମୋ ଘର ସାମ୍ନାରୁ । ଦୁଲ କିନା ଗେଟ ଉପର ଦେଇ ଗଣ୍ଠିଲି ରଘୁ ପାଖରେ ପଡ଼ିଲା ।

ମୋର ଭୁଲ ହେଇଛି ସାନବାବୁ ।

ମୋର ଭୁଲ ହେଇଛି ବୋହୂମାଆ, ମୋତେ କ୍ଷମା କରିଦିଅ । ମୋତେ ଏ ଘରୁ ତଡ଼ି ଦିଅନି।

ISSN NO.
2582-208X

ଯାଉଛୁ ନା ଦେଖିବୁ, ପୋଲିସ ଡାକିବି ଦମ୍ଭେ ଛେଚିବ ।

ଅନ୍ଧାର ମାଡି ମାଡି ଆସିଲା ସେହି ଅନ୍ଧାର ଭିତରେ ରଘୁ କୁଆଡ଼େ ହଜିଗଲା ।

ଏମିତି ରେ ଆଠ ଦଶ ମାସ ବିତି ଯାଇଛି ।

ନୀତିନ ର ସ୍ତ୍ରୀ ସବିତା ଛଅ ସାତ ଦିନ ହେବ ନିଖୋଜ । ଘରୁ ଟଙ୍କା ଗହଣାଗାଣ୍ଠି ଘରର ଦରକାରି କାଗଜପତ୍ର ଚୋରୀ ଯାଇଛି ଯେ କିଛି ପତା ମିଳୁନି ।

ନୀତିନ ପୋଲିସ ରେ ଅଭିଯୋଗ କରିଛି । ପୋଲିସ ନୀତିନ କୁ ପୂର୍ବରୁ କାହା ସହ ଝଗଡା ଝାଟି ହେବା ପଚାରିବାରୁ ନୀତିନ ର ମନେ ପଡିଛି ରଘୁକଥା । ସେ ସବୁକଥା ପୋଲିସ କୁ ଜଣେଇଛି ।

ପୋଲିସ ଏବେ ଦୁଇ ଜଣଙ୍କୁ ଖୋଜୁଛି ।

୧. ରଘୁ ଚାକର

୨.ନୀତିନ ର ପତ୍ନୀ ସବିତା

କିଛି ଦିନ ପରେ ରଘୁ ଧରାପଡ଼େ ଗୋଟେ ଜଳଖିଆ ଦୋକାନରୁ। ପୋଲିସ ଦୋକାନିକୁ ପଚାରିବାରୁ ଦୋକାନୀ କହେ ପାଞ୍ଚ ଛଅ ମାସ ହେବ ସେ ମୋ ଦୋକାନରେ କାମ କରେ । କାମ ବାବଦରେ ଟଙ୍କାଟିଏ ମାଗେନି । ଦେଲେ ବି ମନା କରେ । ସେ ଯାହା ପେଟକୁ ଗଣ୍ଡା ଖାଏ। ସବୁଦିନ ଦୋକାନ ବନ୍ଦ ହେଲେ ସେ ତା ଘରକୁ ଚାଲିଯାଏ । ହଉ ଦରକାର ପଡ଼ିଲେ ମୁଁ ତୁମକୁ ଥାନାକୁ ଡାକିପାରେ ପୋଲିସ ଦୋକାନିକୁ କହି ରଘୁକୁ ନେଇ ଥାନାକୁ ଚାଲିଗଲେ ।

ଥାନାରେ ବହୁତ ବାଡ଼ିଆ ଖାଇଲା ରଘୁ । ହେଲେ ପୋଲିସ ରଘୁ ଠୁ କିଛି କଥା ଆଦାୟ କରି ପାରିଲା ନାହିଁ । ଶେଷରେ ନୀତିନ ବାବୁଙ୍କୁ ଫୋନ କଲେ । ନୀତିନ ଶୀଘ୍ର ଆସି ଥାନାରେ ପହଞ୍ଚିଲା । ରଘୁ କୁ ଦେଖା କରିବାକୁ ପୋଲିସ ଠୁ ଅନୁମତି ନେଲା ।

ISSN NO.
2582-208X

ରଘୁ ଗୋଟେ କଣରେ ପଡିରହିଥାଏ । ନୀତିନ କହିଲା ରଘୁକାକା ଏବେ ତ ମାନିଯାଅ ମୋ ସବିତା କୁ କୋଉଠି ରଖିଛ । କହିଦିଅ ରଘୁକାକା, କହିଦିଅ ନାଁ । ତୁମେ କହିଦେଲେ ମୁଁ ସତ କହୁଛି ତୁମକୁ ଥାନରୁ ବାହାର କରି ନେଇଯିବି ।

ରଘୁ ଏବେ ହାତ ଯୋଡି କହିବାକୁ ଲାଗିଲା ନାହିଁ ସାନବାବୁ ମୋ ବୋହୂମାଆ କୁ ମୁଁ କୁଆଡେ ନେଇ ନାହିଁ କି କେଉଁଠି ସେ ଅଛନ୍ତି ମୁଁ ଜାଣିନାହିଁ । ତୁମେ ସିନା ସେଦିନ ମୋତେ ଭୁଲ ବୁଝିଲ ଅସଲ କଥା ହେଲା ତୁମେ ଯାହାକୁ ହୀରା ଭାବୁଛ ସେ ତୁଛ କୋଇଲା ଟେ । ସେ ସୁନା ନୁହେଁ ବେଙ୍ଗୀ ପିତଳ ।

ମାନେ.....?

ସବୁଦିନେ ତୁମେ ଅଫିସ ଗଲାପରେ ବୋହୂମାଆ ର ସାଙ୍ଗଟେ ତୁମ ଘରକୁ ଆସୁଥିଲା । କଣ ତା ନାଁ ...ମୋହନ, ହଁ ମୋହନ ବାବୁ । ଗୋଟେ ଘରେ ଦୁହେଁ ପଶନ୍ତି । ବହୁତ ହସନ୍ତି ମୋତେ ସର୍ବତ ଥଣ୍ଡା ମାଗନ୍ତି । ମୁଁ ସେ ସବୁ ନେଇକି ଗଲେ ମୋ ହାତରୁ ଗ୍ଲାସ ନେବା ପରେ ମୋତେ ତୁମ ଆଗରେ ନ କହିବାକୁ ଧମକ ଦିଅନ୍ତି । ବେଳେ ବେଳେ ମୋତେ ବହୁତ ପିଟନ୍ତି । ସେଦିନ ମୁଁ ବଗିଚା କାମ କରୁଥିବା ବେଳେ ସେ ଦୁହେଁ ତୁମ କୋଠରୀ ରେ ଥିଲେ । ଝରକା ଦେଇ ମୋ ପାଖରେ ବୋହୂମାଆ ଙ୍କ ଅନ୍ତବସ୍ତ୍ର ପଡିବାରୁ ମୁଁ ତାକୁ ଘରେ ରଖିବାକୁ ନେଉଥିଲି । ତା ପରେ ବୋହୂମାଆ ତାକୁ ମୋ ହାତରୁ ଛଡ଼େଇ ନେଲେ ।

ଏତକ ତଥ୍ୟ ପାଇ ପୋଲିସ ଏବଂ ନୀତିନ ବାବୁ ମୋହନ ଘର ସନ୍ଧାନ ରେ ବାହାରିଲେ । ମୋହନ ଘର ମିଳିଲା ସତ, ଘର ର କବାଟରେ ବିରାଟ ତାଲା ଝୁଲୁଥାଏ । ସେଠାକାର ଲୋକଙ୍କୁ ପଚାରିବାରୁ ସେମାନେ କହିଲେ ପ୍ରାୟ ପନ୍ଦର ସତର ଦିନ ହେବ ମୋହନ ଏଠାକୁ ଆସିନାହିଁ ।

ଲେଖନପୁର ସାଲେପୁର
ଦୂରଭାଷ :- ୯୪୩୯୩୭୦୭୧

ISSN NO.
2582-208X

# କାର୍ତ୍ତିକ ପୁନେଇଁ



ବିଶ୍ୱରଞ୍ଜନ ମହାନ୍ତ

ବାହାରିଲି ସାଧବ ହୋ ବଣିଜକୁ ନାବ ବାହିବାହି
ସାଧବାଣୀ ଉଜାଗର ଆଜି ପରା କାର୍ତ୍ତିକ ପୁନେଇଁ
ଯିବିକି ମୁଁ ଜାଭା , ଚମ୍ପା କିମ୍ବା ବୋର୍ଣ୍ଣିଓ ଓ ବାଲି
ମୋର ଡ଼ଙ୍ଗା ଦଦରା ହୋ ହଜିଅଛି ପିତୃଦତ୍ତ କାତ କେରୁଆଳୀ
କାହିଁ ମୋର ସାଧବାଣୀ ଜାଳିବାକୁ ଶୁଭର ଦୀପାଳି !!

ଯିବିନି ଯିବିନି ଆଉ କି ବଣିଜ କରିବି ସେଠାରେ
ସେଠିତ ମଣିଷ ମରେ ବୁଡ଼ିଯାଇ ତା ତିଆରି ରକ୍ତର ନଈରେ
ନାହିଁ ମୋର ସାଧବାଣୀ ନାହିଁ ମୋର କାଠର ବୋଇତ
ଚମ୍ପା ଓ ବୋର୍ଣ୍ଣିଓ ନାମ ଲେଖାଅଛି ଇତିହାସ କବର ଭିତରେ
ଆଜି ବି ମୁଁ ବଣିଜକୁ ଯାଉଅଛି
ପାରାଦ୍ୱୀପୁ....ରେଙ୍ଗୁନ ବନ୍ଦରେ !!

ମୁଁ ଆଜି ସାଧବ ନୁହେଁ
ସାଧବାଣୀ ସୁଚରିତା ପାଠୋଇ ତରୁଣୀ
ମୁଁ ଆଜି ଜାହାଜେ ଯାଏ
ଘର ଫରମାସି ସରେ ରେଡ଼ିଓ କି ଘଣ୍ଟାର ଭିତରେ

ISSN NO.
2582-208X

ମୋ ଗତି ବଢ଼ିଛି ସତ ତଥାପି ବି ଛାତି ଥରେ
ମୋ ମନକୁ ଘେରିଥିବା ପଶୁତ୍ୱ ଭିତରେ
ରକ୍ତ ନଦୀ ବହେ ସେଠି ଶ୍ୟାମଠାରୁ ଭିଏତନାମ ରେ !!

ମୁଁ ଯାଉଛି ବଣିଜକୁ
କି ବଣିଜ କରିବି ହୋ
କୁହ ମୋର ସାଧବ ସାଆନ୍ତେ
ଆଜି ବି ତ ଓଡ଼ିଆଣୀ ଆଦରରେ ପାନଗୁଆ ଦେଉଛି ଭସାଇ
ପାନଗୁଆ ସମର୍ପୁଛି ପୁଣ୍ୟର ଆଶାରେ
ସୁମରିଣ "ଆ କା ମା ଭୈ8 !!

((()))

## ଇମ୍ଫାଲ, ମଣିପୁର - ଭାଗ ୧ ଏବଂ ୨

https://youtu.be/nj81UcXDcWk

https://youtu.be/oR4iEQ6hXkw

Please like & Subscribe this video

ISSN NO.
2582-208X

# ଆମ ଓଡ଼ିଆ ଖାଦ୍ୟ



ଅରୁଣ କୁମାର ମହାପାତ୍ର

ବୁଲି ଆସ ଦେଶ ବିଦେଶ ରାଇଜ
ଡାକିବ ସେ ହାତ ଠାରି
ସ୍ୱାଦିଷ୍ଟ ବ୍ୟଞ୍ଜନ ଶାଗ ମୁଗ ଭରା
ଓଡ଼ିଆର ଭାତ ଥାଳି ।
କିଏ ହେବ ସରି ଅରୁଆ ଭାତକୁ
ପରଷି ଦେଲେ ଡାଲମା
ମସଲା ବ୍ୟଞ୍ଜନ ଆଖିକୁ ସୁନ୍ଦର
ସ୍ୱାସ୍ଥ୍ୟ ହିତ ନୁହେଁ ଜମା ।
ପିଠା ପଣା କଥା ମନେ ପଡ଼ିଗଲେ
ମନକୁ ଆସଇ ଯାହା
ପୋଡପିଠା ପୋଳି ମଣ୍ଡା ଓ ଚକୁଳି
ଆରିସା କାକରା ଆହା ।
ଭାତ ଥାଳି ପାଖେ ଥରେ ଦେଖିଦେଲେ
ମଞ୍ଜା ରାଇ ଶାଗ ଭଜା
ପଖାଳ କଂସାକୁ ବଡ଼ି ଚୁରା ସହ
କଖାରୁ ଫୁଲର ମଜା ।
ବେସର ମହୁର କାନିକା ସାଙ୍ଗକୁ
ଖିରା କ୍ଷୀରି ସର ପୁଳି

ISSN NO.
2582-208X

ସେତିକି ଆନନ୍ଦ ଦେଇଥାଏ ପୁଣି
ସନ୍ତୁଳା କାଞ୍ଜିର ଥାଳି।
ପ୍ରତି ଓଡ଼ିଆଙ୍କ ପ୍ରାଣର ଠାକୁର
ବଡଖିଆ ନାମ ପାଇ
ଲୋଭ ଥାଏ ତାର ପୋଡପିଠା ଠାରେ
ଷାଠିଏ ପଉଟି ଖାଇ ।
ଭିନ୍ନ ଭିନ୍ନ କୋଣ ବୁଲି ଆସ ଥରେ
ପାଇବ ରହସ୍ୟ ଭେଦ
ମୁଢ଼ି ମାଂସ ଝୋଳ ରସାବଳି ସଙ୍ଗେ
ରସଗୋଲାର ଆନନ୍ଦ।
ବାର ମାସେ ହୁଏ ତେର ପର୍ବ ଏଠି
ଖାଦ୍ୟ ଭିନ୍ନ ପରବର
ଦଶହରା ରଜ ପ୍ରଥମାଷ୍ଟମୀ ବା
ଘାଣ୍ଟ ଦୁତି ବାହାନର ।
ସବୁ ଓଡ଼ିଆଙ୍କ ମୁହଁରେ ଆନନ୍ଦ
ଅଦ୍ୱିତୀୟ ସ୍ୱାଦ ତୃପ୍ତି
ସବୁଠୁ ବଢିଆ ଓଡ଼ିଆଙ୍କ ଖାଦ୍ୟ
ସୁସ୍ଥ ଦେହ ମନ ଶାନ୍ତି ।

ବୈଜ୍ଞାନିକ ଅଧିକାରୀ
ଅଶ୍ୱପୁରମ, ତେଲେଙ୍ଗାନା

ISSN NO.
2582-208X

# ବିରହ



ଚୈତନ୍ୟ ବାଗ

ରବି କୁ ପଚାର ସରୋଜ ଠୁ ଦିନେ
ଅଲଗା ହୋଇ ଆନନ୍ଦ ରେ କିବା ଉଇଛି ।

ଶଶୀ କୁ ପଚାର କଇ କୁ ଛାଡି
ପୂର୍ଣ୍ଣିମା ରେ ସେ କଣ ହସିଛି ।

ଆକାଶ କୁ ଦିନେ ପଚାରି ବୁଝିବ
ମାଟିକୁ ନ ଦେଖି କେବେ କଣ ରହି ପାରିଛି ।

ଚାତକ ବିହଙ୍ଗ ଟୋପେ ବର୍ଷା ନୀର ପାଇଁ
ଦିବା ରାତ୍ରୀ ଚାହିଁ ବସିଛି ।

ଜାନକୀ କୁ ଥରେ ପଚାରି ବୁଝିବ
ଶ୍ରୀରାମ ବିନା ସ୍ୱର୍ଣ୍ଣ ଲଙ୍କା ରେ କିବା ନିଦ ଆସୁଛି ।

ରାଧା କୁ ଥରେ ପଚାରି ବୁଝିବ
କୃଷ୍ଣ ଅପେକ୍ଷା ରେ
ମୁହଁ ର ହସ କାହିଁ ଲିଭିଛି ।

ଚଚଆ, କଳାହାଣ୍ଡି

ISSN NO.
2582-208X

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି



ବିଜୟଲକ୍ଷ୍ମୀ ପଟ୍ଟନାୟକ

ସେବା, ତ୍ୟାଗ, ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ । ପୁରୀଜିଲ୍ଲାର ସାକ୍ଷୀଗୋପାଳ ନିକଟରେ ଭାର୍ଗବୀ ନଦୀ ସୁଆଣ୍ଡୋ ଗ୍ରାମରେ ଅଠର ଶହ ସତସ୍ତରୀ ମସିହା ଅକ୍ଟୋବର ନଅ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ଦୈତାରୀ ଦାସ ଓ ମାଆଙ୍କ ନାମ ସ୍ୱର୍ଣ୍ଣମୟୀ । କିନ୍ତୁ ମାଆଙ୍କ ଅକାଳ ବିୟୋଗରେ ତାଙ୍କ ପିଉସୀ ବିମଳା ଦେବୀ ଲାଳନପାଳନ କରିଥିଲେ । ବାଲ୍ୟକାଳରୁ ସେ ଶ୍ରୀମଦ ଭାଗବତର ଭାବଧାରାରେ ଅନୁପ୍ରାଣିତ ହୋଇ ମାନବ ସେବାରେ ନିଜକୁ ଉତ୍ସର୍ଗ । କରିଥିଲେ ଗୋପବନ୍ଧୁଙ୍କ ସେବା ହିଁ ଥିଲା ଜୀବନରେ ମୂଳମନ୍ତ୍ର । ପରହିତ ବଜ୍ରଧାରୀ ଗୋପବନ୍ଧୁଙ୍କ ସାଧନା ପୀଠ ଥିଲା "ସତ୍ୟବାଦୀ ବନବିଦ୍ୟାଳୟ "ମାନବସେବା ହିଁ ମାଧବ ସେବା ମନ୍ତବ୍ୟ ଦେଇଥିଲେ ସ୍ୱେଛାସେବୀ ମାନଙ୍କୁ, ପୁରୀ ରଥଯାତ୍ରା ସମୟରେ ହଇଜାରେ ମୃତ୍ୟୁବରଣ କରୁଥିବା ଶବ ସଂସ୍କାର ଓ ପରିବେଶ ପରିମଳ ପାଇଁ । ତରୁଣ ବୟସରୁ ସେ ଥିଲେ ତ୍ୟାଗ ମନୋବୃତ୍ତିର । ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ଭିତରେ କିଛି ପାର୍ଥକ୍ୟ ନ ଥିଲା । ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦେଶପାଇଁ ନିଜକୁ ସମର୍ପି ବୀରର କର୍ତ୍ତବ୍ୟ ସମ୍ପର୍କରେ ସେ କହିଥିଲେ :-

"ପଛ ଘୁଞ୍ଚାନାହିଁ ବୀରର ଜାତକେ,
ନ ମରେ ସେ କେବେ ପରାଣ ଆତଙ୍କେ "।

ସେ ହିନ୍ଦୁ ଓ ଜଗନ୍ନାଥ ଧର୍ମର ମହତ୍ୱ ଉପଲବଧି କରିଥିଲେ, ତାଙ୍କ ମତରେ ଉତ୍କଳର ଜଗନ୍ନାଥ ହେଉଛନ୍ତି ସର୍ବମୟ କର୍ତ୍ତା । ଏଣୁ ସେ କହିଥିଲେ :-

ISSN NO.
2582-208X

"ଭାରତ ର ପ୍ରତି ବୃକ୍ଷ କଳ୍ପବଟ
ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ "

ଗୋପବନ୍ଧୁ ଙ୍କ ମତରେ ହିନ୍ଦୁ କେବଳ ନିଜ ପାଇଁ ଜନ୍ମ ହୋଇନାହିଁ, ବରଂ ବିଶ୍ୱ ହିତ ପାଇଁ ହିନ୍ଦୁର ଜନ୍ମ ପ୍ରତି ବିନ୍ଦୁ ରକ୍ତ ଉଦ୍ଦିଷ୍ଟ,

"ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ,
ବିଶ୍ୱେ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ "।

ସେ ଥିଲେ ଅଧ୍ୟାତ୍ମିକ, ଭକ୍ତିଭାବପନ୍ନ ସରଳ ଓ ଅମାୟିକ ମଣିଷ । ଉତ୍କଳର ସର୍ବତ୍ର ଉନ୍ନତି ପାଇଁ ସେ ନିଜକୁ ତିଳ ତିଳ କରି ତ୍ୟାଗ କରିଥିଲେ । ସେ ହୃଦୟଙ୍ଗମ କରୁଥିଲେ, ସ୍ୱୟଂ ନାରାୟଣ ଉତ୍କଳର ନେତା, ଏହା ସେ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ,

"ଉତ୍କଳେ ନେତାର ନାହିଁ ପ୍ରୟୋଜନ,
ଉତ୍କଳ ର ନେତା ସ୍ୱୟଂ ନାରାୟଣ "

ଥରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଥିବା ବେଳେ ଗୋଦାବରୀଶଙ୍କୁ ବିଦ୍ୟାଳୟର କୌଣସି ଗୋଟିଏ ପ୍ରକୋଷ୍ଠରୁ କ୍ରନ୍ଦନ ଶୁଣାଗଲା । ଗୋଦାବରୀଶ ବୁଲି ବୁଲି ଗୋପବନ୍ଧୁଙ୍କ ପ୍ରକୋଷ୍ଠରୁ ଶବ୍ଦ ଆସୁଥିବା ଶୁଣି ସେଠାକୁ ଗଲେ । ଗୋପବନ୍ଧୁଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ କାଲି ବନ୍ୟାରେ ସେଇ ଲୋକମାନଙ୍କର ସର୍ବସ୍ୱ ଭାସି ଯାଇଛି । ଆଉ ଆଜି ପ୍ରବଳ ବର୍ଷା ରେ ସେମାନେ କିପରି ରହି ପାରିବେ ? ସେଇ କଥା ଭାବି ସେ କାନ୍ଦୁଛନ୍ତି । ଏପରି ଜଣେ ଦରଦୀ ସମ୍ବେଦନଶୀଳ ମଣିଷ ସାରା ପୃଥିବୀରେ ଖୋଜିଲେ ବି ମିଳିବେନି । ଓଡିଶାର ଭାଗ୍ୟାକାଶରେ ଏମିତି ଜଣେ ଦେବୋପମ ମଣିଷ ଆଉ କେବେ ଜନ୍ମିବେ କି ନା ସନ୍ଦେହ । ତାଙ୍କୁ ଶତଶତ ନମନ କରୁଛୁ । ହେ ଉତ୍କଳରମଣି ଆପଣ ଏ ଜାତିକୁ କ୍ଷମା କରିଦିଅନ୍ତୁ ।

ପ୍ଲଟ ନୋ· ୪୬୧୯/୨୧, ପୋଖରୀପୁର ଭିଲେଜ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬

ISSN NO.
2582-208X

# ଭାବ

ବିନୟାନନ୍ଦ ବସ୍ତ୍ରସ୍ୟ

ମଣିଷ ଥିଲେ ତ ମଣିଷ ସାଙ୍ଗରେ କରିବ ମଧୁର ଭାବ,
ମଣିଷ ସାଙ୍ଗରେ ଲୋକ କଣ କେବେ କରିବ ସଙ୍ଗତ ଲାଭ,
ଲୋକ ପୋକ ପ୍ରାୟ ଏଠି,
ମଣିଷ ଖୋଜିବା ବଡ଼କାମ ପରା ଲୋକ ଅଛନ୍ତି ସବୁଠି ।

ସବୁଆଡେ ମିଛ, ବାହାନା
ବାଜିରେ ଢମ, ଆତ୍ମଘୋଷ ଚାଲେ,
ସତ କହିଦେଲେ ଶତ୍ରୁ ବଢିଯାନ୍ତି ଲୋକ କି ବୁଝିବେ ଭଲେ,
ମଣିଷ ସିନା ବୁଝିବ,
ସତ ମିଛ କଣ ଭଲମନ୍ଦ ଅବା ବିବେକ ଯାହାର ଥିବ ।

ନିରୁତା ପ୍ରେମର ସଂଜ୍ଞା କେ ବୁଝିଛି ସ୍ୱାର୍ଥପର ସବୁ ପ୍ରାଣ,
ଜ୍ୱଳନ ପ୍ରେମରେ ପ୍ରତାରଣା ଥାଏ ଆପଣା ପର ସମାନ,
କେହି ନୁହନ୍ତି କାହାର,
ତଥାପି ମଣିଷ ସହି ସହି ବଞ୍ଚେ ପାଇ କେତେ ହତାଦର ।

ନଆଳ, ଖୋର୍ଦ୍ଧା

ISSN NO.
2582-208X

# ସ୍ମୃତି ତୁମେ



ସରୋଜଲକ୍ଷ୍ମୀ ମହାନ୍ତ

ପ୍ରୀୟ ସ୍ମୃତି ତୁମେ
ଆସନାହିଁ ଆଉ ମୋ ଝରକା କାଚଡେଇଁ
ଚୁପିଚୁପି ତୁମେ ପାଦଥାପ ଯେବେ
ତନ୍ଦ୍ରା ଲୁଚିଯାଏ କାହିଁ
ତୁମରି ପିଠିରେ ସମୟ ସାଥିରେ
ଯାଇଥିଲି ଦିନେ ବୁଲି
ଦେଖିବାକୁ ସେଇ ମଧୁର ଅତୀତ
ସୁନା ପଡୁଥିଲା ଝରି
ଚିତ୍ରିତ ସେଇ ପ୍ରଜାପତି ଆଉ
ଦେଉ ନଥିଲେତ ଧରା
ତାସ୍ଛଲ୍ୟ କରି  ଇଙ୍ଗିତ  କଲେ
ବୟସ ଗଲାଣି ପରା
ଚୁନାଚୁନା ସେଇ ବଉଳ ଗଛରୁ
ଝରୁଥିଲା ଫୁଲ କେତେ
ଗଭାମୋ ମଣ୍ଡେଇ  ବାଲିଘରେ ମୋର
ହସ କଉତୁକ ସାଥେ
ସାଙ୍ଗ ସାଥିମେଳ ସଙ୍ଗାତ  ବଉଳ
ମୁହଁବି ଗଲାଣି ଲୁଚି
ବୟସର ସେଇ ଶିଉଳି ତୁଠରେ
ପାଦ ଯାଏ ଖସି ଖସି
ଝିପିଝିପି ବର୍ଷା ଟୋପିଟୋପି ବୁନ୍ଦା
ଜାଗୁଥିଲା ଶିହରଣ
ଗୋପନ ଇଛାର ନହୁଲି ବୟସେ
ବସନ୍ତର ପାଦଚିହ୍ନ
ନୂଆ ଓଢଣୀରେ ଛନଛନ ମନ
ସପନ ଭେଳାରେ ବସି
ଗୋଧୂଳି ସଞ୍ଜେ ଲେଖି ବସୁଥିଲି
ପ୍ରଥମ ପ୍ରେମର  ଗୀତି
ହଳଦୀବସନ୍ତ ମିଠା ମିଠା ଡାକ
ଆଶାୟୀ ଶୁଭବାରତା

ISSN NO.
2582-208X

ଜହ୍ନି ଫୁଲ ଆଉ କାକୁଡି ଫୁଲରେ
ଗୁଣ୍ଟୁଚି ମୂଷାର ଇର୍ଷା
ଝଡି ବରଷାରେ ଓଦା ଚାଳଘରୁ
ଧୂଆଁର କୁଣ୍ଡଳି ଉଠି
ଡଙ୍କେଇ ଲାଉର କଅଁଳ ପତରେ
ଲେଖୁଥିଲା ପ୍ରେମ ଚିଠି
ଶିଶିରଭିଜା ନାଲି ଗୋଲାପର
ଇପ୍ସିତ ଅନୁରାଗ
ଶକ୍ତ ଶିଳାକୁ ସିକ୍ତ କରିଗାଏ
ନିର୍ଝରିଣୀ ଅସ୍ତରାଗ
ତରଳଇଛାକୁ ଜଳାଇଦିଏମୁଁ
ପୂଣ୍ୟ ସଞ୍ଜବତୀରେ
ତଥାପି କାହିଁକି ପଶିଆସ ତୁମେ
ମନର ମଗ୍ନ ପଣରେ
ଧୋଇ ଶୁଖେଇ ମୁଁ ସାଇତି ଦେଇଛି
ମୋ ମନ ମଧୁବନରେ
ପ୍ରୀୟ ଅତୀତ ମୋ ସ୍ମୃତି ହୋଇ ଆସ
ଗୋପନେ ପ୍ରତି ରାତିରେ ।

ନନ୍ଦନବିହାର
ଭୁବନେଶ୍ୱର

ISSN NO.
2582-208X

# ଗୀତିକବିତା:
# ପ୍ରୀତି ପାଗଳ



ଦିବାକର ନାୟକ

ପାଗଳ ଭଳି ମୁଁ ଗୋଟିଏ ଫୁଲକୁ
ଭଲ ପାଉଥିଲି ମନେ ମନେ
ସେ ଜାଣେ କି ନାହିଁ ଜାଣି ନ ଥିଲି ମୁଁ
କହି ନ ଥିଲି ବି କେବେ ଦିନେ (୦)

ତା ସାଙ୍ଗ ସାଥେ ସେ ବୁଲିଗଲା ବେଳେ
ହାତ ଧରାଧରି ହୋଇ
ତା ଦେହ ମହକ କୁହୁକ କୁହକ
ଯାଉଥାଏ ମୋତେ ଛୁଇଁ

ତା ପାଇଁ ନିଜକୁ ପ୍ରଜାପତି ଭାବି
ଉଡୁଥାଏ ମନ-ଉପବନେ..
ପାଗଳ ଭଳି ମୁଁ ଗୋଟିଏ ଫୁଲକୁ
ଭଲ ପାଉଥିଲି ମନେ ମନେ (୧)

ଭାଙ୍ଗିବାକୁ ତାର ଆପଣାର ବସା
ଚାହିଁ ନାହିଁ କେବେ ହେଲେ
ତା ଶୁଭ ମନାସି ଏକା ହୁଏ ଖୁସି
ସିଏ ଟିକେ ହସିଦେଲେ

ତା ସାଙ୍ଗ ଭିତରେ ନିଜକୁ ହଜାଇ
ଭାବେ ମୁଁ ପ୍ରେମିକ ତାର ଜଣେ..
ପାଗଳ ଭଳି ମୁଁ ଗୋଟିଏ ଫୁଲକୁ
ଭଲ ପାଉଥିଲି ମନେ ମନେ (୨)

ଆକାଶବାଣୀ ଗୀତିକାର
ପାଟପୁର, କଳସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୭୬୧୯୯୮୧

ISSN NO.
2582-208X

# ଆଜିର ଅନୁଚିନ୍ତା

ଡାକ୍ତର ଦେବୀପ୍ରସାଦ ଆଗ୍ରୁର୍ଯ୍ୟ

ଜୀବନକୁ ନେଇ ଲେଖିପାଅ କେତେ କାହାଣୀ,
ହୋଇପାରେ କାଳ୍ପନିକ, ସେ ଯେ ମନର ରାଣୀ ।
ଏଠି ସଭିଏଁ ବ୍ୟସ୍ତ, ମନଟି ଅସ୍ଥିର କାହିଁ କେଜାଣି,
କେଉଁଠି ତା ମନ କିଏ ତାକୁ କହ ପାରିଛି ଜିଣି ।
କଥାବାର୍ତ୍ତା ଏଠି ସେଠି ସବୁଠି କେମିତି ବାଙ୍କ ବୁଲାଣି,
ସଂସାର ଭିତରେ ଘର କରି କିଏ କେମିତି ରହିଲାଣି ।
ତାକୁ ପଚାର ସେ କହିବନି, ସେ ଚାଲାକ୍ ହୋଇଗଲାଣି,
ତାକୁ କାଟୁଛି କଥା ଓ କର୍ମ ବୟସ ବି ଅଧିକ ହେଲାଣି
କିଏ ବୁଝିଛି ସେ କଥା, କେବଳ କିଏ କାହାକୁ ଭଲପାଇଲାଣି,
ଏଭଳି ଅନେକ ଚର୍ଚ୍ଚାରେ ଘରଟି ଭାଙ୍ଗିଗଲାଣି ।
କଳା ପୋତାଧନରେ କିଏ କେତେ ଆଗକୁ ବଢ଼ିଲାଣି,
ଥିଲା, ଅଛି ମଧ୍ୟ କିଛି, ହେଲେ ଆଉ କାହାର ହୋଇଗଲାଣି ।
ସତ କହିବାକୁ ଲାଜ ଲାଗୁଛି, ବୁଲନ୍ତି ଚୋର ଚୋରଣି,
ତୋର ଅଧେ ମୋର ଅଧେ, ବିଶ୍ୱତ ଅନ୍ଧ ହୋଇଗଲାଣି ।
ଏମନ୍ତ ଘେରିବନ୍ଧ, ନଜର ଏଠି କିଏ କାହାରେ ହେଲାଣି,
ଅର୍ଥ ହୁଇସିଲ ବଜାଇ ଡାକୁଛି ଅନର୍ଥକୁ, ସେ ଆସିଲାଣି ।
ଜମୁଛି ବେପାର କଳିର, ଖାଉଛନ୍ତି ଚାଉମିନି, ବିରିୟାନି,
ଆଖିରେ ଆଖିରେ ଭାବପିରତି ତାଙ୍କ ବୁଝି ହେଲାଣି ।
ଯାଉଛି ବାଟକୁ ଏବେ ଏବେ ଅବୁଝା ମୁଁ ବୁଝି ଗଲିଣି,
ମୋ ଠିକଣା କୁ ମୁଁ ନିଜେ ହଜାଇ ଦେବାକୁ ଭାବିଲିଣି ॥

ପିଟନସାହି, କଟକ

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ରାତି ଆସି ଅନେକ ହେଲାଣି । ଛାତ ଉପରେ ଝୁଲୁଛି ଭଙ୍ଗା ଜହ୍ନ । ହାଲକା ଶୀତଳ ପବନରେ ଆଖିରେ ନିଦ ଭରି ଯାଉଛି । ଜହ୍ନ ମୁହଁ ହୋଇ ବସି କଣ ଭାବୁଥାନ୍ତି କହ୍ନେଇବାବୁ । ଚିନ୍ତାଗ୍ରସ୍ତ ଚେହେରା । ଜଳ ଜଳ ହୋଇ ଅତୀତ ଭାସି ଉଠୁଥିଲା ଜହ୍ନର ଜୋଛନାରେ । ଏୟାଡେ ଗୀତାର ଦେହ ଅସୁସ୍ଥ ହେବାରେ ଲାଗୁଛି । ସେୟାଡେ ଝିଅର ବାହାଘର ପାଇଁ ସବୁ ଠିକ୍ ଯୋଗାଯୋଗ କରିବାକୁ ପଡିବ । ପୂଜାର ଲୁହରେ ମୋ ଜୀବନ କୋଳାହଳ ଅଭିଶାପ ପାଲଟି ଯାଇଛି । କେମିତି କହିଥାନ୍ତି ପୂଜା ତୁମକୁ, ତୁମେ କଣ ସେ ସବୁ ସହି ପାରିଥାନ୍ତ ???

ମେଡିକାଲରୁ ଫୋନ ଆସିଲା ଅଞ୍ଜନାର । କହ୍ନେଇ ଯାଇ ଫୋନ୍ ଧରି ହେଲୋ କହିଲେ । ବାପା, ମାମା ଟିକିଏ ସୁସ୍ଥ ଲାଗୁଛନ୍ତି । ତୁମେ ଜମାରୁ ବ୍ୟସ୍ତ ହୁଅନା । ସବୁ ଠିକ୍ ହୋଇଯିବ । ସକାଳ ହେଲେ ମୁଁ ଯାଇ ପହଞ୍ଚିବି । କହି ଫୋନ ରଖିଦେଲେ ଅଞ୍ଜନା, କହ୍ନେଇ ବ୍ୟସ୍ତ ବିବ୍ରତ ହୋଇ ଉଠିଲେ ।

ସବୁବେଳେ ପୂଜା କହିବସେ, ଠାକୁର ପରା ଅଛନ୍ତି । ମୁଁ ସବୁବେଳେ ଡାକୁଛି ତୁମର କିଛି ବି ଅମଙ୍ଗଳ ହେବନି କହ୍ନେଇ । ହେଲେ ଆଜି କଣ ପୂଜା ମତେ ଅଭିଶାପ ଦେଇଛି । ଏତେ ବଡ ସମସ୍ୟାର ସମ୍ମୁଖୀନ ହୋଇଛି? ପ୍ରଭୁ କାହାର ଅନିଷ୍ଟ କରିବାକୁ ଚାହାନ୍ତି ନାହିଁ । ଆମେ କିନ୍ତୁ ତାହା ବୁଝିପାରୁନା । ରାଗ ଅଭିମାନ ବାଢି ବସୁ ପ୍ରଭୁଙ୍କ ପାଖରେ । ତୁମେ ନିର୍ବିଘ୍ନ ଜଗତ ଠାକୁରଙ୍କର ଶରଣାପନ୍ନ ହୁଅ, ଦେଖିବ ତୁମର ସବୁ ଦାୟିତ୍ୱ ଭଗବାନ

ISSN NO.
2582-208X

ନେଇଯିବେ । ଏମିତି କେତେ କଥା ତାହାର ଆଜି ଜଳ ଜଳ ଭାସିଉଠୁଛି ଜୀବନ୍ତ ହୋଇ । ତୁମେ କେଉଁଠି ଅଛ ପୂଜା? ମତେ କଣ ଆଉ ଦେଖା ଦେବନି । ବହୁତ ମନେ ପଡୁଛି ଆଜି ।

ହୃଦୟ ଥରାଇ ବାହାରି ଆସିଲା ଏକ ହତାଶାର ଦୀର୍ଘଶ୍ୱାସ । ଖୁବ୍ ଅସହାୟ ଭାବରେ ସିଏ ଚାହିଁ ରହିଥିଲେ । ମେଘ ମାନଙ୍କର ସ୍ପନ୍ଦନକୁ । ଯେମିତି ଜହ୍ନର ଜଛନାକୁ ସାଉଁଟି ନେଇ ପ୍ରେମର ମିଳନରେ ଜନ୍ମ ହୋଇ ଉଠୁଥିଲେ । ଆଜି ଅନ୍ଧାର ଭିତରେ ଏକାଏକା କହ୍ନେଇ ଅତୀତର ସମସ୍ତ ପୃଷ୍ଠାକୁ ପରସ୍ତ ପରସ୍ତ କରି ଖୋଲି ଦେଖୁଥିଲେ ଜୀବନର ହଜି ଯାଇଥିବା ଖଟାମିଠା ଅନୁଭୂତିକୁ । ଅନେକ ସମୟ ଧରି ଲାଇଟ୍ ବନ୍ଦ କରି ଅନ୍ଧାର ବେଳାଭୂମିରେ ଝରକାର ରେଲିଂ .... ଦେଇ ଚାହିଁ ରହିଥିଲେ ପ୍ରୀତିର ପ୍ରତିଶ୍ରୁତି ଶିଖରକୁ ଯାହା ବିଶ୍ୱାସରେ ପୂଜା ବାରମ୍ବାର ସମର୍ପଣ କରିଥିଲେ । ଏକ ଅଜଣା ଉତ୍କଣ୍ଠା ନେଇ ପ୍ରତୀକ୍ଷା କରିଥିଲେ ସେ ମୁହୂର୍ତ୍ତଟି ପାଇଁ ଯାହା ଜୀବନର କେଉଁ ଏକ ହଜିଯାଇଥିବା ବସନ୍ତର ଦଗ୍ଧ ଇଲାକାର ଦୁଃସ୍ୱପ୍ନ ଆଜି ତାର ହୃଦୟଟାକୁ ଉଦବେଳିତ କରୁଥିଲା ବାରମ୍ବାର । ତଥାପି କହ୍ନେଇ ଅନ୍ଧାରକୁ ଆଡେଇ ଚାହିଁ ରହିଥିଲେ । ଦୂର ଅତୀତର ଅପାସୋରା ସ୍ମୃତି ବିଜଡିତ ପୂଜାର ସମସ୍ତ ପ୍ରେମକୁ । ଅଲିଅଳି ଅନୂଢା ସେ ଦେଖିବାକୁ ଯେମିତି ସୁନ୍ଦର ଥିଲା ତା ସଂସ୍କାର ମଧ୍ୟ ଆହୁରି ସୁନ୍ଦର ଥିଲା । ଆଜି ବି ମନେପଡୁଛି ତାର ଢଳ ଢଳ ଚାହାଣି ସାଙ୍ଗକୁ ସରୁ ଓଠ ଧାରରେ ଅବ୍ୟକ୍ତ ଭାଷାର କମ୍ପନ । ଆଖିର ଲୁହ ଟପଟପ୍ ଝରି ପଡୁଥିଲା ଅମାନିଆ ହୋଇ । ରାତି ଆସି ଦୁଇଟା ହେଲାଣି । କହ୍ନେଇ ଆଖି ବନ୍ଦ କରି ଖଟରେ ଶୋଇବାକୁ ଚେଷ୍ଟା କଲା । ହୃଦୟଟା ବେଳେବେଳେ ବିକଳରେ ଗୁମୁରୁ କାନ୍ଦି ଉଠୁଥାଏ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

ISSN NO.
2582-208X

# ରସ ରାଜ ରସ ଶେଖର ହରି ମୂରଲୀଧର



ଦେବଜାନୀ ବାରିକ୍

ରସ ରାଜ ରସ ଶେଖର ହରି ମୂରଲୀଧର ।
ସତ୍ୟ ସନାତନ ଗରୁଡାସନ କମଳା ବର ।୧।
ରାବଣାରୀ ରାମ ଭଜନେ ଦୂର ହୁଏ ବୃଜୀନ ।
ଜଗମୋହନ ଜଗଦୀଶ୍ୱର ପତିତପାବନ ।୨।
ରହସ୍ୟମୟ ଯାର ପୁର ନାମ ପୁରୁଷୋତ୍ତମ ।
ସକଳ ସୁଖର ଆକର ଶ୍ରୀକୃଷ୍ଣ ଘନଶ୍ୟାମ ।୩।
ଶେଖର ସର୍ବ ଦେବଙ୍କର ବିଷ୍ଣୁ ପରମେଶ୍ୱର ।
ଖଣ୍ଡେ ସର୍ବାପଦ ଗୋବିନ୍ଦ ଦାନବାରୀ ଶ୍ରୀଧର ।୪।
ରମେଶ ହୃଷୀକେଶ ଜପ ଦୂର ହେବ ଦୂରୀତ ।
ହରି ନଟବର ମୂରଲୀଧର ଶ୍ରୀରାଧାକାନ୍ତ ।୫।
ରିଦ୍ଧି ସିଦ୍ଧି ଦାତା ବିଶ୍ୱ କରତା ପୁଣ୍ଡରୀକାକ୍ଷ ।
ମୂରଲୀ ବଦନ ଶ୍ରୀହରି ହରଇ ଭବ ଦୁଃଖ ।୬।
ରହ ମନ ବାଇ ଆବୋରି ହରି ରଙ୍ଗା ଚରଣ ।
ଲୀଟ ସାଜ ମନ ତା କଞ୍ଜ ପଦେ ପଶି ଶରଣ ।୭।
ଧରାବତରଣ ଶ୍ରୀକୃଷ୍ଣ ହରି ଶ୍ୟାମ ସୁନ୍ଦର ।
ରମଣୀ ରସିଆ ସ୍ମରିଣ ଭବ ଭୟ ସଂହର ।୮।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମିଛେ ଶୂନ୍ୟତାରୁ ସ୍ମୃତି ପଥେ

ଗାୟତ୍ରୀ ପ୍ରିୟଦର୍ଶିନୀ

ଶୂନ୍ୟତାକୁ ଯେବେ ପଚାରିଲି ମୁହିଁ
ମୋ ପ୍ରଶ୍ନର କି ଉତ୍ତର ନାହିଁ
ଦେଲା ସେ ଉତ୍ତର ପ୍ରଶ୍ନରେ ତାହାର
କି ମୁଁ ଅନ୍ତରେ ଖୋଜୁନି କାହିଁ ।।
ଅନ୍ତରେ ଅଛି ମୋ ଉତ୍ତର ଭଣ୍ଡାର
ମୋତେ ତାହା ଅଟେ ଜଣା
କେଉଁ ଉତ୍ତରଟି ଶ୍ରେଷ୍ଠ ଯେ ଭଣ୍ଡାରେ
ଖୋଜି ହେଲି ବାଟବଣା ।।
ଖୋଜୁଖୋଜୁ ସତେ ଅତୀତର ପଥେ
ମନ କାହିଁ ଯାଇ ଫେରେ
ଭୁଲ୍ ଠିକ୍ ସବୁ ବିଚାରି ବିଚାରି
ବର୍ତ୍ତମାନ ପାଖେ ହାରେ ।।
ଅନ୍ତରର ସ୍ମୃତି ଏମିତି ଉତ୍ତର
ପ୍ରହେଳିକା ସୃଷ୍ଟି କରେ
ପ୍ରଶ୍ନ ପାଖେ ହାରି ନଥିବା ଏ ମନ
ଉତ୍ତର ନଖୋଜି ଫେରେ ।।

ଖୋର୍ଦ୍ଧା, ଓଡ଼ିଶା

ISSN NO.
2582-208X

# ଅସୀମିତ ଭାବନା



ଇଂ ହରେକୃଷ୍ଣ ଦଳାଇ

(ଆମର ଭାବିବା ଶକ୍ତି ଦେହ ମନ ସହ ଯୋଡ଼ି ହୋଇଥିଲେବି ଏହା ଦିଗନ୍ତ ବିସ୍ତାରି । ଭାବନାକୁ ଆୟତାଧିନ କରି ରଖିବା ସହଜ ହୁଏନାହିଁ। ଏହା ଭଲ ମନ୍ଦରେ ବିସ୍ତାରିତ ହୋଇଥାଏ। ଏହି ଆଧାରରେ ' ଅସୀମିତ ଭାବନା ' କବିତାର ସୃଷ୍ଟି।

ଭାବନାର ନାହିଁ ଆଦିଅନ୍ତ
ନାହିଁ ଦୈର୍ଘ୍ୟ ପ୍ରସ୍ଥ
ଅଲକ୍ଷ୍ୟରେ ଅବା ଅଦୃଶ୍ୟରେ
ଘୁରିବୁଲେ ଅନନ୍ତ ଦିଗନ୍ତ ପଥ
ସପନ ସାଥେ ପ୍ରୀତିକରି
ରଙ୍ଗୀନ୍ କାନଭାସ ଧାରେ
ଜ୍ୟାମିତିକ ଜ୍ଞାନ କୌଶଳ ବଳେ
ପ୍ରୟୋଗ କରି ଆଙ୍କିଦିଏ
ଆକର୍ଷଣୀୟ ଲୋଭନୀୟ ଚିତ୍ରରେଖା
କିଛିହୁଏ ସଜଡ଼ା ସାଇତା କିଛି ଅସଜଡ଼ା
ଯାହାର ନଥାଏ କିଣାବିକା ଗ୍ରହୀତା
ବେଳେବେଳେ ନେସିହୁଏ ଘଷିହୁଏ ସତ
ହେଲେ ଦେଇଯାଏ
ଝାପସା ଝାପସା ବାର୍ତ୍ତା

ISSN NO.
2582-208X

ଭାବନାର ନାହିଁ ଆଦିଅନ୍ତ
କ୍ଷେତ୍ରଫଳ ଅସମାପ୍ତ
ଆଶା ନିରାଶାର ବକ୍ରରେଖା
ଶାନ୍ତି ଅଶାନ୍ତିରେ ପରିବ୍ୟାପ୍ତ
ମାଳମାଳ ଭାବନା ଅଗଣିତ ଅସୀମିତ
ଜ୍ଞାନ ବୁଦ୍ଧି ବଳେ କରିଲେ ଆୟତ
ମନ ଅଗଣାରେ ତାହା
ନକରି ପାରେ ଉତ୍ପାତ
ଭାବନାର ନାହିଁ ଆଦିଅନ୍ତ
ଏହାହିଁ ଚିରନ୍ତନ ସତ୍ୟ

ନୂଆବଜାର, କଟକ
M : 8895278494

(ଏହି କବିତାଟି ୨୪/୭/୨୦୨୨ ତାରିଖରେ ଶ୍ରାବଣୀ ସାହିତ୍ୟ ସଂସଦ, ପଦ୍ମପୁର, କଟକ ଠାରେ ଆୟୋଜିତ କବିତା ପାଠୋତ୍ସବ ଅବସରରେ ଅଂଶ ଗ୍ରହଣ କରିବା ସୁଯୋଗ ପାଇଛି)

ISSN NO.
2582-208X

# ଅବହେଳିତ ଜନତାର ତ୍ରାଣକର୍ତ୍ତ୍ରୀ: ଅରୁଣା ରୟ



ଅରୁଣ କୁମାର ତ୍ରିପାଠୀ

ସମସ୍ତେ ଧରାପୃଷ୍ଠରେ ଜନ୍ମ ଗ୍ରହଣ କରି ବୟସ ବଢିବା ସହ ନିଜର ତଥା ପରିବାର ର ଅର୍ଥିକ ଉନ୍ନତି, ସାମାଜିକ ପ୍ରତିପତ୍ତି ହାସଲ ତଥା ଅନ୍ୟଠାରୁ ଉଚ୍ଚା ହେବାରେ ସମୟ ବିନିଯୋଗ କରି କେତେବେଳେ ଯେ ଦୁନିଆରୁ ବିଦାୟ ନିଅନ୍ତି ତାହା ନିଜେ ଜାଣିପାରନ୍ତି ନାହିଁ । କିନ୍ତୁ ଏଭଳି କିଛି ବିରଳ ବ୍ୟକ୍ତିତ୍ୱ ଥା'ନ୍ତି ଯେଉଁମାନେ କାହାର ଆଖିରେ ଲୁହ ଝରିଲେ ନିଜେ କାନ୍ଦି ଦିଅନ୍ତି ତଥା ସେହି କୋହର ନିବାରାଣାର୍ଥେ ନିଜର ସମସ୍ତ ପାରିବା ପଣିଆ ବିନିଯୋଗ କରି ସାମୂହିକ ଉନ୍ନତି ହାସଲ କରାନ୍ତି । ଉତ୍କଳ ମଣି ଗୋପବନ୍ଧୁ, ନେତାଜୀ ସୁଭାଷଙ୍କ ଭଳି ପ୍ରାତଃସ୍ମରଣୀୟ ବ୍ୟକ୍ତିଙ୍କ ଭଳି ଜଣେ ମହାନ ମହିଳାଙ୍କ ଆବିର୍ଭାବ ହେଇଥିଲା ୧୯୪୬ ଜୁ ୬ ତାରିଖରେ ତାମିଲନାଡୁର ଅଧୁନା ଚେନାଇ ଠାରେ । ଯେଉଁ ସମୟର ମହିଳା ଶସକ୍ତିକରଣର ବାର୍ତ୍ତା ଅଳ୍ପ କିଛି ସ୍ଥାନରେ ନିବନ୍ଧ ଭାବେ ଖବରକାଗଜର ପୃଷ୍ଠା ମଣ୍ଡନ କରୁଥିଲା, ସେହି ସମୟରେ ଜୀବନର ସର୍ବ ସଫଳତା ହାସଲ କରି ଏଭଳିକି ଭାରତର ସର୍ବୋଚ୍ଚ ପଦବୀ ଭାରତୀୟ ପ୍ରଶାସନିକ ସେବା କୁ ପରିତ୍ୟାଗ କରିଥିଲେ, ଦୁସ୍ତ ଜନତାର ସେବା ନିମନ୍ତେ । ତାଙ୍କର ମାନସ ସନ୍ତାନ ଭାବେ ଭାରତବାସୀ ପାଇଅଛନ୍ତି ସୂଚନା ଅଧିକାର ଆଇନ, ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ନିଶ୍ଚିତ ଖାଦ୍ୟ ଯୋଜନା, ନିଶ୍ଚିତ ପେନସନ ଯୋଜନା ତଥା ହ୍ୱିସିଲ ବ୍ଲୋୟର୍ ଙ୍କ ସୁରକ୍ଷା ଯୋଜନା ସମୂହ । ଆଜିର ଆଲେଖ୍ୟରେ ଆମେ ସୂଚନା ଅଧିକାର ଆଇନ ପ୍ରଣୟନ କ୍ଷେତ୍ରରେ ତାଙ୍କ ସଂଘର୍ଷକୁ ଆଲୋଚନା କରିବା । ହେଇପାରେ ତାଙ୍କର କାହାଣୀ ଅନେକ ଅରୁଣାଙ୍କୁ ଉତ୍ସାହିତ କରିବା!

ISSN NO.
2582-208X

ଭାରତ ସ୍ୱାଧୀନ ହେବାର ଗୋଟିଏ ବର୍ଷ ପୂର୍ବରୁ ତତ୍କାଳୀନ ମାଡ୍ରାସ ପ୍ରେସିଡେଂସି ରେ ଗୋଟିଏ ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଅରୁଣା । ତାଙ୍କ ପିତାଙ୍କ ନାମ ଥିଲା ଇ.ଡି. ଜୟରାମ ତଥା ମାତାଙ୍କ ନାମ ହେମା । ତାଙ୍କ ପୂର୍ବସୂରୀ ଜନସେବାରେ ତାଙ୍କ ପୂର୍ବରୁ ବ୍ରତୀ ଥିଲେ ତଥା ଜାତିପ୍ରଥା ବିରୁଦ୍ଧରେ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ପିତୃବ୍ୟଙ୍କ ମଧ୍ୟ ସାମିଲ ଥିଲେ ଇଞ୍ଜିନିୟର, ଓକିଲ ତଥା ବିଚାରପତି। ତାଙ୍କ ମାତାମହଙ୍କ ପରିବାର ମଧ୍ୟ ଲୋକଙ୍କ ସେବା ତଥା ଶିକ୍ଷାର ବିକାଶରେ ଅନେକ ଅର୍ଥ ଖର୍ଚ୍ଚ କରିଥିଲେ । କୁଷ୍ଠରୋଗୀଙ୍କ ସେବା ତଥା ଦରିଦ୍ର ଜନତାର ଦୁଃଖ ଲାଘବରେ ସେମାନଙ୍କ ଅବଦାନ ଅତୁଳନୀୟ ଥିଲା । ତାଙ୍କ ମାତା ପଦାର୍ଥ ବିଜ୍ଞାନ, ଗଣିତ, ସଂସ୍କୃତ ସାହିତ୍ୟ ତଥା ଖେଳକୁଦରେ ପାରଦର୍ଶୀ ଥିଲେ । ପିତା ଶାନ୍ତି ନିକେତନ ରେ ଶିକ୍ଷାଲାଭ କରି ପ୍ରାଥମିକ ଜୀବନରେ ଓକିଲ ତଥା ଭାରତୀୟ ସ୍ୱାଧୀନତା ସଂଗ୍ରମରେ ଯୋଗଦେଇ ଥିଲେ ଓ ସ୍ୱାଧୀନ ଭାରତରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ କର୍ମନିପୁଣତା ଦେଖାଇଥିଲେ । ଶେଷ ଜୀବନରେ ସେ ଲେଖାଲେଖି ତଥା ବୈଜ୍ଞାନିକ ଓ ଔଦ୍ୟଗିକ ଅନୁସନ୍ଧାନ ପରିଷଦର ଆଇନ ପରାମର୍ଶଦାତା ଭାବେ ଅବସର ଜୀବନ ବିତେଇଥିଲେ । ଅରୁଣାଙ୍କ ଦୁଇ ଭଉଣୀ ତଥା ଜଣେ ଭାଇଥିଲେ ତଥା ଲୋକାଚାର ପ୍ରଭାବରେ ତାଙ୍କ ଘରେ ତିନୋଟି ଭାଷା ଯଥା ତାମିଲ, ଇଂରାଜୀ ତଥା ହିନ୍ଦି ରେ ଭାବ ବିନିମୟ ହେଉଥିଲା । ପାରିବାରିକ ସଂସ୍କାର ସେମାନଙ୍କୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନହୋଇ ସ୍ୱାଧୀନ ଚିନ୍ତା ତଥା ଜାତି, ଧର୍ମ ବିହିନ ସମାଜ ଗଠନ ତଥା ସବୁବର୍ଗର ଲୋକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଶିଖେଇଥିଲା । ଅରୁଣା ପ୍ରାଥମିକ ଜୀବନରେ ଭାରତନାଟ୍ୟମ ତଥା କର୍ଣାଟକ ସଙ୍ଗୀତ ଶିକ୍ଷା ଗ୍ରହଣ କରିବା ନିମନ୍ତେ କଳାକ୍ଷେତ୍ର ଏକାଡ଼େମୀରେ ଯୋଗଦାନ କରିଥିଲେ । ପିତାମାତାଙ୍କ ପ୍ରରୋଚନାରେ ସେ ଫରାସୀ ଭାଷା ଶିକ୍ଷା କରିଥିଲେ ତଥା ଏକ କନଭେଣ୍ଟ ସ୍କୁଲରୁ ଶୈକ୍ଷିକ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ଶିକ୍ଷା ନିମନ୍ତେ ତାଙ୍କୁ ପଣ୍ଡିଚେରୀ ସ୍ଥିତ ଅରବିନ୍ଦ ଅଶ୍ରମକୁ ପ୍ରେରଣ କରାଯାଇଥିଲା ଓ ତାଙ୍କ ପରିବାର ଦିଲ୍ଲିକୁ ସ୍ଥାନାନ୍ତରିତ ହୋଇଥିଲେ । ତେଣେ ଆଶ୍ରମରେ ବିତୃଷ୍ଣା ହୋଇ ଦିଲ୍ଲୀର ଭାରତୀୟ ବିଦ୍ୟା ଭବନରେ ନାମ ଲେଖାଇଥିଲେ । ଇନ୍ଦ୍ରପ୍ରସ୍ଥର ମହିଳା ମହାବିଦ୍ୟାଳୟରୁ କଲେଜ ଶିକ୍ଷା ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ୧୯୬୫ ମସିହାରେ ସ୍ନାତକୋତ୍ତର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ତତ୍କାଳୀନ ସମାଜର ଆଦର୍ଶତାକୁ ପାଥେୟ କରି ଘରର ଚାରିକାନ୍ଥ ମଧ୍ୟରେ ନିଜର ଜ୍ଞାନକୁ ସୀମିତ କରିବାକୁ ଚାହୁଁନଥିଲେ । ସେହି ସମୟରେ

ISSN NO.
2582-208X

ମହିଳାଙ୍କ ନିମନ୍ତେ କେବଳ ଦୁଇଟି କ୍ଷେତ୍ର ପ୍ରଶସ୍ତ ଥିଲା, ପ୍ରଥମଟି ହେଉଛି ସାମ୍ବାଦିକତା ଏବଂ ଦ୍ୱିତୀୟଟି ଆଧ୍ୟାପନା । ସେ ନିଜର ଆଲମା ମାଟେର୍ ରେ ଇଂରାଜୀ ପ୍ରଫେସର ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ଅନ୍ୟପାଇଁ ଆଦର୍ଶ ହେବା ନିମନ୍ତେ ସେ ଭାରତର ସବୁଠୁ କଠିନ ପରିକ୍ଷା ଭାରତୀୟ ପ୍ରଶାସନିକ ସେବାର ସମ୍ମୁଖିନ ହୋଇ ସଫଳ ହୋଇଥିଲେ । ସେହି ସମୟରେ ମହିଳାଙ୍କ ସଫଳତା ହାର ୦.୧ ପ୍ରତିଶତ ରହିଥିଲା କିନ୍ତୁ ସେ ହାର ମାନିନଥିଲେ । ସେହି ବର୍ଷ କେବଳ ଦଶଜଣ ମହିଳା ସେଥିରେ ଅରୁଣାଙ୍କ ସହ କୃତିତ୍ୱ ଅର୍ଜନ କରିଥିଲେ । ସେ ଗାନ୍ଧି ତଥା ମାନବେନ୍ଦ୍ର ନାଥ ରୟଙ୍କ ଦର୍ଶନରେ ଗଭୀର ଭାବେ ପ୍ରଭାବିତ ହେଇଥିଲେ । ସେ ଜାତିୟ ପ୍ରଶାସନିକ ଏକାଡେମୀ ରେ ଅର୍ଥଶାସ୍ତ୍ର, ଆଇନ, ଭାଷା ତଥା ପ୍ରାଥମିକ ପ୍ରଶାସନିକ ଦକ୍ଷତା ରେ ତାଲିମ ପାଇଥିଲେ । ଅଶ୍ୱଚାଳନା ତଥା ଲୋକାଚାର ଶିକ୍ଷା ମଧ୍ୟ ସେହି ସମୟରେ ପ୍ରଦାନ କରାଯାଇଥିଲେ । ଯଦିଓ ତାଙ୍କର କେନ୍ଦ୍ରଶାସିତ ଅଞ୍ଚଳ କେଡର୍ ହୋଇଥିଲା କିନ୍ତୁ ପ୍ରୋବେସନ ସମୟରେ ସେ ତାମିଲନାଡୁରେ ନିଯୁକ୍ତି ପାଇଥିଲେ । ନିଜର କଲେଜ ବେଳର ସହପାଠୀ ତଥା ସହକର୍ମୀ ସଞ୍ଜିତ ରୟ ଙ୍କୁ ବିବାହ କରିଥିଲେ ଏବଂ ବିବାହ ଫଳରେ ସେ ସ୍ୱାମୀଙ୍କ କେଡ଼ର୍ ଦିଲ୍ଲୀକୁ ବଦଳି ହୋଇପାରିଥିଲେ । ଏହାଫଳରେ ଅରୁଣା ଜୟରାମ ରୁ ଅରୁଣା ରୟ ହୋଇଥିଲେ । ସଞ୍ଜିତ ଜଣେ ବଙ୍ଗାଳୀ ପରିବାରରୁ ଆସିଥିଲେ ତଥା ଅରୁଣାଙ୍କ ସହ ମିଶି କଲେଜ ଜୀବନରୁ ସମାଜସେବା କରୁଥିଲେ । ସେ ଉପଖଣ୍ଡୀୟ ଅଧିକାରୀ ଭାବେ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ନିଜକୁ ସାମିଲ କରିଥିଲେ । କାଳକ୍ରମେ ସେ ବିତ୍ତ ବିଭାଗର ଉପ ସଚିବ ତଥା ପଦନ୍ନୋତି ଲେଫ୍ଟନେଣ୍ଟ ଭଗର୍ଣ୍ଣରଙ୍କ ସଚିବ ଭାବେ ଅବସ୍ଥାପିତ ହୋଇଥିଲେ । କିନ୍ତୁ ଅରୁଣାଙ୍କ ଆଖି ଯାହା ସାମାଜିକ ଉନ୍ନତି ଚାହୁଁଥିଲା, ସେୟା ଖୋଜି ପାଇପାରୁନଥିଲା । ଯେହେତୁ ସେ ନିଜ ଘରର ଅର୍ଥନୈତିକ ଅବସ୍ଥା ବୁଝୁଥିଲେ, ତାଙ୍କ ଭାଇ ସ୍ନାତକ ଶିକ୍ଷା ପ୍ରାପ୍ତ କରିବା ପର୍ଯ୍ୟନ୍ତ ସେ ଚାକିରିରୁ ଇସ୍ତଫା ଦେବେନି ବୋଲି ମନସ୍ଥ କରିଥିଲେ । ସେୟାର ଉପଲବ୍ଧି ପରେ ସେ ସିଭିଲ ସର୍ଭିସ ସହ ସାତ ବର୍ଷର ସମ୍ପର୍କ ଛିନ୍ନ କରିଥିଲେ କାରଣ ସେ ଭାବୁଥିଲେ ସେଥିରେ ବ୍ରିଟିଶ ସଂସ୍କୃତି ତଥା ଚିନ୍ତାଧାରାକୁ ବୃଦ୍ଧି କରାଯାଇଛି । ନିଜ ସହକର୍ମୀଙ୍କ ସହ ପରାମର୍ଷ ନେଇ ସେ ପ୍ରଥମେ ସାତମାସ ଛୁଟି ନେଇ ସମାଜ ସେବାରେ ନିଜକୁ ବ୍ରତୀ କଲେ ଓ ନିଜକୁ ସେଠି ପୂର୍ଣ୍ଣତଃ ଆବିଷ୍କାର ପରେ ଚାକିରି ରୁ ଇସ୍ତଫା ଦେଇଥିଲେ ୧୯୭୪ ମସିହାରେ । ସେ ରାଜସ୍ଥାନର ଟିଲୋନିଆ ଠାରେ ନିଜର ପତିଙ୍କ ସମାଜସେବା ଗବେଷଣା ସଂସ୍ଥା ବା ବେର୍

ISSN NO.
2582-208X


ଫୁଟ କଲେଜରେ ନିଜକୁ ନିମଜ୍ଜିତ କରିଥିଲେ ଯାହା ୧୯୭୨ ରେ ପ୍ରତିଷ୍ଠା ହୋଇଥିଲା । ଗ୍ରାମଟି ଜୟପୁର ଠାରୁ ୧୦୦ କିମି ଦୂରରେ ଅବସ୍ଥିତ ଥିଲା, ଯେଉଁଠି ପାନୀୟ ଜଳ ତଥା ବିଜୁଳି ସୁବିଧାର ସେତେଟା ସୁବିଧା ନଥିଲା । ସବୁଦିନିଆ ରାସ୍ତା ମଧ୍ୟ ନଥିଲା ଏବଂ ଅନେକ ବାଟ ଚାଲି ଚାଲି ଗଲେ ଗଆଁରେ ପହଁଚି ହେଉଥିଲା । ତାଙ୍କ ପତିଙ୍କ ସହ ସେଠି ଟାଟା ସାମଜିକ ବିଜ୍ଞାନ ସଂସ୍ଥାନ ତଥା ଭାରତୀୟ ପ୍ରାଦୌଗିକ ସଂସ୍ଥାନର ୧୭ ଜଣ କର୍ମଚାରୀ ଥିଲେ ଯେଉଁ ମାନେ ସମାଜସେବାକୁ ନିଜ ଜୀବନର ବ୍ରତ ଭାବିନେଇଥିଲେ । ସେମାନେ ସୌର ବିଦ୍ୟୁତ ତଥା ଗ୍ରାମକୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରେଇଥିଲେ। ଶିକ୍ଷା ତଥା ରୋଜଗାର ର ବିକଳ୍ପ ପନ୍ଥା ଚୟନ ନିମନ୍ତେ ମଧ୍ୟ ସେମାନଙ୍କୁ ସହୟତା କରାଯାଇଥିଲା । ଏଥିରେ ପାଣ୍ଠି ପ୍ରଦାନ କରିଥିଲେ ରତନ ଟାଟା ଟ୍ରଷ୍ଟ, ଆନ୍ତର୍ଜାତୀୟ ଅକ୍ସଫାମ ସଂସ୍ଥା ରାଜସ୍ଥାନ ସରକାର ତଥା କେନ୍ଦ୍ରର ଭାରତ ସରକାର । କାଳକ୍ରମେ ଅରୁଣା ପରିଜନ ଭଳି ଲୋକଙ୍କ ସହ ମିଶିବାକୁ ଲାଗିଲେ । ଗ୍ରାମରେ ପରିବାର ନିୟନ୍ତ୍ରଣ କଥା ମଧ୍ୟ ଲୋକଙ୍କୁ ସଚେତନ କରେଇଲେ । ଦଳିତ ସଂପ୍ରଦାୟର ଅନେକେ ତାଙ୍କ ବାନ୍ଧବି ପାଲଟିଗଲେ, ଯେଉଁମାନଙ୍କ ସହଯୋଗରେ ସେ କିଛି ଧାର୍ମୀକ କୁସଂସ୍କାରକୁ ଅପସାରଣ କରିବାରେ ସଫଳ ହୋଇଥିଲେ । ଅରୁଣାଙ୍କ ମତରେ ଟିଲୋନିଆ ବାସୀ ହେଉଛନ୍ତି ତାଙ୍କର ପ୍ରକୃତ ଆଲମା ମାଟେର୍; ଯାହା ଜାତିୟ ପ୍ରଶାସନିକ ପ୍ରଶିକ୍ଷଣରେ ଶିକ୍ଷା ଦିଆଯାଏ ନାହିଁ ତଥା କୌଣସି ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ମିଳେନା, ସେ ସେହି ନିରିହ ସରଳ ପ୍ରାଣମାନଙ୍କ ସଂସ୍ପର୍ଶରେ ଆସି ପାଇଗଲେ ।

ବେରଫୁଟ କଲେଜ କାଳକ୍ରମେ ଏକ ସମାନ୍ତରାଳ ବ୍ୟବସ୍ଥାପିକା ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଲା । ସଂପୃକ୍ତ ଅଞ୍ଚଳ ତଥା ଆଖପାଖ ଅଞ୍ଚଳର ସମସ୍ତ ସମସ୍ୟା ଏହାଦ୍ୱାରା ସମାଧାନ ହେଲା । ୧୯୮୧ ରେ ରେ ନୌରତି ବାଇଙ୍କ ନେତୃତ୍ୱରେ ୫୦୦ ରୁ ଉର୍ଦ୍ଧ୍ୱ ମହିଳା ଏକତ୍ର ହୋଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମଜୁରି ନେବେ ନାହିଁ ତଥା ବର୍ଦ୍ଧିତ ପାଉଣା ନମିଳିବା ପର୍ଯ୍ୟନ୍ତ କାମକୁ ଯିବେ ନାହିଁ । ବେର୍ ଫୁଟ କଲେଜ ମାର୍ଫତ୍ ରେ ସୁପ୍ରିମ୍ କୋର୍ଟ ରେ କେସ୍ ଚାଲିଲା ତଥା ରାୟ ଶ୍ରମଜୀବିଙ୍କ ସପକ୍ଷରେ ଆସିଲା, ଯାହାଥିଲେ ଏକ ଯୁଗାନ୍ତକାରୀ ସଂସ୍କାର । ଅରୁଣା ଏଥିରେ ପ୍ରଭାବିତ ହୋଇ ଅନ୍ୟଅଞ୍ଚଳ ମାନଙ୍କ ୧୯୮୩ ରୁ ୮୭ ମଧ୍ୟରେ ପରିଭ୍ରମଣ କରି ନିଜସ୍ୱ ଅଭିଜ୍ଞତା ବୃଦ୍ଧି କରେଇଥିଲେ । ୧୯୮୫ ରେ କେନିଆର ରାଜଧାନୀ ନେଇରବି ଠାରେ ଆନ୍ତର୍ଜାତୀୟ ମହିଳା ସମ୍ମିଳନୀ କୁ ନଯାଇ

ISSN NO.
2582-208X

ଭାରତରେ ସମାନ୍ତରାଳ ମହିଳା ମେଳା ଆୟୋଜନ କଲେ ବେର୍ ଫୁଟ କଲେଜ, ସେବା ମନ୍ଦିର ତଥା ବିକାଶ ପରିଷଦ ସଂସ୍ଥା ସହଯୋଗରେ । ଭାରତର ବର୍ଷରୁ ହଜାର ହଜାର ମହିଳା ଏଥିରେ ଯୋଗଦେଇଥିଲେ ତଥା ପ୍ରଭାବିତ ନହୋଇ ପ୍ରତିବାଦ କରିବାର ସ୍ୱର ଅବଲୋକନ କରିଥିଲେ । ପରବର୍ତ୍ତୀ ସମୟରେ ସେ ବେର୍ ଫୁଟ କଲେଜର ୧୮୦ କିମି ଦୂରରେ ଅବସ୍ଥିତ ଦେବଡ଼ଙ୍ଗରୀ ନାମକ ସ୍ଥାନରେ ନିଜର ଲକ୍ଷସ୍ଥଳି ଅବସ୍ଥାପିତ କରିଥିଲେ କିଛି ପଥର ତଥା କାଦୁଅ ନିର୍ମିତ ଅବସ୍ଥାନରେ । ତାଙ୍କୁ ସେଥିରେ ସ୍ଥାନିୟ ବାସିନ୍ଦା ଶଙ୍କର ସିଂହ ତଥା ନିଖିଲ ଦେ ସହଯୋଗ କରିଥିଲେ । ଶଙ୍କର ବ୍ୟବସ୍ଥା ବିରୁଦ୍ଧରେ ଅନେକ ସଂଗ୍ରାମ କରିଥିଲେ ତଥା ପ୍ରତିବାଦ କରି ୧୭ ଟି ଚାକିରି ଛାଡିଥିଲେ ।ସେହିବର୍ଷ ମାନବ ବିକାଶ ମନ୍ତ୍ରଣାଳୟରୁ ସେମାନେ ଟ.୩୦୦୦୦/- ସହଯୋଗ ପାଇଥିଲେ ଯାହା ଦୈନିକ ଟ.୧୪/- ମଜୁରୀ ପ୍ରଦାନ କରି ସଂପୃକ୍ତ ଅଞ୍ଚଳରେ ବିକାଶକୁ ପହଁଚେଇ ପାରିଲା । ଶଙ୍କର ସିଂହ ସେହି ଅଞ୍ଚଳରେ ପରିଚିତ ଚେହେରା ଥିଲେ ଓ ଲୋକେ ତାଙ୍କ ଆଦର୍ଶକୁ ପାଥେୟ କରି ଅରୁଣାଙ୍କୁ ସହଯୋଗ କଲେ, କିନ୍ତୁ ସାଧାରଣ ଲୋକଙ୍କ ସହଜରେ ବିଶ୍ୱାସ କରିପାରୁନଥିଲେ ଯେ ଜଣେ ପ୍ରଶାସନିକ ଅଧିକାରୀ ଏହିଭଳି ନିଜକୁ ନିମଜ୍ଜିତ କରିପାରନ୍ତି। ଯେହେତୁ ଆରୁଣାଙ୍କ ପୂର୍ବସ୍ଥାନରେ ଅଭିଜ୍ଞତା ଥିଲା, ତେଣୁ ସେ ଆଞ୍ଚଳିକ ଭାଷା ତଥା ଭାବର ସହଯୋଗରେ ଲୋକଙ୍କ ନିକଟତର ହେବାକୁ ଲାଗିଲେ । ୧୯୮୮ ରେ ଏହି ତିନିଜଣ ମିଶି ପାଖ ଗ୍ରାମରେ ଏକ ଆନ୍ଦୋଳନର ସୂତ୍ରପାତ କରିଥିଲେ । ଜଣେ ଜମିଦାର ନିଜ ଅଧିନରେ ଜନତାଙ୍କ ୨୫ ଏକ ଜମି ରଖି ପଟ୍ଟା କରିଦେବାକୁ ବସିଥିଲେ, କିନ୍ତୁ ଆନ୍ଦୋଳନ ଫଳରେ ଅନେକ ସୁବିଧା ସୁଯୋଗ ଲୋକେ ପାଇବାକୁ ଲାଗିଲେ । ପାଖ ଆଖର ସମସ୍ତ ସମସ୍ୟା ଏମାନଙ୍କ ସହଯୋଗରେ ସମାଧାନ ହେବାକୁ ଲାଗିଲା । ସେହି ସମୟରେ ଘଟିଥିବା ଏକ ପ୍ରାକୃତିକ ଦୂର୍ବିପାକର ଭରଣପୋଷଣ ମଧ୍ୟ ସ୍ତରର ବ୍ୟକ୍ତିବିଶେଷ ହଡପ କରିନେଇଥିଲେ । ତଥା ମଜୁରୀ ପାଉଣାରେ ୨୦% କମ୍ କରି ପ୍ରଦାନ କରିଥିଲେ । ଅରୁଣା ଏବଂ ତାଙ୍କ ସହଯୋଗୀ ଏହି ପରିପ୍ରେକ୍ଷୀର ରଜସମନ୍ଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରିଥିଲେ ଯାହା ଗଣମାଧ୍ୟମରେ ଅନେକ ଦିନ ଧରି ଚର୍ଚ୍ଚା ରେ ରହିଲା, ଶେଷରେ ନ୍ୟାୟ ପ୍ରତିଷ୍ଠା ହେଲା ।

ମଇ ୧, ୧୯୯୦ ରେ ସେମାନେ ପ୍ରତିଷ୍ଠା କରିଥିଲେ ମଜଦୁର କିଶାନ ଶକ୍ତି ସଂଗଠନ । ପ୍ରାୟତଃ ୧୦୦୦ ସଦସ୍ୟତାରେ ଏହି ଅନୁଷ୍ଠାର ଶ୍ରୀବୃଦ୍ଧି ହେଲା, ଯାହାର କେହିବି

ISSN NO.
2582-208X

ଆତ୍ମଘୋଷିତ ଦଳପତି ନଥିଲେ । ଗ୍ରାମାଞ୍ଚଳର ବିକାଶ ତଥା ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଥିଲା ଏହି ସଂସ୍ଥାର ଆଭିମୁଖ୍ୟ । ଏଥିରେ କୌଣସି ସଦସ୍ୟତା ଦେୟ ନଥିଲା ତଥା ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଆନୁଷ୍ଠାନିକ କର୍ମ ସବୁ ସମ୍ପାଦନ ହେଉଥିଲା। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଞ୍ଚଳରେ ସରକାରୀ କାର୍ଯ୍ୟରେ ଘୋଟାଲା ତଥା ଆତ୍ମସାତ ଉପରେ ଅନେକ ଅନ୍ଦୋଳନ ଅରୁଣାଙ୍କ ନେତୃତ୍ୱରେ ସଂଗଠିତ ହୋଇଥିଲା । ଜନଶୁଣାଣି କାର୍ଯ୍ୟକ୍ରମର ମୂଳଦୂଆ ଅରୁଣାଙ୍କ ମାନସ ସନ୍ତାନଥିଲା ଏବଂ କାଳକ୍ରମେ ଆନ୍ଦୋଳନକୁ ତୀବ୍ରତର କରେଇ ଅନେକ ଦିନର ଧାରଣା ଫଳରେ ସେ ସୂଚନା ଅଧିକାର ଆଇନ କୁ ପ୍ରଣୟନ କରିବାରେ ସଫଳ ହୋଇଥିଲେ ।

ଏହି ପରିପ୍ରେକ୍ଷୀ ସେ ଗଠନ କରିଥିଲେ ମଜଦୁର କିସାନ ଶକ୍ତି ସଂଗଠନ ଓ ତାହାର ବ୍ୟାନରରେ ୧୯୯୪ ରେ ରାଜସ୍ଥାନର ବେଓ୍ୱାର ସହର ଯାହା ଆଜମେର ନିକଟରେ ଅବସ୍ଥିତି ସେଠି ଏକ ବିଶାଳ ଗଣଧାରଣା ଦେଲେ । "ହମ ଜାନେଙ୍ଗେ ହମ୍ ଜିନେଙ୍ଗେ" ଏହି ନାରାରେ ପ୍ରଭାବିତ ହେଇ ଆଖପାଖ ପ୍ରାୟତଃ ୧୫୦ ଗ୍ରାମର ବାସିନ୍ଦା ଧାରଣାରେ ସାମିଲ ହେଲେ । ସେହି ସମୟରେ ୪୬ ୦୦୦ ଟଙ୍କା ବିଭିନ୍ନ ବର୍ଗର ଲୋକେ ଦାନ ଦେଲେ କେବଳ ଧାରଣାକୁ ବୃଦ୍ଧି କରିବା ନିମନ୍ତେ । ଡ଼କ୍ଟର ଗଣ ମାଗଣା ଚିକିତ୍ସା ପ୍ରଦାନ କରି ନିଜସ ସମ୍ମତି ପ୍ରକାଶ କଲେ । ଆଖପାଖର ପରିବା ବିକାଳି ଧାରଣାକାରୀଙ୍କୁ ମାଗଣା ଭୋଜନ ସକାସେ ପରିବା ପତ୍ରଦାନ କରି ନିଜର ସମ୍ମତି ଜଣାଇଲେ । ଧାରଣାକୁ ଏକ ସାଂସ୍କୃତିକ ମେଳାର ରୂପ ଦିଆଗଲା ଯେଉଁଥିରେ ସଂଗୀତ ନୃତ୍ୟ ତଥା ମଞ୍ଚନାଟକ ପରିବେଷଣ କରି ଲୋକଙ୍କୁ ଉତ୍ସାହିତ କରାଗଲା । ସମଗ୍ର ଦେଶରୁ ଓକିଲ, ସମ୍ବାଦିକ ତଥା ଆଇନଜ୍ଞଙ୍କ ଧାରଣା ଛୁଟିଲା ସେହି ଅକ୍ଷାତପଲ୍ଲୀକୁ । ରାଜସ୍ଥାନ ସରକାର ପ୍ରତିଶ୍ରୁତି ଦେଲେ ଯେ ସୂଚନା ଅଧିକାର ଆଇନ ପ୍ରଣୟନ କରାଯିବ । କିନ୍ତୁ ସେହି ସହମତିର ଏକ ବର୍ଷ ବିତି ଯାଇଥିଲେ ମଧ୍ୟ କୋଣସି ସରକାରୀ ନର୍ଦ୍ଦେଶାନାମ ଜାରିହେଲା ନାହିଁ । ପରବର୍ତ୍ତୀ ସମୟରେ ଆନ୍ଦୋଳନ ତଥା ସଂଗଠନକୁ ଆହୁରି ମଜବୁତ କରଗଲା ।୧୯୯୬ ରେ ସମ୍ପ୍ରତି ଚାଲିଥିବା ଆଇନ ର ମୂଳଦୂଆ ସ୍ଥାପନ ହେଇଥିଲା । ରାଜସ୍ଥାନ ସରକାର କାଳକ୍ରମେ ଆନ୍ଦୋଳନ କାରୀଙ୍କ ଅଭିଯୋଗ ମାନ ମାନି ସେହି ଦିରେ ତ୍ୱରିତ ପଦକ୍ଷେପ ନେଲେ । ଦୁର୍ନିତିର କଳାବାଦଲ ଅପସରିଗଲା ତଥା ଦୁସ୍ଥ ଜନସାଧାରଣଙ୍କ ମୁଖରେ ହସ ଖେଳିଲା ।

ISSN NO.
2582-208X

୧୯୯୭ ରେ ତାମିଲନାଡୁ ପ୍ରଥମ ରାଜ୍ୟ ଭାବେ ଏହି ନିୟମ ପ୍ରଣୟନ କରିଥିଲା । ସୂଚନା ସ୍ୱାଧୀନତା ଆଇନ୍ ୨୦୦୨ ରେ ଯଦିଓ ପ୍ରଣୟନ କରାଗଲା କିନ୍ତୁ ଅକ୍ଟୋବର ୧୨, ୨୦୦୫ ରେ ଆଜି ପ୍ରଚଳିତ ଥିବା ଆଇନ୍ ଭାରତୀୟ ସଂସଦ ଦ୍ୱାରା ଗ୍ରହଣ କରାଗଲା ।

ବର୍ତ୍ତମାନ ଜାଣିନେବା ସୂଚନା ଅଧିକାର ଆଇନ ରେ କଣ ସବୁ ପ୍ରାବିଧାନ ରହିଅଛି । ପ୍ରଥମତଃ ସମସ୍ତ ସରକାରୀ ଅଫିସ ନିଜ ୱେବ୍ ସାଇଟ ଅଥବା ଜିଲ୍ଲା ୱେବ୍ ସାଇଟ ଜରିଆରେ ନିଜ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ବିବରଣୀ ତଥା ସଂପୃକ୍ତ ଆର୍ଥିକ ବର୍ଷରେ ସଂଗଠିତ ବିଭିନ୍ନ କ୍ରିୟା କଳାପର ସୂଚନା ସଂଲଗ୍ନ କରିବେ, ଯେଉଁଥିରୁ ଜନସାଧାରଣ ବିନା କୌଣସି ଅବେଦନରେ ସୂଚନା ପାଇପାରିବେ । ପ୍ରତିବର୍ଷ ସେୟା ଅଦ୍ୟତନ କରିବାର ନିର୍ଦ୍ଦେଶାନାମା ରହିଅଛି । ଏହି ଆଇନ୍ ବଳରେ ଭାରତୀୟ ଜନସାଧାରଣ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ପରିଭ୍ରମଣ କରି ସ୍ୱୀକୃତ କାଗଜ, ଭିଡିଓ କରି ଅବା ସିଡିରେ ବୈଦ୍ୟୁତିକ ଉପଲବ୍ଧି କରି ନେଇପାରିବେ । ପ୍ରତି ଫର୍ଦ୍ଦ ପିଛା ଟ.୨ ହିସାବରେ ଆପଣଙ୍କୁ ପାଉଣା ଦେବାକୁ ହେବ । ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବର୍ଗର ଲୋକଙ୍କୁ ଏଥିନିମନ୍ତେ କୌଣସି ଦେୟ ଦେବାକୁ ହୁଏ ନାହିଁ । ଉଭୟ ଅନ୍ ଲାଇନ୍ ଏବଂ ଅଫ୍ ଲାଇନରେ ଆବେଦନକାରୀ ଏଥିନିମନ୍ତେ ଦରଖାସ୍ତ ଦାଖଲ କରିପାରିବେ । ପ୍ରତି ରାଜ୍ୟସରକାର ତଥା କେନ୍ଦ୍ର ସରକାରଙ୍କ ସମର୍ପିତ ୱେବ୍ ସାଇଟ୍ ଏଥି ନିମନ୍ତେ ରହିଅଛି ଯେଉଁଠି ଆବେଦନ କରିହେବ । ପ୍ରତି ସରକାରୀ ଅଫିସ୍ ଏଥିରେ ଅନ୍ତର୍ଭୁକ୍ତ ଯେଉଁଠି ଜଣେ ସୂଚନା ଅଧିକାରୀ ଚୟନ ହେଇଥିବେ, ଅବେଦନକାରୀଙ୍କ ଜୀବନ ବିପଦରେ ଥିଲେ ୨୪ ଘଣ୍ଟା ମଧ୍ୟରେ ଉତ୍ତର/ସୂଚନା ଦେବାକୁ ହେବ ଅନ୍ୟଥା ଆବେଦନର ୩୦ ଦିନ ମଧ୍ୟରେ ଉତ୍ତର ଦେବାର ପ୍ରାବିଧାନ ରହିଅଛି । ଯଦି ଉତ୍ତର ମନମୁତାବକ ନମିଳେ ତେବେ ପରବର୍ତ୍ତୀ ସ୍ତର ରେ ସଂପୃକ୍ତ ଅଫିସ ର ଦ୍ୱିତୀୟ ସୂଚନା ଅଧିକାରୀଙ୍କ ନିକଟରେ ୩୧ ତମ ଦିନରେ ଅନ୍ ଲାଇନ୍ ଅବା ଅଫ୍ ଲାଇନ ଆବେଦନ କରିହେବ ଯେଉଁ ନିମନ୍ତେ ପ୍ରତ୍ୟାଶୀ ୨୦ ଟଙ୍କା ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତି ବିଶେଷ କେବଳ ନିଜର କାର୍ଡ ଟି ସଂଲଗ୍ନ କରିବେ ଅଭିଯୋଗ ସହ । ଯଦି ସେହି ସ୍ଥାନରେ ମଧ୍ୟ ନିରାଶ ହୁଅନ୍ତି ତେବେ ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ସଂପୃକ୍ତ ଅଭିଯୋଗର ୬୦ ଦିନ ପରେ ଅବେଦନ କରିପାରିବେ । ଯଦି ଏହି ପ୍ରକ୍ରିୟାରେ ଅଧିକାରୀ ଜଣକ ଜାଣିଶୁଣି କିଛି ତଥ୍ୟ ଲୁଚେଇଥିବେ, ଭୁଲ ସୂଚନା ପ୍ରଦାନ କରିଥିବେ ତଥା ସୂଚନା

ISSN NO.
2582-208X

ପ୍ରଦାନ କରିନଥିବେ ସେହିସ୍ଥଳରେ ତାଙ୍କୁ ଦୈନିକ ଟ.୨୫୦ ହିସାବରେ ସର୍ବାଧିକ ଟ.୨୫୦୦୦ ଜୋରିମାନା ପ୍ରଦାନର ବ୍ୟବସ୍ଥା ରହିଅଛି । କିଛି ସର୍ତ୍ତାବଳୀ ରହିଅଛି ଯାହାକୁ ଆବେଦନକାରୀଙ୍କୁ ପରିପ୍ରକାଶ କରିହବନି ଯେଉଠି କିଛି ରହସ୍ୟ ଥାଏ, ଦେଶର ସୁରକ୍ଷା କଥା ଥାଏ ତଥା କିଛିଟା ବ୍ୟକ୍ତିଗତ ବ୍ୟାପାର ।

ତେବେ ଯେଉଁ ସମୟରେ ସୂଚନା ଅଧିକାର ଆଇନ ପ୍ରଣୟନ ହେଲା ସେହି ସମୟରେ ଅନେକ ସ୍ୱେଚ୍ଛାସେବି ଅନୁଷ୍ଠାନ ଏହି ବିଷୟରେ ଜମସାଧାରଣଙ୍କୁ ସଚେତନ କରେଇବାରେ ଲାଗିଲେ । ଯେଉଁମାନେ ନିଜସ୍ୱ ପରିବେଶର ଉନ୍ନତିରେ ଏହାକୁ ଲଗେଇଲେ ସେୟାତ ଜନମଙ୍ଗଳରେ ପ୍ରେରିତ ହେଲା, କିନ୍ତୁ କିଛି ଟାଉଟର ସଂପୃକ୍ତ କାର୍ଯ୍ୟାଳୟର ଅସନ୍ତୁଷ୍ଟ କର୍ମଚାରୀଙ୍କ ସହଯୋଗରେ ଏହାକୁ ଏକ ବ୍ୟବସାୟ ତଥା ଗୁମର ଲୁଚା ଧମକ ଦେଇ ପ୍ରଭୂତ ଅର୍ଥ ରୋଜଗାର କରୁଅଛନ୍ତି । ଏଭଳିକି କିଛି ସ୍ଥାନରେ ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା କରିବାର ନଜିର ମଧ୍ୟ ରହିଅଛି । ଓଡ଼ିଶାର ଗୋଟିଏ ଜିଲ୍ଲାର ମୁଖ୍ୟ ଏହି ଆଇନ ବଳରେ ନିଯୁକ୍ତି କ୍ଷେତ୍ରରେ କରିଥିବା ପ୍ରିୟାପ୍ରିତି ତୋଷଣ ନିମନ୍ତେ ଜେଲ୍ ଯିବାର ମଧ୍ୟ ନଜିର ରହିଅଛି ।

ଜନସେବା ନିମନ୍ତେ ଅରୁଣା ରମଣ ମାଗାସେସ ଆୱାର୍ଡ, ଲାଲବାହାଦୂର ଶାସ୍ତ୍ରୀ ଲୋକ ସେବା ସମ୍ମାନ ତଥା ଟାଇମ୍ସ ମେଗାଜିନର ବିଶ୍ୱର ପ୍ରମୁଖ ୧୦୦ ମହିଳାଙ୍କ ମଧ୍ୟରେ ସ୍ଥାନ ପାଇ ଅଛନ୍ତି ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
ଦୂରଭାଷ : +୯୧-୯୦୭୮୩୮୬୨୭

ISSN NO.
2582-208X

# ତୁମ ନାଁ



ଅଶ୍ୱିନୀ ସୂତାର

ଟାଙ୍ଗୁଟିଏ କରି
ଆଙ୍କି ଦେଇଛି ମୁଁ
ହୃଦୟ ଭିତରେ
ଅଦେଖା ଅଛୁଆଁ ଅଙ୍ଗେ
କାହାର ସାହସ
ଅଛି କୁହ ମତେ
ଲିଭେଇ ଦେବ ସେ
ବଦନାମ ମତେ କରି

କଳଙ୍କକୁ ପରା
ସହର୍ଷେ ବୋଳିଛି
ଦେହରେ ବିଭୂତି
ମଥାରେ ତିଳକ ସମ
ଯେଉଁ କଳଙ୍କର
ପରିଚୟ ମୋତେ
ସଜେଇ ସାରିଛି
ତୁମ ପ୍ରିୟତମ କରି

ଭୁବନେଶ୍ୱର
ଯୋଗାଯୋଗ-9437008341

ISSN NO.
2582-208X

# ଶ୍ରାବଣୀ ଗୋ



କାଳପ୍ରସାଦ ମହାପାତ୍ର

ଶ୍ରାବଣୀ ଗୋ ତୁମ
ଭିଜା ଓଢ଼ଣୀ
ଓଠରୁ ଝରୁଛି
ମୁକୁତା ମଣି।।

ଲାଲ ଟୁକୁ ଟୁକୁ
ପାଟ ଓଢଣୀ
ସାଧବ ବୋହୁଟି
ଦେଇଛି ଆଣ।।

ଇନ୍ଦ୍ରଧନୁ ଦିଶଇ
ସପତ ରଂଗ
ଓଦା ଦେହେ ତୋର
ଦେଇଛି ରଂଗ।

ସବୁଜ ଧଡିର
ଛଟକ ବେଶି
ଦିଶଇ ଉଡିଲେ
ସୁଂଦର ବେଶୀ।।

କଟିଦେଶ ତୋର
କି! ମନୋହର
ନଦୀ ପରବତ
ସହ ନିର୍ଝର। ।

ଚାଲିରେ ତୋହର
ବାଦଲ ରାଣୀ
ଶବଦ କରିଣ
ବରଷେ ପାଣି।।

ISSN NO.
2582-208X

ପାଦର ପାଉଁଜି
　　　　　　ପାଣିର ଧାର
ଦିଶଇ ସୁନ୍ଦର
　　　　　　ରୂପାର ଗାର।।

ବେଙ୍ଗ ବେଙ୍ଗୁଲୀଏ
　　　　　　ସାଜିଣ ଭାଟ
ଡାକନ୍ତି ଶ୍ରାବଣୀ
　　　　　　ଆସ ଝଅଟ। ।

ଝିଙ୍କାରୀ ପ୍ରହରୀ
　　　　　　ରାତ୍ରି ଅଧାରେ
ଶ୍ରାବଣୀ ଉଠିଣ
　　　　　　ନିଦ ଆଖିରେ।।

ଶ୍ରାବଣୀ ଗୋ ତୁମେ
　　　　　　ମନୁଆ ଅତି
କେବେ ଚାଲିଯାଅ
　　　　　　ଛାଡିଣ ସାଥି।।

ଶିକ୍ଷକ, ବନ୍ଧୁଗାଁ,
କୋରାପୁଟ

ISSN NO.
2582-208X

# ଅତି ଆପଣାର
# ମାଆ



ପ୍ରଶାନ୍ତ କୁମାର ଦାଶ

ଯେତେ ଭଲ ଗୀତ ଯେତେ ଭଲ ଗପ
କହେ ମତେ କୋଳେ ଧରି
ସବୁଠୁ ବଢିଆ ଦରବ ଖୁଆଏ
ମନଜାଣି ପେଟ ଭରି ।

ସବୁଠୁ ମଧୁର ମିଠା କଥା ତାର
ଗାଲରେ ଦିଅଇ ଚୁମା
ଖେଳାଏ ନଚାଏ ଗୀତଗାଇ ସିଏ
ସୁରରେ ରୁମୁକୁ ଝୁମା ।

ସଞ୍ଜ, ଖରା ବେଳେ ତା ପଣତ ତଳେ
ଆଶରା ଟିକିଏ ଦିଏ
ଆଖିତଳ ଧାରେ ଅମାନିଆ ଲୁହ
ତା ହାତରେ ପୋଛିନିଏ ।

ତା କୋଳ ମୋ ପାଇଁ ନିଦର ଝୁଲଣା
ସାଇତା ସରଗସୁଖ

ISSN NO.
2582-208X

ଏଇ ଦୁନିଆକୁ ଆଣିଛି ସେ ମତେ
ସହି ସହି ସବୁ ଦୁଃଖ ।

ତା ଲାଗି ସୁନ୍ଦର ଛୋଟ ଆମ ଘର
ସଭିଏଁ ତା କାମେ ଖୁସି
ଛୋଟ ଚିତ୍ରକର ସାଜି ଆଙ୍କିଦିଏ
ଝୋଟି ଚିତା ଘରେ ବସି ।

ଜହ୍ନର ଜୋଛନା ପରି ହସୁଥାଏ
ଜୀବନର ଦୁଃଖ ଭୁଲି
ମୋ ଓଠରେ ହସ ଦେଖି ଗରବରେ
ଛାତି ତାର ଉଠେ ଫୁଲି ।

ଜାଣିଛି ସଂସାରେ ଦେବୀଠାରୁ ବଡ଼
ଅତି ଆପଣାର ମାଆ
ଶତ ଶରତର ଆୟୁ ଘେନି ସୁଖେ
ଚିରକାଳ ରହିଥାଆ ।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ- ୭

ପ୍ରଭାତରେ ବ୍ୟାୟାମ କରିବାକୁ ଗଲେ ସେହି ମାଳତି ସହିତ ସତ୍ୟର ଭେଟ ହୁଏ। ସେ ଅପଲକ ନୟନରେ ଚାହିଁ ସଂକ୍ଷିପ୍ତ ହସଟି ପ୍ରକାଶ କରିଦିଏ। ସେହି ହସରେ ଥାଏ ତା'ପ୍ରତି ଅଶେଷ ଆକର୍ଷଣ, ଅମାପ ସ୍ନେହ, ଅପାର ଆନନ୍ଦ। ବିଦ୍ୟାଳୟ ଯିବା ପୂର୍ବରୁ ତା'କୁ ଦେଖିବା ପାଇଁ ଇଚ୍ଛା ହୁଏ। ତା' ଘର ପଟକୁ କେଉଁ ଏକ ବାହାନା ନେଇ ସତ୍ୟ ଆସେ। ତା' ସହ ଦେଖା କଲେ ପୂର୍ବ ଭଳି ହସି ଲାଜେଇ ଯାଏ ମାଳତି। ଛୁଟି ଦିନଗୁଡିକରେ ଅପରାହ୍ନ ବେଳେ ମାଳତିର ଆଗମନକୁ ପ୍ରତୀକ୍ଷା କରି ରହେ। ମାଳତି ମାଠିଆ କି ବାଲଟି ଧରି ଯମୁନାକୁ ଗଲା ଭଳି ଢଳି ଢଳି ନଳକୂପକୁ ଆସେ। କେଇ ପଦ କଥା ହୁଏ ଓ ଚାଲିଯାଏ। ସନ୍ଧ୍ୟାରେ ମଧ୍ୟ ଠିକ୍ ଅନୁରୂପ। ନିତ୍ୟକର୍ମ ବାହାନାରେ ତା'ସହିତ କଥା ହେବାର, ତା'ର ସାନ୍ନିଧ୍ୟ ଲାଭ କରିବାର ସୁଯୋଗ ମିଳେ। ଏହିପରି ଅତିବାହିତ ହୁଏ ଦିନ ପରେ ଦିନ।

ସେହି ଦିନ ସନ୍ଧ୍ୟା ନିତ୍ୟକର୍ମ ସମାପନ କରି ତିନି ନାରୀ ମୂର୍ତ୍ତି ମାଳତି, ଦୁଇ ସାଙ୍ଗ ନନ୍ଦିନୀ ଓ ଶେଫାଳି ପ୍ରତ୍ୟାବର୍ତ୍ତନ କରୁଥିଲେ। ଏତିକି ବେଳକୁ ସତ୍ୟର ଦେଖାହୁଏ ପୋଖରୀ ଅଭିମୁଖେ ଯାଇଥିବା ପାଦଚଲା ରାସ୍ତାରେ। ମନର ଆବେଗକୁ ଚାପି ନପାରି କହିଲା, "ମାଳତି ଯଦି କିଛି ମନେ ନକରିବ, ତେବେ କଥାଟି କହୁଛି। ତୁମେ ମୋତେ ବହୁତ ଭଲ ଲାଗ। ବେଶି ମନେ ପଡ। ତୁମର ହିଁ ପ୍ରତିଛବି ମୋ ମାନସପଟରେ ସଦା ଉଙ୍କିମାରେ। ମୁଁ ଭ୍ରାନ୍ତ କି ଅଭ୍ରାନ୍ତ ଜାଣିପାରେ ନାହିଁ। ସତରେ ତୁମର ଘଡିଏ ଦେଖା ନହେଲେ ମୋ ହୃଦୟରେ ଆଲୋଡନ ସୃଷ୍ଟି ହୁଏ। ମାଳତି, ତୁମକୁ କ'ଣ ମୋତେ ଭଲ ଲାଗେନାହିଁ ?

ISSN NO.
2582-208X

ତୁମର ହୃଦୟରେ ଏମିତି କିଛି ଆଲୋଡନ ସୃଷ୍ଟି ହୁଏ ନାହିଁ? ମୋତେ ନୀଚ ଜାତିର ଯୁବକ ବୋଲି ଘୃଣା କର କି?"

ସତ୍ୟର ଅନ୍ତରରେ ଆଜି ଯେଉଁ ଅଗ୍ନି ଉଦଗୀରଣ ହୋଇଛି ତା'ର ନିରାକରଣ ହୋଇପାରେ ମାଳତିର ହଁ ବା ନାହିଁ ଭିତରେ। ସତ୍ୟ ଆଜି ଯେଉଁ ମାଳତିର ରୂପ ଲାବଣ୍ୟରେ ବିମୁଗ୍ଧ ସେଥିପାଇଁ ଦାୟୀ ହୋଇପାରେ ତା'ର ଯୌବନାବସ୍ଥା ଓ ପରିବେଶ। ଏହି ବୟସରେ ମନ ଖୋଜୁଥାଏ ନିଜେ ଚାହୁଁଥିବା ଭଳି ସାଥୀଟି। ତା' ସହିତ କଥାବାର୍ତ୍ତା, ଭାବର ଆଦାନପ୍ରଦାନ, ବେଦନାକୁ ବ୍ୟକ୍ତ, କିଛି ମୁହୂର୍ତ୍ତ ବିତାଇବା ପାଇଁ ବ୍ୟାକୁଳ ହୋଇଉଠେ। ମୂର୍ଖ ଭଳିକାର୍ଯ୍ୟ କରିବସେ। ନା ଜନ ସମାଜର ନୀତି ନିୟମକୁ ଦେଖେ ନା ସମ୍ବିଧାନର ଧାରାକୁ। ନା ଅନ୍ୟର ସମ୍ମାନକୁ ଖାତିର କରେ ନା ନିଜର ଦାୟିତ୍ୱବୋଧକୁ ଗୁରୁତ୍ୱ ଦିଏ। ଏହା ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଘଟିଥାଏ। କାହା ପାଇଁ ଶୀଘ୍ର ଆସେ ତ କାହା ପାଇଁ ଡେରିରେ। କାହା ନିମନ୍ତେ ଅଦିନିଆ ଝଡ ହୋଇ ଆସେ ତ କାହା ନିମିତ୍ତ ଅପ୍ରତ୍ୟାଶିତ ସୁଖ ହୋଇ। ବୈଜ୍ଞାନିକ ଦୃଷ୍ଟିକୋଣରେ ଦେଖିବାକୁ ଗଲେ ମସ୍ତିଷ୍କକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଯେଉଁମାନଙ୍କ ଡାହାଣ ପଟର ମସ୍ତିଷ୍କ କ୍ଷିପ୍ର ଗତିରେ ବୃଦ୍ଧି ପାଏ ବା ବେଶି କାମ କରେ ତେବେ ତାଙ୍କର ଗଣିତ, ବିଜ୍ଞାନ ପ୍ରଭୃତି ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ ହୁଏ। ମାତ୍ର ଯେଉଁମାନଙ୍କର ବାମପଟର ମସ୍ତିଷ୍କରେ ଅଧିକ ପ୍ରଭାବ ପଡେ ସେହିମାନେ ମୁଖ୍ୟତଃ ସ୍ନେହ, ମମତା, ଭକ୍ତି ପ୍ରତି ଆକର୍ଷିତ ହୋଇଥା'ନ୍ତି। ଏମାନଙ୍କ କ୍ଷେତ୍ରରେ ଗଣିତ କି ବିଜ୍ଞାନ ଯେ ଆସେ ନାହିଁ ଅଥବା ଦକ୍ଷିଣ ପାର୍ଶ୍ୱର ମସ୍ତିଷ୍କ ବେଶି କାମ କରୁଥିବା ବ୍ୟକ୍ତି ଠାରେ ଯେ ଭଲ ପାଇବାର ଅଭାବ ଦେଖାଯାଏ ତାହା ନୁହେଁ। ଅଥଚ ସତ୍ୟକୁ ନେଇ ଏତିକି ମାତ୍ର କୁହାଯାଇପାରେ ଯେ ନିଶ୍ଚିତ ରୂପେ ତା'ର ବାମ ପଟର ମସ୍ତିଷ୍କ ବେଶି କାମ କରେ। ଅପରପକ୍ଷରେ ତା'ର ବାମାଙ୍ଗଗୁଡିକ ଅଧିକ ସକ୍ରିୟ। ତେଣୁ ତା'କୁ ବାମହାତୀ ବୋଲି ମଧ୍ୟ ସାଙ୍ଗମାନେ କହନ୍ତି।

ମାଳତି ସବୁ ଶୁଣିଗଲା ନୀରବ ନିଶ୍ଚଳ ଭାବରେ। କିନ୍ତୁ ସେ ତ ପାଠ ପଢ଼ି ନାହିଁ। ତେଣୁ ସତ୍ୟ ଭଳି ଭାଷା ପ୍ରୟୋଗ କରି ତା'ର ପ୍ରତିତ୍ତୋର ଦେବ ସେମିତି ଆଶା କରାଯାଇ ନପାରେ। ମାତ୍ର ସତ୍ୟର ଅନ୍ତରର ବେଦନା ଅନୁଭବ କରି ପାରିଛି। ସତ୍ୟ ତା'ପ୍ରତି କେତେ ଆକର୍ଷିତ ସେ ବୁଝି ପାରିଛି। ହେଲେ ସତ୍ୟ କ'ଣ ମାଳତିର ମନ କଥା ହୃଦୟଙ୍ଗମ କରି ପାରିଛି? ତା'ର ନୟନର ଇଙ୍ଗିତକୁ କେବେ ବୁଝି ପାରିଛି? ସେ ମଧ୍ୟ ତା'ର ପ୍ରତି କେତେ

ISSN NO.
2582-208X

ଢଳି ଯାଇଛି ତାହା ଦେଖି ପାରିଛି? ବୋଧହୁଏ ନୁହେଁ। ତା'ନହେଲେ କାହିଁକି ବା ପଚାରିଥା'ନ୍ତା? ମାଳତି କେତେବେଳ ଯାଏଁ ମନର କୋହକୁ ଚାଟି ରଖିବ? ଯେତେବେଳେ ସତ୍ୟ ଠାରୁ ଶୁଣିଲା " ନା ମୋତେ ନୀଚ ଜାତିର ଯୁବକ ବୋଲି ଘୃଣା କରୁଛ" ବୋଲି ସେ ଆଉ ଥୟ ଧରି ପାରିଲା ନାହିଁ। ସାଙ୍ଗେ ସାଙ୍ଗେ ଉତ୍ତର ଦେଲା " ତୁମେ କାହିଁକି ସେପରି ଭାବୁଛ? କ'ଣ ଏ ଉଚ୍ଚ ନୀଚ ଜାତିଟା? ମୁଁ ତ ଏ ପର୍ଯ୍ୟନ୍ତ ବୁଝିପାରିନି ଏଇ ଜାତିଫାତିଟାକୁ। ତୁମେ ମଣିଷ, ମୁଁ ବି ମଣିଷ। ତୁମ ଶରୀରରେ ଯେଉଁ ରକ୍ତ, ମାଂସ, ହାଡ ରହିଛି ମୋର ଦେହରେ ବି ସେସବୁ ରହିଛି। ତେବେ ମୁଁ କାହିଁକି ଜାତିକୁ ନେଇ ପାତର ଅନ୍ତର କରିବି?"

ଦୀର୍ଘ ଦିନ ପରେ ମାଳତି ଆଜି ସତ୍ୟକୁ ଆଭିଧାନିକ ଭାଷାରେ ସମ୍ବୋଧନ କରିଛି। ସେ ଯେତେବେଳେ ଯାହା ସହିତ କଥା ହେଲେ ସମ୍ବୋଧନ ଅର୍ଥରେ 'ରେ', 'ଗା' ପ୍ରୟୋଗ କରେ। ସତ୍ୟ ମଧ୍ୟ ଏଥିରୁ ବାଦ୍ ପଡିନଥିଲା। କିନ୍ତୁ ଆଜି ସେ ସତ୍ୟକୁ 'ତମେ' ବୋଲି ଶବ୍ଦ ସଂଯୋଜନା କରିଛି। ନିଜର ବ୍ୟାକୁଳତାକୁ ପ୍ରକାଶ କରି ଦେଇଛି। ବାଶ୍,ଏତିକି। ଗୋଟିଏ ଶବ୍ଦରେ ଅବଶିଷ୍ଟ ଜୀବନର ପଥ ପରିଷ୍କାର। ଏକ ଅନାଲୋଚିତ ଅଧ୍ୟାୟର ଅୟମାରମ୍ଭ। ମନେହେଲା ମାଳତି ମଧ୍ୟ ମନେ ମନେ ଭଲ ପାଉଛି ସତ୍ୟକୁ ଦ୍ରୁପଦ ସୁତା ଭଳି।

କ୍ରମଶଃ -------

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ସ୍ୱପ୍ନମୟୀ

ନରଞ୍ଜନ ସାହୁ

ଗଭୀର ରାତିର ବହଳ ନିଦରେ
ସ୍ୱପ୍ନେ ଯେବେ ତୁମେ ଆସ
ସପନ ହୁଅଇ ରଙ୍ଗୀନ ରଙ୍ଗୀନ
ବାସୁଥାଏ ଚଉପାଶ ।

କେବେ ମଧୁଶଯ୍ୟା ମଧୁଯାମିନୀରେ
ଅବଗୁଣ୍ଠନରେ ଥାଅ
କେବେ ବୀଣାଜିଣା କଣ୍ଠସଙ୍ଗୀତରେ
ପ୍ରଣୟର ଗୀତ ଗାଅ
କେବେ ଏକାନ୍ତରେ ମୋହରି ସାଥିରେ
ଚୁପି ଚୁପି ହୋଇ ଭାଷ ।

କେବେ ରାଗିଥାଅ , କେବେ ରୁଷିଯାଅ
କେବେ ଅଭିମାନ କର
କେବେ ଭାଙ୍ଗିଯାଏ ସପନ ମୋହର
ଚୁନା ହୁଏ ସୁନା ଘର
କେବେ ଧରାଦିଅ , କେବେ ଦୂରେ ଯାଅ
କେବେ ଢାଳ ସ୍ମିତହାସ ।

ନିହଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ବାର୍‌ଙ୍ଗନା



ପ୍ରଶାନ୍ତ କୁମାର ନାଥ

ସାଜି ଅଛି ସିନା ବାରାଙ୍ଗନା ମୁହିଁ
ବାର ଅଗଣାରେ ଯାଇ
ଲିଭାଇ ଥାଏ ମୁଁ କାମନା ନିଆଁକୁ
ନିଜେ ଜଳି ପୋଡି ହେଇ ।

କିଏସେ ବୁଝିବ ମନର ବେଦନା
ଅନ୍ତରରେ ନାହିଁ ନିଆଁ
ତଥାପି ଦୁନିଆଁ କରୁଥାଏ ଘୃଣା
ଏ ନାମକୁ ଶୁଣି କିଆଁ।

କାମନା ନିଆଁକୁ ଲିଭାଇବା ପାଇଁ
କାର ଅଛି ଅବା ଶକ୍ତି
ମୁଁ ଯଦି ପାରିଲି ଲିଭେଇ ଅଣ୍ଟିରେ
କିବା ନାହିଁ ମୋର ମୁକ୍ତି ।

ସାଜେ ନାହିଁ ନାରୀ ନିଜେ ବାରାଙ୍ଗନା
ସଜାଇ ଦିଏ ପୁରୁଷ
ଭରସା ବିଶ୍ୱାସ ଲୁଟି ନେଲା ପରେ
ନାରୀ ହେଇ ଯାଏ ଶେଷ ।

ରୂପ ମୋର ସିନା ସଜ ଫୁଲ ପରି
ମନ ମୋର ବୃନ୍ତ ଚ୍ୟୁତ
ଦୁନିଆଁ ହାଟରେ ନାଆଁଟି କେବଳ
ବେଶ୍ୟା ନାମେ ପରିଚିତ ।।

ଜୁଣଗଡି (ରାଜନଗର),
କେନ୍ଦ୍ରାପଡ଼ା

ISSN NO.
2582-208X

# ରତନ ମଣ୍ଡପାସୀନ ସେ ମୋହନ

ସୁହାସିନୀ ବାରିକ୍

ରତନ ମଣ୍ଡପାସୀନ ସେ ମୋହନ ଭାଇଭଉଣୀ ସାଥିର ।
ତନୁମନ ତାରେ କଲେ ସମର୍ପଣ ନଥାଇ ଶମନ ଡର ।୧।
ନକରିଣ ହେଳା ଜପ ଚକାଡୋଳା ମାନସ ହୋଇ ତତ୍ପର ।
ମଂଗୁ ଆଳସେ ଭବସିନ୍ଧୁ ନାବର ମୋହନ ମୂରଲୀଧର ।୨।
ଡକାଇତ ଭାଟ ସେ ବିଶ୍ୱ ସମ୍ରାଟ ଅଗ୍ରଜ ଯା ହଳଧର ।
ପାନକର ମନ ନାମ ରସସୁଧା ଦଣ୍ଡଧର ଦଣ୍ଡ ହର ।୩।
ସୀମାନ୍ତ ଶୋଭନ ମୟୂରର ପର କଟୀତଟେ ପୀତାମ୍ବର ।
ନଟରାଟ ନନ୍ଦ ଚାଟ ସୁର ଶ୍ରେଷ୍ଠ ପାଳକ କୋଟି ବିଶ୍ୱର ।୪।
ସେ କଳା କାଇଞ୍ଚ ମାଳିଆ କାଳିଆ କୃଷ୍ଣ ନବନୀତ ଚୋର ।
ମୋକ୍ଷ ପ୍ରଦାୟକ ସେ ବିଶ୍ୱନାୟକ କଳାମୁଖ କଳାକର ।୫।
ହରିହରି ଭାବ ହରି ବାସୁଦେବ ପଦ୍ମନାଭ ଦେବେଶ୍ୱର ।
ନଟ ନାଗର ଶ୍ରୀକୃଷ୍ଣ ବଂଶୀଧର ଶ୍ରୀପତି ଶ୍ରୀମତୀ ବର ।୬।
ଭାରତୀ ବଲ୍ଲଭ ବିଷ୍ଣୁ ବାସୁଦେବ ଶୟନ କ୍ଷୀରସାଗର ।
ଇନ୍ଦିରା ରମଣ ଦେବ ରାମାୟଣ ଦୀନବାନ୍ଧବ ଶ୍ରୀଧର ।୭।
ଭବ ସାଗରକୁ ନାବ ପଦ୍ମନାଭ ନୀଳମଣି ମାୟାଧର ।
ଉଦନ୍ତ ବୁଝଇ ସାରା ଜଗତର ବସିଣ ନୀଳକନ୍ଦର ।୮।
ନୀପ ମୂଳିଆ ସେ କଜ୍ୱଳ କାଳିଆ କାଳିୟ ଦରପ ହର ।
ସାମନ୍ତ କୋଟି ବିଶ୍ୱର ଦାମୋଦର ନରହରି ଶ୍ରୀୟାବର ।୯।
ଥିବ ଯହିଁ ତହିଁ ସେ ଭକତ ପାଇଁ ହୁଏ ଦଶ ଅବତାର ।
ରଥି ପାର୍ଥବୀର ସାରଥି ଶ୍ରୀଧର ମହାଭାରତ ଯୁଦ୍ଧର ।୧୦।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# କାର୍ତ୍ତିକ ମାସର ମାହାତ୍ମ୍ୟ ଓ ପରମ୍ପରା



ସାଇପ୍ରସାଦ ସାହୁ

ଓଡିଶାର ପର୍ବପର୍ବାଣୀ ସମ୍ବନ୍ଧରେ କୁହାଯାଇଥାଏ "ବାର ମାସରେ ତେର ପର୍ବ" ଅର୍ଥାତ୍ ବର୍ଷକର ବିଭିନ୍ନ ସମୟରେ ଓଡିଶାରେ ବହୁ ସଂଖ୍ୟକ ପର୍ବପର୍ବାଣୀ ପାଳନ କରାଯାଏ । ସେଥିମଧ୍ୟରୁ ଅନେକ ପର୍ବ ଓଡିଶାର ସଂପୂର୍ଣ୍ଣ ନିଜସ୍ୱ, ଐତିହ୍ୟ ସମ୍ପନ୍ନ ଓ ମହତ୍ୱପୂର୍ଣ୍ଣ। ହିନ୍ଦୁ ଶାସ୍ତ୍ରମତ ଅନୁସାରେ କାର୍ତ୍ତିକ ମାସକୁ ବାର ମାସ ଭିତରେ ଶ୍ରେଷ୍ଠ ଧର୍ମ ମାସ ଭାବେ ବିବେଚନା କରାଯାଏ । କାର୍ତ୍ତିକ ମାସକୁ ମହା କାର୍ତ୍ତିକ ମାସ ବୋଲି ମଧ୍ୟ କୁହାଯାଏ । କାର୍ତ୍ତିକ ଏକ ପବିତ୍ର ମାସ ।ଏହି ମାସରେ କେତେକ ପର୍ବ; ଗର୍ଭଣା ସଂକ୍ରାନ୍ତି, ରମା ଏକାଦଶୀ, ଧନଦା ତ୍ରୟୋଦଶୀ ବା ଧନ୍ ତେରାସ୍, ନାରକ ଚତୁର୍ଦ୍ଦଶୀ, ଦୀପାବଳି ଓ କାଳୀ ପୂଜା, ଗିରିଗୋବର୍ଦ୍ଧନ ପୂଜା, ଭ୍ରାତୃ ଦ୍ୱିତୀୟା, ନାଗ ଚତୁର୍ଥୀ, ଅଁଳା ନବମୀ, ରାସ ପର୍ବ, ମହାଦେବଙ୍କର ପ୍ରଧାନ ପର୍ବ ବଡ଼ ଓଷା, ଏବଂ କାର୍ତ୍ତିକେୟଙ୍କ ପୂଜା ପଡୁଥିବାରୁ ଏହି ମାସଟିକୁ ସମସ୍ତେ ଧର୍ମ ମାସ କହିଥାନ୍ତି । ବର୍ଷର ବାର ମାସ ମଧ୍ୟରୁ ଯେଉଁ ଚାରିଟି ପବିତ୍ର ମାସ ଭାବେ ପ୍ରସିଦ୍ଧ; ସେଥି ମଧ୍ୟରୁ କାର୍ତ୍ତିକ ଅନ୍ୟତମ ।  ଏହି ଚାରିମାସ ହେଉଛି, ଆ-କା-ମା-ବୈ; ଅର୍ଥାତ୍ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ । ବର୍ଷର ଏହି ଚାରି ମାସ ପୁଣ୍ୟ ଅର୍ଜନ ଓ ପୁଣ୍ୟ ସଂଚୟ ପାଇଁ ପ୍ରକୃଷ୍ଟ । କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଆମ ରାଜ୍ୟର ଏକ ପ୍ରମୁଖ ପର୍ବ । କୁମାର ପୂର୍ଣ୍ଣିମୀର ପର ଦିନ ଠାରୁ କାର୍ତ୍ତିକ ଆରମ୍ଭ ହୋଇଥାଏ । ଏହି ମାସରେ ଆବାଳବୃଦ୍ଧବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବ ଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ । କାର୍ତ୍ତିକ ଅମାବାସ୍ୟାକୁ ଦୀପାବଳି ଅମାବାସ୍ୟା ବୋଲି କୁହାଯାଏ । ସେହି ଦିନ ଘରକୁ ଆଲୋକ ମାଳାରେ ଓ ଦୀପର ଆଲୋକରେ ସଜେଇ ମହାଶକ୍ତିଙ୍କର ପୂଜା ଆରାଧନା ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । କେବଳ

ISSN NO.
2582-208X

ସେତିକି ନୁହେଁ, କାଉଁରିଆ କାଠିରେ ନିଆଁ ଲଗାଯାଇ ବଡବଡୁଆଙ୍କୁ ଡାକନ୍ତି ଓ ଶ୍ରାଦ୍ଧ ମଧ୍ୟ କରନ୍ତି ।

ଓଡ଼ିଆ ପଦ୍ମପୁରାଣରେ କାର୍ତ୍ତିକ ମାହାତ୍ମ୍ୟ ବିଷୟରେ ବର୍ଣ୍ଣନା ହୋଇଥିବା ବେଳେ ସ୍କନ୍ଧ ପୁରାଣରେ ଉଲ୍ଲେଖିତ କାର୍ତ୍ତିକ ମାହାତ୍ମ୍ୟ ପ୍ରସଙ୍ଗରେ ଅବତାରଣା ର ଆବଶ୍ୟକ ମନେ ହୁଏ । ବ୍ରହ୍ମା ନାରଦଙ୍କୁ କହିଛନ୍ତି; ମାସମାନଙ୍କ ମଧ୍ୟରେ କାର୍ତ୍ତିକ, ଦେବତା ମାନଙ୍କ ମଧ୍ୟରେ ବିଷ୍ଣୁ, ତୀର୍ଥମାନଙ୍କ ମଧ୍ୟରେ ଗଙ୍ଗା, ଯୁଗ ମାନଙ୍କ ମଧ୍ୟରେ ସତ୍ୟଯୁଗ, ଶାସ୍ତ୍ର ମାନଙ୍କ ମଧ୍ୟରେ ବେଦ, ଦାନମାନଙ୍କ ମଧ୍ୟରେ ଅନ୍ନଦାନ ଏବଂ ସୁଖ ମାନଙ୍କ ମଧ୍ୟରେ ପତ୍ନୀସୁଖ ଶ୍ରେଷ୍ଠ ଅଟେ । କିନ୍ତୁ ଶ୍ରୀମଦ୍ ଭଗବତ ଗୀତାରେ ଶ୍ରୀକୃଷ୍ଣ ମାସ ମାନଙ୍କ ମଧ୍ୟରେ ମାର୍ଗଶୀର ମାସକୁ ଶ୍ରେଷ୍ଠ ବୋଲି କହିଛନ୍ତି । ଯାହା ହେଉନା କାହିଁକି କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କର ସଦା ପ୍ରିୟ । କାର୍ତ୍ତିକ ମାସରେ ଭଗବାନ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ଯେଉଁ ପୁଣ୍ୟ କାର୍ଯ୍ୟ କରାଯାଇଥାଏ, ତାହାର କୌଣସି କ୍ଷତି ନାହିଁ । ଏହି ମାସରେ ଦେବତାମାନେ ମନୁଷ୍ୟଙ୍କର ନିକଟତର ହୁଅନ୍ତି । ତେଣୁ ଏହି ମାସରେ ବ୍ରତ, ଦାନ, ସ୍ନାନ ଇତ୍ୟାଦି ଦ୍ଵାରା ବିଷ୍ଣୁଙ୍କର ଆରାଧନା ଫଳଦାୟକ ଅଟେ । ଅନ୍ୟ ଦୃଷ୍ଟିକୋଣରୁ ମଧ୍ୟ ଦେଖିବାକୁ ଗଲେ କାର୍ତ୍ତିକ ମାସର ଅନେକ କିଛି ଗୁରୁତ୍ୱ ଅଛି । ଏହି ମାସରେ ବିଶେଷତଃ ଶ୍ରୀରାଧା ଓ ଶ୍ରୀଦାମୋଦରଙ୍କର ପୂଜା ଓ ଉପାସନା କରିବାର ବିଧେୟ ରହିଛି । ତୁଳସୀ ଅଥବା ଅଁଳା ବୃକ୍ଷ ତଳେ ସୂର୍ଯ୍ୟମଣ୍ଡଳକୁ ଦୃଷ୍ଟି କରି ସୂର୍ଯ୍ୟରୂପୀ ନାରାୟଣଙ୍କୁ ପୂଜା କରିବା ଉଚିତ । କୁହାଯାଏ ସମସ୍ତ ଦେବାଦେବୀ ଅପ୍ରତ୍ୟକ୍ଷ, କିନ୍ତୁ ଭଗବାନ ସୂର୍ଯ୍ୟ କାଳର କାଳ ଅଟନ୍ତି । ପିପ୍ପଳ ବା ଅଶ୍ୱତ୍ଥ ବୃକ୍ଷ ଭଗବାନ ବିଷ୍ଣୁଙ୍କର, ବଟ ବୃକ୍ଷ ଶଙ୍କରଙ୍କ ଏବଂ ପଳାସ ବୃକ୍ଷ ବ୍ରହ୍ମାଙ୍କର ସ୍ୱରୂପ ଥିବାରୁ ପୂଜ୍ୟ ଅଟନ୍ତି । କାର୍ତ୍ତିକ ଶୁକ୍ଳ ନବମୀ ଦିନ ଅଁଳା ନବମୀ ନାମରେ ପରିଚିତ । ବୃକ୍ଷ ପୂଜା ଭାରତରେ ଦ୍ରାବିଡ଼ ସଭ୍ୟତାରୁ ଆରମ୍ଭ ହୋଇଛି । ଆଧୁନିକ ଯୁଗରେ ମଧ୍ୟ ଦୁବ,ବରକୋଳି ପତ୍ର ଠାରୁ ଆରମ୍ଭ କରି ଦ୍ରୁମ ପର୍ଯ୍ୟନ୍ତ ପୂଜା କରାଯାଉଛି । ଦୂବ, ବରକୋଳି ପତ୍ର, କାଚନ, ତୁଳସୀ, ଦୟଣା, ନିମ୍ବ, ଅଁଳା, ବର, ଅଶ୍ୱତ୍ଥ, ବାଉଁଶ, ଆମ୍ବ, କଦଳୀ ଗଛ ଏହି ସବୁ ଆମର ପୂଜା ପାର୍ବଣରେ ଲାଗିଥାଏ । ଏହି ଦିନ ଅଁଳା ବୃକ୍ଷର ପୂଜା ଓ ଉପାସନା କରାଯାଏ । ବିଷ୍ଣୁଙ୍କର ମନ୍ଦିରରେ ରାଧାପାଦ ମଧ୍ୟ ଦର୍ଶନ ହୁଏ । କାର୍ତ୍ତିକ ମାସରେ ଜୀବ ହିଂସା, ମଦ୍ୟପାନ, ଅଗମ୍ୟାଗମନ , ଚୋରି ଓ ବିଶ୍ୱାସଘାତ ଏହି ପାଞ୍ଚଟି ନର୍କର ଦ୍ୱାର ହୋଇଥିବାରୁ ଏହାକୁ ତ୍ୟାଗ କରିବା ବାଞ୍ଛନୀୟ ।

ISSN NO.
2582-208X

ଗାଁ ଗଣ୍ଡାରେ ପ୍ରାୟ ସମସ୍ତ ମନ୍ଦିରରେ ଉଭୟ କାର୍ତ୍ତିକ ମାହାତ୍ମ୍ୟ ପଢୁଥିବା ଲୋକ ଓ ଶୁଣୁଥିବା ବ୍ୟକ୍ତି ମନ୍ଦିରରେ ଅରୁଆ ଅନ୍ନ ସେବନ କରନ୍ତି । ବିଧବାମାନେ ଏଇ ମାସରେ ରାଧାଦାମୋଦର ଉପାସନା ଓ ବ୍ରତ କରିଥାନ୍ତି । ବିଶେଷ କରି ପୁରୀରେ ହବିଷ କରିବା ପାଇଁ ଭିଡ ହୋଇଥାଏ । ଯେଉଁ ବିଧବା ସ୍ତ୍ରୀ ଲୋକ ପୁରୀ ଆସିପାରନ୍ତି ନାହିଁ, ସେମାନେ ଘରେ ରହି ହବିଷ୍ୟ ରାନ୍ଧି ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି ।  ହବିଷ୍ୟାନ୍ନ ଠାକୁରଙ୍କ ଠାରେ ସମର୍ପଣ କଲା ପରେ ନିଜେ ଏହାକୁ ସେବନ କରନ୍ତି । ହବିଷ୍ୟ ବ୍ରତ ପାଳନ କରୁଥିବା ବିଧବାମାନଙ୍କୁ ହବିଷ୍ୟାଳି କୁହାଯାଏ । ସେମାନେ ପ୍ରାତଃ ସ୍ନାନ କରି ଦେବଦର୍ଶନ କରନ୍ତି , ଦୀପ ଦାନ କରନ୍ତି ଓ ରାଧାଙ୍କୁ ସ୍ମରଣ କରିଥାନ୍ତି । କାର୍ତ୍ତିକ ମାହାତ୍ମ୍ୟ ମଧ୍ୟ ପଢ଼ନ୍ତି । କାର୍ତ୍ତିକ ପୂର୍ଣ୍ଣିମା ଦିନ ନଦୀ, ସମୁଦ୍ର କିମ୍ବା ଜଳାଶୟରେ ଡଙ୍ଗା ଭସାନ୍ତି । ପୁରୀରେ ଥିବା  ହବିଷ୍ୟାଳିମାନେ ପୂର୍ଣ୍ଣିମା ପରଦିନ ଭୋଗ ତୁଳସୀ ଆଦି ଧରି ଘରକୁ ଫେରିଆସନ୍ତି ।ଏହି କାର୍ତ୍ତିକ ମାସରେ ମହାଦେବଙ୍କର ବଡ଼ ଓଷା ବ୍ରତ ହୋଇଥାଏ । ସହରାଞ୍ଚଳଠାରୁ ଗ୍ରାମାଞ୍ଚଳମାନଙ୍କରେ କାର୍ତ୍ତିକ ପୂର୍ଣ୍ଣିମୀର ମଜା ନିଆରା । କେହି କେହି ପାଞ୍ଚ ଦିନ କିମ୍ବା ମାସ ସାରା ଚଉଁରାରେ ପଞ୍ଚମୁରୁଜ ହାତରେ ପ୍ରସ୍ତୁତ କରି ବିଭିନ୍ନ କୋଠି କରନ୍ତି । ମାସ ଆରମ୍ଭରୁ ଚଉଁରା ପାଖରେ ଆକାଶ ଦୀପ ଜଳାଯାଏ । ବାଉଁଶର ଶୀର୍ଷରେ ହାଣ୍ଡି ଭିତରେ ଦୀପ ଜାଳୁଥାଏ । ଏ ଦୃଶ୍ୟ ଖୁବ୍ ମନୋରମ । ପୂର୍ଣ୍ଣିମୀ ଦିନ ରାତିର ଶେଷ ପ୍ରହରରେ ସମସ୍ତେ ନିକଟବର୍ତ୍ତୀ ନଦୀ, ସମୁଦ୍ର, ଜଳାଶୟ , ପୋଖରୀ ମାନଙ୍କରେ କଦଳୀ ପାଟୁଆ, ସୋଲର ସୁସଜ୍ଜିତ ଡଙ୍ଗାମାନ ଭସାଇଥାନ୍ତି ।

ଡଙ୍ଗାରେ ପାନ, ଗୁଆ, ଦୀପ ଜଳାଇ ପିତୃପୁରୁଷଙ୍କୁ ବନ୍ଦାପନା କରି ଡଙ୍ଗାଟିକୁ ଭସାଇ ଦିଅନ୍ତି । ଗାଁ ମାନଙ୍କରେ ଏଇ ପର୍ବଟି ଖୁବ୍ ଆନନ୍ଦ  ଓ ଉଲ୍ଲାସ ଦେଇଥାଏ । ପାହାନ୍ତିଆ ପ୍ରହରରେ ଗାଁ ଦାଣ୍ଡ ଶଙ୍ଖ, ହୁଳହୁଳି ନାଦରେ କମ୍ପିଉଠେ ।

"ଆ-କା-ମା-ବୈ , ପାନ ଗୁଆ ଥୋଇ ।

ପାନ ଗୁଆ ତୋର, ମାସକ ଧରମ ମୋର ।"

ଡଙ୍ଗା ଭସା ପର୍ବ ଭାରତର ବିଭିନ୍ନ ସ୍ଥାନରେ ପାଳନ କରାଯାଏ । ପିଲାମାନେ ଏହି ଦିନ କାଗଜ କିମ୍ବା କଦଳୀ ବାହୁଙ୍ଗାରେ  ଡଙ୍ଗା ତିଆରି କରି ପାଣିରେ ଭସାନ୍ତି । ମନ ଆନନ୍ଦରେ ଗୀତ ଗାନ କରନ୍ତି; "ଯା ଯା ରେ ଭାସି କାଗଜ ଡଙ୍ଗାଟି ଭାସି ଯା" । କାଗଜ ଡଙ୍ଗା ଭାସେ,

ISSN NO.
2582-208X

ପବନରେ ପାଣି ଭିତରେ କିଛି ସମୟ ଘୁରିବୁଲେ ଓ ତା'ପରେ ଧୀରେ ଧୀରେ ପାଣିରେ ବୁଡିଯାଏ । ଗଡିଆ ଓ ପୋଖରୀମାନଙ୍କରେ ମଧ୍ୟ ବୋଇତ ଭସାଣି ହୁଏ । ଏହା ଆମର ପ୍ରାଚୀନ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପରିଚୟ ଜୀବିତ ରଖେ । ଉତ୍କଳ ଅର୍ଥାତ୍ ଉତ୍କୃଷ୍ଟ କଳା, ସଂସ୍କୃତି ଓ ସମ୍ପନ୍ନତାର ଭୂମି । ସମଗ୍ର ବିଶ୍ୱରେ ଏହି ଭୂମି ଥିଲା ଖୁବ୍ ସମ୍ପନ୍ନ । ଓଡ଼ିଆ ସାଧବପୁଅମାନେ ଏହି ଭୂମିକୁ ଆପଣାର ପରିଶ୍ରମ ଓ ସାଧନା ବଳରେ କରିଥିଲେ ସମୃଦ୍ଧ । ସେଥିପାଇଁ କାର୍ତ୍ତିକମାସ ଓଡ଼ିଆଙ୍କ ପାଇଁ ମହାନ ଓ ମହାତ୍ମ୍ୟ ବହନ କରିଥାଏ । କାର୍ତ୍ତିକ ପୂର୍ଣ୍ଣିମା ଆମକୁ ଆମର ଐତିହ୍ୟ ବିଷୟରେ ମନେ ପକାଇଦିଏ ।

ଏତତ୍ ବ୍ୟତୀତ ସମୁଦ୍ରକୂଳ ଏବଂ ପ୍ରାଚୀନ ବନ୍ଦରମାନଙ୍କରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି । ଓଡ଼ିଶାର ସାଧବମାନେ ଏହି କାର୍ତ୍ତିକ ପୂର୍ଣ୍ଣିମୀ ତିଥିରେ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ଦୀପପୁଞ୍ଜକୁ ବୋଇତ ନେଇ ଯାତ୍ରା କରୁଥିଲେ । ସାଧବମାନେ ଏହି ନୈବାଣିଜ୍ୟ କରି ଦେଶ ବିଦେଶରେ ଓଡ଼ିଶାର ଖ୍ୟାତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ କିଛି ପଦାର୍ଥ ସହିତ ଅର୍ଥ ଉପାର୍ଜନ କରୁଥିଲେ । ତେଣୁ ତାଙ୍କର ପୂର୍ବ ପୁରୁଷଙ୍କ ସ୍ମୃତି ରକ୍ଷା କରିବା ପାଇଁ ଓଡ଼ିଆମାନେ ବୋଇତ ବନ୍ଦାଣ ପର୍ବ ପାଳି ଆସୁଛନ୍ତି । ଓଡ଼ିଶାର ପଲ୍ଲୀଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ କାର୍ତ୍ତିକେୟଙ୍କର ମୂର୍ତ୍ତି ମେଢ଼ କରି ମହାଆଡମ୍ବରରେ ପୂଜାର୍ଚ୍ଚନା କରାଯାଇଥାଏ । କିନ୍ତୁ ଆଧୁନିକ ଯୁଗରେ ଆଜିର ପିଲାମାନେ ଆମ ରୀତି, ନୀତି, ସଂସ୍କୃତି ଓ ପରମ୍ପରାକୁ ମାନିବାକୁ ଏତେ ପସନ୍ଦ କରୁନାହାଁନ୍ତି । ତେଣୁ ଧିରେ ଧିରେ ଏହା କାଳ ଗର୍ଭରେ ଲୀନ ହୋଇଯିବ । କାରଣ ଗ୍ରାମାଞ୍ଚଳରେ ଲୋକ ସଂଖ୍ୟା କମିବାରେ ଲାଗିଛି । ଯେଉଁମାନେ ଅଛନ୍ତି ସେମାନେ ସହରୀ ଜୀବନଯାପନକୁ ଆପଣେଇବାକୁ ବସିଲେଣି । ଆମେ ଯଦିଆମର ପର୍ବପର୍ବାଣି, ପରମ୍ପରା ଓ ସଂସ୍କୃତିକୁ ପାଳନ କରିବା ତେବେ ଏହାର ପ୍ରଭାବ ନିଶ୍ଚୟ ଅନ୍ୟମାନଙ୍କ ଉପରେ ପଡ଼ିବ ।

ଲକ୍ଷ୍ମୀନାରାୟଣ ପଡା,ରାଧା ରମଣ ମେଟାଲ୍,
ସିନ୍ଧେକେଲା, ବଲାଙ୍ଗୀର (୭୬୭୦୩୫)
ଦୂରଭାଷ – ୯୯୩୭୦୩୪୭୪୨
ଇ-ମେଲ୍ :-saiprasadsahu867@gmail.com

ISSN NO.
2582-208X

# ପାର୍ଥକ୍ୟ ମାନସିକତାରେ



ରାଧାମୋହନ ପୂଜାହାରୀ

ଏ ଆଖି ଦେଖୁଛି ଏ ସଂସାରେ ଆଜି
ନିଇତି ଲୋକ ହଜାରେ,
କିଏ ସେ ବଞ୍ଚୁଛି ମୁଣ୍ଡ ଟେକି ଏଠି
କେ ବଞ୍ଚେ ପୁଣି ଦୟାରେ ।
ସ୍ଥିତି ଆଜି ଅସମ୍ଭାଳ ଯେ ହୋଇଛି
ପ୍ରତି ଘରେ ପରିବାରେ,
ପୁଅ-ପୁଅ ମଧ୍ୟେ ଭେଦ ଉପୁଜିଛି
ମନ ମାନସିକତାରେ ।। (୧)

କିଏ ଖାଏ ଏଠି ପନିର ପଲଉ
କେ ଖାଏ ବାସି ପଖାଳ,
କା ପାଇଁକି ଚାଲେ ଏସି ପଙ୍ଖା ଏଠି
କା ଦେହରୁ ବହେ ଝାଳ ।
ପୁଅ ମାନ ନିର୍ଦ୍ଧାରିତ ହୁଏ ତା'ର
ମାସିକିଆ ଦରମାରେ,
ବେକାରୀ ପୁଅର ପ୍ରାଣ ଝୁଲୁଥାଏ
ତୀକ୍ଷ୍ଣ ତରବାରୀ ଧାରେ ।। (୨)

ଚାକିରିଆ ପୁଅ ପତ୍ନୀ ସାଥେ ନିଜ
ବିଦେଶରେ ରହୁଥାଏ,
ଘରକୁ ଆସିଲେ ମାଁ ତା'କୁ ଆଦରେ
'ସୁନା', 'ଧନ' କହୁଥାଏ ।
ଚାକିରୀ ନ ପାଇ ବେକାରୀ ପୁଅଟା
ପଡ଼ିଥାଏ ଘର କୋଣେ,
ଟାହି ଟାପରା ଓ ନିନ୍ଦା ଅପବାଦ
ଶୁଣୁଥାଏ ପ୍ରତି କ୍ଷଣେ ।। (୩)

ଚାକିରିଆ ପୁଅ ସ୍ୱେଚ୍ଛାରେ ନିଜର
ବାହାହୁଏ ପ୍ରେମ କରି,
ଆଣେ ଅଜାତିଆ ବୋହୂଟେ ନିଜର
ଘରକୁ ତା' ହାତ ଧରି ।
ପରିବାର ଲୋକ ନୀରବ ରହନ୍ତି
କହନ୍ତିନି ତା'କୁ କିଛି,
ବାହାର ଲୋକଙ୍କ ସାହସ ନ ଥାଏ
କରିବାକୁ ଥୁ-ଥୁ-ଛି-ଛି ।। (୪)

ISSN NO.
2582-208X

ଏହି କଥା କିନ୍ତୁ ଲାଗୁ ହୁଏ ନାହିଁ
ବେକାରୀ ପୁଅ ଜୀବନେ,
ତା' କ୍ଷେତ୍ରରେ ଯଦି ହୁଏ ବା ଏମିତି
ଛାଡ଼ନ୍ତିନି କେହି ଜଣେ ।
'କୁଳାଙ୍ଗାର', 'ଅପଦାର୍ଥ' କହି ଘରେ
ଶୁଣାନ୍ତି କେତେ ଯେ କଥା,
ବାହାର ଲୋକଙ୍କ ଉପହାସେ ତା'ର
ଲାଜେ ନଇଁଯାଏ ମଥା ।। (୫)

କଳିଯୁଗେ ଆଜି ଅର୍ଥ ଅନର୍ଥର
ସାଜିଛି ମୂଳ କାରଣ,
ଅର୍ଥ ମାପଦଣ୍ଡ ନ ହେଉ ସମାଜେ
କରିବା ଆସ ଏ ପଣ ।
ଚାକିରୀ-ବେକାରୀ ଏ ହୀନ ଭାବନା
ମନୁ ଅପସରି ଯାଉ,
ସନ୍ତାନଙ୍କ ପ୍ରତି ମାତା-ପିତାଙ୍କର
ସମାଦର ଭାବ ଥାଉ ।। (୬)

ଭାବେ କେବେ କେବେ ନିରୋଳାରେ ବସି
ପାର୍ଥକ୍ୟ ଏ କାହିଁ ପାଇଁ ?
ବେକାରୀ ପୁଅର ଏ ସଂସାରେ କ'ଣ
ବଞ୍ଚିବାର ହକ୍ ନାହିଁ ?
ରୋଜଗାର ନାହିଁ ବୋଲି ଜଣେ କ'ଣ
ରହିବ ଉପାସେ ଚାହିଁ ?
ଆଉ ଜଣେ ପୁଅ ଗୁଆ ଘିଅ ଭାତ
କେମିତି ପାରୁଛି ଖାଇ ? (୭)

ନୁହଁ ଏ କାହାଣୀ ନୁହଁ ଏ କଳ୍ପନା
ଅପ୍ରିୟ ଏ ସତକଥା,
ଆଗାମୀ ଦିନରେ ଦୂର ହେଉ ମନୁ
ଏ ହୀନ ମାନସିକତା ।
ପକ୍ଷପାତିତା ଓ ପାତରଅନ୍ତର
ପୁଅଙ୍କୁ କଷ୍ଟ ନ ଦେଉ,
ଜନ୍ମ କଲା ପୁଅ ସାଥେ ଏ ଅନ୍ୟାୟ
ଯଥାଶୀଘ୍ର ଦୂର ହେଉ ।। (୮)

ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ତାଳଚେର

ISSN NO.
2582-208X

# ଅଭୁଲା ଦିନ

ସସ୍ମିତା ନାୟକ

ଯଦି କେବେ ତୁମେ
ପ୍ରିୟା ବୋଲି କହି
ଡାକିଦିଅ ଥରେ
ଛାଡ଼ିଦେଇ ରାଗ ରୁଷା
ନିଶ୍ଚୟ ଫେରିବି
ତୁମ ଆଗମନରେ
ଭୁଲିଯାଇ ସବୁ ବ୍ୟଥା।।
କେମିତି ଭୁଲିବି
ସେଇ ଅତୀତକୁ
ଯୋଉଠି ଥିଲା
ମିଠା ବଚନର
ମନର ବେଦନା
ମମତା ଭରା
ବିଶ୍ୱାସ ରେ ଭରା
ହୃଦୟର ସ୍ମୃତି ଭରା
ଅଭୁଲା କଥା।।

ଭୁଲିବାର ଭୁଲ
ତୁମେ କରିପାର
ତୁମକୁ ସେକଥା ଜଣା
ଦେଇଥିବା ପ୍ରତିଶ୍ରୁତି
ମନେ ପ୍ରଯୋଲିତ
ଏକତାର କୋଣେ
ଭାବନା ମନ୍ଦିରେ
ପୂଜା କରୁଥାଏ
ତୁମ ଅତୀତର
ଅଭୁଲା ଗାଥା

କାକଟପୁର, ନଇଗୁଆଁ, ପୁରୀ

ISSN NO.
2582-208X

# କ୍ଳାନ୍ତ ପଥିକ

କୃଷ୍ଣ ପ୍ରିୟା ପଟ୍ଟନାୟକ

ପାନ୍ଥଶାଳା ର କ୍ଳାନ୍ତ ପଥିକ ମୁଁ
ନୁପୁର ଶବଦେ ହଜେ,
କାକର ପଖଳା ପୌଷ ର ରାତେ
କାହାକୁ ଏ ମନ ଖୋଜେ ?
କାହିଁ କେତେ ଦୂରୁ ପ୍ରିୟା ର ପରଶ
ସ୍ମୃତି ହେଇ ଝରି ଯାଏ,
ମନ ଅଗଣା ର ଆଶା ବରଣା ସେ
ପ୍ରୀତି ଝୋଟି ଲେଖୁ ଥାଏ ।
ସେ କି ବୁଝେ ସତେ ତା ସ୍ମୃତି ପରଶେ
ମୋ ମନ କେମିତି ଭିଜେ ?
ପାନ୍ଥ ଶାଳା ର କ୍ଳାନ୍ତ ପଥିକ ମୁଁ
ନୁପୁର ଶବଦେ ହଜେ ।
ନ ଜାଣୁ ପ୍ରିୟା ମୋ ମନର ତାତି
ମୁଦା ଶାମୁକା ରେ ଥାଉ,
ନ ପାହୁ ଏ ରାତି ନ ହଜୁ ତା ସ୍ମୃତି
ମୋ ଭିତରେ ସାଇତା ରହୁ ।
ଯେ ଦିନ ସେ ସ୍ମୃତି ମୁକ୍ତା ହେବ ଅବା
ଛାତି ଚିରି ଭେଟି ଦେବି,
ପ୍ରିୟା ର ପରଶେ କ୍ଳାନ୍ତ ପଥୁକି ମୁଁ
ନିରବରେ ଶୋଇ ଯିବି ।

M-149, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର

ISSN NO.
2582-208X

# ଜୀବନ

ରତି ରଞ୍ଜନ ଷଡଙ୍ଗୀ

ଜୀବନ ଯାହାର ଅର୍ଥ ଖୋଜି ବାହାର କରିବା ବହୁତ କଷ୍ଟ । ଜୀବନ ରୂପକ ମାୟାଜାଲରେ ଯିଏ ଥରେ ପାଦ ଦେଇଦିଏ ସେ ଆଜୀବନ ସେହିଠାରେ ବନ୍ଦୀ ହୋଇଯାଏ । ଜୀବନରେ ବହୁତ୍ କଷ୍ଟ ସହିବାକୁ ପଡେ । ଯେପରି ପାଦରେ ଆଘାତ ଲାଗିଲେ ମଣିଷ ସଠିକ ଭାବେ ଚାଲିବା ଶିଖିଯାଏ । କିନ୍ତୁ ଯେବେ ହୃଦୟରେ ଆଘାତ ଲାଗେ, ମଣିଷ ବଞ୍ଚିବା ଶିଖିଯାଏ ।

ନଚେତ୍ ବେଳେବେଳେ ସବୁ ଦୁଃଖ କଷ୍ଟକୁ ଲୁଚେଇ, "ମୁଁ ଭଲରେ ଅଛି ବୋଲି କହିବାକୁ ପଡିଥାଏ" । କାହିଁକିନା, ଅକୁହା ଦୁଃଖକୁ ବୁଝିବାର ଶକ୍ତି ସମସ୍ତଙ୍କ ପାଖରେ ନଥାଏ ।

((()))

## ଇମ୍ଫାଲ, ମଣିପୁର - ଭାଗ ୧ ଏବଂ ୨

https://youtu.be/nj81UcXDcWk

https://youtu.be/oR4iEQ6hXkw

Please like & Subscribe this video

ISSN NO.
2582-208X

# ନିର୍ବାଚନୀ ଚିହ୍ନ



ଶୁଭ୍ରାଂଶୁ ଶେଖର ପାଢ଼ୀ

ଆଗକୁ ଆସୁଛି ନିର୍ବାଚନ ବୋଲି
ଦିନେ ଶ୍ରୀମନ୍ଦିରେ ମୁହିଁ ।
କହିଲି ବନ୍ଧୁ ହେ! ଆଶୀର୍ବାଦ ଦିଅ
ନିର୍ବାଚନୀ ଚିହ୍ନଟେ ଦେଇ ।
ମୋ ପ୍ରାର୍ଥନା ଶୁଣି ମୋ ପ୍ରଭୁ କହିଲେ
ନିର୍ବାଚନୀ ଚିହ୍ନ କାହିଁ ।
ଯାହା ଥିଲା ମୋର, ଗୋଟି ଗୋଟି କରି
ସବୁ ତକ ନେଲେ ବୋହି ।
କଂଗ୍ରେସ୍ ଦଳ ଲୋକ ପ୍ରଥମରେ ଆସି
ମାଗିନେଲେ ମୋର ହାତ ।
ମୋ ଖଣ୍ଡିଆ ହାତ ଦେଖି ବଡ଼ପଣ୍ଡା
ଖୁଆଇ ଦିଅନ୍ତି ଭାତ ।
ଜନତା ଦଳର କର୍ମୀ ମାନେ ଆସି
ନେଇଗଲେ ସୁଦର୍ଶନ ।
କହିଲେ ଆମକୁ ଭୋଟ ଦିଅ ଭାଇ
ଆମର ତ ଚକ୍ର ଚିହ୍ନ ।
ବିଜେଡି ସଦସ୍ୟ ଆସିଥିଲେ ମାଗି
କହିଲି କି ଅଛି ଦେଖ ।

ISSN NO.
2582-208X


ଖୁସିରେ ଖୁସିରେ ମାଗିଲେ ସେମାନେ
 ମୋର ପଞ୍ଚଜନ୍ୟ ଶଙ୍ଖ ।
ଏହି ଭାରତୀୟ ଜନତା ପାର୍ଟି ଯେ
 ଖୋଜି ନିର୍ବାଚନୀ ଚିହ୍ନ ।
ବଡ଼ ଦେଉଳରୁ ତାଙ୍କ ଦଳ ପାଇଁ
 ନେଲେ ଶତଦଳ ପଦ୍ମ ।
ବଜରଙ୍ଗ ଦଳ ଆସିଥିଲେ ଦିନେ
 ଆଶୀର୍ବାଦ ନେବା ପାଇଁ ।
ଅନୁମତି ନେଇ ମୋ ପାଖରେ ଥିବା
 ଗଦାଟିକୁ ନେଲେ ବୋହି ।
ମୋ ଧନୁଶରକୁ ଚିହ୍ନ କରିବାକୁ
 ନେଇଛନ୍ତି ଏକ ଦଳ ।
ଚିହ୍ନ ସାଜିଲାଣି ଇନ୍ଦ୍ର ଐରାବତ
 ପୁଣି ଶିବଙ୍କ ତ୍ରିଶୁଳ ।
ଉଦାସ ମନରେ କହିଲେ ମୋ ପ୍ରଭୁ
 ଦୁଃଖ ଲାଗେ ଏଥିପାଇଁ ।
ଚିହ୍ନଟିଏ ପାଇଁ ଆସିଥିଲ ବନ୍ଧୁ
 ମୁଁ ଦେଇ ପାରିଲି ନାହିଁ ।
ନିମ୍ବ ଗଛରୁ ମୋ ଦାରୁ ଗଢା ହୁଏ
 କରିବ କି ତାକୁ ଚିହ୍ନ ।
ଗଛ ଟି ରହିଲେ ପୃଥିବୀ ରହିବ
 ବଞ୍ଚିବ ଆମ ଜୀବନ ।
ଗଛଟିକୁ ତୁମେ ନେଇ ଯାଅ ବନ୍ଧୁ
 କର ନିର୍ବାଚନୀ ଚିହ୍ନ ।
ପ୍ରଚାର ପ୍ରସାର ଆବଶ୍ୟକ ନାହିଁ
 ହୋଇଲେ ବୃକ୍ଷ ରୋପଣ ।
ଭୋଟ ଦେବା ପାଇଁ ଯାଚିବନି ଟଙ୍କା

ISSN NO.
2582-208X

ନିର୍ବାଚନୀ ପ୍ରଚାରରେ ।
ଗଛଟିଏ ତାଙ୍କୁ ଉପହାର ଦିଅ
ଭୋଟ ଦେଇ ଆସିବା ପରେ ।
ସଚେତନ କର ଲୋକଙ୍କ ମଧ୍ୟରେ
ଗଛ ଲଗାଇବା ପାଇଁ ।
ଦେଖିବ କେମିତି ଠିକ୍ ସମୟରେ
ମୌସୁମୀ ଆସିବ ଧାଇଁ ।
ଦୂର ହୋଇଯିବ କେତେ କେତେ ରୋଗ
ଆସିବନି ମହାମାରୀ ।
ଆସିବନି ପ୍ରାକୃତିକ ଦୁର୍ବିପାକ
ବନ୍ୟା ବାତ୍ୟା ବା ମରୁଡି ।
ଲୋକଙ୍କ ମନରେ ଭରିଦିଅ ବନ୍ଧୁ
ସଚେତନତାର ବାର୍ତ୍ତା ।
ସବୁଜ ସୁନ୍ଦର ବନାନୀ ମଧ୍ୟରେ
ପ୍ରକୃତି କହିବ କଥା ।
ଜଙ୍ଗଲ ବଢ଼ିଲେ ହସିବ ପୃଥିବୀ
କୋଇଲି ଗାଇବ ଗୀତ ।
ସବୁଜ ସୁନ୍ଦର ଏ ଧରଣୀ ଦେଖି
ପୁଣି ଆସିବ ବସନ୍ତ ।
ବେନି ହାତ ଯୋଡ଼ି ଶ୍ରୀପୟରେ ପଡ଼ି
କହିଲି ଆସୁଛି ମୁହିଁ ।
ଆଲିଙ୍ଗନ କରି କହିଲେ ମୋ ବନ୍ଧୁ
ବିଦାୟ ମାଗିବ ନାହିଁ ।

ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଲକ୍ଷ୍ମୀମେଢ଼ ଓ କମଳାର ଅଭିସାର

ଦୀନବନ୍ଧୁ ବେଜ

ଗାଁ ଗଣ୍ଡା ରାସ୍ତାରେ ଅସରାଏ ବର୍ଷା ବର୍ଷିଗଲେ ପାଦର ସ୍ଲିପର ଖସିବ ହିଁ ଖସିବ କାହିଁନା ଏହା ପୌର ଅଂଚଳ ନୁହେଁ ଯେ ରାସ୍ତା ଘାଟ ଚକାଚକ, ଚାରି ଆଡ଼େ ଷ୍ଟ୍ରିଟ ଲାଇଟ, କିଛି ନହେଲେ ଛକ ଯାଗାରେ ବିଶ୍ରାମଗାର ଅଛି ବର୍ଷାରୁ ରକ୍ଷା ପାଇବା ପାଇଁ । ଏଠାରେ କିଛି ଉନ୍ନତି ନାହିଁ... ଉନ୍ନତି ନାମରେ ହରିଲୁଟ ।

କମଳା ତା ମାମୁଁ ଘରକୁ ଆସିଥାଏ ଲକ୍ଷ୍ମୀପୂଜା ଦେଖିବାକୁ । ମାମୁଁ ଘର ଗାଁ ରେ ଲକ୍ଷ୍ମୀ ପୂଜା ବଡ଼ ଧୂମ ଧାମରେ ପାଳନ ହୋଇଥାଏ । ସହରକୁ ଯାଇଥିବା ମୁଖ୍ୟ ରାସ୍ତା ଠାରୁ ଦୁଇଶହ ମିଟର ଭିତରେ ତା' ମାମୁଁ ଘର ଗାଁ । ଗଲାସନ ମୂର୍ତ୍ତି ଛୋଟ ହେଲା ହେଲା ପୂଜାବି ଜମିଲାନି ବୋଲି ମାଇଁ କହୁଥିଲେ । ଏଥର କିନ୍ତୁ ଜାକଜମକରେ ପାଳନ ହେଉଛି । ବଢ଼ିଲା ଝିଅ ଆଉ କେତେଦିନ ରହିବ କମଳାକୁ ପୂଜା ଦେଖିବାକୁ ଆଣିବା ପାଇଁ ମାମୁଁଙ୍କ ପାଖରେ ବେଶି ଜିଦ ଥିଲା ମାଇଁଙ୍କର । ବର୍ଷା ଛାଡିବାର ନାଁ ଧରୁ ନଥିଲା, ସମୟ ସଂଧ୍ୟା ଛଅଟା ତିରିଶି ହେବ ମାମୁଁ ପୁଅ ଝିଅଙ୍କ ସହ ମିଶି ପାଦରେ ଚାଲି ଚାଲି ପୂଜା ବୁଲି ବାହାରି ପଡ଼ିଲେ ସେମାନେ । କମଳା ଡେନିମ କଲରର ସ୍କଟ ସାଙ୍ଗକୁ ଜିନସ ଟପ ସହିତ ପତଳା ସ୍ଲିପର ଟିଏ ପିନ୍ଧିଥାଏ । ମାମୁଁ ଙ୍କ ଝିଅ ଏଲି ଏବଂ ପୁଅ ଲାଲୁ ଯେହେତୁ ଛୋଟ ଛୋଟ ପିଲା ସେମାନେ ଚପଲ ପିନ୍ଧି ପଟପଟ କରି ଚାଲି ଥାଆନ୍ତି । ଅସରାଏ ବର୍ଷା ହୋଇଗଲେ ଗାଁ ରାସ୍ତା ଘାଟର ଅବସ୍ଥା କଣ ହୁଏ ଜାଣିଥିବେ, ନକହିବା ଭଲ । ବର୍ଷା ସାଙ୍ଗକୁ ରାସ୍ତାରେ ସଦ୍ୟ ପଡ଼ି ତରଳି ଯାଇଥିବା ନାଲି ଗୋଡ଼ି ଚପଲ ମାଡ଼କୁ ଉପଭୋଗ କରି ଆଗକୁ ମାଡି ଚାଲିଥାଉଁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଦର୍ଶନ କରିବା ପାଇଁ । କିନ୍ତୁ ମନ ରହିଥାଏ ସ୍ଲିପର ପାଖରେ । ସାନ ଭାଇ ଭଉଣୀ ପିନ୍ଧି ଥିବା ପେଣ୍ଟ ସାର୍ଟର ପଛପାଖ ଗୁରୁ ବାର ମାଣବସା ସମୟରେ ମା ମାନେ କାନ୍ଥର ଝୋଟି ପକାଇଲା ପରି ଭ୍ରମ ସୃଷ୍ଟି ହେଉଥାଏ । ବଡ଼କଷ୍ଟରେ ଲକ୍ଷ୍ମୀ ମା'ଙ୍କୁ ଦେଖିବାର ସୁଯୋଗ ମିଳୁଛି ବୋଲି ଭାବି ନିଜକୁ ଭାଗ୍ୟବାନ ମଣୁ ଥାଏ କମଳା ।

ISSN NO.
2582-208X

ଏଥରେ ସେ ଯୁକ୍ତ ତିନି ପ୍ରଥମ ବର୍ଷର ପଦାର୍ପଣ କଲା । କୁଆଁର ପୂର୍ଣ୍ଣିମା ନିକଟରେ ଯାଇଛି ମା' କହୁଥିଲେ ପଢ଼ାପଢ଼ି ଠିକଠାକ ନ ହେଲେ ବର୍ଷେ ଦିବର୍ଷ ଭିତରେ ପର ଘରକୁ ବିଦା କରି ଦେବେ। କମଳା ମୁଖରେ ଅଜାଣତରେ ଏକ ସ୍ମିତହାସ୍ୟ ଲାଖି ରହିଥିଲା ମା'ଙ୍କୁ ମେଢ଼ରେ ଦର୍ଶନ କରୁଥିବା ସମୟରେ । ହଠାତ ବୁଲି ଫେରିବା ସମୟରେ ସ୍କଟ ତୋରଣ ବନ୍ଧା ହୋଇଥିବା ବାଉଁଶରେ ଥିବା ଲୁହା କଣ୍ଟା ଲାଗି ଚିରି ହୋଇ ଗଲା ।

ତା ଅଜାଣତରେ ତାକୁ ଅନୁସରଣ କରୁଥିବା ବିଠୁଲୁ ହଠାତ ଆବିର୍ଭାବ ହେଲା ଆଖି ପିଛୁଳାକେ । କାନ୍ଧରେ ପକାଇ ଥିବା ଷ୍ଟୋଲକୁ ବଢ଼ାଇ ଦେଲା କମଳାକୁ । ନେ କମଳା ଏହାକୁ ଘୋଡ଼ାଇ ହୋଇଯା । ଏଟଲିଷ୍ଟ ଲଜ୍ୟା ରକ୍ଷା ହୋଇ ସମ୍ମାନ ତ ବଂଚିଯିବ ନା । ଅନେକଙ୍କ ଅନିସନ୍ଧିସ୍ନୁ ଆଖିକୁ କମଳା କି ଜବାବ ଦେବ । ତା ମାମୁଁ ମାଇଁକୁ ସେ କି ଉତ୍ତର ଦେବ । ତଥାପି ସେ ବିଠୁଲ ପାଖରୁ ଷ୍ଟୋଲକୁ ନେଇ ସ୍କଟ ଉପରେ ଗୋଟିଏ ରାଉଣ୍ଡ ବେଢାଇ ନେଲା । ସାନ ଭାଇ ଭଉଣୀ ଦିଜଣ ଆଁ କରି ଅନାଇ ରହି ଥିଲେ କିଛି ସମୟ ପାଇଁ । ଚାଲ ଦିଦି  ଆମେ ଘରକୁ ଫେରି ଯିବା ।

କମଳା ଗଲା ବେଳେ ବଡ଼ ଥ୍ୟାଙ୍କସଟେ ବିଠିଲୁକୁ ଦେଇକି ଗଲା । ବାରମ୍ବାର ପଛକୁ ଅନାଇବାହିଁ ତା ବିଠୁଲୁ ହୃଦୟରେ ଗଭୀର କ୍ଷତ ସୃଷ୍ଟି କରିସାରିଥିଲା ।  ବିଠୁଲୁ ପ୍ରଧାନର ପାଦ ତଳେ ଲାଗୁ ନ ଥାଏ । ଯୁକ୍ତ ତିନି  ଦେହ ମନରେ କିନ୍ତୁ ଇଲେଭେନ କେ.ଭି.ର କରେଣ୍ଟ ପ୍ରବାହିତ ହୋଇ କ୍ଷଣିକ ଭିତରେ ଶରୀର ସମସ୍ତ କ୍ରିୟାତ୍ମକ କୋଷକୁ ସଂଗଠିତ କରୁଥାଏ । ମନ ବିଲକୁଲ ବୁଝୁ ନଥାଏ । ଏହି ସବୁ ଭିତରେ ଷ୍ଟୋଲ ଆଣିବା ପାଇଁ ବିଠୁଲୁ ପହଞ୍ଚି ଯାଇଥାଏ କମଳା ମାମୁଁ ଘର ପାଖରେ, ତାକୁ ଦେଖି ମାଇଁ ସିଧା ଆଣି ଷ୍ଟଲ୍ ଟା ଧରାଇ ଦେଇ କହି ପକାଇଲେ-ତୋର ସାହସ କିପରି ହେଲା ଆମ କମଳାକୁ ଷ୍ଟଲ୍ ଦେବାକୁ । ଜାଣିଛୁ ଏବେ ପୋଲିସକୁ ଡାକି ଦେବି ।

ଲକ୍ଷ୍ମୀ ପ୍ରତିମାଙ୍କ ଭିତରେ ଦୁର୍ଗା ପ୍ରତିମାକୁ ଦେଖି ବିଠୁଲ ଏକଦମ ଚୁପ । କମଳାର ମାମୁଁ ଭିତରୁ ଆସୁ ଆସୁ କହୁଥିଲେ ହଉ କଣ ହେଉଛି ଆଗ ଶୁଣ, କିଛି ନ ବୁଝି ନସୁଝି ଖାଲି ଏତେ ବଡ଼ ପାଟିରେ ଚିଲେଇଲେ କଣ ସମସ୍ୟାର ସମାଧାନ ହୋଇଯିବ ।

ISSN NO.
2582-208X

ସମାଧାନତ କିଛି ଭୁଲ ଥିଲେ ହୋଇଥାଏ, ମୋର କଣ ଭୁଲ୍ ମୁଁ ଜାଣି ପାରୁନି । ଏତିକି ଭୁଲ ଯେ କମଳାର ଜାମା ଚିରି ଯାଇଥିଲା ମୁଁ ମୋ ଷ୍ଟଲଟା ଦେଲି, ତାହା ଯଦି ମୋର ଭୁଲ ମୁଁ କ୍ଷମା ମାଗି ନେଉଛି ଆଉ ମୋ ଷ୍ଟଲଟା ଦିଅନ୍ତୁ ମୁଁ ଚାଲିଯିବି । ମାମୁଁ ଡାକ ପକାଇଲେ କମଳା... କମଳା ...କଣ ଘଟଣା ହୋଇଛି କହ ।

କମଳା ଘଟିଥିବା ସମସ୍ତ ଘଟଣା ଆମୂଳଚୂଳ କହି ଚାଲିଲା । ଏହି ଭିତରେ ଷ୍ଟଲଟି କମଳାର ମାଇଁ ବଢ଼ାଇ ସାରିଥିଲେ ବିଠୁଲୁ ହାତକୁ, ବିଠୁଲୁ ସେ ସ୍ଥାନ ଛାଡିବା ପୂର୍ବରୁ କମଳାର ମାମୁଁ ଅଶେଷ ଧନ୍ୟବାଦ ବିଠୁଲୁ କହି ସାରିଥିଲେ । ସେ ସ୍ଥାନ ଛାଡ଼ିବାର କିଛି ସମୟ ପରେ ଏକ ଅଜଣା ନମ୍ବରରୁ କଲ ଆସିଲା ବିଠୁଲୁ ପାଖକୁ । ବିଠୁଲୁ ମୁଁ ତମକୁ ଦେଖା କରିବାକୁ ଚାହେଁ । ଗୋଟିଏ ସୁନ୍ଦର ଝିଅ ପିଲାର କଣ୍ଠ ସ୍ୱର ଥିଲା ।

: କିଏ ?

: କମଳା କହୁଛି ।

: ଠିକ । କେଉଁଠି ଦେଖା କରିବ ?

ଲକ୍ଷ୍ମୀ ମା'ଙ୍କ ମେଢ଼ ପାଖରେ, ଆଜି ଉପରବେଳା ଠିକ ୫ଟା ୩୦ ମିନିଟରେ ।

ସର୍ବାଙ୍ଗ ଶରୀରରେ ଏକ ଅଜଣା ଶିହରଣକୁ ବିଠୁଲୁ ଅନୁଭବ କରୁଥିଲା । ନାନା ଅସାମାହିତ ପ୍ରଶ୍ନର ଅଡୁଆ ସୁତା ତାକୁ ଭିତରୁ ଭିତରୁ ଗୁଡ଼ାଇବା ଆରମ୍ଭ କରି ସାରିଥିଲା ।

ସମୟ ଉପଗତ । ବିଠୁଲୁ ବି ଲକ୍ଷ୍ମୀ ମା'ଙ୍କ ଆଡ଼ପ ମଣ୍ଡବ ପାଖରେ ହାଜର । ମାଇକରେ ଘନ ଗର୍ଜନ ଶବ୍ଦ ଗଜ ଲକ୍ଷ୍ମୀ ମେଳାକୁ ଚଳଚଞ୍ଚଳ କରି ଦେଉଥିଲା । ନିର୍ଦ୍ଧାରିତ ସମୟର ସାମାନ୍ୟ ବିଳମ୍ବ ଦ୍ୱାରା ତାର ଜୈବିକ ଘଡ଼ି ତାକୁ ଅସ୍ତ ବ୍ୟସ୍ତ କରି ଦେଉଥିଲା । ହଠାତ୍ ପଛ ପଟରୁ କାହାର ଅନ୍ତରଙ୍ଗ ସ୍ପର୍ଶ ତାକୁ ପ୍ରକୃତିସ୍ଥ କଲା । ସେ ବୁଲି ଦେଖିଲା ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିବା କନେଷ୍ଟବଳ ତାଙ୍କ ଗାଁର ସଂପର୍କୀୟ ପରେଶ ଦାସ ଭାଇ ।

ISSN NO.
2582-208X

: ଆରେ ବିଠୁଲୁ ଏଠି କଣ କରୁଛୁ । ଘରୁ ପୂଜା ଦେଖିବା ପାଇଁ ଆଉ କେହି ଆସିଛନ୍ତି ନା ନାହିଁ ? ହଉ ଠିକ ଅଛି ମୁଁ ଆସୁଛି ।

ଦୀର୍ଘ ନିଶ୍ୱାସ ମାରି ବିଠୁଲୁ କହିଲା : ନାଇଁମ ଭାଇ ମୁଁ ଏକା । ହଉ ... ଆସନ୍ତୁ ।

ସମୟ ଗଡି ଚାଲିଥିଲା । ଧର୍ଯ୍ୟର ସୀମା ବି ବାହାରକୁ ଯାଉଥିଲା । ନାଁ ଏଇଟା ମୁଣ୍ଡରୁ ବାହାର କରିବାର ଅଛି ବିଠୁଲୁ ମନେ ମନେ କହୁଥିଲା । ହଠାତ ନାଁ ଧରି କାହାର ଡାକ ତାକୁ ପ୍ରକୃତିସ୍ଥ କଲା । ଆରେ ଏକଣ ଦେଖୁଛି କମଳା ଯେ ।

ହଁ ଭାଇ ମୁଁ କମଳା ।

ସମାଜରେ ଏତେ ଲୋକ ଥିଲେ କାହାରି ଆଖିକୁ ଜଣେ ଅବଳା ବାଳିକାର ଏହି ଅସୁବିଧା ଦେଖାଗଲା ନାହିଁ । କିନ୍ତୁ ତମେ ମୋତେ ନିଜ ଭାଇଠାରୁ ଅଧିକ କରିଛ । ମୁଁ ଏ ମା ଲକ୍ଷ୍ମୀଙ୍କ ଆଗରେ ତୁମକୁ ଭାଇ ବୋଲି ମାନି ନେଉଛି । ହାତରେ ଧରିଥିବା ଗାୟତ୍ରୀ ସୂତା ବିଠୁଲୁ ହାତରେ ତିନି ଚାରି ଫେରା କରି ବାନ୍ଧିଦେଉଥିବା ସମୟରେ କହି ଚାଲିଥିଲା, ବିଠୁଲୁ କିନ୍ତୁ ମା'ଙ୍କୁ ଚାହିଁ ଥିଲା ଆଁ କରି । ହଠାତ ବିଠୁଲୁକୁ ଏକ ତରଫା ଭଲ ପାଉଥିବା ସୁଶୀଳା ଆସି ସେଠି ହାଜର ।

ଆରେ ବିଠୁଲ ଏକଣ ? ଏଇ ଝିଅଟି କିଏ ? ବିଠୁଲୁ ହସି ହସି କହିଲା ସେ ମୋର ଭଉଣୀ ଆଉ ତୁମକୁ ମା' ଲକ୍ଷ୍ମୀ ମୋ ଘରଣୀ କରି ପଠାଇଛନ୍ତି । ସମସ୍ତେ ହସକୁ ରୋକି ପାରିଲେ ନାହିଁ । ତିନିଜଣ ମା'ଙ୍କୁ ହାତ ଯୋଡି ପ୍ରାର୍ଥନା କରୁଥିଲେ ସଂସାର ତିଷ୍ଠି ରହିବା ପାଇଁ ବାସ୍ତବରେ ମଣିଷ ଜାତି ସଂପର୍କର ଆଧାର ଶିଳାରେ ତିଷ୍ଠି ରହୁ ନିଜର ବୌଧିକ ମାନସିକତା ପରିପୃଷ୍ଠ କରୁ । ଆଜି ଆନ୍ତର୍ଜାତିକ ବାଳିକା ଦିବସରେ ମା'ଙ୍କର ଏହି ଅଭୟ ବରଦା ଙ୍କ ସୁରକ୍ଷା ସମସ୍ତ ବାଳିକା ଶିଶୁଙ୍କୁ ପ୍ରାପ୍ତ ହେଉ । ସେହି ଦିନଠାରୁ ସମସ୍ତେ ମିଳିମିଶି ବାଳିକା ଶିଶୁ ଅଧିକାର ଉପରେ କାର୍ଯ୍ୟ କରିବାକୁ ଶପଥ ନେଲେ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ତୁଳସୀ ବିବାହ

ଅପର୍ତ୍ତି ସେଠୀ

(ପବିତ୍ର ତୁଳସୀବିବାହ ଅବସରରେ)

ଜୟ ମା' ରାଜଶ୍ରୀ ବିଣାପାଣି ନାରାୟଣୀ, ବିଷ୍ଣୁ ପତ୍ନୀ ମା'ଲୋ ତୁହି ଜ୍ଞାନ ପ୍ରଦାୟିନୀ ।
ପରମ ବୈଷ୍ଣବୀ ବଡ଼ ଦେଉଳେ ନ ରହି, କଳା ସାହିତ୍ୟ ବାଣ୍ଟୁ ମା'ଜଗତରେ ତୁହି ।
ଆସିଛି ତୋ ପାଶେ ମୁହିଁ ନିମନ୍ତ୍ରଣ ଘେନି, ବନ୍ଧୁ ସଙ୍ଖୋଡି ଅଛନ୍ତି ପ୍ରଭୁ ହଳପାଣି ।
ପ୍ରଭୁଙ୍କର ବାହାଘର ତୁଳସୀ ସହିତେ, ଆଜି ଏ ଶୁଭ ଲଗ୍ନରେ ହେବ ବିଧିମତେ ।
ବଳିଆ ଠାକୁର ପ୍ରଭୁ ରେବତୀ ରମଣ, ହରି ନେଇଗଲେ ପୁଣି ତୁଳସୀର ମନ ।
ପ୍ରଥମେ ମୁଁ ଯାଇଥିଲି ନୀଳାଚଳ ଧାମ, ଜଗାକୁ ଦେଲି ଯେ ଗୁଆ ପାନ ନିମନ୍ତ୍ରଣ ।
ପ୍ରଭୁଙ୍କ ଆଜ୍ଞାରେ ତୁମ ପାଶେ ମୁଁ ଆସିଲି, ଭାଗ୍ୟବଳେ ପୁଣି ତୁମ ଦର୍ଶନ ଲଭିଲି ।
ଶୁଣି ରାଜଶ୍ରୀ ମାତା ଯେ ଆଚମ୍ବିତ ହେଲେ, ଦେଢଶୁରଙ୍କ ବିବାହ ବାରତା ପାଇଲେ ।
କହ ବାବୁରେ ମୋତେ ତୁ ସନ୍ଦେହ ମୋ ଯାଉ, କି କାରଣେ ପୁଣି ବିଭା ହେଲେ ମହାବାହୁ ।
ଶୁଣ ଗୋ ଜନନୀ ମୋର ସମସ୍ତ ବାରତା, କାମପାଳ ଶଙ୍କର୍ଷଣ ପ୍ରଭୁ ସୃଷ୍ଟି କର୍ତ୍ତା ।
ତୀର୍ଥ ଭ୍ରମଣ କରିଲେ ଧର୍ମ ରକ୍ଷା ପାଇଁ, ଋଷି ଯାଗ ରକ୍ଷା ଅର୍ଥେ ଯାଯ ନଗ୍ରେ ଯାଇ ।
ସେଠାରେ ସୂଚନା ମିଳେ କନ୍ଦରା ଅସୁର, ଅତ୍ୟାଚାରୀ ରାକ୍ଷସ ସେ ବଡ଼ ଦୁରାଚାର ।
ଲଳିତଗିରି ଗୁମ୍ଫାରେ ବାସ କରୁଥିଲା, ଓଳାଶୁଣି ରତ୍ନଗିରି ତାର ଖେଳାଲୀଳା ।
ପ୍ରଭୁଙ୍କର ଧର୍ମରକ୍ଷା ଅଭିଯାନ ବେଳେ, କନ୍ଦରାସୁରକୁ ପ୍ରଭୁ ସେଠି ଠାବ କଲେ ।
ଚାରିଥରଯହିଁତାକୁ ଲଙ୍ଗଳ କ୍ଷେପିଲେ, ଚାରି ଲଙ୍ଗଳ ସେ ସ୍ଥାନ ସଭିଏଁ ଜାଣିଲେ ।
ଘୋର ଯୁଦ୍ଧ କଲେ ପୁଣି ତାର ସହିତରେ, ଶେଷେ ଅସୁର ମରିଲା କେନ୍ଦ୍ରାପଡ଼ାଠାରେ ।
ନାମ ଅନୁସାରେ ହେଲା କେନ୍ଦ୍ରାପଡ଼ା ଖ୍ୟାତ, ଅସୁରେଶ୍ୱର ହୋଇଲା ପଡ଼ି ତା' ମସ୍ତକ ।

ISSN NO.
2582-208X

ଅସୁରର ଗଣ୍ଠି ବଳଗଣ୍ଠି ବୋଲାଇଲା, ନାଭି ମଣ୍ଡଳ ପଡିଲା ନାହାଖଣ୍ଡ ହେଲା ।
କନ୍ଦରାସୁର ଅଙ୍ଗୁଳି ଯହିଁ ପଡ଼ିଥିଲା, ଅଙ୍ଗୁଳେଇ ବୋଲିସେହି ସ୍ଥାନଟି ହୋଇଲା ।
ପ୍ରଚଣ୍ଡକାୟ ଅସୁର ବିନାଶ କାଳରେ, ତା' ଧର୍ମ କନ୍ୟା ତୁଳସୀ ମନରେ ବିଚାରେ ।
ପ୍ରଭୁଙ୍କୁ ପ୍ରାର୍ଥନା କରେ ନିଜେ ଦାସୀ ପଣେ, ପ୍ରଭୁ ବିବାହ କରିଲେ ଏହାର କାରଣେ ।
କୋଟିଏ କନ୍ଦର୍ପ ଯହିଁ ସଦା ପରାଜିତ, କାଦମ୍ବରୀ ପିଆ ପ୍ରଭୁ ସେ ବିଶ୍ୱ ନାୟକ ।
ଆଜି ତାଙ୍କ ବାହାଘର ତୁଳସୀ ସହିତ, ଆପଣଙ୍କୁ ନିମନ୍ତ୍ରି ଅଛନ୍ତି ହଳାୟୁଧ ।
ତୁଳସୀ ଗାଡ଼ିଟି ପ୍ରଭୁ ଅଛନ୍ତି ପଠାଇ, ରାଜଶ୍ରୀ ସାହିତ୍ୟ ପରିବାର ଯିବାପାଇଁ ।
ପ୍ରଭୁଙ୍କ ନିର୍ଦ୍ଦେଶ ଅଛି ବାଣ ଫୁଟିବନି, ରୋଷଣୀ ବି ନାହିଁ ବାଜା ପୁଣି ବାଜିବନି ।
ତୁଳସୀ ମଣ୍ଡପେ ଯିବ ରହେ ନିମନ୍ତ୍ରଣ, ରିସିପସନ୍ ସରିଲେ ଫେରିବେ ଆପଣ ।
ରସାବଳୀ ମନଇଚ୍ଛା ଖାଇବେ ହେ ଜାଣ, ପାରିଲେ ପୁଳାଏ ଧରି ଆଣିବେ ସଙ୍ଗେଣ ।
ତୁଳସୀ ରସିଆ ପ୍ରଭୁ ସେ ଇଚ୍ଛାପୁରିଆ, ମଣି ବିଗ୍ରହ ଠାକୁର ହଳମୂଷଳିଆ ।
କାମପାଳ ଶଙ୍କର୍ଷଣ ପ୍ରଭୁ ନୀଳାମ୍ବର, ରାଜଶ୍ରୀ ଉପରେ ଦୟା ସର୍ବଦା ତାଙ୍କର ।
ଜମ୍ବୁ ଉପକୂଳ ଏ ଧାମ ସବୁଠୁଁ ପବିତ୍ର, ଗୁପ୍ତ କ୍ଷେତ୍ର, ବ୍ରହ୍ମ କ୍ଷେତ୍ର,ଏ ତୁଳସୀ କ୍ଷେତ୍ର ।
ବ୍ରହ୍ମ ତାଳଧ୍ୱଜ ଯହିଁ ଗଢ଼ୁଛି ଯେଉଁଠି, ସ୍ୱୟଂ ବ୍ରହ୍ମ ବିରାଜିତ ବ୍ରହ୍ମମୟ ସେଠି।
କୃପା ଢାଳୁଛନ୍ତି ପ୍ରଭୁ ଚଉ ବାହା ଟେକି, ଶ୍ରୀ ଚରଣ ଧ୍ୟାୟୀ ପଦେ ଲେଖିଲା ଅପର୍ତ୍ତି।

ପାଳକଣା, କୋରେ୍ଇ, କେନ୍ଦ୍ରାପଡ଼ା
ମୋ - ୬୮୯୪୩୯୮୫୦୦

ISSN NO.
2582-208X

# ବିକୁଛି ବସି ମୁଁ ବରା



ଜୟନ୍ତ କୁମାର ମଲ୍ଲିକ୍

କମ୍ପାନୀ କାମକୁ ଛାଡ଼ିକି ଆସିଲି
ବିକୁଛି ବସି ମୁଁ ବରା
ମାନେନାହିଁ କେବେ ଶୀତ କି କାକର
ଝାଞ୍ଜି ବଇଶାଖୀ ଖରା ।
ଏହିକାମ କରି ପେଟତ ପୋଷୁଛି
ପରିବାର ସାଥେ ରହି
ଓଡ଼ିଶାରେ ଘର ଓଡ଼ିଆ ପିଲା ମୁଁ
ଦୁଃଖ କଷ୍ଟ ଯାଏ ସହି ।
ବାପା ବୋଉ ମୋର ସାଥିରେ ରୁହନ୍ତି
ପୁରିଉଠେ ଆମ ଘର
ସିଏ ପରା ମୋର ଚଳନ୍ତି ଦେବତା
କେବେ ଭାବିନାହିଁ ପର ।
ପରିବାର ବୋଲି ଆମେ ଚାରିଜଣ
ଆନନ୍ଦରେ ଚଳି ଯାଉ
ରୋଷେଇ ସରିଲେ ଆମେ ସବୁ ବସି
ପତର ପକାଇ ଖାଉ ।

ଭାରି ଭଲଲାଗେ ଆମ ପରିବାର
ସ୍ନେହ ବନ୍ଧନରେ ବନ୍ଧା
ବାପା ବୋଉଙ୍କର ସେବା କଲାପରେ
ଘରଣୀ ମୋ କରେ ରନ୍ଧା ।

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୫୭୨୭

ISSN NO.
2582-208X

# ସମ୍ପର୍କ



ସିଦ୍ଧେଶ୍ୱର ତ୍ରିପାଠୀ

ସ୍ୱିଟି ଭାରି ଭଲ ଝିଅଟିଏ । ରୂପ ଆଉ ଗୁଣରେ ସବୁଥିରେ ଆଗରେ । ଏଇ ଏବେ ଏବେ କମ୍ପୁଟର ସାଇନ୍ସ ରେ ଇଂଜିନିୟରିଂ ପାସ କଲା ପରେ ଦିଲ୍ଲୀରେ ଗୋଟେ ଭଲ କମ୍ପାନୀରେ ଚାକିରୀ ପାଇଯାଇଛି । ମୋଟା ଅଙ୍କର ଦରମା ଆଉ ବିଳାସ ମୟ ଜୀବନ ସବୁ କିଛି ଠିକ ଠାକ ଚାଲିଛି । ଏପଟେ ଭୁବନେଶ୍ୱର ରେ ମମି ଡାଡି ଆଉ ସାନ ଭାଇ ସୁସିଲ । ମମି ଅଧ୍ୟାପିକା ଆଉ ଡାଡି ଆଡଭୋକେଟ ସାନ ଭାଇଟା ରାଜଧାନୀ କଲେଜ ରେ ବିଏସି ଫାଷ୍ଟ ଇଅର ରେ ପଢୁଛି ।

ଛବିରେ ରଙ୍ଗ ମାଖିଲେ ଚମକିଲା ପରି ସ୍ୱିଟି ର ଯୌବନ ମଖା ଦେହଟା ଏବେ ଭାରି ଚମକୁଚି । ଚିକି ମିକି ତାରା ମେଳରେ ଜହ୍ନ ବାରିହୋଇ ଯାଏ । ସେମିତି ବହୁ ଭିଡ଼ ଭିତରେ ଚମକି ଉଠୁଛି ସେ ! ଫୁଟି ବାସିଲେ ଫୁଲଟିଏ ଭଅଁର କୁ ଖୋଜିଥାଏ ।

ଭଅଁର ବି ଆକର୍ଷିତ ହୋଇଥାଏ ଫୁଲ ଆଡକୁ । ଦୁହେଁ ଯେବେ ଏକାକାର ହୋଇ ଯାଆନ୍ତି। ସବୁ ଲାଜ ଆପେ ଆପେ କେବେଠୁ ଦୁରେଇ ଯାଇ ଥାଏ ଦୁଇଟି ଦେହ ଆଉ ମନ ଭିତରୁ । ସବୁ ସମୟ ଶ୍ରାବଣ ଆଉ ଫଗୁଣ ପରି ମନେ ହୁଏ । ଆଉ ଅଜଣା ଚରିତ୍ରର ଓଠର ଉଷ୍ମତାରେ ଦେହ ଶିହରି ଉଠେ ଯନ୍ତ୍ରଣା ବି ଭାରି ମିଠା ଲାଗେ ଏଇ ସମୟରେ । ହ୍ୱାଟ୍ସଆପ, ଫେସବୁକ୍, ଇଂଷ୍ଟା ଆଉ ଭିଡିଓ କଲ ସବୁଥିରେ ଉଛୁଳି ଉଠେ ସ୍ୱିଟି । ସେଇ ଉଛୁଳା ଯୌବନର ନଇରେ ପହଁରୁ ଥିବା ଚାରିତ୍ରଟି ଆଉ କେହି ନୁହେଁ ସ୍ୱିଟିର ଆପାର୍ଟମେଣ୍ଟ ରେ ରହୁଥିବା ମନୋଜ । ସେ ବି ଗୋଟେ ପ୍ରାଇଭେଟ ଜବ କରେ । ସମୟ

ISSN NO.
2582-208X

ସାଥିରେ ଦୁହିଁଙ୍କ ମିଳା ମିଶା ବହୁତ ଆଗକୁ ବଢ଼ିଗଲାଣି । ଦୁହେଁ ଏବେ ଗୋଟିଏ ରୁମ ରେ ରହୁଛନ୍ତି ।

ପ୍ରଥମେ ଇଶାରା ଦେଇଥିଲା ସ୍ୱିଟି ଆଉ ସେଇ ଇଶାରା କୁ ଠିକ ହୃଦୟଙ୍ଗମ କରି ପାରିଥିଲା ମନୋଜ । ସେବେଠୁ ସବୁ ଏକାକାର ଦୁହେଁ ଏକ ହୋଇ ସାରିଛନ୍ତି । ସକାଳ ରୁ ସଞ୍ଜ ଆଉ ସଞ୍ଜ ରୁ ରାତି ଖାଲି ଡିଉଟି ସମୟ ତକ ଛାଡିଦେଲେ ବାକି ସବୁ ମୁହୂର୍ତ୍ତ ଗୁଡା ଭାରି ମିଠା ମିଠା ।

କଥା ବହୁତ ଆଗେଇ ଯାଇଥିଲା ଦୁହେଁ ବିବାହ ନକରି ବି ମାଆ ବାପା ହୋଇ ସାରିଥିଲେ। ଦୁହିଁଙ୍କ ପରିବାର କିନ୍ତୁ ଏସବୁ ବିଷୟରେ କିଛି ଜାଣି ପାରିନଥିଲେ ସତରେ । କୁନିଝିଅ ଆଲଫା ଏବେ ଯୋଡି ହୋଇଯାଇଥାଏ ଦୁହିଁଙ୍କ ଜୀବନରେ ।

ସମୟ ସାଥିରେ ଋତୁ ବଦଳିଲା ପରି ଏ ସମାଜ ରେ ଅନେକ କିଛି ବଦଳିଯାଏ । ବଦଳିଯାଏ ମଣିଷର ପ୍ରକୃତି ପରିବେଶ ଆଉ ଦିଶା ହୀନ ହୋଇଯାଏ ଅନେକ ଜୀବନ । ସ୍ୱିଟି ଏବେ ଓଡିଶା ଫେରିଛି ତା ଘରକୁ ପୁଣି କୁଆଁରୀ ରୂପରେ । ଘରେ ତାର ବାହାଘର ଠିକ କଲେଣି । ଏଇ ପନ୍ଦର ଦିନ ଭିତରେ ମନୋଜ କିନ୍ତୁ କମ୍ପାନୀରୁ ଛୁଟି ନେଇ ଝିଅର ଯତ୍ନ ନେବାରେ କେବେବି ହେଳା କରିନି ।

ସାତ ଦିନରେ ଫେରି ଆସିବି ଆସିଲେ ଆମେ କୋର୍ଟ ମ୍ୟାରେଜ କରିନେବା ତାପରେ ଝିଅକୁ ନେଇ ତୁମ ଘର ଆଉ ଆମ ଘରକୁ ଯିବା । ସାତ ଦିନଟା ପନ୍ଦର ଦିନ ହେଲାଣି ସ୍ୱିଟି ର ମୋବାଇଲ ସୁଇଚ ଅଫ । ବାଧ୍ୟ ହୋଇ ଓଡିଶା ଫେରିଲା ମନୋଜ । ଘରେ ଦୁଇବର୍ଷର କୁନିଝିଅ ଆଲଫାକୁ ଦେଖି ବାପା ବୋଉ ଆଶ୍ଚର୍ଯ୍ୟ । ସବୁ ଘଟଣା ଶୁଣି ସାରିଲା ପରେ ଦୁହିଁଙ୍କ ମନ ଭାରି ଦୁଃଖ । ନାତୁଣୀର ନୀରିହ ଆଖି ଦିଇଟା ଜେଜେ ଜେଜେମା ଙ୍କୁ ସ୍ନେହରେ ବାନ୍ଧି ଧରିବାକୁ ଯଥେଷ୍ଟ ।

ମନୋଜ ଠିକଣା ଖୋଜି ଝିଅକୁ ଧରି ସ୍ୱିଟିର ଘରେ ପହଁଚିଲା ତାର ସମସ୍ତ ପରିବାର କୁ ସବୁ କଥା ଗୋଟି ଗୋଟି କରି କହିଦେଲା । ସ୍ୱିଟି ନୀରବ । ମୁଁ ଜୀବନ ସାରା ନ୍ୟାୟ

ISSN NO.
2582-208X

ପାଇଁ ଲଢେଇ କରୁଛି ବୋଲି ଡିଣ୍ଡିମ ପିଟୁଥିବା ଓକିଲ ବାବୁ ଆଜି ଅନ୍ୟାୟର ପକ୍ଷରେ । ଅନେକ ଛାତ୍ର ଛାତ୍ରୀଙ୍କୁ ସଂସ୍କାର ଶିଖାଉଥିବା ଅଧ୍ୟାପିକା ଆଜି ବିଦେଶରେ ଚାକିରି କରୁଥିବା ନୂଆ ବରପାତ୍ର ମୋହରେ ଅନ୍ଧ । ସେ ପିଲାକୁ ନେଇ ତୋ ଘରକୁ ଚାଲିଯା କେତେ ଟଙ୍କା ନେବୁ କହ ।

କୁନିଝିଅ ଆଲଫା ର କାନ୍ଦ କାହାର ହୃଦୟକୁ ଭେଦି ପାରୁନଥିଲା । ସାମୁହିକ ସ୍ୱରର ନିର୍ଯ୍ୟାସ ଥିଲା ଏଠିକି ଆଉ କେବେ ଆସିବନି । ଆଉ ଥାନା କୋର୍ଟ କଚେରୀ ମିଡ଼ିଆ କଥା ସ୍ୱପ୍ନରେ ବି ଭାବିବୁନି । ନହେଲେ ତମ ବାପ ଝିଅ ଙ୍କ ବାଟରୁ ହଟେଇବାକୁ ଏ ରାଜଧାନୀରେ ଗୁଣ୍ଡା ମାନଙ୍କର ଅଭାବ ନାହିଁ ।

ମନୋଜ ପାଦତଳୁ ମାଟି ଖସି ପଡୁଥିଲା ସତେ ଯେମିତି ଆକାଶଟା ଛିଡି ପଡୁଥିଲା ତା ମୁଣ୍ଡ ଉପରେ । ସ୍ମିତି ଆଉ ଅତୀତର ପ୍ରେମ ଉପହାର ଦେଉଥିବା ସ୍ମିତି ହୋଇ ନଥିଲା । ବିବାହ ନକରିବି ବିଶ୍ୱାସର ସୁହାଗ ସିନ୍ଦୁର ଆଉ ଝଟକୁ ନଥିଲା ତା ସିଂଥିରେ । ଅଂତ ଫାଡ଼ି ଜନ୍ମ ଦେଇଥିବା ନିଜ ଜୀବନଠୁ ବେଶି ଭଲ ପାଉଥିବା ଝିଅର କାନ୍ଦ କୋଳେଇ ନେବାର ଇଶାରା ଆଜି ଏ ସମାଜ କୁ ଉପହାସ କରୁଥିଲା ସତରେ । ମୁଁ ସିନା ପର ହୋଇଗଲି ଆଉ ଆମ ଆଲଫା, ମନୋଜ ର ଏଇ ଶେଷ ପଦକ କଥା ଶୁଣି ଚିହିଁକି ଉଠିଥିଲା ସ୍ମିତି । ନିଅ ତାକୁ କୋଉ ଅନାଥ ଆଶ୍ରମରେ ଛାଡ଼ିଦେବ ନହେଲେ ନଇକି ପୋଖରୀକୁ ପକେଇଦବ ।

ଆଲଫା କୁ ସାଥିରେ ଧରି ଘରକୁ ଫେରୁଥିଲା ମନୋଜ ସମୟ ସାଥିରେ ବଦଳି ସାରିଥିଲା ଅନେକ ସମ୍ପର୍କର ସଂଜ୍ଞା ପ୍ରକୃତି ଆଉ ପରିସର ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଭରସା ଏବେ ହରି



ଶିଶିର କୁମାର ପଣ୍ଡା

ହଟିଲା ଏବେ ଦେହରୁ ବଳ
ବୟସ ହେଲା ଅଶୀ
ରାତିରେ ଆଉ ହଉନି ନିଦ
ରହୁଛି ଖାଲି ବସି ।
ଦରଜ ପଶେ ଆଣ୍ଠୁ ଗଣ୍ଠିରେ
କମର ହେଲା ବଙ୍କା
ମରଣ ହେଉ ହୃଦଘାତରେ
ମନରେ ନାହିଁ ଶଙ୍କା ।
ରୁଚୁନି ଆଉ ପାଟିକୁ କିଛି
ସେମିତି ଆଗ ଭଳି
ଧୀରେ ଧୀରେ ମୁଁ ଯାଉଛି ବୋଧେ
ମରଣ ଦିଗେ ଚଳି ।
ମୋ କଥା ଏବେ ଲାଗୁନି ଭଲ
ପୁଅ ବୋହୂଙ୍କୁ ଆଉ
ବୁଝିପାରୁଛି ମୋହରି ପାଇଁ
ହୁଅନ୍ତି ରାଉରାଉ ।

କାନରେ ଭଲ ଶୁଣି ପାରୁନି
ଧୀରେ କହିଲେ କଥା
ଲୋଟେ ପାଣିରେ ଗାଧୋଇ ଆଜି
ଦରଜ ହୁଏ ମଥା ।
ହଗାମୁତାକୁ ରୋକି ପାରୁନି
ଯାଉଛି ତଳେ ପଡ଼ି
ନାହିଁ ସେ ଦେହ ଆଗ ପରିକା
ବାରଣା ଗଲା ଝଡ଼ି ।
ସବୁଠୁ ଆଶା ତୁଟିଲା ପରେ
ଭରସା ଏବେ ହରି
ଦିନଠୁ ରାତି ଯାଉଛି ବିତି
ତାଙ୍କରି ନାମ ଧରି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

ISSN NO.
2582-208X

# ନବରଙ୍ଗପୁର ମାଟିର ଯଶସ୍ୱୀ ସାହିତ୍ୟିକ "ଡ: ଚନ୍ଦ୍ର ଶେଖର ହୋତା"



ପ୍ରତାପ ଚନ୍ଦ୍ର ସାହୁ

ପେଶାରେ ଜଣେ ଦକ୍ଷ, କର୍ମ ନିଷ୍ଠ, କର୍ତ୍ତବ୍ୟ ପରାୟଣ ପୋଲିସ୍ ଅଫିସର୍ ହୋଇଥିଲେ ବି ନିଶାରେ ଯେ ସେ ଜଣେ ସାହିତ୍ୟ ସାଧନା ରେ ଆଗଧାଡିର ସାହିତ୍ୟ ଦିଗ ଦ୍ରଷ୍ଟା ତଥା ସ୍ରଷ୍ଟା ହୋଇଥିବେ ଏଇ କଥା ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। ସେ ଜଣେ ସୁସାହିତ୍ୟ ସଂଗଠକ, ସୁବକ୍ତା, ସର୍ବୋପରି ସାହିତ୍ୟ ର ପୂଜାରୀ କହିଲେ ବି ଅତ୍ୟୁକ୍ତି ହେବନି। ସବୁଠୁ ବଡ କଥା ହେଲା ସେ ସାହିତ୍ୟ ସହିତ ଏତେ ଓତୋ ପ୍ରୋତୋ ଭାବେ ଜଡିତ ଯେ ଜନ ସାଧାରଣ ପ୍ରଥମେ ତାଙ୍କୁ ଜଣେ ସୁଲେଖକ, ସୁବକ୍ତା, ସଂଗଠକ, ସାହିତ୍ୟିକ ଭାବେ ଜାଣନ୍ତି। ତା ପରେ ଯାଇ ସେ ଜଣେ ଦକ୍ଷ ପୋଲିସ୍ ଅଫିସର୍ । ଆଉ ଗୋଟିଏ ବଡ କଥା ହେଲା ସେ ସାହିତ୍ୟ ଆଲୋଚନା ତଥା ସଭା ରେ ଥିଲାବେଳେ କିମ୍ବା ପୁସ୍ତକ ଉନ୍ମୋଚନ ରେ ଭାଗ ନେଇ ଥିବାବେଳେ କେବେ ହେଲେ ନିଜର ପରିଚୟ ଜଣେ ପୋଲିସ୍ ଅଫିସର୍ ଭାବେ ଦେବାକୁ ପସନ୍ଦ କରିନାହାନ୍ତି। ଏଥିରୁ ତାଙ୍କର ମହନୀୟତା ବାରି ହୋଇପଡେ। ଅତ୍ୟନ୍ତ ଶାନ୍ତ ସ୍ୱଭାବର, ସରଳ ପ୍ରକୃତିର, ଆମାୟିକ, ପରୋପକାରୀ, ମେଳାପୀ, ମିଷ୍ଟ ଭାଷୀ, ଉଦାର ଅଟନ୍ତି ଡ:ଚନ୍ଦ୍ର ଶେଖର ହୋତା। ବୃତ୍ତିଗତ ବ୍ୟସ୍ତ ବହୁଳ ସମୟ ମଧ୍ୟରୁ ସମୟ ବାହାର କରି ସାହିତ୍ୟ ସାଧନା କରି ଶୀର୍ଷ ସ୍ଥାନରେ ସ୍ଥାନରେ ପହଚିଂବା କେତେ ଜଣ ଙ୍କ ଭାଗ୍ୟ ରେ ଜୁଟିଥାଏ? ଏପରି ବ୍ୟକ୍ତି ବିଶେଷ ଦେଖିବାକୁ ବିରଳ କହିଲେ ଚଳେ। ନିଜ କର୍ତ୍ତବ୍ୟ ରେ ତିଳେ ମାତ୍ର ଅବହେଳା ପ୍ରଦର୍ଶନ ନ କରି ଏପଟେ ସାହିତ୍ୟ ସାଧନା କରିବା ବହୁତ କଷ୍ଟକର ବ୍ୟାପାର। ତା ପୁଣି ଗୃହ ବିଭାଗ। ସେଇଥିପାଇଁ ଗୃହ ବିଭାଗ ତରଫ ରୁ ଜଣେ କର୍ତ୍ତବ୍ୟ ନିଷ୍ଠ ପୋଲିସ୍ ଅଫିସର୍ ଭାବେ ପୋଲିସ୍ ପଦକ ବି ପାଇଛନ୍ତି ।

ISSN NO.
2582-208X

ଏହି ମହାନ୍ ସାହିତ୍ୟିକ ଚନ୍ଦ୍ର ଶେଖର ହୋତା ଙ୍କର ଜନ୍ମ ବଲାଙ୍ଗୀର ଜିଲ୍ଲା ର ଲୋଇସିଙ୍ଗା ବ୍ଲକ୍ ସ୍ଥିତ ଗୁରୁଜୀଭଟ୍ଠା ଗ୍ରାମରେ ୧୯୮୫ ମସିହା ଜୁଲାଇ ମାସ ଏକ ତାରିଖ ରେ ହୋଇଥିଲା। ନିଜ ଗ୍ରାମ ର ପ୍ରାଥମିକ ସ୍କୁଲ ରେ ଶିକ୍ଷା ସମାପ୍ତ କରି ଲୋଇସିଙ୍ଗା ରୁ ହାଇସ୍କୁଲ ଶିକ୍ଷା ସହ କଲେଜ ଶିକ୍ଷା ମଧ୍ୟ ସମାପ୍ତ କରିଥିଲେ। ହାଇଦ୍ରାବାଦ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୁ ସ୍ନାତ୍ତୋକତ୍ତର ଶିକ୍ଷା ଲାଭ କରି ଜବାହାର ଲାଲ୍ ନେହୁରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ରୁ ଏମ୍ ଫିଲ୍ ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ରୁ **representation of hinduism by vivekananda kendra - a critical analysis**"ଉପରେ ଗବେଷଣା କରି ପି ଏଚ୍ ଡି ଡିଗ୍ରୀ ହାସଲ କରିଛନ୍ତି। ତା ପରେ ଦେଶ ବନ୍ଧୁ କଲେଜ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନରେ ଅଧ୍ୟାପକ ଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ ୨୦୦୯ ମସିହାରେ । ବର୍ଷେ ପାଇଁ ସେଠାରେ କାର୍ଯ୍ୟ କରି ଫ୍ରେଂଚ **(french)** ଭାଷାର ଅନୁବାଦକ ଭାବେ କାର୍ଯ୍ୟ ଆରମ୍ଭ କଲେ ଏକ ନ୍ୟୁଜ୍ ଚାନେଲ୍ -୨୪ ରେ, ନୂଆଦିଲ୍ଲୀ ରେ। ଏହି ଚାକିରୀ ଛାଡି **odisha finance service** ଅଧିନରେ ସେ କିଛି ଦିନ କମର୍ସିଆଲ୍ ଟେକ୍ସ ଅଫିସର୍ ଭାବେ କାର୍ଯ୍ୟ କଲେ। ଏହି ଚାକୀରି ବି ଛାଡି ଶେଷରେ **odisha police service** ଅଧିନ ରେ **D. S. P.** ଭାବେ ୨୦୧୬ ମସିହାରୁ ଅଦ୍ୟାବଧି କର୍ମ ଭୂମି ନବରଙ୍ଗପୁର ଠାରେ ଅବସ୍ଥାପିତ ହୋଇ ନିଷ୍ଠାର ସହ କାର୍ଯ୍ୟ ତୁଲାଇଚାଲିଛନ୍ତି। ଡ: ଚନ୍ଦ୍ର ଶେଖର ହୋତା ଙ୍କ ର ପ୍ରକାଶିତ ହୋଇଥିବା ପୁସ୍ତକ ଗୁଡିକ ମଧ୍ୟରେ (୧)କଳ୍ପନା ଅନୁଭବ ଓ ସାହିତ୍ୟ ଯାହାକି ପକ୍ଷୀ ଘର ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ହୋଇଥିଲା।(୨) ଗାନ୍ଧୀ ରଚନା ବଳୀ ଯାହାକି ଓଡିଶା ସାହିତ୍ୟ ଏକାଡେମୀ, ଭୂବନେଶ୍ୱର ଦ୍ୱାରା ୨୦୧୯ ମସିହା ରେ ପ୍ରକାଶିତ ହୋଇଥିଲା।(୩)ଚେତନାର ଅନେଶ୍ୱନା ପୁସ୍ତକ ଟି ଫ୍ରେଣ୍ଡସ୍ ପବ୍ଲିକେସନ୍ ସଂସ୍ଥା କଟକ ଦ୍ୱାରା ୨୦୧୮ ରେ ପ୍ରକାଶିତ ହୋଇଥିଲା।(୪)ଅସ୍ତ ସୂର୍ଯ୍ୟର ସକାଳ ଓ ଅନ୍ୟାନ୍ୟ ଗଳ୍ପ ଗୁଚ୍ଛ ବହିଟି ୨୦୨୨ ରେ ପ୍ରକାଶିତ ହୋଇଥିଲା। ଏହା ଏକ ଅନୁବାଦ ପୁସ୍ତକ ଥିଲା। "**fly on the wall and other stories**"ଇଂରାଜି ବହି ରୁ ଏହା ଅନୁବାଦିତ। ଏହି ଇଂରାଜି ବହି ଟି ଶୁଭ ଶର୍ମା ଙ୍କର ଥିଲା। ପ୍ରାଚୀ ସାହିତ୍ୟ ପ୍ରକାଶନ ସଂସ୍ଥା ଏହାର ଦାୟୀତ୍ୱ ନେଇଥିଲା। (୫)ଓଡିଆ କବିତା :ଗାନ୍ଧୀ ପ୍ରତିବିମ୍ବ ଯାହାକି ୨୦୨୨ ରେ ପ୍ରକାଶିତ ହୋଇଥିଲା। ଏହା ମଧ୍ୟ ଏକ ଅନୁବାଦ ପୁସ୍ତକ ଥିଲା। **anthology of poems on gandhi**" ରୁ ଏହା ଅନୁବାଦିତ। ବିଦ୍ୟାପୁରୀ କଟକ

ISSN NO.
2582-208X

ଦ୍ୱାରା ଏହା ପ୍ରକାଶିତ।(୬)ଗୋଟିଏ ଭାରତୀୟ ପରିବାର ର କାହାଣୀ ୨୦୨୨ ରେ ପ୍ରକାଶିତ । ଏହି ବହିଟି ମଧ୍ୟ ଏକ ଅନୁବାଦ ପୁସ୍ତକ ଥିଲା । ମୂଳ ରଚିତ ବହିଟି ଶୁଭ ଶର୍ମା ଙ୍କ ର ଥିଲା। **avasti's of amangiri** ବହି ରୁ ଏହା ଅନୁବାଦିତ। ଏହି ବହିଟି ବିଦ୍ୟା ପବ୍ଲିକେସନ୍ କାନାଡା ରୁ ପ୍ରକାଶିତ।(୭)ପ୍ଲାଟୋ ରୁ ପିଙ୍ଗାଲା ବହି ଟି ୨୦୨୨ ରେ କଲମ୍ନ କଲେକ୍ ସନ୍ ପବ୍ଲିକେସନ୍ ସଂସ୍ଥା ଦ୍ୱାରା ଅଗ୍ରଦୂତ ବାଲୁବଜାର କଟକ ଦ୍ୱାରା ପ୍ରକାଶିତ।

ଜଣେ ନିଷ୍ଠାପର ସାହିତ୍ୟ ସାଧକ ଓ ସଂସ୍କୃତି ପ୍ରେମୀ ଭାବରେ ଡା:ଚନ୍ଦ୍ର ଶେଖର ହୋତା ହାତେଇ ଥିବା ସମ୍ମାନ ମଧ୍ୟରେ ଗୋକର୍ଣ୍ଣୀକା ପ୍ରବନ୍ଧ ସମ୍ମାନ -୨୦୧୫, ସାରସ୍ୱତ ସାହିତ୍ୟ ସମ୍ମାନ -୨୦୧୬, ଅଖିଳ ଚକ୍ର ଜଗନ୍ନାଥ ସମ୍ମାନ-୨୦୧୬, ମଦ୍ଗୁରୀ ସମ୍ମାନ-୨୦୧୮, କୃଷ୍ଣେନ୍ଦୁ ସ୍ମୃତି ସମ୍ମାନ - ୨୦୧୯, ବ୍ରହ୍ମପୁର ପୁସ୍ତକ ମେଳା ସମ୍ମାନ-୨୦୧୯, ଶ୍ରୀ ଶ୍ରୀ ନିଗମାନନ୍ଦ ସେବା ସମ୍ମାନ - ୨୦୨୦, ସାହିତ୍ୟ ଏକାଡେମି ଯୁବ ପୁରସ୍କାର -୨୦୨୦, ସ୍ୱତନ୍ତ୍ର ସାରସ୍ୱତ ସମ୍ମାନ, ଦେଶିଆ ସାଂସ୍କୃତିକ ପରିଷଦ ଉମରକୋଟ -୨୦୨୧, ଏବଂ ବନ ସୁରଭି ସମ୍ବର୍ଦ୍ଧନା -୨୦୨୨ ଆଦି ପ୍ରମୁଖ ସମ୍ମାନ ପ୍ରଣିଧାନ ଯୋଗ୍ୟ। ଓଡିଶା ସାହିତ୍ୟ ଏକାଡେମି, କଟକ ଦ୍ୱାରା ଗଠିତ **excutive body** ବୋର୍ଡ ର ଜଣେ ସକ୍ରିୟ ସଦସ୍ୟ ଭାବେ ୨୦୧୭ ରୁ କାର୍ଯ୍ୟକରି ଆସୁଛନ୍ତି। ଅନେକ ସାହିତ୍ୟ ସମ୍ମିଳନୀ ରେ ମୂଖ୍ୟ ବକ୍ତା ଭାବେ ଯୋଗ ଦେଇ ଶ୍ରୋତା ମାନଙ୍କ ସ୍ୱିକୃତି ଲାଭ କରିଛନ୍ତି। ଅନେକ ସାହିତ୍ୟ ସମ୍ମେଳନ ରେ ସେ ମୂଖ୍ୟ ଅତିଥି ଭାବେ ରୁଚିବନ୍ତ କରିଛନ୍ତି। ଅନେକ ପୁସ୍ତକ ଉନ୍ମୋଚନ ଉତ୍ସବରେ ବି ଯୋଗଦେଇଛନ୍ତି। ପରୋକ୍ଷ ରେ ହେଉ କି ପ୍ରତକ୍ଷରେ ହେଉ ସେ ଅନେକ ସାହିତ୍ୟ ଅନୁଷ୍ଠାନ ସହିତ ଜଡିତ ଅଛନ୍ତି। ସେ ଜଣେ ସୁସଂଗଠକ ଭାବେ ଜଣାଶୁଣା। ଓଡିଶା ସାହିତ୍ୟ ଏକାଡେମି ର ଲିଟାରେରୀ ମାଗାଜିନ୍ "କୋଣାର୍କ" ର ଏଡିଟୋରିଆଲ୍ ବୋର୍ଡ ର ଜଣେ ସଦସ୍ୟ ରହିଛନ୍ତି। ଏହି ମାଗାଜିନ୍ ଟି ଉଭୟେ ଇଂରାଜି ଓ ଓଡିଆ ରେ ପ୍ରକାଶିତ ହୋଇ ଆସୁଛି। ୨୦୦୭ ମସିହା ରୁ ବିଭିନ୍ନ ପ୍ରତିଷ୍ଠିତ ଦୈନିକ, ସାପ୍ତାହିକ ଓଡିଆ ଇଂରାଜି ଖବର କାଗଜ ସମାଜ, ସମ୍ବାଦ, ଧରିତ୍ରୀ ଓ ପ୍ରମେୟ ଭଳି ଖବର କାଗଜ ସହ **statesman, around odisha, odisha times** ଭଳି ପତ୍ର ପତ୍ରିକା ଅତି ଉଚ୍ଚ କୋଟୀର ଲେଖାମାନ ପ୍ରକାଶିତ ହୋଇ ଆସୁଛି। ଏହି ଆର୍ଟିକେଲ୍ ଗୁଡିକ ଅତି ଉପାଦେୟ ଅଟେ। ଜଣେ ସମ୍ପାଦକ ଭାବେ ସେ ଜଣାଶୁଣା। ସାହିତ୍ୟକୁ ଜୀବନ ଠାରୁ ଭଲ ପାଉଥିବା

ISSN NO.
2582-208X

ବ୍ୟକ୍ତି ମାନଙ୍କ ମଧ୍ୟରେ ସେ ଅନନ୍ୟ ଅଟନ୍ତି। ଏଭଳି ବ୍ୟକ୍ତି ବିଶେଷ ବାସ୍ତବରେ ସମାଜରେ ଦେଖିବାକୁ ବିରଳ। ସେ ସର୍ବଦା କହନ୍ତି "ସାହିତ୍ୟ ରେ ଲେଖା ଯେପରି ପବିତ୍ର ସୁନ୍ଦର ସେହିପରି ସାହିତ୍ୟିକ ମାନଙ୍କର ଭିତର ଓ ବାହାର ପାଖ ଜଣେ ଆଦର୍ଶବାନ ଓ ଚରିତ୍ରବାନ ମଣିଷ ଭଳି ହେବା ଉଚିତ। ତା'ର ଆଚରଣ ଓ ଉଚ୍ଚାରଣ ରେ ପାର୍ଥକ୍ୟ ରହିବା ଉଚିତ ନୁହେଁ। ତାହାହେଲେ ସାହିତ୍ୟ କାଳଜୟୀ ହେବ ଏବଂ ସମାଜରେ ଆଦୃ ତି ଲାଭ କରିପାରିବ, ଏହା ନିଃସନ୍ଦେହ। "କେନ୍ଦ୍ର ସାହିତ୍ୟ ଏକାଡେମୀର ମଧ୍ୟ ସେ ସକ୍ରୀୟ ସଦସ୍ୟ ରହିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଯୁବ ସାହିତ୍ୟିକ ଭାବେ ପୁରସ୍କୃତ ବି ହୋଇଛନ୍ତି। ବ୍ୟସ୍ତ ଜୀବନ ରୁ ଓ ପାରିବାରିକ ଜଞ୍ଜାଳ ରୁ ସମୟ ବାହାର କରି ସାହିତ୍ୟ ସାଧନା କରି ଶୀର୍ଷ ସ୍ଥାନ ରେ ପହଚିଂବା କାଠିକର ପାଠ ହେଲେ ବି ସେ ଏହାକୁ ସମ୍ଭବ କରି ଦେଖାଇପାରିଛନ୍ତି ତାହା ହିଁ ଅନ୍ୟ ମାନଙ୍କ ପାଇଁ ଉଦାହରଣ। ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ-ସେ ଏହାକୁ ପ୍ରମାଣ କରି ଦେଖାଇଦେଇଛନ୍ତି। ଅନେକ ପ୍ରବନ୍ଧ, ଗଳ୍ପ, ରମ୍ୟ ରଚନା, କବିତା ବିଭିନ୍ନ ପତ୍ର ପତ୍ରୀକା ରେ ପ୍ରକାଶିତ ହେବାର ଦେଖାଯାଏ। ତାଙ୍କର ଓଜସ୍ୱିନି ଭାଷଣ ଶ୍ରୋତା ମଣ୍ଡଳୀ କୁ ମୁଗ୍ଧ କରିଥାଏ। ନିରବିଚ୍ଛିନ୍ନ ଭାବେ ଘଣ୍ଟା ଘଣ୍ଟା ଧରି ଭାଷଣ ଦେଇପାରନ୍ତି ସେ। ତାଙ୍କର ସମସ୍ତ ଲେଖା ପାଠକୀୟ ସ୍ୱିକୃ ତି ଲାଭ କରିଛି। ବଲାଙ୍ଗୀର ଜନ୍ମ ଭୂମି ହେଲେ ବି କର୍ମ ଭୂମିଭାବେ ନବରଙ୍ଗପୁର କୁ ବାଛି ଆମ ନବରଙ୍ଗପୁର ବାସୀଙ୍କୁ ଧନ୍ୟ କରିଛନ୍ତି ଡା: ଚନ୍ଦ୍ର ଶେଖର ହୋତା। ସେ ସର୍ବଦା କହନ୍ତି **"duty is god"** କେବଳ କହି ନ ଥାନ୍ତି କାର୍ଯ୍ୟ ରେ ପରିଣତ କରି ଦେଖାଇ ଥାନ୍ତି ସେ। କ୍ଷମତା ର ଅପବ୍ୟବହାର ନ କରିବାକୁ ପରାମର୍ଶ ଦେଇଥାନ୍ତି। ତାଙ୍କର ଆଚରଣ ଓ ଉଚ୍ଚାରଣ ରେ ପାର୍ଥକ୍ୟ ଦେଖିବାକୁ ମିଳିନଥାଏ। ଏଭଳି ବିରଳ ବ୍ୟକ୍ତିତ୍ୱ ବାସ୍ତବ ରେ ଦେଖିବାକୁ କୋଟିକରେ ଗୋଟିଏ। ଜଗନ୍ନାଥେ କରନ୍ତୁ ତାଙ୍କର ଆହୁରି ଉତ୍ତୋରତ୍ତର ଉନ୍ନତି ହେଉ।

ନବରଙ୍ଗପୁର
୯୪୩୭୭୮୮୭୦

ISSN NO.
2582-208X

# ଜୟ ରାମ ହରି



ମାଳତୀ ଦେବୀ

ଜୟ ରାମ ହରି ବୈକୁଣ୍ଠ ବିହାରୀ କୃଷ୍ଣ କେଶବ ବାମନ ।
ନମୋ ଦାମୋଦର କରୁଣା ସାଗର ନରହରି ଜନାର୍ଦ୍ଦନ ।୧।

ନଟ ନାଗର ଶ୍ରୀଧର କମ୍ବୁକର ନୀଳମଣି ଶ୍ରୀୟାବର ।
ରବିନନ୍ଦନ ଦଣ୍ଡ ଖଣ୍ଡନକାରୀ ଦାନବାରୀ ସୁରେଶ୍ୱର ।୨।

ରସିକ ଶେଖର କୃଷ୍ଣ ବିଶ୍ୱମ୍ଭର ଜଗଦୀଶ ବାସୁଦେବ ।
ବଳ ଦୁର୍ବଳର ଦେବକୀ କୁମର କଳାକର ସୁମାଧବ ।୩।

ବରଜ ସୁନ୍ଦର କମଳାର ଧବ କଳାମୁଖ ଭକ୍ତ ସୁଖ ।
ଖଣ୍ଡଇ କଳ କଳୁଶମାନ ସେହି ଭାବଗ୍ରାହୀ ପଙ୍କଜାକ୍ଷ ।୪।

କ୍ଷୀରୋଦ ସିନ୍ଧୁବିହାରୀ ଦନୁଜାରୀ ରୂପ ନିନ୍ଦେ କଳାମେଘ ।
ଘନ ବରନଆ ସେ ଜଗାକାଳଆ ଦର୍ଶନେ ହରେ ଅଘ ।୫।

ଘଟଣ ସୁନ୍ଦର ଶ୍ରୀରାଧାର ବର ଘରଯା କମ୍ବୁ କଟକ ।
କରଣୀ ତାହାର କେବର୍ଣ୍ଣି ପାରିବ ଜନମି ନାହିଁ ତ୍ରୀଲୋକ ।୬।

ISSN NO.
2582-208X

କମଳା ବିଳାସ ହରି ହୃଷୀକେଶ ନଟ ଶ୍ରେଷ୍ଠ ପୀତବାସ ।
ସପନ ବଣିକ ସେ ବିଶ୍ୱନାୟକ ଭବତା ଶ୍ରୀପଦେ ଦାସ ।୭।

ସତ୍ୟ ନାରାୟଣ ଜପ ବାଇମନ ଗତି ମୁକତି କାରଣ ।
ନକରିଣ ହେଳା ଭଜ ଚକାଡୋଳା ବୃଜିନ ହେବ ଦହନ ।୮।

ନୟନାଭିରାମ ପୁରୁଷଉତ୍ତମ ରାଧାକାନ୍ତ ଘନଶ୍ୟାମ ।
ମର ଜଗତରେ ସାର ନାମ ତାର ଆବର ତା ଗୁଣ ଧାମ ।୯।

ମକର କୁଣ୍ଡଳ ଲୋଳେ ଗଣ୍ଡସ୍ଥଳ କଟୀତଟେ ପୀତାମ୍ବର ।
ରତି ପତି ପିତା ବ୍ରହ୍ମାଣ୍ଡ କରତା ଶ୍ରୀହରି ଶ୍ୟାମସୁନ୍ଦର ।୧୦।

ରଖ ନରେ ଧ୍ୟାନ ତାକଞ୍ଚ ଚରଣଭବ କଷଣ ହରିବ ।
ବିଷ୍ଣୁ ବିଶ୍ୱପିତା ଜଗତ କରତା ଲୀଳା ଯାର ଅସମ୍ଭବ ।୧୧।

ଲୋକାପଡା, ପୁରୁଣାବଜାର, ଆଳି

ISSN NO.
2582-208X

# ଗୁରୁଙ୍କ ମାହାତ୍ମ୍ୟ



ଜନ୍ମଜୟ ନାୟକ

ହେ ଗୁରୁ ତୁମେ ଦ୍ୱିତୀୟ ଇଶ୍ୱର
ତୁମେ ହିଁ ପରମେଶ୍ୱର,
ତୁମ ପାଦ ପଦ୍ମେ ବନ୍ଦନା କରୁଛୁ
କରିଣ କୋଟି ଜୁହାର।

ତୁମରି ମହିମା ଭୂମି ଠାରୁ ଭୂମା
ପାରିବୁ ନାହିଁ ବଖାଣି,
ଅଜ୍ଞାନ ଦୂରେଇ ବିଦ୍ୟାଦାନ କରି
ତୁମ ପାଶେ କଲ ଋଣୀ।

ତୁମେ ପରା ବ୍ରହ୍ମା ତୁମେ ପରା ବିଷ୍ଣୁ
ତୁମେ ପରା ପିତାମାତା,
ତୁମ ଆଶିଷରେ ବାଧା ବିଘ୍ନ ନାଶି
ହୋଇବୁ ଜଗତଜିତା।

ସେନେହ ସାଗର ଶ୍ରଦ୍ଧା ପାରାବାର
ସବୁଠୁଁ ପ୍ରିୟ ଆମରି,

ISSN NO.
2582-208X

ତୁମ ଉପଦେଶେ ଜୀବନ କଳସ
ଦିଅ ବାରେ ପୂର୍ଣ୍ଣ କରି।

ଏକଲବ୍ୟ ବୀର ଗୁରୁ ଦ୍ରୋଣ ପାଇଁ
ବୃଦ୍ଧାଙ୍ଗୁଳି ଦେଲେ କାଟି,
ଶିଷ୍ୟ ଆରୁଣି ତ ଗୁରୁ ତୋଷ ପାଇଁ
ହିଡ ତଳେ ଗଲେ ଲୋଟି ।

ନନ୍ଦର ନନ୍ଦନ ବାସୁଦେବ ସୁତ
ଯମ ସଦନକୁ ଯାଇ,
ବଞ୍ଚାଇଲେ ପୁତ୍ର ସନ୍ଦୀପନିଙ୍କର
ଗୁରୁଦକ୍ଷିଣା ସୁଝାଇ।

ଆମ୍ଭେମାନେ ପରା ତାଙ୍କରି ଦାୟାଦ
ଭୁଲିବୁ ନାହିଁ ଏ କଥା,
ଭକ୍ତି ହୃଦେ ଭରି ଆନନ୍ଦ ଚିତ୍ତରେ
ଗୁରୁ ପାଦେ ରଖୁ ମଥା।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଆହା କି ସୁନ୍ଦର



ଅଭିଲାଶ ବାରିକ୍

ଆହା କି ସୁନ୍ଦର ଏ ବିଶ୍ୱ ସଂସାର ରଚିଛନ୍ତି ଈଶ୍ୱର ।

ରବି ଶଶୀ ଗ୍ରହ ନକ୍ଷତ୍ରାଦି ସର୍ବ ଖଞ୍ଜି ଅଛନ୍ତି ଅପାର ।୧।

ବନ ଗିରି ଲତା ନଦୀ ନିର୍ଝରିଣୀ ଦାନ ଅଟଇ ଯାହାର ।

ବିଶାଳ ଯାହାର ସୁନୀଳ ଅମ୍ବର ଢେଉ ପୂର୍ଣ୍ଣ ପାରାବାର ।୨।

ସବୁଜିମାମୟ ତରୁ ତୃଣ ତାର କୁସୁମ ନାନା ରଙ୍ଗର ।

ତପନ ଶଶାଙ୍କ କିରଣ ପ୍ରଦାନ କରୁଛନ୍ତି ନିରନ୍ତର ।୩।

ଯକ୍ଷ ରକ୍ଷ ନର ଗନ୍ଧର୍ବ କିନ୍ନର ନାଗ ଆଦି ଦାନଯାର ।

ପ୍ରକୃତି ରୂପିଣୀ ସେହି ନାରାୟଣୀ ଜୀବନ ସର୍ବ ଜୀବର ।୪।

ପିତା ମାତା ବନ୍ଧୁ ଭ୍ରାତା ଓ ଭଗିନୀ ସଂପର୍କମାନ ସୁନ୍ଦର ।

ସକଳ ତୁମ୍ଭର ଦାନ ମହାପ୍ରଭୁ ମୁହିଁ ନିମିତ୍ତ ମାତର ।୫।

ଭାରତୀୟ ଡାକ ସେବା ବିଭାଗ
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମାଗୋ କମଳିନୀ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା)

ମା ଗୋ କମଳିନୀ ବିଷ୍ଣୁ ପାଟରାଣୀ ପ୍ରଣତ ମୋହର ଘେନ ।
ସାରା ଜଗତର ତୁହି ମା ପାଳିନୀ ବିତରୁଣ ଅଛ ଅନ୍ନ ।୧।
କମଳା କମଳାଳୟା ହରିଜାୟା ତୁହି ପରା ବିଶ୍ୱ ମାତ ।
ସକଳ ଘଟରେ ଆତ୍ମା ରୂପେ ରହି ପାଳୁଛ ସାରା ଜଗତ ।୨।
ଶ୍ରୀପୀଠେ ପୂଜିତା ମାତା ସିନ୍ଧୁସୁତା ରମା ନାମ ତୋର ସାର ।
ମାଗୋ ମହାମାୟା ଦେବୀ ପଦ୍ମାଳୟା ପଦ୍ମରେ ନିବାସ ତୋର ।୩।
ଶ୍ରୀହରି ପ୍ରିୟା ତୁ ଅଟୁ ଆଗୋ ମାଆ ସର୍ବଜୀବ ତୋ ସନ୍ତାନ ।
ଲୋକମାତା ରୂପେ ତୁ ବିଶ୍ୱବନ୍ଦିତା ଦାଦିଦ୍ର୍ୟ କରୁ ହରଣ ।୪।
ଇନ୍ଦିରା ତୁ ଧିରା ମୁକତି ପସରା ଲକ୍ଷ୍ମୀ ଶ୍ରୀରାଧା ରୂପିଣୀ ।
ଭାର୍ଗବୀ ତୁହି ମା ତ୍ରେତୟା ଯୋଗରେ ଅଟୁ ସୀତା ଠାକୁରାଣୀ ।୫।
ଲୋକ ଜନନୀ ରକ୍ମିଣୀ କମଳିନୀ ଆଦି ଅନ୍ତ ତୋର ନାହିଁ ।
ସକଳ ଦୂରୀତ ହାରିଣୀ ଜନନୀ ପତି ଯାର ଭାବଗ୍ରାହୀ ।୬।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଗୋମାତା



ସୂର୍ଯ୍ୟ ନାରାୟଣ ସାହୁ

ପୂରାଣରେ ଲେଖା ଅଛି ଗୋମାତା ପେଟରେ ତେତିଶ କୋଟି ଦେବା ଦେବୀ ବିରାଜମାନ କରିଛନ୍ତି । ସେଇଥିପାଇଁ ଆମେ ପୁରାତନ ଯୁଗରୁ ହିଁ ଗାଇକୁ ଆମ ହିନ୍ଦୁ ଧର୍ମର ଦେବୀ ରୂପେ ପୂଜା କରି ଆସୁଛନ୍ତି । ସତରେ!! କହିବାକୁ ଗଲେ ଗାଇ ଆମ ମା' ପରି, ନହେଲେ ତାରି କ୍ଷୀର ପାନ କରି ଆମେ ବଢ଼ିଥାନ୍ତେ କେମିତି ? ଶକ୍ତିଶାଳୀ ହୁଅନ୍ତେ କେମିତି ? ହିଁ ପିଲାମାନେ ବୁଦ୍ଧିମାନ ହୁଅନ୍ତି, ଆଉ ମା କୋଳରେ ବଢୁଥିବା ଛୋଟ ଶିଶୁ ବି ଗାଇ କ୍ଷୀର ପିଇ ଟାଣୁଆ ହୋଇଥାଏ ।

ଗୋମାତାକୁ ଆମେ ସର୍ବଦା ପୂଜା କରିଥାଉ। ଆପଣମାନେ ଆଜି ବି ଗାଁ- ଗହଳି ରେ ଦୃଷ୍ଟି ନିକ୍ଷେପ କରିଥିବେ କୃଷକ ମାନେ ଗାଇକୁ ରକ୍ଷାବନ୍ଧନ ଦିନ ସିନ୍ଦୁର, ହଳଦୀ ଦେଇ ପୂଜା କରନ୍ତି । ଅବଶ୍ୟ ମୁଁ ପୂରାଣ ବିଷୟରେ ଅଜ୍ଞାତ କିନ୍ତୁ; ଯାହା ସତ ତାହା ହିଁ କହୁଛି । କଥାରେ ଅଛି ହଜାରେ ପୁଣ୍ୟ ଅର୍ଜିଲେ ଯାହା ଗୋଟିଏ ଗାଇର ସେବା - ଶୁଶ୍ରୁଷା କରିଲେ ସେଇୟା । ହିନ୍ଦୁ ମାନଙ୍କର ମା, ତଥା ଦେବୀ ରୂପେ ପୂଜା ପାଉଥିବାରୁ ଗାଇ କୁ ଗୋମାତା ବୋଲି ମଧ୍ୟ କୁହାଯାଏ । ସବୁବେଳେ ଗାଇର ସେବା ଯତ୍ନ କରୁଥିବା ଲୋକେ କେବେ ହଇରାଣ ହରକତରେ ପଡି ନଥାଏ । ସତ୍ୟ ଅଛି ବୋଲି ଧର୍ମ ବି ଅଛି ଆପଣମାନେ ବିଷ୍ଣୁପୂରାଣ ରେ ଏକ ପବିତ୍ର ଗାଇ ସୁଶୀଳା ବିଷୟରେ ଜାଣିଥିବେ। ଯମଦଗ୍ନୀ ନାମକ ଏକ ଋଷି ସେଇ ଗାଇକୁ ପାଳିଥିବା ସତ୍ୱେ ଶେଷର୍ଜୁନ ନାମକ ଏକ କ୍ରୋଧୀ ରାଜା ଆକ୍ରମଣ କରିଥିବାରୁ ଋଷି ଜମଦଗ୍ନୀ ଶେଷର୍ଜୁନକୁ ନିଜ ଶସ୍ତ୍ର ବଳରେ ଅଟକାଇ ବିଫଳ ହୋଇଛନ୍ତି

ISSN NO.
2582-208X

ଆଉ ଶେଷର୍ଜୁନ ଜମଦଗ୍ନୀ ଋଷିକୁ ମାରି ଆହତ ଅବସ୍ଥାରେ ଛାଡିଦେଇଛନ୍ତି ସୁଶୀଳାକୁ ଜବରଦସ୍ତି ଛଡାଇ ନେଲାବେଳେ, ସେଇ ସୁଶୀଳା ଗାଇ ନିଜର ଅଲୌକିକ ଶକ୍ତି ବଳରେ ଶେଷର୍ଜୁନକୁ ମାରିବାକୁ ନିଜ ଦେହରେ ଥିବା ସୈନିକ ମାନଙ୍କୁ ପଠାଇଛି ଆଉ ସେତେବେଳେ ଋଷି ମନା କରିଛନ୍ତି ମୋ ପାଇଁ ତୁମେ ଶକ୍ତିକୁ ବାଜି ଲଗେଇବା ଉଚିତ ନୁହଁ ସୁଶୀଳା । ଏବେ ଭାବନ୍ତୁ ସୁଶୀଳା ଏକ ଗାଇ ଯିଏ ନିଜ ଜୀବନ କୁ ବାଜି ଲଗେଇ ବି ତାକୁ ପାଳିଥିବା ମାଲିକକୁ ରକ୍ଷା କରିବା ପାଇଁ ବି ପ୍ରାଣ-ପଣେ ଚେଷ୍ଟା କରିଥିଲା । ଖାଲି ସେତିକି ନୁହଁ ବଉଳା ଗାଇ ବିଷୟରେ ଆମେ ଛବିଳ ବର୍ଣ୍ଣବୋଧରେ ପଢିଥିବେ। ଯଦି ମନ ପଡୁନି ମୁଁ ପୁଣି ଥରେ ଦୋହରାଇ ଦଉଚି...

ବଉଳା ଯେତେବେଳେ ତା ଛୁଆକୁ ଛାଡି ଜଙ୍ଗଲକୁ ଚରିବା ପାଇଁ ଯାଇଥିଲା ସେତେବେଳେ ଏକ ମହାବଳ ବାଘ ଆସି ତାକୁ ଖାଇବା ପାଇଁ ମନବଳେଇ ଧମକ ଦେଇଥିଲା । ସେତେବେଳ ବଉଳା ଡରିନଯାଇ ସାହସର ସହ କହିଥିଲା ଯେ; ହେ!! ବଣର ରାଜା ଦୟାକରି ମତେ ଯିବାକୁ ଦିଅ ମୋ ଛୁଆ ତେଣେ ମତେ ଅପେକ୍ଷା କରିଥିବ, ସେ ବହୁତ ଭୋକିଲା ଥିବ, ତାକୁ କ୍ଷୀର ଦେଇ ଆସି ସାରିଲେ ମତେ ଆପଣ ଖାଇବେ । ବଉଳାର କଥା ଶୁଣି ବାଘ ବଉଳାକୁ ଯିବାକୁ ଦେଇଥିଲା । ଏବଂ ବଉଳା ବାଘକୁ ଯାହା କହିଥିଲା ତାହା ଅକ୍ଷରେ ପାଳନ କରି ସେଇୟା ହିଁ କରିଲା । ସେ ନିଜ ଛୁଆକୁ ଖୁଆଇ ପ୍ରସ୍ତୁତ ହେଇଗଲା ବାଘ ସାମ୍ନା କୁ ଯିବା ପାଇଁ । ଏବଂ ଯିବା ପୂର୍ବରୁ ଶେଷ ଥର ପାଇଁ ତା ଛୁଆକୁ ବହୁତ ଗେଲ କରୁଥାଏ। ଶେଷରେ ବାଘ ପାଖରେ ଯାଇ ପହଞ୍ଚି ବାଘକୁ କହିଛି ଯେ ହେ!!ମହାରାଜ ମୁଁ ଏବେ ଆସିଗଲି, ଦୟାକରି ମତେ ଭକ୍ଷଣ କରନ୍ତୁ ।ବଉଳାର ସତ୍ୟରକ୍ଷା, କର୍ତବ୍ୟ ପରାୟଣ, ସଚୋଟ ପଣିଆ ଆଉ ସମୟାନୁବର୍ତ୍ତିତା ଦେଖି ବାଘର ବି ହୃଦୟ ତରିଳି ଯାଇଥିଲା । ଆଉ ସେ ବଉଳାକୁ ଛାଡି ଦେଇଥିଲା ଏବଂ କେବେବି ମାରି ଖାଇବନି ବୋଲି ଶପଥ ନେଇଥିଲା ।ଦେଖିଲେତ!! ପାଠକ ଗଣ ଗାଇର ମହତ୍ୱ ଗୁଣ ବିଷୟରେ । ସେ ସର୍ବଦା ମଣିଷ ମାନଙ୍କ ପାଇଁ ତ୍ୟାଗ ଆଉ ଉପକାର ହିଁ କରିଥାଏ ।

ତା କ୍ଷୀର ସବୁ ଦେବା ଦେବୀ ଙ୍କ ମଥାରେ ବି ଚଢାଯାଏ । ଏବଂ ପାଦୁକା ରୁପେ ବ୍ୟବହାର କରାଯାଏ । ଗାଇ ର ଗୋବରକୁ ଆମେ ସାଧାରଣତଃ ବିଲରେ ଖତ ଆକାରରେ

ISSN NO.
2582-208X

ପକେଇଥାଉ, ଆଉ ଜାଳେଣି ରୂପେ ବି ବ୍ୟବହାର କରୁ ଏବଂ ଘର ଲିପିବାରେ ମଧ୍ୟ ସହାୟକ ହୋଇଥାଏ । ସବୁଠୁ ଖାସ କଥା ହଉଚି ଆଜି-କାଲି ବୈଷୟିକ ବିଦ୍ୟା ପ୍ରୟୋଗ କରି ଗାଇ ଗୋବରକୁ ଗୋବର ଗ୍ୟାସ ପ୍ଲାଣ୍ଟରେ ମଧ୍ୟ ବ୍ୟବହାର କରାଯାଉଛି ଆଉ ସେଥିରୁ ବାହାରୁଥିବା ଗ୍ୟାସ ଜାଳେଣି ରୂପେ ବ୍ୟବହାର ହଉଚି । ହଁ ଏଇକଥା ବି ଠିକ ଗାଁ ଗହଳି ରେ ମା' ମାନେ ଗାଇ ଗୋବରକୁ ଘଷି ଆକାରରେ ତିଆରି କରି ଜାଳେଣି ରୂପେ ବ୍ୟବହାର କରନ୍ତି । ଗାଇ ଗୋବର, ମୂତ୍ରକୁ ପୂଜା ସମୟରେ କଞ୍ଚାମୃତ ରେ ବ୍ୟବହାର କରାଯାଏ । ତା' ଖିର ସବୁଠୁ ଅମୂଲ ମୁଲ ସେଇଥିରେ ବହୁତ କିଛି ଜିନିଷ ତିଆରି ହୋଇ ଥାଏ। ଯେପରିକି; ଦହି, ଛେନା, ପେଡା, ଖୁଆ, ଲସି, ଲହୁଣୀ ଘିଅ ଏମିତି କେତେ ଜିନିଷ। ଏବଂ ତା' ସିଂଘରୁ ପାନିଆ ପ୍ରସ୍ତୁତ କରି ବଜାରରେ ବିକ୍ରି କରାଯାଏ ।

ମୁଁ... ଗୋଟେ ଗାଇ କହୁଛି.... ମୁଁ ସବୁବେଳେ ମଣିଷ ମାନଙ୍କର ସେବା କରି ଆସିଛି, ମଣିଷ ମାନଙ୍କୁ ନିଜ ପିଲା ବୋଲି ମାନି ଆସିଛି, ସେଥିଗୋଗୁଁ ତାଙ୍କପାଇଁ ମୋ ତ୍ୟାଗ ସର୍ବଦା ଅତୁଟ ରହିଛି । ମୁଁ ସର୍ବଦା ମଣିଷ ର ଭଲ ହିଁ ଚିନ୍ତା କରିଥାଏ, ତା ପ୍ରତିବଦଳରେ ଖାଲି ପେଜ ତୋରାଣି ଦେଇ ଦେଲେ ହେଇ ଯାଏନି, ମୁଁ ଚାହେଁ ଟିକେ ସ୍ନେହ, ମମତା ଆଉ ଭଲପାଇବା । ହେଲେ ମତେ ସବୁବେଳେ କଷ୍ଟ ଯନ୍ତ୍ରଣା ରେ ଘାଣ୍ଟି ହୋଇ ହୋଇ ମୋ ଦେହରେ ମାଲିକର ବେତ ଚ଼ିହ୍ନ ଯେ କୋଉଠି ହଜି ଦେଇଛି ତାହା ବି ଜଣା ପଡୁନାହିଁ । ଖାଲି ସେତିକି ନୁହଁ ମତେ ବେଶୀ ଖରାପ ଲାଗୁଚି ଏଇଥି ପାଇଁ ଯେ ଗାଁ - ଗହଳି ରେ ମତେ ପାଳୁଥିବା ଲୋକ ସହରରେ ଛେଇ ଛେଇ ମାର ମାର କରୁଛନ୍ତି। ଗାଁରେ ମତେ ଗୁହାଳ ରେ ରଖି ପାଳନ କରନ୍ତି ଆଉ କୁକୁର ମାନେ ବାହାରେ ବୁଲନ୍ତି । କିନ୍ତୁ ସହରରେ କୁକୁର ମାନଙ୍କୁ ପାଳନ କରି ମୋତେ ବାହାରେ ବୁଲିବାକୁ ଛାଡି ଦେଉଛନ୍ତି ଯାହାଫଳରେ ମତେ ଖାଇବାକୁ ମଧ୍ୟ ମିଳିନଥାଏ, ସହରରେ ଯୋଉଠି ଯାହା ମିଳିଲା ତାହା ଖାଇବାକୁ ବାଧ୍ୟ ହୋଇ ଥାଏ ।ଏମିତି ବୁଲି ବୁଲି ଖାଇବା ଦ୍ୱାରା କେତେବେଳେ ମୋ ପାଟିକୁ, ଅଳିଆ ଆବର୍ଜନା ଚାଲିଯାଇଥାଏ ମୁଁ ଜାଣି ପାରି ନଥାଏ । ଖାଇ ଖାଇ କେତେବେଳେ ଅଳିଆ ଗଦା ରେ ପଡ଼ିଥିବା ଆବର୍ଜନା ଯଥା; ପଲିଥିନ ଜରି, କାଚ, କାଗଜ, ଔଷଧ ଖୋଳ ଏମିତି କେତେ ଆବର୍ଜନ ମୋ ପେଟ କୁ ଚାଲି ଯାଇଥାଏ ମୁଁ ଜାଣି

ISSN NO.
2582-208X

ପାରେନି । ଯାହାଫଳରେ ମୋ ଦେହ ଅଧିକ ରୁ ଅଧିକ ଖରାପ ହୋଇଥାଏ, ମୋ ଝାଡା ବି ଦୁର୍ଗନ୍ଧ ଯୁକ୍ତ ହୋଇଥାଏ, ମୁଁ ଭୋକ ଉପାସରେ ଅନାୟାସରେ ବୁଲି ବୁଲି ଶେଷରେ ମୃତ୍ୟୁ ବରଣ କରି ଥାଏ । ହେଲେ ଆଜିର ମଣିଷ ସବୁ ମୋଠୁ ପାଇଲା ପରେ ବି ମତେ ଦେଇଛି କଣ ?? ଏତେ ସବୁ ପାଇଲା ପରେ ବି ମଣିଷ ମୋ ପିଛା ଛାଡୁନି । ଲୋଭୀ ମଣିଷ ନିଜର ସୁଖ - ସ୍ୱଚ୍ଛନ୍ଦ୍ୟ କୁ ମେଣ୍ଟେଇବାକୁ ଯାଇ ପଣ୍ୟ ବାଜାର ରେ ମୋ ପିଲା ଛୁଆଙ୍କୁ ବିକ୍ରି କରି ଦେଉଛି । ଖାଲି ଆମ ଗାଇ ଜାତି ନୁହେଁ ଟଙ୍କା ପାଇଁ ସେ ଏତେ ତଳକୁ ଖସିଯାଉଛି ଯେ, ସେ ଯେଉଁଠି କୁ ଯାଏ ଟଙ୍କା ପଛରେ ପଡି ଟଙ୍କା ପାଇବାର ରାହାଜାନି ଖୋଜି ବୁଲିଥାଏ । ଏତେ ଧର୍ମ କେବଳ ମଣିଷ ମାନେ ହିଁ ତିଆରି କରିଛନ୍ତି, ନହେଲେ ଇଶ୍ୱର ତ ସର୍ବଦା ଏକ ହିଁ ହୋଇଥାନ୍ତି । ମଣିଷ ନିଜେ ବିଭିନ ଧର୍ମ ତିଆରି କରି, ମୁସଲମାନ ଭଳି ଏକ ନିଷ୍ଠୁର ଲୋକେ ମତେ ମାରି ମୋର ମାଂସକୁ ଭକ୍ଷଣ କରିବାରେ ଲାଗୁଛନ୍ତି । ବହୁତ କଷ୍ଟ ହଉଚି, ଆଉ ସହ୍ୟ କରିହେଉନି ମୋର ପିଲା ଛୁଆଙ୍କୁ ପାଳିଥିବ ମାଲିକ ବଡ଼ ହେଲା ପରେ କେଇଟା ଟଙ୍କା ପାଇଁ ବିକ୍ରି କରିଦେଉଛି । ଏଇସବୁ ଦେଖି ମୁଁ ଆଉ ସାହିପାରୁନି ।ଯାହା ମୋ ପ୍ରତି କରୁଛନ୍ତି, ତାହା କଣ ତାଙ୍କ ନିଜ ପିଲା ଛୁଆ ମାନଙ୍କ ପାଇଁ କରି ପାରିବେ?? ନାଁ ତୁମେମାନେ କେବେ ବି କରିପାରିବେନାହିଁ । କାରଣ; ଏଇ ସମାଜ ରେ କେବେଳ ମଣିଷ ହିଁ ବଞ୍ଚିବ । ଅନ୍ୟ ପଶୁ ପକ୍ଷୀ, ଜୀବ-ଜନ୍ତୁଙ୍କ ପାଇଁ ଏଠି ସ୍ଥାନ ନାହିଁ । ମଣିଷ କାହାରିକୁ ଛାଡୁନାହିଁ, ସମସ୍ତଙ୍କୁ ମାରି ଖାଉଛି । ଆଉ ଯଦି ଏମିତି କିଛି ବର୍ଷ ଚାଲେ, ତାହେଲେ ଏଇ ଦୁନିଆ ରେ ମଣିଷ ଛଡା ଆଉ କେହି ନଥିବେ । ଯୁଆଡେ ଦେଖିବ ଖାଲି ମଣିଷ ହିଁ ମଣିଷ ଦେଖା ଯାଉଥିବ । ହଁ ଆଉ ଗୋଟେ କଥା ଆଜି ଯୋଉ ମଣିଷ ଅନ୍ୟ ପଶୁ-ପକ୍ଷୀ ମାନଙ୍କୁ ମାରି ତାର ମାଂସ ଭକ୍ଷଣ କରୁଛି କାଲି ସେଇ ପଶୁ ପକ୍ଷୀ ଆଉ ନଥିବେ, ଶେଷରେ ସେ ନିଜ ନିଜ ଭିତରେ ମରା-ମାରି ହୋଇ ମଣିଷମାନେ ହିଁ ମଣିଷ ମାଂସ ଭକ୍ଷଣ କରିବାକୁ ବାଧ୍ୟ ହେବେ । ଏହା ନିଃସନ୍ଦେହ!!

ବାଃ... ବାଃ..ଏହା ହିଁ ତମ ମଣିଷ ପଣିଆ, ମଣିଷ ନାଁ ରେ ତମେ ଗୋଟେ ପଶୁ, ଆମ ପଶୁ ମାନଙ୍କର ହୃଦୟ ଅଛି ହେଲେ ତମ ମଣିଷ ମାନଙ୍କର ହୃଦୟ ବୋଲି କିଛି ନାହିଁ, ଯେତେବେଳେ ଚାହୁଁଚ ସେତବେଳେ ହିଁ ଆମ ଉପରେ ଅତ୍ୟାଚାର କରି ଚାଲୁଛ, କଣ

ISSN NO.
2582-208X

ଆମେ କିଛି କହିପାରିନୁ ବୋଲି? ନାଁ ପ୍ରତିଉତ୍ତରରେ ତୁମ ମାନଙ୍କୁ ଅଟକାଇ ପାରୁନୁ ବୋଲି। ଶେଷରେ ମୁଁ ଏତିକି କହିବି ମୋ କଥା ଛାଡ଼, କେବଳ ନିଜ କଥା ଟିକେ ଭାବ, ଆଜି ଯେଉଁ ପଶୁ ପକ୍ଷୀର ମାଂସ ଭକ୍ଷଣ କରୁଚ କାଲି ସେଇୟା ଆଉ ନଥିବ ଫଳରେ ନିଜକୁ ନିଜେ ହିଁ ମାରି ଖାଇବାକୁ ବାଧ୍ୟ ହେବ । ସେଥିପାଇଁ ଆଗରୁ ହିଁ ସତର୍କ ହେଇଯାଅ ।

ମୋର ସମସ୍ତ ପାଠକ ପାଠିକା ମାନଙ୍କୁ ଅନୁରୋଧ ଏଇ କାହାଣୀ ରେ ମୁଁ କାହାରିକୁ ଆକ୍ଷେପ କରି ଲେଖିନାହିଁ, କେବେଳ ସମାଜ ପାଇଁ ଏକ ଛୋଟିଆ ବାର୍ତ୍ତା ଏବଂ ସତର୍କ କରାଇବା ହେଉଛି ମୋର ମୂଳ ଉଦେଶ୍ୟ । ଦୟାକରି କୋଉ ବି ପଶୁ-ପକ୍ଷୀ ଙ୍କ ଉପରେ ନିର୍ଦୟ ହୋଇ ଅତ୍ୟାଚାର କରନ୍ତୁ ନାହିଁ । ବିଶେସ କରି ଗାଇ ଉପରେ । ଗାଇ ଆମ ମା' ପରି ତେଣୁ ଗାଇ ଉପରେ ଏମିତି ଅତ୍ୟାଚାର କରନ୍ତୁ ନାହିଁ । ଆପଣ ଜାଗିଲେ ଦୁନିଆ ଜାଗିବ ।

ଜୟ ହିନ୍ଦ....

ଡି ପଲ୍ ସ୍କୁଲ,
ଆସ୍କା, ଗଂଜାମ

((()))

# ସାଣ୍ଡି ପକ୍ଷୀ ବିହାର

https://youtu.be/QczBYdnEVkE

Please like & Subscribe this video

ISSN NO.
2582-208X

# ପାଦପ ବେଦନା



ଚତ୍ତରଞ୍ଜନ ନାଏକ

ବିଶ୍ୱମ୍ବରା ବକ୍ଷେ ବୀଜୁ ଅଙ୍କୁରିତ
ଉଷ୍ଣ, ବାରି, ତୃଷ୍ଣା ସହି,
ହ୍ରଦ, ମରୁ, ଗିରି ବିସ୍ତରେ ସର୍ବତ୍ର
ତୃଷାର୍ଣ୍ଣବ ବାରି ପିଇ,,।।

ସବୁଜ ବର୍ଣ୍ଣାଳୀ ଦେହେ ବିରଞ୍ଜିତ
ଆହାରେ ସମୀର, ନୀର,
ଦ୍ୱିପଦୁ ଆରମ୍ଭି ଚତୁଷ୍ପଦ ଯାଏଁ
ଭକ୍ଷନ୍ତି କାୟାକୁ ତାର,,।।

ରୁଦ୍ର ପ୍ରତାପେଣ ଶୁଷ୍କ ହୁଏ ଅଙ୍ଗ
ପଲ୍ଲବେ ଚ୍ୟୁତ ସକଳ,
ଅଭିଳାଷ ନାଚେ ନିଦାଘ ପ୍ରୟାଣେ
ଅପେକ୍ଷି ଗଗନ ଜଳ,,।।

ISSN NO.
2582-208X

ମାନବ ଜିଜ୍ଞାସା ଐଶ୍ଵର୍ଯ୍ୟ ଲାଳସେ
ବିଚ୍ଛିନ୍ନ ଶରୀର ଅଙ୍ଗ,
ଅସ୍ତ୍ର ପ୍ରତିହତ ସର୍ବଦା ସହି ସେ
ବିତରେ କୁସୁମେ ରଙ୍ଗ,,।।

ପୁଷ୍ପ, କାଷ୍ଠ, ଫଳ ବଲ୍କଳ, ପଲ୍ଲବ
ସମର୍ପେ ମାନବ ହିତେ,
ନର ବିଦାରଇ ହୃଦ ପ୍ରତିକ୍ଷଣ
ଗୃହ ସରଞ୍ଜାମ ମିତେ,,।।

ଯାତନା, ବେଦନା କ୍ଳେଶ, ନିର୍ଯାତନା
ଅସରନ୍ତି ଦୁଃଖ ସହି,
ପ୍ରଭାତେ ବିକଶେ ନବ ଆଶା ଘେନି
ରବି ତେଜ ରଶ୍ମୀ ଚାହିଁ,,।।

କବାଟତଲ୍ଲଇ, ସୋନପୁର, ସୁବର୍ଣ୍ଣପୁର

ISSN NO.
2582-208X

# ସ୍ନେହ ମୟୀ ମାଁ



ହିପୋ ରଣା

ମା ଶବ୍ଦ ଗଙ୍ଗା ଜଳ ଠାରୁ
ଆହୁରି ପବିତ୍ର
ଦେଖେ ସନ୍ତାନ ର ମଙ୍ଗଳ ପାଇଁ
କେତେ ସ୍ୱପ୍ନ କେତେ ଛବି ଚିତ୍ର
ସନ୍ତାନ ର ସୁଖ ମନାସି ଦିଅଁ ପାଖେ
କରେ କେତେ ଓଷା ବ୍ରତ
ଜୀବନ ର ସବୁ ଦୁଃଖ ଯାଏ ଭୁଲି
ମୋ ପାଖେ ଥିଲେ ତୋ ପଣତ
ମା ତାର ସୌନ୍ଦର୍ଯ୍ୟ କୁ ବଳୀ ଦେଇ
ସନ୍ତାନ କୁ ଜନ୍ମ ଦିଏ
ସନ୍ତାନ ପର କରେ ମାକୁ ବିବାହ କରେ
କେବେ ସୁନ୍ଦରୀ ଝିଅ ଟିଏ
ମା ପାଟି ର ସେ ଧୋ ରେ ବାଇୟା ଧୋ
ସ୍ନେହ ର ମିଠା ଗୀତ
ଲାଗେ ଅବା ସତେ କି ସେ ଅମୃତ ର
ପୁରାଣ, ଗୀତା, ଭାଗବତ

ସ୍ନାତକୋତ୍ତର ଓଡ଼ିଆ ର ଛାତ୍ର
କେ.ଭି .ଡିଗ୍ରୀ କଲେଜ, କଣ୍ଟାବାଞ୍ଜି,ବଲାଙ୍ଗୀର

ISSN NO.
2582-208X

# ଶୁଭ ସକାଳ

କ୍ଷୀରେଶ୍ୱରୀ କଷାନ

କିଏ ଜାଣେ ?
କେଉଁ ସକାଳଟି ହେବ
ଶୁଭ ଅବା ଅଶୁଭ
ମୁଁ କିନ୍ତୁ କାମନା କରେ
ପ୍ରତିଟି ସକାଳ ହେଉ 'ଶୁଭସକାଳ'
ସଭିଙ୍କ ପାଇଁ ।

ଝରାଫୁଲ ଝରିଯାଉ
ଏଇ ଶୁଭ ମୂହୁର୍ତ୍ତରେ
ବିତରି ତା ଅପୂର୍ବ ସୁରଭି
ଆଉ ଏଇ ଶୁଭ ମୂହୁର୍ତ୍ତରେ
ଫୁଟି ମହକୁ ସରସୀଜ ।

ବିକର୍ତନ ଉଇଁ ଆସୁଥାଉ
ପ୍ରତିଦିନ ଏଇ ଶୁଭ ମୂହୁର୍ତ୍ତରେ
'ଅଂଶୁ' ରୂପେ ଶୁଭାଶିଷ ଢାଳୁଥାଉ
ଶୁଭ ସନ୍ଧ୍ୟା ଆଗମନ ଯାଏ ।

ପ୍ରତିଟି କାର୍ଯ୍ୟ ହେଉ ଶୁଭଙ୍କର
ଶୁଭ ସକାଳର ଶୁଭ ଲଗନରେ
ଶୁଭ କାର୍ଯ୍ୟେ ଦିନମାନ ବିତିଯାଉ
ସ୍ରଷ୍ଟାଙ୍କ ଏଇ ଶୁଭ ସୃଷ୍ଟିରେ ।

ଏଇ ଶୁଭ ସକାଳ ବେଳାରେ
ଶୁଭ ମନାସିଲି ମୁହିଁ
ସକଳ ଜଗତ ପାଇଁ
ସ୍ରଷ୍ଟା ସମୀପେ ଶିର ନଇଁ ।

ସଭିଙ୍କ ଶୁଭ ମନାସିବା ସାଥେ
ସାଇଁ ! ଶୁଭ ମନାସିଲି ତୁମ ପାଇଁ ।

ଆଞ୍ଚଳିକ ସଂଯୋଜିକା, ସୂର୍ଯ୍ୟୋଦୟ ଭାଷା
ସାହିତ୍ୟ ପ୍ରତିଷ୍ଠାନ,
ବାଲେଶ୍ୱର, ଶାଖା - ସୁନ୍ଦରଗଡ଼
ଦୂରଭାଷ -୭୨୦୫୫୬୭୨୬୫

ISSN NO.
2582-208X

# ପ୍ରାୟଶ୍ଚିତ



ସନ୍ତୋଷ କୁମାର ରାଉତ

ମୁଁ ପ୍ରାୟଶ୍ଚିତ କରିବି ଅନନ୍ୟା ମୁଁ ପ୍ରାୟଶ୍ଚିତ କରିବି । ଏକ ପାଗଳ ଠାରୁ ଏଭଳି ଏକ ଦୁଃଖ ତଥା କୋହଭରା କଥା ଶୁଣି ଗାଁକୁ ଆସିଥିବା ଯୁବ ସମାଜସେବୀ ବିଜୟାନନ୍ଦ ବାବୁ ଆଶ୍ଚର୍ଯ୍ୟ ହୋଇଗଲେ। ଭାବିଲେ କିଏ ଏହି ସୁନ୍ଦର ଚେହେରା ଧରିଥିବା ପାଗଳ ଜଣକ। ଶ୍ରୀହୀନ ଭାବରେ ବଞ୍ଚୁଥିଲେ ମଧ୍ୟ ତା ଚେହେରାରେ ତେଜ ରହିଛି। ବାରମ୍ବାର ତା ଉପରେ ତାଙ୍କ ଦୃଷ୍ଟି ପଡି ଯାଉଥିଲା। ସେ ଅନ୍ୟମନସ୍କ ହୋଇ ଯାଉଥିଲେ। ଆଖି ତାଙ୍କର ହୋଇ ଯାଇଥିଲା ଛଳଛଳ। ତାର ଅନୁଧାବନ କଲା ଭିତରେ ଭେଟ ହୋଇଗଲେ ଗାଁର ଯୁବ ସମାଜସେବୀ ରାଜା ସହିତ। ସମ୍ପୃକ୍ତ ପାଗଳର କାହାଣୀ ଜାଣିବାକୁ ଆଗ୍ରହ ଥିବା ଦେଖି ରାଜା ତାଙ୍କ ଆଗରେ ସବୁ ଖୋଲି ଗୋଟି ଗୋଟି କଥା କହିଛି ।

ଯୁବକଟିର ନାମ ହେଲା ଜୟନ୍ତ । ବୟସ ପାଖାପାଖି ୨୧। ସେ ରାଜନୀତି ବିଜ୍ଞାନରେ ଗ୍ରାଜୁଏସନ୍ ଶେଷ କରିଛି। ଆଠ ବର୍ଷ ହେବ ମାମୁଁ ଘରେ ରହି ସେ ପାଠ ପଢୁଥିଲା ଏବେ ସେଠାରେ ତାର ପାଠ ପଢାର ପରିସମାପ୍ତି ହୋଇଛି। ଉଚ୍ଚ ଶିକ୍ଷା ଲାଭ କରିବାକୁ ହେଲେ ତାକୁ ବାହାରକୁ ପଢ଼ିଯିବାକୁ ହେବ। ଜୟନ୍ତ ସପ୍ତମ ଶ୍ରେଣୀ ପାସ୍ କଲାପରେ ତା ବାପା ତାର ମାମୁଁ ଘର ଗାଁ ପାଖରେ ଥିବା ହାଇସ୍କୁଲରେ ନାମ ଲେଖେଇ ଦେଇଥିଲେ। କାରଣ ତାଙ୍କ ପାଖରେ କୌଣସି ହାଇସ୍କୁଲ କି କଲେଜ ନଥିଲା। ସେହିଦିନଠାରୁ ସେ ପ୍ରାୟତଃ ମାମୁଁ ଘରେ ରହୁଥିଲା ମଝିରେ ମଝିରେ କେବେ କେବେ ଗାଁ କୁ ଯାଉଥିଲା। ସେଇଠୁ ସେ ଦଶମରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା। ପରେ ଯୁକ୍ତ ଦୁଇରେ ମଧ୍ୟ ଭଲ ପାଠ

ISSN NO.
2582-208X

ପଢ଼ିଥିବାରୁ ସେଠି ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛି। ଗ୍ରାଜୁଏସନରେ ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା। ଜୟନ୍ତ ନମ୍ର ସ୍ୱଭାବର ଛାତ୍ର ଥିବାରୁ ସ୍କୁଲ କଲେଜ ସବୁ ସ୍ଥାନରେ ଅଧ୍ୟାପକ ତଥା ଅଧ୍ୟାପିକା ମାନଙ୍କ ପ୍ରିୟ ପାତ୍ର ହୋଇ ପାରିଥିଲା। ଏପରିକି ପିଲାମାନଙ୍କ ସହିତ ମଧ୍ୟ ତାର ସୁସଂପର୍କ ରହିଥିଲା। ଗାଁକୁ ସବୁଦିନ ପାଇଁ ଫେରି ଆସୁଥିବାରୁ ଗାଁକୁ ଦେଖିବାର ଇଚ୍ଛାରେ ଦେହ ତାର ଶିହରି ଉଠିଲା ଆଖି ଆଗରେ ଭାସି ଉଠିଲା ଛୁଆ ଦିନର ସେ ଗାଁର ଚିତ୍ର, ସେ ଧାନକ୍ଷେତ, ସେ ଆମ୍ବ ତୋଟା, ସେ ପୋଖରୀ ତୁଠ। ଗାଁରେ ସାଙ୍ଗ ସାଥି ସାଥେ ଗାଁ ଦାଣ୍ଡରେ କଟିଥିବା ସେ ନିଆଁରା ଦିନ। ସେ ଅଜା ଆଇ ତଥା ବୋଉ ସ୍ନେହ ଆଉ କେଉଁଠି ମିଳେ। ଏସବୁ ଭାବିଲା ଭିତରେ ଆଖି ତାର ଛଳଛଳ ହୋଇ ମନେ ପଡିଛି ତା ପରିବାର କଥା ।

ଜୟନ୍ତର ପରିବାର ଏକ ଯୌଥ ପରିବାର ଅଟେ। ସେଠି ଅଜା ଆଇ ବାପା ମା ବଡ଼ବାପା ବଡମା ସହିତ ପାଞ୍ଚଟି ବଡ଼ ଭଉଣୀ ସହ ଦୁଇ ଜଣ ବଡ଼ ଭାଇ ଅଛନ୍ତି । ସେ ପରିବାରର କନିଷ୍ଠ ଅଟେ। ଚାରି ଭଉଣୀର ବାହାଘର ସମାପନ ହୋଇ ସାରିଛି। ଆଉ ଶେଷ ବଡ଼ଭଉଣୀର ବାହାଘର ମଧ୍ୟ ଏଇ ମାସରେ ହେବ। ତାର ବଡ଼ଭାଇ ସଞ୍ଜୟ ଗ୍ରାଜୁଏସନ୍ ଶେଷ କରି ଗାଁରେ ଚାଷ କାମ ସହିତ ବ୍ୟବସାୟ କାମରେ ମନ ଦେଇଛି, ଆଉ ମଝିଆ ଭାଇ ବିଜୟ ପୋଲିସ ବିଭାଗରେ ଚାକିରୀ କରେ। ଏମିତି ଅନେକ କଥା ଭାବିଲା ଭିତରେ ବସ ପହଞ୍ଚିଗଲା ଗାଁ ଛକରେ। ସେଠୁ ଓହ୍ଲାଇ ଘରକୁ ଯିବା ସମୟରେ ଆଖି ପଡେ ବସ ଅପେକ୍ଷାରେ ଥିବା ଏକ ଝିଅ ଉପରେ ।

ଝିଅଟିର ନାମ ହେଲା ଅନନ୍ୟା। ବୟସ ପାଖାପାଖି ୧୮ ବର୍ଷ ହେବ। ସେ +୨ ପାସ୍ କରି ଗ୍ରାଜୁଏସନରେ ନାମ ଲେଖାଇଛି। ତାର ଅତ୍ୟନ୍ତ ନମ୍ର ସ୍ୱଭାବ ପାଇଁ ଗାଁର ସମସ୍ତଙ୍କ ସେ ପ୍ରିୟପାତ୍ରୀ ହୋଇ ପାରିଥିଲା। ସେ ଥିଲା ନିଖୁଣ ସୁନ୍ଦର। ଯଦି ତାର ରୂପ ଗୁଣ କଥା ବର୍ଣ୍ଣନା କରାଯିବ ତାହେଲେ ଏତିକି କୁହା ଯାଇପାରେ ଯେ ଆଖି ତାର ମୃଗନୟନା । ଚାଲି ତାର ଗଜଗମନା। ରୂପରେ ସେ ଲାବଣ୍ୟବତୀ ଓ ଗୁଣରେ ସେ ମଉନାବତୀ। ସେ ଏମିତି ସୁନ୍ଦର ଥିଲା ଯେ ତାକୁ ଦେଖିଲେ ପ୍ରେମିକ ମାନେ ତାଙ୍କ ପ୍ରେମିକାର ଚେହେରାକୁ ମନେ ପକାଉଥିଲେ ଓ କବି ଟିଏ ପ୍ରେମ କବିତା ଲେଖିଦେବ ।

ISSN NO.
2582-208X

ଅନନ୍ୟାର ଇଚ୍ଛା ଥିଲା ସେ ଜୀବନରେ  ଗୋଟିଏ ଶିକ୍ଷକ ହେବ ଏବଂ ଗରିବ ଖଟିଖିଆ ମଣିଷ ମାନଙ୍କ ଶିକ୍ଷାର ଉନ୍ନତି ପାଇଁ କାମ କରିବ ସେଥିପାଇଁ ସେ ବହୁତ ପାଠ ପଢିବ। ଦିନରାତି ଏକ କରିଦେବ। ହେଲେ ଗାଁ ଗହଳିର ଝିଅ ହୋଇଥିବାରୁ +୨ ପଢ଼ିବା ସମୟରୁ ତା ପାଇଁ ବିବାହ ପ୍ରସ୍ତାବ ଆସିଛି। ମାତ୍ର ବାପା ତାର କହନ୍ତି ଯେ ପର୍ଯ୍ୟନ୍ତ ଝିଅର ବୟସ କୋଡିଏ ନ ହୋଇଛି ଓ ତାର ଗ୍ରାଜୁଏସନ ପାଠ ନ ସାରିଛି କି ତା ନିଜ ଗୋଡ଼ରେ ସେ ନିଜେ ଛିଡା ନ ହୋଇଛି  ତାର ବାହା କରିବେ ନାହିଁ ।

ବାପା ମାଁ ଗୋଟିଏ ବଡ଼ଭାଇ ଓ ଏକ ସାନ ଭଉଣୀକୁ ନେଇ ଅନନ୍ୟାର ପରିବାର। ବାପା ତାର ଜଣେ ଆଦର୍ଶ ଶିକ୍ଷକ ହୋଇଥିବାରୁ ଆଖପାଖ ଗାଁରେ ତାଙ୍କ ନାଁ ରହିଥିଲା। ସମସ୍ତେ ତାଙ୍କୁ ସମ୍ମାନ ଦେଉଥିଲେ। ଆଉ ତାର ବଡ଼ଭାଇ କାମ କରୁଥିଲା ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ। ସାନ ଭଉଣୀ ତାର ଦଶମ ଶ୍ରେଣୀରେ ପଢୁଛି ।

ରୂପ ବେଳେବେଳେ ଅନନ୍ୟା ପାଇଁ ହୋଇଛି କାଳ। ଗାଁ ତଥା କଲେଜରେ ତାକୁ ପିଲାମାନେ ପ୍ରେମ ନିବେଦନ କରିବା ନିତିଦିନିଆ ଘଟଣା ହୋଇଗଲାଣି । କିନ୍ତୁ ଏସବୁ ବିଷୟରୁ ସେ ବହୁ ଦୂରେ। ତା'ର ଏକମାତ୍ର ଲକ୍ଷ୍ୟ ହେଲା କିପରି ତାର ପାଠପଢ଼ା ଭଲରେ ସରିବ ଓ ସେ ଭବିଷ୍ୟତରେ ବାପାଙ୍କ ପରି ଏକ ଶିକ୍ଷକ ହୋଇପାରିବ। ସମାଜ ପାଇଁ କିଛି କରିପାରିବ। ତେଣୁ ପ୍ରେମ ଫ୍ରେମ ବିଷୟରେ ଭାବିବା ପାଇଁ ତା'ର ସମୟ ନଥିଲା ।

କଥାରେ ଅଛି  ବିଧିର ବିଧାନ କେ କରିବ ଆନ। ପ୍ରକୃତରେ ଯାହା ଘଟିବାର ଥିବ ତାହା ନିଶ୍ଚୟ ଘଟିବ। ଠିକ୍ ଏମିତି ଘଟଣା ଘଟିଗଲା ଜୟନ୍ତ ଜୀବନରେ। ଅନନ୍ୟାକୁ ଦେଖିଲା ପରେ ସେ ନିଜ ମନକୁ ଥୟରେ ରଖିପାରୁନଥାଏ। ପୁଣି ଯେଉଁଦିନ ନିଜ ବଡ଼ ଭଉଣୀର ବାହାଘର ଦିନ ନିଜ ଘରେ ତାକୁ ଅତି ନିକଟରୁ ଦେଖିବାକୁ ପାଇଲା ତା ମନ ଆହୁରି ବିଚଳିତ ହେଲା, ଶୟନେ ସପନେ ସବୁବେଳେ ତା ଚେହେରା ଆଖି ଆଗରେ ଭାସି ଉଠୁଥାଏ। କ'ଣ କରିବ କ'ଣ ନ କରିବ କିଛି ଭାବି ପାରୁନଥାଏ। ଏମିତି ଦୁଃଖରେ ଜୀବନ ଅତିବାହିତ କରୁଥିବା ବେଳେ ଭେଟ ହୁଏ ବାଲ୍ୟ ବନ୍ଧୁ ଅଜୟ ସହିତ  ।

ISSN NO.
2582-208X

ଅଜୟ ସହିତ କିଛି କ୍ଷଣ ଅତିବାହିତ  କଲାପରେ ହୃଦୟର ବ୍ୟଥା ଜଣାଇ ଦେଇଥିଲା ତାକୁ। ସବୁକଥା ଶୁଣିସାରିଲା ପରେ ଅଜୟ କହିଲା ଅନନ୍ୟାର ଲକ୍ଷ୍ୟ ବହୁତ ବଡ଼। ତେଣୁ କେବେ ମଧ୍ୟ ଏ ପର୍ଯ୍ୟନ୍ତ କାହା ପ୍ରେମ ପ୍ରସ୍ତାବରେ ରାଜି ହୋଇନି। ଆଗକୁ ହେବ ବୋଲି ମଧ୍ୟ ଆଶା ରଖାଯାଇ ନପାରେ ଯେହେତୁ ମୁଁ ତାକୁ ବ୍ୟକ୍ତିଗତ ଭାବେ ଜାଣିଛି ସେ ମୋ ଭଉଣୀ ପରି। ପୁଣି  ତା ଭଉଣୀ ସୁକନ୍ୟା  ମୋ ସାନ ଭଉଣୀ ବିନି ସହିତ ଏକାସାଙ୍ଗରେ ପଢୁଛନ୍ତି ତ ସେଥିପାଇଁ ସ୍କୁଲକୁ ନେବା ପାଇଁ ତାଙ୍କ ଘରକୁ ବି ମୋର ଯିବା ଆସିବା ରହିଛି। ଠିକ୍ ଅଛି ଆଗକୁ କ'ଣ ଘଟୁଛି ଟିକେ ଅପେକ୍ଷା କର। ସମୟ ସୁବିଧା ଦେଖି ଏ ଦିଗରେ ଆଗେଇ ପାର ।

ଏଭଳି ନିରାଶ ବାଣୀ କଷ୍ଟ ଦେଇଥିଲା ଜୟନ୍ତକୁ। ଦିନେ ଆବେଗର ବଶବର୍ତ୍ତୀ ହୋଇ ଏକା ଦେଖି ମନକଥା ଖୋଲି ଦେଇଥିଲା କହି । କିନ୍ତୁ କୌଣସି ଉତ୍ତର ପାଇନଥିଲେ ମଧ୍ୟ ବସଷ୍ଟେଣ୍ଡକୁ ଯାଇ ଅନନ୍ୟାକୁ ଦେଖିବା ତାର ନିତିଦିନିଆ ଅଭ୍ୟାସରେରେ ପରିଣତ ହୋଇଗଲାଣି ।

ଏମିତି ଦିନ ପରେ ଦିନ ବିତି ଚାଲୁଥାଏ।  ଦିନେ ଅନନ୍ୟା ଘରେ ଏକା ଥିଲାବେଳେ ମଦପିଇ ଘରକୁ ଆସିଥିଲା ତା ପିଉସୀ ପୁଅ ଭାଇ ମନୋଜ।ତାର କାର୍ଯ୍ୟକଳାପରୁ ସେ ଅନୁଭବ କରିପାରୁଥିଲା ମନୋଜର ତା ପ୍ରତି ତଥା ତା ଶରୀର ପ୍ରତି ଖରାପ ଦୃଷ୍ଟି ରହିଛି। ନିଶାରେ ମସ୍‌ଗୁଲ୍ ଥିବା ମନୋଜ ତା ପ୍ରତି କଳୁଷିତ କାର୍ଯ୍ୟ କରିବାରେ ଆଗଭର ହୁଅନ୍ତେ କଷ୍ଟମଷ୍ଟେ ନିଜକୁ ସୁରକ୍ଷିତ ରଖି ପାରିଥିଲା। ଭିତର ପଟୁ କବାଟ ବନ୍ଦ କରି ଭାବୁଥିଲା ନାରୀର ରୂପ ଗୁଣ କ'ଣ ପାଇଁ ତା'ର ଶତ୍ରୁ ହୁଏ। ଆଜି କାଲି ପ୍ରତ୍ୟେକ ଦିନ ଖବରକାଗଜରେ ଦେଖିବାକୁ ମିଳୁଛି ନାରୀ ପ୍ରତି ଅକଥନୀୟ ଅତ୍ୟାଚାର, ଧର୍ଷଣର ଶିକାର ହୋଇଥିବା ଏକ ନାବାଳିକା ଝିଅର କାହାଣୀ । ସର୍ବଦା ମଣିଷ ତା'ର ପଶୁ ପ୍ରବୃତ୍ତିକୁ ଜାଗ୍ରତ କରୁଛି। କାହିଁକି ଏସବୁ ଅଘଟଣ ଘଟୁଛି । କ'ଣ ସବୁଦିନ ସମାଜରେ ଏପରି ଘୃଣ୍ୟ କାମ ଚାଲୁଥିବ।  ସେଦିନ ସଂଧ୍ୟାରେ ବାପା ଘରକୁ ଆସିଲା ପରେ ସବୁକଥା ଶୁଣି ସାରିଲା ପରେ ଫୋନ୍ କରି ମନୋଜକୁ ଗାଳି ଦେଲେ। କିନ୍ତୁ ମନୋଜ ତା ମାଁ ବାପାଙ୍କୁ କ'ଣ ମିଛ ସତ ଯୋଡି କହିଦେଲା ଯେ ଉଭୟ ପରିବାର ଭିତରେ ଝଗଡ଼ା ସୃଷ୍ଟି ହେଲା ।

ISSN NO.
2582-208X

କଲେଜ ଭିତରେ ଅନନ୍ୟା ଦେଖୁଥିଲା କେତେଜଣ ପିଲା ଝିଅ ମାନଙ୍କ ଚୁପଚାପ୍ ରହିବା ପରେ ମଧ୍ୟ ସେମାନେ ବାରମ୍ବାର ତାଙ୍କୁ ପ୍ରେମ ନିବେଦନ କରୁଛନ୍ତି ଓ କେତେଜଣ ସେଥିରେ ସଫଳ ମଧ୍ୟ ହୋଇଛନ୍ତି । ଏପଟେ ଜୟନ୍ତ ମଧ୍ୟ ଯେବେ ଯଦି ଅନନ୍ୟାକୁ ନିରୋଳାରେ ଦେଖିଦିଏ ନିଜ ମନ କଥା କହିଦିଏ। ବୟସ ଅତିକ୍ରମ କରିବା ସହିତ ଅନନ୍ୟାର ମଧ୍ୟ କିଛି ପରିବର୍ତ୍ତନ ଘଟିଛି। ଆଜି କାଲି ତାକୁ ଜୟନ୍ତ ଓ ତାର ପ୍ରେମ ନିବେଦନ ଭଲ ଲାଗୁଛି। କିଛି ନ କହି ସେ ଚୁପ୍ ରହୁଥିଲେ ମଧ୍ୟ ଜୟନ୍ତ ତାକୁ ଦେଖିବା ଏବେ ଭଲ ଲାଗୁଥିଲା। ଯଦି ଯେଉଁଦିନ ଜୟନ୍ତ ସେଠି ବସି ନଥିଲେ କି ତାକୁ ଦେଖୁ ନଥିଲେ ତାକୁ ଆଉ ଭଲ ଲାଗୁନଥିଲା। ସେ ଦେଖୁଥିଲା କେବେ କେବେ ଅଜୟ ଓ ଜୟନ୍ତ ବାଇକରେ ବସି ଚଳାବୁଲା । ଅଜୟକୁ ସେ ନିଜ ବଡ଼ଭାଇ ପରି ମାନୁଥିଲା। ତେଣୁ ଅଜୟ ଓ ଜୟନ୍ତର ବନ୍ଧୁତା ତା ଜୀବନରେ ଗଭୀର ପ୍ରଭାବ ପକାଇଲା। ଓ ଜୟନ୍ତର ବାରମ୍ବାର ପ୍ରେମ ନିବେଦନ ତାକୁ ପରିବର୍ତ୍ତନ କରିଦେଲା। ନିଜକୁ ସମର୍ପଣ କରିଦେଲା ଜୟନ୍ତ ପାଖରେ।ନିଜ ମନ ଦେଇଦେଲା ଜୟନ୍ତ ପାଖରେ ।

ଏବେ ଉଭୟଙ୍କ ଦିନ ଗୁଡ଼ିକ ହସ ଖୁସିରେ କଟୁଛି। ଲୁଚି ଲୁଚି ମୋବାଇଲରେ କଥା ହେବା ପ୍ରାୟ ଦେଖାଯାଇଛି। ପହିଲି ପ୍ରେମର ପ୍ରଥମ ଛୁଆଁରେ ଅନନ୍ୟା ପଡ଼ିଥିଲେ ମଧ୍ୟ ପାଠପଢ଼ା ପ୍ରତି ଅବହେଳା ପ୍ରଦର୍ଶନ କରୁନାହିଁ। ଜୟନ୍ତ ମଧ୍ୟ ଆଇ.ଏ. ଏସ୍ ପରୀକ୍ଷା ପାଇଁ ଭଲ ଭାବରେ ପ୍ରସ୍ତୁତ ହେବାକୁ ସଜବାଜ ଆରମ୍ଭ କରି ଦେଇଛି। ମଝିଆ ଭାଇ ବିଜୟ ତା ପାଇଁ ଭୁବନେଶ୍ୱରର ଗୋଟିଏ ଆଇ.ଏ. ଏସ୍ କୋଚିଙ୍ଗ ଦେଇଥିବା ଅନୁଷ୍ଠାନରେ ନାମ ଲେଖାଇ ଦେଇଛି । ଅଳ୍ପ ଦିନ ଭିତରେ ତାକୁ ଯିବାକୁ ପଡିବ। ମାତ୍ର ତାର ଇଚ୍ଛା ସେ ଏଠୁ ପ୍ରସ୍ତୁତ ହେବ। କିନ୍ତୁ ବାପା ଭାଇମାନେ ଏ କଥା ମାନିବାକୁ ଅମଙ୍ଗ। ଅନନ୍ୟା ମଧ୍ୟ ତାକୁ ବୁଝାଇଛି ସେ ଭୁବନେଶ୍ୱର ଯାଉ। ଯେହେତୁ ଆମ ପ୍ରେମ ହେଉଛି ଶାଶ୍ୱତ ତେଣୁ ଯେଉଁଠି ଥିଲେ ତୁମେ ମୋର ମୁଁ ତୁମର। ଆମକୁ କେହି ଅଲଗା କରିପାରିବେ ନାହିଁ।

ଖୁସି ଦିନ ଗୁଡ଼ିକ କିପରି ଶୀଘ୍ର ଶୀଘ୍ର ଅତିବାହିତ ହୁଏ ତାହା ଜଣା ପଡେନାହିଁ । ଏଇ ଅଳ୍ପ ଦିନ ଭିତରେ ଜୟନ୍ତକୁ ଭୁବନେଶ୍ୱର ଯିବାକୁ ପଡିବ।ଓ୍ୱେପଟେ ଅନନ୍ୟାର ପରୀକ୍ଷା ଆରମ୍ଭ ହୋଇ ଯାଇଥିବାରୁ ସେ ଭଲ ଭାବରେ ଜୟନ୍ତ ସହିତ କଥାବାର୍ତ୍ତା ହୋଇପାରୁନି। ବସ୍ ମାଧ୍ୟମରେ ପରୀକ୍ଷା ଦେବାକୁ ଗଲେ ଡେରି ହୋଇପାରେ ଭାବି ଅନନ୍ୟାର ବାପା ଅଜୟକୁ

ISSN NO.
2582-208X

ଠିକ କରି ଦେଇଥିଲେ ସେ ଅନନ୍ୟାକୁ ନେବା ଆଣିବା କାମ କରିବ। ଯେହେତୁ ସେ ସ୍କୁଲ ପାଇଁ ଯାଇ ପାରିବେ ନାହିଁ ଓ ତାଙ୍କ ପୁଅ ବାହାରେ ରହୁଛି। ତେଣୁ ସେ ବିଶ୍ୱାସ ଯୋଗ୍ୟ ଅଜୟକୁ ଦାୟିତ୍ୱ ଦେଇଥିଲେ ।

ଅନନ୍ୟା ପରୀକ୍ଷା ପାଇଁ ଏତେ ବ୍ୟସ୍ତ ରହୁଥିଲା ଯେ ପ୍ରାୟତଃ ମୋବାଇଲ ସୁଇଚ୍ ଅପ୍ କରୁଥିଲା। ଜୟନ୍ତ ଫୋନ୍ ମାଧ୍ୟମରେ ତା ସହିତ ଯେତେ ଯୋଗାଯୋଗ କରିବାକୁ ଚେଷ୍ଟା କଲା ପରେ ମଧ୍ୟ ଯୋଗାଯୋଗ ହୋଇ ପାରୁନଥିଲା। ତେଣୁ ଏକା ଏକା ବସଷ୍ଟାଣ୍ଡରେ ବସିଥିବା ସମୟରେ ସେ ହସି ହସି ବାଇକରେ କଥାବାର୍ତ୍ତା ହୋଇ ଯାଉଥିବା ଅଜୟ ଓ ଅନନ୍ୟାକୁ ଦେଖିବାକୁ ପାଇଲା। ଏମିତି ସେମାନଙ୍କୁ ହସ ଖୁସିରେ ଦେଖି ତା ମନରେ ସୃଷ୍ଟି ହେଲା ସନ୍ଦେହ। ତେଣୁ ଦିନେ ସନ୍ଧ୍ୟାରେ ରାଗିଯାଇ ଅଜୟର କଲର ଧରି ତାକୁ ଗାଳି ଦେଇ କହିଲା ଧୋକାବାଜ୍ ତୁମେ ଦୁହେଁ ପରସ୍ପରକୁ ଭଲପାଅ। ଅଥଚ ମୋ ଜୀବନ ସହିତ ଖେଳ ଖେଳୁଥିଲ। ଏତିକି କହି ସେ ସେଠାରୁ ଚାଲିଗଲା ଅଜୟ ଯେତେ କଥା କହିଲେ ମଧ୍ୟ ସେ ଶୁଣିଲା ନାହିଁ। ସେପଟେ ମେସେଜ ରେ କହିଥିଲା ଅନନ୍ୟାକୁ ତୁମେ ଅଜୟକୁ ଭଲପାଅ ଅଥଚ କ'ଣ ପାଇଁ ମୋ ଜୀବନ ସହିତ ଖେଳୁଥିଲ। ଆଜି ଠାରୁ ତୁମ ସହ ମୋର ସବୁ ସଂପର୍କ କାଟୁଛି ।

ଦୀର୍ଘ ଆଠ ଦିନପରେ ପରୀକ୍ଷା ସାରିଥିବାରୁ ଅନନ୍ୟା ମୋବାଇଲକୁ ଆସିଥିବା ମେସେଜ ଦେଖି ବ୍ୟସ୍ତ ବିବ୍ରତ ହୋଇ ଫୋନ କରି ବହୁତ ବୁଝାଇଲା ଜୟନ୍ତକୁ। ସେ କହିଲା ଅଜୟକୁ ଭାଇ ଭାବେ ଗ୍ରହଣ କରେ। ଏହା ତୁମେ ଗାଁର ଯାହାକୁ ପଚାରିଲେ ଜାଣିପାରିବ। କିନ୍ତୁ ଜୟନ୍ତ କିଛି ଶୁଣିବାକୁ ନାରାଜ। ବରଂ ରାଗିଯାଇ ଫୋନ୍ କାଟିଦେଲା ଅନନ୍ୟା ଯେତେ ଫୋନ୍ କଲାପରେ ମଧ୍ୟ ସେ ଫୋନ୍ ଉଠାଇ ନଥିଲା। ପରେ ଅଜୟ ଅନନ୍ୟା ପାଖକୁ ଆସି ବହୁତ ବୁଝାଇଛି ସେ ଯାଇ ଜୟନ୍ତକୁ ବୁଝାଇବ ମାତ୍ର ଅନନ୍ୟା ମନାକରିଛି ଯେହେତୁ ତାଙ୍କର ମୋ ପ୍ରତି ବିଶ୍ୱାସ ନାହିଁ ତେଣୁ ମୁଁ ଏ ସଂପର୍କ ବଢ଼ାଇବାକୁ ଚାହୁଁନି ।

ସେଦିନ ଖଇଫୁଟା ଖରାରେ ସାଇକେଲରେ ଘରକୁ ଫେରୁଥିବା ସମୟରେ ଜୟନ୍ତର ବାପା ବେହୋସ୍ ହୋଇ ପଡିଯାଆନ୍ତି ରାସ୍ତା ଉପରେ। ଖବର ପାଇ ଅଜୟ ରାଜା ସହିତ ନେଇଗଲା ସହରର ବଡ଼ ଡାକ୍ତରଖାନାକୁ। ତାଙ୍କ ସେବା ଶୁଶ୍ରୁଷା ଯୋଗୁଁ ଦୁଇ ଘଣ୍ଟା ପରେ

ISSN NO.
2582-208X

ହୋସ ଆସିଥିଲା। ପରେ ଘରକୁ ଆଣି କେତେବେଳେ କେଉଁ ମେଡିସିନ ଖାଇବ କହି ଦେଇ ସେଠୁ ସେ ବିଦାୟ ନେଲା। ସେଠୁ ସେ ବିଦାୟ ନେଲା ପରେ ଜୟନ୍ତର ମାଁ ଭୁରି ଭୁରି ପ୍ରଶଂସା କଲେ ଅଜୟର। ଗାଁର ଭଲ ମନ୍ଦ ସବୁଠି ସେ ଛିଡାହୁଏ। ଏଇ ଦେଖୁନ ଅନନ୍ୟାର ପରୀକ୍ଷା ସମୟରେ ମାଷ୍ଟର ବାବୁଙ୍କ ପୁଅ ବାହାରେ ରହୁଥିବାରୁ ପର ହେଲେ ମଧ୍ୟ ସେ ଅନନ୍ୟାକୁ ନେବା ଆଣିବାରେ ସାହାଯ୍ୟ କରି ଗୋଟିଏ ଭାଇର କାର୍ଯ୍ୟ ସଂପାଦନ କରିଛି।ସେ ମଣିଷ ପରି ମଣିଷ ଟେ। ଭଗବାନ ତାଙ୍କୁ ଦୀର୍ଘାୟୁ କରନ୍ତୁ ।

ମାଁର ପାଟିରୁ ବାହାରି ଥିବା ପ୍ରତ୍ୟେକ କଥା ତାଙ୍କୁ ଗୋଲିଘାଣ୍ଟି ଦେଉଥିଲା। ଦୁଇଟି ପବିତ୍ର ଆତ୍ମାକୁ ସନ୍ଦେହ କରି କରିଥିବା ଭୁଲ୍ ପାଇଁ ପଶ୍ଚାତାପ କଲା। ଫୋନରେ ଅନନ୍ୟାକୁ ଯେତେ କ୍ଷମା ମାଗି ବୁଝାଇଲା ପରେ ମଧ୍ୟ ସେ କିଛି ଶୁଣିବାକୁ ନାରାଜ ହୋଇଛି। ଫୋନ୍ କାଟିବା ପୂର୍ବରୁ କେବଳ ଏତିକି କହିଛି ପ୍ରେମର ଅନ୍ୟ ନାମ ବିଶ୍ୱାସ। ଥରେ ଯେଉଁଠି ଅବିଶ୍ୱାସ ସୃଷ୍ଟି ହୋଇଛି ଭବିଷ୍ୟତରେ ଏପରି ନହେବ ବୋଲି କିଏ କହିପାରିବ ।

ଜୟନ୍ତର ଆଖି ହୋଇଯାଇଛି ଛଳ ଛଳ। ତା ଦେହରୁ ପ୍ରାଣ ଛାଡ଼ିଗଲା ପରି ଲାଗିଛି। ଉପାୟ ହୀନ ହୋଇ ଭାବିଛି ସେ ଜୀବନରେ କରିଥିବା ପାପର ପ୍ରାୟଶ୍ଚିତ କରିବ। ସେ ଜାଣିନି ସେ ପ୍ରାୟଶ୍ଚିତର କେବେ ଅନ୍ତ ହେବ।ଅଖିଆ ଅପିଆ ରହି ଦେଖାଗଲା ତାର ଶାରିରୀକ ସମସ୍ୟା। ପରିବାର ଲୋକ ଯେତେ ଯାହା ଚିକିତ୍ସା କଲା ପରେ ମଧ୍ୟ ଭଲ ନହୋଇ ବରଂ ତାର ମାନସିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି ।

ଏସବୁ ଘଟଣା ନିଜ ଜୀବନରେ ଘଟି ଯାଇଥିବାରୁ ନିଜ ଜୀବନକୁ ଧିକ୍କାର କରୁଥିଲା ଅନନ୍ୟା। ଭୁଲି ଗଲା ତାର ଲକ୍ଷ୍ୟ। ପରିବାରର ନିଷ୍ପତ୍ତି ଜଣାଇ ଗ୍ରାଜୁଏସନର ଶେଷ ବର୍ଷର ପରୀକ୍ଷା ପରେ ସେ ହୋଇଗଲା ହାତେକୁ ଦିହାତ। ଆଉ ଅନନ୍ୟାର ବାହାଘର ସଂପନ୍ନ ହେଲା ପରେ ପରେ ଜୟନ୍ତ ହୋଇଗଲା ପାଗଳ ।

କାନ୍ଦ କାନ୍ଦ ହୋଇ ଆଉ କିଛି କଥା କହିନପାରି ବିଜୟାନନ୍ଦ ବାବୁଙ୍କ ଠାରୁ ବିଦାୟ ନେଲା ରାଜା। ଦୁଃଖଭରା ହୋଇ କାରର ଗେଟ ଖୋଲିଲା ସମୟରେ ବିଜୟାନନ୍ଦ ନଥିଲେ ନିଜ ସତ୍ତାରେ। ନିଜକୁ ଭାବନା ରାଜ୍ୟରେ ବୁଡାଇ କାର ଚଲାଇ ଯିବା ଭିତରେ ତାଙ୍କ ମନ

ISSN NO.
2582-208X

ଭିତରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା। ଭାବୁଥିଲେ ଜୟନ୍ତର ପ୍ରାୟଶ୍ଚିତ କେବେ ସରିବ। ସେ କେବେ ଆଗ ପରି ଜୀବନ ବଞ୍ଚିପାରିବ। ଅନନ୍ୟା ତାକୁ କ୍ଷମା କରିବ ତ। ପୁଣି ଅଜୟ ଓ ଜୟନ୍ତର ପୂର୍ବ ବନ୍ଧୁତା ଫେରିଆସିବ ନା ନାହିଁ। ଏମିତି ବହୁତ ପ୍ରଶ୍ନ ଭିତରେ କାର୍ ପହଞ୍ଚି ଯାଇଥିଲା ସହରର ତାଙ୍କ ଫ୍ଲାଟ ସାମ୍ନାରେ ।

ଓଡ଼ିଆ ଅଧ୍ୟାପକ
ଜ୍ୟୋତି ବିକାଶ କଲେଜ
ଭଇଁଷା, ପାଟଣାଗଡ଼,
ଜିଲ୍ଲା- ବଲାଙ୍ଗୀର/ ମୋ-୯୪୩୮୭୭୦୯୬୩

(())

# ଶିଲଂଗ, ଛେରାପୁଞ୍ଜି ଏବଂ ଡାଉକି ଲେକ୍-ଭାଗ ୧ ଏବଂ ୨

https://youtu.be/RQEt5qUx4Ms

https://youtu.be/7cyIYfqvbII

Please like & Subscribe this video

ISSN NO.
2582-208X

# ତୁମେ ମୋ ସପନର ନାୟିକା



ଚନ୍ମୟ ପଟ୍ଟନାୟକ

କେଉଁ ଜନମର କେତେ ପୁଣ୍ୟ ବଳେ
ତୁମକୁ ପାଇଛି ଖୋଜି,
ତୁମ ରୂପ ଗୁଣେ ପାଗଳ ମୋ ମନ
ପ୍ରେମିକ ଯାଇଛି ସାଜି ।

ଆଖିରେ ମୋହର ହଜାରେ ସପନ
ମନରେ ଅକୁହା କଥା,
ଭୋକ ଶୋଷ ସବୁ ଭୁଲିଯାଇ ଖାଲି
କରେ ତୁମ କଥା ଚିନ୍ତା ।

ପାରେନି ମୁଁ ରହି ତୁମ ବିନା କାହିଁ
ଗୋଟିଏ ମୂହୁର୍ତ୍ତ ପାଇଁ,
ହାତ ଛାଡି କେବେ ଚାଲି ଯାଅ ଯଦି
ପାରିବିନି ଜମାରୁ ମୁଁ ସହି ।

ପାଗଳ ହେଇ ମୁଁ ରାସ୍ତାରେ ବୁଲିବି
ଏହି କଥାଟି ଜାଣିଥାଅ,
ଜିଇଁବି ଖାଲି ତୁମ ପାଇଁ ଏ ଜନମ
ତୁମେ ଯେ ଯେତେଦୂର ରହିଥାଅ ।

ତୁମେ ମୋ ପ୍ରେମିକା ସପନ ନାୟିକା
ସାତ ଜନମର ସାଥି,
ତୁମ ହାତ ଗୁନ୍ଥା ବରଣ ମାଳାରେ
ହୃଦୟ ଲୋଭିବ ଶାନ୍ତି ।

ପ୍ରେମିକାରୁ ନବ କୁଳବଧୂ ହୋଇ
ମୋ ସାଥେ କାଟିବ ଦିନ,
ସେଦିନ ଜାଣିବି ସଫଳ ହୋଇଛି
ମୁଁ ଦେଖିଥିଲି ଯେଉଁ ସପନ ।

ନଲ୍‌ବାଡି, ବନ୍ଧୁଗାଁ, କୋରାପୁଟ
ଦୂରଭାଷ - ୯୬୯୨୯୪୭୨୨୮

ISSN NO.
2582-208X

# ଚାଲ ଖୋଜିବା

ମକରଧ୍ୱଜ ସାହୁ

ଚାଲ ଖୋଜିବା ବନ୍ଧୁ,
ପାହାଚ ତଳର ଘାସ ସବୁକୁ
ଦରାଣ୍ଡିବା ତା ନିଷ୍ପ୍ରଭ ସବୁଜିମା
କେତେ ଜୀବନ୍ତର ଘର ସେଇଠି
ଆଦ ସ୍ପର୍ଶ ପାଇଁ ସମସ୍ତେ ବ୍ୟାକୁଳ
ପାଦ ପୁଣି ମହାପୁରୁଷଙ୍କ,
ଗଲା ରହିଲା ର ହିସାବ ନ ରଖି
କର୍ମ କରୁଥିବା ଦେଶ ସେବିଙ୍କ
ଆମ ପାଦ ବି ସେଠିକି ଯିବ
ତେଣୁ ପାଦକୁ ଥରେ ଧୋଇ ଦେବା
ହଁ, ବନ୍ଧୁ ଗଙ୍ଗାରେ ନୁହେଁ
ପୁଣ୍ୟ ଓ ସତ୍ୟରେ ଫେଣ୍ଟା ଫେଣ୍ଟି ଜଳରେ
କାହିଁକି ଅଯଥା ଖୋଜିବା ?
ଆକାଶର ଫୁଲକୁ
ସ୍ୱର୍ଗର ପାରିଜାତ
ସ୍ୱପ୍ନର ଗୋଲାପ
ଆହୁରି କେତେ କଣ !
ଏଠି ଜୀବନର ସତ୍ତା ପାଇବା
ସହଜ ତ ନୁହେଁ
ଅସମ୍ଭବ ଅର୍ଥହୀନ ଓ ନିରୁଦ୍ଦେଶ୍ୟ

ଟି. ଗଣ୍ଡପାଲି, ମୋ-୮୦୧୮୧୨୩୬୩୨

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ତୃତୀୟ ଅଧ୍ୟାୟ

ରାଗ-ରେଖ୍ତି

ପୁନଶ୍ଚ ମାୟା ଶୟନେ ପତିତ ମୋହର ଜାଲେ
ସମୟ ଚକ୍ରରେ ଘୂରେ କର୍ମ ଆଦରି
ଏସନକ ପ୍ରକାରରେ ସକାମ କର୍ମ ଫଳରେ
ନିଜ ବିଧାନ ଲେଖଇ ଭାଗ୍ୟକୁ ଧରି
ଜୀବକୁ ମୁକତି ନ ମିଳେ
ପରୀକ୍ଷ ନୃପତି ଆଗେ ଗୁରୁ ଭାଷିଲେ ।୭।
ବଳଗିଲେ ନୃପମଣି ଗୁରୁଙ୍କ ବଚନ ଶୁଣି
କେଉଁ ସାଧନାର ବଳେ ମୁକ୍ତି ମିଳଇ
କୃପାପରବଶ ହୋଇ ସୁଗମ ପଥ ବତାଇ
ଭବ ଅର୍ଣ୍ଣବରୁ ଦିଅ ପାରି କରାଇ
ତତପରେ ଗୁରୁ ଭଣିଲେ
ମନ ଧ୍ୟାନ ଦେଇ ରାଜା ଶ୍ରବଣ କଲେ ।୮।
ଯେ ଜନ ମୁକ୍ତି ଲଚ୍ଛଇ ପଥ ହିଁ ଏକ ଅଟଇ
ଭକ୍ତିମାର୍ଗ ଯା କୁ ଭାଷେ ବିଜ୍ଞ ମାନବ
ଶ୍ରୀକୃଷ୍ଣ ନାମ କୀର୍ତ୍ତନ ଦୃଢେ କରିଣ ଗାୟନ
ବିଭୁ ଚରଣେ ନିଜକୁ ସମର୍ପି ଦେବ
ସ୍ୱ ଅର୍ଜିତ ସକଳ କର୍ମ
ଅର୍ପଣ କରିବ ସର୍ବ ଭାବ ନିଷ୍କାମ ।୯।

ISSN NO.
2582-208X

ଶ୍ରୀପୟରେ ଆଶ୍ରାକରି ଆନ ଭାବ ନବିଚାରି
ମାନସ ପଟଳେ ସ୍ଥାପି କୃଷ୍ଣ ମୂରତି
ସ୍ୱାମୀ ସଖା ପ୍ରୀତମର ଘେନି ହୃଦୟେ ଏକର
ଯୋଡିବ ସମନ୍ଧ ଭୁଲି ସର୍ବ କୀରତି
ଆନ ଚିନ୍ତା ମନୁ ପାଶୋରି
ପ୍ରତିକ୍ଷଣେ ସୁମରିବ ପାଗଳ ପରି ।୧୦।

-:ଟୀକା:-

ବିବୁଧାଳୟ - ସ୍ୱର୍ଗପୁର
ଅର୍ଣ୍ଣବ - ସାଗର
ବିଭୁ - ଭଗବାନ
ଅବନୀ - ପୃଥିବୀ
ଭଣିଲେ - କହିଲେ
ଶୟଳେ - ସଂସାରରେ

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ସବୁ ବଦଳି ଗଲା !



ଶଶିକାନ୍ତ ମେହେର

ତାର କଣ ଭୁଲ୍ ଯେ ? ଭୁଲ୍ ପରା ମୋର ! ଆଉ ଏଠି ତ ଜାଣ କେବେକାର କେଉଁ ଗୋଟିଏ ଛୋଟ ଭୁଲ୍ ଭୁଲେଇ ଦିଏ ଅନେକ ଆମର କରିଥିବା ଭଲ କାମ । ହଁ ହେଇଥାଇ ପାରେ ମୋର ଭୁଲ୍ ! ହେଲେ ଏବେ ମୁଁ ମୋ ଭୁଲ୍ କେଉଁଟା ମୁଁ ଜାଣିପାରିନି । କେବଳ ତା ଖୁସି ପାଇଁ ହିଁ ଆପଣାଇ ନିଏ ସବୁଯାକ ମୋ ଭୁଲ୍ ।

ଲୋକେ ସମୟ ବଦଲେ କହନ୍ତି । ହେଲେ ସେକଥା କେତେ ସତ ସେଟା ଜାଣିନି କିନ୍ତୁ ଏବେ ଦେଖିଲି ଲୋକଙ୍କର ବଦଳିବା ଚେହେରା । ଯେବେ ସେ ବଦଳିଗଲା, ସେ ମୋ ଆଗରେ ରହିଲା ଏକ ଅଚିହ୍ନା ପରି !

ମୋ ମନ ଦିନେ ଯାହାର ସବୁ ଭଲ ମନ୍ଦ ଦୁଃଖ ସୁଖ ବୁଝୁଥିଲା ସେ ମନ ତାକୁ କେମିତି ଭୁଲିବ ଏତେ ସହଜରେ ? ହେଲେ ଯେତିକି ମନେ ପଡ଼ିଲେ ବି ସହି ରହିଯାଏ ଏବେ ! ଅନେକ ଥର ତା' ନମ୍ବର କୁ ହାତ ଗଲାଣି ହେଲେ ଫେରିଆସେ ତୁରନ୍ତ ! ଅନେକ ଥର ତା ନମ୍ବର ରେ ମେସେଜ୍ କରିବାକୁ ଇଚ୍ଛା ହେଲେ ପୁଣି ଫେରିଆସେ ପଛଘୁଂଚା ଦେଇ । କାରଣ ତା କଥା ମନେ ପଡେ ସବୁବେଳେ ଯେଉଁ କହିଥିଲା ; 'ତୁ ମୋ ସହ କଥା ହେବୁନି" । ବାସ୍ ସେଥିପାଇଁ ପୁଣି ଭାବେ, ମୋ କଥା ନହେବାରୁ ସେ ଖୁସି ଅଛି ହେଲେ ପୁଣି ମୁଁ କାହିଁକି ତାକୁ ଡିଷ୍ଟର୍ବ କରିବି ।

ଏବେ ବି ଅନେକ ଥର ଦୁହେଁ ଥାଉ । ହେଲେ ଠିକ୍ ସେମିତି କରେ ଯେମିତି ମୋତେ ସେ ଜାଣିନି । ଆଗେ ମୋତେ ଦେଖି ଯେ ବାହାରି ଆସୁଥିଲା ହେଲେ ଆଜି ସେ ମୋତେ ଦେଖି

ISSN NO.
2582-208X

ଲୁଚି ଯାଏ । ହଁ ସେ ଲୁଚି ପାରେ ହେଲେ ସେ ଜାଣିନି ସେ ଯେଉଁଠି ଗଲେବି ସେ ସବୁବେଳେ ମୋ ହୃଦୟ ଭିତରେ ।

ଏବେ ଅନେକ ଥର ଦର୍ଶନ ମିଳେ କେବଳ ତା ଫଟୋ କୁ । ତାକୁ ଆଉ ସମ୍ମୁଖ ରୁ ତା ଆଖି ରେ ଆଖି ମିଲାଇବା ଯୁଗ ନାହିଁ । ଏବେ ଏଇ କର୍ଣ୍ଣ ଶୁଣେ ତା ମିଠା ସ୍ୱର କେବଳ ତା ସହ ସ୍ମୃତି ଆକାରେ ଥିବା ପୁରୁଣା କେତେ ଭିଡିଓ ରୁ । ସତେ ସବୁ ବଦଳି ଗଲା । ଏହାର ଆଭାସ ହେଲାନି । ନିମିଷକରେ ପାଲଟି ଗଲା ମନ୍ଦିର ସ୍ମଶାନ, ଚିହ୍ନା ପାଲଟି ଗଲା ଅଚିହ୍ନା ।

ଏଇ କିଛି ଦିନ ପୂର୍ବେ ଯେବେ ଦୂରେ ଥାଇ ଶୁଣୁ ଥାଏ ତା କେଇ ପଦ କଥା । ଲାଗୁଥାଏ ବୋଧେ ତା ଦେହ ଭଲ ନାହିଁ ! ତା କୁ ବୋଧେ ଥଣ୍ଡା ଜ୍ୱର ନା କାଶ ହେଉଛି ! ପଚାରିବାକୁ ଚାହୁଁଥାଏ ଅନେକ । ହେଲେ ପୁଣି ମନେ ପଡେ, ତୁ ମୋ ସହ କଥା ହେବୁନି । ଆଉ ଏପଟେ ମୁଁ ନିଜ ହୃଦୟ ରେ ଚାପିରଖେ ସବୁ ଭାବନା । ପ୍ରାର୍ଥନା କରୁଥାଏ ସେ ଭଲ ହେଇଯାଉ । ଶୁଣିଥିଲି ଦରଦୀ ମନିଷ ର ଡାକ ଭଗବାନ ଶୁଣନ୍ତି ? ତାହେଲେ ସେ ନିଶ୍ଚୟ ଭଳ ହେଇଯାଇଥିବ । ହେଲେ ଦୁଃଖର କଥା କି ମୁଁ ଆଜିବି ଜାଣିପାରୁନି ସେ କେମିତି ।

ଜମଲ୍, ପଦ୍ମପୁର, ବରଗଡ଼

ISSN NO.
2582-208X

# ମିଛେ କାହିଁକି ଗର୍ବ କରିବି ?



ଅନନ୍ତ କୁମାର

ମାଟିର ଶରୀର ମାଟିରେ ମିଶିବ
ଲାଗିଲେ ଏ ଦେହେ ନିଆଁ,
ମିଛେ କାହିଁକି ଗର୍ବ କରିବି ମୁହିଁ
ଛାଡିବି ଦିନେ ଦୁନିଆ,

ଛଅ ଖଣ୍ଡ କାଠରେ ଜଳିବ ଦେହ
ଦେଖୁଥିବେ ସାହି ଭାଇ
ଅଙ୍ଗାର ପାଉଁଶ ମୁଠେ ଧରି ହାତେ,
ଆସିବେ ଆତ୍ମୀୟ ନେଇ,

ଯେତେ ଅରଜି ଥିବୁ ଟଙ୍କା ପଇସା
ଯିବ  ନାହିଁ କେବେ ତ ସାଥେ
ଗର୍ବ ଅହଂକାର ପୋଡି  ଯିବ ତର
କୋକେଇରେ ଶୋଇବୁ ଯେବେ,

ISSN NO.
2582-208X

ଜୀଇଁଥିଲା ବେଳେ ଖାଲି ପକାନ୍ତି ରଡି
ସବୁ ମୋର ମୋର
ପ୍ରାଣ ଗଲା ପରେ ଥରେ ଏ ଶରୀରରୁ
ସବୁ ହୁଏ ପର,

ମିଛ, ମରିଚିକା ଏ ସଂସାର
ଦେଖିବାକୁ ଚକ ଚକ
ଗର୍ବ ଅହଂକାର ସବୁ ଏଠି
ଦିଶେ ପରା ଜଳ ଜଳ

ଲୋଭ ମୋହ ମାୟା ସବୁ ତୁଟିବ
ଉଡିଗଲେ କ୍ଷଣିକ ପ୍ରାଣ
ମିଛେ କାହିଁକି କରିବି ଗରବ
ସଭିଏଁ ଏଠି ସାତପର ।

ତିହିଡି,ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ଶ୍ରୀହରି ସୁଦର୍ଶନ ଚକ୍ର କେଉଁଠୁ ପାଇଲେ



ନରେନ୍ଦ୍ର ପ୍ରସାଦ ବେହେରା

ଶ୍ରୀହରି ନିଜ ସୁଦର୍ଶନ ଚକ୍ର ସହାୟତାରେ ଭକ୍ତମାନଙ୍କ ରକ୍ଷା କରିଥାନ୍ତି । ତେବେ ଆପଣ ଜାଣିଛନ୍ତି କି ଶ୍ରୀହରି ଏହି ସୁଦର୍ଶନ ଚକ୍ର କେଉଁଠୁ ପାଇଲେ ? ଭଗବାନ ବିଷ୍ଣୁ ଶିବଙ୍କ ଉପାସନା କରନ୍ତି ଏବଂ ଶିବ ଶ୍ରୀହରିଙ୍କ ଉପାସନା କରିଥାନ୍ତି । ଥରେ ଶ୍ରୀହରି ବ୍ରତ ରଖିଥିଲେ । ତଦନୁଯାୟୀ ସେ ପ୍ରତିଦିନ ଏକ ହଜାର ପଦ୍ମ ଫୁଲରେ ଭଗବାନ ଶିବଙ୍କ ପୂଜା କରିଥିଲେ । ତେବେ ଶ୍ରୀହରିଙ୍କ ଏହି ପୂଜାକୁ ଅସମ୍ପୂର୍ଣ୍ଣ କରି ରଖିବା ପାଇଁ ଇନ୍ଦ୍ର ଗୋଟିଏ ପଦ୍ମଫୁଲ ଚୋରାଇ ନେଲେ । ମାତ୍ର ଶ୍ରୀହରି ବ୍ରତ ସମ୍ପୂର୍ଣ୍ଣ କରିବା ଲାଗି ନିଜ ପଦ୍ମଫୁଲ ଭଳି ଚକ୍ଷୁ ମହାଦେବଙ୍କ ପୂଜାରେ ଅର୍ପଣ କରିଥିଲେ । ଶ୍ରୀହରିଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ମହାଦେବ ଦିବ୍ୟ ସ୍ୱରୂପ ଧାରଣ କରି ପ୍ରକଟ ହେଲେ ଏବଂ ସୁଦର୍ଶନ ଚକ୍ର ପ୍ରଦାନ କରିଥିଲେ । ଏଥିସହିତ ଶ୍ରୀହରିଙ୍କୁ ତାଙ୍କ ଚକ୍ଷୁ ଫେରାଇ ଦେଇଥିଲେ । ଏହି କଥା ହରି ଓ ହରଙ୍କ ମଧ୍ୟରେ ଥିବା ପ୍ରଗାଢ ସମ୍ପର୍କକୁ ସୂଚାଇ ଦେଇଥାଏ । ପୁରାଣରେ ଏମିତି ଅନେକ ଉଦାହରଣ ରହିଛି, ଯେଉଁଥିରେ ଅନେକ ଉଦାହରଣ ରହିଛି, ଯେଉଁଥିରେ ମହାଦେବ ନିଜେ ହରିଙ୍କ ପୂଜା ଏବଂ ଦର୍ଶନ କରିଛନ୍ତି । ବସ୍ତୁତଃ ହର ଏବଂ ହରି ହେଉଛନ୍ତି ଏକ ପରମତତ୍ତ୍ୱର ଦୁଇଟି ସ୍ୱରୂପ । ଏହି କାରଣରୁ ଭଗବାନ ଶ୍ରୀକୃଷ୍ଣ ଚନ୍ଦନ କାଠ ଏବଂ ରତ୍ନ ଜଡ଼ିତ ସୋମନାଥ ମନ୍ଦିର ନିର୍ମାଣ କରିଥିଲେ । ସେଠାରେ ଶ୍ରୀକୃଷ୍ଣ ନିଜ ଦିବ୍ୟ ଅବତାର ଲୀଳାର ସମ୍ବରଣ କରିଥିଲେ ।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଧନ୍ୟରେ ଦୁନିଆ ଆସିଚି ଭଣ୍ଡି



ତାରାପ୍ରସାଦ ଜେନା

ଧନ୍ୟରେ ଦୁନିଆ ଆସିଚି ଭଣ୍ଡି
ମଥା ଚୂଳ ନାହିଁ ପାନିଆ ଚାଲିବ
ରିବନ୍ ବାନ୍ଧିବ କହୁଛି ଲାଣ୍ଡି
..........ଧନ୍ୟରେ ଦୁନିଆ ଆସିଚି ଭଣ୍ଡି !୦ !

ଚୂଲି ଜଳି ନାହିଁ ପାଣି ତାତି ନାହିଁ
ମିଛରେ କହୁଚି ଖାଇଛି ଭୋଜି,
ସଣ୍ଢଣା ଶିଖିନି ଏଡ଼ିକି ଉଦଣ୍ଡୀ
ଭଲଟା ମନ୍ଦକୁ ସଉଦା ଆଜି,
ଭିତରେ ଛଇଳୀ ବାହାରେ ହାଉଳି
ଷୋଳ ଶିରା ବିନ୍ଧି ମାରୁଚି ହେଣ୍ଡି
..........ଧନ୍ୟରେ ଦୁନିଆ ଆସିଚି ଭଣ୍ଡି !୧ !

ନଖେ ନାହିଁ ଧନ କୁବେର ଭାରିଯା
ଅମାର ବୋଲୁଛି ବଢ଼ିଛି ଥାତି,
ମାଆ ବୋଲି ଡାକ କାହାଠୁ ଶୁଣିନି
ନିନ୍ଦାରେ କାନକୁ ବଢ଼ିଆ ଖ୍ୟାତି,

ISSN NO.
2582-208X

ଗୁଣ ଚାଲିଗଲା କୋଉ ସାହି ଆଡ଼େ
ଦେଖିଲେ ସାକ୍ଷାତ ଅଣ୍ଡିରାଚଣ୍ଡୀ
..........ଧନ୍ୟରେ ଦୁନିଆ ଆସିଚି ଭଣ୍ଡି !୨ !

ଏମିତି ନାରୀକୁ ଉପମା ଦେବାକୁ
କବିର କଳ୍ପନା ହୋଇବ ଉଣା,
ଶିକ୍ଷା ଦୀକ୍ଷା ତାର କୁଳକୁ ନୁହେଁ ଯେ
କୁଳଟା ପରିକା ଲାଗୁଚି ଜଣା,
ଆଗରେ ପଡ଼ିଲେ ଛେପକୁ ପକାଅ
ଭଲ କାମେ ଯାଅ ଧରିବ ଦାଣ୍ଡି
..........ଧନ୍ୟରେ ଦୁନିଆ ଆସିଚି ଭଣ୍ଡି !୩ !

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

(())

# ଆଗ୍ରା

https://youtu.be/MGgD0Zh_6LI

Please like & Subscribe this video

ISSN NO.
2582-208X

# ଚୁମ୍ବନ



ସରୋଜ କୁମାର ସାହୁ

ଛାତ ଉପରୁ ଶୁଖାଇ ଥିବା ଲୁଗା ଆଣି ଫେରିଲା ଭିତରେ ବର୍ଷା ଯୋଗୁ ଅଧାରୁ ଅଧିକ ଓଦା ହୋଇ ଯାଇଥିଲା ମୀରା। କଅଁଳ ତୂଳାପରି ଗୋରା ତକତକ ତାର ଦେହ ଗୋଟାପଣେ ଥରିବାକୁ ଲାଗିଲା। ହାତେ ଲମ୍ବାର ବହଳ ବେଣୀ ଏକରକମ ଭିଜିଗଲା ଝିପିଝିପି ବର୍ଷାରେ। ସେ ଲୁଗାତକ ଖଟ ଉପରେ ସେମିତି ଫିଙ୍ଗିଦେଇ କବାଟକୁ ଆଉଜେଇ ଦେଲା ଭିତରପଟୁ। ଛାତି ଉପରୁ ଲୁଗା କାଢି ବଦଳିବାକୁ ଯାଇଛି ତ କାହାର ହାତ ସ୍ପର୍ଶରେ ଚମକି ପଡି ସେ ପୁନର୍ବାର ସଜାଡି ନେଲା ନିଜକୁ ହେଲେ ବିଫଳ ହେଲା।

ପଛପଟକୁ ବୁଲି ଦେଖିବା ଆଗରୁ ସେ ପୁଣି ଥରେ ଭିଡି ଆଣି ପିଠିରେ ଆଙ୍କି ଦେଇଗଲେ ଗୋଟାଏ ଉଷୁମ ଚୁମ୍ବନ।

ଏଥର ବିରୋଧ କଲାନି ଆଉ। ସେ ଜାଣି ସାରିଥିଲା ଏ ହେଉଛି ସ୍ୱାମୀ ଅଭିଙ୍କର ଚଗଲାମି। ଯାହାଙ୍କ ଚୁମ୍ବନର ସ୍ପର୍ଶ ମତୁଆଲା କରିଦିଏ ତାକୁ। କିଛିକ୍ଷଣ ପାଇଁ ଜଡେଇଗଲା ମୀରା। ବର୍ଷାରେ ଥରି ଉଠୁଥିବା ତାର ଦେହରେ ଏବେ ଖେଳି ଯାଇଥିଲା ବିଜୁଳିସମ ଉଷ୍ମତା ଆଉ ଉତ୍ତେଜନା ଭରା ଆବେଗ।

-ଆରେ ଛାଡ ମୋତେ ? ଏମିତି କଣ ହେଉଛ ଯେ ? ଘରେ ସମସ୍ତେ ଅଛନ୍ତି ? କିଏ ଯଦି ଏମିତି ଅବସ୍ଥାରେ ଦେଖିଦେବ ନାଁ ?

ISSN NO.
2582-208X

-ଦେଖୁ ! ଏଥିରେ ଡରିବାର କଣ ଅଛି ? ମୋ ଘର ମୋ ରୁମ ମୋ ସ୍ତ୍ରୀ ।

-ତମେ ବି ନାଁ, ବହୁତ ଦୁଷ୍ଟ ହେଲଣି ଆଜିକାଲି ?

-ଦୁଷ୍ଟାମୀ ଶିଖେଇଛି କିଏ ? ଫାଜିଲ୍ ଓଠ ତମେ..ଆଉ ତମର ଚେହେରା..

-ଗୋଟାପଣେ ଲାଜରେ ଝାଉଁଳିଗଲା ମୀରା..

ଏତିକିବେଳେ ଅଭି ଚୁପ୍ ନ ରହି ମୀରାକୁ ଛାତି ଉପରକୁ ଭିଡି ଆଣି ଓଠରେ ଓଠ ଲଦି ଆଙ୍କି ଦେଇଗଲେ ଗୋଟାଏ ଚୁମ୍ବନ।ସେ ନିରୀହ ହରିଣୀଟିଏ ପରି ସଂପୂର୍ଣ୍ଣ ସର୍ମପି ଦେଲା ତାକୁ...।

ଆଠଗଡ଼, କଟକ
୯୩୪୮୫୭୫୨୨୪

(())

## ଋଷିକେଶ ଭାଗ ୧ ଏବଂ ୨

https://youtu.be/efVoLlkp6ZA

https://youtu.be/EKb2ORmerzs

Please like & Subscribe this video

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକି ନାୟକ

### ୫୮. କେଉଁ ଧର୍ମକୁ ସତ୍ୟ ପ୍ରମାଣ କରିବା ?

ଦୁନିଆରେ ଶହ ଶହ ଆଧ୍ୟାତ୍ମିକ ଧର୍ମ ଭିତରୁ ଯଦି ଗୋଟିଏ ମାତ୍ର ଧର୍ମ ସତ୍ୟ ତେବେ କୁହନ୍ତୁ କେଉଁଟି ସତ୍ୟ ? ସତ ଧର୍ମକୁ ପ୍ରମାଣ କରିବା ପାଇଁ ପରସ୍ପରକୁ ଘୃଣା କରି ଗଣ ହତ୍ୟା କଲେ ଶେଷରେ ଯିଏ ଜିତିବ ବା ବଞ୍ଚିବ, ହୁଏତ ସେଇଟା ହେବ ଶ୍ରେଷ୍ଠ ଓ ସତ ଧର୍ମ ? ଏହା ଏକ ଅମାନବୀୟ କୃତ୍ୟ ନୁହେଁ କି ?

### ୫୯. ଗୀତା ଉପଦେଶର ପାର୍ଶ୍ୱ ପ୍ରତିକ୍ରିୟା

ଜଣେ ଧର୍ମ ପରାୟଣ ପୂଜାରୀ ବାପା, ପୋଲିସ ଅଫିସର ଥିବା, ହେତୁବାଦୀ ପୁଅକୁ ଡାକି ପଚାରିଲେ - ମୁଁ ତୋତେ ଯେଉଁ ଗୀତା ଗ୍ରନ୍ଥଟି ଦେଇଥିଲି, ତାକୁ ପଢିଲୁ କି ନାହିଁ ?

ପୁଅ କହିଲା - ହଁ, ବାପା ମୁଁ ପଢିଲି ।

ବାପା ଖୁସି ହୋଇ ପଚାରିଲେ - ଖାଲି ପଢିଲୁ ନା କିଛି ବୁଝିଲୁ ?

ପୁଅ ତୁରନ୍ତ ତାର ପିସ୍ତଲଟି ବାପାଙ୍କ ମୁଣ୍ଡରେ ଲଗାଇ କହିଲା - ବାପା ତୁମେ ବର୍ତ୍ତମାନ ମରିବା ପାଇଁ ପ୍ରସ୍ତୁତ ହୋଇଯାଅ ।

ବାପା ଆଶ୍ଚର୍ଯ୍ୟ ହୋଇ ଡରି ଡରି କହିଲେ, ମୁଁ ପରା ତୋର ବାପା!

ISSN NO.
2582-208X

ପୁଅ – ଚୁପ ରୁହ ମୂର୍ଖ ମଣିଷ, କେହି କାହାର ବାପା ନୁହେଁ କି କେହି କାହାର ପୁତ୍ର ନୁହେଁ। ଏହା ଗୀତାରେ ଲେଖା ହୋଇଛି।

ବାପା – ଥଟ୍ଟା କରନା ପୁଅ ମୋ ମୁଣ୍ଡରେ ଗୁଳି ବାଜିଗଲେ ମୁଁ ଛଟପଟ ହୋଇ ମରିବି।

ପୁଅ – ବାପା! କେବଳ ଶରୀରର ମୃତ୍ୟୁ ହୁଏ, ଆତ୍ମାର ନୁହେଁ। ଆତ୍ମା ତ ଅମର, ଅଜର। ତୁମେ ବ୍ୟର୍ଥ ଚିନ୍ତା କରନାହିଁ। କାହାକୁ ଡରୁଛ? ଗୀତାରେ ପରା ଲେଖାଅଛି – ଆତ୍ମା, ପାଣିରେ ଭିଜେ ନାହିଁ, ଅଗ୍ନିରେ ଦଗ୍ଧ ହୁଏନାହିଁ, ବାୟୁରେ ଶୁଷ୍କ ହୁଏନାହିଁ, କିମ୍ବା ଅସ୍ତ୍ରରେ କଟେନାହିଁ?

ବାପା- ପୁଅ ତୁ ନିଜର ମାଆ, ଭାଇ, ଭଉଣୀଙ୍କ ବିଷୟରେ ତ ଚିନ୍ତା କର ।

ପୁଅ – ଏହି ସଂସାରରେ କେହି କାହାର ନୁହନ୍ତି। ସଂସାରର ସମସ୍ତ ସମ୍ପର୍କ କେବଳ ନିଜ ସ୍ୱାର୍ଥ ଉପରେ ନିର୍ଭର କରୁଛି। ଏହା ମଧ୍ୟ ଗୀତାରେ ଲେଖାଅଛି।

ବାପା – ପୁଅ, ମୋତେ ମାରିଦେଲେ ତୋତେ କଣ ମିଳିବ?

ପୁଅ – ଏହି ଧର୍ମଯୁଦ୍ଧରେ ତୁମେ ଯଦି ମରିଯିବ, ତେବେ ତୁମକୁ ସ୍ୱର୍ଗ ପ୍ରାପ୍ତ ହେବ ଏବଂ ମୋତେ ତୁମର ସମସ୍ତ ସମ୍ପତ୍ତି ମିଳିଯିବ। ମୁଁ ଯଦି ମରିଯିବି ମୋତେ ସ୍ୱର୍ଗ ପ୍ରାପ୍ତ ହେବ।

ବାପା – ତୋ ଏଭଳି ଅନ୍ୟାୟ କରନାହିଁ।

ପୁଅ – ବାପା, ମୁଁ ତ ନିମିତ୍ତ ମାତ୍ର, ସବୁ କିଛି ତ ଭଗବାନ ବିଷ୍ଣୁ କରାଉଛନ୍ତି। ତୁମେ ଚିନ୍ତା କରନାହିଁ ବାପା; ଯେଉଁଭଳି ମଣିଷ ପୁରୁଣା ବସ୍ତ୍ର ତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରେ, ସେହିଭଳି ଆତ୍ମା, ବୃଦ୍ଧ ଓ ଜୀର୍ଣ୍ଣ ଶରୀରକୁ ତ୍ୟାଗ କରି, ନୂତନ ଶରୀରରେ ପ୍ରବେଶ କରେ, ତୁମେ ସେହିଭଳି ନୂତନ ଶରୀରରେ ପ୍ରବେଶ କରିବା ପାଇଁ ତିଆର ହୋଇଯାଅ। ଏହା ହିଁ ତ ଗୀତା ଜ୍ଞାନ ।

ବାପା ଭାବୁଥିଲେ, ଗୀତାର ଏଭଳି ପାର୍ଶ୍ୱ ପ୍ରତିକ୍ରିୟା ଅଛି ବୋଲି ମୁଁ ସ୍ୱପ୍ନରେ ମଧ୍ୟ ଭାବି ନଥିଲି। ସେ ପୁଅକୁ ହାତଯୋଡି କହିଲେ, ମୁଁ ଶୁଣିଥିଲି ରଟୁ ନ ରଟୁ ଖାଅ ପିତା, ବୁଝ ନ ବୁଝ ପଢ ଗୀତା, ଆଜି କିନ୍ତୁ ଠିକ ବୁଝିଗଲି। ତୁ ମୋତେ ଗୀତାଟି ଫେରାଇଦେ।

ISSN NO.
2582-208X

ପୁଅ ହସି ହସି କହିଲା, ବାପା, ଗୀତାଜ୍ଞାନ ପାଇବା ପାଇଁ ତୁମେ ବହୁତ ଡେରି କରିଦେଇଛ । ତୁମେ ଯଦି ମୋ ବୟସରେ ବୁଝି ପାରଇଥାନ୍ତ ଯେ ଫଳର ଆଶା ନରଖି କୌଣସି କର୍ମ କରିବାର ପ୍ରେରଣା ମିଳବ ନାହିଁ, ଏବଂ ମୁଁ ଯେଉଁ କର୍ମ କରିବି ସେହି ଅନୁସାରେ ଏଇଠି ହିଁ ଫଳ ବି ପାଇବି । ମୋ କର୍ମ ଦେଖି ସ୍ୱର୍ଗରୁ ଫଳ ଗଳ ପଡିବ ନାହିଁ, ଏବେ ତୁମେ ମୋ ଅପେକ୍ଷା ଆହୁରି ଅଧିକ ସଫଳ ହୋଇପାରିଥାନ୍ତ ।

Mob:9482016260

(())

## ଖଜୁରାହୋ, ଭାଗ-୧ ଏବଂ ୨

https://youtu.be/RJJY3FvY3tY

https://youtu.be/RFDVjUAho14

Please like & Subscribe this video

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଓ ଦୀର୍ଘାୟୁ ଜୀବନ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ପୃଥିବୀର ଯେତେ ସବୁ ଦେଶ ରହିଛି ସ୍ୱଦେଶୀ ଚକିତ୍ସା ବିଜ୍ଞାନ ମଧ୍ୟରେ ଆମ ଭାରତୀୟ ପାରମ୍ପରିକ ତଥା ମୌଳିକ ଚକିତ୍ସା ବିଜ୍ଞାନ ବା ଆୟୁର୍ବେଦ ଚକିତ୍ସା ଶାସ୍ତ୍ର ଅନ୍ୟତମ ଅଟେ I ଭାରତୀୟ ଆୟୁର୍ବେଦ ଚକିତ୍ସା ବିଜ୍ଞାନରେ ଆୟୁର୍ବେଦ ବିଶାରଦ ଚରକ ଓ ଶୁଶ୍ରୁତ ଙ୍କ ସ୍ୱ ଲିଖିତ ଚକିତ୍ସା ବିଜ୍ଞାନରେ ନିରୋଗ ଓ ଦୀର୍ଘାୟୁ ନିମନ୍ତେ ବିଭିନ୍ନ ନିୟମାବଳୀ ବର୍ଣ୍ଣିତ ରହିଛି, ଯାହାକ ପାଳନ କଲେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ସୁସ୍ଥ ଓ ନିରୋଗ ରହିପାରିବ I ମନୁଷ୍ୟ ଜନ୍ମ ମାତ୍ରକେ ମୃତ୍ୟୁ ଅବସମ୍ଭାବି, ମନୁଷ୍ୟ ବିଭିନ୍ନ କଷ୍ଟସାଧ, ଦୁଃସାଧ, ଜଟିଳ, ରୋଗରେ ପୀଡିତ ହେଲେ ଦୁଃଖ, କ୍ଲେଶ, ଯନ୍ତ୍ରଣା ଓ ଅର୍ଥ ହାନୀ ହେବାର ସମ୍ଭାବନା ରହିଥାଏ I ଭାରତୀୟ ଚିକିତ୍ସା ବିଜ୍ଞାନରେ ବର୍ଣ୍ଣିତ ତଥା ଆମ ହାତ ପାହାନ୍ତାରେ ଉପଲବ୍ଧି ହେଉଥିବା ଏବଂ ଦୈନନ୍ଦିନ ଯିବନରେ ଜଣେ ସାଧାରଣ ମଣିଷ ଇଛା କଲେ ସରଳ ଓ ସହଜ ରେ ଆପଣେଇ ପାରୁଥିବା କିଛି ସ୍ୱାସ୍ଥ୍ୟ ସୁରକ୍ଷା ବିଷୟ ଆମ ଭାରତୀୟ ଚିକିତ୍ସା ଶାସ୍ତ୍ର ରେ ଉଲେଖ ରହିଛି ଯାହାକୁ ଆମେ ନିଜେ ଉପଯୋଗ କଲେ ସୁସ୍ଥ ଜୀବନ ଯାପନରେ ସହାୟକ ହୋଇପାରିବ I ଜୀବନର ମୁଖ୍ୟ ଲକ୍ଷ୍ୟ ହେଲା ଧର୍ମ, ଅର୍ଥ, କାମ, ମୋକ୍ଷ "ଚତୁରବର୍ଗ ଫଳ ପ୍ରାପ୍ତି" ଯାହାକି ଜଣେ ବ୍ୟକ୍ତି ଉତ୍ତମ ସ୍ୱାସ୍ଥ୍ୟ ଥିଲେ ହିଁ ଏହା ସମ୍ଭବ, ତେଣୁ "ଶରୀର ମାଦ୍ୟମ ଖଳୁ ଧର୍ମ ସାଧନମ" ଅର୍ଥାତ ଆମ ସ୍ୱାସ୍ଥ୍ୟ ହିଁ ସବୁ କର୍ମ କରିବା ର ମୁଖ୍ୟ ଅଟେ, ତେଣୁ ନିଜ ସ୍ୱାସ୍ଥ୍ୟ କୁ ସୁସ୍ଥ ରଖିବା ସର୍ବ ପ୍ରଥମ ଓ ନିହାତି ଆବଶ୍ୟକ ଅଟେ, ଅର୍ଥାତ "ସ୍ୱାସ୍ଥ୍ୟ ହିଁ ସମ୍ପଦ"I

ISSN NO.
2582-208X

ତେଣୁ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ଶାସ୍ତ୍ର ରେ ଉଲ୍ଲେଖ ରହିଛି 'ଆମ ଭାରତୀୟ ଚିକିତ୍ସା ଶାସ୍ତ୍ର ରେ କିଛି ନିର୍ଦ୍ଦିଷ୍ଟ ରୋଗ ପାଇଁ କିଛି ନିର୍ଦ୍ଦିଷ୍ଟ ଔଷଧୀୟ ବୃକ୍ଷ ଲତା ରହିଛି ଯାହାକି ଆମେ ଆମର ଦୈନ ଦିନ ଜୀବନ ଭିତରେ ତାହାର ସଠିକ ଉପଯୋଗ କରି ଅମୃତ ତୁଲ୍ୟ ଫଳ ପାଇପାରିବା, ଯେପରି ସ୍ୱାସ୍ଥ୍ୟବାନ ନିମନ୍ତେ ଗାଈ କ୍ଷୀର ସେବନ, ଉତ୍ତମ ପାକ କ୍ରୟା ପେଟରେ ବାୟୁ ବୃଦ୍ଧି କୁ ହ୍ରାସ ପାଇଁ ଜୁଆଣି ଖାଇବା, ରକ୍ତ ପରିଷ୍କାର ଓ ଚର୍ମ ରୋଗ ପାଇଁ ନିମପତ୍ର ଓ ହଳଦୀ, ଶରୀର ରେ ରକ୍ତ ଗ୍ରୁପ ନିୟନ୍ତ୍ରଣ ପାଇଁ ସଜନା ଶାଗ, ଶରୀର ପୀଡା କିମ୍ବା ଜଇଣ୍ଟ ପେଇନ ପାଇଁ ପ୍ରସାରଣୀ ପତ୍ର କୁ ବାଟି ସିଝାଇ ପିଇବା, ହଜମ ପାଇଁ ପୋଦିନା ଚଟଣି, ଥଣ୍ଡା କାଶ ପାଇଁ ମହୁ ଓ କୃଷ୍ଣ ତୁଳସୀ ରସ, ଦାନ୍ତ ବିନ୍ଧା ହେଲେ ଗୋଟା ଲବଙ୍ଗ କିମ୍ବା ଲବଙ୍ଗ ତୈଳ, ଆଦିର ପ୍ରୟୋଗ ତତକ୍ଷଣାତ ଉପଶମ ଅଣିଥାଏ, ଉକ୍ତ ଉପାଦାନ ଗୁଡିକ ବ୍ୟବହାର ଦ୍ୱାରା ଶରୀର ରେ ତୁରନ୍ତ ରୋଗ ଉପସମ ହେବା ସହ, ଆମ ଶରୀର ରେ "ରୋଗ ପ୍ରତିରୋଧକ ଶକ୍ତି"ବୃଦ୍ଧି କରାଇଥାଏ ।

ଆମର ପ୍ରତିଦିନ ଖାଉଥିବା ଜଳଖିଆ କିମ୍ବା ଭାତ, ରୁଟି ଆଦି ଖାଇବା ବେଳେ ଅଧିକ ଧ୍ୟାନ ନଦେଇ, କେତେବେଳେ କାଗଜ, କାଗଜ ପ୍ଲେଟ, ଯେକୌଣସି ପତ୍ର ଆଦିରେ ଖାଇଥାଉ । ସେହିପରି ଆମେ ପ୍ରତିଦିନ ଘରେ ମଧ୍ୟ ଯେଉଁ ଭାତ ରୁଟି ଖାଦ୍ୟ ଖାଉଛେ ଆଧୁନିକ ର ରୁଚି ରଖି, ବହୁତ ଲୋକ ଷ୍ଟିଲ କିମ୍ବା ରସ ପାତ୍ରପ୍ଲାଷ୍ଟିକ ପ୍ଲେଟ, କାଚ ପ୍ଲେଟରେ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । କାରଣ ଏହି ପାତ୍ର ଗୁଡିକ ଶୀଘ୍ର ସଫା କରିବା ସହଜ, କିନ୍ତୁ ଏହି ପାତ୍ର ଦ୍ୱାରା ଖାଦ୍ୟ ଖାଇବା ଆମ ପାଇଁ ସମ୍ପୂର୍ଣ ଅହିତ କର ଅଟେ ।

ଆମେ ପ୍ରତିଦିନ କେଉଁ ପାତ୍ର ରେ ଖାଦ୍ୟ ଖାଇଲେ ଆମେ ସାଧରଣ ତ ସୁସ୍ଥ ରହିପାରିବା ତାହାକୁ ପ୍ରାଥମିକ ତା ଦେବା ଜରୁରୀ ଅଟେ । ସୁନା, ରୁପା, ତମ୍ବା, ମାଟି, କଦଳୀପତ୍ର, ପଥର ପାତ୍ର ଆଦି ପାତ୍ର ରେ ଖାଦ୍ୟ ଖାଇବା ସାଧରଣ ସ୍ୱାସ୍ଥ୍ୟ ପାଇଁ ହିତ କାରକ ।

ଆମେ ସର୍ବଦା ସୁସ୍ଥ ରହିବା ପାଇଁ ସୁ ସ୍ୱାଦୁ ଓ ପୃଷ୍ଟକର ଖାଦ୍ୟ ଖାଇବା ଉଚିତ । ତେବେ ଆମର ଘର ମାନଙ୍କ ରେ ପାରମ୍ପରିକ ପୂଜା ପାର୍ବଣ ରୀତିନୀତି ତଥା ବିଭିର୍ଣ୍ଣ ଦେବା ଦେବି ମନ୍ଦିର ମାନ ଙ୍କ ରେ ମୁଖ୍ୟତଃ ସୁନା, ରୁପା, ପିତଳ, ତମ୍ବା, କିମ୍ବା କଂସା, ମାଟି ପାତ୍ର, କଦଳୀ ପତ୍ର, ପଥର ନିର୍ମିତ ପାତ୍ର, ଆଦି ରେ ପୂଜା ବା ଭୋଗ କରିବା ର ବିଧି ବିଧାନ ରହିଛି । ସେହିପରି ମନୁଷ୍ୟ କୋ ପାତ୍ର ରେ ଖାଦ୍ୟ ଖାଇଲେ ସୁସ୍ଥ ରହିବା ସହ ନିରୋଗ ଓ

www.vedantimagazine.com
ISSN NO.
2582-208X

ଦୀର୍ଘାୟୁ ରହିବା ସହ ଶରୀର ରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ, ମନୁଷ୍ୟ ଦୀର୍ଘାୟୁ ହୋଇ ବେଶୀ ଦିନ ବଞ୍ଚି ରହି ପାରିବ, ସେ ବିଷୟ ରେ ଆମ ଭାରତୀୟ ଚକସା ବିଜ୍ଞାନ ରେ ବିଷଦ ଭାବେ ବର୍ଣନା କରାଯାଇଛି ।

ମାଟି ପାତ୍ର – ମାଟି ପାତ୍ର ରେ ଖାଦ୍ୟ ରୋଷେଇ କଲେ ଏହା ଅଧିକ ସ୍ୱାଦିଷ୍ଟ ହୋଇଥାଏ । ମାଟି ପାତ୍ର ରେ ଖାଦ୍ୟ ଖାଇଲେ ରୋଗ ହେବାର ଆଶଙ୍କା କମ ଥାଏ । ପୁରୀ ଶ୍ରୀ ଜଗନ୍ନାଥଙ୍କ, ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ବ୍ରଜ ଗୋପିକା ସେବା ମିଶନ, ଏବଂ ଭାରତ ର ବହୁ ଧର୍ମ ଅନୁଷ୍ଠାନ ମାନଙ୍କରେ ମାଟି ପାତ୍ର ରେ ହିଁ ମହା ପ୍ରସାଦ ପ୍ରସ୍ତୁତି ଏବଂ ପ୍ରସାଦ ସେବନ, ମାଟି ପାତ୍ର ଓ କଦଳୀ ପାତ୍ର ରେ ହିଁ କରା ଯିବାର କେଉଁ ଆବାହନ କାଳରୁ ବିଧି ବିଧାନ ରହିଛି ।

ସୁନା ପାତ୍ର – ସୁନା ଥାଳି କିମ୍ବା ପାତ୍ର ରେ ଖାଦ୍ୟ ଖାଇବା ଦ୍ୱାରା ବିଦ୍ୟା, ବୁଦ୍ଧି, ଓ ଆୟୁ ବୃଦ୍ଧି ହୋଇଥାଏ ।

ରୂପା ପାତ୍ର – ରୂପା ଥାଳି କିମ୍ବା ପାତ୍ର ରେ ଖାଦ୍ୟ ଖାଇଲେ ବୁଦ୍ଧିମାନ ଓ ଦୀର୍ଘାୟୁ ହୋଇଥାଏ ।

କଂସା ପାତ୍ର – କଂସା ପାତ୍ର ରେ ଖାଦ୍ୟ ଖାଇବା ଦ୍ୱାରା ନିରୋଗ ତଥା ଆୟୁ ବୃଦ୍ଧି ରେ ସହାୟକ ହୋଇଥାଏ ।

ତମ୍ବା ପାତ୍ର – ତମ୍ବା ପାତ୍ର ରେ କିଛି ଘଣ୍ଟା ପାଣି ରଖି ସେବନ କରିବା ଦ୍ୱାରା ସମସ୍ତ ପ୍ରକାର ଚର୍ମ ରୋଗ, ପେଟରେ ଏସିଡ କୁ ନିୟନ୍ତ୍ରିତ ରଖିବା ସହ ତମ୍ବା ପାତ୍ର ରେ ଖାଇବା ଦ୍ୱାରା ମନ ପବିତ୍ର ରହିବା ସହ ଆୟୁ ବୃଦ୍ଧି ହୋଇଥାଏ ।

ପିତଳ ପାତ୍ର – ପିତଳ ପାତ୍ର ରେ ଖାଦ୍ୟ ଖାଇଲେ ମନ ଶରୀର ଶାନ୍ତ ପବିତ୍ର ରହିବା ସହ ଆୟୁ ବୃଦ୍ଧି ହୋଇ ଥାଏ ।

ରସ ପାତ୍ର – ରସ ପାତ୍ର ରେ ଖାଦ୍ୟ ଖାଇବା ଦ୍ୱାରା ମନରେ ମାନସିକ ଚିନ୍ତା ବୃଦ୍ଧି ସହ ମନୁଷ୍ୟ ଚିଡି ଚିଡ଼ା ସ୍ୱଭାବ ର ହୋଇଥାଏ ।

ISSN NO.
2582-208X

ଷ୍ଟିଲ କମ୍ବା ଲୌହ ପାତ୍ର - ଲୌହ କିମ୍ବା ଷ୍ଟିଲ ପାତ୍ର ରେ ପ୍ରତିଦିନ ଖାଦ୍ୟ ଖାଇଲେ, ମନ ଅସ୍ଥିର, ପେଟରେ ବାୟୁ ବୃଦ୍ଧି ହେବାର ସମ୍ଭାବନା ଅଧିକ ଥାଏ ।

କଦଳୀ ପତ୍ର - କଦଳୀ ପତ୍ର ରେ ଖାଦ୍ୟ ଖାଇଲେ ମନ ଶାନ୍ତ, ପବିତ୍ର ରହିବା ସହ ଆୟୁଷ ବୃଦ୍ଧି ହୋଇଥାଏ ବୋଲି ଉଲେଖ ରହିଛି ।

ପଥର ନିର୍ମିତ ପାତ୍ର - ଖଡ଼ି ପଥର ଆଦି ବିଭିନ୍ନ ପଥର ନିର୍ମିତ ପାତ୍ର ରେ ଗୁରୁବାର, ମାଣ ବସା ହେଉ କିମ୍ବା ବିଭିନ୍ନ ପୂଜା ପାର୍ବଣ ରେ, ହବିଷ, ଉପବାସ ଦିନ ମାନଙ୍କ ରେ ଖାଦ୍ୟ ଖାଇବା ଖାଇବା ନୀତି ନିୟମ ରହିଛି ।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବିଭିର୍ଣ୍ଣ ଧାତୁ ଦ୍ୱାରା ନିର୍ମିତ ପାତ୍ରର ମଧ୍ୟ ଆମ ଶରୀର ଉପରେ ଭିର୍ଣ୍ଣ ଭିର୍ଣ୍ଣ ପ୍ରଭାବ ପକାଇଥାଏ ତେଣୁ ସ୍ୱାସ୍ଥ୍ୟ କୁ ସୁସ୍ଥ ରଖିବା ସହ ସରଳ ନିରାଡ଼ମ୍ବର ଜୀବନ ଜାପନ କରିବା ପାଇଁ ଆମେ ସର୍ବଦା ଉଦ୍ୟମ ଜାରି ରଖିବା ଉଚିତ, ଯଦ୍ୱାରା ଆମ ଶରୀର ସୁସ୍ଥ, ନିରୋଗୀ ହୋଇ ଦୀର୍ଘାୟୁ ହେବାରେ ସହାୟକ ହୋଇପାରିବା

ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ମଲାଇ ପନିର



ଜୟନ୍ତୀ ଦେବୀ

ସାମଗ୍ରୀ: ଛେନା - ଅଧା କେଜି.
ବଡ ପିଆଜ - ୨ ଟି, ଅଦା ରସୁଣ ବଟା - ୧ ଚାମଚ
ଟମାଟୋ ରସ - ୧ କପ୍,
ପାଣିରେ ଭିଜା ହୋଇଥିବା ବଡ ଲାଲ କାଶ୍ମୀରୀ ଲଙ୍କା - ୩ଟି
ଗରମ ମସଲା ଗୁଣ୍ଡ- ଅଧା ଚାମଚ
ହଳଦୀ ଗୁଣ୍ଡ - ଅଧା ଚାମଚ, ଲହୁଣି - ୨ ଚାମଚ
କ୍ଷୀର - ଅଧା କପ୍, ୧ ଚାମଚ ତେଲ ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ:

କଡେଇରେ ତେଲ ଗରମ କରି ଅଦା ରସୁଣ ବଟା ପକାଇ କଷନ୍ତୁ । ପିଆଜକୁ କାଶ୍ମୀରୀ ଲଙ୍କା ସହ ମିଶାଇ ବାଟନ୍ତୁ ଏବଂ ସେହି ମିଶ୍ରଣକୁ ଅଦା ରସୁଣ କଷାରେ ମିଶାଇ ଭାଜନ୍ତୁ । ଲାଲ ହୋଇ ଆଇଲେ ଟମାଟୋ ରସ ପକାନ୍ତୁ । ସ୍ୱାଦ ଅନୁସାରେ ଲୁଣ ଏବଂ ବାକି ମସଲା ପକାଇ ଦୁଇ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ । ତେଲ ବାହାରି ଆସିଲେ ଲହୁଣି ଏବଂ କ୍ଷୀର ମିଶାଇ ଦିଅନ୍ତୁ । ମିଶ୍ରଣ ଗାଢହୋଇ ଆସିଲେ ପନିର ଖଣ୍ଡ ଗୁଡିକୁ ପକାଇ ଭଲ ଭାବରେ ଘାଣ୍ଟନ୍ତୁ । ଥରେ ଫୁଟିଗଲେ ଚୁଲିରୁ ଓହ୍ଲାଇ ଧନିଆ ପତ୍ର ସଜାଇ ପରଷନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମୋଗଲାଇ ପରଟା



ଅଧ୍ୟାପିକା ରେଜାଲିନ୍ ବାରିକ୍

**ଆବଶ୍ୟକ ସାମଗ୍ରୀ:**

ମଇଦା – ୨ କପ୍, କଟା ପିଆଜ – ଅଧା କପ୍, କଟା କଞ୍ଚାଲଙ୍କା-୧ ଚାମଚ
ଅଦା ରସୁଣ ପେଷ୍ଟ – ୧ ଚାମଚ, କଟା କ୍ୟାପ୍ସିକମ୍ – ଅଧା କପ୍
କଟା ଗାଜର – ଅଧା କପ୍, ହଳଦୀ – ଅଧା ଚାମଚ
ଲଙ୍କା ଗୁଣ୍ଡ – ୧/୪ ଚାମଚ, ଧନିଆ ଗୁଣ୍ଡ – ଅଧା ଚାମଚ
ଜିରା ଗୁଣ୍ଡ – ଅଧା ଚାମଚ, ଗରମ ମସଲା – ଅଧା ଚାମଚ
ପନିର୍- ୨ କପ୍, ଲୁଣ, ପାଣି ଏବଂ ତେଲ-ଆବଶ୍ୟକ ଅନୁସାରେ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଇଦା, ଲୁଣ, ତେଲ ଏବଂ ପାଣି ଦେଇ ଦଳନ୍ତୁ । ଏହାକୁ ୩୦ ମିନଟ୍ ପାଇଁ ଏକ ପରିଷ୍କାର କପଡାରେ ଘୋଡାଇ ଅଲଗା ରଖିଦିଅନ୍ତୁ । ଏବେ ପ୍ୟାନରେ ତେଲ ଗରମ କରି କଟା ପିଆଜ, କଞ୍ଚା ଲଙ୍କା, ଅଦା ରସୁଣ ପେଷ୍ଟ ପକାଇ ଫ୍ରାଏ କରନ୍ତୁ । ମସଲାରୁ ତେଲ ଛାଡି ଆସିଲେ ସେଥିରେ କ୍ୟାପ୍ସିକମ୍, ଗାଜର, ହଳଦୀ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା, ଲୁଣ ପକାଇ କିଛି ସମୟ କଷି ହେବାକୁ ଛାଡି ଦିଅନ୍ତୁ । ମସଲା ଭଲଭାବେ କଷି ହେଲେ ସେଥିରେ କଟା ପନିର୍ କୁ ପକାଇ ଗୋଳାନ୍ତୁ । ଏବେ ଏହି ମିଶ୍ରଣକୁ ଥଣ୍ଡା ହେବାକୁ ଦିଅନ୍ତୁ । ମଇଦା ଗୋଳାରେ ଛୋଟ ଛୋଟ ବଲ୍ କରନ୍ତୁ । ତା ଭିତରେ ପନିର୍ ମିଶ୍ରଣକୁ ରଖି ପରଟା ଆକାରରେ ବେଲନ୍ତୁ । ଏବେ ତାୱାରେ ତେଲ ଗରମ କରି ସେଥିରେ ପରଟାକୁ ଗୋଲଡେନ୍ ବ୍ରାଉନ୍ ହେବାଯାଏ ଦୁଇ ପାର୍ଶ୍ୱକୁ ସେକନ୍ତୁ । ଏବେ ପ୍ରସ୍ତୁତ ହେଲା ମୋଗଲାଇ ପରଟା । ସସ୍ କିମ୍ବା ଚଟଣି ସହ ପରଷନ୍ତୁ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ପାଳଙ୍ଗ ରୋଲ



ଅଳକା ବାରିକ୍

### ଆବଶ୍ୟକ ଉପକରଣ:

ସିଝା ପାଳଙ୍ଗ ଶାଗ-୨ କପ୍,
ସିଝା ଆଳୁ - ୨ ଟା, ସିଝା ମଟର ଛୁଇଁ - ୧ କପ୍,
କଟା ଗାଜର - ଅଧା କପ୍,
ଚୂନା ଚୂନା କଟା ଅଦା - ୨ ଗ୍ରାମଚ
କଟା କଞ୍ଚା ଲଙ୍କା - ୨ ଗ୍ରାମଚ, କର୍ଣ୍ଣ ଫ୍ଲୋର୍-୩ ଗ୍ରାମଚ
ଗ୍ରଟ୍ ମସଲ୍ - ୧ ଗ୍ରାମଚ, ବ୍ରେଡ୍ କ୍ରମ୍ପସ୍ - ୨ ଗ୍ରାମଚ,
ଲଙ୍କା ଗୁଣ୍ଡ - ୧/୪ ଗ୍ରାମଚ,
ଗୋଲମରିଚ ଗୁଣ୍ଡ - ୧/୪ ଗ୍ରାମଚ,
ମଇଦା-୧/୪ ଗ୍ରାମଚ, ଛତୁ-୧/୨ କପ୍,
ତେଲ, ଲୁଣ ଏବଂ ପାଣି ଆବଶ୍ୟକ ଅନୁସାରେ

### ପ୍ରସ୍ତୁତି ପ୍ରଣାଳୀ:

ଗୋଟିଏ ବଡ ପାତ୍ରରେ ସିଝା ପାଳଙ୍ଗ ଶାଗ, ସିଝା ଆଳୁ, ସିଝା ମଟର ଛୁଇଁ, ଗାଜର, ଅଦା, କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, କର୍ଣ୍ଣ ଫ୍ଲୋର, ଗୋଲମରିଚ, ମଇଦା, ଗ୍ରଟ୍ ମସଲ୍, ଧନଆ ପତ୍ର, ବେଡ କ୍ରମ୍ବସ୍, ଲୁଣ ଏବଂ ପାଣି ଦେଇ ଭଲଭାବେ ମିଶାନ୍ତୁ । ଏବେ ସେଥିରେ

ISSN NO.
2582-208X

ଛୋଟ ଛୋଟ ଗୋଳା କରି ରୁଟି ଭଳି ବେଲନ୍ତୁ ଆଉ ଏକ ପାତ୍ରରେ କର୍ଣ୍ଣ ଫ୍ଲୋର, ମଇଦା ଏବଂ ପାଣି ଦେଇ ଘୋଳ ପ୍ରସ୍ତୁତ କରନ୍ତୁ । ଅନ୍ୟ ଏକ ପାତ୍ରରେ ବ୍ରେଡ କ୍ରମ୍ବସ୍ ରଖନ୍ତୁ । ଏବେ ତାୱାରେ ତେଲ ଗରମ କରି ସେଥିରେ ପାଳଙ୍ଗ ରୁଟିକୁ ଘୋଳରେ ବୁଡାଇ ବ୍ରେଡ କ୍ରମ୍ବସ୍ ମିଶାନ୍ତୁ । ଏବେ ରୋଲ୍ କୁ ତାୱାରେ ପକାଇ ଉଭୟ ପାର୍ଶ୍ୱକୁ ଭଲଭାବେ ସୁନେଲି ରଙ୍ଗ ହେବାକୁ ଦିଅନ୍ତୁ । ପରେ ପ୍ଲେଟକୁ କାଢି ଦିଅନ୍ତୁ । ବଳକା ତେଲରେ ଛତୁକୁ ଲୁଣ, ହଳଦୀ ଏବଂ ଲଙ୍କା ଗୁଣ୍ଡ ଦେଇ ଭାଜନ୍ତୁ । ଛତୁ ଭାଜି ହେବା ପରେ ପାଳଙ୍ଗ ରୁଟି ଉପରେ ଛତୁ ଭଜାରୁ ଅଳ୍ପ ଅଳ୍ପ ରଖି ରୋଲ୍ ଆକାରରେ ଗୁଡାଇ ଦିଅନ୍ତୁ । ଏବେ ଚଟଣି କମ୍ବା ସସ୍ ସହ ଗରମ ଗରମ ପରଷନ୍ତୁ ପାଳଙ୍ଗ ରୋଲ୍ ।

ମଧୁ, ଆଳ, କେନ୍ଦ୍ରପଡା

ମୁକ୍ତେଶ୍ୱର – ଭାଗ ୧ ଏବଂ ଭାଗ ୨

https://youtu.be/lGTqCZQ4qsI

https://youtu.be/6oPNIhjkoOU

Please like & Subscribe this video

ISSN NO.
2582-208X

# ବିରି ଡାଲି ଖେଚୁଡି



ଲକ୍ଷ୍ମୀପ୍ରିୟା ବିଶ୍ବାଳ (ପୂଜା)

ସାମଗ୍ରୀ: ଗୁଆଳ - ଅଧା କପ୍ (୧୦୦ ଗ୍ରାମ୍)

ବିରିଡାଳ- ୫୦ ଗ୍ରାମ(ଅଧଘଣ୍ଟା ପାଣିରେ ଭିଜାଇ ରଖିବା)

ମଟର ଛୁଇଁ- ଅଧା କପ୍, ଡଲଚନର ଛୋଟ ଖଣ୍ଡ,

ଲବଙ୍ଗ - ୨ଟି, କଳାମରିଚ-୫ଟି,

ବଡ ଗୁଜୁରାତିରୁ ଖଣ୍ଡେ, ଜିରା-ଅଧା ଗ୍ଚମଚ

କୋରା ଅଦା-ଅଧା ଇଞ୍ଚ, କଞ୍ଚା ଲଙ୍କା-୧/୨ଟି

ଟମାଟୋ-୧ଟି, ଘିଅ-୨ ବଡ ଗ୍ଚମଚ, ହିଙ୍ଗୁ-ଅଧା ଚୁଟିକ,

ଶୁଖିଲା ଲଙ୍କା ଗୁଣ୍ଡ - ଅଧା ଗ୍ଚମଚ

ହଳଦୀ ଓ ଲୁଣ - ସ୍ଵାଦ ଅନୁସାରେ

## ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ପ୍ରେସର କୁକରରେ ଦୁଇରୁ ୩ ଗ୍ଚମଚ ଘିଅ ପକାନ୍ତୁ । ଘିଅ ଗରମ ହେବା ପରେ ଏଥିରେ ଅଧା ଗ୍ଚମଚ ଜିରା, ହିଙ୍ଗୁ, ଖଣ୍ଡେ ଡାଲଚନ, ୨ଟି ଲବଙ୍ଗ, କଛି ଗୋଲମରିଚ ଏବଂ ଖଣ୍ଡେ ଗୁଜୁରାତି ପକାଇ ଅଳ୍ପ ଆଞ୍ଚରେ ଏହାକୁ ହାଲୁକା ଭାଜି ନଅନ୍ତୁ । ଏହା ଭଲ ଭାବେ ଭାଜି ହୋଇଗଲା ପରେ ସେଥିରେ ଛୋଟ ଛୋଟ କରି କଟା ହୋଇଥିବା ଟମାଟୋ,

ISSN NO.
2582-208X

ଆବଶ୍ୟକ ଅନୁସାରେ ଲୁଣ୍, ହଳଦୀ, କଛି ଲଙ୍କା ଗୁଣ୍ଡ, ଅଦା ଏବଂ ଅଧା କପ୍ ମଟର ମଞ୍ଜି ପକାଇ ଏକରୁ ଦୁଇ ମିନଟ୍ ପର୍ଯ୍ୟନ୍ତ ଏହାକୁ ଭଲ ଭାବେ କଷି ନଅନ୍ତୁ । ମସଲା ଓ ଟମାଟୋ ଭଲଭାବେ କଷି ହୋଇଗଲା ପରେ ସେଥିରେ ଗ୍ଭଉଳ ଅଧା କପ୍, ୫୦ଗ୍ରାମ ବିରିଡାଲି ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଦୁଇ ମିନଟ୍ ପରେ ଏଥିରେ ଦେଢ କପ୍ ପାଣି ଦେଇ ଗୋଟିଏ ସିଟି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ସିଟି ଆସିବା ପରେ ଗ୍ୟାସଟିକୁ ବନ୍ଦ କରନ୍ତୁ । ଏହା ପରେ ବିରିଡାଳର ଖେଚୁଡି ହାଲୁକା ଥଣ୍ଡା ହୋଇଯିବା ପରେ ଆପଣ ଏହାକୁ ପ୍ଲେଟ୍ ରେ ରଖି ପରଷି ଦିଅନ୍ତୁ । ଏହି ଖେଚୁଡି କୁ ଯେ କୌଣସି ଚଟଣୀ ବା ଆଗ୍ଭର ସହ ଖାଇବା ଦ୍ୱାରା ଅଧିକ ସ୍ୱାଦିଷ୍ଟ ଲାଗିଥାଏ ।

ମଧୁ, ଆଳ, କେନ୍ଦ୍ରାପଡା

## ଦେଖନ୍ତୁ ଗୋଲା କୋକର୍ଣ୍ଣନାଥ ମନ୍ଦିର, ଉତ୍ତରପ୍ରଦେଶ

https://youtu.be/niGvCdGjZ9c

Please like & Subscribe this video

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ରମ୍ୟ କଥନ- ବୁଢ଼ୁର କନିଆ ଦେଖା



ସତ୍ୟନାରାୟଣ ଗନ୍ତାୟତ

'ଇ କନିଆ ମଣେ  ଆମକୁ ଦେଖବାକୁ ଆଇଲେ ହେନ୍ତାନି  ? ଆମେ ମଣେକା ଯିବାର୍ ଅଛି ପିଣି ଇ ସୁନ୍ଦୁରି ମଣକୁ ଦେଖବାକୁ' ବଲିକି କୈଲା ବୁଢ଼ୁ ଗୌଡ଼ !

ବୁଢ଼ୁର କଥା ଶୁଣୁଶୁଣୁ ବାବୁରାଓ କୈଲା:କିସ ବୈଲୁ ନନା, ତୁଇ ଭିବା ହବୁ, ତର ମାଇକିନାକୁ ତୁଇ ଦେଖିବାକୁ ମିଶା ତତେ ଏତେ ନିସ୍ତ କି, କୈଲା କିସ ନା, କନିଆ ମଣେ ଆକୁ ଦେଖିବାକୁ ଆଇବେ ପିଣି !!  ତାଙ୍କ ମଣକୁ ଆଉ ପାଇଟି ତିରଓ୍ୱାଟ ନାଇଁ ତ', ଆଇବେ ତତେ ଦେଖବାକୁ ??

'ଇ ପାଙ୍ଗୁଆ ଡାଇଲଗ୍ ମଣେ ଛାଡେ, ବେଗି ଭାରେ ଗ', ଯିବା ପରା ତ' ପାଇଁ କନିଆଁ ସେଟିଂ କରବାକୁ ? ହେଟି, ପର୍ଦିପ ଗଜି ଶାଙ୍କିରି ସମସ୍ତେ ଆସବେ, ବେଗି ରେଡି ହେଇ ଯା ବାଆବୁ' ବଲି ବୁଢ଼ୁକୁ ଆଉରି ଥରେ କୈଲା ବାବୁରାଓ ।

ସମସ୍ତେ ଗଲେ । କନିଆଁ ଘର ସାଇରେ ଖେଟିଚନ୍ତିକି ନାଇଁ ବୁଢ଼ୁ  ଆଉରି  କୈଲା: ଦେଖ ମୁଇଁ ମାତ୍ରକ କୈଦୌଚି ମର୍ ଲେଖାରେ ଆକା ଦେଖବି, ଇନ୍ତି କରେ, ସିନ୍ତି କରେନା, ଇ ଟାଇପ ଓ୍ୱାରନିଙ୍ଗ ମଣେ ମର୍ ପାଖରେ ପାଇଟି ଦବନି, ଜାଣଥ !

ହୌ ରେ ବାଆବୁ, ତୁଇ ଆଗେ ଚାଲେ ତ' !  କୈଲେ ସମସ୍ତେ । ସାଇ ଷ୍ଟାର୍ଟ ହବାଠି କା' ଗୁଟେ ପାଇପ୍, ସାଇର ମାଇକିଣା ମଣେ ପାଣି ନବାକୁ ହାଣ୍ଡି ଧରିକି ଅଛନ୍ତି । ଗୁଟେ

ISSN NO.
2582-208X

ସୁନ୍ଦୁରିଆ ଧୂଉଉବ ହେଇକି ଝିଅ ରଙ୍ଗ କାଲାରର ଖଦି ପିନ୍ଧିକି କାଖରେ ପାଣି ହାଣ୍ଡି ଧରିକି ସୁସାରରେ ତା'ର ବାଟରେ ସିଏ ଯାଉଥୁଲା । ସମସ୍ତେ ଦେଖିଲେ । ହେଲେ ବୁଢୁ ଦେଖୁ ଦେଖୁ ବାବୁରାଓ କାନ ପାଖରେ ତା'ର ଥୁମୁଡା ଲଗେଁଦେଇ କୈଲା : ଗୁରୁ ! ଇ ଟୁକିକିକା ମୁଇଁ ଭିବା ହେଁଯିବି ଗୁରୁ,ଆଉ କା' ଘରକୁ ଯିବାର ନାଇଁ, ଚାଲ ଇ ଟୁକି ଯ' ଘରେ ପଶବ, ସି ଘରକୁ ଚାଲ !!

ବାବୁରାଓ କାରେଣ୍ଟ୍ ସାକ୍ ମାରଲା ପରା ଚମକି ଗଲା ଗୁଟେ ମାଡରେ ! ସମସ୍ତଙ୍କୁ କୈଲା, ଦେଖରେ ଇ ଟୁକାର ନୂଆ ରୁଗ ଭାରଲା, କିସ କୌଚି ଶୁଣ, ହେଦେ ସି ଯ' ପାଣିହାଣ୍ଡି ଧରିକି ଧୂଉଉବ ଟୁକିଟା ଯାଉନିକି, ତାର୍ ଘରକୁ ଯାଇକି ଆମେ ମଣେ କୈବା ପିଣି ତାକୁ ଇଠେ ଦେଖୁଦେଖୁ ଇ ବାବୁ ସାଡେନ୍ ରସିଗଲା ଆଉରି ତାକୁକା ଭିବା ହେଁପଡିବ ପିଣି !

ସମସ୍ତେ ଶୁଣକି ବାୟା ପରା ହେଁଗଲେ ! ପର୍ଦିପ ଦେଖଲା ସିଏ କୈଲେ କା ବୁଢୁ ଶୁଣବ । ସିଟା ପାଇଁ ସିଏ ବୁଢୁ ଖାନ୍ଦରେ ହାତ ପକୈକି କୈଲା,ଦେଖ୍ ଗୁରୁ, ତମର ସେଲେକ୍ସନ ମାନବାକୁ ହବ ଆକା ଯେ, ସି ଟୁକି ଭିବା ହେଁଚିକି ନାଇଁ, ତାର ମିଶା ମନ ମାନବ'କି ନାଇଁ, ତାଙ୍କର ଘର ଲୁକ କିସ କୈବେ ଇଟାମଣେ ମିଶା ଭାବବ କି ନାଇଁ ଯେ ?

"ଆଉ ଏବେ ଇ ସାଇର ଯା' ଘର କନିଆ ଦେଖବାକୁ ଆସିଚେ ତାଙ୍କେ ମିଶା ଜଗିଥିବେ ! ତାଙ୍କ ଘରକୁ ନ ଗଲେ ଭଲ କଥା ହବକି" - କୈଲା ଶାଙ୍କିରି । ଶାଙ୍କିରି କୈବାଟା ମିଶା କାରାକୁ ଆକା, ବଲି କୈଲା ଗଜି ।

ବୁଢୁ କୈଲା, ମୁଇଁ ଦେଖଚି ସି ଟୁକି ସିନ୍ତାରେ ସିନ୍ଦର ଲଗେଁନି, ଭିବା ହେଁନଥବା ଟୁକିଟାକା ଗ', ହେଲେ କାକୁର୍ତି ନାଇଁ, ତା'ର ଇଷ୍ଟ କା, ହଁ ବୈଲେ କା, ଆଉ ତା'ର ଘର ଲୁକ ମଣେ କାଇଁକି ହଁ ବଲିବେନି କୈଲ, ମର୍ କି'ଟା ନାଇଁ କି, ବୈଲା ପରି ଗର୍ମେଣ୍ଟ ଚାକିରି, ମୁଇଁ ଗ୍ରାମ ସେବକ ବାବୁ, ଆମର୍ ସାଙ୍ଗ ମଣେ କିନ୍ତି ଡିମାଣ୍ଡ ଆଣୁଚନ୍ତି ଜାଣଚନା, ହେଲେ ମୁଇଁ ଗରୀବ ଗୌଡ ଘରର ପିଲା, ମର୍ ପାଠ ବୁଦ୍ଧି ମତେ ଏତକି କରେଁଚି, ନ ହେଲେ ଆମ ପାଖରେ କି ସମ୍ପତ୍ତି ବାଡ଼ି ଭାସି ଯାଉଥୁଲା ତମେମଣେ ଜାଣନ କି ? ସିଟା ପାଇଁ କୁ କନିଆ ବାପାକୁ କନ୍ଦେଇକି ଯୌତୁକ ଆଣିଲେ ତା'ର ଉଶୁରେ କେବେ ଭଲ ପଡବିନି ବଲି ମୁଇଁ

ISSN NO.
2582-208X

ଗୁଟେ ଟଙ୍କା ମିଶା ଯୌତୁକ ନେବିନି ବଲି ଡିସାଇଡ୍ କରି ଦେଇଚି ! ହେଲେ ମାତ୍ରକ ଟୁକି ଫୁଲ୍ ଧୂଉଉବ ହେଁଥିବାର ଅଛି, ତାଇଁରେ କାମ୍ପ୍ରମାଇଜ୍ ନାଇଁ !! ଆମେ ଦେଖବାକୁ ଆଇଥିବା କନିଆ ଇ ଟୁକିଠୁ ଧୂଉଉବ ଆଉରି ସୁନ୍ଦର ହେଁ ନ ଥିବ ପରା ! ମନ ଜୁଠି ଗଲା ସିଠିକି କା ଯିବା ! ସେଟିଂ ହେଁଗଲା ପରେ ତାଙ୍କୁ କିସ ହେଲେ ଫଟକାର କଥା ମଣେ କେଁ ଦବାନିକି !"

ସିନ୍ତି କେଁଲେ ତାଙ୍କର ତାଙ୍କେ ଜାଣିବେନି କି,ଗୁଟେ ସାଇର ଲୁକ ପରା ! - ବାବୁରାଓ କେଁଲା ଓ ସମସ୍ତେ "ଇ ବୁଡୁ ମିଶା କି ଜାଟି ଲୁକ" ବଲି କେଁକି ସି ଟୁକିର ଘରକୁକା ଗଲେ।

ବୁଡୁ କେଁଲା ପରି ସି ଟୁକି ପାଇଁ ମିଶା ବର ଦେଖା ହେଁଥିଲା, ହେଲେ ଖଣ୍ଡେ ନଥିବା ଘର ତ', ଦବାନବାକୁକା ଡରୁଥିଲେ । ସିଟାକା ସି ଘରର ବଡଲୁକ ଆଗରୁ ଜଣେଁଦେଇ କେଁଲେ, ଆମେ ଜାଣଚୁ ବାବୁ, ତମେ ସରକାରୀ ନୌକରୀ କରିଚ, ଯା ଘରକୁ କନିଆ ଦେଖବାକୁ ଆଇଥିଲ, ତାଙ୍କେ ମିଶା ଆମର୍ ଭାଗାରି ଆକା, ହେଲେ ଥିବାର ଲୁକ, ତମ ମହତ ମର୍ଯ୍ୟଦା ଦେଖି ପାରିବେ, ଦବାନବାରେ ଊଣା କରବେ ନାଇଁ, ସିଟା ପାଇଁ କା ସି ମଧ୍ୟବର୍ତ୍ତୀ ଆମ ସାଇରେ ସବୁ ଘରେ ଭିବା ହବାକୁ ଟୁକି ମଣେ ଥିଲେ ମିଶା ତାଙ୍କ ପର୍ସଙ୍ଗ ଆକା ତମକୁ ଦେଇଚି !

ସିଏ କେଁ ଲାଗିଥିଲେ, ହେଲେ ଇ କଥା ମଣେ ଆଉ ଶୁଣିବାକୁ ଧର୍ଯ୍ୟ ନ ଥିଲା ବୁଡୁର । ଡାଇରେକ୍ଟ କେଁଦେଲା, ମତେ କୁଅ, ଭିବା ହବା ଲୁକ ମୁଇଁ, ମର୍ ମନ ଇଠେ ମାନଲା, ମର୍ ମାଆ ମରିଯିବା ପରଠୁ ମର୍ ବାପାକା ମତେ ମଣିଷ କରିଚି, କେବେ ବାସି ପାଣିରେ ପଚାରି ନଥିବା ଦାଦା ଘର ଏବେ ମର୍ ନୌକରି ଦେଖି ସି ପର୍ସଙ୍ଗ ଆଣିଥିଲେ, ମତେ ସି ଝିଅକୁ ଦେଇକି ଝିଅର ଏଲେକ୍ଟ୍ରିସିଆନ୍ ଭାଇ ସାଙ୍ଗରେ ଆମ ଦାଦାର ଝିଅକୁ ପାଲଟା କନିଆ କରେଁଥାନ୍ତେ । ତାଙ୍କ ମଣକୁ ଯୌତୁକ ଆକା ଲୁଡା, ଲୁଭୁରା ମଣେ, ମତେ ଲୁଡା ନାଇଁ, ଆମେ ଭାତ ନୁଣମରିଚ ଖାଇ ପାରବା ଲୁକ, ତମ ଝିଅକୁ ମାତ୍ର ଭଲରେ ରଖବି ଇ ଗେରେଣ୍ଟି ଦେଁଚି ।

ISSN NO.
2582-208X

କନିଆ ଘର ଭିତରୁ ହସ ଶୁଭିଲା, ଇନ୍ତି ସିନ୍ତି ହସ ନାଇଁ, ଫୁଲ୍ ଉଡେଇ ଦେଲା ପରା ମାଇକିଣା ମଣକର ହସ ! ତା ପରେ କନିଆର ମାଆ ଆସିକି ହଁସି ହଁସିକା କୈଲେ, "ହୌ ବାପା,ତମ ହାଣ୍ଡିରେ ଆମର ଟୁକି ଚାଉଳ ପର୍କେଚି ବୈଲେ ଆମେ ଆଉ କିସ କୈବୁ, ଜୁଗ କଢାକଢି କର୍, ତମକୁ ଆକା ଆମର୍ କନିଆ ଦେବୁ !!"

ସମସ୍ତେ ତ ହସିଲେ, ହେଲେ ବୁଡୁକୁ ଦେଖ, ସିଏ ଆଉରି ଗୁଟେ ପେଚି କାଢଲା । କୈଲା, ସିନ୍ତି ହବନି, କନିଆକୁ ଡାକ, ସିଏ ଆସକି କୈବାର ଅଛି ଯେ ସିଏ ମତେ ଭିବା ହବାକୁ ରାଜି ବଲି !

ବାବୁରାଓ ଶାଙ୍କିରି ସମସ୍ତେ ମିଶିକି କେତେ ବୁଝାଇଲେ, "ଆଉ ଲୁଡା ନାଇଁ ରେ ବାବୁ, ହେଲେ ମିଶା ବୁଡୁ ନ ଅପିବାରୁ ବାଧ୍ୟ ହେଇ କନିଆ ଆସି ଖଣ୍ଡେ ହସିକି 'ହୌ' ବୈଲା ଆଉ ଲାଜରେ ପର୍ଲେଗଲା !!

ଏଥର ବୁଡୁର ଶର୍ଦା ଆଉ କୈନ ! 'ଜୁଗ କାଢି ଆସବୁ' କୈକି ସମସ୍ତେ ଆଇଲେ । ବାଟରେ ବୁଡୁ ସମସ୍ତଙ୍କୁ କୈଲା : ଶୁଣରେ ! ଲୁକ ପଚାରଲେ ଇ କନିଆ ଦେଖବାକୁ ମୁଇଁ ଯାଇଥିଲି,ବାଟରେ ଇଟା ହେଲା ସିଟା ହେଲା ବଲି କୈ ଲାଗବନି, ବାବୁମଣେ !

ହେଲେ "ଆଉ କିନ୍ତି ମେରେଜ୍ ସେଟେଲ୍ ହେଲା ବୈଲେ କିସ କୈବୁ ?" ବଲି ଶାଙ୍କିରି ପଚାରିବାରୁ ବୁଡୁ "ନାଇଁ, ବୁଡୁର ପରା ଲଭ୍ ମେରେଜ୍ ବଲି କୈଦବ " !!

ସି ଟୁକିକି ଦେଖଲା ବଳଠୁ ମର୍ ଆଉ କିସ ହୈଥିଲା କି ? ସିଏ ମିଶା ଆସି ମତେକା ଭିବା ହବ ବଲଲା ଆଉ କିସ ପାଇଁ ଯେ ??" ବଲି ଆଖି ମାରଲା ପରା ଖଣ୍ଡେ ଆଖି ଟେରେଇକି କୈଲା ବୁଡୁ !!

ଶୁଣରେ, ଇଟା ଆଉରି ଇ ବୁଡୁର ଲଭ୍ ଗିଭ୍ ପିଣିରେ - ବଲି ବାବୁରାଓ କୈବାରୁ ଶାଙ୍କିରି ହସିହସି କୈଲା : ଓହୋ ଆଇଁକି ଆଉରି କେତେ ଫିଲ୍ ହୈ ଯାଉଚି ଇଏ !

ISSN NO.
2582-208X

ହେଲେ ଇଟାକୁ କିସ ପାଇପ୍ ମୂଳର ଲଭ୍ ବଲବେ କି'ରେ ? ହସିହସି ପଚାରିଲା ବାବୁରାଓ ।

"ନାଇଁ ନାଇଁ ମର୍ ଇଟା ପରା ସି ସେଟଲାଇଟ୍ ଲଭ୍ , ବଲବାଟା !" ଆଉରି ସିନ୍ତିକା ଆଖି ଟେରେଇକି କୈଲା ଲଭର୍ ବୟ୍ ବୁଡୁ ଗୌଡ !! ΔΔΔ

*ରାୟଗଡା ଅଞ୍ଚଳର ଲୋକମୁଖର ଭାଷାରେ ଲିଖିତ ତରଳ ଗଦ୍ୟ ରଚନା*

"ସୁହାସିତମ୍",କସ୍ତୁରୀ ନଗର, ରାୟଗଡା : ୭୬୫୦୦୧
ଭ୍ରାମ୍ୟଭାଷ : ୯୪୩୭୯୦୯୭୭୫

ମୁକ୍ତେଶ୍ୱର – ଭାଗ ୧ ଏବଂ ଭାଗ ୨

https://youtu.be/lGTqCZQ4qsI

https://youtu.be/6oPNIhjkoOU

Please like & Subscribe this video

ISSN NO.
2582-208X

# କଥାନି –
# ନିରମଲ୍ ଭକ୍ତି



ସତ୍ୟନାରାୟଣ ମିଶ୍ର

ଗାଁ ଯାକ ର୍ ଗାଏ ଚରାସି ବୋଲି ଗେବଲୁ ନାଁ କେ ଗୋପାଲୁ ବୋଲି ବଦଲେଇ ଦେଲା ଗାଁ ର୍ ଗଉଡିଆ, ସଖାଲୁ ବାସି ଖୁରେ ଧରିକରି ଗାଏ ନେଇକରି ଯିବା ଯେ ବେଲ ବୁଡ଼େ ଗାଁ କେ ଫିରସି ଗୁପାଲୁ। ଯାହାର ଗାଏ ମାନେ ତାହାର ଘରକେ ଢୁକେଇ ଢୁକେଇ ନିଅ ବଲି ରଡି ଛାଡୁଥିସି । ଇଂତା ଥି ଏକା ସମିଆ ଗୁଏଇ ଦଉଥିଲା ସେ । ପଢ଼ା ଗୁନା ତ କରିନାଇଁ, ହେଲେ ବଡେ ଭଗବାନ ବିଶ୍ୱାସୀ । ହେ ଦିନ ଗାଁ ର୍ ସାଧୁ ମହାରାଜ ନୁ କୃଷ୍ଣ ର୍ ରୂପ ବର୍ଣନା ଆରୁ ଗାଏ ଚରେଇ ଯାଉଥିବା ର୍ ପ୍ରବଚନ ସୁନି କରି ମନେ ମନେ ଯେତେ ଉସତ୍ ହେଲା ସେତେ ଦୁଃଖିତ ବି ହେଲା । ଭାବଲା, ଆହା! କୃଷ୍ଣ କେତେ ସୁକୁମାରିଆ, ସେ ଫୁନି ରଜା ଘର ର୍ ଛୁଆ । ଗାଏ ଚରବା ର୍ ଏତେ ଭିଡ଼ କବାର୍ ସେ ନାଇଁ କରବା କଥା । ଖରା ବର୍ଷା ଶିତେ ଜାଡେ ତାକେ କେତେ ନାଇଁ ବାଧୁଥିବା"

ଏନ୍ତା ଗୁଟେ ଭାବନା ମନ କେ ଢୁକେଇ କରି ସେ ପହଁତିଆ ରେଲଗାଡି ନେ ବସଲା ଆରୁ ସିଧା ଗାଁ ନୁ ଲୁକିକରି ଭାଗଲା ବୃନ୍ଦାବନ କେ । ସେନେ ଲୋକ ମାନକେ ପଚରେ ଯେ କୃଷ୍ଣ କେନେ ରହୁଛେ ? କେନଟା ତାର ଘର୍ ? ଗାଏ ଚରେଇ କେନ୍ ଆଡେ ଯାଇଛେ ? ପାଲୁ ର୍ କଥା ଶୁନି କରି ସଭେଯାକ ଭାବୁଥିଲେ ଇ ପିଲା ପାଗଲ୍ ଟେ ଆଏ । ସେନ ଜଣେ ସାଧୁ କେ ଇ ଭାବେ ଗୁପାଲୁ ପଚାରଲା ଯେନ୍ତା ସାଧୁ ଇ ତାକେ ଭକୁଆ ଠାବ କରି ଭାବଲେ ଆଚ୍ଛା ବେଡା ଟେ ମିଲି ଗଲା । ମୋର୍ ଗାଏ ଦଶ ପଟ ତ ଚରାବା କେ କିହେ ନାଇଁ । ଇ ପିଲା କେ ପ୍ରଭୁ ମୋ ବିହାରିଲାଲ ଜୁଟେଇ ଦେଲେ । କହେଲେ "ବାବୁ ! କୃଷ୍ଣ ଆମର ଇ ମନ୍ଦିରେ ରହେସି । ମୋର୍ ଗାଏ ମାନେ ହେ ଚରାସି, ତୁଇ ଯଦି ମୋର୍ ଗାଏ ମାନେ ଚରାବୁ ତ ମୁଇ ତାହାର ସଂଗେ ତତେ ଭେଟେଇ ଦେମି, ଖାଇବାକେ ତରପାଖକେ ଜନେ ଚେଲା ଖାନା ପହଁଚେଇ ଦେବା, କାଁ ବଲୁଛୁ ? ଗୁପାଲୁ ଉସତ୍ ହେଇଗଲା । କହେଲା "ହଁ"

ISSN NO.
2582-208X

ସାଧୁ ମହାରାଜ, ମୁଇ ରାଜି, ମୁଇ ତମର ସବୁ ଗାଏ ନିଜେ ଚରାମି । ହେଲେ, କୃଷ୍ଣ ବାଗିର ସୁକୁମାରିଆ ପିଲା କେ ତମେ ଗାଏ ଚରେଇ ନି କରବ ଆଜି ଦିନୁ" ।

ସାଧୁ ହଁ ବୋଲି କହେଲାକେ ଗୁପାଲୁ ତାଙ୍କର ଗାଏ ସବୁ କେ ନେଇକରି ସଖାଲୁ ଯାଏ ଯେ ବେଲ ବୁଡ଼େ ଫିରେ । ଖାଇ ପିଇ କରି ରହେଲେ ବି ସାଧୁ କେ ପଚାରେ କୃଷ୍ଣ ସଂଗେ ମୋତେ କାଇଛେ ଭେଟ କରିଦେଲ"? ସାଧୁ ତାହାକେ ବାଆଁ ରେଇ କରି କହନ୍ "ତୁଇ ତ କୃଷ୍ଣ ର୍ କାମ କେ ଛଡେଇ ନେଇ କରି ତାକେ ଉଦ୍ଧାର୍ କରି ଦେଲୁ । ସେ ତାର ମାଉସୀ ଘର ଯାଇଛେ, ଜେଭେ ଫିରବା ଭେଟ କରିଦେମି" ।

ସରଲ୍ ବିଶ୍ୱାସ ଥି ଗୁପାଲୁ ବିଚିରା ଗାଏ ଗୋରୁ ଚରେଇ କରି ବନେ କେତେ ଦିନ ରହିଗଲା। ଦିନେ ବୈଶାଖ ର୍ ଉଜଳ ପଖର୍ ବଡ଼ ଏକାଦଶୀ ଥି ସାଧୁ ରନ୍ଧା ବଢା ନାଇଁ କରି ନ। ଗୁପାଲୁ ର୍ ପାଖକେ ଖାନା ପଠାବା କେ ପାସିରି ଗଲେ ସେ । ଇ ଆଡେ ଖରା ଝାଉ ଥି ଭୋକ ର୍ ଡହଲ୍ ବିକଲ୍ । ଗୁପାଲୁ ଛଟ ପଟ ହେଇ ଖାନା ଆସବା ର୍ ବାଟ କେ ଦେଖୁଥାଏ ନ । ହେଲେ, ଖାନା ଆସଲା ନାଇଁ । ତାର୍ ଭାବ ଭକ୍ତି ଥି ବନ୍ଧା ଭଗବାନ କୃଷ୍ଣ ଜାନିଗଲେ ଭକ୍ତ ର୍ ଗୁଲଗୁଲା । ଗମଛା ଥି ଫଳମୁଲ୍ ଗଠେଇ କରି ହାଜର୍ ହେଲେ ଗୁପାଲୁ ର୍ ଆଘେ । ଗୁପାଲୁ ଜେନ୍ ରୂପେ ଭାବିଥିଲା ସେ ରୂପେ କୃଷ୍ଣ କେ ଦେଖି କରି ଉସତ୍ ହେଲା। ହେଲେ, ଏତେ ଖରା ଥି ଇ କୁସ୍ନ ସୁକୁମାରିଆ କେ ସାଧୁ କହି ପଠାଲେ ବୋଲି ବଡା ରିସ୍ସି ହଉଥେ ସାଧୁ ର୍ ଉପୁରେ । କହେଲା "ଏ କୁସ୍ନ! ତୁଇ ତ ମାଉସୀ ଘରୁ ଆଜି ଫିରିଥିବୁ, ଏତେ ଖରା ଥି ସାଧୁ ତୋର ହାତେ ଖାନା ପଠାଲେ କେଁ ? ଯା ତୁଇ ଜଲଦି ପଲା ମନ୍ଦିର କେ ସୁଇ ପଡବୁ । ରହ ନି ଏତେ ଝାଉ ଖରା ଥି, ଇ ତୋର ଖାନା ବୁଜୁଲି ଇ ଗମଛା ସଂଗେ ଥାଉ । ମୁଇ ଫିରଲେ ଦେମି ନ ତତେ । ଯା ଜଲଦି ..

ବେଲ ବୁଡ଼ା କେ ଗାଏ ମାନ କୁ ଗୁହାଲେ ଢୁକେଇ କରି ସାଧୁ ଆରୁ ଚେଲା ଙ୍କ ର୍ ଭଜନ ସଭାକେ ରାଗ ରାଗ ହେଇ ପହଁଚିଲା ଗୁପାଲୁ । ସାଧୁ କେ କହେଲା ତମେ କଥା ରକ୍ଷା ନି କଲ କେନ୍ତା ମହାରାଜ ? ମୁଇ କହିଥିଲି କୃଷ୍ଣ କେ କେତେବେଲେ ବି ଝାର କେ ନି ପଠାବ ବୋଲି, ଆଜି ତାର ମାଉସୀ ଘରୁ ଆସଲା ଯେନ୍ତା ତାର ହାତେ ଇ ଠୋ ଠୋ ଖରା ଥି ମୋର୍ ପାଖ କେ ଖାନା ପଠାଲ, ସାଧୁ କାବା ହେଇ କରି କହେଲେ "ହେରେ ଏ ଗୁପାଲୁ ! କୃଷ୍ଣ ତ ତାହାର ମାଉସୀ ଘରୁ ଫିରି ନାଇଁ । ଖାନା ପଠାଲି କେତେବେଲେ ? ତୁଇ ପାଗଲ

ISSN NO.
2582-208X

ନାଇଁ ହେବା ର୍ ତ? ଗୁପାଲ କହେଲା, ମୋର୍ ମୁଡ ଭଲ୍ ଅଛେ ଗୁରୁ ! ଦେଖ, ହେଦେ । ଇ ହଲଦିଆ କରିଆ ଥି ତମେ ଖାନା ପଠେଇଛ କି ନି ସୋର୍ କର" ।

"ଆରେ ଇଟା ତ ବିହାରିଲାଲ ନକ ର୍ ଗାମୁଛା !! ମନ୍ଦିର ଭିତରକେ ଯାଇ କରି ଦେଖଲେ କୃଷ୍ଣ ମୂର୍ତ୍ତି ନୁ ଗାମୁଛା ଗାଏବ୍ । ସଭେ ଯାକ ଗୁପାଲୁ କେ ହାତ ଜୁରିଦେଲେ, ସାଧୁ ହେଲେ "ଧଏଁନ୍ ରେ ଗୁପାଲୁ ! ଆମେ ଏତେ ଦିନ ହେଲା ପୂଜା ପାଟ୍ ଭଜନ କୀର୍ତ୍ତନ କରି ବିହାରିଲାଲ କେ ଦର୍ଶନ ନାଇଁ ପାଇପାରି। ତୁଇ ତୋର ସରଳ ବିଶ୍ୱାସ ଆରୁ ନିର୍ମଳ ଭକ୍ତି ର୍ ବଲେ ତାଙ୍କର ଦର୍ଶନ୍ ପାଇଗଲୁ ।

ସିନ୍ଧେକେଲ୍ ବଲାଙ୍ଗୀର
9583605915

## ଦେଖନ୍ତୁ ଗୋଲା କୋକର୍ଣ୍ଣନାଥ ମନ୍ଦିର, ଉତ୍ତରପ୍ରଦେଶ




https://youtu.be/niGvCdGjZ9c

Please like & Subscribe this video

ISSN NO.
2582-208X

# ମାନବିକତା



ସୁଜ୍ଞାନ ବାଘ

ମନ୍ଦିର, ମସଜିଦ୍, ଗିର୍ଜା ଯିବାକୁ
କରୁ ନାହିଁ ଆଜ୍ଞା ମନା
ଅନାଥ, ଗରିବ ଭୋକିଲା ଛୁଆଙ୍କୁ
ହୃଦୟରୁ ଟିକେ ଅନା ।।
ମାଗନ୍ତିନି ସିଏ ହଜାରେ ଦି ହଜାର
ମାଗନ୍ତି କେଇଟା ଟଙ୍କା
ଆପଣ ମାନେ ତାଙ୍କୁ କିଏ ଦିଅନ୍ତିତ
କିଏ ମୁହଁକୁ କରନ୍ତି ବଙ୍କା ।।
ଭଗବାନ୍ ଦେଇଛନ୍ତି ଆପଣ ମାନଙ୍କୁ
ଲକ୍ଷାପତି ଆଉ କିଏ କୋଟିପତି
ଦେଇଦେଲେ କିଛି ସରିବନି ଆଜ୍ଞା
ଆହୁରି କରିବେ ଉନ୍ନତି ।।
ବିବେକ ଟି ଆଜ୍ଞା ସବୁଠାରୁ ବଡ
ଆପଣ ମାନଙ୍କ ପାଖରେ ଅଛି
ଚାହିଁ ଦେଲେ ଟିକେ ମୁରୁକି ହସିବେ
ହୃଦୟରୁ ଦେଲେ କିଛି ।।

ବୌଦ୍ଧ
୭୭୪୯୯୭୧୨୭୬

ISSN NO.
2582-208X

# ଭରମ

କ୍ଷୀରେନ୍ଦ୍ର କୁମାର ସାହୁ

ବୁଡରି ଜାଏସି ମନ
ଉଡରି ଜାଏସି ଆସ
ସରଗ କେ ନିସାନି ବାଁଧବାର
ସପନ ଫସକି ଜାଏସି ଘଡେକେ ।
କିଏ କାର ଆଏ ଗା
ଜଲଡି ଜୁଏ କେ ସବେ ତାପସନ ।
ଆଗ ପଛ ଡେବରି ଭୁଜନି
ସବୁ ସୁଇନ ସୁଇନ
ପଏରଛା ସୁଇନ ।
ପଡକି ଜଉଛେ ସବୁ
ଧରଲା ତାହି ପଖରା ।
ସକାଲ ପଉଛେ ଫି ଦିନ,
ମାତର ଜେନ ଅଁଧାର କେ ଅଁଧାର
ଫାକବାର ନାଁ ନି ।
ରାଏତ ସରତା
ଦିନ ସରତା
ମୁହୁଁ କୁହୁଡା
ରୁସା ଫୁଲା
ରାତିର ଅଁଧାର ଭିତରେ
ଡ଼ଗୋ ଡ଼ଗୋ ଦେଖୁ ଥିବାର ଆଁଏକ
ତରସି ଜାଏସି
ସପନ ଥି ଆଏତା କେଁ
କେନ ଅପସରି ଟେ
ଦେଇ ଦେତା ଜାଦୁ ର ବାଡ଼ି ଟେ
ଛିଏଇ ଦେଲେ
ସବୁ ହେଇ ଜାଏତା
ଝକ ଝକା ମକ ମକା ସୁନାର ଜିନିସ
ମାତର ସବୁ ଛୁଚା ମିଛ
ଗୁଲା ମୁଲା ଅସତ ।

ବରପିଟା, ପାଟଣାଗଡ଼
ବଲଙ୍ଗିର
ମୋ-୯୮୬୧୮୫୨୫୮୭

ISSN NO.
2582-208X

# ମୁଇଁ କହୁଛେଁ ମାଁ ଟେ-କଥାନୀ



ସନ୍ତୋଷ କୁମାର ବେହେରା

ଇନ୍ଦୁମତୀ ଆରୁ ଭାନୁମତୀ ଝଗଡା ହେଲେ, ଦୁଇ ଜନ୍ କହୁଛନ୍ ଇଟା ମୋର୍ ଛୁଆ, ଭାନୁମତୀ କହେଲା ଶୁନ ମୁଇଁ କହୁଛେଁ ମାଁ ଟେ, ଇଟା ମୋର୍ ଛୁଆ ଶପଥ୍ କରି କହୁଛେଁ ଇଟା ମୋର୍ ଛୁଆ, ଇନ୍ଦୁମତୀ ଭି ଇ କଥା କହେଲା ଗାଁର୍ ଲୋକ୍ ଫେସେଲା ନାଇଁ କରି ପାରଲେ କଥାଟା ଗୁରୁଦୁଟେ ବଢଲା । ସାଧୁବାବା ଗୁଟେ ସେ ଦିନେ ଗାଁକେ ଆଇଥିଲେ । ସବୁ କଥା ଶୁନି କହେଲେ ମୁଇଁ ଯଉଛେଁ ତିନ୍ ଦିନ୍ ପଛେ ଆଏମି, ତମର୍ ଝଗଡା ଫେସେଲା କରମି ଆରୁ କହିଦେମି ଯେ ଇ ଛୁଆ କହାର୍ ଛୁଆ ଗାଁର୍ ଲୋକ୍ ରଖିଥଉନ୍ ମୁଇଁ ଆଏଲେ ସବୁ ଫେସେଲା ହେବା ।

ତିନ୍ ଦିନ୍ ହେଲାକେ ସବୁ ଗାଁର୍ ଲୋକ୍ ଜମା ହେଇକରି ସାଧୁବାବା ବାଟ୍ କେ ଚାକିଥିଲେ ଇଟାଇମ୍ ନେ ସାଧୁବାବା ଆସଲେ ଆରୁ କହେଲେ ବିଚାର୍ କରମା, ମୁଇଁ ଯୋଗନେ ବସୁଛେଁ । ମୋର୍ ଦେବୀ ମୋତେ କହେଲେ ମୁଇଁ ତମକୁ ଦୁଇ ଜନ୍ କେ ଡାକମି। ତୁମେ ଦୁଇ ଜନ୍ ମୋର୍ ପାଖେ ବସ । ରାତି ବାର ବାଜଲେ ସବୁ ଜନା ପଡବା ଛୁଆ କାହାର୍ ଟା ରାତି ବାରଟା ଯେନ୍ତା ବାଜଲା, ସାଧୁବାବା ପହେଲା ଇନ୍ଦୁମତୀ କେ ଡାକଲେ ଆରୁ କହେଲେ ଇ ଛୁଆ କେ ଭାଗ କରି ଦେମା, ମୋତେ ଦେବୀ କହେଲେ ମଝିଠାନୁ ଚିରି ଦେମା, ଛୁଆ ନାଇଁ ମରେ ଜୀବଦାନ୍ ଦେବେ ଦେବୀ ହେଲେ ଗୁଟେ ହାତ୍ ଆରୁ ଗୁଟେ ଗୋଡ୍ ରହେବା, ତମର୍ ଦୁଇ ଜନ୍ ଅଧା ଅଧା ଭାଗ୍ କରି ନେଇ ଯ । ଇନ୍ଦୁମତୀ କହେଲା ସାଧୁବାବା ତୁମେ ଯାହା କହେବ ମୁଇଁ ମାନି ନେମି । ସାଧୁବାବା ହେନ୍ତା ହେଲେ ଠିକ୍ ଅଛେ ବଏଲେ ଆରୁ ଖଁଡା ଥି ମାରବାକେ କଲେ ଏତିକି ବେଲକେ ତ ଭାନୁମତୀ ରଡିଦେଲା ନାଇଁ ନାଇଁ ନାଇଁ ମାର ଛୁଆ କେ ଇନ୍ଦୁମତୀକେ ଦେଇ ଦିଅ, ମୁଇଁ

ISSN NO.
2582-208X

କହୁଛେଁ ମାଁ ଟେ । ଛୁଆ ତାର୍ ପଛେ ହଉ ଭଲ୍ କରି ଥଉ । ଇନ୍ଦୁମତୀ କହେଲା ଦେଖେଲେ ଆଜ୍ଞା ଛୁଆ ମୋର୍ ଇଛେନ୍ କେନ୍ତା ମାନିଗଲା । ଛୁଆ କେ ଚିରି ଦେବାର୍ ଲାଗି ମନା କଲା ମୋତେ ଛୁଆକେ ଦଉନ୍ । ଛୁଆ ମୋର୍ ଟା ଦେଖେଲେ ତ ଆଜ୍ଞା। ଗାଁର୍ ଲୋକ୍ ଅବାକ୍ ହେଇ ଦେଖୁଥିଲେ ।

ଏତକେ ସାଧୁବାବା ଭାନୁମତୀ କେ ଡାକି କରି କହେଲେ ଛୁଆଟା ତୁମର୍, କେନ୍ ମା କଭେ ତାର୍ ଛୁଆ କେ ଚିରି କରି ଭାଗ୍ ନାଇଁ କରେ । ତୁମର୍ ଛୁଆ ତୁମେ ନିଅ । ଗାଁ ଲୋକ୍ ସବୁ ସାଧୁବାବା ବିଚାର୍ ଦେଖି ଅବାକ୍ ହେଲେ ।

କପସିଲ୍, ତୁଷୁରା, ବଲାଙ୍ଗିର
ମୋବା:--୭୭୩୫୭୧୫୧୦

ନୈମିସାରଣ୍ୟ
https://youtu.be/KWxtd0IjDUo
Please like & Subscribe this video

ISSN NO.
2582-208X

# କାଏଁଜେ କାନ୍ଦୁଛୁ



ବଲ୍ଲବ ସାହୁ

ଏ ପାଗଲି
ସୁଖର୍ ଦୁନିଆଁ ଥିତ ତୁଇ
ଫେର୍ କାନ୍ଦୁଛୁ..!

ତତେ ଆହା.. କରବା କେ
ହଜାରେ ହାତ୍- ଅକାତ୍ ପାନି
ମୋର୍ ସିନେ ଭେଲା ବୁଡ଼ଲା
ଜାର୍ ହଜଲା ସେ ନୁରବା ନ
ତୋର୍ କାଏଁ ଭାଲନି ଜେ..!

ହେ ସମିଆ କେଭେ ହାର୍ସି କାଁଏ ଲୋ,
ଯେନ୍ତା ମୁଇଁ ହାରିଗଲି
ବିଧାତା ର୍ ନିୟମ୍ ଆଘେ
ହୁମ ଜୁଏ କେ ସାଖି ରଖି
ଆର୍ କାର୍ ହାତ୍ ଧରି
ସାତ ଫେରା ନେଇ
ସତୀ ସାଜଲୁ,

ISSN NO.
2582-208X

ସାଗଂ ସାଥି ଛାଡ଼ଲୁ ଘରବର୍ ପାଏଲୁ
ମୋର୍ ଅପାରୁ ପନ୍ ର ତର୍ଜମା ଛଡ଼ା
କାଣା ମିଲ୍ଲା ମତେ, !

ତୁଇତ ମାଗି ଆନିଛୁ ଉପରବାଲା ନୁ
ଦୁସରା ଅନ୍ଧାନେ ଚଉଲ ଫୁଟାବାର୍
ହେ ଛୁଆ ସମିଆ ର୍ ଧୁଇଲ ଭାତେ
ପେଟ୍ ପୁରତା କାଁଏ..!

ସମିଆର ଆର୍ ଧାରେ ହେ ବିତିଲା ଦିନ୍
ଗୁଟେ ଅଧୂରା କଥାନି ହେବା
ନା,କାହାକେ ସୁନେଇ ହେବା
କି, ମନ୍ ପୁଡ଼ଲେ ଲିଭେଇ ହେବା

ସୁନିଛେ ଯହଁ ହଁସି ପରେ ଭଗବାନ ନି ସହେ
ବିହି ଜୁଖିଛେ କପାଲ ଆଏ
ଜେନଟାଦିନେ ଆମର୍ ଥିଲା
ଆଏଜ୍ ମୋର୍ ଆଏ !

ସୁଖର୍ ଭାଗ୍ ଟା ସିନେ ଭାଗ୍ ବଁଟା
ଦୁଃଖ ର୍ ଭାଗ୍ କିଏ ନେବା ଜେ
ଭୁଗବାର୍ କେ ହେବା ଏକଲାପନ୍
ବାହି ନେବାର୍ କେ ହେବା
ଜିବନ୍ ଡଙ୍ଗା ;!!

ISSN NO.
2582-208X

ସାବାସି ଦେବାର୍ ଲୋକ ଆପେ କହେବା
ଦେଖ୍ ଦଁହପିଆ ଦୁଇପାହା ଟାକିଛେ ମୁଇଁ
ଅମା ରାଏତ ପାହିଛେ ସକାଲ ର ଉଜୁଲ୍
ଠାରୁଛେ ଫେର୍ ଘାଏ ନୁଆ ଜୀବନର ମୁଲ୍

ସଂସାର ଅସାର୍ ହେଲେବି ବାକି ଜିବନ୍
ଜିଁ, ଜିବାର୍ ଟା ହିଁ ତ ଅସଲ୍ ଜୁଆ
ହାର୍ ଜିତ୍ ତ ଖେଲ ର ନିୟମ୍
କିଏ ଜାନେ ସକୁନି ପଲଟା ପସା ଥି
ଗୁଟା କେନ୍ଟା ପଡବା ଜେ..!

ଡାଙ୍ଗବାହାଲ,ଗାଇସିଲ୍‌ଟ, ବରଗଡ
ମୋ-୭୮୪୭୯୫୬୨୯୩

## ଋଷିକେଶ ଭାଗ ୧ ଏବଂ ୨

https://youtu.be/efVoLlkp6ZA

https://youtu.be/EKb2ORmerzs

Please like & Subscribe this video

ISSN NO.
2582-208X

# କଲମ୍ ଗାର



ଆୟୁଷ ବଢ଼ାଇ

ହେ କଲମ୍
ଝରସୁ ତୋର ମୁନେ
ଦୁନିଆ ଜାକିର କଥା
ହେ କଲମ୍
ଉଠଶୁ ତୋର ଆବାଜେ
ଧରି ଦୁଃଖୀ ଦରିଦ୍ରର ବ୍ୟଥା ।।

ହେ କଲମ
ଗଢଶୁ ତୋର ହାତେ
ଅବହେଳିତ ମାଙ୍କର ଭାଗ୍ୟ। ।

ହେ କଲମ
ହସଶୁ ତୋର ମୂନେ
କହଳୀୟା ହସି

ହେ କଲମ
କାହାର ଲାଗି ହେଶୁ
ମୃତ୍ୟୁ ର କାରଣ
ତ ବରଦାନ କାହାର ଲାଗି

ହେ କଲମ
ସତ୍ କେ ଉଜାଗର କାରବାର
କେ ପଛେ ପଡସୁ ଲାଗି ।।

ବାଣିଜ୍ୟ ବିଭାଗ, ଗଙ୍ଗାଧର ମେହେର
ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ayushbadhai191@gmail.com

ISSN NO.
2582-208X

# ତମର୍ 'ଭାବ୍'



ସୁନୀଲ କୁମାର ଅଗସ୍ତି

ଗୁଲା ପୁରଥି ଭିତରର୍
କାଏଁଟା ବଲୁଛ,
ପରକୁତିର୍ ବାହାରନିଆଁ ଗଲେ
ମହାକାଶ୍ ଠାନୁନ୍ ଆର୍ କେଡେ
ଉଁଚା ଦରଜାର୍ ତମର୍ ଭାବ୍
ତମର୍ କହେତି କେ,ହେଲେ
ହେ' ମହାକାଶ୍ ଗଲେ
ପରକୁତିର୍ ଭିତରର୍ ଆଏ କାଏଁ ଯେ
ଆମର୍ ଜାନ୍'ତେ,ଫେର୍ ଦେ'ଖ
ଫଟୁ ଠାନୁନ୍ ଯହକରି ଚମକ୍ ନି'ସେ
ମନବୁଝା କଥା ଯେତେ ତମର୍
ସରଲି ଯାଉଥସି ସରଲି ଆଉଥିସି,
ହେଲେ ମଚାନେ ନାଟ୍ କଲା ବେଲର୍
ନକଲି ଶବଦ୍ ଜାଲେ
ମଚାନର୍ ଆଗ୍ ଫାଲର୍ ଦେଖନକାର୍ ଯେତେ
ସରଲି ଯାଏସନ୍ ବିନ୍ ମୋଲର୍ ପଖନ୍ ଥିଁ,
'ତମର ଭାବ୍' ହେଟା ଆଏ ବାଗିର୍ ଲାଗସି
ଘଡେ ଲେଖା,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# କଁସ ବୋଏଲା ଯେ ଦେବକୀ କେ ରିସେ



କୁମରଲାଲ ରଣା

କଁସ ବୋଏଲା ଯେ ଦେବକୀ କେ ରିସେ
କିଆଁ ଧରମ୍ କରୁଛୁ
ଲୁଚେଇ ରଖିଛୁ ଦୁହି ପୋକେ ତୋର୍
କାଏଁ କଥା ଯେ ଭାବୁଛୁ ॥୧॥
ନାଇ ଜାନବାର୍ କେଁତୋର୍ ବୁଧିକେ
କିଆଁଯେ ହେତକି ରିସ୍
କୃସ୍ନ ବଲରାମ ଗୋପପୁରେ ରଖି
ହେଉଛୁ କେଁ କିସ୍ କିସ୍ ॥୨॥
ନାଇ ଜାନି ମୋର୍ କରାମତି ଗୁନ୍
ଗୁପତ୍ କରୁଛୁ ମକେ
ମୋର୍ ହାତେ ଜଦ୍ରି ପଡିଯିବା ବୌଲେ
ମାରିଦେମି ତକେ ହକେ ॥୩॥
ଇ କଁସରଜାର୍ କରାମତି ଗୁନ୍
କେନ୍ ନାଇ ପାରେ ଜାନି
ଇନ୍ଦର ରଜାକେ ଚଟନି ଖୁଆନି
କରିଦେଲି ତାକେ ହାନି ॥୪॥

ISSN NO.
2582-208X

ମୋର୍ ପାଦେ ଖଟେ     ମୋର୍ ପାଦ ସେବେ
ସେ ଅହଙ୍କିରିଆ ଯମ୍
ତାକେ ତ ବାନ୍ଧିଛେ     ମଥୁରାକେ ଆନି
ତୋର ଭାଏଗ୍ କେଁ ଲମ୍ ॥୫॥
କୁବେର୍ ହାତୁନୁ     ଛଡେଇ ଆନିଛେ
ତାର୍ ପଦ୍ ଭାର୍ କେତେ
ବରୁନର୍ କଥା     ନାଇ କହନ
ମୋର୍ ଗୁନ୍ ଅଛେ ଜେତେ ॥୬॥
ତେତିଶ କୋଟିର୍     ଦେବତା ଥିଲେ
ସରଗ୍ ପୁରେ କେଁ ଲୁକି
ସବକେ ବାନ୍ଧିଲି     ହାତ ଗୋଡ୍ ତାକର୍
ନାଇ ଗଲେ କେ ବୁଚକି ॥୭॥
ନାରଦଠାନୁ ଯେ     ଖବର୍ ପାଇଛେଁ
କୃସ୍ନର୍ ଯେତେକ୍ କଥା
ଗୋପେ ରଜା ନନ୍ଦ     ରଖିଛେ ସୁନି
ଘୁରି ବୁଲୁଅଛେ ମଥା ॥୮॥
ତାର୍ କାଏଁ ଗଲା     ମୋର୍ ଲାଗି ହକେ
କରୁଛେ ବଡା ଭୁର୍କୁଟି
ଦେଖାଯିବା ତାର୍ କେତେ ଅଛେ ପନ୍
କେନତା ହେବା ଯେ କଁଟି ॥୯॥
କେତେ ତାର୍ ଗୁନ୍     ରହିଛେ ପୁଇନ୍
କେନତି ଯେଇ ଲୁକବା
ଯେନତି ଗଲେ ସେ     ହେତିକେ ଜିମି
ଆଗକେ ତ ଦେଖାଯିବା ॥୧୦॥
ପାତାଲ ସରଗ୍ ମରତ ଭୁବନ୍
ଯେନ ଠାନେ ଯାଇ ଲୁକୁ

ISSN NO.
2582-208X

ଖୋଜି ଖୋଜି କରି ଗୁଡେଇ ଗୁଡେଇ
ଲଗେଇ ଦେମି ତାକେ ଡାକୁ ॥୧୧॥
ମୋର୍ ସଇନ୍ ଯେତେକ ଅଛେ ଭରି
ସଭେ ଗୁଟେ ଗୁଟେ ଡାକୁ
ଯେନ୍ ଠାନେ ଯାଇ ଗୁପତନେ ରହି
ଯେନ୍ ଠାନେ ସେହୁ ଲୁକୁ ॥୧୨॥
କେତେ କରାମତି ବଲ ମୋର୍ ଅଛେ
ସବକେ ଅଛେ ଯେ ଜନା
ମୋର୍ ହାତେ ତୁଇ ପରି ଗଲେ ତୋର
ବୁଧି ହେଇଜିବା ବନା ॥୧୩॥
ଅହକରିଆ ସେ ଗୋପ ପୁରିଆ
ଗହୁର ରଜା ସେ ନନ୍ଦ
ମୋର୍ କଥା କାଏଁ ନାଇ ଜାନି
କରୁଛେ କାଏଁଯେ ଫାନ୍ଦ ॥୧୪॥

ମହୁଆଭଟା ନୂଆପଡା
ବଲାଙ୍ଗୀର

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ନୂଆ ପରିବା



ଡ଼ଃ ରଞ୍ଜିତ କୁମାର ସାହୁ

ଛୁଟି ମିଳିଥିବାରୁ ବାପା ବହୁତ ଖୁସି ଥିଲେ । ସପ୍ତାହଟିଏ ଲାଗି ରାଜଧାନୀ ଦିଲ୍ଲୀରେ ବୁଲିବା ଲାଗି ପରିବାର ସାଥିରେ ବାହାରିଥିଲେ । ମିନୁ ଆଉ ରୀନାର ଖୁସୀର ସୀମା ନ ଥଏ । ଦିନେ ଭ୍ରମଣ ସାରିବା ପରେ ରାତ୍ରି ଭୋଜନ ଲାଗି ହୋଟେଲଟିଏ ଖୋଜିବାକୁ ଲାଗିଲେ ।

ହୋଟେଲରେ ଖାଇବା ଯଦିଓ ସେତେ ଶୌକ ନଥିଲା କିନ୍ତୁ ଭ୍ରମଣ ସମୟରେ ଏହାର ବିକଳ୍ପ ମଧ୍ୟ ନଥିଲା । ତେଣୁ ଏହି ସୁଯୋଗକୁ ହାତ ଛଡା କରିବାକୁ ମିନୁ ଚାହୁଁ ନଥିଲା । ଯାହା ହେଲେ ମଧ୍ୟ ଏହା ନୂଆ କିଛି ଖାଇବାର ଲାଗି ସୁଯୋଗ ଟିଏ । ଘରେ ତ ସବୁ ବେଳେ ବୋଉ ପାରମ୍ପରିକ ଖାଦ୍ୟ ତିଆରି କରୁଛନ୍ତି ଏବଂ ବେଳେ ବେଳେ ଦକ୍ଷିଣ ଆଉ ଉତ୍ତର ଭାରତର ବ୍ୟଞ୍ଜନ ମଧ୍ୟ । ତେଣୁ ଏଥର ଟିକିଏ ଅଲଗା କିଛି ଖାଇବାର ସୁଯୋଗ ମିଳିବ । ବୋଉର ମଧ୍ୟ ଇଛା ଟିକିଏ ଅନ୍ୟ ପ୍ରକାରର ବ୍ୟଞ୍ଜନର ସ୍ୱାଦ ଅନୁଭବ କରିବା ଲାଗି । ବାପା ରାଜି ହୋଇଗଲେ ଗୋଟିଏ ପାଶ୍ଚାତ୍ୟ ଧରଣର ହୋଟେଲ୍ ରେ ଖାଇବା ଲାଗି ।

କିଛି ସମୟରେ ସେମାନେ ଗୋଟିଏ ହୋଟେଲ୍ ରେ ପହଁଚିଲେ ଯେଉଁଠାରେ ବିଦେଶୀ ଖାଦ୍ୟ ମିଳୁଥିଲା । ମେନୁ କାର୍ଡ ଦେଖିକି ରୀନା ଗୋଟିଏ ବ୍ୟଞ୍ଜନ ଦେଖାଇଲା ଯେଉଁଥିରେ ସବୁଜ ରଙ୍ଗର କିଛି ଗୋଟିଏ କଟା ହେଇଥିଲା । ତାହା ଇଉରୋପୀୟ ବ୍ୟଞ୍ଜନଟିଏ ଯେଉଁଥିରେ ତାହା ସହ ଅନ୍ୟ କିଛି ସିଝା ମଧ୍ୟ ମିଶା ହୋଇଥିବା ଭଳି ଲାଗୁଥିଲା ।

ISSN NO.
2582-208X



"ମୋତେ ତ ଏହି ଇଉରୋପୀୟ ପୋଶେଇବ ନାହିଁ, ଏଇଟା କଣ ଭାରତୀୟ ବ୍ୟଞ୍ଜନରେ ମିଳେ ନାହିଁ? ମୁଁ ତ ରୁଟି ଖାଇବି ଭାବୁଛି," ବୋଉ କହିଲେ ।

"ଆପଣଙ୍କ ପାଇଁ ଏହାକୁ ଆଳୁ ସହ ତିଆରି କରି ପାରିବୁ," ୱେଟର ଜଣକ କହିଲେ । ବୋଉ ହଁ ଭରିଲେ ।

"ମୋତେ ତ ଏଗୁଡିକ ସରୁଆ ବାଉଁଶ ଗଜା ଭଳି ଲାଗୁଛି," ମିନୁ କହିଲା ।

ବାପା ତାହାକୁ ବୁଝେଇ କହିଲେ," ଏହା ମଧ୍ୟ ଏକ ପ୍ରକାର ଗଜା । ଏହାକୁ ଆସ୍ପାରାଗସ କୁହନ୍ତି । ଯେପରି ବାଉଁଶର ଗଜାକୁ ପରିବା ଭଳି ବ୍ୟବହାର କରାଯାଏ ସେହି ପରି ଆସ୍ପାରାଗସର ଗଜାକୁ ମଧ୍ୟ ବ୍ୟଞ୍ଜନରେ ବ୍ୟବହାର କରାଯାଏ । ଏହା ମୂଳତଃ ସବୁଜ, ଧଳା ଏବଂ ବାଇଗଣି ରଙ୍ଗର ହୋଇଥାଏ । ପାଶ୍ଚାତ୍ୟ ଦେଶରେ ଏହାକୁ ସାଧାରଣତଃ ଭାଜି କିମ୍ବା ସିଜେଇ ବ୍ୟବାହର କରା ଯାଏ । "

ISSN NO.
2582-208X



"ମୁଁ ତ ପ୍ରଥମ ଥର ଦେଖୁଛି, କେଜାଣି କେମିତି ଲାଗିବ, ଅର୍ଡର କରିଦେବି କିନ୍ତୁ," ମିନୁ କହିଲା ।

"ଭଲ ଜିନିଷଟିଏ ବାଛିଛୁ," ବାପା କହିଲେ । "କେମିତି ?" ରୀନା ପଚାରିଲା ।

ବାପା କହିଲେ, "ଏଥିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ତତ୍ୱ ଥିବାରୁ ଏହାର ଚାହିଦା ବଢ଼ିବାରେ ଲାଗିଛି । ମୁଖ୍ୟତଃ ଏଥିରେ ଭିଟାମିନ କେ ଥାଏ ଯାହା ରକ୍ତ ଜମାଟ ହେବାରେ ସାହାଯ୍ୟ କରେ । ଏହା ବ୍ୟତୀତ ଏଥିରେ ଭିଟାମିନ ଏ ଆଉ ସି, ଲୌହ ଏବଂ କିଛି ପରିମାଣରେ ଭିଟାମିନ ବି ମଧ୍ୟ ଅଛି । ଅଧିକ ତନ୍ତୁ ଥିବାରୁ ଏହା ପାଚନ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରେ । ଏଥିରେ ଥିବ ପୋଟାସିଅମ ରକ୍ତଚାପ ନିୟନ୍ତ୍ରଣରେ ସହାୟକ ହୁଏ ଏବଂ ଆସ୍ପାରାଜିନ ନାମକ ଆମିନୋ ଏସିଡ ମୂତ୍ର ପ୍ରକ୍ରିୟାରେ ସାହାଯ୍ୟ କରେ । ଅଳ୍ପ ଶର୍କରା ଏବଂ ଅଧିକ ତନ୍ତୁ ଥିବାରୁ ଏହା ଓଜନ ହ୍ରାସରେ ମଧ୍ୟ ସହାୟକ ହୁଏ ।"

"ତୁ ମୋଟି ହେଇ ଯାଉଛି ଏଥର ବାଡ଼ିରେ ଏହାକୁ ଚାଷ କରିବା, ତୁ ଖାଇବୁ," ରୀନାକୁ ମିନୁ ଚିଡେଇଲା ।

ISSN NO.
2582-208X



"ଏଇଟା ପରିବା କେବେଠୁ ହେଲା ? ମୁଁ ତ କେବେ ଦେଖିନି," ବୋଉ କହିଲେ ।

"ଏହା ଏକ ପ୍ରାଚୀନ ପରିବା ଏବଂ ଗ୍ରୀସ ଏବଂ ଇଜିପ୍ଟ ରେ ଏହାର ବ୍ୟବହାରର ଐତିହାସିକ ପ୍ରମାଣ ମିଳେ । ଅଧିକାଂଶ ସମୟରେ ଏହା ପଶ୍ଚିମ ଇଉରୋପରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଚାଷ ହେଉଥିଲା ଏବଂ ଏହା ଲବଣାକ୍ତ ମାଟିରେ ବଢ଼ିବାର କ୍ଷମତା ରଖେ । ଇଉରୋପରୁ ଆବିର୍ଭାବ ହୋଇଥିବା ଏହି ପରିବାର ଆଜି ସବୁଠାରୁ ଅଧିକ ଉତ୍ପାଦନ ଚୀନରେ ଏବଂ ପେରୁର ହୁଏ । ଭାରତରେ ଏହାକୁ ଲୋକ ଧୀରେ ଧୀରେ ବ୍ୟଞ୍ଜନରେ ବ୍ୟବହାର କଲେଣି ଯେଉଁଥି ପାଇଁ ତୁମକୁ ଏହି ଆଳୁ ସହିତ ମିଶା ହୋଇଥିବା ମସଲା ଭଜା ମିଳିବ," ବାପା କହିଲେ ।

ଏଥିମଧ୍ୟରେ ଓ୍ୱେଟର ସମସ୍ତଙ୍କର ବରାଦ ନେଇ ଆସିଲା ଏବଂ ସମସ୍ତେ ଖାଇବା ଆରମ୍ଭ କରିଦେଲେ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ମଜା ହୋଇଗଲା ସଜା



ପ୍ରକାଶ କୁମାର ଗୁନ୍ଦ

ସକାଳୁ ସକାଳୁ ପୋଖରୀ ପାଣିରେ
ଯାଇଥିଲେ ହନୁଅଜା
ବିଲୁଆ କହିଲା ଟେକାଟିଏ ମାରି
ଦେଖିବା ଅଜାଙ୍କ ମଜା ।।

ବୁଦା ପଛପଟୁ ବିଲୁଆ ଗଧିଆ
ଟେକାଟିଏ ଦେଲେ ଛାଡି
ଟେକା ବାଜିଲାରେ ଅଜାଙ୍କ ନୋଟାରେ
ପାଣି ଗଲା ସବୁ ଇଡି ।।

ଦୁହେଁ ଦଉଡିଲେ ବୁଦା ଭିତରକୁ
ଅଜାଠୁ ଲୁଚିବା ପାଇଁ
ଆଗେ ଥିଲା ଗୋଟେ ବଡଖାଲ ବୋଲି
ବିଲୁଆକୁ ଜଣାନାହିଁ ।।

ଖାଲେ ପଡିଗଲା ଗୋଡ ଭାଙ୍ଗିଗଲା
ବିକଳେ ଛାଡିଲା ରଡି

ISSN NO.
2582-208X

ରଡି ଶୁଣି ଅଜା ଆସିଲେ ଦଉଡି
ଛତା ନୋଟା ସବୁ ଛାଡି ।।

ଦେଖିଲେ ବିଲୁଆ ଖାଲରେ ପଡିଛି
ଗୋଡ ଯାଇଅଛି ଭାଙ୍ଗି
କହିଲେ ଟେକାଟେ କାହାକୁ ଫିଙ୍ଗିଲେ
ପଥର ଥୁଆ ତା ଲାଗି ।।

କାନ ମୋଡିହୋଇ କହିଲା ଗଧିଆ
କ୍ଷମା କରିଦିଅ ଅଜା
ମନେମନେ ଦୁହେଁ ବସି ଭାବୁଥିଲେ
ମଜା ହୋଇଗଲା ସଜା ।।

ଜୟପୁର ଶାସନ ପିପିଲି ପୁରୀ
ମୋ-୯୮୫୩୩୫୪୯୩୮

ISSN NO.
2582-208X

# ସ୍ୱଚ୍ଛ ଦୀପାବଳି



ଅମରନାଥ ବାରିକ

ଝାଟିମାଟିର ସୁନ୍ଦର ଘରଟିଏ । ଘରକୁ ଲାଗି ଏକ ସୁନ୍ଦର ଫୁଲର ବଗିଚା । ଆଉ ଚାରିପଟେ ଉଚ୍ଚା ହୋଇ ପାଚେରି, ଘର ଅଗଣାରେ ତୁଳସୀ ଚଉଁରା । ମା' ଘର ଅଗଣାକୁ ଲିପାପୋଛା କରି ଝୋଟି ଚିତା ଏମିତି ଆଙ୍କିଛନ୍ତି ଯେ ସେ ଚିତା ସତେ ଯେମିତି ମଣିଷ ମାନଙ୍କ ସହିତ କଥା ହେଉଛନ୍ତି । ତା' ଉପରେ ମାଟି ଦୀପମାନ ରଖି ସାରା ଘରଟାକୁ ଏମିତି ସଜାଇଛନ୍ତି ସତେ ଯେମିତି ଆକାଶର ତାରା ମଣ୍ଡଳ । ପୁଣି ତା' ସାଙ୍ଗକୁ ମା' ହାତ ତିଆରି ମଣ୍ଡା, ଆରିଶା, ଚକୁଳି ପିଠା, ଖସା, ମୁଢ଼ି, ଚୁଡ଼ା ନଡ଼ିଆ, ଗୁଡ, ଚିନି, ଛେନା, କ୍ଷୀର ଓ ଘିଅରେ ନିର୍ମିତ ବିଭିନ୍ନ ମିଠାଇ, ଲଡ୍ଡୁ, ମାଲପୁଆ, ଗଜା, ଖଜା, କ୍ଷୀରି, ପୁରି, କଦଳୀ, ସର ଓ ଲହୁଣୀ ଭୋଗ ହୋଇଛି । କାରଣ ଆଜି ହେଉଛି ଆଲୋକର ପର୍ବ ଦୀପାବଳି । ବାପା କ୍ଷେତରୁ ସୁଖିଲା ନଳିତା ଗଛର ପିମ୍ପୈଇ ଖାଡ଼ି କାଟି ଆଣିଛନ୍ତି । ଏହି ଅମାବାସ୍ୟା ସନ୍ଧ୍ୟାରେ ସମସ୍ତ ପରିବାର ଲୋକେ ମିଶି ପିମ୍ପୈଇ ଜାଳି ପୂର୍ବପୁରୁଷ ମାନଙ୍କୁ ପିଣ୍ଡ ଦାନ କରିବେ ।

ଚଗଲାର ସାଙ୍ଗ ଚଗଲାକୁ କହିଲା, "ଆରେ ଚଗଲା ତୁ ଆଜି ସନ୍ଧ୍ୟାରେ ଆମ ଘରକୁ ଆଗ ଆସିବୁ, ଆମେ ଦୁହେଁ ମିଶି ବାଣ ଫୁଟାଇ ବହୁତ ମଜା କରିବା । ଆଉ ତା' ପରେ ପୁଣି ତମ ଘରକୁ ଯିବା।" ଚଗଲା ତା' ସାଙ୍ଗ ଘରକୁ ଯାଇ ଦେଖିଲା ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ହୋଇଥାଏ ତାଙ୍କ ଦୁଇ ମହଲା କୋଠା । ବଜାରରୁ ବିଭିନ୍ନ ପ୍ରକାରର ଦାମି ମିଠାଇ ବର୍ଗର ପିଜା କପଡ଼ା ବାରୁଦରେ ତିଆରି ହୋଇଥିବା କେତେ

ISSN NO.
2582-208X

ପ୍ରକାରର ବିଦେଶୀ ବାଣ, ଏମିତିକି ଫାଟିଲେ ବହୁତ ଜୋର ଜୋରରେ ଶବ୍ଦ କରୁଛି । ଭଳିଭଳିକା ରଙ୍ଗୀନ ଧୂଆଁ ବାହାରି ଅନେକ ଡିଜାଇନରେ ଖେଳି ଯାଉଛି, ଏମିତି ଆହୁରି କିଛି । ତାହା ସବୁ ଉପଭୋଗ କରିବା ପରେ ଦୁଇଜଣ ସାଙ୍ଗ ଫେରି ଆସିଲେ ଚଗଲାଙ୍କ ଘରକୁ । ଏବେ ଚଗଲାର ବାପା, ମା', ସମସ୍ତ ପରିବାର; ଚଗଲା ଏବଂ ତା' ସାଙ୍ଗ ମିଳିମିଶି ମହମବତୀ ଦୀପ ଲଗାଇ ଘଣ୍ଟ ଘଣ୍ଟା ବଜାଇ ଦିଅଁ ଦେବତାଙ୍କୁ ପୂଜା କରିବା ପରେ ଅଗଣାରେ ପିମ୍ପେଇ ଖାଡି ଜଳାଇ ବଡ଼ବଡୁଆଙ୍କୁ ଡାକିଲେ । ଶେଷରେ ସମସ୍ତେ ଏକାଠି ବସି ଘରେ ତିଆରି ହୋଇଥିବା ସୁସ୍ୱାଦୁ ଭୋଜନ କରି ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶଟିଏ ସୃଷ୍ଟି କଲେ ।

ସବୁ ସରିବା ପରେ ଚଗଲା ପ୍ରଶ୍ନ କଲା ତା' ବାପାଙ୍କୁ, ଯାହା ଯାହା ଦେଖିକରି ଆସିଥିଲା ତା' ସାଙ୍ଗ ଘରୁ, ସବୁ କଥା କହିଲା । ଶୁଣି ସାରିବା ପରେ ଚଗଲାର ବାପା ଚଗଲାକୁ ଓ ତା' ସାଙ୍ଗକୁ ବୁଝାଇଲେ । ଦେଖ ପିଲାମାନେ ଦୀପାବଳି ଉତ୍ସବ ହେଉଛି ଆଲୋକର ପର୍ବ । ଆମେମାନେ ସମସ୍ତେ ଏହି ପର୍ବରେ ମହମବତୀ ଆଉ ଦୀପ ଜଳାଇ ଅନ୍ଧାର ଦୂର କରିଥାଉ । ସୁଖ ଓ ସମୃଦ୍ଧି ପାଇଁ ଆମକୁ ଦୁନିଆକୁ ଆଣିଥିବା ଆମ ପୂର୍ବପୁରୁଷ ମାନଙ୍କୁ ଏହି ପବିତ୍ର ଦିନରେ ସ୍ମରଣ କରିଥାଉ । ଏହା ବ୍ୟତିତ ଘରେ ତିଆରି ହୋଇଥିବା ଜିନିଷ ମା' ନିଜ ହାତରେ କରିଥିବା ପିଠା ପଣାରେ ଯେଉଁ ସ୍ୱାଦ ଥାଏ ତାହା ବଜାରରୁ ଆସିଥିବା କୌଣସି ଜିନିଷରେ ନଥାଏ । ଆଉ ବାକି ରହିଲା ବାଣ । ବାଣ ଫୁଟାଇବା ଦ୍ୱାରା ସେଥିରୁ ଯେଉଁ ବିଷାକ୍ତ ଧୂଆଁ ନିର୍ଗତ ହୁଏ ତାହା ଆମ ବାୟୁମଣ୍ଡଳକୁ ଦୂଷିତ କରିଥାଏ । ସେହି ବାୟୁକୁ ଆମେ ପ୍ରଶ୍ୱାସ ଆକାରରେ ଗ୍ରହଣ କରିଥାଉ । ଯାହା ଆମ ଶ୍ୱାସ ନଳୀ ରନ୍ଧ୍ର ଉପରେ ପ୍ରଭାବ ପକାଇଥାଏ । ବେଳେବେଳେ ବାରୁଦ ଆମ ହାତରେ ଲାଗିଯାଇ ହାତ ଜଳିଯାଏ ଖଣ୍ଡିଆ ଖାବଡା ହୁଏ । ଆଖିରେ ପଡ଼ିଗଲେ ଆଖି ନଷ୍ଟ ହୋଇଯାଏ । ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଜୁଳି ହେଉଛି ଆମ ରାଷ୍ଟ୍ରୀୟ ସମ୍ପଦ, ତାକୁ କେବେ ନଷ୍ଟ କରିବା ନାହିଁ । ଆବଶ୍ୟକ ଅନୁଯାୟୀ ତାହା ବ୍ୟବହାର କରିବା ଅନ୍ୟଥା ନୁହେଁ । ଆମେ ବିଜୁଳି ସଞ୍ଚୟ କରି ରଖିଲେ ଆମ ଆଗାମୀ ପିଢ଼ୀଙ୍କ କାର୍ଯ୍ୟରେ ଲାଗିବ । ତେଣୁ, ଆମେ ସବୁବେଳେ ଏପରି ଅନୁଚିତ କାର୍ଯ୍ୟରୁ ଦୂରେଇ ରହିବା ।

ISSN NO.
2582-208X

ଏଥର ଚଗଲା ଓ ତା' ସାଙ୍ଗ ଦୁହେଁ ବୁଝିପାରିଲେ । ନିଜେ ସଚେତନ ହେବା ସଙ୍ଗେ ସଙ୍ଗେ ସମାଜରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ପ୍ରତିଶୃତି ଦେଲେ । ଆସନ୍ତାଥର ଦୀପାବଳିରେ ବାରୁଦ ବାଣ ବ୍ୟବହାର ନକରି ଦୀପ ଆଉ ମହମବତୀରେ ଦୀପାବଳି ପାଳନ କରିବା ପାଇଁ ସ୍ଥିର କଲେ ।

ପରିବେଶ ସ୍ୱଚ୍ଛ ରଖିବା ସୁସ୍ଥ ରହିବା ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

# ଶିଲଂଗ, ଛେରାପୁଞ୍ଜି ଏବଂ ଡାଉକି ଲେକ୍-ଭାଗ ୧ ଏବଂ ୨

https://youtu.be/RQEt5qUx4Ms

https://youtu.be/7cylYfqvbII

Please like & Subscribe this video

ISSN NO.
2582-208X

# ଆସିଲାରେ ଶୀତ ଆସିଲା



ଜ୍ୟୋତିର୍ମୟୀ ସାହୁ

ଆସିଲାରେ ଶୀତ ଆସିଲା
ବାଡ଼ି ବଗିଚାରେ ନାନା ଜାତି ଫୁଲ
ମନ ଆନନ୍ଦରେ ହସିଲା...
ଆସିଲାରେ ଶୀତ ଆସିଲା ।

ପନିପରିବା ଜାତି କି ଜାତି
ସବୁଜ କ୍ଷେତେ ଗଲାଣି ଲୋଟି
କଅଁଳ ଖରା ପଡ଼ିଲା...
ଆସିଲାରେ ଶୀତ ଆସିଲା ।

ପରଜାପତି ଉଡ଼ି ଉଡ଼ିକା
ଫୁଲରୁ ଫୁଲ ଛୁଇଁ ଛୁଇଁକା
ପରାଗରେଣୁ ବୁଣିଲା...
ଆସିଲାରେ ଶୀତ ଆସିଲା ।

ପାଗକୁ ଦେଖି ଲାଗୁଛି ଡର
ଶୀତ ପୋଷାକ ଭାରି ଆଦର
ଉମ୍ନେଇ ନିଆଁ ଜଳିଲା...
ଆସିଲାରେ ଶୀତ ଆସିଲା ।

ISSN NO.
2582-208X

ସଞ୍ଜ ନଇଁଲା ଆସିଲା ରାତି
ମାଆ ଜାଳିଲେ ସଞ୍ଜ ଆଳତୀ
ଶୀତରେ ଦେହ ଥରିଲା...
ଆସିଲାରେ ଶୀତ ଆସିଲା ।

ଶୀତକୁ ଡରି ନ କର ମଠ
ଅଳସ ଛାଡ଼ି ପଢ଼ିବା ପାଠ
ପରୀକ୍ଷା ଏବେ ଆସିଲା...
ଆସିଲାରେ ଶୀତ ଆସିଲା ।

ଶ୍ରେଣୀ : ସପ୍ତମ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ମହୁଲପାଳ (ତାଳଚେର)

## ସାଣ୍ଡି ପକ୍ଷୀ ବିହାର

https://youtu.be/QczBYdnEVkE

Please like & Subscribe this video

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

## ମତାମତ/ସମୀକ୍ଷା

### ବେଦାନ୍ତୀ -
### ନଭେମ୍ବର ସମୀକ୍ଷା



ଦେବଯାନୀ ସ୍ୱାଇଁ

ଏଥରକ "ବେଦାନ୍ତୀ" ର ପ୍ରଚ୍ଛଦ ପୃଷ୍ଠାରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ଆମ ଓଡିଆ ଜାତିର ଗର୍ବ ଓ ଗୌରବର ପରମ୍ପରା ଡଙ୍ଗା ଭସା ପର୍ବର ଏକ ସୁନ୍ଦର, ମନୋହର ପ୍ରତିଛବି।

ସମ୍ପାଦକୀୟ ପୃଷ୍ଠାରେ ପର୍ବପର୍ବାଣୀର ମହତ୍ୱ ସମ୍ବନ୍ଧରେ ଖୁବ୍ ସୁନ୍ଦର ଆଲୋଚନା କରିଛନ୍ତି ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର"।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ରହିଛି ଶତାଧିକ ଗଳ୍ପ ଓ କବିତାର ଆଲେଖ୍ୟ।

ପ୍ରଥମ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି. ଏଫ୍. ଓ, ଅସୀମଙ୍କର ଜାହାଜ ପହଞ୍ଚି ଯାଇଛି କ୍ୟାମ୍ପବେଲ୍ ବେ ଦ୍ୱୀପରେ। ତାଙ୍କର ଜାହାଜ ଯାତ୍ରା ସରି ଯାଇଚି କିନ୍ତୁ ଆଉ ଏକ ଯାତ୍ରା ଆରମ୍ଭ ହେବାକୁ ଯାଉଚି। ପ୍ରେମୀ ଯୁଗଳ ଅନୁପ ଓ ମଧୁସ୍ମିତାଙ୍କର ପୁଣି ଏକ ପାର୍ଟିରେ "ଆପେକ୍ଷିକ ଷଷ୍ଠ ଭେଟ"। "ଉଠ୍ ପୁଟୁର୍" ରେ ଅଭିର ଜିଲ୍ଲା ସ୍କୁଲ୍ ରେ ପାଠ ପଢିବା ଲାଗି ଦାଖଲା ପରୀକ୍ଷା ଶେଷ ହେଇଯାଇଛି। "ଛୋଟ ମୋର ନାଆଟି" ରେ ଗାଳ୍ପିକାଙ୍କର ନିଜ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ସମ୍ବନ୍ଧୀୟ ଲେଖା ଗୁଡିକ ବେଶ୍ ଶିକ୍ଷଣୀୟ ଓ ମନୋଜ୍ଞ। "ଅତୀତର ବାସ୍ନା" ରେ ମୋ ମନ ଭିତରେ ଏକ ସଦ୍ୟ ଘଟଣାର

ISSN NO.
2582-208X

ଉଦାସୀନ ମହକ ଖେଳିଗଲା। ଗାଳ୍ପିକଙ୍କର ଜେଜେଙ୍କ ଭଳି ମୋ ଶାଶୁ ମା'ଙ୍କର ମଧ୍ୟ ମୁଢ଼ି ପ୍ରତି ଖୁବ୍ ଆସକ୍ତି। ମୁଢ଼ି ଡବାଟି ତାଙ୍କ ଶୋଇବା ଘର ଆଲମିରାରେ ଏକ ମୂଲ୍ୟବାନ ସମ୍ପଦ ଭଳି ରୁହେ। କେତେ ବି କଣ ହେଲେ ମୁଢ଼ି ମୁଠାଏ ପାଟିରେ ନ ପକେଇଲେ ତାଙ୍କ ଜଳଖିଆ ପୂର୍ଣ୍ଣ ହୁଏନି। ପ୍ରତି ସପ୍ତାହର ପରିବା ସଉଦା କରିବାକୁ ଗଲା ବେଳେ ସେ ମୋତେ ବାରମ୍ବାର ମନେ ପକାଇ କୁହନ୍ତି, ଆସିଲାବେଳେ ଗୋଟେ ମୁଢ଼ି ପାକେଟ୍ ଆଣିବୁ। ହେଲେ ଦୁଇ ସପ୍ତାହରୁ ଅଧିକ ହେବ ଶାଶୁ ମୋର ଶ୍ୱାସ ରୋଗରେ ପୀଡିତ ହେଇ ହସ୍ପିଟାଲ୍ ରେ ଚିକିତ୍ସାରତ। ଭଗବାନଙ୍କୁ ସବୁବେଳେ ପ୍ରାର୍ଥନା କରୁଚି, କେମିତି ସେ ଶୀଘ୍ର ଭଲ ହେଇ ଘରକୁ ଆସିବେ ଆଉ ପୁଣି ମୁଢ଼ି ର ବରାଦ୍ କରିବେ।

ଭିନ୍ନ ସ୍ୱାଦରେ, ଅବ୍ୟକ୍ତ ଆବେଗରେ ଭରି ରହିଛି ଅସଂଖ୍ୟ କବିତା। ହେ "ପରମାତ୍ମା" ତୁମେ "ସକଳ ଜୀବର ଆଧାର" "ବଢ଼ାଇ ଦେବକି ହାତ ??, ଆହେ "ଚକାଆଖି", "ବାରିଦ ବରନ"- କୃଷ୍ଣ ଶ୍ୟାମଘନ, ଭଜ ଶ୍ରୀ ମଧୁସୂଦନ, "ନୟନାଭିରାମ ପୁରୁଷଉତ୍ତମ", - ଏପରି ରହିଚି ଅନେକ ଗୁଡିଏ ଭକ୍ତିଭାବ ପୂର୍ଣ୍ଣ କବିତା।

ଭଲ ଲାଗିଲା କବିତାଟି ପଢ଼ି, "କବିଟିଏ ମୁହିଁ ହେବି"- କଲମ ମୂନରେ ଜାତିପ୍ରେମ ଢାଳୁଥିବି। ଆହୁରି ରହିଚି ବହୁତ ସୁନ୍ଦର କବିତା ସବୁ- "ମେଞ୍ଚାଏ ଅନ୍ଧାର", "ଶାରଦ", "ଶରତ କାଳ", "କାର୍ତ୍ତିକ ପୂର୍ଣ୍ଣିମା", "ତଥାପି ମୁଁ ହସୁଚି", "ତଥାପି ଜୀଇଁଚି", "ଇଚ୍ଛାହୁଏ"... ଇତ୍ୟାଦି...ଇତ୍ୟାଦି...

ପ୍ରୀତିଭରା କବିତାଟିଏ-"ଏମିତି ବିତିଯାଉ" ପ୍ରିୟା, ତୋ ଖୁସି ଦେଖି ଦେଖି ମୋ ଜୀବନ ରାସ୍ତା। "କାଶତଣ୍ଡୀ ଫୁଲ" ବିଷୟରେ ଅନେକ କବିତାରେ ଚର୍ଚ୍ଚା।

ଏଥରକ ଏକ ନୂଆ ପ୍ରସଙ୍ଗରେ "ଯୁବ ଚିତ୍ରଶିଳ୍ପୀ: ମନୋଜ କୁମାର ବେହେରା" ଙ୍କ ସହିତ ବାର୍ତ୍ତାଳପର ଉପସ୍ଥାପନା ଅତି ସୁନ୍ଦର। ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କର ସଂଘର୍ଷ ଓ ସଂଘାତର କାହାଣୀ ନୂତନ ଶିଳ୍ପୀ ଓ କଳାକାର ମାନଙ୍କୁ ନିଶ୍ଚୟ ଉତ୍ସାହିତ କରିବ।

ISSN NO.
2582-208X


ଏକ ବିଶେଷ ପ୍ରସଙ୍ଗ, ବିଦେଶ ଖବରରେ ରହିଛି ସାଉଦୀ ଆରବରେ ଓଡିଆ ଅନୁଷ୍ଠାନ "ରୋସା" ର ୧୪ତମ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ।

"ସ୍ୱାସ୍ଥ୍ୟ ବିଭାଗ" ରେ, ଆୟୁର୍ବେଦୀ ଚିକିତ୍ସାର ପ୍ରାଧାନ୍ୟତା ତଥା ବିଭିନ୍ନ ରୋଗର ମହୋଷଧି ପ୍ରସାରଣୀ, "ବେଲ ଓ ତୁଳସୀ" ସମ୍ବନ୍ଧରେ ଉପସ୍ଥାପନା କରାଯାଇଛି।

"ଶିଶୁ ବିଭାଗ" ଟି ସବୁବେଳେ ମନୋରମ ଓ ଶିକ୍ଷଣୀୟ। "ଡ୍ରାଗନ ର ଫଳ" ସମ୍ବନ୍ଧରେ କିଛି ଜ୍ଞାନ, "ଜେଜେ ପରିବା କିଣା" ରେ ପଲିଥିନ୍ କୁ ନିବାରଣ କରିବା ତଥା ପରିବେଶକୁ ସୁସ୍ଥ ରଖିବା ଲାଗି "ବୃକ୍ଷ ରୋପଣ" କରିବା ଭଳି ଅନେକ କିଛି ଶିକ୍ଷଣୀୟ ବିଷୟ ରହିଚି। "ଜହ୍ନମାମୁଁ" କବିତାଟି ଖୁବ୍ ସୁନ୍ଦର ହେଇଚି।

ନନ୍ଦନ ବିହାର ପୂଜା ସମିତି, ଭୁବନେଶ୍ୱର ଦ୍ୱାରା ହୋଇଥିବା ଦୁର୍ଗାପୂଜାର କେତୋଟି ଛବି ଓ କୁନି ଆଦବିକାର ୟୁନିକର୍ନ "ଚିତ୍ର" ଖୁବ୍ ଆକର୍ଷଣୀୟ।

ୟୁନିକର୍ନ ଭଳି ଦେଶର ସମସ୍ତ ଶିଶୁ ଅଦ୍ୱିତୀୟ, ଅସାଧାରଣ। ଶିଶୁଦିବସ ଅବସରରେ ସମସ୍ତଙ୍କୁ ଅଶେଷ ଶୁଭେଚ୍ଛା। ସମସ୍ତ ଶିଶୁ ପ୍ରସିଦ୍ଧି ଲାଭ କରନ୍ତୁ, ସେମାନଙ୍କ ସରଳ ଓ ନିରୀହପଣ ଯୋଗୁଁ ସମାଜରେ ଅବହେଳିତ, ଅପମାନିତ ନ ହୋଇ ସେମାନଙ୍କର ଅଲୌକିକ ଶକ୍ତିରେ ପୃଥିବୀକୁ ଆଲୋକିତ କରନ୍ତୁ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୨/୨୦୨୨ | ଶରଣ ଶେଷ |
| ୦୩/୧୨/୨୦୨୨ | ମୋକ୍ଷଦା ଏକାଦଶୀ |
| ୦୪/୧୨/୨୦୨୨ | ବ୍ୟଞ୍ଜନ ଦ୍ୱାଦଶୀ |
| ୦୫/୧୨/୨୦୨୨ | ଅନଙ୍ଗ ତ୍ରୟୋଦଶୀ ଓ ଗୀତା ଜୟନ୍ତି |
| ୦୭/୧୨/୨୦୨୨ | ଚନ୍ଦ୍ରପୂଜା ଓ ପଣ୍ଡୁ ଓଷା |
| ୦୮/୧୨/୨୦୨୨ | ପୂର୍ଣ୍ଣିମା |
| ୧୦/୧୨/୨୦୨୨ | ଦାଣ୍ଡ ପହଁରା ଓ ବାଟ ଓଷା |
| ୧୫/୧୨/୨୦୨୨ | ମଣବସା ଶେଷ |
| ୧୬/୧୨/୨୦୨୨ | ଧନୁ ସଂକ୍ରାନ୍ତି, ପହିଲି ଭୋଗ, ପଠାଣି ସାମନ୍ତଙ୍କ ଜୟନ୍ତୀ |
| ୧୯/୧୨/୨୦୨୨ | ସଫଳା ଏକାଦଶୀ ଉପବାସ |
| ୨୨/୧୨/୨୦୨୨ | ଶିବ ଚତୁର୍ଦ୍ଦଶୀ ଓ ବେଢା |
| ୨୩/୧୨/୨୦୨୨ | ବକୁଳ ଅମାବାସ୍ୟା |
| ୨୪/୧୨/୨୦୨୨ | ଚନ୍ଦ୍ରଦର୍ଶନ |
| ୨୫/୧୨/୨୦୨୨ | ଯୀଶୁଖ୍ରୀଷ୍ଟଙ୍କ ଜନ୍ମ (ବଡଦିନ) |
| ୨୮/୧୨/୨୦୨୨ | ଶରଣ ଶେଷ |
| ୩୧/୧୨/୨୦୨୨ | ଇଂରଜୀ ବର୍ଷ ଶେଷ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ନଭେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

ଅନେକ କହନ୍ତୁ ମେହୁଆ ଏହାକୁ
ଅନେକ କହନ୍ତୁ ଆତ
ନାମ ଯାହା ହେଉ, ଖରି ଭଲ ଲାଗେ
ମିଶି ଖାଇବା ଆସ ସଙ୍ଗାତ

ରବୀନ୍ଦ୍ର କୁମାର ପଣ୍ଡା, ଓ୍ୱାଲମି, ପ୍ରତାପନଗରୀ, କଟକ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**